ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଜାନୁଆରୀ ୨୧/୨୦୨୪ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, January 21/2024 Page 16 ₹ 7.00 | SAMBALPUR
୫୦ଶ ଭାଗ ୫୯ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 50 ISSUE 59 ମୂଲ୍ୟ ₹୭/-

# ଏକସଙ୍ଗେ ନିର୍ବାଚନ ବ୍ୟୟବହୁଳ: ଇସି

## ଇଭିଏମ୍ ପାଇଁ ପ୍ରତି ୧୫ ବର୍ଷରେ ଖର୍ଚ୍ଚ ହେବ ୧୦ ହଜାର କୋଟି

**ନୂଆଦିଲ୍ଲୀ,୨୦।୧(ପି.ଟି.)**

ୱାନ୍ ନେଶନ ୱାନ୍ ଇଲେକ୍ସନ ବ୍ୟବସ୍ଥା କାର୍ଯ୍ୟକାରୀ ହେଲେ ନୂଆ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ (ଇଭିଏମ୍) କିଣିବାକୁ ପଡ଼ିବ। ଏଥିପାଇଁ ପ୍ରତି ୧୫ ବର୍ଷରେ ୧୦,୦୦୦ କୋଟି ଟଙ୍କା ବ୍ୟୟ କରିବାକୁ ହେବ ବୋଲି ନିର୍ବାଚନ କମିଶନ (ଇସି) ଆକଳନ କରିଛି। କେନ୍ଦ୍ର ସରକାରଙ୍କୁ ଲେଖିଥିବା ପତ୍ରରେ ନିର୍ବାଚନ କମିଶନ ଉଲ୍ଲେଖ କରିଛନ୍ତି, ଇଭିଏମ୍‌ଗୁଡ଼ିକର ଜୀବନକାଳ ୧୫ ବର୍ଷ। ଯଦି ଏକସଙ୍ଗେ ନିର୍ବାଚନ ହୁଏ ତେବେ ଗୋଟିଏ ସେଟ୍ ମେଶିନ୍‌କୁ ତା'ର ଜୀବନକାଳ ମଧ୍ୟରେ ୩ ଥର ବ୍ୟବହାର କରାଯାଇପାରିବ। ଚଳିତ ବର୍ଷର ଲୋକ ସଭା ନିର୍ବାଚନ ପାଇଁ ସାରା ଦେଶରେ ମୋଟ ୧୧.୮୦ ଲକ୍ଷ ଭୋଟ କେନ୍ଦ୍ର ଆବଶ୍ୟକ ପଡୁଛି। ଏକସଙ୍ଗେ ନିର୍ବାଚନ ହେଲେ ପ୍ରତି ଭୋଟକେନ୍ଦ୍ର ପାଇଁ ଦୁଇ ସେଟ୍ ଇଭିଏମ୍




ଜରୁରୀ, ଗୋଟିଏ ଲୋକ ସଭା ଏବଂ ଅନ୍ୟଟି ବିଧାନସଭା ନିର୍ବାଚନ ପାଇଁ। ସେହିପରି ନିର୍ବାଚନ ଦିନ କୌଣସି ଭୋଟ କେନ୍ଦ୍ରରେ ଇଭିଏମ୍ କାମ ନ କଲେ ବା ଖରାପ ହେଲେ, ସେଥିପାଇଁ ନିର୍ଦ୍ଦିଷ୍ଟ ସଂଖ୍ୟକ କଣ୍ଟ୍ରୋଲ ୟୁନିଟ୍ (ସିୟୁ), ବାଲଟ୍ ୟୁନିଟ୍ (ବିୟୁ) ଏବଂ ଭୋଟର ଭେରିଫାଏବଲ୍ ପେପର ଅଡିଟ୍ ଟ୍ରାଏଲ୍ (ଭିଭିପିଏଟି) ମେଶିନ୍‌କୁ ଜରୁରୀ ଆବଶ୍ୟକତା ପାଇଁ ସଂରକ୍ଷିତ ରଖିବାକୁ ହେବ। ଗୋଟିଏ ଇଭିଏମ୍ ପାଇଁ ଅନ୍ୟୂନ ଗୋଟିଏ ବିୟୁ, ଗୋଟିଏ ସିୟୁ ଏବଂ ଗୋଟିଏ ଭିଭିପିଏଟି ମେଶିନ ଆବଶ୍ୟକ। ସବୁ ଦିଗକୁ ଦୃଷ୍ଟି ଦେଇ ଏକସଙ୍ଗେ ନିର୍ବାଚନ କରିବାକୁ ହେଲେ ୪୬,୭୫,୧୦୦ ବିୟୁ, ୩୩,୬୩,୩୦୦ ସିୟୁ ଏବଂ ୩୬,୬୨,୬୦୦ ଭିଭିପିଏଟି ଆବଶ୍ୟକ ବୋଲି ନିର୍ବାଚନ କମିଶନ ଗତବର୍ଷ ଫେବୃଆରୀରେ ଆଇନ ମନ୍ତ୍ରଣାଳୟକୁ ଚିଠି ଲେଖି ଜଣାଇଥିଲେ। ୨୦୨୩ ଆରମ୍ଭରେ ଇଭିଏମ୍ ପାଇଁ ଆବଶ୍ୟକ ବିୟୁ ଦାମ୍ ୭,୯୦୦ ଟଙ୍କା, ସିୟୁ ୯,୮୦୦ ଟଙ୍କା ଏବଂ ଭିଭିପିଏଟି ଦାମ୍ ୧୬,୦୦୦ ଟଙ୍କା ରହିଥିଲା।

ଏକସଙ୍ଗେ ନିର୍ବାଚନ ପାଇଁ କେବଳ ଅଧିକ ଇଭିଏମ୍ ଆବଶ୍ୟକ ପଡ଼ିବ, ତାହା ନୁହେଁ, ଅଧିକ ପୋଲିଂ କର୍ମଚାରୀ ଏବଂ ସୁରକ୍ଷା କର୍ମୀଙ୍କୁ ମଧ୍ୟ ନିୟୋଜିତ କରିବାକୁ ହେବ। ☞ପୃଷ୍ଠା-୨

# ବିନା ଚିଠାରେ ଆଣ୍ଟିବାୟୋଟିକ୍ ବିକିଲେ ଲାଇସେନ୍ସ ରଦ୍ଦ

କରୋନା ମହମାରୀ ସମୟରୁ ମନଇଚ୍ଛା ଆଣ୍ଟିବାୟୋଟିକ୍ ସେବନ ବଢ଼ିଛି। ଏହାକୁ ନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଚିନ୍ତା ପ୍ରକଟ କରୁଥିବାବେଳେ ମନ୍ତ୍ରଣାଳୟ ପକ୍ଷରୁ ଡାକ୍ତରମାନଙ୍କୁ ଆଣ୍ଟିବାୟୋଟିକ୍ ପ୍ରେସ୍କ୍ରାଇବ୍ ସମୟରେ କାରଣ ଉଲ୍ଲେଖ କରିବାକୁ ପରାମର୍ଶ ଦିଆଯାଇଛି। ଏଭଳି ସ୍ଥଳେ ବିନା ପ୍ରେସ୍କ୍ରିପ୍‌ଶନ୍ (ଚିଠା)ରେ ଆଣ୍ଟିବାୟୋଟିକ୍ ବିକ୍ରି ରୋକିବା ପାଇଁ ଥିବା ନିୟମକୁ କଡ଼ାକଡ଼ି ପାଳନ କରିବାକୁ ରାଜ୍ୟର ସ୍ୱାସ୍ଥ୍ୟ ବିଭାଗ ଗୁରୁତ୍ୱ ଦେଇଛି। ଏପରି କି ଉଲ୍ଲଂଘନକାରୀଙ୍କ ଲାଇସେନ୍ସ ରଦ୍ଦ କରିବାକୁ ଡ୍ରଗ୍ସ କଣ୍ଟ୍ରୋଲର ଅଶୋକ ପାତ୍ର ଚେତାବନୀ ଦେଇଛନ୍ତି।

**ଭୁବନେଶ୍ୱର, ୨୦।୧(ଅସମାପିକା ସାହୁ)**

ବିନା ପ୍ରେସ୍କ୍ରିପ୍‌ଶନରେ ଆଣ୍ଟିବାୟୋଟିକ ଔଷଧ ବିକ୍ରିକରି ଧରା ପଡ଼ିଲେ ମେଡିସିନ ଦୋକାନୀଙ୍କ ଲାଇସେନ୍ସ ରଦ୍ଦ ହେବ। ଆଣ୍ଟିବାୟୋଟିକର ଅତ୍ୟଧିକ ବ୍ୟବହାର ରୋକିବାକୁ କେନ୍ଦ୍ର ସରକାର ନୂଆ ଗାଇଡ୍‌ଲାଇନ୍ ଆଣିବା ପରେ ରାଜ୍ୟ ସରକାର ଏନେଇ ତତ୍ପରତା ଦେଖାଇବା ସହ ଏଭଳି କଡ଼ା ଚେତାବନୀ ଦେଇଛନ୍ତି। କେବଳ ସେତିକି ନୁହେଁ, ଏଣିକି ଡାକ୍ତରମାନେ ଔଷଧ ଲେଖିବାବେଳେ ଆଣ୍ଟିବାୟୋଟିକ୍ ଦେଲେ, କେଉଁ କାରଣ ପାଇଁ ସେମାନେ ଆଣ୍ଟିବାୟୋଟିକ୍ ଲେଖୁଛନ୍ତି, ତାହା ପ୍ରେସ୍କ୍ରିପ୍‌ଶନରେ ଉଲ୍ଲେଖ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଡ୍ରଗ୍ସ କଣ୍ଟ୍ରୋଲର ଅଶୋକ କୁମାର ପାତ୍ର କହିଛନ୍ତି, ବିନା ପ୍ରେସକ୍ରିପ୍‌ଶନରେ କେହି ଆଣ୍ଟିବାୟୋଟିକ୍ ବିକ୍ରି କରିପାରିବେ ନାହିଁ।ଯଦି ବିକୁଥିବାର ଧରାପଡ଼ନ୍ତି, ସେମାନଙ୍କୁ ପ୍ରଥମେ କାରଣ ଦର୍ଶାଅ ନୋଟିସ ପଠାଯିବ। ସେମାନଙ୍କ ବିରୋଧରେ ଡ୍ରଗ୍ସ ଆଣ୍ଡ୍ କସମେଟିକ୍ସ(Drugs and Cosmetics) ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଦରକାର ପଡ଼ିଲେ ଲାଇସେନ୍ସ ସସ୍‌ପେଣ୍ଡ ଓ ରଦ୍ଦ ବି କରାଯିବ ବୋଲି ସେ ଚେତାଇ ଦେଇଛନ୍ତି। ସେହିଭଳି ଡାକ୍ତରମାନେ ଆଣ୍ଟିବାୟୋଟିକ୍ସ ପ୍ରେସ୍କ୍ରାଇବ କରିବାର କାରଣ ☞ପୃଷ୍ଠା-୨







**ଛାତ୍ରଛାତ୍ରୀଙ୍କ ସୁନ୍ଦର ଭବିଷ୍ୟତ ଗଠନରେ ଶିକ୍ଷା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ଏଥିପାଇଁ ଉପଯୁକ୍ତ ଶିକ୍ଷାନୁଷ୍ଠାନର ଆବଶ୍ୟକତା ରହିଛି। ଏହି ପରିପ୍ରେକ୍ଷୀରେ ବର୍ତ୍ତମାନ ଆମ ରାଜ୍ୟର ଅଗ୍ରଣୀ ଶିକ୍ଷାନୁଷ୍ଠାନ ସମ୍ପର୍କରେ ସବିଶେଷ ସୂଚନା ଦେବା ଲାଗି ପ୍ରୟାସ କରାଯାଉଛି।**

## ଓଏଏସ୍ ହବ୍

ଓଏଏସ୍ ହବ୍ ଓଡ଼ିଶା ଏବଂ ଭାରତ ପାଇଁ ଭବିଷ୍ୟତର ସିଭିଲ୍ ସେବାରେ ନିଯୁକ୍ତି କରିବା ଲକ୍ଷ୍ୟ ସହିତ ୨୦୧୯ରେ ପ୍ରତିଷ୍ଠିତ ହୋଇଥିଲା। ୨୦୨୩ରେ ନିର୍ବାଣ ଫାଉଣ୍ଡେଶନ ଟ୍ରଷ୍ଟ ଏବଂ ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେଶନ ଦ୍ୱାରା ସିଭିଲ୍ ସର୍ଭିସ କୋଚିଂ ପାଇଁ ଏହା ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ଭାବରେ ପୁରସ୍କୃତ ହୋଇଥିଲା। ଓଏଏସ୍ ହବ୍ ବହୁ ସଂଖ୍ୟକ ସଫଳ ପ୍ରାର୍ଥୀ ସୃଷ୍ଟି କରିଛି , ଯେଉଁମାନେ ବର୍ଷ ବର୍ଷ ଧରି ଓଡ଼ିଶା ଏବଂ ଭାରତରେ ସବୁଠାରୁ କଠିନ ପରୀକ୍ଷାରେ ସଫଳତା ହାସଲ କରିପାରିଛନ୍ତି।

ଗତ ବର୍ଷ ଓଏଏସ୍ ହବ୍‌ର ୬୦ ଜଣ ଆଶାୟୀଙ୍କ ମଧ୍ୟରୁ ୩୫ରୁ ଅଧିକ ଚୟନ ହୋଇ ଶିକ୍ଷାନୁଷ୍ଠାନର ସଫଳତା ଫଳାଫଳକୁ ପ୍ରଦର୍ଶିତ କରିପାରିଛନ୍ତି। ଓଏଏସ୍ ହବ୍ ଉତ୍କୃଷ୍ଟ ସଂରଚନା ତଥା ପରୀକ୍ଷା ଭିତ୍ତିକ ପ୍ରସ୍ତୁତି ପ୍ରଦାନ କରିଥାଏ। ଏଠାରେ ୩୦ ଜଣ ଆଶାୟୀଙ୍କ ଛୋଟ ବ୍ୟାଚ୍ ଏବଂ ଏକ ମେଣ୍ଟରଶିପ୍ ଅଛି, ଯାହା ଆଶାୟୀ ପ୍ରାର୍ଥୀମାନଙ୍କୁ ନିର୍ଦ୍ଦିଷ୍ଟ ପ୍ରସ୍ତୁତି କୌଶଳ ଯୋଗାଇଥାଏ। ଓଏଏସ୍ ହବ୍‌ର ସର୍ବୋତ୍ତମ କୌଶଳ ହେଉଛି ଏହା ଉତ୍ତର ଲେଖିବା ଅଭ୍ୟାସ ସହିତ ମୌଳିକ ସ୍ତରରୁ ବିକଶିତ ସ୍ତର ପର୍ଯ୍ୟନ୍ତ ଶିକ୍ଷାଦାନ ଉପଲବ୍ଧ କରିଥାଏ।

ଓଏଏସ୍ ହବ୍‌ର ହଲ୍ ମାର୍କ ହେଉଛି ପ୍ରିଲିମ, ମେନ୍ ଏବଂ ଇଣ୍ଟରଭ୍ୟୁ ଗାଇଡାନ୍ସ ସହିତ ଜେନେରାଲ ଷ୍ଟଡିଜ, ଅପ୍ସନାଲ, ପ୍ରବନ୍ଧ ଲେଖା, ପ୍ରିଲିମସ ଟେଷ୍ଟ ସିରିଜ, ମେନ୍ସ ଟେଷ୍ଟ ସିରିଜ, ଓଡ଼ିଆ, ଇଂଲିଶ ଇତ୍ୟାଦି ପାଇଁ ସମ୍ପୂର୍ଣ୍ଣ ସମାଧାନ ପ୍ରଦାନ କରିବା। ବର୍ଷ ବର୍ଷ ଧରି ଆଶାୟୀ ପ୍ରାର୍ଥୀମାନଙ୍କ ମତାମତ ଏବଂ ସର୍ବୋତ୍ତମ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବାର ଅଭିଜ୍ଞତା ସହିତ ଓଏଏସ୍ ହବ୍ ଆଶାୟୀ ପ୍ରାର୍ଥୀମାନଙ୍କ ପ୍ରଥମ ପସନ୍ଦ ପାଲଟିଛି।



## ଏସ୍‌ଏଚ୍‌ପିଆଇ ଫ୍ରେମ୍‌ୱାର୍କ ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ସଫଳତା ମ୍ୟାପିଂ

### ଓଡିଏମ୍ ଗ୍ଲୋବାଲ ସ୍କୁଲ

ଶିକ୍ଷା କ୍ଷେତ୍ରରେ ଗ୍ରେଡ୍ ସଫଳତାର ମାନଦଣ୍ଡ ହୋଇଥାଏ। ଓଡିଏମ୍ ଗ୍ଲୋବାଲ ସ୍କୁଲ, ଭୁବନେଶ୍ୱର ଶିକ୍ଷାକ୍ଷେତ୍ରକୁ ପୁନଃନବୀକରଣ କରିବାରେ ଏକ ପ୍ରଗତିଶୀଳ ସଂଗଠନ। ଏହା କୃତୀ ଛାତ୍ରୀଛାତ୍ର ଶ୍ରେଷ୍ଠତ୍ୱ ପ୍ରଦର୍ଶନ(ଏସ୍‌ଏଚ୍‌ପିଆଇ) ଢାଞ୍ଚା ସହିତ ଏକ ପରିବର୍ତ୍ତନଶୀଳ ଯୁଗର ଆରମ୍ଭ କରିଛି। ପାରମ୍ପରିକ ଗ୍ରେଡିଂ ସିଷ୍ଟମ ବାହାରେ, ଏହି ପଦକ୍ଷେପ ବ୍ୟବସ୍ଥିତ ଭାବରେ ଛାତ୍ରୀଛାତ୍ରଙ୍କର ବ୍ୟାପକ ଅଭିବୃଦ୍ଧି ଏବଂ ସମ୍ଭାବନାକୁ ସମୀକ୍ଷା କରିଥାଏ। ଏକାଡେମିକ କ୍ଷେତ୍ରରୁ ଆରମ୍ଭ କରି ପାଠ୍ୟକ୍ରମ ବାହ୍ୟ କାର୍ଯ୍ୟ, ପାରସ୍ପରିକ କୌଶଳ ଏବଂ ସାମଗ୍ରିକ ବିକାଶ ପର୍ଯ୍ୟନ୍ତ, ଏସ୍‌ଏଚ୍‌ପିଆଇ ଫ୍ରେମ୍‌ୱାର୍କ ଢାଞ୍ଚା ଏକ ସ୍ୱତନ୍ତ୍ର ଦୃଷ୍ଟିକୋଣ ପ୍ରତିପାଦିତ କରିଥାଏ। ଏହା ସ୍ୱୀକାର କରେ ପ୍ରକୃତ ସଫଳତା ପାରମ୍ପରିକ ରିପୋର୍ଟ କାର୍ଡର ସୀମା ବାହାରେ ମଧ୍ୟ ଉପଲବ୍ଧ ହୋଇପାରେ।

ଏସ୍‌ଏଚ୍‌ପିଆଇ ଫ୍ରେମ୍‌ୱାର୍କ ଓଡିଏମ୍ ଗ୍ଲୋବାଲ ସ୍କୁଲ ଦ୍ୱାରା ଏକ ଦୂରଦୃଷ୍ଟିସମ୍ପନ୍ନ ସୃଷ୍ଟି। ଏହା ଏକ ଅଭିନବ ମୂଲ୍ୟାଙ୍କନ ମଡେଲ, ଯାହା ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ଅଭିବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥାଏ। ଏହା ଗ୍ରେଡ୍‌ର ସଂକୀର୍ଣ୍ଣ ପରିସର ବାହାରେ, ଛାତ୍ରୀଛାତ୍ରଙ୍କ ଅଭିବୃଦ୍ଧି ଏବଂ କାର୍ଯ୍ୟଦକ୍ଷତାର ଏକ ସାମଗ୍ରିକ ବିକାଶକୁ ଅନ୍ତର୍ଭୁକ୍ତ କରିଥାଏ। କେବଳ ଏକାଡେମିକ ସ୍କୋର ଉପରେ ଧ୍ୟାନ ଦେବା ପରିବର୍ତ୍ତେ ଏହି ମଡେଲ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ଅନନ୍ୟ ସମ୍ଭାବନାକୁ ଚିହ୍ନଟ କରିବା ପାଇଁ ଅତିରିକ୍ତ କାର୍ଯ୍ୟକ୍ରମ। ଏହା ସହଯୋଗୀ ମନୋଭାବ ଏବଂ ସାମଗ୍ରିକ ବିକାଶକୁ ଗୁରୁତ୍ୱ ଦେଇଥାଏ।

ଏସ୍‌ଏଚ୍‌ପିଆଇ ଫ୍ରେମ୍‌ୱାର୍କ ଏକ କମ୍ପାସ ଭାବରେ କାର୍ଯ୍ୟକରେ, ଦକ୍ଷତାର ସହିତ ଛାତ୍ରୀଛାତ୍ରଙ୍କ ସଫଳତାକୁ ଶ୍ରେଣୀଗୃହର ସୀମା ବାହାରେ ବିସ୍ତାରିତ କରିଥାଏ। ଦକ୍ଷତା, ଅଭ୍ୟାସ, ପ୍ରଗତି ଏବଂ ଛାତ୍ରୀଛାତ୍ରଙ୍କ ଏକୀକରଣ ଉପରେ ଗୁରୁତ୍ୱ ଦେଇ ଏହା ବିକାଶ ଯାତ୍ରାର ଏକ ବିସ୍ତୃତ ପ୍ରୋଫାଇଲ ସୃଷ୍ଟି କରିଥାଏ। ଏହି ଢାଞ୍ଚା ବ୍ୟକ୍ତିଗତ ଦକ୍ଷତା ଏବଂ ଉନ୍ନତି ପାଇଁ କ୍ଷେତ୍ରଗୁଡ଼ିକର ଏକ ଉତ୍ତମ ବୁଝାମଣାକୁ ସକ୍ଷମ କରିଥାଏ। ଅନୁକୂଳ ଏବଂ ପ୍ରଭାବଶାଳୀ ଶିକ୍ଷାଗତ ଅଭିଜ୍ଞତାକୁ ଏହା ବୃଦ୍ଧି କରିଥାଏ।

ଏହି କାରଣଗୁଡ଼ିକୁ ଦୃଷ୍ଟିରେ ରଖି ଓଡିଏମ୍ ଗ୍ଲୋବାଲ ସ୍କୁଲ ଛାତ୍ରୀଛାତ୍ରଙ୍କୁ ଉଭୟ ଏକାଡେମିକ କ୍ଷେତ୍ରରେ ପାରଦର୍ଶୀ ଏବଂ ବିଭିନ୍ନ ପରିବେଶରେ ସଫଳତା ପାଇଁ ପାରସ୍ପରିକ ତଥା ଜୀବନ ଦକ୍ଷତା ସହିତ ଯୋଡୁଛି।

ଛାତ୍ରୀଛାତ୍ରଙ୍କ ସଫଳତାକୁ ବୁଝିବାରେ ଏସ୍‌ଏଚ୍‌ପିଆଇ ଫ୍ରେମ୍‌ୱାର୍କ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ। ଏହା ଗ୍ରେଡ୍‌ର ସୀମାବଦ୍ଧତାକୁ ଅତିକ୍ରମ କରି ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନନ୍ୟ ଦକ୍ଷତାକୁ ଚିହ୍ନଟ କରି ଏକାଡେମିକ ଉତ୍କର୍ଷ ପାଇଁ ପ୍ରସ୍ତୁତ ସହ ବାସ୍ତବ ଦୁନିଆର ଜଟିଳତାକୁ ବୁଝିବା କୌଶଳ ଏବଂ ଆତ୍ମବିଶ୍ୱାସ ସୃଷ୍ଟି କରିଥାଏ। ଯାହାଦ୍ୱାରା ସେମାନେ ଭବିଷ୍ୟତର ସଫଳ ନେତୃତ୍ୱ ଗ୍ରହଣ କରିବାକୁ ସକ୍ଷମ ହୋଇପାରିବେ।

## ଓଡ଼ିଶା ସ୍କୁଲ ଅଫ୍ ପ୍ରଫେଶନାଲ ଷ୍ଟଡିଜ୍

ବର୍ତ୍ତମାନ ସମୟରେ ଶିକ୍ଷକ ଓ ଶିକ୍ଷାର ମାନ ବୃଦ୍ଧି ପାଇଁ ଓଡ଼ିଶା ସ୍କୁଲ ଅଫ୍ ପ୍ରଫେଶନାଲ ଷ୍ଟଡିଜ୍ ଏକ ନୂଆ ଦିଗ ଦେଖାଇଛି। ଭବିଷ୍ୟତର ଶିକ୍ଷକମାନଙ୍କ ତାଲିମ ପ୍ରତି ଏହି ଅନୁଷ୍ଠାନ ସମ୍ପୂର୍ଣ୍ଣ ଭାବରେ ସମର୍ପିତ। ବି.ଇଡି., ବି.ପି.ଇଡି., ଏମ୍.ଇଡି., ସି.ପି.ଇଡି., ଆନ୍ଧ୍ର ବିଶ୍ୱବିଦ୍ୟାଳୟ ଦ୍ୱାରା ପଞ୍ଜୀକୃତ ସିଟି, ବି.ଇଡି., ବି.ପି.ଇଡି., ଏମ୍.ପି.ଇଡି. ଭଳି ଅବଧିକୁ ଏହି ଅନୁଷ୍ଠାନ ଓଡ଼ିଶାର କୋଣ ଅନୁକୋଣରେ ରହୁଥିବା ଛାତ୍ରଛାତ୍ରୀମାନଙ୍କ ପାଖରେ ପହଞ୍ଚାଇବାରେ ସଫଳ ହୋଇଛି। ପଞ୍ଜୀକୃତ ଛାତ୍ରଛାତ୍ରୀମାନଙ୍କୁ ପରୀକ୍ଷା ସମୟରେ ଉନ୍ନତମାନର କୋଚିଂ, ଛାତ୍ରାବାସ ଓ ଖାଦ୍ୟର ବ୍ୟବସ୍ଥା ମଧ୍ୟ ରହିଛି। ଏହା ସହିତ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ କୋଚିଂ, ସ୍ପୋକେନ୍ ଇଂଲିଶ, କମ୍ପ୍ୟୁଟର କୋର୍ସ ମଧ୍ୟ ପ୍ରଦାନ କରୁଛି। ଶିକ୍ଷାର ମାନ ବୃଦ୍ଧି ପାଇଁ ପ୍ରଯୁକ୍ତିବିଦ୍ୟା, ତାଲିମପ୍ରାପ୍ତ ଶିକ୍ଷକ, ପାଠାଗାର ଇତ୍ୟାଦିର ସୁବିଧା ଯୋଗାଉଥିବାରୁ ଏହି ଅନୁଷ୍ଠାନ ଓଡ଼ିଶାର ଛାତ୍ରଛାତ୍ରୀମାନଙ୍କ ମନ ଜିଣୁଥିବାର ଦେଖିବାକୁ ମିଳୁଛି।

## କର ଏକାଡେମୀ, ବଡ଼ମ୍ବା

କଟକ ଜିଲା ସଦରମହକୁମାଠାରୁ ପ୍ରାୟ ୯୦କି.ମି. ଦୂର ବଡ଼ମ୍ବାଠାରେ ଥିବା ଏକ ସର୍ବପୁରାତନ ଅଗ୍ରଣୀ ଘରୋଇ ଶିକ୍ଷା ଅନୁଷ୍ଠାନ ହେଉଛି 'କର ଏକାଡେମୀ'। ଉକ୍ତ ଅନୁଷ୍ଠାନ ପ୍ରତିଷ୍ଠା ଦିନଠାରୁ +୨, +୩ ବିଜ୍ଞାନ ଓ ଇଞ୍ଜିନିୟରିଂ, ମେଡିକାଲ ପ୍ରବେଶିକା ପରୀକ୍ଷା ପାଇଁ ଗରିବ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଉନ୍ନତ ମାନର ଶିକ୍ଷା ପ୍ରଦାନ କରିଆସୁଅଛି। ଯାହା ଫଳରେ ବଡ଼ମ୍ବାର ଶୈକ୍ଷିକ ବାତାବରଣରେ ଢେର୍ ଉନ୍ନତି ହୋଇଅଛି। ଏଠାକାର ବିଜ୍ଞ ଏବଂ ଅଭିଜ୍ଞ ଶିକ୍ଷକମାନଙ୍କ ଦ୍ୱାରା ପ୍ରତିବର୍ଷ ଏହି ଶିକ୍ଷାନୁଷ୍ଠାନ ଅନେକ ମେଧା ସୃଷ୍ଟି କରିବାରେ ସହାୟକ ହେବା ସହିତ ଅନେକ ଡାକ୍ତର, ଇଞ୍ଜିନିୟର, ବୈଜ୍ଞାନିକ, ବ୍ୟାଙ୍କିଙ୍ଗ୍ ସେବା, ଶିକ୍ଷା ଇତ୍ୟାଦି ପେସାଧାରୀଙ୍କୁ ଗଢ଼ିତୋଳିବାରେ ସକ୍ଷମ ହୋଇଛି। ବର୍ତ୍ତମାନ ଓଡ଼ିଶାର ସୁନାମଧନ୍ୟ ମେଡିକାଲ କୋଚିଂ "CNA's Gyan Classes", ଭୁବନେଶ୍ୱର ସହିତ ସହବନ୍ଧିତ ହୋଇ ଶିକ୍ଷାର ଗୁଣବତ୍ତା ବୃଦ୍ଧି କରିଛି।

ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ସରିବା ପରେ +2 Foundation Course ଆରମ୍ଭ ହେବାକୁ ଯାଉଛି। ସମସ୍ତ ଛାତ୍ରଛାତ୍ରୀ ଏହାର ସୁଯୋଗ ନେବା ପାଇଁ ଅନୁଷ୍ଠାନର ନିର୍ଦ୍ଦେଶକ ଇଂ. ସଚିତ୍ର ରଞ୍ଜନ କର ସୂଚନା ପ୍ରଦାନ କରିଛନ୍ତି। ଉକ୍ତ ପାଠ୍ୟକ୍ରମ ଛାତ୍ରଛାତ୍ରୀମାନଙ୍କର ଭବିଷ୍ୟତ କାର୍ଯ୍ୟପନ୍ଥା ବାଛିବାରେ ନିଶ୍ଚିତ ସହାୟକ ହେବ।




## ବିଦ୍ୱାନ୍ ଷ୍ଟଡି ସର୍କଲ

୨୦୧୮ରେ ପ୍ରତିଷ୍ଠିତ ବିଦ୍ୱାନ୍ ଷ୍ଟଡି ସର୍କଲ ନିର୍ଦ୍ଦେଶକ ଦେବବ୍ରତ ସାହୁଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ଶିକ୍ଷାଗତ ଯୋଗ୍ୟତାର ଏକ ଆଲୋକ ବର୍ତ୍ତିକା ପାଲଟିଛି। ଭବିଷ୍ୟତର ଶିକ୍ଷାବିତ୍ ସୃଷ୍ଟି ପାଇଁ ଏହା ପ୍ରତିଶ୍ରୁତିବଦ୍ଧ। ଏହା ବିଇଡି, ବିପିଇଡି ଏବଂ ଏମ୍‌ଇଡି ସହିତ ବିଭିନ୍ନ ପାଠ୍ୟକ୍ରମ ପ୍ରଦାନ କରିଥାଏ।

ଗୁଣାତ୍ମକ ଶିକ୍ଷା ଉପରେ ଏକ ନିରନ୍ତର ଧ୍ୟାନ ଦେଇ ବିଦ୍ୱାନ୍ ଷ୍ଟଡି ସର୍କଲ ଶିକ୍ଷାଗତ କ୍ଷେତ୍ରରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଏହା ଏକାଡେମିକ ବିକାଶ, ନବୀକରଣ ଏବଂ ସାମଗ୍ରିକ ବିକାଶକୁ ଗୁରୁତ୍ୱ ଦେଇଥାଏ। ଅନୁଷ୍ଠାନ ବିବିଧ ପାଠ୍ୟକ୍ରମ ଉପରେ କେବଳ ତତ୍ତ୍ୱଗତ ଜ୍ଞାନ ପ୍ରଦାନ କରେ ନାହିଁ ବରଂ ବ୍ୟବହାରିକ ଦକ୍ଷତା ଉପରେ ମଧ୍ୟ ଗୁରୁତ୍ୱ ଦେଇଥାଏ। ଏହା ସ୍ନାତକମାନଙ୍କୁ ଶିକ୍ଷାର ବିକଶିତ କ୍ଷେତ୍ର ପାଇଁ ଦକ୍ଷ କରିଥାଏ। ଅଭିଜ୍ଞ ଶିକ୍ଷାବିତ୍ ତଥା ଶିଳ୍ପ ବିଶେଷଜ୍ଞଙ୍କୁ ନେଇ ବିଦ୍ୱାନ୍ ଷ୍ଟଡି ସର୍କଲ ଏହାର ଫ୍ୟାକଲ୍ଟିମାନଙ୍କ ପାଇଁ ଗର୍ବ ଅନୁଭବ କରିଥାଏ। ସେମାନେ ଛାତ୍ରୀଛାତ୍ରମାନଙ୍କୁ ଉତ୍କର୍ଷ ଦିଗରେ ମାର୍ଗଦର୍ଶନ କରିଥାନ୍ତି।

ଏହି ଅନୁଷ୍ଠାନ ନିଜର ଯାତ୍ରା ଜାରିରଖି ଶିକ୍ଷାବିତ୍ ସୃଷ୍ଟି ପାଇଁ ନିଜର ପ୍ରତିବଦ୍ଧତାକୁ ଜାରି ରଖିଛି। ଶିକ୍ଷା କ୍ଷେତ୍ରରେ ଏକ ସକାରାତ୍ମକ ପ୍ରଭାବ ପକାଇବା ପାଇଁ ଉତ୍ସାହ ଏବଂ ଉତ୍ସର୍ଗୀକୃତ ଯୁବବର୍ଗମାନଙ୍କୁ ଏହା ଉତ୍ସାହିତ କରିଥାଏ। ବିଦ୍ୱାନ୍ ଷ୍ଟଡି ସର୍କଲ ଶିକ୍ଷାର ପରିବର୍ତ୍ତନଶୀଳ ଶକ୍ତିର ଏକ ଉଦାହରଣ ପାଲଟିଛି। ଶିକ୍ଷା କ୍ଷେତ୍ରରେ ଭବିଷ୍ୟତର ନେତୃତ୍ୱ ସୃଷ୍ଟିରେ ଏହା ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଛି।







## ମେରାଇନ ଇଞ୍ଜିନିୟରିଂର ସର୍ବୋତ୍ତମ ଶିକ୍ଷାନୁଷ୍ଠାନ ପାଲଟିଛି ସି.ଭି. ରମଣ ଗ୍ଲୋବାଲ ୟୁନିଭର୍ସିଟି

ମେରାଇନ ଇଞ୍ଜିନିୟରିଂ ବର୍ତ୍ତମାନର ବିଶ୍ୱବ୍ୟାପୀ ପରିସର ମଧ୍ୟରେ ସବୁଠାରୁ ଗତିଶୀଳ କ୍ୟାରିୟର ବିକଳ୍ପ ଭାବେ ଉଭାହୋଇଛି। ଶିପ୍ ଆନାଲିଟିକ୍ସ ପରି ଏକ ନିର୍ଦ୍ଦିଷ୍ଟ ପାଠ୍ୟକ୍ରମ ଚୟନ ଦ୍ୱାରା ୱାଟର ମେକାନିକ୍ସରେ ଏକ ଉତ୍ତମ କ୍ୟାରିୟର ସୃଷ୍ଟିହୋଇ ପାରିଥାଏ। ଏନେଇ ବେସରକାରୀ ଏବଂ ସାର୍ବଜନୀନ କ୍ଷେତ୍ରରେ ଉତ୍ତମ ସୁଯୋଗ ଲାଇସେନ୍ସ ସହିତ ସମ୍ଭାବ୍ୟ ସୁବିଧା ପର୍ଯ୍ୟାପ୍ତ ହେବାରେ ଲାଗିଛି। ଉଚ୍ଚ ବେତନ ପ୍ୟାକେଜ, ବିବିଧ ସଂସ୍କୃତିର ଏକ୍ସପୋଜର୍, ଅର୍ଥନୈତିକ ବିକାଶ, ଭ୍ରମଣ, ଜୀବନବ୍ୟାପୀ ଲାଭ, ପାରିବାରିକ ରିଟର୍ନ ଏବଂ ଅଧିକ ଚାକିରି ଅଫର୍ ଏହା ଦ୍ୱାରା ସୃଷ୍ଟି ହୋଇପାରିଥାଏ। ନିର୍ଦ୍ଦିଷ୍ଟ ଭାବରେ ଭାରତ ନାଭାଲ ଏବଂ ମେରାଇନ ଇଞ୍ଜିନିୟର୍ସମାନଙ୍କର ନୂତନ ହବ୍ ହୋଇପାରିଛି। ନିର୍ଦ୍ଦିଷ୍ଟ ଆଞ୍ଚଳିକ ଏବଂ ଜାତୀୟ ସ୍ତରର ଛାତ୍ରୀଛାତ୍ରମାନେ ବହୁ ବର୍ଷ ଧରି କ୍ୟାରିୟର ଷ୍ଟ୍ରିମ୍ ଭାବେ ଏହାକୁ ଗ୍ରହଣ କରୁଥିବାରୁ ଏହି ପାଠ୍ୟକ୍ରମର ଚାହିଦା ବଢ଼ିବାରେ ଲାଗିଛି। ସି.ଭି. ରମଣ ଗ୍ଲୋବାଲ ୟୁନିଭର୍ସିଟି(ସିଜିୟୁ) ମେରାଇନ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ଶ୍ରେଷ୍ଠତ୍ୱ ହାସଲ କରିବା ସହିତ ଜାତୀୟ ସ୍ତରରେ ପ୍ଲେସ୍‌ମେଣ୍ଟ କ୍ଷେତ୍ରରେ ଅଗ୍ରଣୀ ହୋଇ ପାରିଛି। ଏଠାକାର ଫ୍ୟାକଲ୍ଟି ନାଭାଲ ଆର୍କିଟେକ୍‌ଚର, ଶିପ୍ ଡିଜାଇନିଂ, ମେରାଇନ ପ୍ରୋପୁଲଶନ ଏବଂ ସାମୁଦ୍ରିକ ନିରାପତ୍ତା ଉପରେ ପାରଦର୍ଶୀ, ସର୍ବୋଚ୍ଚ ଜ୍ଞାନ, ଗୁଣାତ୍ମକ ଶିକ୍ଷା ଏବଂ ସର୍ବୋତ୍ତମ ବ୍ୟବହାରିକ ଅଭିଜ୍ଞତା ପ୍ରଦାନ କରିଥାନ୍ତି। ଅତ୍ୟାଧୁନିକ ସୁବିଧା ଏବଂ ଅନ୍ତର୍ଜାତୀୟ ପାଠ୍ୟକ୍ରମ ସହିତ 'ସିଜିୟୁ'ର ଛାତ୍ରୀଛାତ୍ରମାନେ ସମସ୍ତ କ୍ଷେତ୍ରରେ ଜଳପଥ ପାଇଁ ସର୍ବଦା ସର୍ବଶ୍ରେଷ୍ଠ ହୋଇପାରିଥାନ୍ତି।

ପ୍ଲେସ୍‌ମେଣ୍ଟରେ ଅଗ୍ରଗତି ଏବଂ ଏକ ନୌବାହିନୀ କ୍ୟାରିୟରର ବିକାଶ ପାଇଁ ଆବଶ୍ୟକ ଉତ୍ତମ କୌଶଳ ପ୍ରତି ଏକ ସାମଗ୍ରିକ ଆଭିମୁଖ୍ୟ ଶାରୀରିକ ଦକ୍ଷତାଠାରୁ ଅଧିକ ଜରୁରୀ ହୋଇଥାଏ। 'ସିଜିୟୁ'ର କାଉନସେଲିଂ ସେସନ ମାନସିକ ଶକ୍ତିକୁ ଦୃଢ଼ କରିବା ସହିତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନେତୃତ୍ୱ ବିକାଶର ଏକ ମାଧ୍ୟମ ପାଲଟିଥାଏ।

ବେଭରୀ କମ୍ପାସ, ଭାଷାଭିତ୍ତିକ ଦକ୍ଷତା, ସ୍ୱଷ୍ଟ ଯୋଗାଯୋଗ ଏବଂ ଦକ୍ଷତା ବିକାଶ କ୍ଷେତ୍ରରେ ଏହା ଛାତ୍ରୀଛାତ୍ରମାନଙ୍କୁ ସୁଦକ୍ଷ କରିଥାଏ। ସେମାନଙ୍କୁ ନିର୍ଭରଯୋଗ୍ୟ ଇଞ୍ଜିନିୟର ଭାବରେ ଉପସ୍ଥାପନ କରିବା ସହିତ ବୃତ୍ତିଗତ ସଫଳତା ପ୍ରଦାନ କରିଥାଏ। 'ସିଜିୟୁ' ଏକ ବୈଷୟିକ ଜ୍ଞାନକୌଶଳ ପରିବେଶ ସୃଷ୍ଟି କରିବା ସହ ଅନ୍ତର୍ଜାତୀୟ ସ୍ତରରେ ଛାତ୍ରୀଛାତ୍ରଙ୍କୁ ଆକର୍ଷିତ କ୍ଷେତ୍ରରେ ବେଶ୍ ଜଣାଶୁଣା ହୋଇପାରିଛି। କେବଳ ଖ୍ୟାତି ପାଇଁ ନୁହେଁ ବରଂ ଦେଶର ସେବା ଲାଗି ମଧ୍ୟ 'ସିଜିୟୁ' ପ୍ରତିଶ୍ରୁତିବଦ୍ଧ।









ଧରିତ୍ରୀ 50 Years
# ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଜାନୁଆରୀ ୨୧/୨୦୨୪ | Bhubaneswar, Sunday, January 21/2024 | ପୃଷ୍ଠା-୧

# କ୍ରିପ୍ଟୋ ନାଁରେ ୧୫ କୋଟିର ଠକେଇ

**ନିଯୁକ୍ତି ପାଇଁ ଜାଲ୍ ସାର୍ଟିଫିକେଟ୍ ର୍ୟାକେଟ ଏବଂ ସୁଦପଡ଼ା ମଦଭାଟିରୁ ଅନେକ ଶହ କୋଟି ଟଙ୍କାର ନୋଟ୍ ଜବତ ହେବା ପରେ ଚର୍ଚ୍ଚାକୁ ଆସିଥିବା ବଲାଙ୍ଗିର ସହରରେ କ୍ରିପ୍ଟୋକରେନ୍ସି ନାଁରେ ଏକ ବଡ଼ଧରଣର ଠକେଇ ଗ୍ୟାଙ୍ଗ୍ ଧରାପଡ଼ିଛି। ଅଭିଯୁକ୍ତମାନେ ୱେବ୍‌ସାଇଟ୍ ଖୋଲି ସେମାନଙ୍କ ନିକଟରେ ୧,୦୦୦ କୋଟିର 'ଡାଏକନ୍ ଟୋକନ୍' କ୍ରିପ୍ଟୋକରେନ୍ସି ଉପଲବ୍ଧ ଥିବା ଦର୍ଶାଇଥିଲେ। ଏପରି କି 'ଡାଏଫିନେକ୍ସ' ନାଁରେ ଏକ ନକଲି କ୍ରିପ୍ଟୋ ଏକ୍ସଚେଞ୍ଜ ମଧ୍ୟ ବିକଶିତ କରିଥିଲେ। ନିବେଶକଙ୍କୁ ଆକର୍ଷିତ କରିବା ପାଇଁ ମାଗଣାରେ ଥାଇଲାଣ୍ଡ, ଗୋଆ ଏବଂ ଦୁବାଇ ଟୁର୍ ପ୍ୟାକେଜ୍‌ର ଅଫର୍ ସମେତ ଅନେକ ଲୋଭ ଦେଖାଉଥିଲେ। ଏହାର ମାଷ୍ଟରମାଇଣ୍ଡ ପ୍ରଶାନ୍ତ ମେହେରଙ୍କ ସମେତ ୭ ଅଭିଯୁକ୍ତ ଗିରଫ ହୋଇଛନ୍ତି। ଏହି କାରବାର ପାଇଁ ୬୦୦ ଏଜେଣ୍ଟଙ୍କୁ ନିଯୁକ୍ତ କରିଥିଲେ। ପୋଲିସ ଧରିବାବେଳକୁ ସେମାନେ ୧୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଲୁଟି ସାରିଥିଲେ।**

## ୭ ଗିରଫ, ୫୫ ଲକ୍ଷର ଆକାଉଣ୍ଟ ଜବତ

**ବଲାଙ୍ଗୀର, ୨୦।୧ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀରରୁ ପରିଚାଳିତ ଏକ ନକଲି କ୍ରିପ୍ଟୋକରେନ୍ସି ର୍ୟାକେଟର ପର୍ଦ୍ଦାଫାଶ କରିଛି ସ୍ଥାନୀୟ ପୋଲିସ। ଏହି କ୍ରିପ୍ଟୋକରେନ୍ସି ଜରିଆରେ ପ୍ରାୟ ୧୫ କୋଟି ଟଙ୍କାର ଠକେଇ ବା ଲୁଟ୍ କରାଯାଇଛି। ର୍ୟାକେଟର ମୁଖ୍ୟ ଅଭିଯୁକ୍ତ ପ୍ରଶାନ୍ତ ମେହେରଙ୍କ ସମେତ ୭ ଜଣଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତମାନଙ୍କଠାରୁ ୮ ଲକ୍ଷ ୩୪ହଜାର ୩ଶହ ନଗଦ ଟଙ୍କା ଜବତ କରାଯାଇଛି ଓ ବିଭିନ୍ନ ବ୍ୟାଙ୍କରେ ୫୫ଲକ୍ଷରୁ ଅଧିକ ଟଙ୍କାର ଆକାଉଣ୍ଟକୁ ଫ୍ରିଜ୍‌ଡ କରାଯାଇଛି। ମର୍ସିଡିଜ୍ କାର ସମେତ ୪ଟି କାର୍, ୫ଟି ବାଇକ୍, ୭ଟି ଲାପ୍‌ଟପ୍ ଓ କମ୍ପ୍ୟୁଟର, ୨୫ଟି ମୋବାଇଲ ଫୋନ୍, ୧ଟି ଟାବଲେଟ୍, ଅନ୍ୟାନ୍ୟ ଡିଜିଟାଲ ଉପକରଣ ଜବତ କରାଯାଇଛି। ସୁଦପଡାଠାରେ ଥିବା ଅଫିସ ସିଲ୍ କରାଯାଇ ସେଠାରୁ ୪୦ ଲକ୍ଷ ଟଙ୍କାର ଜିନିଷପତ୍ର ଏବଂ ପାଟଣାଗଡ ରାସ୍ତା ପ୍ରାଣୀଧନ ଚିକିତ୍ସାଳୟ ସମ୍ମୁଖ ଏକ ଦୋକାନ ଘରକୁ ସିଲ୍ କରାଯାଇ ସେଠାରୁ ୩୫ ଲକ୍ଷ ଟଙ୍କାର ଲୁଗାପଟା ସାମଗ୍ରୀକୁ ଜବତ କରାଯାଇଛି। ଅଭିଯୁକ୍ତମାନେ ବିନା ବ୍ଲକ୍‌ଚେନ୍ ଏବଂ ବେକିଂରେ ୨୦୨୨ ଜୁଲାଇରେ ୧୦୦୦ କୋଟିର ଡାଏକନ୍ ଟୋକନ୍, ୨୦୨୨ ଅଗଷ୍ଟରେ ତାଲିକାଭୁକ୍ତ ନିଜସ୍ୱ କ୍ରିପ୍ଟୋ ଏକ୍ସଚେଞ୍ଜ ଏବଂ ୨୦୨୩ ଏପ୍ରିଲରେ ଡାଏଫିନେକ୍ସ ନାଁରେ ଏକ ନକଲି କ୍ରିପ୍ଟୋ ଏକ୍ସଚେଞ୍ଜ ବିକାଶିତ କରିଥିଲେ। ଏହି କ୍ରିପ୍ଟୋ ଟୋକନ୍‌ର ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**
**ନିଷେଧାଦେଶ ଓ ମାନବ ବିକାଶ**

# ସନାଙ୍କୁ ବାହାହେଲେ ସୋଏବ

## ସାନିଆଙ୍କ ଛାଡ଼ପତ୍ର

**କରାଚୀ,୨୦।୧(ପି.ଟି.)**

ଭାରତୀୟ ଟେନିସ୍ ସୁପରଷ୍ଟାର ସାନିଆ ମିର୍ଜାଙ୍କ ସହ ୧୩ ବର୍ଷର ସମ୍ପର୍କ ଛିନ୍ନ କରି ତୃତୀୟ ଥର ବିବାହ କରିଛନ୍ତି ପାକିସ୍ତାନୀ କ୍ରିକେଟର ସୋଏବ ମଲିକ। ପାକିସ୍ତାନୀ ଅଭିନେତ୍ରୀ ସନା ଜାଭେଦ୍‌ଙ୍କ ସହ ସୋଏବ ବିବାହର ଫଟୋ ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ପୋଷ୍ଟ କରିବା ସହ ସମ୍ପର୍କକୁ ସ୍ପଷ୍ଟ କରିଛନ୍ତି। ଏହି ଫଟୋରେ ସେ କ୍ୟାପ୍‌ଶନ୍


ସାନିଆ ମିର୍ଜା


ସୋଏବ ମଲିକ ଓ ସନା ଜାଭେଦ୍

ଲେଖିଥିଲେ 'ଇଟ୍‌ସ ଅଲ୍ କ୍ରିଏଟେଡ୍ ଇନ୍ ପ୍ୟାରିସ୍'। ପାକିସ୍ତାନୀ ଚଳଚ୍ଚିତ୍ର ଓ ଡ୍ରାମାରେ ଅଭିନୟ କରୁଥିବା ସନା ସାଉଦି ଆରବର ଜେଡାରେ ଜନ୍ମିତ। ସେ ୨୫ରୁ ଅଧିକ ଡ୍ରାମା ଓ ୫ ଟେଲିଫିଲ୍ମରେ ଅଭିନୟ କରିଛନ୍ତି। ୨୦୧୦ରେ ସାନିଆ ମିର୍ଜାଙ୍କୁ ବିବାହ କରିଥିଲେ ସୋଏବ। ଉଭୟଙ୍କର ଇଝାନ୍ ନାମକ ୫ ବର୍ଷର ପୁତ୍ର ସନ୍ତାନ ମଧ୍ୟ ରହିଛି। ସୋଏବ-ସାନିଆ ୨୦୨୨ରୁ ପରସ୍ପରଠାରୁ ଅଲଗା ରହୁଛନ୍ତି। ଅନ୍ୟ ଅଭିନେତ୍ରୀଙ୍କ ସହ ସୋଏବଙ୍କ ସମ୍ପର୍କକୁ ନେଇ ଉଭୟଙ୍କ ମଧ୍ୟରେ ମନୋମାଳିନ୍ୟ ☞ପୃଷ୍ଠା-୨






**ଆଜିର ମନ୍ତବ୍ୟ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ 'ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା' ସଫଳ ହେଉ ବୋଲି ଚାହୁଁନାହାନ୍ତି। ତେଣୁ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଏହି ଯାତ୍ରାରେ ପ୍ରତିବନ୍ଧକ ସୃଷ୍ଟି କରୁଛନ୍ତି। **-ଜୟରାମ ରମେଶ, କଂଗ୍ରେସ ସାଧାରଣ ସମ୍ପାଦକ**

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପରୁ ମସିଣା କୁଙ୍କୁମ ନାଉଚି**
**ଢିଙ୍କି ଲାଞ୍ଜଠେଇଁ ପାଣି**
**ଢିଙ୍କି ଭରା ଟାହି ଟାପରା କରୁଚି**
**ଢିଙ୍କି କୁଟୁଛନ୍ତି ରାଣୀ।**

ଆଗ କାଳରେ ଝିଅ ବୋହୂମାନେ ଢିଙ୍କିରେ ଧାନ କୁଟୁଥିଲେ। ପରସ୍ପର ମଧ୍ୟରେ ଥଟ୍ଟା ମଜା ହୋଇ ସେମାନେ ନିଜ ଶ୍ରମର ବୋଝକୁ କିଛି ପରିମାଣରେ ଲାଘବ କରୁଥିଲେ। ନାରୀଟିଏ ବେଶଭୂଷା ହୋଇ ଢିଙ୍କିରେ ଧାନ କୁଟୁଥିବା ଅବସ୍ଥାରେ ଅନ୍ୟମାନେ ଉକ୍ତ ନାରୀଟିକୁ ଏଭଳି ଟାହିଟାପରା କରୁଥିବାର ବ୍ୟଙ୍ଗୋକ୍ତି ଶୈଳୀରେ ପ୍ରକାଶ କରାଯାଇଛି।

**ପଶ୍ଚିମେ ଧନୁ ନିତ୍ୟ ଖରା**
**ପୂର୍ବେ ଧନୁ ବର୍ଷେ ଝରା।**

ପଶ୍ଚିମ ଦିଗରେ ଇନ୍ଦ୍ରଧନୁ ପଡ଼ିଲେ ଅନାବୃଷ୍ଟି ଘଟେ। ସେହିପରି ପୂର୍ବ ଦିଗରେ ଇନ୍ଦ୍ରଧନୁ ପଡ଼ିଲେ ଅତିବୃଷ୍ଟି ହୁଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ରାମ ମନ୍ଦିରର ଗୁଜବକୁ କେନ୍ଦ୍ରର ତାଗିଦ




## ୧୯ ଆନ୍ତଃ ନଦୀ ଜଳାଶୟ ପ୍ରକଳ୍ପ | ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୦ା୧(ଅନିଲ ଦାସ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ରାଜ୍ୟର ୧୩ ଜିଲାରେ ୧୯ଟି ଆନ୍ତଃ ନଦୀ ଜଳାଶୟ ପ୍ରକଳ୍ପ (ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ ଷ୍ଟ୍ରକ୍ଚର) ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସେହି ଜିଲାଗୁଡ଼ିକ ହେଲା ବରଗଡ଼, ବଲାଙ୍ଗୀର, ବୌଦ୍ଧ, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଳାହାଣ୍ଡି, କେନ୍ଦୁଝର, ଖୋର୍ଦ୍ଧା, ପୁରୀ, ସମ୍ବଲପୁର, ସୁବର୍ଣ୍ଣପୁର ଓ ସୁନ୍ଦରଗଡ଼। ଏଥିପାଇଁ ୪,୬୦୦ କୋଟି ଟଙ୍କା ଖର୍ଚ୍ଚ ହେବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ପ୍ରକଳ୍ପ ଦ୍ୱାରା ଚାଷୀମାନେ ବହୁଳ ଭାବେ ଉପକୃତ ହେବେ। ବିଶେଷକରି ପିଇବା ପାଣି ଯୋଗାଣ କ୍ଷେତ୍ରରେ ସୁବିଧା ହେବ। ଏଥିସହିତ ମାଛଚାଷ, ପ୍ରାଣୀପାଳନ ଆଦିରେ ମଧ୍ୟ ସହାୟକ ହେବ। ଏହି ପ୍ରକଳ୍ପ ସବୁ ଭୂତଳ ଜଳସ୍ତର ବୃଦ୍ଧି କରି ପରିବେଶକୁ ସନ୍ତୁଳିତ କରିବ। ବିକାଶ ପାଇଁ ଏପରି ପ୍ରକଳ୍ପ ଖୁବ୍ ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହିତ ବନ୍ୟା ନିୟନ୍ତ୍ରଣରେ ମଧ୍ୟ ଏହି ପ୍ରକଳ୍ପଗୁଡ଼ିକ ସହାୟକ ହେବ ବୋଲି ସେ କହିଛନ୍ତି। ୨୦୨୦ରେ ଆନ୍ତଃ ନଦୀ ଜଳାଶୟ ପାଇଁ ୧୧,୭୦୦ କୋଟି ଟଙ୍କାରେ ଯୋଜନା ଆରମ୍ଭ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ୩ଟି ପର୍ଯ୍ୟାୟରେ ୭୨ଟି ପ୍ରକଳ୍ପ ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ୧୩ ଜିଲାରେ ୧୯ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ରଖାଯାଇଛି। ସବୁ କାର୍ଯ୍ୟକ୍ରମ ଲୋକମତ ଓ ଜନ ସହଭାଗିତା ଭିତ୍ତିରେ କରାଯାଉଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ତାଙ୍କ ନିର୍ଦ୍ଦେଶରେ ୫-ଟି ଅଧ୍ୟକ୍ଷ ବିଭିନ୍ନ ଜିଲାକୁ ଗସ୍ତ କରିବା ସମୟରେ ଲୋକଙ୍କଠାରୁ ଏପରି ପ୍ରକଳ୍ପ ପାଇଁ ପ୍ରସ୍ତାବ ଆସିଥିଲା। ଲୋକଙ୍କ ପ୍ରସ୍ତାବକୁ ଗ୍ରହଣ କରାଯାଇ ଏହିସବୁ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ୫-ଟି ଉପକ୍ରମରେ ଏହି ଆନ୍ତଃ ନଦୀ ଜଳାଶୟ ପ୍ରକଳ୍ପ କାର୍ଯ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ। ଏହି ପ୍ରକଳ୍ପଗୁଡ଼ିକର ନିର୍ମାଣ କ୍ଷେତ୍ରରେ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ ସହିତ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କାର୍ଯ୍ୟ ସମ୍ପନ୍ନ କରିବା ପାଇଁ ଗୁରୁତ୍ୱ ଦିଆଯାଇଛି। ଏହି ପ୍ରକଳ୍ପ ଦ୍ୱାରା କୌଣସି ଲୋକ ବିସ୍ଥାପିତ ହେବେନାହିଁ। ରାଜ୍ୟରେ ଚାଷୀମାନଙ୍କ କଲ୍ୟାଣ ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ପ୍ରକଳ୍ପ ଚାଷୀର ବିକାଶ ଓ ପରିବେଶର ସୁରକ୍ଷା ପାଇଁ ଉଦ୍ଦିଷ୍ଟ। କାଳିଆ ଯୋଜନା, କୃଷକମାନଙ୍କ ପାଇଁ ବିନା ସୁଧରେ ଋଣ ସୁବିଧା, ଶସ୍ୟ ବୀମା ପ୍ରିମିୟମ ପ୍ରଦାନ ଇତ୍ୟାଦି କାର୍ଯ୍ୟକ୍ରମ ରାଜ୍ୟରେ ଚାଷୀମାନଙ୍କର ଆତ୍ମବିଶ୍ୱାସକୁ ବୃଦ୍ଧିକରିଛି। ଚାଷୀର ଉନ୍ନତି ହେଲେ ରାଜ୍ୟର ଉନ୍ନତି ହେବ। ସେମାନଙ୍କ ଉନ୍ନତି ପାଇଁ ଆମେ କାମ କରୁଛୁ ଓ ଆଗାମୀ ଦିନରେ କାମକରି ଚାଲିବୁ ବୋଲି ସେ କହିଛନ୍ତି।

କାର୍ଯ୍ୟକ୍ରମରେ ଯୋଗଦେଇ ବଲାଙ୍ଗୀରରେ ଉପସ୍ଥିତ ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି, ଚାଷୀମାନଙ୍କ ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଢ଼ ସଙ୍କଳ୍ପ ରହିଛି। ଖରାଦିନେ ଲୋକେ ଯେପରି ପାଣି ପାଇବେ ସେଥିପାଇଁ ମୁଖ୍ୟମନ୍ତ୍ରୀ ଏହି ପ୍ରକଳ୍ପ ଆରମ୍ଭ କରିଛନ୍ତି।

କେନ୍ଦ୍ରାପଡ଼ା ମହାକାଳପଡ଼ାଠାରେ ଉପସ୍ଥିତ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି ଯେ କେନ୍ଦ୍ରାପଡ଼ାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ସବୁବେଳେ ଗୁରୁତ୍ୱଦେଇ ଆସିଛନ୍ତି। କେବଳ ଏହି ପ୍ରକଳ୍ପ ନୁହେଁ, କେନ୍ଦ୍ରାପଡ଼ାରେ ଅନେକ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଆର୍ସେଲର ମିତ୍ତଲ ପ୍ରକଳ୍ପ ପାଇଁ ସେ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଦେଇଛନ୍ତି। ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ରାଜ୍ୟର ସବୁ ସ୍ଥାନର ଉନ୍ନତି ପାଇଁ ପ୍ରକଳ୍ପ କରୁଛନ୍ତି। କେନ୍ଦ୍ରାପଡ଼ାରେ ଆର୍ସେଲର ମିତ୍ତଲ ନିପ୍ପନ୍ ଷ୍ଟିଲ୍ ପ୍ରକଳ୍ପ ପାଇଁ ଜାପାନ ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ଖୁବ୍ ଉଦ୍ୟମ କରିଥିଲେ। ଲୋକଙ୍କ ସହଯୋଗରେ ମୁଖ୍ୟମନ୍ତ୍ରୀ ଖୁବ୍‌ଶୀଘ୍ର ଏଥିପାଇଁ ଶୁଭ ଦେବେ। ବୌଦ୍ଧ କଣ୍ଟାମାଳରେ ଉପସ୍ଥିତ ବିଧାୟକ ମହୀଧର ରଣା ମଧ୍ୟ ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି। ଉନ୍ନୟନ କମିଶନର ତଥା ଜଳସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସ୍ୱାଗତ ଭାଷଣ ଦେଇଥିଲେ। ବିଭାଗୀୟ ଇଆଇସି ଧନ୍ୟବାଦ ଦେଇଥିଲେ।




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ୧୯ଟି ଆନ୍ତଃ ନଦୀ ଜଳାଶୟ ପ୍ରକଳ୍ପ ପାଇଁ ଭର୍ଚୁଆଲ ମୋଡ୍‌ରେ ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି। ନିକଟରେ ଅଛନ୍ତି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ।

**ପ୍ରଥମ ପୃଷ୍ଠାରୁ...**

## ଏକସଙ୍ଗେ ନିର୍ବାଚନ ...

ଇଭିଏମ୍‌ଗୁଡ଼ିକୁ ଗଚ୍ଛିତ ରଖିବା ପାଇଁ ଷ୍ଟୋରେଜ୍ ବ୍ୟବସ୍ଥା ବଢ଼ାଇବା ସହ ଅଧିକ ଗାଡ଼ିର ବ୍ୟବସ୍ଥା କରିବାକୁ ପଡ଼ିବ। ସମସ୍ତ ବ୍ୟବସ୍ଥା ଶେଷ ହେବା ପରେ ଏକସଙ୍ଗେ ପ୍ରଥମ ନିର୍ବାଚନ କେବଳ ୨୦୨୯ ବେଳକୁ କରାଯାଇପାରିବ ବୋଲି ନିର୍ବାଚନ କମିଶନ କହିଛନ୍ତି। ଏକସଙ୍ଗେ ଲୋକ ସଭା ଏବଂ ରାଜ୍ୟ ବିଧାନସଭା ନିର୍ବାଚନ କରିବାକୁ ହେଲେ ସମ୍ବିଧାନର ୫ଟି ଅନୁଚ୍ଛେଦରେ ସଂଶୋଧନ ଆଣିବା ଜରୁରୀ। ସେଗୁଡ଼ିକ ହେଲା ଅନୁଚ୍ଛେଦ ୮୩, ୮୫, ୧୭୨, ୧୭୪ ଏବଂ ୩୫୬। ଅନୁଚ୍ଛେଦ ୮୩ ଲୋକ ସଭା କାର୍ଯ୍ୟକାଳ ସହ ଜଡ଼ିତ ହୋଇଥିବାବେଳେ ଅନୁଚ୍ଛେଦ ୮୫ ବଳରେ ରାଷ୍ଟ୍ରପତି ଲୋକ ସଭା ଭଙ୍ଗ କରିପାରିବେ। ଅନୁଚ୍ଛେଦ ୧୭୨ ରାଜ୍ୟ ବିଧାନସଭା କାର୍ଯ୍ୟକାଳ ଏବଂ ୧୭୪ରେ ଏହାକୁ ଭଙ୍ଗ କରିବା ବ୍ୟବସ୍ଥା ରହିଛି। ଅନୁଚ୍ଛେଦ ୩୫୬ ଅନୁଯାୟୀ ରାଜ୍ୟରେ ରାଷ୍ଟ୍ରପତି ଶାସନ ଲାଗୁ କରାଯାଇପାରିବ। ସେହିପରି ଦଳବଦଳ ଆଧାରରେ ସଦସ୍ୟଙ୍କୁ ଅଯୋଗ୍ୟ ଘୋଷଣା କରିବା ନିମନ୍ତେ ରହିଥିବା ସମ୍ବିଧାନର ଦଶମ ଅନୁଚ୍ଛେଦରେ ମଧ୍ୟ ଆବଶ୍ୟକ ପରିବର୍ତ୍ତନ କରିବାକୁ ହେବ। ଦେଶରେ ଏକସଙ୍ଗେ ନିର୍ବାଚନ କରାଇବା ପ୍ରସଙ୍ଗର ଅନୁଧ୍ୟାନ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚସ୍ତରୀୟ କମିଟି କରୁଛି।

## ବିନା ଚିଠାରେ ଆଣ୍ଟିବାୟୋଟିକ୍ ...

ସ୍ପଷ୍ଟ କରି ଲେଖିବାକୁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଥିବା ସେ କହିଛନ୍ତି। ଏ ସମ୍ପର୍କରେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି, ପୂର୍ବରୁ ଏ ନେଇ ନିୟମ ରହିଛି। ତେବେ ଆଣ୍ଟିବାୟୋଟିକ୍ସର ଯୁକ୍ତି ସଂଗତ ବ୍ୟବହାର ହେଉ ନ ଥିବାରୁ କେନ୍ଦ୍ର ସରକାର ଏଭଳି ଅପିଲ କରିଛନ୍ତି। ଏହା ସ୍ୱାଗତଯୋଗ୍ୟ। ପ୍ରେସ୍‌କ୍ରିପଶନ ନ ଦେଖି ଦୋକାନୀ ଔଷଧ ବି ଦେବା କଥା ନୁହେଁ। ଏହା ଉପରେ ନିୟନ୍ତ୍ରଣ ଆସିବା ଦରକାର। ଯେଉଁଠି ଆବଶ୍ୟକତା ନାହିଁ, ଆଣ୍ଟିବାୟୋଟିକ୍ ଦେବା ଉଚିତ ନୁହେଁ। ଏପରି କିଛି ଡ୍ରଗ୍ସ ଅଛି, ଯାହାକୁ ବିନା ପ୍ରେସ୍‌କ୍ରିପ୍‌ଶନରେ ଦିଆଯାଇ ପାରିବ ନାହିଁ ବୋଲି ସେ କହିଛନ୍ତି।

## ସନାଙ୍କୁ ବାହାହେଲେ ...

କାରଣରୁ ଅଲଗା ରହୁଥିଲେ। ଏହାକୁ ନେଇ ବିଭିନ୍ନ ସମୟରେ ଗଣମାଧ୍ୟମରେ ଛାଡପତ୍ରର ରିପୋର୍ଟ ମଧ୍ୟ ଆସୁଥିଲା। ତେବେ ଉଭୟ ବିଭିନ୍ନ ସମୟରେ ଏହାକୁ ଅସ୍ୱୀକାର କରି ଆସିଥିଲେ। ପରେ ଉଭୟ ଏକ ପାକିସ୍ତାନୀ ଟିଭି ପ୍ରୋଗ୍ରାମର ହୋଷ୍ଟ ଭାବେ ନଜର ଆସିଥିଲେ। ଏହାପରେ ସମ୍ପର୍କ ଠିକ୍ ହୋଇ ଯାଇଥିବା ନେଇ ଆଲୋଚନା ହୋଇଥିଲା। ତେବେ ଏକ ସପ୍ତାହ ପୂର୍ବରୁ ସାନିଆ ନିଜ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରୁ ସୋଏବଙ୍କ ସହ ସମସ୍ତ ଫଟୋ ଡିଲିଟ୍ କରିଥିଲେ। ପରେ ସୋଏବ ମଧ୍ୟ ସାନିଆଙ୍କୁ ଅନ୍‌ଫଲୋ କରିଥିଲେ। ସୋଏବ ଫଟୋ ପୋଷ୍ଟ କରିବା ପରେ ସାନିଆ ଖୁଲା(ଛାଡପତ୍ର) ନେଇଥିବା ନେଇ ତାଙ୍କ ପିତା ଇମ୍ରାନ ମିର୍ଜା ବୟାନ ଦେଇଛନ୍ତି। ତେବେ ସାନିଆଙ୍କୁ ବିବାହ କରିବା ପୂର୍ବରୁ ସୋଏବ ଆଗରୁ ଆୟେଶା ସିଦ୍ଦିକି ନାମ୍ନୀ ଜଣେ ସ୍କୁଲ ଶିକ୍ଷୟିତ୍ରୀଙ୍କୁ ବିବାହ କରିଥିଲେ। ସେ ମଧ୍ୟ ହାଇଦ୍ରାବାଦର ବୋଲି ଜଣାପଡିଥିଲା। ସାନିଆଙ୍କ ବିବାହ ପୂର୍ବରୁ ସେ ନିଜକୁ ସୋଏବଙ୍କ ପତ୍ନୀ ଭାବରେ ଦର୍ଶାଇଥିଲେ ଏବଂ ବିବାହର ଭିଡିଓ ମଧ୍ୟ ଦେଖାଇଥିଲେ। ପ୍ରଥମେ ସୋଏବ ମଲିକ ଏହାକୁ ଅସ୍ୱୀକାର କରିଥିଲେ ମଧ୍ୟ ପରେ ୧୫ କୋଟି ଟଙ୍କା କ୍ଷତିପୂରଣ ଦେଇଥିଲେ। ୨୦୧୦ରେ ଆୟେଶାଙ୍କୁ ଛାଡପତ୍ର ଦେବା ପରେ ସେ ସାନିଆଙ୍କୁ ବିବାହ କରିଥିଲେ। ସାନିଆ ମିର୍ଜା ପ୍ରଥମ ଭାରତୀୟ ମହିଳା ଭାବେ ଟେନିସ୍ ଗ୍ରାଣ୍ଡସ୍ଲାମ ଜିତିବାର ସୌଭାଗ୍ୟ ଅର୍ଜନ କରିଥିଲେ। ୨୦ ବର୍ଷର କ୍ୟାରିୟରରେ ସେ ୬ ଗ୍ରାଣ୍ଡସ୍ଲାମ ସହ ୪୩ଟି ଡବ୍ଲ୍ୟୁଟିଏ ଟାଇଟଲ ହାସଲ କରିଛନ୍ତି।

ପାକିସ୍ତାନୀ କ୍ରିକେଟର ସୋଏବ ମଲିକଙ୍କ ପାଇଁ ଏହା ତୃତୀୟ ବିବାହ ହୋଇଥିବା ବେଳେ ସନା ଜାଭେଦ୍‌ଙ୍କ ପାଇଁ ଏହା ଦ୍ୱିତୀୟ ବିବାହ । ୪୧ ବର୍ଷୀୟ ସୋଏବ ୨୦୦୬ରେ ଆୟେଶା ସିଦ୍ଦିକିଙ୍କୁ ବିବାହ କରିଥିବା ବେଳେ ଏହି ସମ୍ପର୍କ ୪ ବର୍ଷ ତିଷ୍ଠିଥିଲା। ୨୦୧୦ରେ ଡିଭୋର୍ସ ନେଇ ସେ ସାନିଆ ମିର୍ଜାଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ପରେ ୧୩ ବର୍ଷର ସମ୍ପର୍କର ପୂର୍ଣ୍ଣଚ୍ଛେଦ ପକାଇ ସେ ସନା ଜାଭେଦ୍‌ଙ୍କ ସହ ତୃତୀୟ ବିବାହ କରଛନ୍ତି। ଅନ୍ୟପକ୍ଷରେ ସନା ୨୦୨୦ରେ ଗାୟକ ଉମର ଜୟସ୍ୱାଲଙ୍କୁ ବିବାହ କରିଥିଲେ। ୨୦୨୩ରେ ଉଭୟଙ୍କ ଡିଭୋର୍ସ ହୋଇଥିବା ବେଳେ ସେ ସୋଏବ ମଲିକଙ୍କ ସହ ଦ୍ୱିତୀୟ ଇନିଂସ ଆରମ୍ଭ କରିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## କ୍ରିପ୍ଟୋ ନାଁରେ ...

୧.୫ ପ୍ରତିଶତ ବଜାରରେ ଉପଲବ୍ଧ କରି ପ୍ରାୟ ୨୦୦୦ ନିବେଶକଙ୍କଠାରୁ ୧୨ରୁ ୧୫ କୋଟି ଟଙ୍କା ଠକେଇ କରିଛନ୍ତି। ନିବେଶକଙ୍କୁ ଠକେଇ କରିବା ପାଇଁ ଅଭିଯୁକ୍ତମାନେ ଇ-ରିଚାର୍ଜ ପରି ଏକାଧିକ ୟୁଟିଲିଟି ପେମେଣ୍ଟ ସିଷ୍ଟମ ବ୍ୟବହାର କରିଛନ୍ତି। ଏଥିସହ ପେଗ୍‌ମାଷ୍ଟୋର ମାଧ୍ୟମରେ ଇ-ବାଣିଜ୍ୟ, ଡିପୋଗୋ ମାଧ୍ୟମରେ ଖେଳ, ଇ-ଲର୍ନି ଜରିଆରେ ଅଭିନବ ଏବଂ ଲୋଭନୀୟ ଯୋଜନା ଏବଂ ଅଫର୍ ପ୍ରସ୍ତୁତ କରିଛନ୍ତି। ଇଣ୍ଟରନେଟ୍ ଏବଂ ୟୁଟ୍ୟୁବ୍‌ରେ ଡାଇକନ୍ ଟୋକନ୍‌ର ଲୋଭନୀୟ ବିଜ୍ଞାପନ କରି ନିବେଶକଙ୍କୁ ଆକୃଷ୍ଟ କରିଛନ୍ତି। ନିବେଶକଙ୍କୁ ମାଗଣାରେ ଥାଇଲାଣ୍ଡ, ଗୋଆ ଏବଂ ଦୁବାଇ ଟୁର୍ ପ୍ୟାକେଜ୍‌ର ଅଫର୍ ମଧ୍ୟ ଦେଇଛନ୍ତି। ଏଇ ନକଲି କ୍ରିପ୍ଟୋ କରେନ୍ସି ର୍‍ୟାକେଟର ମୁଖ୍ୟ କୁହାଯାଉଥିବା ପ୍ରଶାନ୍ତଙ୍କ ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ୨ ବୋଲି ଜଣାପଡିଛି। ଗିରଫ ଅନ୍ୟ ଅଭିଯୁକ୍ତମାନେ ହେଲେ ବଲାଙ୍ଗୀରର ଦୁଷ୍ମନ୍ତ ମେହେର, ହେମନ୍ତ ମେହେର, ଅମିୟ ପ୍ରଧାନ, କୁମାର ପ୍ରଧାନ, କିଶୋର ଦୀପ ଓ ଯାଜପୁର ଜିଲାର ସୁବ୍ରତ ଓଝା।

ବଲାଙ୍ଗୀର ଏସ୍‌ପି ଋଷିକେଶ ଖିଲାରୀ ଶନିବାର ସ୍ଥାନୀୟ ରିଜର୍ଭ ପୋଲିସ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ କରି ନକଲି କ୍ରିପ୍ଟୋକରେନ୍ସି ର୍‍ୟାକେଟର ପର୍ଦ୍ଦାଫାଶ ସମ୍ପର୍କରେ ବିବରଣୀ ରଖିଥିଲେ। ସେ କହିଥିଲେ ଯେ, ଏକ ସାମାଜିକ ଗଣମାଧ୍ୟମରୁ ପ୍ରଥମେ ସେ ବଲାଙ୍ଗୀରରେ ଏକ ନକଲି କ୍ରିପ୍ଟୋ କରେନ୍ସି ର୍‍ୟାକେଟ ଚାଲିଥିବା ଖବର ପାଇଥିଲେ। ଏହା ଉପରେ ତୀକ୍ଷ୍ଣ ନଜର ରଖିବାକୁ ସେ ସାଇବର ଥାନାକୁ ନିର୍ଦ୍ଦେଶ ଦେଇଥିଲେ। ଏକ ସ୍ୱତନ୍ତ୍ର ପୋଲିସ ତଦନ୍ତକାରୀ ଟିମ୍ ଗଠନ କରାଯାଇଥିଲା। ବଲାଙ୍ଗୀର ସୁଦପଡାଠାରେ ମୁଖ୍ୟ ଅଭିଯୁକ୍ତ ମେହେର ଏବଂ ତାଙ୍କ ସହଯୋଗୀମାନେ ପାଗ୍‌ମାଟାଇଡ୍ ଆଣ୍ଡ ସଷ୍ଟେନ୍ ପ୍ରାଇଭେଟ୍ ଲିମିଟେଡ୍ ନାଁରେ ଏକ ସଂସ୍ଥାର ଅଫିସ ଖୋଲିଥିଲେ। ଇଣ୍ଟରନେଟ୍ ଜରିଆରେ ଗୁଜରାଟର ଏକ କମ୍ପାନୀ ସହାୟତାରେ ଏବଂ ଉକ୍ତ ସଂସ୍ଥାର ଏକ ୱେବ୍ ଆପ୍ ଜରିଆରେ ଡାଏକନ୍ କଏନ୍ ନାଁରେ କ୍ରିପ୍ଟୋ କରେନ୍ସି କାରବାର ଆରମ୍ଭ କରିଥିଲେ। ଉକ୍ତ ସଂସ୍ଥାର ଡିଜିଟାଲ ୱେବ୍‌ସାଇଟ୍ ଆଡମିନ୍ ଭାବେ ପ୍ରଶାନ୍ତ ଏହାର ପରିଚାଳନା କରୁଥିଲେ। ପ୍ରଥମରୁ ନିବେଶକଙ୍କୁ ଡାଏକନ୍ କ୍ରିପ୍ଟୋ ଟୋକନ୍‌ର ମୂଲ୍ୟକୁ ୧୦ ପଇସା ରଖି ନିବେଶକଙ୍କୁ ଆକୃଷ୍ଟ କରିଥିଲେ। ନିଜେ ଏହି ୱେବ୍ ଆଡମିନ୍ ଥିବାରୁ କୃତ୍ରିମ ଉପାୟରେ ଡାଏକନ୍ ଟୋକନ୍ ମୂଲ୍ୟକୁ କମ୍ ସମୟ ମଧ୍ୟରେ ୯୦ ପଇସାକୁ ବୃଦ୍ଧି କରିଦେଇଥିଲେ। ଡାଏକନ୍ କ୍ରିପ୍ଟୋ ଟୋକନ୍‌ର ଏଭଳି ମୂଲ୍ୟବୃଦ୍ଧି ଘଟୁଥିବା ଦେଖି ଏବଂ ସାମାଜିକ ଗଣମାଧ୍ୟମରେ ଏହାର ପ୍ରଚାର ପ୍ରସାର କରି ସେମାନେ ପ୍ରାୟ ୨ହଜାର ନିବେଶକଙ୍କଠାରୁ ୧୨ରୁ ୧୫ କୋଟି ଟଙ୍କା ନିଜସ୍ୱ ଆକାଉଣ୍ଟକୁ ଆଣିବାରେ ସଫଳ ହୋଇଥିଲେ। ପ୍ରଥମରୁ ଅଭିଯୁକ୍ତମାନେ ନିଜ ପରିବାର ଏବଂ ସମ୍ପର୍କୀୟଙ୍କୁ ଟାର୍ଗେଟ କରି ନିବେଶ କରିଥିଲେ। ଏହି ଟଙ୍କାକୁ ନିର୍ଦ୍ଦିଷ୍ଟ ସମୟ ଧରି ବ୍ଲକ୍ ଚେନ୍ ଜରିଆରେ ବ୍ଲକ୍ କରି ରଖିବା ଏବଂ ଏହାଦ୍ୱାରା ଅର୍ଥ ବହୁଗୁଣିତ ହେବା ପ୍ଲାନ୍ ପ୍ରଚାର କରିଥିଲେ। ଫଳରେ ଗତ ପ୍ରାୟ ଦେଢ଼ ବର୍ଷ ଭିତରେ ୨୦୦୦ ନିବେଶକ ୧୫ କୋଟି ଟଙ୍କା ଆକାଉଣ୍ଟରେ ଜମା କରିଥିଲେ। ଜମା ଟଙ୍କାକୁ ତୁରନ୍ତ ଅନ୍ୟ ଆକାଉଣ୍ଟକୁ ଅଭିଯୁକ୍ତମାନେ ଟ୍ରାନ୍ସଫର କରିଦେଉଥିଲେ। ଜମା ଟଙ୍କାରୁ ବିଭିନ୍ନ ନିବେଶକଙ୍କୁ ଭାଗ୍ୟବାନ୍ ନିବେଶକ ମାନ୍ୟତା ଦେଇ ମାଗଣା ଗୋଆ, ଥାଇଲାଣ୍ଡ ଟ୍ରିପ୍ କରାଉଥିଲେ। ଫଳରେ ନିବେଶକଙ୍କ ମଧ୍ୟରେ ସନ୍ଦେହ ବୃଦ୍ଧି ନ ପାଇ ବିଶ୍ୱାସ ବୃଦ୍ଧି ପାଇବା ଯୋଜନା କରିଥିଲେ। ନିବେଶକଙ୍କ ମଧ୍ୟରେ ଆସ୍ଥା ସୃଷ୍ଟି ପାଇଁ ଆନ୍ତର୍ଜାତିକସ୍ତରରେ ଏକ ଗଣମାଧ୍ୟମ ସଂସ୍ଥାରେ ମଧ୍ୟ ଖବର ପ୍ରକାଶ କରାଇଥିଲେ। ଡାଏକନ୍ କଏନ୍ କ୍ରିପ୍ଟୋ ଟୋକନ୍ ବିଷୟରେ ଏହା ସହିତ ବିଭିନ୍ନ ନିବେଶକଙ୍କୁ ଇଜି ରିଚାର୍ଜ, ଲୁଗାପଟା ଓ ଅନ୍ୟାନ୍ୟ ଜିନିଷପତ୍ର ଶସ୍ତାରେ ଉପଲବ୍ଧ କରାଉଥିବା ମାର୍କେଟିଂ ବ୍ୟବସ୍ଥା କରିଥିଲେ। ଏହି ଲୁଟ୍ କାରବାରରେ ଅଭିଯୁକ୍ତମାନେ ୬ଶହ ଜଣ ଏଜେଣ୍ଟ ନିଯୁକ୍ତି କରିଥିବା ଜଣାପଡିଛି। ଗତ ପ୍ରାୟ ଦେଢ଼ବର୍ଷ ମଧ୍ୟରେ ନିବେଶକଙ୍କଠାରୁ ଲୁଟି ଥିବା ପ୍ରାୟ ୧୨ରୁ ୧୫ କୋଟି ଟଙ୍କାରେ ଅଭିଯୁକ୍ତମାନେ ମର୍ସିଡିଜ୍ କାର ସମେତ ୪ଟି ଅନ୍ୟାନ୍ୟ କାର, ବାଇକ୍ ଓ ଅନ୍ୟ ଉପକରଣ କିଣି ବିଳାସପୂର୍ଣ୍ଣ ଜୀବନ ବିତାଉଥିଲେ। ଏଭଳିକି ଏହି ଟଙ୍କାରେ ଜମି, କୋଠାଘର କିଣିଥିବା ଏବଂ ଦୋକାନ୍ ଖୋଲିଥିବା ଏସ୍‌ପି ସୂଚନା ଦେଇଛନ୍ତି। ତଦନ୍ତ ଜାରି ରହିଛି ଏବଂ ଏହି ନକଲି କ୍ରିପ୍ଟୋ ଠକେଇ ର୍‍ୟାକେଟରେ ରାଜ୍ୟ ତଥା ଦେଶର କେଉଁମାନେ ଜଡିତ ଅଛନ୍ତି ସେମାନଙ୍କୁ ଧରିବା ପାଇଁ ବଡଧରଣର ଅଭିଯାନ ଆରମ୍ଭ ହୋଇଯାଇଛି ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତ କିଶୋର ଦୀପ ସେ ଦୋଷୀ ନୁହନ୍ତି ତାଙ୍କୁ ଫସେଇ ଦିଆଯାଇଥିବା କହିଛନ୍ତି। ମୁଖ୍ୟ ଅଭିଯୁକ୍ତ ମେହେର ଏହା ଆଦୌ ଠକେଇ କି, ଲୁଟ୍ ନୁହଁ ବରଂ ଏଥିରେ ଅନେକେ ଲାଭବାନ୍ ହୋଇଛନ୍ତି ବୋଲି ଗଣମାଧ୍ୟମ ସମ୍ମୁଖରେ କହିଛନ୍ତି।



ନକଲି କ୍ରିପ୍ଟୋ କରେନ୍ସି ର୍‍ୟାକେଟର ଗିରଫ ୭ ଅଭିଯୁକ୍ତ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ଚନ୍ଦ୍ର ରୋହିଣୀ ନକ୍ଷତ୍ରରେ ରହିଥିବାରୁ ମନୋବଳ ବୃଦ୍ଧି ଏବଂ ପ୍ରତ୍ୟେକ କାର୍ଯ୍ୟରେ ସିଦ୍ଧିଲାଭ ଅବଶ୍ୟ ଘଟିବ। ଅଷ୍ଟମସ୍ଥ ଶୁକ୍ରଜନିତ ବକେୟା ଅର୍ଥପ୍ରାପ୍ତିରେ ବିବାଦ ଦେଖାଦେବ। କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ସମସ୍ୟାର ସମାଧାନ କରିବେ। ମୁଖଭାବକୁ ମଙ୍ଗଳ ଦୃଷ୍ଟି ହେତୁ କାହା ସହ ଟାହିଟାପରା ନ କରିବା ଭଲ।

**ବୃଷ**
ଉଚ୍ଚସ୍ଥ ଚନ୍ଦ୍ର ପ୍ରତି ଏକାଧିକ ଗ୍ରହଙ୍କ ଦୃଷ୍ଟିଜନିତ ପଡ଼ୋଶୀ ଓ ସହକର୍ମୀଙ୍କ ସହାୟତାରୁ ଧନଲାଭ ଘଟିପାରେ। ଅଫିସ୍‌ରେ ବାଧ ବାଧକତାବଶତଃ କେତେକ କାମ କରିବାକୁ ପଡ଼ିପାରେ। ଅସମ୍ପୂର୍ଣ୍ଣ କାମରୁ ପୂର୍ଣ୍ଣାଙ୍ଗ କରିବାରେ ଜଣେ ବାଲ୍ୟବନ୍ଧୁ ସାହାଯ୍ୟ କରିବେ। ବ୍ୟବସାୟ ଭଲ, ଯାତ୍ରା, ପ୍ରତିଯୋଗିତାରେ ସଫଳତା ପାଇବେ।

**ମିଥୁନ**
ତିନୋଟି ଗ୍ରହରାଶିକୁ ଅବଲୋକନ କରୁଥିବାରୁ ସ୍ୱାସ୍ଥ୍ୟରେ ଉନ୍ନତି ଏବଂ ବନ୍ଧୁଙ୍କ ଆଦରଣୀୟ ହେବେ। ଦୀର୍ଘ ଦିନ ହେଲା ଅଟକି ରହିଥିବା କାମ ସକାଶେ ପ୍ରଚେଷ୍ଟା ବ୍ୟର୍ଥ ହେବ ନାହିଁ। ବ୍ୟବସାୟରେ ଶାଖା ଖୋଲିବା ସକାଶେ ନୂତନ ବ୍ୟବସାୟକୁ ଯୋଡ଼ିପାରନ୍ତି। ଅନ୍ୟମନସ୍କ ହେତୁ ଯାତ୍ରା ସମୟରେ କେତେକ ବ୍ୟତିକ୍ରମ ପରିଲକ୍ଷିତ ହେବ।

**କର୍କଟ**
ପାପଗ୍ରହ ଦୃଷ୍ଟିବର୍ଜିତ ଏକାଦଶସ୍ଥ ଚନ୍ଦ୍ର ଉନ୍ନତସ୍ୱାସ୍ଥ୍ୟ, ଆର୍ଥିକ ଅଭିବୃଦ୍ଧି ସାଙ୍ଗକୁ ଲକ୍ଷ୍ୟହାସଲ କରିବେ। କର୍ମକ୍ଷେତ୍ରରେ ବନ୍ଧୁଙ୍କୁ ସୁପରାମର୍ଶ ଏବଂ ଗଠନମୂଳକ ପ୍ରେରଣା ଦେଇ ପ୍ରଶଂସିତ ହେବେ। ବନ୍ଧୁଙ୍କ ସାହାଯ୍ୟରେ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ। ରାଜନୀତି, ଆନୁଷ୍ଠାନିକ କାମ, ସଙ୍ଗଠନରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**ସିଂହ**
କର୍ମସ୍ଥାନରେ ବ୍ୟୟାଧିପତି ଥିବା ହେତୁ ଦୂରଯାତ୍ରା କରିବାକୁ ପଡ଼ିପାରେ। ମନୋବଳ ଅକ୍ଷୁଣ୍ଣ ରହିଥିଲେ ମଧ୍ୟ ଶାରୀରିକ ଅସୁସ୍ଥତା ପ୍ରଗତିର ପଥରୋଧ କରିପାରେ। ମନ୍ଥର ଗତିରେ କର୍ମପ୍ରବାହ ଚାଲୁଥିବାରୁ ବିଭିନ୍ନ ସ୍ତରରୁ ସମାଲୋଚିତ ହୋଇପାରନ୍ତି। ଆଜି ଯେତିକି ପାଇବେ, ତା'ଠାରୁ ଅଧିକ କିଛି ବ୍ୟୟ କରିବାକୁ ବାଧ ହେବେ।

**କନ୍ୟା**
କେତୁ ପ୍ରଭାବରେ ଦୁର୍ଭାବନାଯୁକ୍ତ ରହିଲେ ମଧ୍ୟ ଅର୍ଥପ୍ରାପ୍ତି ଓ କାର୍ଯ୍ୟସିଦ୍ଧିରୁ ସାମୟିକ ଖୁସି ରହିବେ। ଆପଣଙ୍କ ସମ୍ପତ୍ତି ଉପରେ ସମ୍ପର୍କୀୟଙ୍କ ଲୋଲୁପ ଦୃଷ୍ଟି ଦୁଶ୍ଚିନ୍ତାର କାରଣ ହୋଇପାରେ। ଅବଶ୍ୟ ପାରିବାରିକ ସ୍ତରରେ ସାହାଯ୍ୟ ସହଯୋଗ ଅକ୍ଷୁଣ୍ଣ ରହିବ। ଭଲ ସମ୍ପର୍କଥିବା ବନ୍ଧୁଙ୍କ ନିକଟରୁ ପ୍ରତୀକ୍ଷା କରିଥିବା ଖବର ପାଇ ଖୁସି ହେବେ।

**ତୁଳା**
ଶନିଙ୍କ ପ୍ରଭାବରୁ ଆଜି ବନ୍ଧୁଗହଣରେ ଅଳ୍ପ କଥା କହିବାକୁ ପସନ୍ଦ କରିବେ। ଆକସ୍ମିକ ବିଭିନ୍ନ ସମସ୍ୟାଜନିତ କାର୍ଯ୍ୟବ୍ୟସ୍ତ ଯୋଗୁ ଖାଦ୍ୟପେୟ ଠିକ୍ ନ ରହିପାରେ। ଗଠନମୂଳକ କାମ, ଲେଖାପଢ଼ା, ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରୁ ଶୁଭଫଳ ପାଇବେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗ ଦେଇପାରନ୍ତି।

**ବିଛା**
ଆଜି ଭାଗ୍ୟାଧିପଚନ୍ଦ୍ର ରାଶିକୁ ଦେଖୁଥିବାରୁ କର୍ମାରମ୍ଭ କରି ସଫଳତା ପାଇବେ। ସକାଳୁ ଜଣେ ବନ୍ଧୁ ଅର୍ଥ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ପଡ଼ୋଶୀଙ୍କ ସହାୟତାରେ ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ଶିଳ୍ପ, ବ୍ୟବସାୟ ଓ ରାଜନୀତି କ୍ଷେତ୍ରରୁ ସମସ୍ୟା ଦୂରେଇବାର ପ୍ରଯତ୍ନ କରିପାରନ୍ତି।

**ଧନୁ**
ଅତି ନିକଟରେ ରହୁଥିବା ଅପରିଚିତ ବ୍ୟକ୍ତି ଜଣକ ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ। ଆନୁଷ୍ଠାନିକ କାମରେ କିମ୍ବା ସାମାଜିକ ସ୍ତରରେ ପ୍ରଶଂସା ମିଳିବ। ବହୁତ ଦିନରୁ ଆଶା କରି ରହିଥିବା ଶୁଭସମ୍ବାଦ ପାଇ ଉଲ୍ଲସିତ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟ ସମସ୍ୟା ମନକୁ ବାରମ୍ବାର ଆଲୋଡ଼ିତ କରିପାରେ।

**ମକର**
ଶନିଙ୍କ ପ୍ରଭାବରେ ସ୍ୱାସ୍ଥ୍ୟ ସମସ୍ୟା ସୁଧୁରି ଯିବା କାରଣରୁ ଖୁସି ଅନୁଭବ କରିବେ। ଭଲ ସମ୍ପର୍କ ଥିବା ସ୍ଥାନରେ ସାଧାରଣ କଥାରେ ମନାନ୍ତର ସୃଷ୍ଟି ହେବ। କୌଣସି ପାର୍ଟିର ଆୟୋଜନର ପ୍ରସ୍ତୁତି ହେତୁ ଘରେ ବନ୍ଧୁମିଳନ ତଥା ଆମୋଦ ପ୍ରମୋଦର ସୁଅ ଛୁଟିବ। ବନ୍ଧୁମାନଙ୍କ ପରାମର୍ଶକୁ ଗ୍ରହଣ କରିବାକୁ ଏକ ପ୍ରକାର ବାଧ ହୋଇ ପାରନ୍ତି।

**କୁମ୍ଭ**
ଚନ୍ଦ୍ରଙ୍କ ଶୁଭ ସମ୍ପର୍କରୁ କର୍ମକ୍ଷେତ୍ର ସମ୍ବନ୍ଧୀୟ ଚିନ୍ତା ଦୂର ହୋଇଯିବ। ସଭାସମିତି, ଆଲୋଚନା କିମ୍ବା ଆନୁଷ୍ଠାନିକ କାର୍ଯ୍ୟରେ ସଫଳତା ହାସଲ କରିବେ। ସମୟ ସୁବିଧାକୁ ନେଇ ଉଚ୍ଚ ପଦାଧିକାରୀଙ୍କ ପାଖରେ ଅସୁବିଧା ଜଣାଇଲେ ଅବଶ୍ୟ ଉପକୃତ ହେବେ। ବ୍ୟବସାୟୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ।

**ମୀନ**
ତୃତୀୟସ୍ଥ ଚନ୍ଦ୍ରଜନିତ ଦୀର୍ଘଦିନରୁ ଲାଗି ରହିଥିବା ବିବାଦଟି ବନ୍ଧୁ ଓ ଆତ୍ମୀୟମାନଙ୍କ ସହାୟତାରୁ ସମାଧାନ ହେବ। ତଥାପି କର୍ମକ୍ଷେତ୍ରରେ କିଛି ବ୍ୟତିକ୍ରମ ମଧ୍ୟ ଦେଇ ଚଳିବା ସକାଶେ ବାଧ ହେବେ। ବ୍ୟବସାୟ, ପରିବହନ ଓ ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ। ବକେୟା ଅର୍ଥ ଆଦାୟ କରିବାରେ ସାମାନ୍ୟ ଟଣାଓଟରା ଲାଗିପାରେ।

ଆଜି ଜାନୁଆରୀ ୨୧ ତାରିଖ, ପୌଷ ଶୁକ୍ଳପକ୍ଷର ସର୍ବସମ୍ମତ ପୁତ୍ରଦା (ବୈକୁଣ୍ଠ) ଏକାଦଶୀ ରବିବାର, ରାଶି ନକ୍ଷତ୍ର- ରୋହିଣୀ/ବୃଷ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ସକାଳ ଘ.୦୭।୨୭ ଗତେ ଘ.୧୦।୦୭ ମଧ୍ୟେ, ଘ. ୦୧।୨୦ ଗତେ ଘ.୦୧।୪୭ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୦୫ମି. ଗତେ ଘ.୦୫।୨୭ ମି. ମଧ୍ୟେ ରାହୁକାଳ।

# ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ସରକାରୀ ସ୍କୁଲ ଶ୍ରେଷ୍ଠ: ମୁଖ୍ୟମନ୍ତ୍ରୀ

## ୫-ଟି ସ୍କୁଲ ରୂପାନ୍ତରଣର ୪ର୍ଥ ପର୍ଯ୍ୟାୟ

### ତୃତୀୟ ଦିବସରେ ୫ ଜିଲାର ୩୬୧ ସ୍କୁଲ ଲୋକାର୍ପିତ

ଭୁବନେଶ୍ୱର,୨୦।୧(ଅନିଲ ଦାସ)

୫-ଟି ସ୍କୁଲ ରୂପାନ୍ତରଣ ଅଭିଯାନର ଚତୁର୍ଥ ପର୍ଯ୍ୟାୟର ତୃତୀୟ ଦିବସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୟୂରଭଞ୍ଜ, ସମ୍ବଲପୁର, ନୂଆପଡ଼ା, ରାୟଗଡ଼ା ଓ ବଲାଙ୍ଗୀର ଆଦି ୫ଟି ଜିଲାର ୩୬୧ଟି ରୂପାନ୍ତରିତ ସ୍କୁଲକୁ ଲୋକାର୍ପିତ କରିଛନ୍ତି। ଏଥିରେ ମୟୂରଭଞ୍ଜ ଜିଲାର ୧୦୫ ହାଇସ୍କୁଲ, ସମ୍ବଲପୁରର ୬୩, ନୂଆପଡ଼ାର ୩୩, ରାୟଗଡ଼ାର ୬୦ ଓ ବଲାଙ୍ଗୀରର ୧୦୦ ହାଇସ୍କୁଲ ଅନ୍ତର୍ଭୁକ୍ତ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ଏବେ ସରକାରୀ ସ୍କୁଲଗୁଡ଼ିକ ଶ୍ରେଷ୍ଠ ମାଧ୍ୟମ ହୋଇଛି। ରୂପାନ୍ତରିତ ସ୍କୁଲର ଠିକ୍ ଉପଯୋଗ କରି ଭଲ ପାଠ ପଢ଼ି ନିଜ ପାଇଁ ଏକ ସୁନ୍ଦର ଭବିଷ୍ୟତ ଗଢ଼ିବା ଲାଗି ମୁଖ୍ୟମନ୍ତ୍ରୀ ପିଲାମାନଙ୍କୁ ପରାମର୍ଶ ଦେଇଛନ୍ତି। ୫-ଟି ଉପକ୍ରମରେ ଏହି ରୂପାନ୍ତର କାର୍ଯ୍ୟକ୍ରମରେ ସ୍କୁଲରେ ସ୍ମାର୍ଟ କ୍ଲାସ୍‌ରୁମ୍, କମ୍ପ୍ୟୁଟର, ଅତ୍ୟାଧୁନିକ ଲାବୋରେଟୋରିର ବ୍ୟବସ୍ଥା କରାଯାଇଛି। ଏହା ହେଉଛି ଟେକ୍ନୋଲୋଜିର ପ୍ରୟୋଗ। ସେହିଭଳି ଟିମ୍‌ୱାର୍କ ଜରିଆରେ ସମସ୍ତେ ମିଳିମିଶି କାମ କରୁଛନ୍ତି। ସମସ୍ତଙ୍କ ସହ ଆଲୋଚନା କରି ସବୁ କାମ ସ୍ୱଚ୍ଛତାର ସହ କରାଯାଉଛି। ସରକାରୀ ସ୍କୁଲର ପିଲାମାନଙ୍କ ପାଇଁ ମେଡିକାଲ ଓ ଇଞ୍ଜିନିୟରିଂ କଲେଜରେ ୧୫ ପ୍ରତିଶତ ସ୍ଥାନ ସଂରକ୍ଷଣ କରାଯାଇଛି। ସରକାରୀ ସ୍କୁଲରେ ପିଲାମାନଙ୍କ ଶିକ୍ଷାଦାନ କ୍ଷେତ୍ରରେ ବହୁ ଉନ୍ନତି ଆସିଛି। ଏବେ ସରକାରୀ ସ୍କୁଲରେ ପାଠ ପଢ଼ିବା ପାଇଁ ପିଲା ଓ ଅଭିଭାବକଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହେଉଛି। ପିଲାମାନଙ୍କୁ ମୁଖ୍ୟମନ୍ତ୍ରୀ କହିଛନ୍ତି, ତୁମ ଜୀବନରେ ୫-ଟି ନୀତିର ପ୍ରୟୋଗ କର। ଏହା ତୁମମାନଙ୍କ ପାଇଁ ସଫଳତା ଆଣିଦେବ। ତୁମେମାନେ ନୂଆ ନୂଆ ବୈଷୟିକ ଜ୍ଞାନକୌଶଳ ବିଷୟରେ ଜାଣିବାକୁ ଚେଷ୍ଟା କର। ମିଳିମିଶି କାମ କର। କ୍ରୀଡ଼ା କ୍ଷେତ୍ରରେ ଟିମ୍ ୱାର୍କର ବିଶେଷ ଭୂମିକା ରହିଛି। ସ୍ୱଚ୍ଛତା ଓ ସାଧୁତା ହେଉଛି ମଣିଷ ଜୀବନର ଶ୍ରେଷ୍ଠ ଗୁଣ। ଜୀବନର ସବୁ କ୍ଷେତ୍ରରେ ସାଧୁତା ଅବଲମ୍ବନ କରିବାକୁ ସେ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଏହି ଅବସରରେ ସମ୍ପୃକ୍ତ ଜିଲାର ବିଧାୟକ, ପଞ୍ଚାୟତ ପ୍ରତିନିଧି, ସ୍କୁଲ ପରିଚାଳନା କମିଟି, ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକମାନଙ୍କୁ ଏହି କାର୍ଯ୍ୟକ୍ରମରେ ସହଯୋଗ ପାଇଁ ଧନ୍ୟବାଦ ଦେଇଛନ୍ତି।

କାର୍ଯ୍ୟକ୍ରମରେ ଯୋଗ ଦେଇ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କହିଛନ୍ତି ଯେ ପ୍ରଥମରୁ ସ୍କୁଲ ରୂପାନ୍ତର ଏକ ସ୍ୱପ୍ନଭଳି ଥିଲା। ବିଧାୟକ, ପଞ୍ଚାୟତ ପ୍ରତିନିଧି, ସ୍କୁଲ ପରିଚାଳନା କମିଟି, ଅଭିଭାବକ ସମସ୍ତଙ୍କ ସହଯୋଗରେ, ଟିମ୍ ୱାର୍କରେ ଏହା ଅଭୂତପୂର୍ବ ସଫଳତା ପାଇଛି ବୋଲି ସେ କହିଛନ୍ତି। ରୂପାନ୍ତରିତ ସ୍କୁଲଗୁଡ଼ିକର ରକ୍ଷଣାବେକ୍ଷଣ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ସେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ଏହି ଅବସରରେ ୫-ଟି ସ୍କୁଲ ରୂପାନ୍ତର ସମ୍ପର୍କରେ ବିଭିନ୍ନ ସ୍ଥାନରେ ଛାତ୍ରୀଛାତ୍ରମାନେ ସେମାନଙ୍କ ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ସମ୍ବଲପୁରର ଦଶମ ଶ୍ରେଣୀ ଦୃଷ୍ଟିବାଧିତ ପୂର୍ଣ୍ଣିମା ଭୁଏ ହେଉଛନ୍ତି ଜିଲା ସରକାରୀ ଭିନ୍ନକ୍ଷମ ବିଦ୍ୟାଳୟର ଛାତ୍ରୀ। ସେ କହିଛନ୍ତି ଆମେ ପାଠପଢ଼ିବା ପାଇଁ ସ୍ମାର୍ଟ କ୍ଲାସ୍‌ରୁମ୍ ସହିତ ସମସ୍ତ ଅତ୍ୟାଧୁନିକ ବ୍ୟବସ୍ଥା କରାଯାଇଛି, ଯାହାକି ଆମ ପାଇଁ ପାଠ ବୁଝିବାକୁ ସହଜ କରିଛି। ଏଥିପାଇଁ ସେ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଦେଇଛନ୍ତି।

କାର୍ଯ୍ୟକ୍ରମରେ ମୟୂରଭଞ୍ଜରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି, ରାୟଗଡ଼ାରେ ଅନୁସୂଚିତ ଜନଜାତି, ଜାତି, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା, ସମ୍ବଲପୁରରେ ବିଧାୟକ ରୋହିତ ପୂଜାରୀ, ନୂଆପଡ଼ାରେ ଏମ୍‌ପି ବସନ୍ତ ପଣ୍ଡା ଓ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଭଗତରାମ ମାଝି ଏବଂ ବଲାଙ୍ଗୀରରେ ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍କୁଲ ଓ ଗଣଶିକ୍ଷା ବିଭାଗର କମିଶନର ତଥା ସଚିବ ଅଶ୍ୱଥୀ ଏସ୍ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଓସେପାର ସ୍ୱତନ୍ତ୍ର ପ୍ରୋଜେକ୍ଟ ଡାଇରେକ୍ଟର ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, ପୂର୍ବରୁ ୩ଟି ପର୍ଯ୍ୟାୟରେ ରାଜ୍ୟରେ ୬୮୮୩ଟି ସ୍କୁଲ ରୂପାନ୍ତରିତ ହୋଇଛି। ଚତୁର୍ଥ ପର୍ଯ୍ୟାୟରେ ସମୁଦାୟ ୧୭୯୪ଟି ରୂପାନ୍ତରିତ ହାଇସ୍କୁଲ ଲୋକାର୍ପିତ ହେବ। ଏହି ପର୍ଯ୍ୟାୟ ସମ୍ପୂର୍ଣ୍ଣ ହେବା ପରେ ରାଜ୍ୟରେ ସମୁଦାୟ ୮୬୭୭ଟି ସ୍କୁଲ ରୂପାନ୍ତରିତ ହେବ।

# ପୂର୍ବତନ ଏମ୍‌ପି ଅନାଦି ସାହୁଙ୍କ ପରଲୋକ

କଟକ,୨୦।୧ (କାର୍ତ୍ତିକ ସାହୁ)



ପୂର୍ବତନ ଏମ୍‌ପି, ଅବସରପ୍ରାପ୍ତ ପୋଲିସ ଆଇଜି ତଥା ବିଶିଷ୍ଟ ସାହିତ୍ୟିକ ଅନାଦି ସାହୁ(୮୪)ଙ୍କର କଟକ ସିଡିଏ ସେକ୍ଟର-୬ସ୍ଥିତ ବାସଭବନରେ ଶନିବାର ସକାଳେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ୩ ଝିଅ ସୁଜାତା, ସୁଚେତା, ଶ୍ରଦ୍ଧା, ଜାମାତା ବୈକୁଣ୍ଠନାଥ ମହାପାତ୍ର, ଶକ୍ତି ପାଢ଼ୀଙ୍କ ସମେତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ସତୀଚୌରା ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ ଝିଅ ସୁଜାତା ପ୍ରିୟଦର୍ଶିନୀ ମୁଖାଗ୍ନି ଦେଇଥିଲେ।

ଗଞ୍ଜାମ ଜିଲା ବଡ଼ଖେମୁଣ୍ଡି ଅନ୍ତର୍ଗତ ଖଇରପଙ୍କ ଗ୍ରାମରେ ୧୯୪୦ ଜୁଲାଇ ୧ ତାରିଖରେ ଅନାଦି ଜନ୍ମଗ୍ରହଣ କରିଥିଲେ। ଛାତ୍ର ଜୀବନରୁ ସାରସ୍ୱତ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିଥିଲେ। ପୋଲିସ ଚାକିରିରୁ ନିଜର କର୍ମମୟ ଜୀବନ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ଜଣେ ଦକ୍ଷ ପୋଲିସ ଅଧିକାରୀ ଭାବେ ସେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ହେବା ସହ ବିଭିନ୍ନ ସମୟରେ ପୋଲିସ ସେବାର ବହୁ ମେଡାଲ ମଧ୍ୟ ପାଇଛନ୍ତି। ଓଡ଼ିଆ ସାହିତ୍ୟର ଜଣେ ସୁନାମଧନ୍ୟ ଲେଖକ ଭାବେ ମଧ୍ୟ ସେ ନିଜକୁ ପ୍ରତିଷ୍ଠିତ କରିପାରିଥିଲେ। ସାରସ୍ୱତ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱର ସ୍ୱାକ୍ଷର ଭାବେ ତାଙ୍କର ଛିନ୍ନନାଗ ଉପନ୍ୟାସ ପାଇଁ ୧୯୯୮ରେ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ। ୧୯୯୨ରୁ ୧୯୯୫ ପର୍ଯ୍ୟନ୍ତ ଉତ୍କଳ ସାହିତ୍ୟ ସମାଜର ସଭାପତି ଦାୟିତ୍ୱ ନିର୍ବାହ କରିଥିଲେ। ଏଥିସହ କଳାବିକାଶ କେନ୍ଦ୍ର, ହାସ୍ୟ ବିକାଶ କେନ୍ଦ୍ରର ସଭାପତି ମଧ୍ୟ ହୋଇଥିଲେ। ପୋଲିସ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେବା ପରେ ସେ କଂଗ୍ରେସରେ ଯୋଗଦେଇ ପ୍ରତ୍ୟକ୍ଷ ରାଜନୀତିରେ ସାମିଲ ହୋଇଥିଲେ। ୧୯୯୬ରେ ପ୍ରଥମେ କଟକ ଲୋକ ସଭା ଆସନରୁ ଲଢ଼ି ବିଜୁ ପଟ୍ଟନାୟକଙ୍କଠାରୁ ପରାଜିତ ହୋଇଥିଲେ। ମାତ୍ର ଅନୁଷ୍ଠିତ ଉପନିର୍ବାଚନରେ ଭର୍ତ୍ତୃହରି ମହତାବଙ୍କୁ ପରାସ୍ତ କରି କଟକ ଏମ୍‌ପି ହୋଇଥିଲେ। ପରବର୍ତ୍ତୀ ସମୟରେ ଭାଜପାରେ ଯୋଗଦେଇ ୧୯୯୯ରେ ସେ ବ୍ରହ୍ମପୁର ଲୋକସଭା ଆସନରୁ ଏମ୍‌ପି ଭାବେ ନିର୍ବାଚିତ ହୋଇଥିଲେ।

ଏମ୍‌ପି ଭର୍ତ୍ତୃହରି ମହତାବ, ବିଧାୟକ ମହମ୍ମଦ ମୋକିମ, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଅବସରପ୍ରାପ୍ତ ବରିଷ୍ଠ ପୋଲିସ ଅଧିକାରୀ କୁଳମଣି ଦେଓ, ପୂର୍ବତନ ବରିଷ୍ଠ ପୋଲିସ ଅଧିକାରୀ ଡ. ସତ୍ୟଜିତ୍ ମହାନ୍ତି, କଟକ ନଗର ଭାଜପା ସଭାପତି ଲଲାଟେନ୍ଦୁ ବସ୍ତୁ, ଡ. ସତ୍ୟ ରାୟ, ପ୍ରଫେସର ବିଜୟାନନ୍ଦ ସିଂହ, ରଘୁନାଥ ମହାପାତ୍ର ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

# ପରିକ୍ରମା ମାର୍ଗରେ ପ୍ରଦକ୍ଷିଣ କଲେ ୫-ଟି ଅଧ୍ୟକ୍ଷ



୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ପରିକ୍ରମା ମାର୍ଗରେ ଶ୍ରୀମନ୍ଦିର ଚତୁପାର୍ଶ୍ୱ ପ୍ରଦକ୍ଷିଣ କରୁଛନ୍ତି।

ପୁରୀ, ୨୦।୧(ଅଜିତ୍ ମହାନ୍ତି)

ବହୁ ପ୍ରତୀକ୍ଷିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଗତ ୧୭ ତାରିଖରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପରିକ୍ରମା ପ୍ରକଳ୍ପକୁ ଲୋକାର୍ପଣ କରିବା ପରେ ଭକ୍ତମାନଙ୍କ ନିମନ୍ତେ ପରିକ୍ରମା ମାର୍ଗକୁ ଉନ୍ମୁକ୍ତ କରାଯାଇଛି। ଫଳରେ ଭକ୍ତମାନେ ଅତି ଆନନ୍ଦରେ ମହାପ୍ରଭୁଙ୍କ ଦର୍ଶନ କରିବା ସହିତ ପରିକ୍ରମା ମାର୍ଗରେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ପ୍ରଦକ୍ଷିଣ କରି ଆତ୍ମସନ୍ତୋଷ ଲାଭ କରୁଛନ୍ତି। ପରିକ୍ରମା ପ୍ରକଳ୍ପର ମୁଖ୍ୟ ବିଧାଣି କୁହାଯାଉଥିବା ୫-ଟି ତଥା ନବୀନ ଓଡ଼ିଶାର ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଶନିବାର ପ୍ରତ୍ୟୁଷରେ ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରିବା ସହ ପରିକ୍ରମା ମାର୍ଗରେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ପ୍ରଦକ୍ଷିଣ କରିଛନ୍ତି।

ଶ୍ରୀମନ୍ଦିର ଚାରିପଟେ ଶ୍ରଦ୍ଧାଳୁଙ୍କ ପାଇଁ ପରିକ୍ରମା ପ୍ରକଳ୍ପ ରାଜ୍ୟ ସରକାରଙ୍କ ଏକ ବୃହତ୍ କାର୍ଯ୍ୟ ହୋଇଥିବା ବେଳେ ଏଥିରେ ବିଭିନ୍ନ ବ୍ୟବସ୍ଥା କରାଯାଇଛି। ଶନିବାର ୫-ଟି ଅଧ୍ୟକ୍ଷ ପାଣ୍ଡିଆନ ପ୍ରଥମେ ପରିକ୍ରମା ମାର୍ଗରେ ଶ୍ରୀମନ୍ଦିର ପ୍ରଦକ୍ଷିଣ କରିଥିଲେ। ସେ ୯ଥର ଶ୍ରୀମନ୍ଦିର ଚାରିପଟେ ଚାଲି ଚାଲି ପ୍ରଦକ୍ଷିଣ କରିବା ପରେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରି ଆଶିଷ ଭିକ୍ଷା କରିଥିଲେ। ଏହି ଅବସରରେ ତାଙ୍କ ସାଥିରେ ତାଙ୍କ ସହଧର୍ମିଣୀ ତଥା ବରିଷ୍ଠ ଆଇଏସ୍ ଅଧିକାରୀ ସୁଜାତା ପାଣ୍ଡିଆନ ଉପସ୍ଥିତ ଥିଲେ।

# ଧାମରା ମୋବିଲ ଡିପୋରେ ନିଆଁ

ଚାନ୍ଦବାଲି,୨୦।୧(କିଷାନ ପାତ୍ର)

ଭଦ୍ରକ ଜିଲା ଧାମରା ନିକଟସ୍ଥ ନରସିଂହପ୍ରସାଦଠାରେ ଏକ ମୋବିଲ ଡିପୋରେ ଶନିବାର ପୂର୍ବାହ୍ନ ୧୧ଟା ବେଳେ ନିଆଁ ଲାଗିଯାଇଥିଲା। ନିଆଁ ଲାଗିବାର ପ୍ରାୟ ୨୫ ମିନିଟ୍ ପରେ ଧାମରା ଏବଂ ଧାମରା ବନ୍ଦର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇପାରି ନ ଥିଲେ। ଧାମରା ବନ୍ଦରରୁ ଆଉ ଗୋଟିଏ ଗାଡ଼ି ଆସିବା ପରେ ଅଗ୍ନି ନିର୍ବାପକ କାର୍ବୋନ ଡାଇ ଅକ୍ସାଇଡ୍‌ର ପ୍ରୟୋଗ କରାଯାଇଥିଲା। ୩୦ରୁ ଅଧିକ ଅଗ୍ନିଶମ କର୍ମଚାରୀ ଅକ୍ଳାନ୍ତ ପରିଶ୍ରମ କରି ଦିନ ୧ଟା ପରେ ନିଆଁ ଆୟତ୍ତ କରିବାକୁ ସକ୍ଷମ ହୋଇଥିଲେ। ନିଆଁର ପ୍ରକୋପ ଏତେ ତୀବ୍ର ଥିଲା ଯେ ସ୍ଥାନୀୟ ଲୋକେ ଭୟଭୀତ ହେବା ସହ ସେହି ଅଞ୍ଚଳକୁ ଅଗ୍ନିଶମ ବାହିନୀର କର୍ମଚାରୀ ଯିବାକୁ ଅସୁରକ୍ଷିତ ମଣିଥିଲେ। ଏଠାରେ ଏକ ଜନବସତିପୂର୍ଣ୍ଣ ସ୍ଥାନରେ ଏହି ପେଟ୍ରୋଲିୟମ ପ୍ରଡକ୍ଟ ଯଥା ଜାହାଜରୁ ବାହାରୁଥିବା ପୋଡ଼ା ମୋବିଲ ପୋଖରୀ ଖୋଳି ରଖିବାକୁ କିଏ ଅନୁମତି ଦେଲା ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଏହି ଅଗ୍ନିକାଣ୍ଡରେ ଡିପୋ ନିକଟସ୍ଥ ରବୀନ୍ଦ୍ର ଦାସ ଏବଂ ସପନ ଦାସଙ୍କ ପରିବାର ମଧ୍ୟ କ୍ଷତିଗ୍ରସ୍ତ ହୋଇଛନ୍ତି। ସେମାନଙ୍କ ଘର ପାଖରେ ଥିବା କିଛି ସାମଗ୍ରୀ ଜଳିଯାଇଛି। ତେବେ ନିଆଁ ଲାଗିବାର କାରଣ ଜଣାପଡ଼ି ନାହିଁ।

**THE KOSALA SCHOOL**
An English Medium Residential Public School
(CBSE Affiliation No.1530003) Estd.- 1979, Mob. 7682032632
NUA-KHAIRPALI, P.O.- LARASARA, DIST.- BARGARH- 768027 (ODISHA)
Email- thekosalaschool1979@gmail.com
Mob- 6371537828 / 6371532877 / 6370708544/ 9777706828 / 8598003451

**KOSALA ENTRANCE TEST 2024-2025**

* Admissions open for classes UKG to Std- IX for Boarders. Very few seats are available from LKG to Std-VIII for Day Scholars.
* Admissions also open for Class-XI in June (We have applied for affiliation)
* Interested candidates are to appear Entrance Test in English, Mathematics, and General Knowledge.
  Entrance Test for **Day Scholars:-** **03/03/2024**
  Entrance Test for **Boarders:-** **10/03/2024**
* The date of Entrance Test for XI will be declared later.
* Candidates qualified in Entrance Test will get admission strictly on merit basis.
* Enquiry time over phone - 09.00am to 1.00pm on all working days.
* Entrance test timings - 10.30am to 12.30pm, Reporting Time- 09.00am
* Selling of Admission Forms will start from **26th January 2024** onwards.

Sd./- (Principal)

# ୩ୟ ଦିନରେ କୋଇଲା ବ୍ୟବସାୟୀଙ୍କ ପ୍ରତିଷ୍ଠାନରେ ଚଢ଼ାଉ ଜାରି

ସୁନ୍ଦରଗଡ଼,୨୦।୧ (ଜୟ ନାରାୟଣ ମେଣ୍ଡୁଲି)

ଜଣାଶୁଣା କୋଇଲା ବ୍ୟବସାୟୀ ତଥା ଶିଳ୍ପପତି ଘନଶ୍ୟାମ ଓରଫ ବଣ୍ଟି ଡାଲମିଆଙ୍କ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ଉପରେ କେନ୍ଦ୍ରୀୟ ଆୟକର ବିଭାଗ ପକ୍ଷରୁ ଚାଲିଥିବା ଚଢ଼ାଉ ଶନିବାର ୩ୟ ଦିନରେ ପହଞ୍ଚିଛି। ଡାଲମିଆଙ୍କ ସୁନ୍ଦରଗଡ ଜିଲା ହେମଗିର ବ୍ଲକସ୍ଥିତ ଗୋପିଳପୁର ବାସଭବନ, ବିଲେଇ ମୁଣ୍ଡା, ବସୁନ୍ଧରା ସ୍ଥିତ ଅଫିସ, ରାଉରକେଲାର ଉଦିତନଗର, ରାଜଗାଙ୍ଗପୁର, ଛତିଶଗଡ଼, ରାୟଗଡ, ବିଳାସପୁର, ମୁମ୍ବାଇ, ମଧ୍ୟପ୍ରଦେଶ ଆଦି ସ୍ଥାନରେ ଥିବା ତାଙ୍କର ଶିଳ୍ପାନୁଷ୍ଠାନ, ହୋଟେଲ ବ୍ୟବସାୟ ଉପରେ ଏହି ଚଢ଼ାଉ ଚାଲିଛି। ହେଲେ ସେ କେତେ ପରିମାଣର ଆୟକର ଫାଙ୍କିଛନ୍ତି ଚଢ଼ାଉ ପରେ ଆକଳନ ହେବ ବୋଲି କୁହାଯାଇଛି। ହେଲେ ଏ ନେଇ ଆୟକର ବିଭାଗର କୌଣସି ଅଧିକାରୀ ମୁହଁ ଖୋଲି ନାହାନ୍ତି। ୩କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଓ ସୁନା ଆଦି ବିଭାଗ ଜବତ କରିଥିବା ଅସମର୍ଥିତ ସୂତ୍ରରୁ ଜଣାପଡିଛି।

# ଡ୍ୟାମ୍ ପାଇଁ ସର୍ଭେ: ଆନ୍ଧ୍ରର ଜାଗା ଚିହ୍ନଟକୁ ବିରୋଧ

ପଟ୍ଟାଙ୍ଗି,୨୦।୧(ଶରତ ଧଳ)



ଟୋଟାଲପାଡୁଗ୍ରାମ ପରିଦର୍ଶନରେ ଯାଇଥିବା ମାଳିପର୍ବତ ସୁରକ୍ଷା ସମିତିର ପ୍ରତିନିଧିମାନେ।

ଓଡ଼ିଶାର ସୀମାନ୍ତ ଗ୍ରାମଗୁଡ଼ିକରେ ପଡୋଶୀ ଆନ୍ଧ୍ର ବାରମ୍ବାର ଅନୁପ୍ରବେଶ କରି ବିଶୃଙ୍ଖଳା ସୃଷ୍ଟି କରୁଥିଲେ ମଧ୍ୟ ଏଥିରେ ଓଡ଼ିଶାର ପ୍ରଶାସନିକ ଅଧିକାରୀଙ୍କ ଆନ୍ତରିକତା ଅଭାବ ଦେଖିବାକୁ ମିଳୁଛି। ଫଳରେ ଆନ୍ଧ୍ର ଅଧିକାଂଶ ସମୟ ସୀମାନ୍ତ ଗ୍ରାମ ଉପରେ ନିଜ ସ୍ଥିତି ଜାହିର କରିବାକୁ ଉଦ୍ୟମ କରୁଥିବା ସୀମାନ୍ତ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଶନିବାର ଡ୍ୟାମ୍ ନିର୍ମାଣ ଲାଗି ଆନ୍ଧ୍ର ଅଧିକାରୀମାନେ ସର୍ଭେ କରି ଜାଗା ଚିହ୍ନଟ କରୁଥିବା ନଜରକୁ ଆସିବା ପରେ ସୀମାନ୍ତବାସୀ କଡା ବିରୋଧ କରିଛନ୍ତି। କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ସୁଙ୍କି ପଞ୍ଚାୟତର ଟୋଟାଲପାଡୁଗ୍ରାମରେ ଏପରି ଦେଖିବାକୁ ମିଳିଛି।

ଖବରରୁ ଜଣାପଡିଛି, ସୁଙ୍କି ଓ ରାଲେଗଡା ଦୁଇ ପଞ୍ଚାୟତ ଅଧୀନରେ ୧୪ ଗ୍ରାମ ସୁଙ୍କି, ରଇତାୱାଲସା, କୋପମାଉଡି, ଗନ୍ଧିୱାଲସା, ମାଦିଗୁଣ୍ଡଲାମ, ୱାଲଗାଁ, ମୁଙ୍ଗାରଗୁମି, ସାଙ୍ଗମଗୁଡେ, ଟୋଟାଲପାଡୁ, ଅଣ୍ଡାଙ୍ଗିଗରୁଙ୍ଗଗୁଡେ ଗ୍ରାମ ଓ ରାଲେଗଡା ପଞ୍ଚାୟତର ବାଟିୱାଲସା, ଚିଟାମପାଡୁ, ଟାଙ୍ଗିଣି ଓ ମାଡାୱାଲସା ଆଦି ଗ୍ରାମ ରହିଛି। ଏହି ଗ୍ରାମଗୁଡିକ ଦେଇ ଯାଇଥିବା ପାହାଡି ନଦୀ ଉପରେ ସମସ୍ତ ଗ୍ରାମବାସୀ ନିର୍ଭର କରି ଆସୁଛନ୍ତି। ତେବେ ଟୋଟାଲପାଡୁ ଓ ମୁଙ୍ଗାରଗୁମି ଦୁଇ ଗ୍ରାମର ମଧ୍ୟ ସ୍ଥାନରେ ଆନ୍ଧ୍ର ଜଳ ସଂରକ୍ଷଣ କରି ବନ୍ଧ ନିର୍ମାଣ କାର୍ଯ୍ୟ କରିବା ଲାଗି ସର୍ଭେ ଆରମ୍ଭ କରିଥିବା ସମ୍ପର୍କିତ ଖବର ୨୦୨୩ ଅକ୍ଟୋବର ୯ ଧରିତ୍ରୀରେ ପ୍ରକାଶ ପାଇଥିଲା। ଏହାକୁ ନେଇ ସେତେବେଳେ ଓଡ଼ିଶା ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ତତ୍ପରତା ପ୍ରକାଶ ପାଇଥିଲେ ମଧ୍ୟ ସେପରି କୌଣସି ଆଖିଦୃଷ୍ଟିଆ ପଦକ୍ଷେପ ଗ୍ରହଣ କରା ନ ଯିବାରୁ ପୁଣି ଆନ୍ଧ୍ର ଉପରୋକ୍ତ ଅଞ୍ଚଳରେ ଅନୁପ୍ରବେଶ କରି ବିଭିନ୍ନ ଦିଗକୁ ନେଇ ସର୍ଭେ ସହ ଫଟୋ ଉଠାଉଥିବା ଜଣାପଡିଛି। ଏହା ଜଣାପଡିବା ପରେ ଟୋଟାଲପାଡୁ ଗ୍ରାମରେ ୧୪ଟି ଗ୍ରାମର ଗ୍ରାମବାସୀ ଏକାଠି ହୋଇ ଆନ୍ଧ୍ରର ଏତାଦୃଶ୍ୟ କାର୍ଯ୍ୟର ତୀବ୍ର ବିରୋଧ କରିଥିଲେ। ଏହା ଉପରେ ଯଦି ଓଡିଶା ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରା ନ ଯାଏ ତା'ହେଲେ ଆଗାମୀ ଦିନରେ ଏନେଇ ଆନ୍ଦୋଳନ କରାଯିବ। ସବୁ ଗ୍ରାମର ଗ୍ରାମବାସୀ ମିଳିତଭାବେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ସୀମାନ୍ତ ଗ୍ରାମବାସୀ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଓଡିଶା ସରକାରଙ୍କ ପ୍ରଶାସନିକ ଅଧିକାରୀମାନଙ୍କ ଉଦାସୀନତାକୁ ନିନ୍ଦା କରି ମାଳିପର୍ବତ ସୁରକ୍ଷା ସମିତିର ଏକ ପ୍ରତିନିଧି ଦଳ ନିରନ ଖିଲ, ମାଗୁଡୁ ଜାନି, ସାମାଜିକ କର୍ମୀ ଦାସି ନନ୍ଦିବାଲି, ଭକ୍ତ ପଟ୍ଟନାୟକ ଏବଂ ଚୈତନ୍ୟ ନନ୍ଦିବାଲି ପ୍ରମୁଖ ସମ୍ପୃକ୍ତ ଗ୍ରାମରେ ପହଞ୍ଚି ଗ୍ରାମବାସୀଙ୍କ ସମସ୍ୟା ଅନୁଧ୍ୟାନ କରି ଫେରିଛନ୍ତି। ଏ ଦିଗରେ ରାଜ୍ୟ ସରକାର ଦୃଷ୍ଟି ଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ବିଡିଓ ସୁକାନ୍ତ କୁମାର ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଲେ, ଆନ୍ଧ୍ରର ଏପରି କାର୍ଯ୍ୟକୁ ଗ୍ରାମବାସୀ ବିରୋଧ କରିବା ସ୍ୱାଗତଯୋଗ୍ୟ ପଦକ୍ଷେପ। ଆମେ ପ୍ରଶାସନ ପକ୍ଷରୁ ଗ୍ରାମବାସୀଙ୍କୁ ସହଯୋଗ କରିବୁ। ଆନ୍ଧ୍ର କରୁଥିବା ସର୍ଭେକୁ ବିରୋଧ କରାଯିବ। ଆମ ସୀମାନ୍ତ ଅଞ୍ଚଳରେ ସମ୍ପୃକ୍ତ ରାଜ୍ୟ ଯେପରି କୌଣସି ପକଳ୍ପ ନ କରିବ ସେନେଇ ପ୍ରଶାସନ ପଦକ୍ଷେପ ନେବ ବୋଲି ବିଡିଓ ପଟ୍ଟନାୟକ କହିଛନ୍ତି।

EK BHARAT SHRESHTHA BHARAT
शिक्षा मंत्रालय MINISTRY OF EDUCATION Government of India
nbt.india
ଆୟୋଜକ
ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ
ଶିକ୍ଷା ମନ୍ତ୍ରଣାଳୟ, ଭାରତ ସରକାର
ସହଯୋଗ
ସୋସାଇଟି ଫର ଏଜୁକେସନ, ଟ୍ରାଡିସନ ଆଣ୍ଡ ୟୁନିଟି (ସେତୁ), ସମ୍ବଲପୁର

ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ
(ଶିକ୍ଷା ମନ୍ତ୍ରଣାଳୟ, ଭାରତ ସରକାର)
ଆପଣଙ୍କୁ ଆମନ୍ତ୍ରଣ ଜଣାଉଛି

ସମ୍ବଲପୁର
ପୁସ୍ତକ ମେଳା
21-29 ଜାନୁଆରୀ 2024

ଉଦ୍‌ଘାଟନ
21 ଜାନୁଆରୀ 2024
ସମୟ : ଅପରାହ୍ନ ୪ଟା



“ଦେଶବାସୀଙ୍କ ପଠନପ୍ରୀତି
ଦେଶରେ ଆଣେ ଅଗ୍ରଗତି।”
ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଆସନ୍ତୁ ଓ ବହି-ଜଗତର ଆନନ୍ଦ ନିଅନ୍ତୁ!

ପିଏଚ୍‌ଡି ପଡ଼ିଆ (ବିର୍ସା ମୁଣ୍ଡା ମୈଦାନ), ଅଇଁଠାପାଲି, ସମ୍ବଲପୁର
PHD GROUND (BIRSA MUNDA MAIDAN), AINTHAPALI, SAMBALPUR

ପ୍ରତିଦିନ ମଧ୍ୟାହ୍ନ ୧୨ଟା ଠାରୁ ରାତ୍ର ୯ଟା ପର୍ଯ୍ୟନ୍ତ | Daily 12:00 noon to 9:00 pm

CBC 21103/15/0058/2324

ମଣିଷ କେବେ ବି ନିଜ ପ୍ରଚେଷ୍ଟାରେ ନିଜକୁ ମଣିଷଠାରୁ ଅଧିକ କିଛି କରିପାରିବ ନାହିଁ। ମାନେ, ଦିବ୍ୟ ମଣିଷ କରିପାରିବ ନାହିଁ। .. ମଣିଷର ପ୍ରକୃତି ଭିତରକୁ ଦିବ୍ୟ ପ୍ରକୃତି ଅବତରଣ କଲା ପରେ ଇ ମଣିଷର ଆଧାର ଦିବ୍ୟଗୁଣ ସମ୍ପନ୍ନ ହୋଇଥାଏ। -ଶ୍ରୀଅରବିନ୍ଦ

-ପୁତ୍ରଦା ଏକାଦଶୀ, ରବିନାରାୟଣ ବ୍ରତ



# ନିଷେଧାଦେଶ ଓ ମାନବ ବିକାଶ



ଆକାର ପଟେଲ

ମୁଁ ଗୁଜରାଟରୁ ଏହା ଲେଖୁଛି, ଯେଉଁଠାରେ ରାଜ୍ୟର ଗୋଟିଏ ଭାଗରେ ସରକାର ମଦ୍ୟପାନ ପ୍ରତିବନ୍ଧକକୁ ହଟାଇବାକୁ ନିଷ୍ପତ୍ତି ନେଇଛନ୍ତି। ବିଶ୍ୱର ଆର୍ଥିକ ପ୍ରତିଷ୍ଠାନଗୁଡ଼ିକୁ ଆକର୍ଷିତ କରିବା ପାଇଁ ଏହା କରାଯାଇଥିବା ଏକ ନ୍ୟୁଜ୍ ରିପୋର୍ଟରେ ଦର୍ଶାଯାଇଛି ଏବଂ ଏଥିପାଇଁ ରାଜ୍ୟ ରାଜଧାନୀ ଗାନ୍ଧୀନଗର ନିକଟ ଗୁଜରାଟ ଇଣ୍ଟରନ୍ୟାଶନାଲ ଫାଇନାନ୍ସ ଟେକ୍-ସିଟି (ଜିଆଇଏଫ୍ଟି)ରେ ହୋଟେଲ / ରେଷ୍ଟୁରାଣ୍ଟ / କ୍ଲବରେ ମଦ୍ୟପାନକୁ ଅନୁମତି ଦିଆଯିବ। ଏହି ରିପୋର୍ଟରେ ମଧ୍ୟ କୁହାଯାଇଛି ଯେ ଏହା କେବଳ ଜିଆଇଏଫ୍ଟି ସିଟିରେ କାର୍ଯ୍ୟ କରୁଥିବା ଅଧିକାରୀ, କର୍ମଚାରୀ ଏବଂ ମାଲିକଙ୍କ ପାଇଁ ଉପଲବ୍ଧ ହେବ। ତେବେ ଯେଉଁମାନେ ସାରା ରାଜ୍ୟରେ ମଦ୍ୟପାନକୁ ବେଆଇନ କରିଛନ୍ତି, ସେମାନେ ନିଷେଧାଦେଶରୁ ମୁକ୍ତ ରହିବେ। ସାମ୍ବିଧାନିକ ଦୃଷ୍ଟିକୋଣରୁ ଭାରତରେ ଆଇନରେ ନିଷେଧାଦେଶର ଉତ୍ପତ୍ତିକୁ ଦେଖିଲେ କୌତୂହଳପ୍ରଦ ମନେହୁଏ। ସମାଜ ବିଜ୍ଞାନୀ ଏମ୍.ଏନ୍. ଶ୍ରୀନିବାସ ଲେଖିଛନ୍ତି, ହିନ୍ଦୁ ଧର୍ମୀୟ ରୀତିନୀତିରେ ମଦ୍ୟପାନ ଏବଂ ମାଦକଦ୍ରବ୍ୟର ବ୍ୟବହାର ବେଶ୍ ଜଣାଶୁଣା ଏବଂ ଆଦିବାସୀ ସଂସ୍କୃତିରେ ଏହା ଏକ ଅଂଶବିଶେଷ। ତେବେ ଆନୁଷ୍ଠାନିକ ଧର୍ମୀୟ ରୀତିନୀତିରେ କୌଣସି ମଦ୍ୟପାନ ନାହିଁ। ଏକ ରୀତିନୀତିରେ 'ସୋମ' ମାଦକଦ୍ରବ୍ୟ ଖାଇବାର ବିଚାରକୁ ବହୁ ପୂର୍ବରୁ ବାଦ୍ ଦିଆଯାଇଥିଲା ଏବଂ ଏହାକୁ ନିଷେଧ କରାଯାଇଥିଲା। ସାମ୍ବିଧାନିକ ସଭାରେ ଦାବି କରାଯାଇଥିଲା(ବି.ଜି.ଖେର୍‌ଙ୍କ ଦ୍ୱାରା) ଯେ, ୫ଟି ଗମ୍ଭୀର ପାପ ମଧ୍ୟରୁ ମଦ୍ୟପାନ ଗୋଟିଏ ବୋଲି ଶାସ୍ତ୍ରଗୁଡ଼ିକରେ ଉଲ୍ଲେଖ ରହିଛି। କେବଳ ହିନ୍ଦୁ କିମ୍ବା ମୁସଲମାନ ନୁହନ୍ତି, ଖ୍ରୀଷ୍ଟିଆନମାନେ ମଧ୍ୟ ମଦ୍ୟପାନକୁ ପାପ ବୋଲି ବିଚାର କରିଥାନ୍ତି। ଯେତେବେଳେ ଅନ୍ୟ ସଦସ୍ୟମାନେ କହିଥିଲେ ମଦ୍ୟପାନ ଆଦିବାସୀ ସଂସ୍କୃତି ଓ ରୀତିନୀତିର ଏକ ଅଂଶ, ସେତେବେଳେ ଭି.ଆଇ. ମୁନିସ୍ୱାମୀ ପିଲ୍ଲାଇ ଦାବି କରିଥିଲେ ଯେ ଆଦିବାସୀମାନଙ୍କ ସମାରୋହ ସମୟରେ ମଦ, ଟୋଡି, ବ୍ରାଣ୍ଡି କିମ୍ବା ସେପରି କିଛି ଜିନିଷ ପ୍ରଚଳନ ନାହିଁ। ସେ କହିଥିଲେ, ବ୍ରିଟିଶମାନଙ୍କଠାରୁ ଆଦିବାସୀମାନଙ୍କ ନିକଟକୁ ମଦ୍ୟପାନ ଆସିଥିଲା ଓ ସେମାନଙ୍କ ଅଭ୍ୟାସରେ ରହିଯାଇଥିଲା। କୋହ୍ଲାପୁର ସ୍ୱାଧୀନ ସାଂସଦ ବି.ଏଚ୍.ଖାର୍‌ଡେକର ହିନ୍ଦୁ ରଢ଼ିବାଦୀଙ୍କ ପ୍ରତି ଏକ ସାହସିକ ପ୍ରତିକ୍ରିୟା ରଖିଥିଲେ। ସେ କହିଥିଲେ, ନିଷେଧାଦେଶ ସପକ୍ଷରେ ରଖାଯାଇଥିବା ଯୁକ୍ତିଗୁଡ଼ିକର ସତ୍ୟତା ନାହିଁ। ପ୍ରଥମ ଯୁକ୍ତି ଥିଲା, ୧୯୨୦ରୁ ୧୯୩୩ ମଧ୍ୟରେ ଆମେରିକୀୟମାନେ ଏହାକୁ ଲାଗୁ କରିଥିଲେ ଓ ଏହା ତ୍ରୁଟିପୂର୍ଣ୍ଣ ଥିବାରୁ ସେମାନେ ଏହାକୁ ଗୁରୁତ୍ୱ ଦେଇ ନ ଥିଲେ। ଦ୍ୱିତୀୟରେ କଂଗ୍ରେସ ପାର୍ଟି ଏହା କରିବାକୁ ପ୍ରତିଶ୍ରୁତି ଦେଇଥିଲା ଏବଂ ସେଥିରେ କିଛି ଗୁରୁତ୍ୱ ନ ଥିଲା। କାରଣ ସ୍ୱାଧୀନତା ପରେ କଂଗ୍ରେସ କେବଳ ଗୋଟିଏ ରାଜନୈତିକ ଦଳ ଥିଲା ଏବଂ ଦେଶର ପ୍ରତିନିଧିତ୍ୱ କରି ନ ଥିଲା। ତୃତୀୟରେ ପାର୍ସୀ ଏବଂ ଖ୍ରୀଷ୍ଟିଆନମାନେ ମଧ୍ୟ ନିଷେଧାଦେଶ ସପକ୍ଷରେ ଅଛନ୍ତି ବୋଲି ଦାବି ହୋଇଥିଲା ଓ ତାହା ମଧ୍ୟ ମିଥ୍ୟା ଥିଲା। ଶେଷରେ ଗାନ୍ଧିଜୀ ଏହା ସପକ୍ଷରେ ଥିଲେ। ଏହାର ଗୁରୁତ୍ୱ କିଛି ରହିଲା ନାହିଁ କାରଣ ଗାନ୍ଧୀ ମଧ୍ୟ ବାଧ୍ୟବାଧକତାର ବିରୋଧୀ ଥିଲେ।

ରାଷ୍ଟ୍ର ନିର୍ମାଣରେ ବ୍ୟବହାର କରାଯାଇପାରୁଥିବା ଅବକାରୀ ରାଜସ୍ୱ ବିଷୟରେ ମଧ୍ୟ ଖାର୍‌ଡେକର କହିଥିଲେ। ସେ ଆଧୁନିକ ରାଷ୍ଟ୍ରରେ ଅର୍ଥନୀତିଜ୍ଞ ହାରୋଲ୍ଡ ଲାସ୍କିଙ୍କ ଲିଖିତ 'ଲିବର୍ଟି ଇନ୍ ଦି ମର୍ଡନ ଷ୍ଟେଟ୍' ପୁସ୍ତକର ଏକ ଉକ୍ତିକୁ ଦର୍ଶାଇଥିଲେ। ସେଥିରେ ଲାସ୍କି କହିଛନ୍ତି, ବ୍ୟକ୍ତିଗତ ସ୍ୱାଧୀନତାକୁ ନିଷେଧାଦେଶ ଉଲ୍ଲଂଘନ କରେ। ଏହା ଥିଲା ବିତର୍କରେ ତାଙ୍କର ସବୁଠାରୁ ଗଠନମୂଳକ ଏବଂ ବାସ୍ତବ ହସ୍ତକ୍ଷେପ। କିନ୍ତୁ ତାଙ୍କର ପ୍ରମୁଖ ଯୁକ୍ତିଗୁଡ଼ିକ ଖାରଜ ହୋଇଯାଇଥିଲା। ଖାର୍‌ଡେକରଙ୍କ ବ୍ୟତୀତ ଅନ୍ୟ କୌଣସି ସମର୍ଥନର ଅଭାବ ଏବଂ ନୈତିକ ଆଧାରରେ ଏହାକୁ ଆଗକୁ ବଢ଼ାଇବାକୁ କଂଗ୍ରେସର ଇଚ୍ଛା ଥିବାରୁ ସଂଶୋଧନକୁ ଗ୍ରହଣ କରାଯାଇଥିଲା। ଧାରା ୪୭ରେ ଉଲ୍ଲେଖ ଅଛି ଯେ, ପୁଷ୍ଟିକର ସ୍ତର ଏବଂ ଲୋକମାନଙ୍କର ଜୀବନଧାରଣ ମାନ ବୃଦ୍ଧି ତଥା ଜନସ୍ୱାସ୍ଥ୍ୟର ଉନ୍ନତିକୁ ପ୍ରାଥମିକ କର୍ତ୍ତବ୍ୟଗୁଡ଼ିକ ଭାବେ ଦେଶ ଗ୍ରହଣ କରିବ ଏବଂ ବିଶେଷ ଭାବରେ ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ ମାଦକ ପାନୀୟ ଏବଂ ଦ୍ରବ୍ୟର ଔଷଧୀୟ ଉଦ୍ଦେଶ୍ୟକୁ ବାଦ୍ ଦେଇ ନିଷେଧାଦେଶ ଆଣିବାକୁ ଚେଷ୍ଟା କରିବ। କିନ୍ତୁ ବହୁ ଦଶନ୍ଧିରେ ଦେଖାଯାଇଛି, ପ୍ରାରମ୍ଭିକ ପର୍ଯ୍ୟାୟରେ ପୁଷ୍ଟିକର ସ୍ତର ଏବଂ ଜୀବନଧାରଣର ମାନ ବୃଦ୍ଧି ତଥା ସ୍ୱାସ୍ଥ୍ୟର ଉନ୍ନତି ପ୍ରକୃତରେ ଦେଶର ପ୍ରାଥମିକ କର୍ତ୍ତବ୍ୟ ହୋଇଥିଲେ ବି ପରେ ତାହାକୁ ଉଲ୍ଲଂଘନ କରାଯାଇଛି। ୨୦୧୯ ମିଳିତ ଜାତିସଂଘର ବିକାଶ କାର୍ଯ୍ୟକ୍ରମ ମାନବ ବିକାଶ ସୂଚକାଙ୍କରେ ୧୮୯ଟି ଦେଶ ମଧ୍ୟରୁ ୧୨୯ ତମ ସ୍ଥାନରେ ରହିଥିଲା ଭାରତ। ଏହି ସୂଚକାଙ୍କ ଆୟୁଷ, ଶିକ୍ଷା ଏବଂ ମୁଣ୍ଡ ପିଛା ଆୟ ମୂଲ୍ୟାୟନ କରିଥାଏ। ୨୦୨୩ ରେ ଭାରତ ୧୩୨ ସ୍ଥାନରେ ରହିଥିଲା। ସ୍ୱାଧୀନତା ପରଠାରୁ ଗୁଜରାଟରେ ସର୍ବଦା ମଦ୍ୟପାନ ଉପରେ ନିଷେଧାଦେଶ ରହିଆସିଛି। କିନ୍ତୁ ୨୦୧୭ରେ ମାନବ ବିକାଶ ସୂଚକାଙ୍କ(ଏଚ୍‌ଡିଆଇ)ରେ ଦେଶର ୨୫ଟି ରାଜ୍ୟ ମଧ୍ୟରେ ୧୪ ସ୍ଥାନରେ ଗୁଜରାଟ ରହିଥିଲା। ବିହାର ଯେଉଁଠି ଏବେ ମଦ୍ୟପାନକୁ ବନ୍ଦ କରାଯାଇଛି ତାହା ସବାଶେଷ ୨୫ ର୍ୟାଙ୍କ୍‌ରେ ଥିଲା। ୨୦୨୨ରେ ହାର୍ଭାର୍ଡ ସେଣ୍ଟର ଫର୍ ପପୁଲେଶନ ଆଣ୍ଡ୍ ଡେଭଲପ୍‌ମେଣ୍ଟ ଷ୍ଟଡିଜ୍ ପୋଷଣ ଅଭିଯାନ ଉପରେ ଭାରତର ରାଜ୍ୟ ତଥା ଜିଲାଗୁଡ଼ିକର ସଫଳତାକୁ ଆକଳନ କରିଥିଲା। ମାର୍ଚ୍ଚ ୨୦୧୮ରେ ଗର୍ଭବତୀ ମହିଳା, କିଶୋରୀ, ସ୍ତନ୍ୟପାନ କରାଉଥିବା ମା' ଏବଂ ୬ ବର୍ଷରୁ କମ୍ ପିଲାମାନଙ୍କ ପୌଷ୍ଟିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ ଏହି ଯୋଜନା ଆରମ୍ଭ କରାଯାଇଥିଲା। ତେବେ ଗୁଜରାଟ ଏବେ ସର୍ବଶେଷ ସ୍ଥାନ ୨୮ରେ ରହିଛି। ଏହି ତଥ୍ୟ ଦର୍ଶାଇଛି ଯେ ଭାରତରେ ମଦ୍ୟପାନ ନିଷେଧାଦେଶକୁ ପୁଷ୍ଟିକର ସ୍ତର ଏବଂ ଏହାର ଲୋକମାନଙ୍କର ଜୀବନଧାରଣ ଓ ଜନସ୍ୱାସ୍ଥ୍ୟର ଉନ୍ନତିର ସାମ୍ବିଧାନିକ ଲକ୍ଷ୍ୟ ସହ ଯୋଡ଼ିବା କଷ୍ଟକର। ସତ କହିବାକୁ ଗଲେ, ଏହା କେବେ ବି ପ୍ରକୃତ କାରଣ ନୁହେଁ। ମହିଳାମାନଙ୍କର କଲ୍ୟାଣ ଏବଂ ସାମାଜିକ ସୁସ୍ଥତା ନୈତିକ ଦୃଷ୍ଟିକୋଣରୁ ଭାରତରେ ସଦାବେଳେ ନିଷେଧାଦେଶକୁ ଉତ୍ସାହିତ କରାଯାଉଛି। ଶ୍ରୀନିବାସ ଦର୍ଶାଇଥିଲେ, ନିଷେଧାଦେଶ ଏକ ସଂସ୍କୃତ ଶାସ୍ତ୍ର କାର୍ଯ୍ୟର ପ୍ରତିନିଧିତ୍ୱ କରିଥିଲା ଯାହା ଜାତି ସହ ଜଡ଼ିତ। ଏହା ଭାରତୀୟ ବିତର୍କରେ କେବେହେଲେ ଆଗକୁ ଆସିନାହିଁ ଏବଂ ମଦ୍ୟପାନକୁ ଅସ୍ୱୀକାର କରିବା ଉପରେ ବିତର୍କ ପ୍ରାୟତଃ ବିଶ୍ୱସ୍ତରରେ ହୋଇଛି।

Email:aakar.patel@gmail.com

# ଖଳ କବଳରେ ଖଣିର ଖଜଣାଖାନା



ମାୟାଧର ନାୟକ

ଆନ୍ତର୍ଜାତିକ ମହାଜନି ମାଫିଆର କୁଟଚକ୍ରାନ୍ତରେ ଶାସନ ପ୍ରଶାସନର ମଧ୍ୟସ୍ଥତାରେ ଶିକାର ହେଉଛି ସାଧାରଣ ଜନତା। ଖଣିଜ ପଦାର୍ଥକୁ ସାମଗ୍ରୀରେ ପରିଣତ କରିବାର କାରିଗରି କୌଶଳଠାରୁ ଆଜି ଆମେ ଅପହଞ୍ଚ ଦୂରତ୍ୱରେ। ଏଥିପାଇଁ ଆବଶ୍ୟକ ବୈଷୟିକ, ବୈଜ୍ଞାନିକ ଜ୍ଞାନ ଓ ପ୍ରୟୋଗାତ୍ମକ କାର୍ଯ୍ୟକ୍ରମ। ଏସବୁର ଅଭାବ ଅନୁଭୂତ ହେଉଥିବା ପର୍ଯ୍ୟନ୍ତ ଖଣିଜ ପଦାର୍ଥର ଭବିଷ୍ୟତ ଘୋର ଅନ୍ଧକାରରେ ରହିବ। ପାଖାପାଖି ୫୦ପ୍ରକାର ଖଣିଜସମ୍ପଦ ସଭ୍ୟତାର ବିକାଶରେ ପ୍ରୟୋଜନ। ଏହି ଖଣି ପାଇଁ ସବୁ ଦେଶର ଧନଦାନବମାନେ ପାଗଳ। ପୃଥିବୀରୁ ଚନ୍ଦ୍ରକୁ ଯାଇ ଖଣିଜସମ୍ପଦ ଖୋଜୁଛନ୍ତି। ଅର୍ଥନୈତିକ ବିକାଶ ଓ ଜାତୀୟ ସୁରକ୍ଷା ପାଇଁ ଖଣିଜପଦାର୍ଥ କେବଳ ଭାରତ ନୁହେଁ, ସାରା ବିଶ୍ୱ ପାଇଁ ଆବଶ୍ୟକ। ଲୁହାପଥର, କ୍ରୋମାଇଟ୍, କୋଇଲା, ମାଙ୍ଗାନିଜ୍, ବକ୍‌ସାଇଟ୍, ହୀରା, ସୁନା, ମଣି, ମାଣିକ୍ୟ ପ୍ରମୁଖ ୩୨ ପ୍ରକାର ଏବଂ ଖଣିଜସମ୍ପଦ ଲିଥିୟମ, କୋବାଲ୍ଟ, ନିକେଲ୍, ଭାଣ୍ଡାଡିୟମ୍, ନିଓବିୟମ୍, ସେରାମନିୟମ, ଫେନିୟମ, ବେରିଲିୟମ, ଟାଣ୍ଟାଲିୟମ୍, ଷ୍ଟ୍ରୋରିଲିୟମ୍, ଆଣ୍ଟିମନି, ବିସ୍‌ମୁଥ, କପର, ଗାଲିୟମ, ଗ୍ରାଫାଇଟ୍, ହାଫନିୟମ୍, ଇଣ୍ଡୁଏମ୍, ମୋଲିବେଡନିୟମ୍, ପ୍ଲାଟିନମ୍ ଗ୍ରୁପ୍, ଫସ୍‌ଫରସ୍ ଯିଙ୍ଗସ୍, ପଟାସ୍, ରେଆର ଇରଥିଏଲିମେଣ୍ଟ୍ସ, ସିଲିକନ୍, ଟେଲିରୁରିୟମ୍, ଟିନ୍, ଟାଟାନିୟମ, ଗୁଙ୍ଗଷ୍ଟେନ୍ ଜିରାକୋନିୟମ, ସିଲେନିୟମ୍, କାଡମିୟମ୍ ପ୍ରଭୃତି ୩୦ ପ୍ରକାର ପାତାଳରେ କିମ୍ବା ପାହାଡ଼ପର୍ବତରେ ରହିଛି।

ଏ ସମସ୍ତ ଖଣିଜସମ୍ପଦ ସକଳ ଭୂଭାଗରେ ବିଛୁରିତ। ପୃଥିବୀପୃଷ୍ଠରେ ଯିଏ ଯେଉଁଠି ଦେଶ ଗଢ଼ି ବସବାସ କରୁଛନ୍ତି, ସେ ଭୂଖଣ୍ଡଗତ ଖଣିଜ ସମ୍ପଦାବଳୀର ତ ସେଇ ସେଇ ଦେଶ ମାଲିକ। ଖଣିଜସମ୍ପଦ ଆମଦାନୀ-ରପ୍ତାନି କରାଯାଏ। ଏଇସବୁ ଖଣିଜସମ୍ପଦରୁ ଯେଉଁସବୁ ପଦାର୍ଥ ପ୍ରସ୍ତୁତ ହୁଏ, ତା' ଅମୂଲମୂଲ। ଯାହା ପାଖରେ ଅର୍ଥ ସେ ହାତେଇନେଇ ବିଭିନ୍ନ ପଦାର୍ଥ ପ୍ରସ୍ତୁତ କରି ପୁଣି ଆମଦାନୀ କରିଆଣିଥିବା ଦେଶକୁ ବି ବେଶ୍ ଚଢ଼ାଦରରେ ରପ୍ତାନି କରିବା ଦ୍ୱାରା ଆଖିବୁଜା ମୁନାଫା ଅର୍ଜିପାରେ। ସୁତରାଂ ଯିଏ ଯେତେ ବେଶି ମୁଣ୍ଡ ଖଟାଇଲା ସେଇ ଦେଶ ସେତେ ବେଶି ଲାଭ ହାତେଇପାରିଲା। ଯେଉଁମାନେ ମୁଣ୍ଡ ଖଟେଇ ପାରନ୍ତି ନାହିଁ, ସେମାନେ ଭାରତ ଭଳି ଖଣିଜ କଞ୍ଚାମାଲକୁ ବିକାବିକି କରନ୍ତି, ସେ ଦେଶର ଲୋକେ ହତଭାଗା। ଆମ ସରକାର ନିଜର ଅପହୃତ ଇଚ୍ଛାଶକ୍ତି ଓ ଦୂରଦୃଷ୍ଟିହୀନତା ପାଇଁ ଦୁର୍ମୂଲ୍ୟ ଖଣିଜସମ୍ପଦକୁ ଖଣିରୁ ବାହାରକରି କଳକାରଖାନାରେ ବ୍ୟବହାର କରିବା ପର୍ଯ୍ୟନ୍ତ ଯେଉଁସବୁ କାର୍ଯ୍ୟ କରିବା ଆବଶ୍ୟକ ସେଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଖଣିଜସମ୍ପଦ ଯେନତେନ ପ୍ରକାରେଣ କାଢ଼ି ବସ୍ତାବସ୍ତା ଅର୍ଥ ସାଇତିବା ହେଲା ମୂଳଲକ୍ଷ୍ୟ।

ଏସିଆ ମହାଦେଶର କେବଳ ଓଡ଼ିଶାର ସୁକିନ୍ଦାରେ ୯୮% କ୍ରୋମପଥର ଅଛି। ପୃଥିବୀରେ ଭାରତ ବ୍ୟତୀତ ଦକ୍ଷିଣ ଆଫ୍ରିକା, ଜିମ୍ବାୱେ, କାଜାକସ୍ତାନରେ ଗଚ୍ଛିତ କ୍ରୋମ ପଥର ଉପରେ ସମଗ୍ର ବିଶ୍ୱ ନିର୍ଭରଶୀଳ। କ୍ରୋମର ବ୍ୟବହାର ସମ୍ପର୍କରେ କେବଳ ଓଡ଼ିଶାବାସୀ ନୁହନ୍ତି ସାରା ପୃଥିବୀର ସାଧାରଣ ମଣିଷଙ୍କର ବିଶେଷ



ଜ୍ଞାନ ନାହିଁ। କ୍ରୋମ ପଥର ବିଶେଷଭାବରେ ଯୁଦ୍ଧାସ୍ତ୍ର ନିର୍ମାଣ କରିବାରେ ସହାୟକ। ଇସ୍ପାତ ସହିତ ଏହାକୁ ମିଶ୍ରଣ କରାଯାଇ ଶକ୍ତିଶାଳୀ କ୍ଷୟରୋଧକ ମିଶ୍ରଧାତୁ ପ୍ରସ୍ତୁତ ହୁଏ। ବିଶ୍ୱରେ ଯେତେ ଯନ୍ତ୍ରପାତି ବ୍ୟବହାର ହେଉଛି, ସେଥିରେ କ୍ରୋମାଇଟ ହିଁ ମୁଖ୍ୟ ଅଂଶଗ୍ରହଣ କରେ। ବଲ୍‌ବ ବେରିଙ୍ଗଠାରୁ ଆରମ୍ଭକରି କ୍ରୋମ ମିଶ୍ରିତ ଇସ୍ପାତ ସବୁଠୁ ଶକ୍ତିଶାଳୀ ଯନ୍ତ୍ରାଂଶ ପ୍ରସ୍ତୁତ ହୋଇଥାଏ।

ଦଧୀଚିର ଅସ୍ଥି- ଯାହାକୁ ନେଇ ବଜ୍ର। ଏ କ୍ରୋମାଇଟ ହେଉଛି କଳିକାଳର ଦଧୀଚି ହାଡ଼ - ଯାହାକୁ ନେଇ ଆଧୁନିକ ମାରଣାସ୍ତ୍ରର ପ୍ରସ୍ତୁତି। ୟୁରୋପରୁ ଆମେରିକା ସବୁ ଧନକୁବେର ରାଷ୍ଟ୍ରର ନଖଦର୍ପଣରେ ଏବେ ସୁକିନ୍ଦା। ଏସୀୟ ରାଷ୍ଟ୍ର ଚାଇନା ଓ ଜାପାନ ଚାଟିନେଇ ସାରିଲେଣି ସୁକିନ୍ଦା କ୍ରୋମାଇଟର ବହୁଳାଂଶ। ଲକ୍ଷ ଲକ୍ଷ ବର୍ଷ ଧରି ଆମ ମାଟି ତଳେ ଗଚ୍ଛିତ ମୂଲ୍ୟବାନ ଖଣିଜ ପଦାର୍ଥକୁ ବିଦେଶକୁ ଶାଗମାଛ ମୂଲ୍ୟରେ ବିକ୍ରି କରିଦେଉଛେ। ସୁକିନ୍ଦା ଉପତ୍ୟକାରେ ଯେତେ କ୍ରୋମାଇଟ ଅଛି ତାହାକୁ ବେପରୁଆ ଭାବେ ଉତ୍ତୋଳନ କରି ବିକ୍ରି କଲେ ଶେଷ ହୋଇଯିବ। ସେତେବେଳେ ସୁକିନ୍ଦା ଖଣି ଅଞ୍ଚଳ 'ଭୂତଳ ଅଞ୍ଚଳ'ରେ ପରିଣତ ହେବ। ବର୍ମାରେ ଗଚ୍ଛିତ ଡିଜେଲ, ପେଟ୍ରୋଲ ଶେଷ ହୋଇଗଲା ପରେ ଯାହା ଅବସ୍ଥା ହେଲା, ସୁକିନ୍ଦା କ୍ରୋମାଇଟ ସରିଗଲେ କ'ଣ ହେବ ଏବେଠୁ କହିହେବନି।

କ୍ରୋମାଇଟ ଯଦି ମାଟି ଉପରେ ବାଲିଗୋଡ଼ି ଭଳି ଥୁଆ ହୋଇଥାନ୍ତା ତା'ହେଲେ ସେ କେବେଠୁଁ ଶେଷ ହୋଇସାରନ୍ତାଣି। କ୍ରୋମାଇଟ ଅଛି ସାତତଳ ପଙ୍କ ଭିତରେ। ଉପରେ ଜଙ୍ଗଲ, ଗଛ ମାଳମାଳ, ଝରଣା, ତଳେ ୧୦୦ ମିଟରରୁ ୫ ହଜାର ମିଟର ଗଭୀରରେ ଅଛି କ୍ରୋମପଥର। କ୍ରୋମାଇଟ ବାହାର କରିବାକୁ ହେଲେ ଜଙ୍ଗଲ ଧ୍ୱଂସ କରିବାକୁ ହେବ, ଝରଣାର ଗତିପଥ ବଦଳାଇ ଦେବାକୁ ହେବ, ମାଟିକାଦୁଅ ଖୋଳିବାକୁ ହେବ, ଖଣିରେ ପାଣି ଭର୍ତ୍ତିହେଲେ ପାଣି କାଢ଼ି ନଈନାଳକୁ ଛାଡ଼ିବାକୁ ହେବ - ଏସବୁ ହେଲେ କ୍ରୋମାଇଟ ପଦାକୁ ଆସିବ। ସେହି କ୍ରୋମାଇଟକୁ ଧଳାକାଗଜ କଳମରେ ବିକିବେ, କଳାରେ ଦଶଗୁଣ ବିକିବେ। ଯାହା ଖର୍ଚ୍ଚ ହୋଇଥିବ ଲାଭ ହେବ ଶହେଗୁଣ। ସେଇ ଲାଭ ଟଙ୍କାରୁ ପାଞ୍ଚ ଦଶ ଭାଗ 'ଭୋଗ' ବଣ୍ଟାରେ ଯିବ।

କୌଳିକତାହୀନ ଏବଂ ମୌଳିକତାହୀନ ଗୁଡ଼ାଏ ଅପଦାର୍ଥ ଏହି ଖଣିଜ ପଦାର୍ଥକୁ ଆତ୍ମସାତ୍ କରି ଆସନ୍ନ ଭବିଷ୍ୟତରେ ଯେଉଁ ଅମାପ ବିତ୍ତର ଅଧିକାରୀ ହେବାକୁ ଯାଉଛନ୍ତି ତାହା ସେମାନଙ୍କୁ ଜନଗଣଙ୍କର ପିଠିରେ ଚାବୁକ ଚଳାଇବାର ରାଜନୈତିକ ସାମର୍ଥ୍ୟ ପ୍ରଦାନ କରିବ ହିଁ କରିବ। କାରଣ ଆଜିର ପୌରୁଷ ବ୍ୟକ୍ତିତ୍ୱରେ ନାହିଁ, ଅଛି ବିତ୍ତରେ। ଧନ ଧଳା କି କଳା ହେଉ, ବାପଧନ ହେଉ କି ପାପଧନ ହେଉ, ବ୍ୟକ୍ତିତ୍ୱ ବର୍ଜିତ - ଅଥଚ ବିତ୍ତ ଅର୍ଜିତ ବ୍ୟକ୍ତିମାନଙ୍କ ଦ୍ୱାରା କବଳିତ ହେଲେ ସାରା ସମାଜ ପାଇଁ ଘୋର ଅଶୁଭ କାଳକୁ ନିମନ୍ତ୍ରଣ କରିଆଣିବ। ଖଣିଜ ସମ୍ପଦ ପ୍ରକୃତରେ ଜାତୀୟ ସମ୍ପତ୍ତି। ଏହି ଜାତୀୟ ସମ୍ପତ୍ତିକୁ କେଉଁ ନ୍ୟାୟରେ ବଣ୍ଟାକୁଣ୍ଟା କରି ଲିଜ୍ ମାଧ୍ୟମରେ ହେଉ କି ସୁପାରିସ୍ ଜରିଆରେ ହେଉ, ବ୍ୟକ୍ତି ସମ୍ପତ୍ତିରେ ପରିଣତ କରିବାରେ ବୀଭତ୍ସ ପ୍ରକ୍ରିୟା ଆଜି ତାରିଖ ସୁଦ୍ଧା ଜାରି ରହିଛି କିପରି ?

ପ୍ରାକୃତିକ ପ୍ରହରୀ ପରି ଯେଉଁ ଶହ ଶହ ବର୍ଷର ବୃକ୍ଷ- ଆଜି ସେମାନେ ଗୋଟାଏ ଗୋଟାଏ କାକୁସ୍ଥ କବନ୍ଧ ପରି ନିରୀହ ଦେଶବାସୀଙ୍କ ଆଖି ସାମ୍ନାରେ ଛିନ୍ନ ଓ ବିଚ୍ଛିନ୍ନ। ଏହା ଜାତୀୟ ଜୀବନର ସୁରକ୍ଷା ପ୍ରତି ଏକ ଅହିତକର ଅଭିଯାନର ଆରମ୍ଭ ମାତ୍ର, ଯାହା ଦିନେ ଆମର ଉତ୍ତରପିଢ଼ିକୁ ପାଉଁଶ ପୋଖରୀରେ ଉବୁଟୁବୁ ହୋଇ ଅଣନିଃଶ୍ୱାସୀ ଅବସ୍ଥାରେ ଶେଷ ଆଡକୁ ମୁହାଁଇନେବ।

ପ୍ରକୃତରେ ଖଣିଜ ସମ୍ପଦରେ ଭରପୂର ଓଡ଼ିଶା ଏକ ଧନୀ ରାଜ୍ୟ, କିନ୍ତୁ ଓଡ଼ିଶାର ଖଣିଶ୍ରମିକମାନେ ସୀମାହୀନ ଦାରିଦ୍ର୍ୟର କଷାଘାତରେ ଜର୍ଜରିତ। ଦେଶୀ ବିଦେଶୀ ଘରୋଇ ଶିଳ୍ପପତିମାନେ ଓଡ଼ିଶାକୁ ଚରାଭୂଇଁରେ ପରିଣତ କରିବା ପାଇଁ ସରକାରଠାରୁ ବିଭିନ୍ନ ଫନ୍ଦିଫିକର, କଳକୌଶଳ କରି ଖଣି ଲିଜ୍ ନେଇ ଖଣିଜ ସମ୍ପଦରୁ କୋଟି କୋଟି ଟଙ୍କା ଲାଭ ନେଇଯାଉଛନ୍ତି, କିନ୍ତୁ ଯେଉଁମାନେ ରକ୍ତ ନିଗାଡ଼ି ଖଣିରୁ କଞ୍ଚାମାଲ ବାହାର କଲେ ସେମାନଙ୍କ ସମସ୍ୟା ହଜାରେ ପ୍ରକାର। ଯାହାର ମାଟିତଳେ ଅଜସ୍ର ସମ୍ପଦ, ତା'ର ଝିଅପୁଅ ଦୀନଦରିଦ୍ର ଅବହେଳିତ କାହିଁକି? ମୁଁ କେବଳ ଅଦୂର ଭବିଷ୍ୟତର ଲକ୍ଷ କୋଟି ଦୁର୍ଗରେ ଆର୍ତ୍ତନାଦ ଶୁଣିପାରୁଥିବା ଦୁଃଖୀ ଦୁର୍ବାସା। କ୍ରନ୍ଦନରେ ମୋର ବିଶ୍ୱାସ ନାହିଁ। ବର୍ତ୍ତମାନର ଘନାୟମାନ ଘନଘଟାରୁ ଜାତିକୁ ରକ୍ଷାକରିବା ପାଇଁ ନୀତି ଓ ନୈତିକତାର ପୁନଃଜାଗରଣ ପ୍ରକ୍ରିୟାରେ ତୁରନ୍ତ ପଦକ୍ଷେପ ଓ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବାର ଆଉ ମୁହୂର୍ତ୍ତେ ମାତ୍ର ବିଳମ୍ବ ଯେପରି ନ ଘଟେ।

ଯେଉଁମାନଙ୍କ ଲୁହଲହୁରେ ବିଦେଶ, ଦେଶ, ରାଜ୍ୟର ଅର୍ଥନୀତି ସମୃଦ୍ଧ ହୁଏ, ଶିଳ୍ପପତିମାନଙ୍କର ହିମାଳୟ ପର୍ବତ ସଦୃଶ ସମ୍ପତ୍ତି ବୃଦ୍ଧି ହୁଏ ସେହି ଶ୍ରମିକମାନଙ୍କ ବେଦନାକ୍ତ ଛବି ଦେଖୁଛି କିଏ ନା ତାଙ୍କ ଦୁଃଖ ବୁଝୁଛି କିଏ? ଦେଶକୁ ପାଉଁଶଗଦା କି ଜାତିକୁ ପାଳଭୂତ କରନାହିଁ। ମୁଷ୍ଟିମେୟ ମହାଜନର ମୁନାଫା ହୋଇପାରେ, ମାତ୍ର ଅଗଣିତ ମାମୁଲି ମଣିଷର ମୃତ୍ୟୁ ଅବଶ୍ୟମ୍ଭାବୀ। ଏ ମୃତ୍ୟୁର ସ୍ରୋତକୁ ଆଜିଠୁ ବାଧା ଦିଆ ନ ଗଲେ ଆସନ୍ତା କାଲି ହେବ ଆମ ପାଇଁ ଅକାଳ ସକାଳ ଘୋର ଦୁଃସକାଳ।

**ଯାଜପୁର ରୋଡ, ଯାଜପୁର**
**ମୋ : ୯୮୬୧୦୩୪୧୬୩**

# ଚେତିବା କେବେ



ଡ. ପ୍ରମୋଦ କୁମାର ପଣ୍ଡା

ପ୍ରତିଦିନ ଭଳି ଦୀପାବଳିରେ ଫୁଲବାଲା ମୋ' ଘର ଗେଟ୍‌ରେ ଫୁଲ ଜରିଟିଏ ଟଙ୍ଗେଇ ଚାଲିଯାଇଥିଲା। ମୁଁ ତାକୁ ଦିନରେ ଘର ଠାକୁରଙ୍କ ପୂଜାରେ ବ୍ୟବହାର କଲି। ଓଡ଼ିଆ ଘରେ ସନ୍ଧ୍ୟାରେ ଦୀପ ପ୍ରଜ୍ୱଳନ ପରେ ବଡ଼ବଡୁଆ ଅର୍ଥାତ୍ ପୂର୍ବପୁରୁଷଙ୍କୁ ଆବାହନର ପରମ୍ପରା ରହିଛି। ସନ୍ଧ୍ୟାବେଳ ପାଇଁ ପୁଣି ଫୁଲ ଦରକାର। ମୁଁ ଫୁଲବାଲାକୁ ଦୀପାବଳି ଦିନ ପାଇଁ ୨ ପୁଟୁଳା ଫୁଲ ଦେବାପାଇଁ କହିବାକୁ ଭୁଲିଯାଇଥିଲି। ସନ୍ଧ୍ୟା ପୂର୍ବରୁ, ଫୁଲବାଲା ପାଖକୁ ଯାଇ ଆଉ କିଛି ଫୁଲ ଦେବାପାଇଁ କହିଲି। ଦୋକାନୀ ମୋତେ ସବୁ ଫୁଲ ଦେଲା ମାତ୍ର ମନ୍ଦାର ଫୁଲ ଦେଲାନାହିଁ। ମୁଁ କହିଲି, ଆଜି କାଳୀ ଓ ମା' ଲକ୍ଷ୍ମୀଙ୍କ ପୂଜା, ତେଣୁ ମନ୍ଦାର ଫୁଲ ଦିଅ। ସେ କହିଲା, ଆଜି କଲିକତାରେ କାଳୀପୂଜା ଥିବାରୁ ମନ୍ଦାର ଫୁଲ ବହୁତ କମ ଆସିଥିଲା। ସକାଳେ ସରିଗଲା।

ମୁଁ ଆଶ୍ଚର୍ଯ୍ୟ ହୋଇ ପଚାରିଲି, ଭାଇ! କ'ଣ ମନ୍ଦାର ଫୁଲ ବି କଲିକତାରୁ ଆସୁଛି? ସେ କହିଲା, ହଁ ଆଜ୍ଞା! ପ୍ରତିଦିନ ମୁଁ ଆପଣଙ୍କୁ ତ କଲିକତି ମନ୍ଦାର ଫୁଲ ଦେଉଛି। ଦୋକାନୀର ଉତ୍ତର ଶୁଣି କାହିଁକି କେଜାଣି ମୋ ମୁଣ୍ଡଟା ଘାବରେଇଗଲା। ସହଜେ ତ ଗାଁରେ ପିଲାଦିନୁ ମନ୍ଦାର ଫୁଲରେ ଖେଳିଆସିଛୁ। ସବୁ ଗାଁରେ ମନ୍ଦାର ଫୁଲଗଛ ଭରପୂର। ଆମ ଗ୍ରାମ ଦେବତୀଙ୍କୁ ପ୍ରତିଦିନ ମନ୍ଦାର ଫୁଲ ଚଢ଼ାଟା ମନ ଭିତରେ ନାଚି ଯାଉଥିଲା। ତା' ଛଡ଼ା ରେଭେନ୍ସା କଲେଜରେ ଯୁକ୍ତ ଦୁଇ ବିଜ୍ଞାନରେ ପଢ଼ିବା ବେଳେ ମନ୍ଦାର ଫୁଲକୁ ଭୁଲିପାରୁନଥିଲି। ମୋଟ ଉପରେ କଲିକତାରୁ ମନ୍ଦାର ଫୁଲ ଆସି ଓଡ଼ିଶାରେ ଦେବୀ ପୂଜନକୁ ମୁଁ ସହଜରେ ହଜମ କରିପାରୁନଥିଲି। ମୋ' ବିବେକ କହୁଥିଲା ଏମିତି ବାଉଳାଙ୍କ ପରି ବିଚଳିତ ହେଲେ ଚଳିବ? ଯଦି ସରୁ ଚାଉଳ, ଅଟା, ଡାଲି, ତେଲ, ମାଛ, ଅଣ୍ଡା, ପିଆଜ, ରସୁଣ, ନଡ଼ିଆ, କଦଳୀ, ଛେଳି, ଅଦା, ଗେଣ୍ଡୁଫୁଲ, ଗାଜର, ଆଳୁ, ଚିନି, ପନିର, ଘିଅ, ଖୁଆ ଆଦି ଅନ୍ୟ ରାଜ୍ୟରୁ ଆସିପାରୁଛି, ମନ୍ଦାରଫୁଲ ଆସିଗଲା ଯେ କ'ଣ ଭାସିଗଲା? ଆଗାମୀ ଦିନରେ ସବୁକିଛି ତ ପଡ଼ୋଶୀ ରାଜ୍ୟରୁ ଆସିବ ଓ ଆମେ ତାକୁ ଖାଇ ସଗର୍ବେ କହିବା ଆମେ ଆମ ଉଦ୍ୟମରେ ଓ ଏକ ନମ୍ବର ଖାଉଟି ରାଜ୍ୟରେ ପରିଗଣିତ କରିଦେଇଛୁ। ହଁ ପାଠକ ବନ୍ଧୁ! ବାସ୍ତବରେ ବଡ଼ ଲଜ୍ଜାଜନକ ସ୍ଥିତି। ଆମଠୁ ଧନୀ ରାଜ୍ୟ ପଶ୍ଚିମବଙ୍ଗର ମୁଣ୍ଡ ପିଛା ଆୟ ଓଡ଼ିଶାଠୁ ଅଧିକ। ପଶ୍ଚିମବଙ୍ଗର ଚାଷୀଙ୍କ ମାସିକ ଆୟ ୬,୭୬୨ ଟଙ୍କା ହୋଇଥିବାବେଳେ ଓଡ଼ିଶାର ମାସିକ ଚାଷୀ ଆୟ ୫,୧୧୨ ଟଙ୍କା। ସେଠାକାର ଚାଷୀଭାଇ ମନ୍ଦାର ଫୁଲ ଉତ୍ପାଦନ କରି ଆମକୁ ବିକ୍ରି କରୁଛି। ମାତ୍ର ଆମର ସବୁ ସୁବିଧା ଥିବା ସତ୍ତ୍ୱେ ଅଳସୁଆମି ଯୋଗୁ ଆମେ ଖାଉଟି ହେଉଛୁ।

ଆଜିକାର ନୂଆପିଢ଼ିକୁ ଏ ବିଷୟରେ ଗଭୀର ଚିନ୍ତା କରିବାକୁ ପଡ଼ିବ। ସର୍ବଦା ସରକାରଙ୍କୁ ସାହାଯ୍ୟ ଭିକ୍ଷା କରିବା କିମ୍ବା ସରକାରଙ୍କୁ ଦୋଷ ଦେଲେ ଚଳିବ ନାହିଁ। ପଶ୍ଚିମବଙ୍ଗ ସରକାର କ'ଣ ମନ୍ଦାର ଫୁଲ



ଚାଷ କରୁଛନ୍ତି ନା ଜନସାଧାରଣଙ୍କୁ ଟଙ୍କାପଇସା ଦେଇ ତା'ର ବିକ୍ରିବଟା କରୁଛନ୍ତି। ସେଠାକାର ଚାଷୀ ଓ ବ୍ୟବସାୟୀ ନିଜର ରୋଜଗାର ବୃଦ୍ଧି ପାଇଁ ସ୍ୱତଃସ୍ଫୂର୍ତ୍ତ ଭାବରେ ଏସବୁ କାର୍ଯ୍ୟ କରୁଛନ୍ତି। ଓଡ଼ିଶାର ପୁରପଲ୍ଲୀର ହୋଟେଲରେ ତନ୍ଦୁରୀ ରୋଟି ଓ ତଡ଼କା ମିଳୁଛି। ସେ ସବୁକୁ ପଞ୍ଜାବୀ ଲୋକ ପ୍ରଚାର ପ୍ରସାର କରିଛନ୍ତି, କିନ୍ତୁ ସେଠାକାର ସରକାର ନୁହେଁ। ସେହିପରି ଓଡ଼ିଶାର ଖାଦ୍ୟ ଓଡ଼ିଶା ବାହାରକୁ ନେବା ଦାୟିତ୍ୱ ସରକାରଙ୍କୁ ଦେବା ଠିକ୍ ନୁହେଁ। ଏହା ଆମ ଜନସାଧାରଣଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ହେବା ଉଚିତ। ମୋଟ ଉପରେ ଆମ ରାଜ୍ୟର ପ୍ରତ୍ୟେକ ବ୍ୟକ୍ତି ଚିନ୍ତା କରିବା ଦରକାର କିପରି ଆବଶ୍ୟକତାକୁ ରାଜ୍ୟର ନିଜସ୍ୱ ଉତ୍ପାଦନରେ ପୂରଣ କରିବା।

ଓଡ଼ିଶାର ପ୍ରତ୍ୟେକ ସ୍ଥାନରେ ମନ୍ଦିର ଅଛି। ଭୁବନେଶ୍ୱରକୁ ସେଥିପାଇଁ ମନ୍ଦିରମାଳିନୀ ସହର କୁହାଯାଏ। କିନ୍ତୁ ମନ୍ଦାର ଫୁଲ ଆଣୁଛୁ ପଶ୍ଚିମବଙ୍ଗରୁ। ଆଳୁ ପାଇଁ କିମ୍ବା ଅଦା ପାଇଁ ଶୀତଳଭଣ୍ଡାର ଆବଶ୍ୟକ, ଯାହା ରାଜ୍ୟରେ ନାହିଁ। ତେଣୁ ଚାଷୀ ଏହାକୁ ଚାଷ କରି ପାରୁନାହାନ୍ତି। ମାତ୍ର ମନ୍ଦାରଫୁଲ ପାଇଁ ତ ଶୀତଳଭଣ୍ଡାର ଆବଶ୍ୟକ ନୁହେଁ। ପ୍ରତିଦିନ ଏହା ଗାଡ଼ିରେ ଆସୁଛି। ଏହାସହ ବର୍ତ୍ତମାନ ଓଡ଼ିଶାରେ ବିଚିତ୍ର ସ୍ଥିତି ଉତ୍ପନ୍ନ ହେଲାଣି। ସହରମାନଙ୍କରେ ଉତ୍ତରପ୍ରଦେଶରୁ ଲୋକେ ଆସି ରାସ୍ତା କଡ଼ରେ ଚିନାବାଦାମ ଭାଜି ବିକ୍ରି କରୁଛନ୍ତି। ସେମାନେ ତାଙ୍କ ରାଜ୍ୟରୁ ଚିନାବାଦାମ ଆଣୁଛନ୍ତି। ଆଉ କିଛି ଦିନପରେ ଆମର ଚିନାବାଦାମ ବିକ୍ରି ନ ହୋଇ ପଡିରହିବ। ଆମ ରାଜ୍ୟର ବଜାର ବାହାର ରାଜ୍ୟ ଉତ୍ପାଦକୁ ଗୋଟିକ ପରେ ଗୋଟିଏ ଟେକିଦେବା ଉଚିତ କି? ଆଳୁ ବଜାର ପଶ୍ଚିମବଙ୍ଗ ଓ ବିହାର ଚାଷୀଙ୍କୁ ଦେଇଦେଲୁ। ପିଆଜ ବଜାର ମହାରାଷ୍ଟ୍ର ଚାଷୀଙ୍କୁ। ରସୁଣ ବଜାର ଗୁଜରାଟ ଓ ରାଜସ୍ଥାନ ଚାଷୀଙ୍କୁ। ଏହିପରି ଅନେକ କିଛି। ମନ୍ଦାର ଫୁଲ ଚାଷରେ ଲାଭ ନ ଥିଲେ କଲିକତା ଚାଷୀ କରନ୍ତେ କାହିଁକି। ଜଳେଶ୍ୱର ଡେଇଁଲେ ମେଦିନାପୁର। ପୂର୍ବେ ତାହା ବାଲେଶ୍ୱର ଜିଲାରେ ଥିଲା। ଆମର ଓ ତାଙ୍କର ମୃତ୍ତିକା ଏବଂ ଜଳବାୟୁ ସମାନ। ସେଠାରେ ବର୍ଷତମାମ ଗେଣ୍ଡୁଫୁଲ ଚାଷ ହେବ ଆଉ ଆମେ କିଣିକି ଠାକୁର ପୂଜା କରିବା। କିନ୍ତୁ ଏସବୁ ବିଷୟରେ ଚିନ୍ତା କରିବାକୁ ଆମ ପାଖରେ ସମୟ ନାହିଁ। ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟର ଶିକ୍ଷକସମାଜ ପାଖରେ ଏ ବିଷୟରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଚେତନତା ଆଣିବାକୁ ସମୟ ମଧ୍ୟ ନାହିଁ। ଯୁବାବର୍ଗଙ୍କ ମନରେ ଏ ପ୍ରଶ୍ନ ଉଠୁନାହିଁ। ଆମ ରାଜ୍ୟର ନାନାବିଧ ଆବଶ୍ୟକତାକୁ ଆଉ ରାଜ୍ୟ ଉତ୍ପାଦନରେ ପୂର୍ତ୍ତି କରିବା ପାଇଁ ପାରଦର୍ଶୀ ଯୋଜନା ନିର୍ମାଣ ଓ ତା'ର ସଠିକ କ୍ରିୟାନ୍ୱୟନର ଆବଶ୍ୟକତା ରହିଛି। ନ ହେଲେ ଆମ ରାଜ୍ୟରୁ ପ୍ରତିବର୍ଷ ୧୦ମ ଶ୍ରେଣୀ ପାସ୍ କରୁଥିବା ୬ ଲକ୍ଷ ପିଲା କରିବେ କ'ଣ? ମନ୍ଦାର ଫୁଲ ଏକ ଛୋଟ ଜିନିଷ, ମାତ୍ର ଦୁଃଖ ଲାଗୁଛି ଯେ ଓଡ଼ିଶାରେ ଉତ୍ପାଦନ ଭିତ୍ତିଭୂମି ଥାଇ ଖାଉଟି ସାଜି ଅନ୍ୟ ରାଜ୍ୟ ଉତ୍ପାଦରେ ବଞ୍ଚିବା ମାନସିକତାର ବୃଦ୍ଧି ହେଉଛି। ଓଡ଼ିଶାର ଯୁବାପିଢ଼ି ଏ ସମସ୍ୟା ସମାଧାନ ପାଇଁ ଆଗେଇ ଆସନ୍ତୁ। ବୟସ୍କ ଏବଂ ଅନୁଭବୀ ସେମାନଙ୍କୁ ପ୍ରେରଣା ଓ ଜ୍ଞାନ ଦିଅନ୍ତୁ ; ଆଉ ପ୍ରଶାସକ ଉତ୍ପାଦ ବିକ୍ରି ପାଇଁ ଉପଯୁକ୍ତ ବଜାର ବ୍ୟବସ୍ଥା କରନ୍ତୁ।

ଶ୍ୟାମଚାନ୍ଦ ପାଟଣା, ଭଦ୍ରକ
ମୋ: ୮୯୧୭୪୨୬୪୪୦

## ଏଇ ଭାରତରେ

ବୈଷୟିକ କ୍ଷେତ୍ରରେ ଡିଗ୍ରୀ ହାସଲ କରିଥିବା ବ୍ୟକ୍ତିଙ୍କୁ ଏବେ ମିଲେଟ୍ ମିଶନ ଆକର୍ଷିତ କରିପାରିଛି, ଯାହାର ଉଦାହରଣ ଦେଖିବାକୁ ମିଳିଛି ସାଇ କ୍ରିଷ୍ଣ ପୋକୁରୀଙ୍କ କ୍ଷେତ୍ରରେ। ସାଇ କ୍ରିଷ୍ଣ ଦିଲ୍ଲୀ ଆଇଆଇଟିରୁ ଡିଗ୍ରୀ ହାସଲ କରିବା ପରେ ଶିକ୍ଷା କ୍ଷେତ୍ରରେ ଚାକିରି କରିଥିଲେ। କିନ୍ତୁ ତାହାକୁ ଛାଡ଼ି ଏବେ ସେ ମିଲେଟ୍ ବ୍ୟବସାୟୀ ପାଲଟିଛନ୍ତି। ବ୍ୟବସାୟରୁ ସେ ବର୍ଷକୁ ୨.୫ କୋଟି ଟଙ୍କା ରୋଜଗାର କରିବାକୁ ସକ୍ଷମ ହୋଇପାରିଛନ୍ତି। ସେ ବିଭିନ୍ନ ପ୍ରକାର ମିଲେଟ୍ ପ୍ରସ୍ତୁତ ଖାଦ୍ୟକୁ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ 'ହେଲ୍‌ଥ ସୂତ୍ର' ଷ୍ଟାର୍ଟଅପ୍ ଗଠନ କରିଛନ୍ତି। ମୁଖ୍ୟତଃ ଯଅ, ବାର୍ଲି ଓ ମାଣ୍ଡିଆ ଫ୍ଲେକ୍ ସହିତ ଶତାଧିକ ପ୍ରକାର ଉତ୍ପାଦ ପ୍ରସ୍ତୁତ କରୁଛନ୍ତି। ଏହିସବୁ ଉତ୍ପାଦ ଏବେ ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁର ପ୍ରାୟ ୩୦୦୦ ସୁପରମାର୍କେଟରେ ଉପଲବ୍ଧ ହେଉଛି। ଏହା ବ୍ୟତୀତ ଏଗୁଡ଼ିକୁ ସେ ଆମାଜନ ମାଧ୍ୟମରେ ବାହାର ଦେଶରେ ବିକ୍ରି କରୁଛନ୍ତି। ସାଇ ଏବେ ପିଲାମାନଙ୍କ ପାଇଁ ସହଜରେ ହଜମ ହେଉଥିବା ଖାଦ୍ୟ ପ୍ରସ୍ତୁତ କରିବା ପାଇଁ ଯୋଜନା କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୧ ଜାନୁଆରୀ ୧୯୭୫

- ଉତ୍ତର-ଭାରତରେ ହୋଇଥିବା ପ୍ରଚଣ୍ଡ ଭୂମିକମ୍ପରେ ଭାରତ -ତିବ୍ବତ ସୀମାନ୍ତବର୍ତ୍ତୀ କିନ୍ନପୁର ଜିଲାରେ ବହୁ ଘରଦ୍ୱାର ଭାଙ୍ଗି ରୁଜି ଯିବାସହ ୩୬ ଜଣଙ୍କ ପ୍ରାଣହାନୀ।
- ବମ୍ବେସ୍ଥିତ କେନ୍ଦ୍ରୀୟ ଫିଲ୍ମ ଡିଭିଜନର ଜଏଣ୍ଟ ଚିଫ୍ ପ୍ରଡ୍ୟୁସର ଶ୍ରୀ ପ୍ରମୋଦ ପତିଙ୍କ ୪୨ ବର୍ଷ ବୟସରେ ପରଲୋକ।
- ପୋଲିସ ବିଭାଗର ଆଧୁନିକୀକରଣରେ ଏକ ନୂତନ ପଦକ୍ଷେପ ସ୍ୱରୂପ କେରଳର କୁଟାଣ୍ଡଠାରେ ଭାରତର ପ୍ରଥମ ଭାସମାନ ପୋଲିସ ପୋଲିସ ଥାନା ଉଦ୍‌ଘାଟିତ।

## ଚିରନ୍ତନୀ

ଦୁନିଆ ବୁକୁରେ ଜାଳିଦେଇ ହୁତାଶନ
ସେହି ସେ ଆଘାତ ବାଜିଉଠେ ଘନ ଘନ
ସେହି ସେ ଆଘାତ ବାଜଇ ଜନନୀ ବୁକେ
ଚାହିଁ ଅନାହାର- ପୀଡିତ ତନୟ ମୁଖେ।
(ତୁମେଟି ଚାଲିବା ଜାଣ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | | | | | 6 | 5 | |
| | | | | | | | | 2 |
| | | | | | | | 9 | |
| | 6 | | | 7 | | | 8 | |
| | 4 | | 6 | 5 | | | | |
| | | 5 | | 9 | 3 | | 1 | |
| | | 3 | 5 | 8 | | | | |
| | | | | | 1 | | 7 | 3 |
| | 8 | | 4 | | | 1 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 3 | 6 | 8 | 1 | 4 | 5 | 2 | 9 |
| 9 | 4 | 8 | 7 | 2 | 5 | 3 | 6 | 1 |
| 5 | 2 | 1 | 6 | 3 | 9 | 8 | 4 | 7 |
| 3 | 1 | 7 | 5 | 6 | 2 | 9 | 8 | 4 |
| 6 | 5 | 9 | 4 | 8 | 1 | 2 | 7 | 3 |
| 2 | 8 | 4 | 9 | 7 | 3 | 6 | 1 | 5 |
| 1 | 9 | 5 | 2 | 4 | 8 | 7 | 3 | 6 |
| 4 | 7 | 2 | 3 | 9 | 6 | 1 | 5 | 8 |
| 8 | 6 | 3 | 1 | 5 | 7 | 4 | 9 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବଂଶଗତ ରାଜନୀତି ବିଲୋପ ହେଉ

ମହାଶୟ,

ଦେଶ ତଥା ରାଜ୍ୟରେ ବଂଶାନୁକ୍ରମିକ ରାଜନୀତିର ବିଲୋପ ଆଜି ମଧ୍ୟ ହୋଇନାହିଁ କହିଲେ ଚଳେ। ଆମ ରାଜ୍ୟରେ ରାଜନୈତିକ ଦୃଷ୍ଟିକୋଣରୁ ବିଚାରକୁ ନିଆଗଲେ, ଏହାର ସ୍ପଷ୍ଟତା ଏବେ ମଧ୍ୟ ବାରି ହୋଇପଡୁଛି। ଯାହାକି କିଛି ଦିନର ବ୍ୟବଧାନରେ ଜନୈକ ରାଜନେତା ଓ ତାଙ୍କର ଦାୟାଦ ମାନଙ୍କର ସମ୍ମିଳିତ ରାଜନୈତିକ ପ୍ରବେଶରୁ ସ୍ପଷ୍ଟ ପ୍ରମାଣିତ ହେଉଛି। ଏଇ ବ୍ୟବସ୍ଥାଟି ସୁପ୍ରିମକୋର୍ଟ ରାୟ ବିପକ୍ଷରେ କିମ୍ବା ସପକ୍ଷରେ ଯାଉଛି ତାହା କେବଳ ସେହି ରାଜନେତାମାନେ ହିଁ ବିଚାର କରିବେ। ଆଜି ଏହା ଆବଶ୍ୟକ ଯେ, ପ୍ରତ୍ୟେକ ପରିବାରରୁ କେବଳ ଜଣେ ମାତ୍ର ପ୍ରାର୍ଥୀ ପ୍ରତିନିଧିତ୍ୱ କରିବା ଅତ୍ୟନ୍ତ ଜରୁରୀ। ଏହା ମଧ୍ୟ ଆଇନ ସଙ୍ଗତ ଭାବେ ପରିଗଣିତ ହେବା ବିଧେୟ। ମୁଖ୍ୟତଃ ଏହାଦ୍ୱାରା ଏକଛତ୍ରବାଦ ଏବଂ ମନୋମୁଖୀ ଶାସନର ବିଲୋପ ହୋଇପାରିବ ଏବଂ ବଂଶାନୁକ୍ରମିକ ରାଜନୀତିର ମଧ୍ୟ ଅବସାନ ଘଟିବ।

**-ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗା ନଗର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ୨.୬୬ ଲକ୍ଷ ହିତାଧିକାରୀଙ୍କୁ ଋଣ ପ୍ରଦାନ କଲେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର/ଢେଙ୍କାନାଳ,୨୦।୧
(ଅନିଲ ଦାସ/ରତନ ନାୟାର)

ଢେଙ୍କାନାଳର ପଲ୍ଲିଶ୍ରୀ ମେଳା ପଡ଼ିଆ ଏବଂ ସମ୍ବଲପୁରରେ ଭାରତ ସରକାରଙ୍କ ତରଫରୁ ଶନିବାର ଅନୁଷ୍ଠିତ ପୃଥକ୍ 'ଋଣ ମେଳା' ତଥା 'କ୍ରେଡିଟ୍ ଆଉଟରିଚ୍' କାର୍ଯ୍ୟକ୍ରମରେ ସମ୍ବଲପୁର, ଦେବଗଡ଼, ଢେଙ୍କାନାଳ ଓ ଅନୁଗୋଳ ଜିଲାର ୨ ଲକ୍ଷ ୬୬ ହଜାର ୧୮୬ ହିତାଧିକାରୀଙ୍କୁ ପ୍ରାୟ ୫ ହଜାର କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଛି। କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧାରୀ ହିତାଧିକାରୀମାନଙ୍କୁ ଏହି ଋଣ ପ୍ରଦାନ କରିଛନ୍ତି।

ମୋଦି ସରକାରଙ୍କ କଲ୍ୟାଣକାରୀ ଯୋଜନାର ହିତାଧିକାରୀମାନଙ୍କୁ ସ୍ୱଳ୍ପ ସୁଧରେ ଋଣ ଦେବା ପାଇଁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଧର୍ମେନ୍ଦ୍ର କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶରେ ଦାରିଦ୍ର୍ୟକୁ ହ୍ରାସ କରି ଲୋକମାନଙ୍କୁ ଆତ୍ମନିର୍ଭର କରିବା ସହ ସେମାନଙ୍କୁ ସ୍ୱାଭିମାନୀ କରିବା ପାଇଁ ବଜ୍ରପ୍ରତିଜ୍ଞା କରିଛନ୍ତି। ଆଜିର ଏହି ଋଣ ମେଳା ତାହାର ଏକ ପ୍ରତିଫଳନ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସମ୍ବଲପୁର ଓ ଦେବଗଡ଼ ଜିଲାର ୭୦,୬୮୯ ଜଣ ହିତାଧିକାରୀଙ୍କୁ ୨୨୮୯ କୋଟି ଟଙ୍କାର ଋଣ ସହାୟତା ଦିଆଯାଇଛି। ସେହିପରି ଢେଙ୍କାନାଳ ଓ ଅନୁଗୋଳ ଜିଲାର ୧ ଲକ୍ଷ ୯୫ ହଜାର ୪୯୭ ଜଣଙ୍କୁ ୨୫୩୭ କୋଟି ଟଙ୍କାର ଋଣ ଦିଆଯାଇଛି। କ୍ଷୁଦ୍ର ବ୍ୟବସାୟୀ, ମୁଦ୍ରା, ଷ୍ଟାର୍ଟ ଅପ୍ ଇଣ୍ଡିଆ, ପିଏମ୍ ସ୍ୱନିଧି, ଏମ୍ଏସ୍ଏମ୍ଇ, କିଷାନ କ୍ରେଡିଟ୍ କାର୍ଡ, ଫସଲ, ମତ୍ସ୍ୟଚାଷ ଓ ଏସ୍ଏଚ୍ଜି ଭଳି ଯୋଜନା ପାଇଁ ଏହି ଋଣ ଦିଆଯାଇଛି। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ, ଅର୍ଥ ରାଷ୍ଟ୍ରମନ୍ତ୍ରୀ ଏବଂ ବ୍ୟାଙ୍କ ସମୂହକୁ ଧର୍ମେନ୍ଦ୍ର ଧନ୍ୟବାଦ ଦେଇଛନ୍ତି।

କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ପୂର୍ବରୁ ଓଡ଼ିଶାରେ ଋଣ ସହାୟତା ୬୭ ହଜାର କୋଟି ଟଙ୍କା ଥିବାବେଳେ ମୋଦି ସରକାରରେ ଏହା ୩ଗୁଣା ବୃଦ୍ଧି ପାଇ ୨ ଲକ୍ଷ ୧୪ କୋଟି ଟଙ୍କାରେ ପହଞ୍ଚିଛି। ଓଡ଼ିଶାରେ ୨୦୧୪ ପର୍ଯ୍ୟନ୍ତ ୪୩୩୮ଟି ବ୍ୟାଙ୍କ ଥିଲା। ଗତ ୧୦ ବର୍ଷ ଭିତରେ ୧୫୦୦ରୁ ଅଧିକ ବ୍ୟାଙ୍କ ସୃଷ୍ଟି ହୋଇଛି। ମୋଦି ସରକାରଙ୍କ ସଫଳ ନୀତି ଓ କଲ୍ୟାଣକାରୀ ଯୋଜନା କାରଣରୁ ଦେଶର ୨୪.୮ କୋଟି ଏବଂ ଓଡ଼ିଶାର ପ୍ରାୟ ୧ କୋଟି ଲୋକ ଦାରିଦ୍ର୍ୟରୁ ମୁକ୍ତ ହୋଇ ବିକାଶ ସହ ଯୋଡ଼ି ହୋଇଛନ୍ତି। ଆଜି ଓଡ଼ିଶାରେ ବହୁତ ମନଗଢ଼ା ଗପ ଚାଲିଛି। ମୋଦି ସରକାରଙ୍କ ପକ୍ଷରୁ ସେ ଦୂତ ଭାବେ ହିସାବ ଦେବାକୁ ଆସିଛନ୍ତି। ରାଜ୍ୟ ସରକାର ପରଘର ତିଅଣରେ ଅତିଥି ଚର୍ଚ୍ଚା କରୁଛନ୍ତି। ଆଗାମୀ ଦିନରେ ପ୍ରଧାନମନ୍ତ୍ରୀ ମୋଦି ମହିଳାମାନଙ୍କ ପାଇଁ 'ନମୋ ଡ୍ରୋନ ଦିଦି' ଯୋଜନାର ଶୁଭାରମ୍ଭ କରିବେ। ଏହି ଡ୍ରୋନ୍ ସାହାଯ୍ୟରେ ମହିଳାମାନେ ଚାଷ କାର୍ଯ୍ୟକୁ ସହଜରେ କରିପାରିବେ। ସେହିପରି ଗରିବ ଲୋକଙ୍କ ବ୍ୟାଙ୍କ ଖାତା ଖୋଲାଯାଇ ସେମାନଙ୍କୁ ବିଭିନ୍ନ କଲ୍ୟାଣକାରୀ ଯୋଜନାରେ ଆର୍ଥିକ ସହାୟତା ସହ ଭବିଷ୍ୟତକୁ ସୁରକ୍ଷିତ ରଖିବା ପାଇଁ ମୋଦି ସରକାର ଗ୍ୟାରେଣ୍ଟି ଦେଇଛନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର ଆଇଆଇଏମ୍ ସମ୍ବଲପୁରରେ ଭାରତର ସର୍ବପ୍ରଥମ 'କ୍ରାଫ୍ଟ ଇନ୍କ୍ୟୁବେଶନ ସେଣ୍ଟର'ର ଲୋକାର୍ପଣ କରିଥିଲେ।






## 'କ୍ରେଡିଟ୍ ଆଉଟରିଚ୍' କାର୍ଯ୍ୟକ୍ରମ

- ସମ୍ବଲପୁର, ଦେବଗଡ଼ ଜିଲାର ୭୦,୬୮୯ ଜଣଙ୍କୁ ୨୨୮୯ କୋଟି
- ଢେଙ୍କାନାଳ, ଅନୁଗୋଳର ୧ ଲକ୍ଷ ୯୫ ହଜାର ୪୯୭ ଲାଭାର୍ଥୀଙ୍କୁ ୨୫୩୭ କୋଟି
- ଆଇଆଇଏମ୍ ସମ୍ବଲପୁରରେ 'କ୍ରାଫ୍ଟ ଇନ୍କ୍ୟୁବେଶନ ସେଣ୍ଟର' ଲୋକାର୍ପିତ

ବୟନଶିଳ୍ପରେ କାମ କରୁଥିବା ମାତୃଶକ୍ତିମାନଙ୍କୁ ଏହି କେନ୍ଦ୍ରରେ ପ୍ରଶିକ୍ଷଣ ଦିଆଯିବା ସହ ସାର୍ଟିଫିକେଟ୍ ପ୍ରଦାନ କରାଯିବ। ଋଣ ମେଳାରେ ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧାରୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଦକ୍ଷ ନେତୃତ୍ୱ ଯୋଗୁ ଗରିବ, ମହିଳା, କୃଷକ ଓ ଯୁବକମାନଙ୍କୁ କମ୍ ସୁଧରେ ଋଣ ଯୋଗାଇ ଦିଆଯାଉଛି। ଏହା ଆତ୍ମନିର୍ଭର କରିବା ସହିତ ସେମାନଙ୍କୁ ଆର୍ଥିକ ଶକ୍ତି ପ୍ରଦାନ କରୁଛି ବୋଲି ସେ କହିଛନ୍ତି।

ଏହି ଅବସରରେ ଢେଙ୍କାନାଳରେ ୟୁକୋ ଏମ୍ପାୱାର ଅନ୍ଲାଇନ କାର୍ଯ୍ୟକ୍ରମ ଏବଂ ଏ ସଂକ୍ରାନ୍ତରେ ଏକ ପୁସ୍ତିକା ଉନ୍ମୋଚିତ ହୋଇଥିଲା। ଏଥିରେ ୟୁକୋ ବ୍ୟାଙ୍କ ପରିଚାଳନା ନିର୍ଦ୍ଦେଶକ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଏସ୍ଏଲ୍ବିସି ଓଡ଼ିଶାର ଅଧ୍ୟକ୍ଷ ଅଶ୍ୱିନୀ କୁମାର, ଏସ୍ଏଲ୍ବିସି ଆବାହକ ଗୌତମ ପାତ୍ର ଓ ରାଜ୍ୟରେ କାର୍ଯ୍ୟ କରୁଥିବା ବ୍ୟାଙ୍କ ଗୁଡ଼ିକର ମୁଖ୍ୟମାନେ ଯୋଗ ଦେଇଥିଲେ।

# କ୍ରିକେଟ ବ୍ୟାଟ୍‌ରେ ପିଟି ହତ୍ୟା, ୬ ଅଟକ

ସୋନପୁର/ତରଭା,୨୦।୧
(ମୃତ୍ୟୁଞ୍ଜୟ ଶତପଥୀ/ ମାନଭଞ୍ଜନ ମିଶ୍ର)

କ୍ରିକେଟ ବ୍ୟାଟ୍‌ରେ ପିଟି ସୁବର୍ଣ୍ଣପୁର ଜିଲା ତରଭା ଥାନା ମେଣ୍ଡା ଗାଁର ଜଣେ ଯୁବକଙ୍କୁ ଶନିବାର ଅପରାହ୍ନରେ ହତ୍ୟା କରାଯାଇଛି। ମୃତକ ହେଲେ ସନ୍ତୋଷ ହାତୀ(୪୦)। ତରଭା ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି। ତରଭା ରଣାପଡ଼ାର ୬ ଜଣଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଛି। ସନ୍ତୋଷ ମେଣ୍ଡା ଘାସିପଡ଼ାର ରାଧାକାନ୍ତଙ୍କ ପୁଅ। ଘାସିପଡ଼ାର ଲୋକେ ମେଣ୍ଡା ଫାଣ୍ଡିକୁ ଘେରାଉ କରିଛନ୍ତି। ସୋନପୁର ଏସ୍‌ଡିପିଓ ପ୍ରତାପ କୁମାର ତ୍ରିପାଠୀ ଓ ତରଭା ଆଇଆଇସି ଅନିତା କିଡୋ ସ୍ଥିତିର ଅନୁଧ୍ୟାନ କରୁଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଅପରାହ୍ନ ୩ଟା ବେଳେ ସନ୍ତୋଷ ଜଣେ ସାଙ୍ଗଙ୍କ ସହ ମେଣ୍ଡାର ଖାରିବନ୍ଧକୁ ଗାଧୋଇବାକୁ ଯାଇଥିବାବେଳେ ସେମାନେ ରଣାପଡ଼ାର ରାଜେଶ ରଣାଙ୍କୁ ଗାଳିଗୁଲଜ କରିଥିଲେ। କାରଣ ସନ୍ତୋଷ ଓ ରାଜେଶଙ୍କ ମଧ୍ୟରେ ପୂର୍ବରୁ କୌଣସି କାରଣକୁ ନେଇ ଗଣ୍ଡଗୋଳ ହୋଇଥିଲା। ଏହା ଜାଣିବା ପରେ ଉଭୟ ପକ୍ଷ ମଧ୍ୟରେ ବଚସା ହୋଇଥିଲା। ଏହି ସମୟରେ ଉତ୍ତ୍ୟକ୍ତ ହୋଇ ଅପରଗୋଷ୍ଠୀ ଏକ କ୍ରିକେଟ ବ୍ୟାଟ୍‌ରେ ସନ୍ତୋଷଙ୍କ ମୁଣ୍ଡକୁ ମାଡ଼ ମାରିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ତେବେ ସନ୍ତୋଷଙ୍କ ସାଙ୍ଗ ସାମାନ୍ୟ ଆହତ ହୋଇ ସେଠାରୁ ଫେରାର ହୋଇଯାଇଥିଲେ। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକେ ଉତ୍ତ୍ୟକ୍ତ ହୋଇ ଫାଣ୍ଡି ଘେରାଉ କରିଥିଲେ। ମୃତକଙ୍କ ପୁଅ କାରନ(୨୦)ଙ୍କ ଅଭିଯୋଗକ୍ରମେ ତରଭା ଥାନାରେ ଏକ ହତ୍ୟା ମାମଲା ରୁଜୁ କରାଯାଇଛି। ତେବେ ହତ୍ୟାକାଣ୍ଡ ପରେ ରାଜେଶ ରଣା ଆତ୍ମସମର୍ପଣ କରିଥିଲେ।

# ପୂର୍ବତନ ବିଧାୟକ ଜୟନାରାୟଣ ମହାନ୍ତିଙ୍କ ପରଲୋକ



ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/ କାଳିପଦା(ରାଜଶ୍ରୀ ପାଣିଗ୍ରାହୀ), ୨୦।୧

ଜଳେଶ୍ୱର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଜୟନାରାୟଣ ମହାନ୍ତିଙ୍କ ଶନିବାର ପୂର୍ବାହ୍ନରେ ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି କିଡ୍‌ନୀ ଜନିତ ରୋଗରେ ପୀଡିତ ଥିଲେ। ଅଳ୍ପଦିନ ପୂର୍ବରୁ ସେ ଗୁରୁତର ଅସୁସ୍ଥ ହୋଇ ଏମ୍ସ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଧୀନ ହାସିମପୁର ଗ୍ରାମରେ ଜନ୍ମିତ ଜୟନାରାୟଣ ବାଲିଆପାଳ ଅଞ୍ଚଳର ବିକାଶ ପୁରୁଷ ଭାବେ ପରିଚିତ। ଯେତେବେଳେ ବାଲିଆପାଳ ବ୍ଲକ ଜଳେଶ୍ୱର ନିର୍ବାଚନମଣ୍ଡଳୀରେ ଥିଲା ସେହି ସମୟରେ ୧୯୯୫ରୁ ୨୦୦୦ ଏବଂ ୨୦୦୦ରୁ ୨୦୦୪ ଦୁଇ ଥର ବିଧାୟକ ହୋଇଥିଲେ। ବିଧାୟକ ପୂର୍ବରୁ ବାଲିଆପାଳ ବିଏଡ୍ କଲେଜ ପରେ ବାଲିଆପାଳ ଫିଜିକାଲ କଲେଜ, ଲକ୍ଷ୍ମୀପ୍ରିୟା ମହିଳା ମହାବିଦ୍ୟାଳୟ, ସୁବର୍ଣ୍ଣରେଖାରେ ପୋଲ, ବାଲିଆପାଳ ଅଞ୍ଚଳର ପ୍ରସିଦ୍ଧ ଜଗନ୍ନାଥ ମନ୍ଦିର, ରଥଯାତ୍ରା ଆରମ୍ଭ ସହିତ କେତେକ ଅନୁଷ୍ଠାନ, ମନ୍ଦିର ଗଢ଼ିଛନ୍ତି। ତାଙ୍କ ବିକାଶଧାରାକୁ ବାଲିଆପାଳ ଅଞ୍ଚଳର ଜନସାଧାରଣ କେବେବି ଭୁଲିପାରିବେ ନାହିଁ ବୋଲି ତାଙ୍କ ବନ୍ଧୁ ପ୍ରିୟନାଥ ସେଠୀ, କାଳିଚରଣ ଦେ, ପୂର୍ବତନ ସରପଞ୍ଚ ମଧୁସୂଦନ ବାରିକ, ପୂର୍ବତନ ସରପଞ୍ଚ ମୂରଲୀମୋହନ ସାହୁ, ପ୍ରଫୁଲ୍ଲ ସାହୁ ପ୍ରମୁଖ କହିଛନ୍ତି। ସ୍ୱର୍ଗତ ମହାନ୍ତିଙ୍କ ବିୟୋଗରେ ଏମ୍ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ପୂର୍ବତନ ଏମ୍ପି ଖାରବେଳ ସ୍ୱାଇଁ, ପୂର୍ବତନ ଏମ୍ପି ଇଂ. ରବୀନ୍ଦ୍ର ଜେନା, ବିଧାୟକ ନିତ୍ୟାନନ୍ଦ ସାହୁ, ମହିଳା ବିଜେଡି ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନା, ପୂର୍ବତନ ଜିଲା ପରିଷଦ ସଦସ୍ୟ ଅଜୟ କୁମାର ସାହୁ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ବିଜନ ନାୟକ, ଭାଜପା ନେତା ଶ୍ୟାମାପ୍ରସାଦ ବେହେରା, ମହେଶ୍ୱର ଜେନା, ଅରବିନ୍ଦ ବେହେରା, ନିଶାକର ସେଠୀ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। ଶେଷଶଯ୍ୟା ନିକଟରେ ଦୁଇପୁଅ ସତ୍ୟକାମ ଓ ଦିବ୍ୟକାମ ଥିଲେ। ସ୍ୱର୍ଗତ ଜୟନାରାୟଣ ଦୀର୍ଘଦିନ ଧରି କଂଗ୍ରେସରେ ଥିବା ବେଳେ ୨୦୧୯ ସାଧାରଣ ନିର୍ବାଚନର କିଛିଦିନ ପୂର୍ବରୁ ଭାଜପାରେ ସାମିଲ ହୋଇଥିଲେ।

# ନୀଳଗିରିରେ ପକ୍ଷୀ ମଡ଼କ



ନୀଳଗିରି,୨୦।୧(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ଜାମୁଡ଼ିହା ଗାଁରେ ଶନିବାର ବିଭିନ୍ନ ପ୍ରଜାତିର ପକ୍ଷୀ ମଡ଼କ ଦେଖିବାକୁ ମିଳିଛି। ୪ ପ୍ରଜାତିର ୧୮ରୁ ଅଧିକ ପକ୍ଷୀଙ୍କ ମୃତ୍ୟୁ ହୋଇଛି। ଏହି ପକ୍ଷୀଗୁଡ଼ିକ ମଧ୍ୟରେ କୁମ୍ଭାଟୁଆ, ବଣି, ଗୁହକାଳିକା, ଘରଚଟିଆ ପ୍ରଜାତିର ପକ୍ଷୀ ଥିବା ଜଣାପଡ଼ିଛି। ପକ୍ଷୀଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ ଏକାକାଳୀନ ଏତେ ସଂଖ୍ୟକ ପକ୍ଷୀଙ୍କ ମୃତ୍ୟୁକୁ ନେଇ ଗ୍ରାମବାସୀ ଚିନ୍ତା ପ୍ରକଟ କରିଛନ୍ତି। ସକାଳେ ଏକ ସିମୁଳି ଗଛ ଉପରୁ ପକ୍ଷୀମାନେ ଅସୁସ୍ଥ ହୋଇ ଗୋଟେ ପରେ ଗୋଟିଏ ମରି ତଳକୁ ଖସିଥିଲେ। ସ୍ଥାନୀୟ ପିଲାମାନେ କୋଳି ଖାଇବାକୁ ଯାଇଥିବା ବେଳେ ପକ୍ଷୀମାନେ ପଡ଼ିଥିବା ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ଲୋକେ ପ୍ରଥମେ କିଛି ବୁଝି ନ ପାରି ଭୟଭୀତ ହୋଇପଡ଼ିଥିଲେ। ଅତ୍ୟଧିକ ଥଣ୍ଡା ଓ ବାର୍ଡ ଫ୍ଲୁ ଯୋଗୁ ପକ୍ଷୀଙ୍କ ମୃତ୍ୟୁ ହେଉଥିବା ଗାଁ ଲୋକେ ଆଶଙ୍କା କରିଛନ୍ତି। ନୀଳଗିରି ବନ ବିଭାଗର କର୍ମଚାରୀ ଓ ପ୍ରାଣୀ ଚିକିତ୍ସକ ପହଞ୍ଚି ପକ୍ଷୀଗୁଡ଼ିକ ପରୀକ୍ଷା ନିମନ୍ତେ ନେଇଛନ୍ତି।

# ଯୁବକଙ୍କୁ ହତ୍ୟା ପରେ ଟ୍ରାକ୍ଟର ଚଢ଼ାଇଦେଲେ

## ୫ ଅଟକ

ବାଲେଶ୍ୱର,୨୦।୧
(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରେମୁଣା ଥାନା ଗାଙ୍ଗପୁରାରେ ଜଣେ ଯୁବକଙ୍କୁ ହତ୍ୟା କରିବା ପରେ ଅଭିଯୁକ୍ତମାନେ ଟ୍ରାକ୍ଟର ଚଢ଼ାଇ ଦେଇଛନ୍ତି। ହତ୍ୟାକାଣ୍ଡକୁ ଦୁର୍ଘଟଣାର ରୂପ ଦେବାକୁ ଚେଷ୍ଟା କରାଯାଇଥିବା ପୋଲିସ ପର୍ଦ୍ଦାଫାସ କରିଛି। ମୃତ ଯୁବକଙ୍କ ପରିବାର ପକ୍ଷରୁ ରେମୁଣା ଥାନାରେ ଅଭିଯୋଗ କରାଯିବା ପରେ ପୋଲିସ ମାମଲା (ନଂ. ୧୧/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ହତ୍ୟାକାଣ୍ଡରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତଙ୍କ ସହ ୫ଜଣଙ୍କୁ ପୋଲିସ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଥିବା ରେମୁଣା ଥାନା ଅଧିକାରୀ ଆର୍ତ୍ତତ୍ରାଣ ସେଠୀ ସୂଚନା ଦେଇଛନ୍ତି। ରେମୁଣା ଥାନା ଅଧୀନ କଲ୍ୟାଣପୁର ପଞ୍ଚାୟତ ଗାଙ୍ଗପୁରା ଗ୍ରାମର ଭଗବାନ ପ୍ରଧାନ(୩୫) ଓ ଭାଗବତ ପ୍ରଧାନ (୪୫) ଉଭୟ ଟ୍ରାକ୍ଟର ଯୋଗେ ବାଲି, ଚିପ୍ସ, ମାଟି ଓ ଅନ୍ୟାନ୍ୟ ସାମଗ୍ରୀର ପରିବହନ ବ୍ୟବସାୟ କରନ୍ତି। ବ୍ୟବସାୟକୁ ନେଇ ଉଭୟଙ୍କ ମଧ୍ୟରେ ବାରମ୍ବାର ଗଣ୍ଡଗୋଳ ହେଉଥିଲା। ଏପରିକି ବାଲି ବ୍ୟବସାୟକୁ ନେଇ ମଧ୍ୟ ଉଭୟ ସହଯୋଗୀଙ୍କ ସହ ମୁହାଁମୁହିଁ ହେଉଥିଲେ। ଭଗବାନ କିଛିଦିନ ପୂର୍ବରୁ ଭାଗବତଙ୍କୁ ଆକ୍ରମଣ କରିବା ସହ ହତ୍ୟା ଉଦ୍ୟମ କରିଥିଲେ। ଏଥିପାଇଁ ସେ ଜେଲ ମଧ୍ୟ ଯାଇଥିଲେ। ଏହି ଶତ୍ରୁତା ଲାଗି ରହିଥିବା ବେଳେ ଶୁକ୍ରବାର ମଧ୍ୟରାତ୍ରରେ ଭଗବାନଙ୍କୁ ଗାଙ୍ଗପୁରା ଗାଁ ମୁଣ୍ଡରେ ଏକାକୀ ପାଇ ଭାଗବତ ଏବଂ ସାଥୀମାନେ ହତ୍ୟା କରିଥିଲେ। ପରେ ତା' ଉପରେ ଟ୍ରାକ୍ଟର ଚପାଇ ଦେଇ ଦୁର୍ଘଟଣାର ରୂପ ଦେବାକୁ ଚେଷ୍ଟା କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା।


ସତ୍ୟମେବ ଜୟତେ
ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ
ଭାରତ ସରକାର

## ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ବିଭାଗ

## ବର୍ଷ ୨୦୨୩-୨୪ ପାଇଁ ଏସ୍‌ସି ଓ ଅନ୍ୟମାନଙ୍କ ଲାଗି ପ୍ରାକ୍-ମାଟ୍ରିକ୍ ଛାତ୍ରବୃତ୍ତି ଯୋଜନା

ଅଧୀନରେ ଅନୁସୂଚିତ ଜାତି ଓ ଅନ୍ୟାନ୍ୟ ଉପେକ୍ଷିତ ସମୂହ ପାଇଁ ବିଦ୍ୟାଳୟ ଶିକ୍ଷାରେ ଅଧ୍ୟୟନ କରିବା ସକାଶେ

## ୨୬ ଲକ୍ଷ ଛାତ୍ରଛାତ୍ରୀଙ୍କ ଲାଗି ଛାତ୍ରବୃତ୍ତି

ସମ୍ପର୍କରେ ଘୋଷଣା କରୁଛନ୍ତି

| ଯୋଗ୍ୟତା | ପରିସର | ହକ୍‌ଦାରିତା |
| --- | --- | --- |
| ଉପାଦାନ – ୧<br>• ଏସ୍‌ସି ବର୍ଗର ଛାତ୍ରଛାତ୍ରୀ<br>• ପିତାମାତା/ ଅଭିଭାବକଙ୍କ ବାର୍ଷିକ ଆୟ ୨.୫୦ ଲକ୍ଷ ଟଙ୍କାରୁ ଅଧିକ ହୋଇ ନ ଥିବ | • ସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟରେ ଶ୍ରେଣୀ ୯ମ ଓ ୧୦ମରେ ପଢୁଥିବା ବିଦ୍ୟାର୍ଥୀ<br>• ଦରଖାସ୍ତଗୁଡ଼ିକୁ ରାଜ୍ୟ ସରକାର/କେନ୍ଦ୍ରଶାସିତ ଅଞ୍ଚଳ ଦ୍ୱାରା ଗ୍ରହଣ ତଥା ଯାଞ୍ଚ କରାଯାଇଥାଏ<br>• ଗରିବ ପରିବାରଙ୍କୁ ପ୍ରାଥମିକତା | • ବାର୍ଷିକ ₹୩୫୦୦ ରୁ ₹୭୦୦୦ର ଶିକ୍ଷାଗତ ଭତ୍ତା<br>• ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ପାଇଁ ୧୦% ଅତିରିକ୍ତ ଭତ୍ତା |
| ଉପାଦାନ – ୨<br>• ଏପରି ଛାତ୍ରଛାତ୍ରୀ ଯେଉଁମାନଙ୍କର ପିତାମାତା/ଅଭିଭାବକ ସଫେଇ ଓ ସ୍ୱାସ୍ଥ୍ୟ ପ୍ରତି ବିପଦ ଥିବା ଧନ୍ଦାରେ ନିୟୋଜିତ ହୋଇଥିବେ ।<br>• ଆୟ ସମ୍ବନ୍ଧୀୟ କୌଣସି ମାନଦଣ୍ଡ ନାହିଁ । | • ସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟରେ ୧ମରୁ ୧୦ମ ଶ୍ରେଣୀରେ ଅଧ୍ୟୟନରତ ଛାତ୍ରଛାତ୍ରୀ<br>• ଦରଖାସ୍ତଗୁଡ଼ିକ ରାଜ୍ୟ ସରକାର/ କେନ୍ଦ୍ରଶାସିତ ଅଞ୍ଚଳ ଦ୍ୱାରା ଗ୍ରହଣ ତଥା ଯାଞ୍ଚ କରାଯାଇଥାଏ ।<br>• ଗରିବ ପରିବାରଙ୍କୁ ପ୍ରାଥମିକତା | • ବାର୍ଷିକ ₹୩୫୦୦ରୁ ₹୮୦୦୦ ପର୍ଯ୍ୟନ୍ତ ଶିକ୍ଷାଗତ ଭତ୍ତା<br>• ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ପାଇଁ ୧୦% ଅତିରିକ୍ତ ଭତ୍ତା |

- ଛାତ୍ରଛାତ୍ରୀମାନେ ସେମାନଙ୍କ ରାଜ୍ୟର ସ୍କଲାରଶିପ୍ ପୋର୍ଟାଲରେ ଆବେଦନ କରିବେ
- ଛାତ୍ରଛାତ୍ରୀମାନଙ୍କ ନିକଟରେ ଏକ ବୈଧ ମୋବାଇଲ ନମ୍ବର, ଆଧାର ନମ୍ବର (ୟୁଆଇଡି), ଆଧାର ସଂଯୁକ୍ତ ବ୍ୟାଙ୍କ ଖାତା, ଆୟ ପ୍ରମାଣପତ୍ର ଏବଂ ଜାତିଗତ ପ୍ରମାଣପତ୍ର ରହିଥିବା ଆବଶ୍ୟକ ।

- ଯୋଜନାର ମାର୍ଗଦର୍ଶିକା ଏବଂ ସବିଶେଷ ଯୋଗ୍ୟତା ମାନଦଣ୍ଡ ନିମ୍ନଲିଖିତ ୱେବ୍‌ସାଇଟ୍‌ରେ ଉପଲବ୍ଧ
**http://socialjustice.gov.in/schemes/23**

cbc 38101/11/0056/2324



## REQUIRED

Invite application from eligible candidates for OFSDP-II project in Sambalpur

| | | |
| --- | --- | --- |
| 1 | Team Leader 01 OFSDP-II Sambalpur | MSW, MA in RD, 6 years experiences in Rural Development and Livelihood Project |
| 2 | Development Officer (CD/NRM) 03 OFSDS-II Sambalpur | Graduate / Bachelor degree with 3 years experiences Rural Development and Livelihood Project, JFM/NRM |
| 3 | ANM/LHA Maa Gruha Project | ANM, +2, +3 female candidate only for Maa Gruha Project in Nabarangpur and Koraput Dist. |

Interested candidates apply within 3 days through Mail ID- gvs. odisha.1993@gmail.com. Contact No. 8455848378 / 06858- 223692 go through the website more details www.gvsorissa.org.

Sd./- GVS, Nabarangpur



## ପୂର୍ବତଟ ରେଳପଥ

ଇ-ଟେଣ୍ଡର ନୋଟିସ୍ ନଂ.: 48-SBP-TRD-OT-2023-24

କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳର SSP ଠାରୁ ଅତିରିକ୍ତ ଫିଡର ଲାଇନ୍ ଦ୍ୱାରା ଟ୍ରାକ୍ସନ ବ୍ୟବସ୍ଥାର ନିର୍ଭରଯୋଗ୍ୟତା ବୃଦ୍ଧିର ଉନ୍ନତି ଆଣିବା।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ.70,87,554.61

EMD: ଟ. 1,41,800/-

କାର୍ଯ୍ୟ ସମାପ୍ତିର ଅବଧି : 8 (ଆଠ) ମାସ

ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ :
ତା.05.02.2024 ରିଖ 1530 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ସହିତ ଇ-ଟେଣ୍ଡର ନଥିପତ୍ର ୱେବ୍‌ସାଇଟ୍ : www.ireps.gov.in ରେ ଉପଲବ୍ଧ ଅଟେ।

ଟେଣ୍ଡରଦାତା/ବିଡରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜିକୃତ ହୋଇଥିବେ। କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ୧୫ ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବାପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ୱେବ୍‌ସାଇଟ୍ : www.ireps.gov.in

ବରିଷ୍ଠ ମଣ୍ଡଳ ଇଲେକ୍ଟ୍ରିକାଲ ଇଞ୍ଜିନିୟର (TRD)
PR-1005/O/23-24 ସମ୍ବଲପୁର



## IDBI BANK

ଚନ୍ଦ୍ରଶେଖରପୁର ଶାଖା (୧୧୬୦), ଭୁବନେଶ୍ୱର, ପିନ୍-୭୫୧୦୧୬

## ସୁନା ଅଳଙ୍କାର ନିଲାମ ନୋଟିସ୍

ବ୍ୟାଙ୍କର ଋଣଗ୍ରହୀତା(ମାନ)ଙ୍କ ଠାରୁ ଋଣ ଆଦାୟ ଉଦ୍ଦେଶ୍ୟରେ ବ୍ୟାଙ୍କରେ ବନ୍ଧକ ଥିବା ନିମ୍ନଲିଖିତ ସ୍ୱର୍ଣ୍ଣ ଅଳଙ୍କାର ଗୁଡ଼ିକ ନିଲାମ ନିମନ୍ତେ ସର୍ବସାଧାରଣଙ୍କ ଠାରୁ ପ୍ରସ୍ତାବମାନ ଆହ୍ୱାନ କରାଯାଉଛି। **ଆଇଡିବିଆଇ ବ୍ୟାଙ୍କ, ଚନ୍ଦ୍ରଶେଖରପୁର ଶାଖା (୧୧୬୦)** ପରିସର (ନିଲାମ ସ୍ଥାନ)ରେ ନିମ୍ନ ସାରଣୀ ଅନୁଯାୟୀ ନିଲାମ କାର୍ଯ୍ୟ **ତା.୨୫.୦୧.୨୦୨୪ ରିଖ ପୂର୍ବାହ୍ନ ୧୧.୦୦ ଘଟିକା** ଠାରୁ ଆରମ୍ଭ କରାଯିବ।

| ଆକାଉଣ୍ଟ ନଂ./ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ସୁନା ଅଳଙ୍କାଗୁଡ଼ିକର ବିବରଣୀ | ମୋଟ ଓଜନ ଗ୍ରାମରେ | ସଂରକ୍ଷିତ ମୂଲ୍ୟ | ଅମାନତ ଜମା |
| --- | --- | --- | --- | --- |
| ୧୧୬୦୬୭୧୧୦୦୦୧୨୨୪୫/ **ଯଯାତି କେଶରୀ ସାହୁ,** ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୭୫୧୦୧୬ | କ) ଚେନ୍-୦୧ | କ) ୯.୫୧ | ଟ.୪୭,୧୭୫/- | ଟ.୪,୭୧୭/- |
| ୧୧୬୦୬୭୧୧୦୦୦୧୨୮୮୩/ **ମାଧବାନନ୍ଦ ପ୍ରଧାନ,** ପିତା: କାର୍ତ୍ତିକ ପ୍ରଧାନ, ସା/ଗ୍ରାମ: ବନ୍ଧହୁଡା, ଜିଲ୍ଲା: କଟକ-୭୫୪୦୩୨ | କ) ଚେନ୍-୦୧ | କ) ୮.୯୪ | ଟ.୪୪,୪୦୦/- | ଟ.୪,୪୪୦/- |

ବ୍ୟାଙ୍କ ଦ୍ୱାରା ଧାର୍ଯ୍ୟ ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ ନିଲାମ ସମ୍ପନ୍ନ ହେବ ଯାହାର କପି (ନକଲ) **ଚନ୍ଦ୍ରଶେଖରପୁର ଶାଖା (୧୧୬୦)** କାର୍ଯ୍ୟାଳୟର ନୋଟିସ୍ ବୋର୍ଡରେ **ତା.୨୨.୦୧.୨୦୨୪ ରିଖ ରୁ ତା.୨୪.୦୧.୨୦୨୪ ରିଖ** ପର୍ଯ୍ୟନ୍ତ ପ୍ରଦର୍ଶିତ ହେବ ଏବଂ ଆଗ୍ରହୀ ପକ୍ଷମାନେ ଏହାକୁ ଦେଖିପାରିବେ। ନିଲାମରେ ଅଂଶଗ୍ରହଣ କରୁଥିବା ବିଡରଙ୍କର ଉପରଲିଖିତ ବିକ୍ରୟର ନିୟମ ଏବଂ ସର୍ତ୍ତାବଳୀ ପୂର୍ଣ୍ଣ ଜ୍ଞାତସାରରେ ଅଛି ବୋଲି ବିବେଚନା କରାଯିବ। ପ୍ରସ୍ତାବ ଦାଖଲର ଅନ୍ତିମ ତାରିଖ ଏବଂ ସମୟ : **ତା.୨୪.୦୧.୨୦୨୪ରିଖ ଅପରାହ୍ନ ୪.୦୦ ଘଟିକା।**

**ସ୍ଥାନ: ଭୁବନେଶ୍ୱର, ତାରିଖ: ୨୦.୦୧.୨୦୨୪** **ଶାଖା ମୁଖ୍ୟ, ଆଇଡ଼ିବିଆଇ ବ୍ୟାଙ୍କ ଲିଃ.**



## कार्यपालक अभियंता का कार्यालय, ग्रामीण कार्य विभाग, कार्य प्रमण्डल, खूँटी

ई–अल्पकालीन निविदा आमंत्रण सूचना

ई–अल्पकालीन निविदा संख्याः– 23/2023-24/RWD/KHUNTI, दिनांक– 19.01.2024
कार्यपालक अभियंता, ग्रामीण कार्य विभाग, कार्य प्रमण्डल, खूँटी द्वारा निम्न विवरण के अनुसार e-procurement पद्धति से पैकेज के रूप में निविदा आमंत्रित की जाती है।

1 योजना का नामः–

| क्र० सं० | आई०डी० सं०/पैकेज सं० | प्रखण्ड का नाम | पथ का नाम | प्राक्कलित राशि (रूपये में) अंक में | प्राक्कलित राशि (रूपये में) अक्षर में | कार्य समाप्ति की अवधि |
| --- | --- | --- | --- | --- | --- | --- |
| 1 | RWD-KHU-STPKG-16/ 2023-24 | मुरहू | 1. T013 खूँटी तोरपा मुख्य पथ से कुंजला तक पथ का सुदृढ़ीकरण कार्य (लं०– 1.150 किमी०)। | 11,28,92,100.00 | ग्यारह करोड़ अठाईस लाख बानबे हजार एक सौ रू० मात्र। | 9 माह। |
| | | मुरहू | 2. घाघरा से दारला तक पथ का सुदृढ़ीकरण कार्य (लं०–1.600 किमी०)। | | | |
| | | मुरहू | 3. L049 दारला से बिरमकेल तक पथ का सुदृढ़ीकरण कार्य (लं०– 1.300 किमी०)। | | | |
| | | मुरहू | 4. L024 अनीडीह से उदबुरू तक पथ का सुदृढ़ीकरण कार्य (लं०– 1.390 किमी०)। | | | |
| | | मुरहू | 5. L021 अनीडीह से रोंगो तक पथ का सुदृढ़ीकरण कार्य (लं०–3.300 किमी०)। | | | |
| | | मुरहू | 6. बिचना गम्हरिया मेन रोड जलटण्डा से खूँटी तोरपा मुख्य पथ तक भाया पाण्डु पथ का सुदृढ़ीकरण कार्य (लं०–3.500 किमी०)। | | | |
| | | मुरहू | 7. खूँटी तोरपा मुख्य पथ से खूँटी चाईबासा मुख्य पथ तक भाया कुँजला, दुलवा टोंगरी, इट्ठे, बरटोली पथ का सुदृढ़ीकरण कार्य (लं०– 9.600 किमी०)। | | | |

2 वेबसाईट में निविदा प्रकाशन की तिथिः– 29.01.2024।
3 ई–निविदा प्राप्ति की अंतिम तिथि एवं समयः– 07.02.2024 अपराहन 5.00 बजे।
4 निविदा खोलने की तिथि एवं समयः– 09.02.2024 अपराह्न 3.30 बजे
5 निविदा आमंत्रित करने वाले पदाधिकारी का नाम एवं पताः– कार्यपालक अभियंता, ग्रामीण कार्य विभाग, कार्य प्रमंडल, खूँटी, पिन–835210।
6 ई– निविदा प्रकोष्ट का दूरभाष सं०:– 9431170803
विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता
ग्रामीण कार्य विभाग, कार्य प्रमण्डल, खूँटी

PR 316637 (Rural Work Department)23-24*D

**୨୬୩ଜଣ ଦେଲେ ନବୋଦୟ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା**

ମୁରିବାହାଲ,(ଶ୍ରୀବତ୍ସ ବେହେରା): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକର ୨ଟି କେନ୍ଦ୍ରରେ ୨୬୩ଜଣ ଛାତ୍ରୀଛାତ୍ର ଶନିବାର ନବୋଦୟ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଦେଇଛନ୍ତି। ମୁରିବାହାଲ ପଞ୍ଚାୟତ ହାଇସ୍କୁଲରେ ୧୨୪ଜଣ ପରୀକ୍ଷା ଦେଇଥିବା ବେଳେ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ୧୩୯ଜଣ ପରୀକ୍ଷା ଦେଇଛନ୍ତି। ହାଇସ୍କୁଲ ପ୍ରଧାନଶିକ୍ଷକ ସୁଶୀଲ କୁମାର ପାତ୍ର ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧକ୍ଷ ପିତାମ୍ବର ବେସ୍ରା ପରୀକ୍ଷା କେନ୍ଦ୍ର ପରିଚାଳନା ଦାୟିତ୍ୱରେ ଥିଲେ।

# ସଂକ୍ଷେପରେ

## ନୂଆ-ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

ବଲାଙ୍ଗୀର,୨୦।୧(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଭୀମ ଭୋଇ ମେଡ଼ିକାଲ କଲେଜ ଓ ହସ୍ପିଟାଲଠାରେ ନୂଆ-ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମର ପୁରସ୍କାର ବିତରଣ ଏବଂ ଉଦ୍‌ଯାପନ ସମାରୋହ ଶନିବାର ଅନୁଷ୍ଠିତ ହୋଇଛି। ଅତିଥିଭାବେ ପଦ୍ମଶ୍ରୀ କୈଳାସ ଚନ୍ଦ୍ର ମେହେର, ମୁଖ୍ୟବକ୍ତାଭାବେ ଏଲୋରା ମିଶ୍ର, ଡ଼ା ସ୍ୱୟଂପ୍ରଭା ମିଶ୍ର, ନୋଡାଲ ଅଫିସର ଡ଼ା ସୁଚରିତା ମହାନ୍ତି ମଞ୍ଚାସୀନ ଥିଲେ। ଓଡ଼ିଶାର ପରମ୍ପରା, ସଂସ୍କୃତି ଓ ସାହିତ୍ୟ ଉପରେ ଅତିଥିମାନେ ଆଲୋଚନା କରିଥିଲେ। ଓଡ଼ିଶା ସରକାରଙ୍କ ଏହି ଅଭିନବ ପ୍ରୟାସ ଯୁବଗୋଷ୍ଠୀଙ୍କୁ ନିଶ୍ଚିତ ଭାବରେ ଅନୁପ୍ରାଣିତ କରିବ ବୋଲି ଅତିଥିମାନେ କହିଥିଲେ। ଶେଷରେ ପ୍ରତିଯୋଗିତାର ବିଜେତାମାନଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା।

## ୨୮ ଭୂମିହୀନଙ୍କୁ ପଟ୍ଟା ବଣ୍ଟନ

ମୁରିବାହାଲ, ୨୦।୧(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ତହସିଲ ଅଧୀନ ଇଛାପଡା, ଚଲକି, ମୁରିବାହାଲ, ଓ ଡୁପାଉଡାର ଗ୍ରାମ ପଞ୍ଚାୟତର ୨୮ଭୂମିହୀନଙ୍କୁ ତହସିଲଦାରଙ୍କ କାର୍ଯ୍ୟାଳୟ ନିକଟରେ ପଟ୍ଟା ବଣ୍ଟନ କରାଯାଇଛି। ଏହି ଅବସରରେ ମୁରିବାହାଲ ତହସିଲଦାର ଆୟୁବ ମଣ୍ଡଳଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ମୁଖ୍ୟଅତିଥିଭାବେ ଯୋଗଦେଇ ଉପସ୍ଥିତ ଭୂମିହୀନମାନଙ୍କୁ ପଟ୍ଟା ବଣ୍ଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ତହସିଲଦାର କଦାଳ ପାତ୍ର, କିରାଣୀ ହେଲମେଟ ବାର୍ଲା ଉପସ୍ଥିତ ଥିଲେ।

## ଭାଷା ସାହିତ୍ୟ, ସୃଜନଶୀଳତା ଉତ୍ସବ

ଟିଟିଲାଗଡ, ୨୦।୧(ଶରତ ମିଶ୍ର)

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ ଭୁସଲାଡ ଭୀମ ଭୋଇ ଉଚ୍ଚ ବିଦ୍ୟାଳୟରେ ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ପ୍ରଧାନଶିକ୍ଷକ ସନ୍ତୋଷ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଅନିଲ କୁମାର ତ୍ରିପାଠୀ ଯୋଗଦେଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମୁଖ୍ୟବକ୍ତାଭାବେ ପ୍ରଚଣ୍ଡ ସାହୁ ଭାଷା ସାହିତ୍ୟ ଓ ସୃଜନଶୀଳତା ଉପରେ ବକ୍ତବ୍ୟ ରଖିଥିଲେ। ସମ୍ମାନୀତ ଅତିଥିଭାବେ ଭୁସଲାଡ ସରପଞ୍ଚ ଦୀପକ ଛୁରା , ମୋ ସ୍କୁଲ ଅଭିଯାନ ସଭାପତି ଯୁବରାଜ ବେହେରା, ପରିଚାଳନା ସମିତି ସଭାପତି ନବୀନ ଭୋଇ, ଶିକ୍ଷାବିତ୍ ଅର୍ଜୁନ ପୁଟେଲ, ଯୁଧିଷ୍ଠିର ବେହେରା, ଶିକ୍ଷାବିତ୍ ତୁଳସୀ ରାମ ବେହେରା ମଞ୍ଚାସୀନ ଥିଲେ। ଶିକ୍ଷକ ଜଗଦାନନ୍ଦ ମୁଣ୍ଡ, କବିରାଜ ସାହୁ, ଲଛମନ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

# ଟୁଷୁରା ଏନ୍‌ଏସି, ଗୁଡ଼ଭେଲା ୧୨ଘଣ୍ଟା ବନ୍ଦ

ଗୁଡଭେଲା,୨୦।୧(ମନୋଜ କୁମାର ଜୈନ)


ଟୁଷୁରା ମିଳନ ଛକରେ ଆନ୍ଦୋଳନକାରୀ ରାସ୍ତା ଅବରୋଧ କରିଛନ୍ତି।

■ମଣ୍ଡିରେ ଧାନ କଟନୀ, ଚାଷୀ ଆତ୍ମହତ୍ୟା ଉଦ୍ୟମର ପ୍ରତିବାଦ
■ବେଆଇନ କାଗଜପତ୍ରରେ ଚାଲାଣ ବେଳେ ୧୦୭ ପ୍ୟାକେଟ ଧାନ ଜବତ

ବଲାଙ୍ଗୀର ଜିଲା ଟୁଷୁରା ଏନଏସି ଓ ଗୁଡଭେଲା ବ୍ଲକ ଅଞ୍ଚଳରେ ଥିବା ମଣ୍ଡିରେ ଧାନ କ୍ରୟରେ କଟନୀ କରାଯାଇ ଚାଷୀଙ୍କୁ ହଇରାଣ କରାଯିବା ଏବଂ ଏଥିଯୋଗୁ ଜଣେ ଚାଷୀ ଆତ୍ମହତ୍ୟା ଉଦ୍ୟମ କରିବାର ଯୋରଦାର ପ୍ରତିବାଦ କରାଯାଇଛି। ଟୁଷୁରା ଯୁଥ ଆକ୍ସନ କମିଟି ଆହୂତ ଶନିବାର ସକାଳ ୬ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ୧୨ଘଣ୍ଟିଆ ବନ୍ଦ ଶାନ୍ତିପୂର୍ଣ୍ଣଭାବେ ଶେଷ ହୋଇଛି। ବନ୍ଦ ପ୍ରଭାବରେ ସମସ୍ତ ସରକାରୀ, ବେସରକାରୀ ଅନୁଷ୍ଠାନ ଓ ଦୋକାନ ବଜାର ବନ୍ଦ ରହିଥିଲା। ଭାଜପା ଓ କଂଗ୍ରେସ ଦଳ ପକ୍ଷରୁ ବନ୍ଦକୁ ସମର୍ଥନ କରାଯାଇଥିଲା। ଭାଜପାର ବରିଷ୍ଠ ନେତା ନବୀନ ଜୈନ, କଂଗ୍ରେସର ଶ୍ରୀକାନ୍ତ ବାଗ, କମିଟିର ଲିସନ ପ୍ରଧାନ, ଦେବବ୍ରତ ପାଣିଗ୍ରାହୀ, କହ୍ନା ପ୍ରଧାନ, ନକୁଳ ସାହୁ, ସହଦେବ ମେହେର, ଉପେନ୍ଦ୍ର ମେହେର, ବିଜୟ ସାହୁ, ଜିତେନ୍ଦ୍ର ମହାପାତ୍ର,ରାଜ ମେହେର ପ୍ରମୁଖ ବନ୍ଦ ପାଳନବେଳେ ଉପସ୍ଥିତ ଥିଲେ। ବନ୍ଦ ସମୟରେ ଏକ ଟ୍ରକ(ଓଡି୦୩ କେ ୭୪୧୯)ରେ ଧାନ ଓ ଚାଉଳ ଏକ ରାଇସ୍ ମିଲକୁ ଯାଉଥିବା ବେଳେ ୟୁଥ ଆକ୍ସନ କମିଟି ସଦସ୍ୟମାନେ ଅଟକାଇ କାଗଜପତ୍ର ମାଗିଥିଲେ। କାଗଜପତ୍ର ଦେଖାଇ ନ ପାରି ଟ୍ରକକୁ ଛାଡି ଡ୍ରାଇଭର ଫେରାର ହୋଇ ଯିବାରୁ କମିଟି ସଦସ୍ୟମାନେ ବଲାଙ୍ଗୀର ଯୋଗାଣ ବିଭାଗକୁ ଖବର ଦେଇଥିଲେ। ଗୁଡଭେଲା ଯୋଗାଣ ଅଧିକାରୀ ପ୍ରଶାନ୍ତ ପ୍ରଧାନ ଓ ଟୁଷୁରା ଏନଏସି ସହ ଯୋଗାଣ ଅଧିକାରୀ ଆକାଶ ଦର୍ଜୀ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଥିଲେ। ଏହି ଧାନ ପେନ୍ଦିମୁଣ୍ଡା ଗ୍ରାମସ୍ଥିତ ଗଜାନନ ରାଇସ ମିଲ ମାଲିକ କାଗଜପତ୍ର ଦେଖାଇ ପାରି ନଥିବାରୁ ଉକ୍ତ ଟ୍ରକରେ ଥିବା ୪୭.୦୩ କୁଇଣ୍ଟାଲ(୧୦୭ ପ୍ୟାକେଟ) ଧାନକୁ ଜବତ କରି ଟୁଷୁରା ଥାନା ଜିମା ଦେଇଥିଲେ। ଏହି ସମୟରେ ଖବର ସଂଗ୍ରହ କରୁଥିବା ମନୋଜ କୁମାର ଜୈନଙ୍କୁ ଉକ୍ତ ରାଇସ ମିଲ୍‌ର କର୍ମଚାରୀ ସୁରଜ ଶର୍ମା ଆକ୍ରମଣ କରିଥିଲେ। ଏନେଇ ଜୈନ ଟୁଷୁରା ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ଏହାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି।

# ଯାତ୍ରୀ ନିବାସ ନିର୍ମାଣକୁ ବିରୋଧ

ଲାଠୋର,୨୦।୧(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ହଲନଭଟା ପଞ୍ଚାୟତ ସଦର ଗ୍ରାମରେ ବସୁଥିବା ସାପ୍ତାହିକ ହାଟ ପରିସରରେ ଯାତ୍ରୀ ନିବାସ ନିର୍ମାଣକୁ ବିରୋଧ କରାଯାଇଛି। ବେପାରୀ ଏବଂ ସ୍ଥାନୀୟ ଲୋକେ ଶନିବାର ନିର୍ମାଣସ୍ଥଳରେ ପହଞ୍ଚି ନାରାବାଜି କରିବା ସହ ଯାତ୍ରୀ ନିବାସ ଅନ୍ୟତ୍ର ନିର୍ମାଣ କରିବାକୁ ବୋଲି ଦାବି କରିଥିଲେ। ଏନେଇ ବିଡ଼ିଓଙ୍କୁ ଏକ ଦାବିପତ୍ର ଦେବା ପାଇଁ ପ୍ରସ୍ତୁତ କରାଯାଉଥିବା ନେଇ ଆନ୍ଦୋଳନକାରୀ କହିଛନ୍ତି। ଦୀର୍ଘ ୧୧ବର୍ଷ ହେବ ହଲନଭଟା ଗ୍ରାମର ନୂଆମୁଡ଼ା ଆମ୍ବତୋଟାଠାରେ ସପ୍ତାହର ଶନିବାର ସାପ୍ତାହିକ ହାଟ ବସି ଆସୁଛି । ସେଠାରେ କମ୍ପ୍ଲେକ୍ସ ନିର୍ମାଣ ହୋଇଛି । ହାଟ ଉପରେ ଆଖପାଖ ଅଞ୍ଚଳର ଲୋକେ ନିର୍ଭର କରିବା ସହ ବେପାରୀ ସଂଖ୍ୟା ମଧ୍ୟ ବଢିବାରେ ଲାଗିଛି। ହେଲେ କମ୍ପ୍ଲେକ୍ସକୁ ବ୍ଲକ ପ୍ରଶାସନ ଭାଙ୍ଗି ସେଠାରେ ୫ଲକ୍ଷ ଟଙ୍କା ବ୍ୟୟରେ ଯାତ୍ରୀ ନିବାସ ନିର୍ମାଣ ଆରମ୍ଭ କରିଛି । ଏହାକୁ ବିରୋଧ କରି ବେପାରୀମାନେ ପଞ୍ଚାୟତଠାରୁ ବ୍ଲକ ଅଫିସ ପର୍ଯ୍ୟନ୍ତ ଅବଗତ କରିଛନ୍ତି। ସେଠାରେ ଯାତ୍ରୀ ନିବାସ ନ କରି ହାଟ ତଳକୁ ସରକାରୀ ଜମିରେ ନିର୍ମାଣ କରାଯାଉ ବୋଲି ଅନୁରୋଧ କରିଥିଲେ। ହେଲେ ସେମାନଙ୍କ କଥ ନ ଶୁଣି ଠିକାଦାର କାମ କରିବାରୁ ସ୍ଥାନୀୟ ଲୋକଙ୍କ ସହ ବ୍ୟବସାୟୀମନେ ଶନିବାର କାମକୁ ବିରୋଧ କରିବା ସହ ହାଟ ବସାଇ ନ ଥିଲେ। ଯେ ପର୍ଯ୍ୟନ୍ତ କାମ ବନ୍ଦ କରା ନ ଯାଇଛି ସେ ଯାଏ ହାଟ ବସିବ ନାହିଁ ବୋଲି ଅନ୍ଦୋଳନକାରୀମାନେ କହିଛନ୍ତି। ଏ ନେଇ ବିଡ଼ିଓ ଶଙ୍କର୍ଷଣ ବେହେରାଙ୍କୁ ପଚାରିବାରୁ ଯାତ୍ରୀ ନିବାସ ନିର୍ମାଣସ୍ଥଳକୁ ବିରୋଧ ହେଉଥିବାରୁ ନୂତନ ଜମି ଚିହ୍ନଟ ପାଇଁ ସରପଞ୍ଚଙ୍କୁ କୁହାଯିବ ବୋଲି କହିଛନ୍ତି।


ନିର୍ମାଣସ୍ଥଳରେ ବ୍ୟବସାୟୀ ଓ ସ୍ଥାନୀୟ ଲୋକେ ବିରୋଧ କରୁଛନ୍ତି।

# ଜଗନ୍ନାଥ ସଂସ୍କୃତି ଉପରେ ଆଲୋଚନାଚକ୍ର


ମହିଳା ଡିଗ୍ରୀ ମହାବିଦ୍ୟାଳୟ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି।

କଣ୍ଟାବାଞ୍ଜି,୨୦।୧(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ସଦର ମହକୁମାସ୍ଥିତ ରାଜୀବ ଗାନ୍ଧୀ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଶ୍ରୀ ପରିକ୍ରମା ପ୍ରକଳ୍ପ ଉପଲକ୍ଷେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର ଉଦ୍‌ଯାପନୀ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷ ଅଶ୍ୱିନୀ କୁମାର ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ଜିଲା କୃଷକ ମୋର୍ଚ୍ଚା ସଭାପତି ଅଜୟ କୁମାର ଦାଶ ମୁଖ୍ୟ ଅତିଥି, ବେଲପଡା ପଞ୍ଚାୟତ ସମିତି ମହାବିଦ୍ୟାଳୟ ଓଡିଆ ଅଧ୍ୟାପକ ଡ଼.ବ୍ରଜମୋହନ ମେହେର ମୁଖ୍ୟବକ୍ତା, ସ୍ୱତନ୍ତ୍ର ଅତିଥିଭାବେ କ୍ଷମାନିଧି ପ୍ରଧାନ, ଅଧ୍ୟାପକ ଅମୂଲ୍ୟ ପାଣିଗ୍ରାହୀ, ସମ୍ମାନୀତ ଅତିଥିଭାବେ ଶ୍ରାବଣୀ ବାରିକ ଓ ମାନସ କୁମାର ନାଗ ଯୋଗ ଦେଇଥିଲେ। ଏହି ଅବସରରେ ଶ୍ରୀ ଜଗନ୍ନାଥ ସଂସ୍କୃତି ସମ୍ପର୍କିତ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ଦିଲୀପ କୁମାର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଏକ ଦଳଗତ ନୃତ୍ୟ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି କଣ୍ଟାବାଞ୍ଜିସ୍ଥିତ ମୁକୁନ୍ଦିଲାଲ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓଡ଼ିଆ ଭାଷା ଓ ଶ୍ରୀଜଗନ୍ନାଥ ସଂସ୍କୃତି ବିଷୟରେ ଅନୁଷ୍ଠିତ ହୋଇଛି। ଶିକ୍ଷାବିତ୍ ଡ. ଗୋବର୍ଦ୍ଧନ ନାୟକ, ବେଲପଡା ପଞ୍ଚାୟତ ସମିତି ମହାବିଦ୍ୟାଳୟର ଅଧ୍ୟାପକ ମନୋଜ କୁମାର ମହାକୁଡ ଆଲୋଚକଭାବେ ଯୋଗ ଦେଇଥିଲେ। ଅଧକ୍ଷା ରଞ୍ଜିତା ଗୁରୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନୋଡାଲ ଅଫିସର ଅନିତା ପଟ୍ଟନାୟକ ଆଲୋଚନା ଚକ୍ରର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଅନୁରୂପଭାବେ କଣ୍ଟାବାଞ୍ଜି ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଅଧକ୍ଷ ରାଜେନ୍ଦ୍ର କୁମାର ପୁରୋହିତ ଅଧକ୍ଷତା କରିଥିଲେ। ଏଥିରେ ଖଡିଆଳ ସ୍ୱଂୟ ଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଓଡିଆ ପ୍ରାଧ୍ୟାପକ ବିଜୟ ବାରିକ ମୁଖ୍ୟ ଅତିଥି, କଣ୍ଟାବାଞ୍ଜି କେ.ଭି.କଲେଜ ସ୍ନାତକୋତ୍ତର ଓଡିଆ ବିଭାଗ ମୁଖ୍ୟ ଡ. ସଞ୍ଜୟ କୁମାର ମିଶ୍ର ସମ୍ମାନୀତ ଅତିଥି ଓଡିଆ ଭାଷା ଓ ଶ୍ରୀ ଜଗନ୍ନାଥ ସଂସ୍କୃତି ଉପରେ ଅଭିଭାଷଣ ରଖିଥିଲେ। ନୋଡାଲ ଅଫିସର ଅଧ୍ୟାପକ ଯୁଧିଷ୍ଠିର ବେହେରା ଆଲୋଚନା ଚକ୍ରକୁ ପରିଚାଳନା କରିଥିଲେ।

# ଟିଟିଲାଗଡ଼ରେ ବାୟର ସେଲର ମିଟ୍

ଟିଟିଲାଗଡ଼,୨୦।୧(ଶରତ ମିଶ୍ର)

ଟିଟିଲାଗଡ ଅଭିମନ୍ୟୁ କଲ୍ୟାଣ ମଣ୍ଡପରେ ଶନିବାର ଓରମାସ, ଆଶା ଏବଂ ଜାଡେନ ଫାର୍ମ ପ୍ରଡ୍ୟୁସର କମ୍ପାନୀ ମିଳିତ ଆନୁକୂଲ୍ୟରେ ବାୟର ସେଲର ମିଟ୍ ଅନୁଷ୍ଠିତ ହୋଇଛି। ଟିଟିଲାଗଡ଼, ବଙ୍ଗୋମୁଣ୍ଡା, ସଇଁତଳା ଏବଂ ମୁରିବହାଲ ବ୍ଲକ ର ପ୍ରଡ୍ୟୁସର ଗ୍ରୁପ, ସ୍ୱୟଂ ସହାୟକ ଦଳ, ଟିଟିଲାଗଡ଼ ଫାର୍ମର ଉତ୍ପାଦକ କମ୍ପାନୀ, ସମ୍ବଲ ଶକ୍ତି ଉତ୍ପାଦକ କମ୍ପାନୀ, କୃଷକ ଉନ୍ନୟନ ଉତ୍ପାଦକ କମ୍ପାନୀଙ୍କୁ ନେଇ ଅନୁଷ୍ଠିତ ଉକ୍ତ କାର୍ଯକ୍ରମରେ ମୁଖ୍ୟ ଅତିଥି ଓରମାସର ଜଏଣ୍ଟ ସିଇଓ କମଲେନ୍ଦୁ ପାଲ, ବିଜନେସ ମ୍ୟାନେଜର ଓରମାସ ବିଭୂତି ଭୂଷଣ ମିଶ୍ର ଓ ଉଦ୍ୟାନ ଉପନିର୍ଦ୍ଦେଶକ ମନବୋଧ ମାଝି, ଓଲଏମବି ଏଲସି ବିକାଶ ସାହୁ, କୃଷି ଉପନର୍ଦ୍ଦେଶକ ଅଶ୍ୱିନୀ, ବ୍ଲକ କୃଷି ଅଧିକାରୀ ହିତିକ ରଯେ ଓ ଆଶା ସମ୍ପାଦକ ସଞ୍ଜୀବ ପଟ୍ଟନାୟକ ଯୋଗ ଦେଇଥିଲେ। ଅଞ୍ଚଳ ପ୍ରଡ୍ୟୁସର ଗ୍ରୁପ ତଥା ଚାଷୀ ଉତ୍ପାଦକ କମ୍ପାନୀ ନିଜର ଉତ୍ପାଦିତ ଦ୍ରବ୍ୟ କିପରି କ୍ରେତା ବିକ୍ରେତା ଜରିଆରେ ସମ୍ମୁଖରେ ରଖି ବିକ୍ରି କରି ଠିକ ମୂଲ୍ୟ ପାଇପାରିବେ ଏବଂ ଉତ୍ପାଦିତ ଦ୍ରବ୍ୟ ଗ୍ରେଡିଂ ସୋର୍ଟିଂ କରି ବିକ୍ରି କଲେ ଆହୁରି ଅଧିକ ଲାଭବାନ ହୋଇପାରିବେ ବୋଲି ବିଭାଗୀୟ ଅଧିକାରୀ ଅବଗତ କରିଥିଲେ। ଉକ୍ତ କାର୍ଯକ୍ରମରେ କ୍ରେତା ଓ ବିକ୍ରେତା କାଳିନ୍ଦ୍ରି ରଣା, ମାୟାଧର ଗଡତ୍ୟା, ଶମ୍ଭୁ ପ୍ରସାଦ ବେନିଆ, ନୀଳାମ୍ବର ଟାଣି, ଉତ୍ପାଦିତ କପା, ପିଆଜ, ଡାଲି, ମିଲେଟର ଠିକମୂଲ୍ୟରେ କିଣାବିକା ପାଇଁ ଆଶ୍ୱାସନା ଦେଇଥିଲେ।

# ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତା

ଦେଓଗାଁ,୨୦।୧(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ଉଚ୍ଚ ମାଧମିକ ବିଦ୍ୟାଳୟ ଅଧକ୍ଷ ବସନ୍ତ କୁମାର ମନହୀରା ଭାଷା ସାହିତ୍ୟ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ନୋଡାଲ ଅଧିକାରୀ ରଞ୍ଜନ କୁମାର ପାଣିଗ୍ରାହୀ, ଇଂଲିଶ ପ୍ରାଧ୍ୟାପକ ଦୁର୍ବାଦଳ ଘିଭେଲା ଓ ଓଡ଼ିଆ ଅଧ୍ୟାପକ ଚିନ୍ମୟୀ ମିଶ୍ର ଜଗନ୍ନାଥ ସଂସ୍କୃତି, ମଣିଷ ଜୀବନ ଜିଇଁବାର ଶୈଳୀ, ସୁସ୍ଥ ଓ ସୁନ୍ଦର ସଂସ୍କୃତିର ପରିଚାୟକ ଓ ଏହାର ମହାନତା ଉପରେ ଛାତ୍ରୀଛାତ୍ରଙ୍କୁ ଅବଗତ କରିଥିଲେ। ଶେଷରେ ପ୍ରାଧ୍ୟାପକ ଧୋବାଇ ଚରଣ ପଟେଲ ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମକୁ ପିଇଟି ପ୍ରଶାନ୍ତ କୁମାର ଥନାପତି, ଡିଇଓ ବାଳଶଙ୍କର ମେହେର ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଦେଓଗାଁ ବାଳିକା ଆବାସିକ ଉଚ୍ଚ ବିଦ୍ୟାଳୟରେ ଭାଷା ସାହିତ୍ୟ ପ୍ରତିଯୋଗିତାରେ ସୁଦାମ ଭୋଇଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ପରିଚାଳନା କମିଟୀ ସଭାପତି କୈଳାସ ତାଣ୍ଡି, ମୁଖ୍ୟବକ୍ତା ଡିଗ୍ରୀ ମହାବିଦ୍ୟାଳୟ ଓଡ଼ିଆ ଅଧ୍ୟାପକ ସନତ କୁମାର ରଥ, ସମ୍ମାନୀତ ଅତିଥି ସ୍ଥାନୀୟ ସମିତି ସଭ୍ୟା ମୀନା କୁମାରୀ ସା, ସରପଞ୍ଚ ନିନା ଛତ୍ରିଆ, ପାକ୍ସ ସଭାପତି ଶୈଳେନ୍ଦ୍ର କୁମାର ସାହୁ, ରାଜେନ୍ଦ୍ର ନନ୍ଦ, ଚନ୍ଦ୍ରଚୂଡ ବେହେରା ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷକ ପ୍ରଶାନ୍ତ କୁମାର ପାଣ୍ଡେ ଧନ୍ୟବାଦ ଦେଇଥିଲେ।


ଜରାସିଂହା ଯୁକ୍ତ ୨ କଲେଜରେ ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତା ସଭାର ଅତିଥିଗଣ।

# ଖପ୍ରାଖୋଲରେ ପ୍ରାଣୀ ଚିକିତ୍ସା ବାଧାପ୍ରାପ୍ତ

ଖପ୍ରାଖୋଲ, ୨୦।୧(ଅଭୟ ତ୍ରିପାଠୀ)

ବିଭିନ୍ନ ଦାବି ନେଇ ପ୍ରାଣୀ ଚିକିତ୍ସକ ସଂଘ ସାମୂହିକ ଛୁଟିରେ ରହି ଆନ୍ଦୋଳନ ଜାରି ରଖିଥିବା ବେଳେ ଖପ୍ରାଖୋଲ ବ୍ଲକରେ ମଧ୍ୟ ତାର ପ୍ରଭାବ ଦେଖିବାକୁ ମିଳିଛି। ବ୍ଲକର କାର୍ଯ୍ୟରତ ପ୍ରାଣୀ ଚିକିତ୍ସକମାନେ ଆନ୍ଦୋଳନରେ ସାମିଲ ହୋଇ ସାମୁହିକ ଛୁଟିରେ ଥିବାରୁ ପ୍ରାଣୀ ଚିକିତ୍ସା ବାଧାପ୍ରାପ୍ତ ହୋଇଛି। ଚିକିତ୍ସକଙ୍କ ଅନୁପସ୍ଥିତିରେ ପ୍ରାଣୀ ରଖିବା ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆନ୍ଦୋଳନରେ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ସପ୍ନେଶ୍ୱର ନାଏକ, ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ମିଳନ ବଳ, ଅତିରିକ୍ତ ପ୍ରାଣୀ ଚିକିତ୍ସକ ଡାକ୍ତର ଅନନ୍ତ ପାଣିଗ୍ରାହୀ, ଲାଠୋର ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ବ୍ରତାଚାରି ଷଡଙ୍ଗୀ ସାମିଲ ହୋଇଥିବା ବେଳେ ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନ ଚାଲିବ ବୋଲି ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ନାଏକ ପ୍ରକାଶ କରିଛନ୍ତି।

## ହରିଶଙ୍କରକୁ ପ୍ଲାଷ୍ଟିକମୁକ୍ତ କରିବାକୁ ସଚେତନତା ରାଲି

ଖପ୍ରାଖୋଲ, ୨୦।୧(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ତଥା ପୁଣ୍ୟକ୍ଷେତ୍ର ହରିଶଙ୍କରକୁ ପ୍ଲାଷ୍ଟିକମୁକ୍ତ କରିବାକୁ ହରିଶଙ୍କର ବନାଞ୍ଚଳ ତରଫରୁ ଏକ ସଚେତନତା ଶୋଭାଯାତ୍ରା ଶନିବାର ଆୟୋଜିତ ହୋଇଥିଲା। ଏହି ଅବସରରେ ବନବିଭାଗ ଡାକ ବଙ୍ଗଳାଠାରୁ ସଚେତନତାଧର୍ମୀ ପ୍ଲାକାର୍ଡ ଧରି ବନବିଭାଗ କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ଶୋଭାଯାତ୍ରାସ୍ରେ ବାହାରି ବଣଭୋଜି ସ୍ଥଳ, ଝରଣା କୂଳ, ମନ୍ଦିର ପରିସର ବୁଲି ପ୍ଲାଷ୍ଟିକ ବ୍ୟବହାର ବନ୍ଦ କରିବାକୁ ବାର୍ତ୍ତା ଦେଇଥିଲେ। ପ୍ଲାଷ୍ଟିକ ଖଲି, ଚଉକନି ବଦଳରେ ପତ୍ରର ଖଲି ଚଉକନି ବ୍ୟବହାର କରିବାକୁ କହିଥିଲେ। ସେହିପରି ପଲିଥିନ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଅନୁରୋଧ କରିଥିଲେ। ଏହି ଅବସରରେ ହରିଶଙ୍କର ବନାଞ୍ଚଳ ଅଧିକାରୀ ଅରବିନ୍ଦ ନାଏକ, ଉପ ବନାଞ୍ଚଳ ଅଧିକାରୀ ସୁନିଲ କୁମାର ମିଶ୍ର, ବନପାଳ ଅରବିନ୍ଦ ଧରୁଆ, ସୁଧୀର କୁମାର ଜେନା, ରଞ୍ଜିତ କୁମ୍ଭାରଙ୍କ ସମେତ ବନରକ୍ଷୀ ଓ ନାନ୍ଦୁପଲା ଓ କୁଠୁର୍ଲା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ଉପସ୍ଥିତ ଥିଲେ।

# ଦେଓଗାଁରେ କିଶୋରୀ ମେଳା

ଦେଓଗାଁ ୨୦।୧(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉଡାର, ଉପରଝର ଓ ବଡବନ୍ଧ ଆଦି ୩ ପଞ୍ଚାୟତ ମୁଖ୍ୟାଳୟରେ ଶନିବାର କିଶୋରୀ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା ଅନ୍ତର୍ଭୁକ୍ତ ଏହି କାର୍ଯ୍ୟକ୍ରମରେ ପୋଷଣ ଅଭିବୃଦ୍ଧି ପାଇଁ ଜନସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଗାଁମାନଙ୍କରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ଜନସଚେତନତା କରାଯାଇଥିଲା। କିଶୋରୀ ବାଳିକା, ଗର୍ଭବତୀ ଓ ପ୍ରସୂତୀ ମା', ଅତିଶୟ ପୁଷ୍ଟିହୀନ ଶିଶୁ ପାଇଁ ପୂର୍ଣ୍ଣ ଆହାର, ଅତିଶୟ ଓଜନ କମ୍ ଥିବା ଶିଶୁ ଏବଂ ପୁଷ୍ଟି ହୀନ ଶିଶୁମାନେ ପୋଷଣ ପାଇଁ କି ଖାଦ୍ୟକୁ ବହୁଳଭାବେ ବ୍ୟବହାର କରାଯିବା କଥା ସେ ଉପରେ ସଚେତନ ସହ ପୁଷ୍ଟିଯୁକ୍ତ ଖାଦ୍ୟ ପ୍ରଦର୍ଶିତ କରାଯାଇଥିଲା। ସୁଦାମ ବିଶି ଓ ସାଥୀଙ୍କ ଦ୍ୱାରା ପଥପ୍ରାନ୍ତ ନୃତ୍ୟ ସଂଚାର ମାଧମରେ ଲୋକଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ସିଡିପିଓ ସୁକାନ୍ତୀ ବେହେରା, ଜିଲା କନସଲଟାଣ୍ଟ ସନ୍ଧ୍ୟାରାଣୀ ପତି, ଜରାସିଂହା ସେକ୍ଟର ସୁପରଭାଇଜର ନଳିନୀପ୍ରଭା ବେହେରା, ବିପିସି ଭକ୍ତିଭୂଷଣ ପଣ୍ଡା, ପୋଷଣ ବ୍ଲକ ସଂଯୋଜକ ନେପାଳ ଭୋଇ ଉପସ୍ଥିତ ଥିଲେ ।


ଉଡାରରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନତା କରାଯାଉଛି।

# ୧୪୨ଜଣଙ୍କୁ ୧.୧୨କୋଟିର ସହାୟତା

ଲୋଇସିଂହା,୧୯।୧(ସୁଶାନ୍ତ ବାରିକ)



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିର**

■୩ଶହ ନିର୍ମାଣ ଶ୍ରମିକଙ୍କୁ ପରିଚୟ ପତ୍ର ପ୍ରଦାନ

ବଲାଙ୍ଗୀର ଜିଲା ପ୍ରଶାସନ ଓ ଶ୍ରମ କାର୍ଯ୍ୟାଳୟ ଆନୁକୂଲ୍ୟରେ ଲୋଇସିଂହା ଅଗ୍ରସେନ ଭବନରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାର ଜିଲାସ୍ତରୀୟ ସହାୟତା ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଶ୍ରମ ଅଧିକାରୀ ସୁକାନ୍ତ ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭବେ ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି ମୁଖ୍ୟ ଅତିଥି, ବିଧାୟକ ମୁକେଶ ମହାଲିଙ୍ଗ, ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ବ୍ରଜମୋହନ ବିଶୋଇ, ବ୍ଲକ ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ, ଜିଲା ପରିଷଦ ସଭ୍ୟା ସଂଯୁକ୍ତା ବରିହା ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ବିଶି ଓ ଜିଲା ପରିଷଦ ଅଧ୍ୟକ୍ଷା ସାହୁ କହିଥିଲେ ଯେ, ନିର୍ମାଣ ଶ୍ରମିକଙ୍କ ପାଇଁ ବହୁବିଧ ଯୋଜନା କରାଯାଇଛି। ନିର୍ମାଣ ଶ୍ରମିକ ଏବଂ ତାଙ୍କ ପରିବାର ଏଥିରେ ବହୁ ସୁବିଧା ପାଇ ଉପକୃତ ହୋଇପାରିଛନ୍ତି। ବିଧାୟକ ମହାଲିଙ୍ଗ କହିଥିଲେ ଯେ, ନିର୍ମାଣ ଶ୍ରମିକ ହେଉଛନ୍ତି ବିଶ୍ୱକର୍ମା । ଏଥି ପାଇଁ କେନ୍ଦ୍ର ସରକାର ବିଶ୍ୱକର୍ମା ଯୋଜନା ଆଣିଛନ୍ତି। କର୍ତ୍ତବ୍ୟ ଓ ଅଧିକାର ସମ୍ପର୍କରେ ନିର୍ମାଣ ଶ୍ରମିକ ସଚେତନ ହୋଇ ସରକାରଙ୍କ ବହୁମୁଖୀ ଯୋଜନାର ଲାଭ ଉଠାଇବାକୁ ସେ ପରାମର୍ଶ ଦେଇଥିଲେ। ଷଷ୍ଠରୁ ତତୁର୍ଦ୍ଧ୍ୱ ଶ୍ରେଣୀରେ ପଢୁଥିବା ନିର୍ମାଣ ଶ୍ରମିକଙ୍କ ପିଲାଙ୍କ ପାଇଁ ସରକାର ଛାତ୍ର ବୃତ୍ତି ବ୍ୟବସ୍ଥା କରିଛନ୍ତି। ହେଲେ ସଚେତନତାର ଅଭାବ ତଥା ବିଭାଗୀୟ ଅବହେଳାରୁ ଛାତ୍ରୀଛାତ୍ରମାନେ ସହାୟତାରୁ ବଞ୍ଚିତ ରହୁଥିବାରୁ ସେ ଚିନ୍ତାବ୍ୟକ୍ତ କରିଥିଲେ। ଏଦିଗରେ ବିଭାଗ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ ୧୪୨ଜଣଙ୍କୁ ୧ କୋଟି ୧୨ ଲକ୍ଷ ୭୦ହଜାର ସହାୟତା ପ୍ରଦାନ କରାଯାଇଛି ।୪୦ଜଣ ମୃତ ଶ୍ରମିକଙ୍କ ଉତ୍ତରାଧିକାରୀଙ୍କୁ ୨ଲକ୍ଷ ଲେଖାଏ ସହାୟତା, ୫୦ହଜାର ଲେଖାଏ ୬୩ ଜଣଙ୍କୁ ବିବାହ ପ୍ରୋତ୍ସାହନ ରାଶି , ୩୯ ମୃତ ଶ୍ରମିକଙ୍କ ଅନ୍ତେଷ୍ଟିକ୍ରିୟା ପାଇଁ ୫ ହଜାର ଟଙ୍କା ଲେଖାଏ ସହାୟତା ଦିଆ ଯାଇଥିବା ନେଇ ଶ୍ରମିକ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଏହି ଅବରରେ ୩ଶହ ନିର୍ମାଣ ଶ୍ରମିକଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। ସହକାରୀ ଶ୍ରମ ଅଧିକାରୀ ବିନୋଦ ବିହାରୀ ନାଏକ, ଆରଏଲଆଇ ପ୍ରଶାନ୍ତ କୁମାର ସୁନା ଓ ଡବ୍ଲ୍ୟୁସି ମୋହନ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ପଞ୍ଚାୟତସ୍ତରୀୟ କିଶୋରୀ ମେଳା

ବାଉଁଶୁଣୀ,୨୦।୧(ଦେବାଶିଷ ନେପାକ)

ବୌଦ୍ଧ ଜିଲା ବାଉଁଶୁଣୀ ପଞ୍ଚାୟତ କାର୍ଯ୍ୟାଳୟରେ ଶନିବାର ଦିନ ପଞ୍ଚାୟତସ୍ତରୀୟ କିଶୋରୀ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ମୁଖ୍ୟଅତିଥି ଭାବେ ବାଉଁଶୁଣୀ ସରପଞ୍ଚ ଅଇଁଠୁ ମହାଲିକ, ସମ୍ମାନିତ ଅତିଥି ଭାବେ ଆଡଭୋକେଟ ସୁଜାତାରାଣୀ ଦାସ, ସ୍ୱାସ୍ଥ୍ୟ କର୍ମୀ ଅଞ୍ଜନା ସ୍ୱାଇଁ , ମହିଳା ପରିଦର୍ଶିକା ସୁନିତା ଦାସ, ୱାଇସିଡିଏ ସଦସ୍ୟ ଯୋଗ ଦେଇଥିଲେ। ମେଳାରେ ପ୍ରାୟ ୭୦ ଜଣ କିଶୋରୀ ଯୋଗ ଦେଇଥିଲେ। ଏହି ଅବସରରେ କିଶୋରୀମାନଙ୍କ ମଧ୍ୟରେ ଗୀତ, କୁଇଜ, ପୁଚି, ମ୍ୟୁଜିକ ଚେୟାର ସହ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ସମସ୍ତ କିଶୋରୀଙ୍କ ଉଚ୍ଚତା ଓ ଓଜନ ମାପ କରିଯିବା ସହ ହିମଗ୍ଲୋବିନ ଟେଷ୍ଟ କରାଯାଇଥିଲା। ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା କିଶୋରୀମାନଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବାଉଁଶୁଣୀ ପଞ୍ଚାୟତର ସମସ୍ତ ଅଙ୍ଗନୱାଡି କର୍ମୀ ଓ ଆଶା କର୍ମୀ ସହଯୋଗ କରିଥିଲେ।

### ଜଗନ୍ନାଥ ସଂସ୍କୃତି କାର୍ଯ୍ୟକ୍ରମ

ବାଉଁଶୁଣୀ,୨୦।୧(ଦେବାଶିଷ ନେପାକ)

ବୌଦ୍ଧ ଜିଲା ବାଉଁଶୁଣୀ ମାହେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୩ ଦିନ ଧରି ଚାଲିଥିବା ନୂଆ-ଓ ଓଡିଆ ଭାଷା ସାହିତ୍ୟ ପ୍ରତିଯୋଗିତା ଓ ଜଗନ୍ନାଥ ସଂସ୍କୃତି କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ତୃତୀୟ ଦିବସରେ ଜଗନ୍ନାଥ ସଂସ୍କୃତି ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମା' ମାହେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ମାନଭଞ୍ଜନ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ସାହିତ୍ୟକ ଡ. ସଞ୍ଜୟ କୁମାର ପଣ୍ଡା, ଜଗନ୍ନାଥ ସଂସ୍କୃତି ଗବେଷକ ଅଧ୍ୟାପକ ପ୍ରତାପ ରଥ, ଜଗନ୍ନାଥ ସଂସ୍କୃତିର ପ୍ରଚାରକ ତଥା ଯୋଗଗୁରୁ ପଣ୍ଡିତ ଦେବାଶିଷ ପୁରୋହିତ ଯୋଗ ଦେଇଥିଲେ। ନୋଡାଲ ଅଫିସର ଅଧ୍ୟାପକ ଦେବାର୍ଚ୍ଚନ ବେହେରା ଆଲୋଚନାଚକ୍ର ପରିଚାଳନା କରିଥିଲେ। ଅଧ୍ୟାପକ ଉମାକାନ୍ତ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ସମସ୍ତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ସହଯୋଗ କରିଥିଲେ। ଏହି ଅବସରରେ କୃତି ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଅଧ୍ୟାପିକା ଅନିତା ନାଏକ ଧନ୍ୟବାଦ ଦେଇଥିଲେ।

# ଭାଷା ସମୃଦ୍ଧ ହେଲେ ଅଞ୍ଚଳର ହୁଏ ବିକାଶ

ଅମରପାଲି,୨୦।୧(ପୀତାମ୍ବର ସାହୁ)


କେନ୍ଦୁଝିରିଆପାଲି ହାଇସ୍କୁଲରେ ଅତିଥି ଏବଂ କୃତୀ ପ୍ରତିଯୋଗୀ।

**ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସଂଗ୍ରାମପୁର ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ମିନାକ୍ଷୀ ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଶିଷ୍ଟ ଐତିହାସିକ ସୁଦାମ ନାଏକ ମୁଖ୍ୟଅତିଥି, ସ୍ଥାନୀୟ ସରପଞ୍ଚ ଅଳକା କର୍ମୀ,ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶେଷଦେବ ଗାଇଗରିଆ,ମୋ ସ୍କୁଲ ଅଭିଯାନ କମିଟିର ସଭାପତି ବିପ୍ରଚରଣ ପ୍ରଧାନ ଓ ପରିଚାଳନା କମିଟିର ସଦସ୍ୟ ରମେଶ ମେହେର ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷକ ସୁଶିଲ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶ୍ରୀକାନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସାହିତ୍ୟ ସୃଜନୀ ପ୍ରତିଯୋଗିତାରେ ଦିବେଶ ରଞ୍ଜନ ତାଣ୍ଡିଆ, ବିଷ୍ଣୁପ୍ରିୟା ସେଠୀ, ଆଶିଷ ସିଂ, ଜିଜ୍ଞାସା ପ୍ରତିଯୋଗିତାରେ ମକରଧ୍ୱଜ ଭରାସାଗର, କ୍ରିଷ୍ଣା ମହାକୁଡ଼, ଶିବାନୀ ଡ଼ାଙ୍ଗ, କ୍ରୀଡ଼ାଙ୍ଗନା ପ୍ରତିଯୋଗିତାରେ ମାନସୀ ବେହେରା, ସୁପ୍ରଭା ରାଣୀ କଅଁର ଏବଂ କୌଶଳୀ ପ୍ରତିଯୋଗିତାରେ ମାନସୀ ପ୍ରଧାନ, ଭାରତୀ ମଲ୍ଲିକ, ଦୀପଶ୍ରୀ ପ୍ରଧାନ କୃତିତ୍ୱ ହାସଲ କରି ପୁରସ୍କୃତ ହୋଇଥିଲେ। ସେହିପରି ଆଞ୍ଚଳିକ ଉଚ୍ଚ ବିଦ୍ୟାପୀଠ କେନ୍ଦୁଝିରିଆପାଲିରେ ମଧ ଭାଷା ସାହିତ୍ୟ ସୃଜନଶୀଳତା ଉତ୍ସବ ପାଳିତ ହୋଇଯାଇଛି। ଆୟୋଜିତ ସଭାରେ ପ୍ରଧାନ ଶିକ୍ଷକ ବ୍ରଜମୋହନ ବାରିକ ସଭାପତିତ୍ୱ କରିଥିଲେ। ବୀରାମହାରାଜପୁର ବ୍ଲକ ବରିଷ୍ଠ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର କଠିନ ଅଧ୍ୟବସାୟର ସଫଳତା ବିଷୟରେ ଆଲୋକପାତ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନାରାୟଣ ଦେହୁରୀ ଓ ସନ୍ତୋଷ କୁମାର ବିଶି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭାଷା ସାହିତ୍ୟ ଉପରେ ଆଲୋକପାତ କରିଥିଲେ। ଶିକ୍ଷକ ଦୀନବନ୍ଧୁ ପଧାନ ସଭା କାର୍ଯ୍ୟ ପରିଚାଳନା କରିଥିଲେ। କୃତି ପ୍ରତିଯୋଗୀଙ୍କୁ ବିଭିନ୍ନ ବିଭାଗରେ ପୁରସ୍କୃତ କରାଯାଇଥିଲା। ଶେଷରେ ସହକାରୀ ଶିକ୍ଷକ ତଥା ସାହିତ୍ୟ ସୃଜନୀ ମେଣ୍ଟର ପ୍ରମୋଦ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ମହାନଦୀ ହାଉସକୁ ଶ୍ରେଷ୍ଠ ବିବେଚିତ କରାଯାଇ ପୁରସ୍କୃତ କରାଯାଇଥିଲା। ଜିଜ୍ଞାସା ମେଣ୍ଟର ଗୌରୀ ଶଙ୍କର ପୁଜାହାରୀ ସମସ୍ତ ପ୍ରତିଯୋଗିତା ପରିଚାଳନା କରିଥିଲେ।

# ବୌଦ୍ଧରୁ ବାଘ ଛାଲ ଜବତ, ଜଣେ ଗିରଫ

ଭୁବନେଶ୍ୱର,(ସୂର୍ଯ୍ୟକାନ୍ତବେହେରା) /ବୌଦ୍ଧ(ଅଜିତ ବାରିକ)୨୦।୧


ଜବତ ବାଘ ଛାଲ।

କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ ବୌଦ୍ଧ ଜିଲା ପୁରୁଣା କଟକ ଥାନା ରାଣୀପଥର ଗାଁ ନିକଟରେ ଶନିବାର ଚଢାଉ କରି ଗୋଟିଏ କଲରାପତରିଆ ବାଘ ଛାଲ ଜବତ କରିଛି। ଏଥିରେ ସମ୍ପୃକ୍ତ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ କନ୍ଧମାଳ ଜିଲା ଫୁଲବାଣୀ ସଦର ଥାନା ଅନ୍ତର୍ଗତ ସୁରୁଦୁକୁମ୍ପା ନୂଆସାହିରେ ଗୌତମ ବେହେରା (୫୫)। ଗୌତମ ବାଘ ଛାଲ ରଖି ବିକ୍ରି ପାଇଁ ଯୋଜନା କରୁଥିବା ନେଇ କୌଣସି ସୂତ୍ରରୁ ଖବର ପାଇବା ପରେ ଏସ୍‌ଟିଏଫ୍ ଟିମ୍ ଚଢାଉ କରିଥିଲା। ଜବତ ବାଘ ଛାଲଟିକୁ ବାୟୋଲୋଜିକାଲ ଟେଷ୍ଟ ପାଇଁ ଡେରାଡୁନ୍‌ସ୍ଥିତ ୱାଇଲ୍ଡ ଲାଇଫ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆକୁ ପଠାଯିବ ବୋଲି ଏସ୍‌ଟିଏଫ୍ ପକ୍ଷରୁ ସୂଚନା ଦିଆଯାଇଛି। ଏହାସହ ଏସ୍‌ଟିଏଫ୍ ଏକ ମାମଲା (ନଂ.୦୨/୨୪) ରୁଜୁ କରି ଗୌତମଙ୍କୁ ହରଭଙ୍ଗା ଜେଏମ୍‌ଏଫ୍‌ସି କୋର୍ଟକୁ ପଠାଯାଇଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ଲୋକକଳା ସଂସ୍କୃତିକୁ ନେଇ ବ୍ଲକସ୍ତରୀୟ କର୍ମଶାଳା



କର୍ମଶାଳାରେ ଯୋଗ ଦେଇଥିବା ଅତିଥିବୃନ୍ଦ।

ଡୁଙ୍ଗୁରିପାଲି,୨୦।୧(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସଭାଗୃହ ଠାରେ ବ୍ଲକ କଳାକାର ସଂଘର ସଭାପତି ବିଡ଼ିଓ ରୋହିତ ଭୋଇଙ୍କ ଅଧ୍ୟକ୍ଷତାରେ ଲୋକକଳା ସଂସ୍କୃତିକୁ ନେଇ ଦୁଇଦିନିଆ ବ୍ଲକସ୍ତରୀୟ କଳାକାରମାନଙ୍କ କର୍ମଶାଳା ଶନିବାର ଉଦ୍‌ଯାପିତ ହୋଇଯାଇଛି । ଲୋକ ସଂପର୍କ ବିଭାଗ ଓ ଓଡିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ହୋଇଥିବା ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଏବିଡ଼ିଓ ଆନନ୍ଦ ଚନ୍ଦ୍ର ମିଶ୍ର, ଏଇ ସୁବନାଥ ମାଝୀ, ସାମାଜିକ କର୍ମୀ ବଦ୍ରୀ ନାରାୟଣ ପାଣ୍ଡିଆ, ବ୍ଲକ କଳାକାର ସଂଘ ଉପ ସଭାପତି ରମେଶ ପଧାନ ଯୋଗ ଦେଇଥିଲେ । ଏଥିରେ ବ୍ଲକର ୨୬ ପଞ୍ଚାୟତର ମୋଟ ୫୨ ଗୋଟି ଲୋକକଳା ଦଳ ଅଂଶଗ୍ରହଣ କରିଥିଲେ । କଳାକାରମାନେ ଗୀତ ନାଚ ମାଧ୍ୟମରେ ନିଜ ନିଜ କଳା ପ୍ରଦର୍ଶନ କରିଥିଲେ । ଆସନ୍ତା ଜାନୁୟାରୀ ୨୩ ତାରିଖରୁ ୨୦ ଫେବୃଆରୀ ପର୍ଯ୍ୟନ୍ତ କଳାକାରମାନେ ବ୍ଲକର ବିଭିନ୍ନ ପଞ୍ଚାୟତ ଓ ଗାଁକୁ ଯାଇ ସରକାରଙ୍କ ବିଭିନ୍ନ ଯୋଜନା ଲୋକକଳା ନାଚ ଗୀତ ମାଧ୍ୟମରେ ପରିବେଷଣ କରି ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବେ ବୋଲି ବିଡ଼ିଓ ଭୋଇ ପ୍ରକାଶ କରିଥିଲେ । ବିଏସଏସଓ ପ୍ରବୀଣ ରଥ ଓ ପ୍ରଭୁଦତ୍ତ ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ବିଭିନ୍ନ ପଞ୍ଚାୟତର ପିଆରଆଇ ମେମ୍ବର, ବ୍ଲକ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ସର୍ବଭାରତୀୟ ଲାଲମନି କ୍ରିକେଟ୍ ଉଦ୍‌ଘାଟିତ



ଜିଲାପାଳ ଓ ଅନ୍ୟ ଅତିଥି ବୃନ୍ଦ ଟ୍ରଫିକୁ ଉନ୍ମୋଚନ କରୁଛନ୍ତି ।

ସୋନପୁର,୨୦।୧(ମୃତ୍ୟୁଞ୍ଜୟ ଶତପଥୀ)

ସର୍ବଭାରତୀୟ ୩୫ତମ ଲାଲମନି କ୍ରିକେଟ୍ ଟୁର୍ନାମେଣ୍ଟ ସୋନପୁର ସହର ଗାନ୍ଧୀ ଷ୍ଟାଡିୟମରେ ରବିବାର ଠାରୁ ଆରମ୍ଭ ହେବ। ଏଥିପାଇଁ ଶନିବାର ସନ୍ଧ୍ୟାରେ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ବିମଳେନ୍ଦୁ ରାୟ, ଏସ୍‌ପି ଅମରେଶ କୁମାର ପଣ୍ଡା, ପୌରାଧ୍ୟକ୍ଷା ତାମସି ତାମସ୍ୱିତା ନାୟକ ଓ ସାମାଜିକ କର୍ମୀ ଶ୍ରୀବତ୍ସ ମଲ୍ଲିକ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିବା ସହ ଟ୍ରଫି ଓ ଲୋଗୋକୁ ଉନ୍ମୋଚନ କରିଥିଲେ। ଜିଲା କ୍ରିକେଟ୍ ସଂଘର ସଭାପତି ରାମ ଶଙ୍କର ସାହୁ, ସମ୍ପାଦକ ପ୍ରଦୀପ ସେଠୀ, ସତ୍ୟନାରାୟଣ ରାଓ ମଞ୍ଚାସୀନ ଥିଲେ। ସଭା ପରେ ମଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅପରାହ୍ନରେ ଜିଲାର ଇଷ୍ଟଦେବୀ ମା' ସୁରେଶ୍ୱରୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଏକ ଶୋଭାଯାତ୍ରା ମନ୍ଦିରରୁ ବାହାରି ଗାନ୍ଧୀ ଷ୍ଟାଡିୟମରେ ପହଞ୍ଚି ଥିଲା। ପ୍ରଥମ ଥର ପାଇଁ ଗ୍ରୀନ୍ ଟର୍ଫ ଉଇକେଟ୍‌ରେ ମ୍ୟାଚ୍ ହେବ। କୋଭିଡ୍ ମହାମାରୀ ଓ ପଡିଆ ପ୍ରସ୍ତୁତି ପାଇଁ ଗତ ୩ ବର୍ଷ କ୍ରିକେଟ୍ ଟୁର୍ନାମେଣ୍ଟ ବନ୍ଦ ରହିଥିଲା । ତେଣୁ ଟୁର୍ନାମେଣ୍ଟ ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିବା ପାଇଁ କ୍ରିକେଟ୍ ପ୍ରେମୀ ଉତ୍ସାହର ସହ ଅପେକ୍ଷା କରି ରହିଛନ୍ତି। ଏହି ଟୁର୍ନାମେଣ୍ଟରେ ଓଡିଶାରୁ ଶ୍ରେଷ୍ଠ ୪ଟି ଦଳ ଓ ପଶ୍ଚିମବଙ୍ଗର ଆସାନସୋଲ, କଲିକତା, ଦିଲ୍ଲୀ, ନାଗପୁର ଏବଂ ରାଞ୍ଚିର କ୍ରିକେଟ୍ ଟିମ୍ ଅଂଶଗ୍ରହଣ କରିବେ । ଉଦ୍‌ଯାପନୀ ଉତ୍ସବରେ ଆନ୍ତର୍ଜାତୀୟ କ୍ରିକେଟ୍ ଖେଳାଳି ଓ ଓଡିଶା କ୍ରିକେଟ୍ ଆସୋସିଏଶନର ସମ୍ପାଦକ ସଞ୍ଜୟ କୁମାର ବେହେରା ଅତିଥି ଭାବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ପୂର୍ବବର୍ଷଗୁଡିକ ଭଳି ମ୍ୟାଚ୍‌ଗୁଡିକ ଟି-୨୦, ଟି-୧୦ ଓ ସୁପର ୨ ଓଭର ଫର୍ମାଟ୍‌ରେ ଖେଳାଯିବ । ରାଜେନ୍ଦ୍ର ମିଶ୍ର, ଶ୍ୟାମ ସୁନ୍ଦର ପାତ୍ର, ସତ୍ୟନାରାୟଣ ମହାଳିକ ଓ ନରସିଂହ ତରିଆ ପ୍ରମୁଖ ଉତ୍ସବରେ ଉପସ୍ଥିତ ଥିଲେ ।

### ଉତ୍ତମ ଶିକ୍ଷା ସମାଜକୁ ନୂତନ ଦିଗଦର୍ଶନ ଦିଏ

**ଦିଗୁନମାଳ ହାଇସ୍କୁଲର ରୌପ୍ୟ ଜୟନ୍ତୀ ଉଦ୍‌ଯାପିତ**

ଘଣ୍ଟାପଡ଼ା,୨୦।୧(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଦିଗୁନମାଳ ଉଚ୍ଚ ବିଦ୍ୟାଳୟର ୨୫ବର୍ଷ ପୂର୍ତ୍ତି ଅବସରରେ ବିଦ୍ୟାଳୟର ବିକାଶ ମଣ୍ଡପରେ ୨ଦିନ ଧରି ଆୟୋଜିତ ହୋଇଥିବା ରୌପ୍ୟ ଜୟନ୍ତୀ ସମାରୋହ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ସ୍କୁଲ ପରିଚାଳନା କମିଟି ସଭାପତି ଶତ୍ରୁଘ୍ନ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କଣ୍ଟାମାଳ ବିଧାୟକ ମହୀଧର ରଣା ମୁଖ୍ୟଅତିଥି ଓ ପଦ୍ମଶ୍ରୀ ହଳଧର ନାଗ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଜିଲାପାଳ ନୃସିଂହ ଚରଣ ସ୍ୱାଇଁ, ପ୍ରାକ୍ତନ ଜିଲାପାଳ ଲଲାଟେନ୍ଦୁ ମିଶ୍ର, ଜିଲାପରିଷଦ ସଭ୍ୟା ସୁମିତ୍ରା ସାହୁ, ଆଇନଜୀବୀ ମନୋଜ ଶର୍ମା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଉତ୍ତମ ଶିକ୍ଷା ସମାଜକୁ ନୂତନ ଦିଗଦର୍ଶନ ଦିଏ ବୋଲି ବୋଲି ଅତିଥିମାନେ କହିଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ନେତ୍ର କର୍ମୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପ୍ରେମରାଜ ରଣା ଅତିଥି ପରିଚୟ ପ୍ରଦାନ କରିବା ସହ ସଭା ପରିଚାଳନା କରିଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ ହୋଇଥିଲା। ଏହି ଅବସରରେ ଉଚ୍ଚ ପଦପଦବୀରେ ଥିବା ବିଦ୍ୟାଳୟର ପୁରାତନ ମେଧାବୀ ଛାତ୍ରୀଛାତ୍ର, ପୂର୍ବତନ ଶିକ୍ଷକ, ପ୍ରତିଷ୍ଠାତା ସଦସ୍ୟମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ଅର୍ଚ୍ଚିତା ପାଢ଼ୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ସହାୟତା ବଣ୍ଟନ ଶିବିର

ଘଣ୍ଟାପଡ଼ା,୨୦।୧(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ହାଇସ୍କୁଲ ପଡିଆ ଠାରେ ଶନିବାର ଶ୍ରମ ବିଭାଗ ପକ୍ଷରୁ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। କଣ୍ଟାମାଳ ହାଇସ୍କୁଲ ପଡ଼ିଆଠାରେ ଅନୁଷ୍ଠିତ ଏହି ଶିବିରରେ ଜିଲାପାଳ ନୃସିଂହ ଚରଣ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବେ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା କଣ୍ଟାମାଳ ବିଧାୟକ ମହିଧର ରଣା ଯୋଗଦେଇ ରାଜ୍ୟ ସରକାର ନିର୍ମାଣ ଶ୍ରମିକମାନଙ୍କୁ ସହାୟତା ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସସ୍ମିତା ସେନାପତି, କଣ୍ଟାମାଳ ବିଡିଓ ସାମି ଜୟଶ୍ରୀ ରେଡ୍ଡୀ ଯୋଗ ଦେଇଥିଲେ। କଣ୍ଟାମାଳ ନିର୍ବାଚନମଣ୍ଡଳୀର ୭୮୭ ଜଣ ହିତାଧିକାରୀଙ୍କୁ ବିଭିନ୍ନ ସହାୟତା ବାବଦକୁ ୩ କୋଟି ୯୭ ଲକ୍ଷ ୩୦ ହଜାର ୪୦୦ ଟଙ୍କା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସୁଶାନ୍ତ ପାଇକରାୟ ପରିଚାଳନା କରିଥିଲେ । କନ୍ୟାକୁମାରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଷଷ୍ଠ ଦିନରେ ବିନିକା ଦୁର୍ଗା ମନ୍ଦିର ପ୍ରତିଷ୍ଠା ମହୋତ୍ସବ

ବିନିକା,୨୦।୧(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ପୁରୁଣା ବସଷ୍ଟାଣ୍ଡଠାରେ ନୂତନ ଭାବେ ନିର୍ମିତ ଦୁର୍ଗା ମନ୍ଦିର ପ୍ରତିଷ୍ଠା ମହୋତ୍ସବର ଷଷ୍ଠ ଦିନରେ ପୂର୍ବଦିନ ଭଳି ପୂଜାପାଠ କରାଯିବା ସହ ଭଜନ କୀର୍ତ୍ତନ କରାଯାଇଥିଲା । ଏହି ଅବସରରେ ଅନୁଷ୍ଠିତ ମହିଷାସୁର ଦରବାରରେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ପୂର୍ବତନ ବିଧାୟକ ଡ. ଲଲାଟେନ୍ଦୁ ମହାପାତ୍ର, ବିନୋଦ ପାତ୍ର, ଲବ ସାହୁ, ରାଜ କିଶୋର ପାଣିଗ୍ରାହୀ, ରଞ୍ଜନ ମିଶ୍ର, ରାମ କେଶରୀ ନାଏକ ଯୋଗ ଦେଇଥିଲେ। ରାଜ ଦରବାରରେ ଗୀତିନାଟ୍ୟ ମା ଦୁର୍ଗା ପରିବେଷଣ ହୋଇଥିଲା।

# ୭ମ ରାଜ୍ୟସ୍ତରୀୟ ବୀରମହାରାଜପୁର କପ୍ ଫୁଟବଲ ଉଦ୍‌ଘାଟିତ

ଅମରପାଲି,୨୦।୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମଠାରେ ବୀରମହାରାଜପୁର ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ୭ମ ରାଜ୍ୟସ୍ତରୀୟ ଦ୍ୱି ଦିବସୀୟ ବୀରମହାରାଜପୁର କପ୍ ଫୁଟବଲ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ ବୁଢ଼ାରଜା ଏଫ. ସି ଲାଞ୍ଜିଗଡ଼(କଳାହାଣ୍ଡି) ଓ ସୁନ୍ଦରଗଡ଼ ଦୋସ୍ତି ବ୍ରଦର୍ସ ମଧ୍ୟରେ ହୋଇଥିବା ବେଳେ ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଟ୍ରାଇବ୍ରେକର ଜରିଆରେ ୧-୦ ଗୋଲରେ ଦୋସ୍ତି ବ୍ରଦର୍ସ ବିଜୟୀ ହୋଇଥିଲା । ଦ୍ୱିତୀୟ ମ୍ୟାଚ ସ୍ପୋର୍ଟସ ହଷ୍ଟେଲ ବଲାଙ୍ଗୀର ଓ ଶିବ ସ୍ପୋର୍ଟସ ଝାରସୁଗୁଡ଼ା ମଧ୍ୟରେ ହୋଇଥଲା। ଏଥିରେ ୧-୦ ଗୋଲ ରେ ବଲାଙ୍ଗୀର ସ୍ପୋର୍ଟସ ହଷ୍ଟେଲ ବିଜୟୀ ହୋଇଥିଲା। ସେହିପରି ୩ୟ ମ୍ୟାଚ ସ୍ପୋର୍ଟସ ହଷ୍ଟେଲ ସମ୍ବଲପୁର ଓ ବୋଡାସମ୍ବର୍ ପଦ୍ମପୁର ମଧ୍ୟରେ ହୋଇଥିଲା। ଏଥିରେ ୧-୦ରେ ବୋଡାସମ୍ବର୍ ପଦ୍ମପୁର ବିଜୟୀ ହୋଇଥଲା। ଶେଷ ଲିଗ୍ ମ୍ୟାଚ ସ୍ପୋର୍ଟସ ହଷ୍ଟେଲ ଫୁଲବାଣୀ ଓ ରୋଭର୍ସ କ୍ଲବ କଟକ ମଧ୍ୟରେ ହୋଇଥିଲା। ଏଥିରେ ଫୁଲବାଣୀ ଦଳ ସୁନ୍ଦର ଖେଳ ପ୍ରଦର୍ଶନ କରି କଟକ ଦଳକୁ ୨-୦ ଗୋଲରେ ପରାଜିତ କରିଥିଲା । ରବିବାର ଉଭୟ ସେମି ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବାକୁ ଥିବା ବେଳେ ପ୍ରଥମ ସେମିଫାଇନାଲ ସୁନ୍ଦରଗଡ଼ ଓ ପଦ୍ମପୁର ମଧ୍ୟରେ ଏବଂ ୨ୟ ସେମିଫାଇନାଲ ବଲାଙ୍ଗୀର ଓ ଫୁଲବାଣୀ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ ସୂତ୍ରରୁ ପ୍ରକାଶ। ଶନିବାର ଉଦ୍‌ଘାଟନୀ ଦିବସରେ ଆୟୋଜକ କମିଟି ସଭାପତି ପର୍ଶୁରାମ ଦେହୁରୀଙ୍କ ସଭାପତିତ୍ୱରେ ବୌଦ୍ଧ କର୍ପୋରେଶନ ଡେପୁଟି ରେଞ୍ଜର ପ୍ରସନ୍ନ ନାୟକ ଏବଂ ଚମ୍ପାମାଳ ସରପଞ୍ଚ ମହେନ୍ଦ୍ର ଜଗଦଳା ଅତିଥି ଭାବେ ଯୋଗ ଦେଇଥିଲେ। ମ୍ୟାଚଗୁଡିକରେ ଧାରା ବିବରଣୀ ପ୍ରଦାନ କରିଥିଲେ ନରେଶ କୁମାର କାଣ୍ଡ ଓ ଅଭିମନ୍ୟୁ ବଗର୍ତି । ସମ୍ପାଦକ ସତ୍ୟନାରାୟଣ ମହାକୁର, ଅଜିତ ନାଏକ, ଏ.ମହାକୁର, ସିଦ୍ଧାର୍ଥ ପାତ୍ର, ପ୍ରାଣବନ୍ଧୁ କାଣ୍ଡ ଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।


ଉଦ୍‌ଘାଟନୀ ଉତ୍ସବରେ ଅତିଥି ଏବଂ ଉଭୟ ଦଳର ଖେଳାଳି।

# ନାଟକ ସମାଜ ସହ ଜୀବନର କଥା କୁହେ

ସୋନପୁର,୨୦।୧(ମୃତ୍ୟୁଞ୍ଜୟ ଶତପଥୀ)


ନାଟକ ପାଚେନର ଏକ ଦୃଶ୍ୟ।

**ନାଟ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା**

ସୁବର୍ଣ୍ଣପୁରର ରୟାଲ ପଡିଆ ମୁକ୍ତମଞ୍ଚରେ ଚାଲିଥିବା ପୁରନ୍ଦର ସ୍ମାରକୀ ରାଜ୍ୟସ୍ତରୀୟ ନାଟ ମହୋତ୍ସବର ଶନିବାର ଦ୍ୱିତୀୟ ସନ୍ଧ୍ୟାରେ ତିନୋଟି କୋସଲି-ସମ୍ବଲପୁରୀ ନାଟକ ପରିବେଷିତ ହୋଇଛି। ଝାରସୁଗୁଡା ଜିଲା ବେଲପାହାଡ଼ର ନାଟ୍ୟ ଅନୁଷ୍ଠାନ ମିରର ଥିଏଟରର ନାଟକ ପାଚେନ, ସୁବର୍ଣ୍ଣପୁର ଜିଲା ବଡ଼କର୍ଲେ ବୀଣାପାଣି ସାହିତ୍ୟ କଳା ସଂସଦର ନାଟକ ଟୁକୁ ଏବଂ ସମ୍ବଲପୁରର ଅଦୃଶ୍ୟ ନାଟ୍ୟ ଆଶ୍ରମର କଳାକାରଙ୍କ ଦ୍ୱାରା ପରିବେଷିତ ଭାବରୁ ଅଭାବ ନାଟକକୁ ଦର୍ଶକ ଉପଭୋଗ କରିଥିଲେ। ମିରର ଥିଏଟରର ପାଚେନ ନାଟକକୁ ନାଟ୍ୟକାର ଓ ନିର୍ଦ୍ଦେଶକ ସୁବାଷ ପ୍ରଧାନ ନିର୍ଦ୍ଦେଶନା ଦେଇଥିବା ବେଳେ ଚାଷକୁ ନେଇ ଦିନକୁ ଦିନ ବଢି ଚାଲିଥିବା ଚାଷୀ ଆତ୍ମହତ୍ୟା ସମାଜ ପାଇଁ ମଙ୍ଗଳକର ନୁହେଁ ବୋଲି ନାଟକରେ ଦର୍ଶା ଯାଇଥିଲା। ଆତ୍ମହତ୍ୟା କୌଣସି ସମସ୍ୟାର ଶେଷ ପନ୍ଥା ନୁହେଁ ବରଂ ଜୀବନ ଜୀବିକାକୁ ସୁରକ୍ଷିତ ରଖିବା ମଣିଷର ପରମ କର୍ତ୍ତବ୍ୟ ହେଉ ବୋଲି ନାଟକରେ ବାର୍ତ୍ତା ଥିଲା। ନାଟ୍ୟକାର ଓ ନିର୍ଦ୍ଦେଶକ ସୁମନ୍ତ ଭୋଇଙ୍କ ନିର୍ଦ୍ଦେଶନାରେ ନାଟକ ଟୁକୁ ଜରିଆରେ ବୟସ୍କ ବୃଦ୍ଧା ବୃଦ୍ଧଙ୍କ ପରିଣତ ବୟସର ଦୁଃଖଦ ଜୀବନ ଉପରେ ଚିତ୍ରଣ ହୋଇଥିଲା । ବୃଦ୍ଧାଶ୍ରମର ରହଣି ଅପେକ୍ଷା ନିଃସନ୍ତାନ ହେବା ଶ୍ରେୟସ୍କର ବୋଲି ଏହି ନାଟକର ବାର୍ତ୍ତା ଥିଲା। ଠିକ ସେହିପରି ଅଦୃଶ୍ୟ ନାଟ୍ୟ ଆଶ୍ରମର ପରିବେଷିତ ନାଟକ ଭାବ ରୁ ଅଭାବକୁ ନାଟ୍ୟକାର ଓ ନିର୍ଦ୍ଦେଶକ ଅତିଶ କୁମାର ଶତପଥୀ ନିର୍ଦ୍ଦେଶନା ଦେଇଥିବା ବେଳେ ନାଟକରେ ଜୀବନ ଜିଜ୍ଞାସାର ଏକ ଭିନ୍ନ ପରିଭାଷା ନାଟକ ମାଧ୍ୟମରେ ପ୍ରଦର୍ଶିତ ହୋଇଥିଲା। ନାଟକରେ ମୁଖ୍ୟତଃ ମଣିଷ ମଣିଷ ମଧ୍ୟରେ ଥିବା ଭାବରେ ଯେତେବେଳେ ଅବିଶ୍ୱାସ ଏବଂ ସ୍ୱାର୍ଥପରତା ଦେଖାଦିଏ, ସେତେବେଳେ ମଣିଷ ଭିତରେ ଥିବା ସ୍ନେହ, ବିଶ୍ୱାସ ଓ ଶ୍ରଦ୍ଧା କିପରି ହ୍ରାସ ପାଏ ତାହାକୁ ନେଇ ନାଟକ ଗତିଶୀଳ ହୋଇଛି।

ସୁବର୍ଣ୍ଣପୁର ଏସ୍‌ପି ଅମରେଶ କୁମାର ପଣ୍ଡା, ପୁରନ୍ଦର ନାଟ ମହୋତ୍ସବର ସଂଯୋଜକ ନାଟ୍ୟଶ୍ରୀ ଗଦାଧର ବାରିକ ଓ ସୋନପୁର ବ୍ଲକ ଅଧ୍ୟକ୍ଷ ପ୍ରହ୍ଲାଦ ନାୟକ ଅତିଥି ଭାବରେ ଯୋଗ ଦେଇଥିଲେ। ମହୁରୀ କଳାକାର ଫକୀର ପଧାନଙ୍କ ମାଳେଶ୍ରୀ ରାଗ ସହ ମହୁରୀ ବାଦନରେ ସ୍ୱର୍ଗତ ପୁରନ୍ଦର ବାରିକଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା । ପୁରନ୍ଦର ସ୍ମୃତି କମିଟିର ଦିଲୀପ ପାତ୍ର,ଅରବିନ୍ଦ ବାରିକ,ସାନନ୍ଦ ବାରିକ, ଅଶୋକ ଜେନା, ନିଶାନ୍ତ ମହାନ୍ତି, ଜଗନ୍ନାଥ ଧରୁଆ, ଦେବାଶିଷ ପଟ୍ଟନାୟକ ଓ ଶିବ ଯୋଶୀ ପ୍ରମୁଖ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ଅଚିହ୍ନା ଯୁବକଙ୍କ ଶେଷକୃତ୍ୟ ସମ୍ପନ୍ନ କଲେ ଟିମ୍ ଶ୍ମଶାନ ବନ୍ଧୁ

ସୁନ୍ଦରଗଡ,୨୦।୧(ଜୟ ନାରାୟଣ ମେଣ୍ଡୁଲି): ଜାନୁଆରୀ ୧୬ରେ ଦାଘୋରା–ହେମଗିର ରେଳଲାଇନ ମଝିରୁ ଉଦ୍ଧାର କରାଯାଇଥିବା ଅଚିହ୍ନା ଯୁବକଙ୍କ ମୃତଦେହକୁ ସୁନ୍ଦରଗଡର ଟିମ୍ ଶ୍ମଶାନ ବନ୍ଧୁ ଅନ୍ତିମ ସଂସ୍କାର କରିଛନ୍ତି। ରେଳବାଇ ପୋଲିସ ମୃତଦେହକୁ ସୁନ୍ଦରଗଡ ମୁଖ୍ୟ ଚିକିତ୍ସାଳୟର ମର୍ଗ ହାଉସରେ ରଖି ପରିଚୟ ଖୋଜିଥିଲା। ମାତ୍ର ୯୬ ଘଣ୍ଟା ବିତିଯିବା ପରେ ମଧ୍ୟ ଦାବିଦାର କେହି ନ ଆସିବାରୁ ନିୟମ ମୁତାବକ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ କରିବା ସହିତ ରେଳବାଇ ପୋଲିସ ଅଧିକାରୀ ମାରିଆନୁସ ମିଞ୍ଜ ଟମ୍ ଶ୍ମଶାନ ବନ୍ଧୁର ସଦସ୍ୟ ସିଦ୍ଧାନ୍ତ କୁମାର ପଣ୍ଡାଙ୍କୁ ସହଯୋଗ କରିବାପାଇଁ ଅନୁରୋଧ କରିଥିଲେ। ଟିମ୍ ସଦସ୍ୟ ଚିଣ୍ଟୁ ରକ୍ସା, ଶିଶିର କୁମାର ବେହେରା ଓ ଦେବେନ୍ଦ୍ର ସାହୁ ପ୍ରମୁଖ ମହାପ୍ରୟାଣ ଯୋଗେ ସୁନ୍ଦରଗଡ ସ୍ୱର୍ଗଦ୍ୱାରକୁ ମୃତଦେହକୁ ନେଇ ରେଳବାଇ ପୋଲିସର ଉପସ୍ଥିତିରେ ସମ୍ମାନର ଶେଷକୃତ ସମ୍ପନ୍ନ କରିଥିଲେ।

### ମନୋବିଚାର ନିୟନ୍ତ୍ରଣ କୌଶଳଭିତ୍ତିକ କର୍ମଶାଳା

ବ୍ରଜରାଜନଗର,୨୦।୧(ବିଜୟ ବରାଡ଼): ଝାରସୁଗୁଡ଼ା ଡିଏଭି ପବ୍ଲିକ ସ୍କୁଲ ପରିସରରେ ମାନସିକ ସୁସ୍ଥତା ଓ ମନୋବିଚାର ନିୟନ୍ତ୍ରଣ କୌଶଳଭିତ୍ତିକ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମନୋବିଜ୍ଞାନୀ ଡ. ହର୍ଷା ଖଣ୍ଡେଲୱାଲ ଯୋଗଦେଇ ମାନସିକ ସୁସ୍ଥତା, ମନୋବିଜ୍ଞାନ, ଦଳଗତ ବିଚାର, ପର୍ଯ୍ୟବେକ୍ଷଣ, ଜ୍ଞାନ, ପ୍ରଯୁକ୍ତି ବିଦ୍ୟା, ମାନସିକ ଚାପ ନିୟନ୍ତ୍ରଣ ଆଦି ସମ୍ବନ୍ଧରେ ଶିକ୍ଷୟିତ୍ରୀଶିକ୍ଷକଙ୍କ ସହ ଆଲୋଚନା କରିଥିଲେ। ଏଥିରେ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟ ତରଫରୁ ମନୋବିଜ୍ଞାନୀ ହର୍ଷାଙ୍କୁ ଉତ୍ତରୀୟ ଓ ସ୍ମୃତିଫଳକ ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡା ଏହି କର୍ମଶାଳା ଶିକ୍ଷୟିତ୍ରୀ ଶିକ୍ଷକ ଙ୍କ ଲାଗି ଉପଯୋଗୀ ହେବ ବୋଲି ମତ ଦେଇଛନ୍ତି। ଶିକ୍ଷକ ସୁବାସ ମିଶ୍ର, ଏମ୍‌ଭିଏଲଏନ୍ ରାଓ, ନିତ୍ୟାନନ୍ଦ ସାହୁ, ଶୁଭଦତ୍ତ ପ୍ରଧାନ ପ୍ରମୁଖ କର୍ମଶାଳାରେ ସହଯୋଗ କରିଥିଲେ।

### ଶିବିରରେ ୧୦୦ରୁ ଉର୍ଦ୍ଧ୍ୱ ରୋଗୀଙ୍କ ଚକ୍ଷୁ ପରୀକ୍ଷା



କୁଆଁରମୁଣ୍ଡା,୨୦।୧(ମହେନ୍ଦ୍ର କୁମାର ସାହୁ): ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ପଞ୍ଚାୟତ ପରିସରରେ ଶନିବାର ମାଗଣା ଚକ୍ଷୁ ପରୀକ୍ଷା ଓ ଚଷମା ପ୍ରଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲାପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର ଓ ସରପଞ୍ଚ ରାଜେଶ ହାସଦା ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିବା ପରେ ଶିବିର କାର୍ଯ୍ୟ ଆରମ୍ଭ ହୋଇଥିଲା। ୧୦୦ରୁ ଉର୍ଦ୍ଧ୍ୱ ରୋଗୀଙ୍କ ପରୀକ୍ଷା ପରେ ଚଷମା ପ୍ରଦାନ କରାଯାଇଥିଲା। ଏହି ଶିବିର ସ୍କୁଲ ଅଫ ପାରା ମେଡିକସ ଆଣ୍ଡ ହେଲ୍ଥ ସାଇନ୍ସେସ ଓ ଆର୍‌ଏସପିର ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଥିଲା। ହେଲ୍ଥ ସାଇନ୍ସେସ କଲେଜର ନିର୍ଦ୍ଦେଶକ ସୁନିଲ କୁମାର ଝାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଚକ୍ଷୁ ଡାକ୍ତରମାନେ ଏହି ପରୀକ୍ଷା କରିଥିଲେ।

# ଫଳଚାଷର ବ୍ୟାପକତା ଉପରେ ଆଲୋଚନା

**୨୦ ତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ**

ସୁନ୍ଦରଗଡ,୨୦।୧(ଜୟ ନାରାୟଣ ମେଣ୍ଡୁଲି)



ବୈଠକରେ ଉପସ୍ଥିତ ଅତିଥି ବୃନ୍ଦ।

କୃଷି ବିଜ୍ଞାନ କେନ୍ଦ୍ରର ୨୦ତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ ଆଭାସୀ ମାଧ୍ୟମରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟର ସମ୍ପ୍ରସାରଣ ଅଧ୍ୟକ୍ଷ ଡ. ପ୍ରସନ୍ନଜିତ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଉପ–ନିର୍ଦ୍ଦେଶକ(ସମ୍ପ୍ରସାରଣ) ଡ. ହେମନ୍ତ କୁମାର ସାହୁ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀର ବୈଠକକୁ ପରିଚାଳନା କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ଲକ୍ଷ୍ମୀପ୍ରିୟା ପ୍ରଧାନ କେନ୍ଦ୍ରର ବାର୍ଷିକ ବିବରଣୀ ପାଠ କରିବା ସହିତ ଆଗାମୀ ବର୍ଷର କାର୍ଯ୍ୟକ୍ରମର ଖସଡା ଉପସ୍ଥାପନା କରିଥିଲେ। ଭାରତୀୟ କୃଷି ଅନୁସନ୍ଧାନ ପରିଷଦ–ଆଟାରି, କୋଲକତାର ପ୍ରମୁଖ ବୈଜ୍ଞାନିକ ଡ.ଏସ୍. କେ. ମଣ୍ଡଳ, ଚିପିଲିମାସ୍ଥିତ ଆଞ୍ଚଳିକ କୃଷି ଗବେଷଣା କେନ୍ଦ୍ରର ସହଯୋଗୀ ଗବେଷଣା ନିର୍ଦ୍ଦେଶକ ଡ. ସଂଯୁକ୍ତା ମହାପାତ୍ର, କୃଷି ଜିଲା ଅଧିକାରୀ ଲମ୍ବୋଦର ପଟେଲ, ଅଗ୍ରଣୀ ବ୍ୟାଙ୍କ ପ୍ରବନ୍ଧକ ଗଗନ ବିହାରୀ ଧଳ, ଉପ–ଜିଲା ନିର୍ଦ୍ଦେଶକ, ଉଦ୍ୟାନ କୃଷି ସୁକାନ୍ତ କୁମାର ନାଏକ, ଜିଲା ସମବାୟ ସୋସାଇଟି ରେଜିଷ୍ଟ୍ରାର ଉମାଶଙ୍କର ଦାସ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଡ.ବସନ୍ତ କୁମାର ଧଳ, ଜିଲା ସହ–ମତ୍ସ୍ୟ ଅଧିକାରୀ ଶକ୍ତିମାନ ଦାସ, ରାଉରକେଲା ଆକାଶବାଣୀର ଆହ୍ଲାଦିନୀ ହୋତା, ଆଞ୍ଚଳିକ କୃଷି ଗବେଷଣା ଉପ–କେନ୍ଦ୍ର କିରେଇର ବରିଷ୍ଠ ବୈଜ୍ଞାନିକ ଡ. ସଜୀବ ବିଶ୍ୱାସୀ, ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ସୁନ୍ଦରଗଡର ବିଷୟ ବସ୍ତୁ ବିଶେଷଜ୍ଞ ଗୋପାଳ ଚନ୍ଦ୍ର ଶୁକଳ, ଜିଲା ସମାଜ କଲ୍ୟାଣ ଅଧିକାରୀ ପି. ସାହୁ, ଡିଏମଏସସି ଶୁଶିଳା ରଥ, କୃଷି ବିଜ୍ଞାନ କେନ୍ଦ୍ର, ଝାରସୁଗୁଡାର ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ ସମୀର ରଞ୍ଜନ ଦାସଙ୍କ ସମେତ ଉପସ୍ଥିତ ବିଭିନ୍ନ ବିଭାଗର ଅଧିକାରୀ, ଆମନ୍ତ୍ରୀତ ଅଗ୍ରଣୀ ଚାଷୀ ଓ ଏନ.ଜି.ଓ (ସେବକ) ପ୍ରମୁଖ ଯୋଗଦେଇଥିଲେ। ଧାନର ଉନ୍ନତ ପରୀକ୍ଷଣ, ରୋଗ ପୋକ ପରିଚାଳନା, ଜୈବିକ କୃଷି, ଛତୁ ଚାଷ, ମହୁଚାଷ, ଜିଆଖତ ଚାଷ, ପୁଷ୍ଟିଶସ୍ୟରେ ଯାନ୍ତ୍ରୀକରଣ ଓ ପିଣ୍ଡ ବିହନ ଉତ୍ପାଦନ, ଛତୁର ମୂଲ୍ୟଯୁକ୍ତ ପଦାର୍ଥ ପ୍ରସ୍ତୁତି, ସମନ୍ୱିତ କୃଷି ପଦ୍ଧତି, ମୃତ୍ତିକା ପରିଚାଳନା ଓ ସମନ୍ୱିତ ଖାଦ୍ୟ ସାର ପରିଚାଳନା, କୃଷି ଯାନ୍ତ୍ରୀକରଣ, ବାୟୋଫ୍ଲକ୍ ଓ ଜିଲାରେ ଫଳଚାଷର ବ୍ୟାପକତା ଉପରେ ବିଶେଷ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୃତ୍ତିକା ବୈଜ୍ଞାନିକ ଡ. ମନୋଜ କୁମାର ଜେନା, କୃଷି ସମ୍ପ୍ରସାରଣ ବୈଜ୍ଞାନିକ ଡେଭିଡ୍ ଜେମସ୍ ବାଗେ, ଉଦ୍ୟାନ ବିଜ୍ଞାନୀ ଆଶିଷ କୁମାର ମହାନ୍ତି, କାର୍ଯ୍ୟକ୍ରମ ସହାୟକ ବିଦ୍ୟାଧର ଟୁଡୁ, କ୍ଷେତ୍ର ପରିଚାଳକ ମୟୁଖ ଅଧିକାରୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସରରେ କେନ୍ଦ୍ରର ବାର୍ଷିକ ସମାଚାର ପତ୍ରିକା ଚାଷବାସ ଓ ଭର୍ମିକମ୍ପୋଷ୍ଟ ପୁସ୍ତିକାର ତଥା କେନ୍ଦ୍ର ଦ୍ୱାରା ପ୍ରସ୍ତୁତ ସରକାରଙ୍କ ଯୋଜନା ଓ କୃଷି ସମ୍ବନ୍ଧୀୟ ଓଡ଼ିଆ ୱେବସାଇଟର ଉନ୍ମୋଚନ କରାଯାଇଥିଲା। ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟର ଉପ–ନିର୍ଦ୍ଦେଶକ(ସମ୍ପ୍ରସାରଣ) ଓ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକଙ୍କ ସହିତ ଟାଙ୍ଗରପାଲି ବ୍ଲକର ରତନପୁର ଗ୍ରାମର ହିରୋଦ କୁମାର ପଟେଲଙ୍କ ସମନ୍ୱିତ କୃଷି ଓ କଦଳୀ ବଗିଚା ପରିଦର୍ଶନ କରିଥିଲେ।

### ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

ଲହୁଣୀପଡ଼ା,୨୦।୧(ଦଶରଥୀ ପଣ୍ଡା): ସୁନ୍ଦରଗଡ ଜିଲା ଲହୁଣୀପଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଶନିବାର ନୂଆ ଓ କାର୍ଯ୍ୟକ୍ରମରେ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବ ଓ ଜଗନ୍ନାଥ ସଂସ୍କୃତି ସମ୍ବନ୍ଧରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ପୂର୍ବତନ ଅଧ୍ୟକ୍ଷ ଧନେଶ୍ୱର ମାହାନ୍ତ, ମୁଖ୍ୟ ବକ୍ତାଭାବେ ଯଦୁପତି ମହାବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୀବ କୁମାର ପ୍ରଧାନ, ସମ୍ମାନିତ ଅତିଥିଭାବେ କ୍ଷୀରୋଦ ଚନ୍ଦ୍ର ନାଥ, ଦିଲୀପ କୁମାର ପଣ୍ଡା ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ନେତ୍ରାନନ୍ଦ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଅଧ୍ୟାପିକା ସୋମଦତ୍ତା ପଟ୍ଟନାୟକ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ସୁମିତ୍ରା ମାହାନ୍ତ ଓ ଦୀପ୍ତିମୟୀ ସାହୁଙ୍କ ଦଳ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ମମତା ମାହାନ୍ତ,ଐଶର୍ଯ୍ୟା ଖାଲଖୋ, ମେରୀୟମ ମୁଣ୍ଡା, ମୁକେଶ କୁମାର ଭୋଇ, ସୁରେନ୍ଦ୍ର କୁମାର ମାହାନ୍ତ, ଉମା ଶାଙ୍କର ମାହାନ୍ତ, ପୂର୍ଣ୍ଣ ଚନ୍ଦ୍ର ମାହାନ୍ତ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପିକା କଲ୍ୟାଣି ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ



ନୂଆଗାଁ,୨୦।୧(ବିଜୟୀ ତ୍ରିପାଠୀ)

ସୁନ୍ଦରଗଡ ଜିଲା ନୂଆଗାଁ ବ୍ଲକ ଫୁଲଝରଠାରେ ବହୁ ପ୍ରତିକ୍ଷିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପାଇଁ ଶୁକ୍ରବାର ଭତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଆଦିବାସୀ ବ୍ୟାପାର ଓ ଜଳ ସଂପଦ ମନ୍ତ୍ରୀ ବିଶେଶ୍ୱର ଟୁଡୁ ଏହାର ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ବିଦ୍ୟାଳୟ ଦ୍ୱାରା ଅନୁସୂଚିତ ଜନଜାତି ଛାତ୍ରୀଛାତ୍ର ଗୁଣାତ୍ମକ ମଧ୍ୟମ ଓ ଉଚ୍ଚଶିକ୍ଷା ପାଇପାରିବେ। ଏହି ଆବାସିକ ବିଦ୍ୟାଳୟରେ ମୋଟ ୪୮୦ ଛାତ୍ରୀଛାତ୍ର ରହି ପାଠ ପଢ଼ିପାରିବେ। ଏମାନଙ୍କ ମଧ୍ୟରୁ ୨୪୦ ଛାତ୍ରୀ ଓ ୨୪୦ ଛାତ୍ର ରହିବେ। ଭିତ୍ତିପ୍ରସ୍ତର ସ୍ଥାପନ ପରେ ଏକ ବୈଠକରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଟୁଡୁ କେନ୍ଦ୍ରସରକାଙ୍କ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ । ଆଦିବାସୀଙ୍କ ବିକାଶ ପାଇଁ କେନ୍ଦ୍ର ସରକାର ସବୁବେଳେ ଚେଷ୍ଟିତ, ତେଣୁ ସେମାନଙ୍କ ପାଇଁ ସ୍ୱତନ୍ତ୍ର ବିଭାଗ ମାଧ୍ୟମରେ ବିକାଶର ଧାରାକୁ ବଜାଇ ରଖାଯାଇଥିବା ସେ ପ୍ରକାଶ କରିଥିଲେ। ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ ଉପସ୍ଥିତ ରହି କେନ୍ଦ୍ର ସରକାରଙ୍କ ଯୋଜନା ଉପରେ କହିଥିଲେ। ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ ଓ ଭାଜପା ଯୁବ ନେତା ସଞ୍ଜିବ ପ୍ରତାପ ସିଂ ଦେଓ ପ୍ରମୁଖ ଉପସ୍ଥିତ ରହି କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଶିକ୍ଷାର ବିକାଶ ଦିଗରେ ବିଶେଷ କରି ଆଦିବାସୀ ଅଧୁଷିତ ନୂଆଗାଁ ବ୍ଲକର ଏକ ନୂତନ ଅଧ୍ୟାୟ ସୃଷ୍ଟି ହେଲା ବୋଲି ମତ ଦେଇଥିଲେ। ଏକଲବ୍ୟ ଆବାସିକ ବିଦ୍ୟାଳୟ ନୂଆଗାଁ ଅଞ୍ଚଳର ବହୁ ଦିନର ଦାବି ଥିଲା। ଯାହାକୁ କେନ୍ଦ୍ର ସରକାର ପ୍ରାଥମିକତା ଭିତରେ ନୂଆଗାଁ ବ୍ଲକରେ ନିର୍ମାଣ କରିବାକୁ ଚିନ୍ତା କରିଥିଲେ। ଯାହା ଆଜି ପୂରଣ ହୋଇଛି। ଆଗାମୀ ଦିନରେ ମଧ୍ୟ କେନ୍ଦ୍ର ସରକାର ଲୋକଙ୍କ ଉନ୍ନତି ଶିକ୍ଷାର ବିକାଶ, ସ୍ୱାସ୍ଥର ଉନ୍ନତି, ଚାଷୀଙ୍କ ପ୍ରଗତି ଦିଗରେ ଧ୍ୟାନ ଦେବେ ବୋଲି ସେମାନେ ପ୍ରକାଶ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଏହି ଉତ୍ସବରେ ଜିଲାପରିଷଦ ସଦସ୍ୟା ସଞ୍ଜିତା କିସପୋଟା, ତେତେର କେଲା ସରପଞ୍ଚ ସୁଖମନୀ ଓରାମ, ଭାଜପା ସଭାନେତ୍ରୀ ଲତିକା ପଟ୍ଟନାୟକଙ୍କ ସମେତେ ବିଭିନ୍ନ ପଞ୍ଚାୟତର ସମିତି ସଭ୍ୟ ଓ ବହୁ ଭାଜପା କର୍ମୀ ଉପସ୍ଥିତ ଥିଲେ ।

### ରାମମନ୍ଦିର ପ୍ରାଣ ପ୍ରତିଷ୍ଠା ପାଇଁ ଶାନ୍ତି କମିଟି ବୈଠକ

ରାଉରକେଲା,୨୦।୧(ସଙ୍ଗୀତା ଜେନା)

ଆସନ୍ତା ୨୨ ତାରିଖରେ ଅଯୋଧ୍ୟାରେ ରାମମନ୍ଦିର ପ୍ରାଣପ୍ରତିଷ୍ଠା ହେବାକୁ ଯାଉଛି। ଏ ନେଇ ଷ୍ଟିଲସିଟି ଚଳଚଞ୍ଚଳ ହୋଇଉଠିଛି। ସୁରକ୍ଷାକୁ ଦୃଷ୍ଟିରେ ରଖି ଶନିବାର ସନ୍ଧ୍ୟାରେ ପ୍ଲାଣ୍ଟସାଇଟ୍ ଥାନାରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଆଇପିଏସ୍ ଅଧିକାରୀ ସୋନାଲି ସିଂହ ପରମାର୍, ଡିଏସ୍‌ପି ଅନୀଲ ପ୍ରଧାନ, ରାମେଶ୍ୱର ମୁର୍ମୁ ପ୍ରମୁଖ ଯୋଗ ଦେଇଥିଲେ। ଶାନ୍ତିଶୃଙ୍ଖଳା ସହ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ସ୍ଥାନୀୟ ବୁଦ୍ଧିଜୀବୀ ଓ ନେତୃମଣ୍ଡଳୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ୨୮ ଭୂମିହୀନଙ୍କୁ ପଟ୍ଟା ବଣ୍ଟନ

ମୁରିବାହାଲ, ୨୦।୧(ଶ୍ରୀବତ୍ସ ବେହେରା)

ମୁରିବାହାଲ ତହସିଲ ଅଧୀନ ଇଛାପଡା, ଚଲକି, ମୁରିବାହାଲ, ଓ ଦୁପାଉଡାର ଗ୍ରାମ ପଞ୍ଚାୟତର ୨୮ଭୂମିହୀନଙ୍କୁ ତହସିଲଦାରଙ୍କ କାର୍ଯ୍ୟାଳୟ ନିକଟରେ ପଟ୍ଟା ବଣ୍ଟନ କରାଯାଇଛି। ଏହି ଅବସରରେ ମୁରିବାହାଲ ତହସିଲଦାର ଆୟୁବ ମଣ୍ଡଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ମୁଖ୍ୟଅତିଥିଭାବେ ଯୋଗଦେଇ ଉପସ୍ଥିତ ଭୂମିହୀନମାନଙ୍କୁ ପଟ୍ଟା ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ତହସିଲଦାର କଦାଳ ପାତ୍ର, କିରାଣୀ ହେଲମେଟ ବାର୍ଲା ଉପସ୍ଥିତ ଥିଲେ।

## ଇଣ୍ଡୋ ଇଂରାଜୀ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଲହୁଣୀପଡ଼ା,୨୦।୧(ଦାଶରଥୀ ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ ପଡ଼ିଆଠାରେ ଶନିବାର ଇଣ୍ଡୋ ଇଂରାଜୀ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବଣେଇଁ ବିଦ୍ୟାଳୟର ଅଧ୍ୟକ୍ଷା ସଂଘମିତ୍ରା ମିଶ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଇଣ୍ଡୋ ଇଂରାଜୀ ବିଦ୍ୟାଳୟ ରାଉରକେଲା ବୋର୍ଡ ମ୍ୟାନେଜିଙ୍ଗ କମିଟି ସଦସ୍ୟ ଧ୍ରୁବ ଜ୍ୟୋତି ମୁଖାର୍ଜୀ, ସମ୍ମାନିତ ଅତିଥି ଭାବେ ଲହୁଣୀପଡା ପଞ୍ଚାୟତ ସରପଞ୍ଚ ନେଲସନ ହେମ୍ବ୍ରମ ଯୋଗ ଦେଇଥିଲେ। ଗିରିଧାରୀ ସାହୁ ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ଅତିଥିମାନେ ବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗତ ମିହିର ବରୁଣ ମୁଖାର୍ଜୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଲହୁଣୀପଡ଼ା ଇଣ୍ଡୋ ଇଂରାଜୀ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅନିତା ରାଣୀ ଜୟସୱାଲ ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କୃତ କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଲହୁଣୀପଡ଼ା ଇଣ୍ଡୋ ଇଂରାଜୀ ବିଦ୍ୟାଳୟର ଶିକ୍ଷୟିତ୍ରୀ ଦିପୀକା ଅଧିକାରୀ, ଜ୍ୟୋତି ଟପ୍ପୋ, ରୋଜାଲିନ ମାହାନ୍ତ, ଜିଲାନୀ ମୁଣ୍ଡା , ଶିକ୍ଷୟିତ୍ରୀ ସଞ୍ଜୁକ୍ତା ନାଏକ, କିରଣ ବାଲା ଜେନା,ରୁବି ସେନାପତି, ମନିକା ସାହୁ,ନେହା ସାହୁ,ପୂର୍ଣ୍ଣିମା ରାଓ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଭା ଶେଷରେ ବଣେଇଁ ଇଣ୍ଡୋ ଇଂରାଜୀ ବିଦ୍ୟାଳୟର କାଉନସିଲର ଫିରୋଜ ଖାନ ଧନ୍ୟବାଦ ଅର୍ପଣ କରିଥିଲେ।


ଅତିଥିମାନେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।

## ମନ୍ଦିର ସଫେଇକଲେ କେନ୍ଦ୍ରମନ୍ତ୍ରୀ ଟୁଡୁ

ସୁନ୍ଦରଗଡ,୨୦।୧(ଜୟ ନାରାୟଣ ମେଣ୍ଡୁଲି)

କେନ୍ଦ୍ର ଆଦିବାସୀ ଓ ଜଳ ସମ୍ପଦ ବିଭାଗ ମନ୍ତ୍ରୀ ବିଶେଶ୍ୱର ଟୁଡୁ ୨ଦିନିଆ ସୁନ୍ଦରଗଡ ଜିଲା ଗସ୍ତ ଅବସରରେ ଶୁକ୍ରବାର ସ୍ଥାନୀୟ ମହାଦେବପଡା ଶିବ ମନ୍ଦିରରେ ସଫେଇ କାର୍ଯ୍ୟ କରିଥିଲେ। ସୁନ୍ଦରଗଡ ଜିଲା ସ୍ୱଚ୍ଛ ଭାରତ ଅଭିଯାନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ମନ୍ତ୍ରୀ ଟୁଡୁ ଏହି ସଫେଇ କାର୍ଯ୍ୟ କରି ସ୍ଥାନୀୟ ଲୋକଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ଇବ୍ ନଦୀରେ ସହରର ବର୍ଜ୍ୟ ଜଳ ମିଶୁଥିବା ନେଇ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ମନ୍ଦିର ସଫେଇରେ ଏମ୍‌ପି ଜୁଏଲ ଓରାମ, ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ, ଜିଲା ସ୍ୱଚ୍ଛ ଭାରତ ସଂଯୋଜକ ସୁରେନ୍ଦ୍ର ସ୍ୱର୍ଣ୍ଣକାର, ଜିଲା ଭାଜପା ସାଧାରଣ ସମ୍ପାଦକ ସୁଖଲାଲ ମୁଣ୍ଡା ପ୍ରମୁଖ ସାମିଲ ହୋଇଥିଲେ।


ସଫେଇରେ ସାମିଲ ହୋଇଛନ୍ତି କେନ୍ଦ୍ରମନ୍ତ୍ରୀ, ଏମ୍‌ପି ଓ ଅନ୍ୟମାନେ।

## ଡକାୟତି ଉଦ୍ୟମ: ୪ ଗିରଫ

**୨ ପିସ୍ତଲ, ଜୀବନ୍ତ ଗୁଳି ଜବତ**

ବ୍ରଜରାଜନଗର,୨୦।୧(ବିଜୟ ବରାଡ଼)

ବ୍ରଜରାଜନଗର ଥାନା ଅନ୍ତର୍ଗତ ରାମପୁର କୋଲିଆରୀ ଅଞ୍ଚଳରେ ଶନିବାର ଡକାୟତି ଉଦ୍ୟମ ବେଳେ ପୋଲିସ ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ରାମପୁର କୋଲିଆରୀ କଲୋନୀର ଜିତୁ ବିଶ୍ୱାଳ (୨୮), ସୋନୁ ସହିସ (୩୦), ବୃନ୍ଦଭଟାର ସନ୍ଦୀପ ଦାସ (୨୫) ଓ ଲମାଡିବାହାଲ ଅଞ୍ଚଳର କରଣ ସିଂ (୨୬)। ଏମାନଙ୍କଠାରୁ ୨ଗୋଟି ଦେଶୀ ପିସ୍ତଲ, ୧ ଜୀବନ୍ତ ଗୁଳି, ୧ ଭୁଜାଲି, ୨ଗୋଟି ଲୁହରଡ୍ ଜବତ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ସମସ୍ତ ଅଭିଯୁକ୍ତ ରାମପୁର ଫାଣ୍ଡି ଅଞ୍ଚଳରେ ଡକାୟତି ଯୋଜନା କରୁଥିବା ବେଳେ ଫାଣ୍ଡି ଅଧିକାରୀ ଶଶିଭୂଷଣ ମିଶ୍ର ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ଦଳ ସହ ଚଢ଼ାଉ କରିଥିଲେ। ଘଟଣାସ୍ଥଳରୁ ୪ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟ କେତେଜଣ ଫେରାର ମାରିଥିଲେ। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇ ଗିରଫ ୪ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ୨ଦିବସୀୟ ଜଗନ୍ନାଥ ସଂସ୍କୃତି, ଓଡ଼ିଆ ସାହିତ୍ୟ ଆଲୋଚନାଚକ୍ର

ହେମଗିର,୨୦।୧(ଚୈତନ୍ୟ ପଟେଲ )

ସୁନ୍ଦରଗଡ ଜିଲା ହେମଗିର ବ୍ଲକ ଭେଷଜପଟେଲ ମହାବିଦ୍ୟାଳୟରେ ୨ ଦିବସୀୟ ନୂଆ–ଓ ଆନୁକୂଲ୍ୟରେ ଜଗନ୍ନାଥ ସଂସ୍କୃତି ଓ ଓଡ଼ିଆ ସାହିତ୍ୟ ଆଲୋଚନା ଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ ଯୁକ୍ତ ୩ ବିଭାଗ ତରଫରୁ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥିଭାବେ ମହାବିଦ୍ୟାଳୟ ପରିଚାଳନା ସମିତି ସଭାପତି ସୁଶୀଲ କୁମାର ଚୈଧୁରୀ ଯୋଗଦେଇ ଥିବାବେଳେ ମୁଖ୍ୟ ବକ୍ତାଭାବେ ଉବଗାଁ ମହାବିଦ୍ୟାଳୟ ଅଧ୍ୟାପିକା ଡ.ସୁପ୍ରିୟା ପାଲ ଯୋଗଦେଇ ଜଗନ୍ନାଥ ସଂସ୍କୃତିର ସମନ୍ୱୟତା ସଂପର୍କରେ ଆଲୋଚନା କରିଥିଲେ। ଅନ୍ୟତମ ବକ୍ତାଭାବେ ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ନୂତନ ଖମାରୀ ଯୋଗ ଦେଇଥିଲେ। ଶନିବାର ମୁଖ୍ୟ ଅତିଥିଭାବେ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଲେଫଟନେଣ୍ଟ ବିଭୂତି ଭୂଷଣ ବାଗ ଯୋଗଦେଇ ଜଗନ୍ନାଥ ସଂସ୍କୃତି ଉପରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ଇଂରାଜି ଅଧ୍ୟାପକ ଡ.ସ୍ୱର୍ଣ୍ଣମୟୀ ପୁରୋହିତ ଯୋଗଦେଇ ଓଡ଼ିଆ ସାହିତ୍ୟ ଭାଷା ଆନ୍ଦୋଳନ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଭେଷଜ ପଟେଲ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ.ଅଶୋକ କୁମାର ନାଏକ ଅତିଥିଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ।




## ଭକ୍ତଙ୍କୁ ଦର୍ଶନ ଦେଲେ ଜଂଘା ବଡଦେଓ

ବଡ଼ଗାଁ,୨୦।୧(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ନିକଟ ଭୋଇପାଲୀ ଗ୍ରାମସ୍ଥିତ ଜଂଘା ଧାମରେ ଶନିବାର ପ୍ରଭୁ ଜଂଘା ବଡ଼ଦେଓ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି। ଏହି ବାର୍ଷିକ ଉତ୍ସବ ଅବସରରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ହକି ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ ମୁଖ୍ୟ ଅତିଥି, ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ, ଗୋଁଡ ସମାଜର ସଭାପତି ପ୍ରସୂତ ଭୋଇ, ପୂର୍ବତନ ସଭାପତି ଗୋବିନ୍ଦ ଭୋଇ, ସର୍କଲ ସଭାପତି ବିଦ୍ୟାଧର ମାଝି, ମହାରାଷ୍ଟ୍ରରୁ ଆସିଥିବା ପ୍ରଫେସର ଚୈତନ୍ୟ କୁମାର୍ ମସୁଦରାମ, ଆଇ ଆର୍ ଏସ ଦିଲ୍ଲୀପ ଧୃବେ, ଶ୍ରୀକାନ୍ତ ଦୃବେ, ଝାଡ଼ଖଣ୍ଡ ରାଜ୍ୟର ସମାଜ ମହାସଚିବ ଶ୍ୟାମ ସୁନ୍ଦର ପ୍ରଧାନଙ୍କ ସହିତ ସମାଜର ବରିଷ୍ଠ କର୍ମକର୍ତ୍ତା ଯୋଗଦେଇଥିଲେ। ଆୟୋଜିତ ସଭାରେ ଗୋଁଡ ସମାଜର ସମୃଦ୍ଧ ପରମ୍ପରା, ଧର୍ମୀୟ ବିଶ୍ୱାସ ଓ ଐତିହ୍ୟ ଉପରେ ଅତିଥିମାନେ ଆଲୋଚନା କରିଥିଲେ। ବାର୍ଷିକ ପୂଜାରେ ପ୍ରଭୁଙ୍କ ଦର୍ଶନ ପାଇଁ ହଜାର ହଜାର ସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଜଂଘା ବଡଦେଓ ପୂଜା କମିଟି ସଭାପତି ନିତ୍ୟାନନ୍ଦ ନାଏକ, ସମ୍ପାଦକ କର୍ଣ୍ଣ ନାଏକ, ତୁଡାଲଗା ସର୍କଲ ସଭାପତି ଘନଶ୍ୟାମ ଭୋଇ, ସବ୍‌ଡେଗା ସର୍କଲ ସଭାପତି କୁଳମଣି ମାଝି, ସଦର ସର୍କଲ ସଭାପତି ଲଳିତ ମୋହନ ପ୍ରଧାନଙ୍କ ସହିତ ବହୁ ସାମାଜିକ କର୍ମକର୍ତ୍ତା ଯୋଗଦେଇଥିଲେ।



ଆୟୋଜିତ ସଭାରେ ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀଙ୍କ ସହିତ ମଞ୍ଚାସୀନ ଅତିଥିବୃନ୍ଦ।

## ଆଜି କ'ଣ କେଉଁଠି

**ସମ୍ବଲପୁର**

- ଏନ୍‌ଏସ୍‌ଡିସି ପକ୍ଷରୁ ନିଯୁକ୍ତି ମେଳା, ଧନକଉଡ଼ା ଖେଳ ପଡିଆ, ସକାଳ ୮ଟା।
- ଏନ୍‌ବିଟି ପକ୍ଷରୁ ସମ୍ବଲପୁର ପୁସ୍ତକ ମେଳା ଉଦ୍‌ଘାଟନ, ଅଇଁଠାପାଲିସ୍ଥିତ ବିର୍ସା ମଇଦାନ, ଅପରାହ୍ନ ୫ଟା।
- ମ୍ୟାନେଜମେଣ୍ଟ କନଫରେନ୍ସ-୨୦୧୪, ଆଇଆଇଏମ୍ ସମ୍ମିଳନୀ କକ୍ଷ, ସନ୍ଧ୍ୟା ୭ଟା।

# ଦେଶ ବିକାଶରେ ବ୍ୟାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ: ଧର୍ମେନ୍ଦ୍ର

ସମ୍ବଲପୁର,୨୦।୧(ପ୍ରମୋଦ ବହିଦାର):

ଦେଶକୁ ସମୃଦ୍ଧ ତଥା ବିକଶିତ କରିବାରେ ବ୍ୟାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ବ୍ୟାଙ୍କ ସହାୟତାରେ ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବାକୁ ନରେନ୍ଦ୍ର ମୋଦି କ୍ଷମତାକୁ ଆସିବା ଦିନ ବଜ୍ର ଶପଥ ନେଇ ଅଗ୍ରସର ହୋଇଥିଲେ। ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ (ଏସ୍‌ବିଆଇ) ଆନୁକୂଲ୍ୟରେ ସମ୍ବଲପୁର ରେମେଡ୍ ଛକସ୍ଥିତ ଜଲାନ ପଡ଼ିଆରେ ଶନିବାର ଆୟୋଜିତ ଋଣ ସମ୍ପ୍ରସାରଣ (କ୍ରେଡିଡ୍ ଆଉଟ୍‌ରିଚ୍) ମେଳାରେ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ଅତିଥି ଭାବେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଓ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ।

କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଥିଲେ, ବର୍ତ୍ତମାନ ସମଗ୍ର ବିଶ୍ୱରେ ଭାରତ ୫ମ ସର୍ବବୃହତ୍ ଆର୍ଥିକ ଶକ୍ତି ଭାବେ ଉଭା ହୋଇଛି। ଆଗାମୀ ଦିନରେ ଦେଶ ବିଶ୍ୱର ୩ୟ ଆର୍ଥିକ ଶକ୍ତିର ସ୍ଥାନ ଅକ୍ତିଆର କରିବା ଦିଗରେ ଅଗ୍ରସର ହେଉଛି। ଏହି ଲକ୍ଷ୍ୟ ହାସଲ ପାଇଁ ପ୍ରଥମେ ଭାରତ ବିକଶିତ ରାଷ୍ଟ୍ରରେ ପରିଣତ ହେବା ଆବଶ୍ୟକ। ଦେଶକୁ ସମୃଦ୍ଧି ପଥରେ ଆଗେଇ ନେବାକୁ ହେଲେ ଓଡ଼ିଶାକୁ ଆର୍ଥିକ ଭାବେ ସମୃଦ୍ଧ କରିବାକୁ ପଡ଼ିବ। ଓଡ଼ିଶାକୁ ସମୃଦ୍ଧ କରିବା ପାଇଁ ସମ୍ବଲପୁରବାସୀଙ୍କୁ ଆତ୍ମନିର୍ଭରଶୀଳ କରିବା ଆବଶ୍ୟକତା ରହିଛି। ସମ୍ବଲପୁର ଜିଲାର ଚାଷୀଠାରୁ ଆରମ୍ଭ କରି ବୁଣାକାର, କୁମ୍ଭକାର, କମାର ପର୍ଯ୍ୟନ୍ତ ସମସ୍ତଙ୍କୁ ନିଜ ଦକ୍ଷତା ଅନୁସାରେ ଆତ୍ମନିର୍ଭର କରିବା ଆବଶ୍ୟକ। ତେଣୁ ଭାରତ ସରକାରଙ୍କ ପିଏମ୍ ମୁଦ୍ରା, ପିଏମ୍ ସ୍ୱନିଧି, ପିଏମ୍‌ଇଜିପି, କେସିସି, ଷ୍ଟାଣ୍ଡଅପ୍, ଏସ୍‌ଏଚ୍‌ଜି, ଶିକ୍ଷା, ଗୃହ ଆଦି ବହୁମୁଖୀ ଋଣ ଯୋଜନା ମାଧ୍ୟମରେ ଗତ ୫ମାସ ମଧ୍ୟରେ ସମ୍ବଲପୁର ଓ ଦେବଗଡ଼ ଜିଲାର ପ୍ରାୟ ୭୧ହଜାର ହିତାଧିକାରୀଙ୍କୁ ବିଭିନ୍ନ ବ୍ୟାଙ୍କରୁ ପ୍ରାୟ ୨୩୦୦ କୋଟି ଟଙ୍କାରୁ ଅଧିକ ଋଣ ମଞ୍ଜୁର କରାଯାଇଛି ବୋଲି ସେ କହିଥିଲେ। କେନ୍ଦ୍ର ଅର୍ଥରାଷ୍ଟ୍ର ମନ୍ତ୍ରୀ ଚୌଧୁରୀ କେନ୍ଦ୍ର ସରକାରଙ୍କ ବହୁମୁଖୀ ଜନକଲ୍ୟାଣକାରୀ ଯୋଜନା ଉପରେ ଆଲୋକପାତ କରିଥିଲେ। ଏହି ଯୋଜନା ଆଗାମୀ ଦିନରେ ସମ୍ବଲପୁର ଜିଲାରେ ଆତ୍ମନିଯୁକ୍ତି ସୁଯୋଗ ବୃଦ୍ଧି କରିବା ସହ ଯୁବତୀଯୁବକଙ୍କ ପାଇଁ ରୋଜଗାର ପଥକୁ ସୁଗମ କରିବାରେ ସହାୟକ ହେବ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଭାରତୀୟ ଷ୍ଟେଟ୍‌ବ୍ୟାଙ୍କର ମୁଖ୍ୟ ପ୍ରବନ୍ଧକ ବିନୟ ଏମ୍. ଟୋନ୍‌ସେ ସ୍ୱାଗତ ଭାଷଣ ଦେଇ ଓଡ଼ିଶା ସମୃଦ୍ଧିରେ ଷ୍ଟେଟ୍‌ବ୍ୟାଙ୍କର ଭୂମିକା ଉପରେ ଆଲୋକପାତ କରିଥିଲେ।

ଏହି ଅବସରରେ ଅତିଥିମାନେ ସମ୍ବଲପୁରର ବିଭିନ୍ନ ବ୍ୟାଙ୍କ ଜରିଆରେ ମୋଟ ୪୧ ଜଣଙ୍କୁ ୬୫୯.୨୭ କୋଟି ଟଙ୍କାର ମଞ୍ଜୁରିପ୍ରାପ୍ତ ଋଣକୁ ଚେକ୍ ମାଧ୍ୟମରେ ହିତାଧିକାରୀଙ୍କୁ ପ୍ରଦାନ କରିଥିଲେ। ଏଥିମଧ୍ୟରୁ କେବଳ ଏସ୍‌ବିଆଇ ୨୯ ଜଣ ହିତାଧିକାରୀଙ୍କୁ ୪୨୧.୩୨ କୋଟି ଟଙ୍କାର ଋଣ ପ୍ରଦାନ କରିଛି। ସେହିପରି ଉତ୍ସର୍ଗ ତଥା ଅନ୍ୟ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ଏସ୍‌ବିଆଇ ପକ୍ଷରୁ ଗୋଟିଏ ଆମ୍ବୁଲାନ୍ସ ସହ ଏକ ଭ୍ରାମ୍ୟମାଣ ଟିକାକରଣ ଗାଡ଼ି ଓ ନାବାର୍ଡ ପକ୍ଷରୁ ଜମନକିରା ବ୍ଲକର ଚାଷୀଗୋଷ୍ଠୀଙ୍କୁ ଏକ ସ୍ୱତନ୍ତ୍ର ଗାଡ଼ି ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରେଙ୍ଗାଲି ବିଧାୟକ ନାଉରୀ ନାଏକ, ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଏଫ୍‌ଆଇ, ଜିଏଫ୍‌ଏସ୍ ଯୁଗ୍ମ ସଚିବ ପ୍ରଶାନ୍ତ ଗୋୟଲ, ସିଡିବି ଡିଏମ୍‌ଡି ପ୍ରକାଶ କୁମାର, ନାବାର୍ଡ ଡିଏମ୍‌ଡି ଅଜୟ ସୁଦ୍‌ଙ୍କ ସମେତ ସ୍ଥାନୀୟ ଶିକ୍ଷାନୁଷ୍ଠାନର ମୁଖ୍ୟ, ସରକାରୀ ଉଚ୍ଚପଦସ୍ଥ ଅଧିକାରୀ ତଥା କେନ୍ଦ୍ରୀୟ ସେବା ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ଶେଷରେ ଏସ୍‌ବିଆଇ ସିଜିଏମ୍ ଦୀନେଶ ପୃଥୀ ଧନ୍ୟବାଦ ଅର୍ପଣ କରିଥିଲେ।



ଜଣେ ହିତାଧିକାରୀଙ୍କୁ ଚେକ୍ ପ୍ରଦାନ କରୁଛନ୍ତି ଅତିଥି।

## କର୍ମଚାରୀଙ୍କ ଆକ୍ରମଣରେ ୱାର୍ଡର ଗୁରୁତର

### କୁଚିଣ୍ଡା ଉପଖଣ୍ଡ କାରାଗାର

କୁଚିଣ୍ଡା,୨୦।୧(ବିରଞ୍ଚି ଦର୍ଦ୍ଦା)

କୁଚିଣ୍ଡା ଉପଖଣ୍ଡ କାରାଗାରର ଜଣେ କର୍ମଚାରୀଙ୍କ ଆକ୍ରମଣରେ କାର୍ଯ୍ୟରତ ୱାର୍ଡର ଅଭିଳାଷ ରଥ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ମୁଣ୍ଡ ଫାଟି ଯାଇଥିବା ବେଳେ ସେ ଏବେ କୁଚିଣ୍ଡା ଉପଖଣ୍ଡ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଥାନାରେ ଏ ସମ୍ପର୍କିତ କୌଣସି ଅଭିଯୋଗ ହୋଇନାହିଁ। ୱାର୍ଡର ଅଭିଳାଷଙ୍କ ଅଭିଯୋଗ ଅନୁଯାୟୀ, ଅପରାହ୍ନରେ ସେ ଡ୍ୟୁଟି ପାଇଁ ଉପକାରାଗାରରେ ପହଞ୍ଚିଥିଲେ। ଡ୍ୟୁଟି ଚାର୍ଟ ରେଜିଷ୍ଟରରେ ତାଙ୍କ ଡ୍ୟୁଟି ଲେଖାଯାଇ ନ ଥିବାରୁ ସେ ଉପସ୍ଥିତ କର୍ମଚାରୀଙ୍କୁ ପଚାରିଥିଲେ। ପରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ତେଜିତ ହୋଇ କର୍ମଚାରୀ ଜଣକ ଏକ ଲୁହା ରଡରେ ଆକ୍ରମଣ କରି ତାଙ୍କୁ ଠେଲି ଦେଇଥିଲେ ବୋଲି କରିଛନ୍ତି। ଏଭଳି ଘଟଣାକୁ ନେଇ ଉପକାରାଗାରର ଶୃଙ୍ଖଳା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ଉପକାରାଗାର ଅଧୀକ୍ଷକ ଚିନ୍ମୟ ପାତ୍ରଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ତାଙ୍କ ମୋବାଇଲ ସୁଇଚ ଅଫ ଥିବାରୁ ମତାମତ ମିଳିପାରି ନାହିଁ।

## କିଶୋରୀ ବାଳିକା ସଚେତନତା ସଭା

ପଡିଆବାହାଲ, ୨୦।୧
(ରାଧାମୋହନ ଷଡ଼ଙ୍ଗୀ)

ଯୁଯୁମୁରା ବ୍ଲକ ବାହାମ ପଞ୍ଚାୟତ ବଡତୁରାଙ୍ଗ ଅଙ୍ଗନୱାଡି କେନ୍ଦ୍ରଠାରେ ଶନିବାର କିଶୋରୀ ବାଳିକାଙ୍କ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଅଙ୍ଗନୱାଡି କର୍ମୀ କୁମୁଦିନୀ ମେହେରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବାହାମ ସରପଞ୍ଚ ସରସ୍ୱତୀ ଭୁସାଗର ଉପସ୍ଥିତ ଥିଲେ। ତାଲିମଦାତା ଡା. ରାଜାରାମ ଷଡଙ୍ଗୀ କୈଶୋର ବୟସର ବିଭିନ୍ନ ଦିଗକୁ ନେଇ ଆଲୋଚନା କରିବା ସହ ଆତ୍ମବିଶ୍ୱାସ, ଦୃଢତା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଏଥିରେ ବଡତୁରାଙ୍ଗ ଗ୍ରାମର ୧୦ରୁ ଊର୍ଦ୍ଧ୍ୱ କିଶୋରୀ ବାଳିକା ଅଂଶଗ୍ରହଣ କରିଥିଲେ। ୱାଡମେମ୍ବର ସୌଦାମିନୀ ମେହେର, ଗୀତାଞ୍ଜଳି ମେହେର, ସିଆର୍‌ପି ଜୟନ୍ତୀ ରଣା, ଅଙ୍ଗନୱାଡି ସହାୟିକା ଜେମା ମେହେର, ସନ୍ତୋଷିନୀ ପ୍ରଧାନ, ସଂଯୁକ୍ତା ପ୍ରଧାନ ଓ ଲଳିତା ମେହେର ପ୍ରମୁଖ ଉପସ୍ଥିତ ଥିଲେ।

## ସମ୍ବଲପୁର ମହୋତ୍ସବ ପ୍ରସ୍ତୁତି ବୈଠକ

ସମ୍ବଲପୁର,୨୦।୧(ବି.ଶଙ୍କର)

ସମ୍ବଲପୁର ମହୋତ୍ସବ ଆସନ୍ତା ଫେବୃଆରୀ ୫ରୁ ୧୧ ତାରିଖ ପର୍ଯ୍ୟନ୍ତ ଅଇଁଠାପାଲି ବିର୍ସା ମୁଣ୍ଡା ମଇଦାନ (ପିଏଚ୍‌ଡି ପଡିଆ)ରେ ଅନୁଷ୍ଠିତ ହେବ। ଏ ନେଇ ଶନିବାର ପ୍ରସ୍ତୁତି ବୈଠକ ସପନ ମିଶ୍ରଙ୍କ ସଂଯୋଜନାରେ ହୋଇଥିଲା। ଚଳିତ ବର୍ଷ ବ୍ୟବସାୟିକ ଷ୍ଟଲ ସହ ଜନଜାତୀୟ ଓ ଆଦିବାସୀଙ୍କ ପ୍ରସ୍ତୁତ ସାମଗ୍ରୀ ବିକ୍ରି ହେବ। ସେହିପରି ମୀନା ବଜାର ଓ ସମ୍ବଲପୁରୀ ଖାଦ୍ୟ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିବ। ସମସ୍ତ ଷ୍ଟଲ ୫ରୁ ୧୫ ଫେବୃଆରୀ ପର୍ଯ୍ୟନ୍ତ ଖୋଲା ରହିବ ବୋଲି ବୈଠକରେ ସ୍ଥିର ହୋଇଛି । ସଭାପତି ଶିକ୍ଷାବିତ୍ ଭକ୍ତ ପ୍ରସାଦ ନନ୍ଦ ଗୁରୁ ଦୁର୍ଗା ଦାଶ ସାଂସ୍କୃତିକ ଦଳ ଓ ଅନ୍ୟାନ୍ୟ ମଞ୍ଚ ପରିବେଷଣ ବାବଦରେ ବିବରଣୀ ଦେଇଥିଲେ। ରାଜେନ୍ଦ୍ର ସତନାମୀ, ସୁନୀଲ ସାୟନ, ହମିଦ ରେହମାନ ଓ ସୟଦ ହୁସେନ, ସୁବଳ ବେହେରା, ବିଦ୍ୟାଧର କଣ୍ଟା, ଝୁନା ତ୍ରିପାଠୀ, ସୁଜାତା ଗୁରୁ, ସରିତା ଧଳ, ନିକି ଦୋରା ପ୍ରମୁଖ ଆଲୋଚନାରେ ଭାଗନେଇଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ସକାଶେ ବ୍ୟକ୍ତିବିଶେଷଙ୍କୁ ଲୋକଶ୍ରୀ ସମ୍ମାନ ଦେବାକୁ ଏକ ଉଚ୍ଚସ୍ତରୀୟ ଚୟନ କମିଟି କରିବାକୁ ପ୍ରସ୍ତାବ ଗୃହୀତ ହୋଇଛି।

## କୌଣସି ଅଞ୍ଚଳର ଭାଷା, ସଂସ୍କୃତି ସେ ଅଞ୍ଚଳର ପରିଚୟ

ସମ୍ବଲପୁର,୨୦।୧(ବି.ଶଙ୍କର)

ସମ୍ବଲପୁର ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ଐତିହାସିକ ଦୀପକ କୁମାର ପଣ୍ଡାଙ୍କ ପାଞ୍ଚଟି ପୁସ୍ତକ ଲୋକାର୍ପିତ ହୋଇଯାଇଛି। ଓଡିଶା ସାଂସ୍କୃତିକ ସମାଜ ସଭାପତି ଅଶୋକ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଉତ୍ସବ ହୋଇଥିଲା। ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ, ବରଗଡ ଏମ୍‌ପି ସୁରେଶ ପୂଜାରୀ, ରେଢାଖୋଲ ବିଧାୟକ ରୋହିତ ପୂଜାରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କୌଣସି ଅଞ୍ଚଳର ଭାଷା ଓ ସଂସ୍କୃତି ସେହି ଅଞ୍ଚଳର ପରିଚୟ। ତେଣୁ ଏହାର ସଂରକ୍ଷଣ ପ୍ରତି ଆମକୁ ଯତ୍ନଶୀଳ ହେବାକୁ ପଡିବ। ସେହିପରି ସମ୍ବଲପୁରୀ ଭାଷାକୁ ସାମ୍ବିଧାନିକ ସ୍ୱୀକୃତି ଦେବା ନିମନ୍ତେ ମଧ ଉଦ୍ୟମ ଚାଲିଛି। ହେଲେ ଏଥିନିମନ୍ତେ ପଶ୍ଚିମ ଓଡ଼ିଶାର ବରିଷ୍ଠ ନାଗରିକମାନଙ୍କ ହସ୍ତକ୍ଷେପ ନିହାତି ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଲେଖକ ଦୀପକ କୁମାର ପଣ୍ଡା ପୁସ୍ତକ ପ୍ରକାଶନ ଉପରେ ବକ୍ତବ୍ୟ ରଖିଥିଲେ। ଲୋକାର୍ପିତ ପୁସ୍ତକ ଦ ଗ୍ରେଟ ସମ୍ବଲପୁର ରିବେଲିଅନ ଆଣ୍ଡ ବୀର ସୁରେନ୍ଦ୍ର ସାଏ, ମରାଠା ଅକୁପେଶନ ଅଫ ସମ୍ବଲପୁର, ସବମର୍ଜଡ ଟେମ୍ପୁଲସ ଅଫ ସମ୍ବଲପୁର ବିଷୟରେ ଐତିହାସିକ ଡା. ବିଭୁଦତ୍ତ ପ୍ରମୋଦ କୁମାର ମିଶ୍ର ସମୀକ୍ଷା କରିଥିଲେ। ସେହିପରି ଦୀପକ ପଣ୍ଡାଙ୍କ ସମ୍ବଲପୁରୀ ଗ୍ରନ୍ଥାବଳୀ ଓ ସମ୍ବଲପୁରୀ ଲାଙ୍ଗୁଏଚ କଲଚର ଆଣ୍ଡ ଟ୍ରାଡିସନ ପୁସ୍ତକ ଉପରେ ଡ. ସତ୍ୟନାରାୟଣ ଠାକୁର ଟିପ୍ପଣୀ ଦେଇଥିଲେ। ଡ. ସିଦ୍ଧାର୍ଥ ପଣ୍ଡା ଅତିଥି ପରିଚୟ ପ୍ରଦାନ ସହ ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

## ବିଜେଡିର ସାଙ୍ଗଠନିକ ବୈଠକ

ସମ୍ବଲପୁର,୨୦।୧
(ଭବାନୀ ଶଙ୍କର ଭୋଇ):

ସମ୍ବଲପୁର ବିଧାନସଭା କ୍ଷେତ୍ରର ବୁର୍ଲା ଓ ସମ୍ବଲପୁର ସହରର ବିଭିନ୍ନ ୱାର୍ଡରେ ବିଜେଡିର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହେଉଛି। ଦଳର ଜିଲା ସଭାପତି ଓ ବରିଷ୍ଠ ନେତାଙ୍କ ଉପସ୍ଥିତିରେ ସଙ୍ଗଠନକୁ ମଜଭୁତ କରିବା ଦିଗରେ କାର୍ଯ୍ୟ କରିବାକୁ କର୍ମୀମାନଙ୍କୁ ଆହ୍ୱାନ ଦିଆଯାଉଛି। ଏହି କ୍ରମରେ ଶନିବାର ବୁର୍ଲା ସହରର ୱାର୍ଡ ନଂ.୧୭ ବଡବଜାର ରାଧାମାଧବ ମନ୍ଦିର କଲ୍ୟାଣ ମଣ୍ଡପଠାରେ ବୈଠକ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀ ସଭାପତିତ୍ୱ କରିଥିବା ବେଳେ ଏଥିରେ ରେଙ୍ଗାଲି ଓ ସମ୍ବଲପୁର ବିଧାନସଭାର ବିଜେଡି ପର୍ଯ୍ୟବେକ୍ଷକ ସୌଭାଗ୍ୟ ନାୟକ, ଜିଲା ବିଜେଡି ସଭାପତି ତଥା ବିଧାୟକ ରୋହିତ ପୂଜାରୀ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସିଦ୍ଧାର୍ଥ ଦାସ, ବିଜେଡି ନେତା ସଞ୍ଜିତ ମହାନ୍ତି, ବିଜେଡି ରାଜ୍ୟ ପ୍ରବକ୍ତା ସଞ୍ଜୟ ବାବୁ, ଯୁବବିଜେଡିର ଜିଲା ସଭାପତି ଲକ୍ଷ୍ମୀ ପ୍ରସାଦ ମହାପାତ୍ର, ବିଜେଡି ମହାନଗର ସଭାପତି ସତୀଶ ବିଶି ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଏଥିରେ ୧୭ନଂ. ସକ୍ରିୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ସେହିପରି ସନ୍ଧ୍ୟାରେ ବୁର୍ଲାର ୱାର୍ଡନମ୍ବର ୮ ଓ ୯ରେ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା।


ବୈଠକରେ ଉପସ୍ଥିତ ଦଳୀୟ ନେତା ଓ କର୍ମୀ।

## ୨୪ରେ ଜିଲାସ୍ତରୀୟ କବାଡି ଖେଳାଳି ଚୟନ ଶିବିର

ସମ୍ବଲପୁର,୨୦।୧(ବି.ଶଙ୍କର)

ଆସନ୍ତା ଫେବୃଆରୀ ୨ରୁ ୪ତାରିଖ ପର୍ଯ୍ୟନ୍ତ କଟକସ୍ଥିତ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମଠାରେ ଓଡିଶା କବାଡି ସଂଘ ଆୟୋଜନରେ ୭୧ତମ ସିନିୟର ରାଜ୍ୟସ୍ତରୀୟ କବାଡି (ପୁରୁଷ ଓ ମହିଳା) ପ୍ରତିଯୋଗିତା ହେବ। ଏ ନେଇ ସମ୍ବଲପୁର ଜିଲା କବାଡି ଦଳ (ପୁରୁଷ ଓ ମହିଳା)ର ଚୟନ ଶିବିର ଆସନ୍ତା ୨୪ ତାରିଖରେ ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ହେବ। ଶିବିରରେ ଭାଗ ନେବାକୁ ହେଲେ ପୁରୁଷ ଖେଳାଳିଙ୍କ ଶାରୀରିକ ଓଜନ ୮୫ କି.ଗ୍ରା.ରୁ କମ ଓ ମହିଳା ଖେଳାଳିଙ୍କ ଶାରୀରିକ ଓଜନ ୭୫ କି.ଗ୍ରା.ରୁ କମ୍ ହୋଇଥିବା ଆବଶ୍ୟକ। ଏ ନେଇ ଜିଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ସୁନିଲ କୁମାର ସାହୁ ଏକ ପ୍ରେସ ବିବୃତିରେ ସୂଚିତ କରିଛନ୍ତି।

## ଭାଟିକା ପ୍ରକଳ୍ପର ବିକାଶ ପାଇଁ ଏମ୍‌ଓୟୁ

ତାଳଚେର,୨୦।୧ (ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେରରେ ଏମ୍‌ସିଏଲ୍‌ର 'ଭାଟିକା' ପ୍ରକଳ୍ପର ବିକାଶ ପାଇଁ ୫ କୋଟିରୁ ଅଧିକ ଟଙ୍କା ମଞ୍ଜୁର ସହିତ ଓଡ଼ିଶାର ସାଂସ୍କୃତିକ ତଥା ଐତିହ୍ୟ ସଂରକ୍ଷଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ଏ ନେଇ ଏମ୍‌ସିଏଲ୍ ଓ ଅନୁଗୋଳ ଜିଲା ପ୍ରଶାସନ ମଧ୍ୟରେ ଏକ ଏମ୍‌ଓୟୁ ସ୍ୱାକ୍ଷର ହୋଇଛି। ଏମ୍‌ସିଏଲ୍‌ର ସିଏସ୍‌ଆର୍ କାର୍ଯ୍ୟଗୁଡ଼ିକ ମଧ୍ୟରେ ଏହା ଏକ ମାଇଲଖୁଣ୍ଟ। ଏମ୍‌ସିଏଲ୍‌ର ସିଏସ୍‌ଆର୍ ଜେନେରାଲ ମ୍ୟାନେଜର ଏବଂ ସ୍ୱତନ୍ତ୍ର ଜମି ଅଧିଗ୍ରହଣ ଅଧିକାରୀ ଏହି ଏମ୍‌ଓୟୁରେ ସ୍ୱାକ୍ଷର କରିଛନ୍ତି। ଭାଟିକା ପ୍ରକଳ୍ପର ମୂଳ ଲକ୍ଷ୍ୟ ହେଉଛି ଜଗନ୍ନାଥଙ୍କ ସହ ଜଡିତ ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ତାଳଚେର, ଅନୁଗୋଳର ସାଂସ୍କୃତିକ ଉତ୍ତରାଧିକାରୀ ସଂରକ୍ଷଣରେ ସହଯୋଗ କରିବା । ଏଥିପାଇଁ ୫ଟି ଭିନ୍ନ ଜୋନ୍ ଗଠନ ହୋଇଛି।

## ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର


ତାଲିମ ଗ୍ରହଣ କରିଥିବା ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

ନାକଟିଦେଉଳ, ୨୦।୧(ବୈକୁଣ୍ଠ ନାଥ ସାହୁ)

ନାକଟିଦେଉଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ବିନୀତା ମୁର୍ମୁଙ୍କ ପରିଚାଳନାରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଦୀପେନ କୁମାର ପଟ୍ଟନାୟକ ଯୋଗଦେଇ ଶିବିରର ବିଭିନ୍ନ ଦିଗ ବିଷୟରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଡ. ମନୋରଞ୍ଜନ ପ୍ରଧାନ ତାଲିମର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟ ବକ୍ତା ଅଧ୍ୟାପକ ଡ. ପ୍ରଶାନ୍ତ କୁମାର ଦାଶ ଶିକ୍ଷା ବ୍ୟବସ୍ଥାରେ ଆତ୍ମରକ୍ଷା ତାଲିମର ଭୂମିକା ଉପରେ ମତ ରଖିଥିଲେ। ପିଇଟି ଜିତେନ୍ଦ୍ରୀୟ ପ୍ରଧାନ ବିବରଣୀ ପାଠ କରିଥିବାବେଳେ ବରିଷ୍ଠ ଅଧ୍ୟାପକ ସଞ୍ଜୀବ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ତାଲିମରେ ଭାଗନେଇଥିବା ଛାତ୍ରୀମାନଙ୍କୁ ପ୍ରମାଣପତ୍ର ଦିଆଯାଇଥିଲା।

## ଆନ୍ତଃ ନଦୀ ଜଳାଶୟ ପ୍ରକଳ୍ପ ପାଇଁ ଭିତ୍ତି ସ୍ଥାପନ

ସମ୍ବଲପୁର,୨୦।୧ (ଭବାନୀ ଶଙ୍କର ଭୋଇ):

ଶନିବାର ଭିଡିଓ କନ୍‌ଫରେନ୍ସ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବଲପୁର ସମେତ ରାଜ୍ୟର ୧୩ ଜିଲାରେ ୧୯ଟି ଆନ୍ତଃ ନଦୀ ଜଳାଶୟ ପ୍ରକଳ୍ପ ପାଇଁ ଭିତ୍ତି ସ୍ଥାପନ କରିଛନ୍ତି। ସମ୍ବଲପୁର ଜିଲାରେ ୧୭୫.୨୫ କୋଟି ଟଙ୍କାର ୪ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। କୁଚିଣ୍ଡା ବ୍ଲକ ଗୁଡୁରାରେ ୩୪.୩୫ କୋଟି, କିରାଶାସନରେ ୪୬.୩୫କୋଟି, ବୁଢ଼ାରାଜାରେ ୫୭.୨୦ କୋଟି ଓ ସାଇଦାର ଭେଡେନ ନଦୀରେ ୩୭.୩୫ କୋଟି ଟଙ୍କା ବ୍ୟୟରେ ଆନ୍ତଃ ନଦୀ ଜଳାଶୟ ପ୍ରକଳ୍ପ ନିର୍ମାଣ ହେବ। ଜିଲାପାଳଙ୍କ କାର୍ଯ୍ୟାଳୟର ଅଶ୍ୱାନ ହଲରେ ହୋଇଥିବା ଆଭାସୀ ଜରିଆରେ ସମ୍ବଲପୁର ଜିଲାପାଳ ଅନନ୍ୟା ଦାସ, ଉପର ମହାନଦୀ ଅବବାହିକା ବୁର୍ଲାର ମୁଖ୍ୟଯନ୍ତ୍ରୀ ଆନନ୍ଦ ଚନ୍ଦ୍ର ସାହୁ, ବୁର୍ଲା କେନାଲ ସର୍କଲର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ହେମନ୍ତ ପାଣ୍ଡବ, କ୍ଷୁଦ୍ର ଜଳସେଚନ ବିଭାଗର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଅସିତ ଚକ୍ରବର୍ତ୍ତୀ, ଅଧୀକ୍ଷଣ ଯନ୍ତ୍ରୀ ଉମାକାନ୍ତ ନାୟକ, ଅଧୀକ୍ଷଣ ଯନ୍ତ୍ରୀ ପ୍ରଦୀପ କୁମାର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## ସକ୍ଷମ ପରିବାର ପକ୍ଷରୁ 'ରାମପାଦ' ସଫେଇ


ସଫେଇରେ ସାମିଲ ହୋଇଥିବା ସକ୍ଷମ ପରିବାର।

ସମ୍ବଲପୁର,୨୦।୧(ପ୍ରମୋଦ ବହିଦାର):

ସମ୍ବଲପୁରର ମହାନଦୀ ଗର୍ଭରେ ଥିବା ଐତିହାସିକ ତଥା ଧାର୍ମିକ ପୀଠ ରାମପାଦର ସଫେଇ କରିଛନ୍ତି ସ୍ଥାନୀୟ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସକ୍ଷମ ପରିବାର। ସମ୍ବଲପୁର ଦୁର୍ଗାପାଲିସ୍ଥିତ ଗୁଡ଼େଶ୍ୱର ବାବାଙ୍କ ମନ୍ଦିର ପାର୍ଶ୍ୱରେ ମହାନଦୀ ଗର୍ଭରେ ପ୍ରାୟ ୭ ଶହ ମିଟର ଦୂରରେ ଏହି ଧାର୍ମିକ ପୀଠ ଅବସ୍ଥିତ। ଏଠାକୁ ମହାନଦୀ ଗର୍ଭରେ ପ୍ରାୟ ୨ଶହ ମିଟର ଡଙ୍ଗାରେ ଯିବାକୁ ପଡ଼ିଥାଏ। ଏଠାରେ ଦୁର୍ଗାପାଲିର ପାଣ୍ଡେ ପରିବାର ପକ୍ଷରୁ ନିୟମିତ ପୂଜାର୍ଚ୍ଚନା କରାଯାଇଥାଏ। ମାତ୍ର ଏଠାକୁ ଯିବା ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ପର୍ଯ୍ୟଟକଙ୍କ ନଜର ଆଢୁଆଳରେ ରହିଯାଇଛି। ପ୍ରଭୁ ଶ୍ରୀରାମଙ୍କ ୧୪ ବର୍ଷ ବନବାସ ସମୟରେ ଏହି ସ୍ଥାନରେ ପାଦ ଦେଇଥିଲେ ବୋଲି ଐତିହାସିକମାନେ ମତ ଦିଅନ୍ତି। ଉକ୍ତ ସ୍ଥାନରେ ରହିଥିବା ଦୁଇଟି ପାଦଚିହ୍ନ ସହ ପ୍ରାଚୀନ ଶୀଳାଲିପିକୁ ଏହାର ପ୍ରମାଣ ସ୍ୱରୂପ ନିଆଯାଇଛି। ତେବେ ସମ୍ଭବତଃ ଏହା ପାଲି ଭାଷାରେ ଲିପିବଦ୍ଧ ହୋଇଥିବାରୁ ଏହା ଅପଠନୀୟ ହୋଇ ରହିଯାଇଛି। ଆସନ୍ତା ୨୨ ତାରିଖରେ ଅଯୋଧାରେ ପ୍ରଭୁ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ହେବାକୁ ଯାଉଥିବାରୁ ନଦୀଗର୍ଭରେ ଥିବା ଏହି ଐତିହାସିକ ପୀଠର ଗୁରତ୍ୱ ବଢିଯାଇଛି। ସଫେଇ କାର୍ଯ୍ୟରେ ସୂର୍ଯ୍ୟ ପାଣିଗ୍ରାହୀ,ସରୋଜ ସାହୁ, ରଞ୍ଜିତ ରଥ, ରାଜକୁମାର ପାଣ୍ଡେ ପ୍ରମୁଖ ସାମିଲ ହୋଇଥିଲେ।

## କୃଷି ଅଧିକାରୀଙ୍କ ସନାତନପାଲି ପରିଦର୍ଶନ

ସମ୍ବଲପୁର,୨୦।୧ (ଭବାନୀ ଶଙ୍କର ଭୋଇ):

ଭୁବନେଶ୍ୱର କୃଷି ଗୁଣବତ୍ତା ନିୟନ୍ତ୍ରଣ ବୋର୍ଡର ଉପନିର୍ଦ୍ଦେଶକ ବସନ୍ତ କୁମାର ଦେ ଶନିବାର ଯୁଯୁମୁରା ବ୍ଲକର ସବୁଜ ସନାତନପାଲି ପରିଦର୍ଶନ କରି ଚାଷୀମାନଙ୍କୁ ଭେଟିଛନ୍ତି। ପରିଦର୍ଶନ ସମୟରେ ତାଙ୍କ ସହ ସମ୍ବଲପୁର ମୃତ୍ତିକା ସଂରକ୍ଷଣ ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକ ହରିବନ୍ଧୁ ସେଠ, ଜିଲା କୃଷି ଅଧିକାରୀ ଗୌରୀଶଙ୍କର ସିଂହ, ଅତିରିକ୍ତ ଜିଲା କୃଷି ଅଧିକାରୀ ଉମାକାନ୍ତ ମିଶ୍ର, ଉଦ୍ୟାନ ବିଭାଗର ଉପ ନିର୍ଦ୍ଦେଶକ ହିମାଂଶୁ ଶେଖର ସାହୁଙ୍କ ସହ ଅନ୍ୟ ଅଧିକାରୀ ସାମିଲ ଥିଲେ। ଅଧିକାରୀମାନେ ସବୁଜ ସନାତନପାଲି କୃଷକ ଉତ୍ପାଦନ କମ୍ପାନୀର ନିର୍ଦ୍ଦେଶକ ମନବୋଧ ବାରିକଙ୍କ ସହଯୋଗରେ ବିଭିନ୍ନ ଚାଷୀଙ୍କ ଛତୁ ବଗିଚା, ପନିପରିବା ଓ ଫୁଲ ବଗିଚା ପରିଦର୍ଶନ କରିଥିଲେ।

ଅଧିକାରୀମାନେ ଚାଷୀ ଲିଙ୍ଗରାଜ ପ୍ରଧାନଙ୍କ ଫୁଲ ଫାର୍ମ, ଶ୍ୟାମଲାଲ ସାହୁଙ୍କ ସୋରିଷ କ୍ଷେତ ଓ ଏସ୍‌ଏଚ୍‌ଜି ସଦସ୍ୟା ସଞ୍ଜଜିନୀ ପ୍ରଧାନଙ୍କ ପନିପରିବା ଉଦ୍ୟାନ ବୁଲି ଚାଷ ପଦ୍ଧତି ବିଷୟରେ ପଚାରି ବୁଝିଥିଲେ। ଏହି କୃଷକ ଉତ୍ପାଦକ କମ୍ପାନୀରେ ବର୍ତ୍ତମାନ ହଜାରେ ସଦସ୍ୟ ରହିଛନ୍ତି। ସେମାନେ ବଜାର ମୂଲ୍ୟ ତୁଳନାରେ କମ୍ ମୂଲ୍ୟରେ କୃଷକ ଉତ୍ପାଦକ କମ୍ପାନୀ ଜରିଆରେ ବିହନ ଓ କୃଷି ଉପକରଣ କିଣୁଥିବା ନେଇ ଖୁସି ପ୍ରକଟ କରିଥିଲେ। କୃଷି ଅଧିକାରୀ ଏହି ଅବସରରେ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନାରେ ଦିଆଯାଉଥିବା ସହଯୋଗ ବିଷୟରେ ଆଲୋଚନା କରିଥିଲେ। ରାଜ୍ୟରେ ଆଳୁର ଚାହିଦା ରହିଥିବାରୁ ଏହି ଚାଷ ପାଇଁ ରହିଥିବା ସରକାରୀ ଯୋଜନା ବିଷୟରେ ଅଧିକାରୀମାନେ ଜଣାଇବା ସହ ଅଧିକ ଉତ୍ପାଦନ ପାଇଁ ଚାଷୀମାନଙ୍କୁ ଉତ୍ସାହିତ କରିଥିଲେ। ଚାଷିମାନେ ମଧ ସେମାନଙ୍କ କୃଷିଜନିତ ସମସ୍ୟା ବିଷୟରେ ଅଧିକାରୀମାନଙ୍କୁ ଅବଗତ କରିଥିଲେ।

### ସମସ୍ୟା ଅବଗତ କଲେ ଚାଷୀ


ଚାଷୀଙ୍କ ଫସଲ ପରିଦର୍ଶନ କରିବା ଅବସରରେ ଅଧିକାରୀମାନେ।

# ସଂକ୍ଷେପରେ

## ବାଇକ୍ ଦୁର୍ଘଟଣା: ଜଣେ ମୃତ

ରୁପ୍ରାରୋଡ, ୨୦।୧(ସଞ୍ଜିବ ଦାସ)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ବଲବସପୁର ମଦଭାଟି ନିକଟରେ ବାଇକ୍ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ଉଲିକୂପା ଗ୍ରାମର। ଘଟଣାସ୍ଥଳରେ ବାଇକ୍ ତଳେ ଚାପି ହୋଇ ରହିଥିଲେ। ନିକଟରେ ଏକ ବ୍ୟାଗ ମଧ୍ୟ ପଡ଼ିଥିବା ଦେଖାଯାଇଛି। ରୁପ୍ରାରୋଡ଼କୁ ଆସି ଗୁରୁବାର ବିଳମ୍ବିତ ରାତିରେ ଫେରିବା ସମୟରେ ଏହି ଦୁର୍ଘଟଣା ଘଟିଥିବା ଲୋକେ ଅନୁମାନ କରୁଛନ୍ତି। ନର୍ଲା ପୋଲିସ ଘଟଣାସ୍ଥଳରେ ଉପସ୍ଥିତ ରହି ଅନୁଧ୍ୟାନ କରୁଛନ୍ତି। ପରିବାର ଲୋକେ ଏହାକୁ ହତ୍ୟା ଘଟଣା ବୋଲି ଅଭିଯୋଗ କରିଛନ୍ତି।

## ବିଜୁ ପଟ୍ଟନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜଗନ୍ନାଥ ସଂସ୍କୃତି ଉପରେ ଆଲୋଚନାଚକ୍ର

ବୋଡ଼େନ,୨୦।୧(ଟିକେଶ୍ୱର ନାଗ)

ନୂଆପଡ଼ା ଜିଲା ବୋଡ଼େନ ବିଜୁ ପଟ୍ଟନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ ଓଡ଼ିଶା ନବୀନ ଓଡ଼ିଶା ଆନୁକୂଲ୍ୟରେ ଜଗନ୍ନାଥ ସଂସ୍କୃତି ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ହେମନ୍ତ କୁମାର ମୁଣ୍ଡ ଅଧ୍ୟକ୍ଷତା କରିଥିଲେ। ପ୍ରଥମ ଦିବସରେ ମୁଖ୍ୟ ଅତିଥି ଭାବେ ସିନାପାଲି ମହାବିଦ୍ୟାଳୟର ଅଧ୍ୟକ୍ଷ ଅରିଆ ବ୍ରିଜିଡ ଡୁଙ୍ଗଡୁଙ୍ଗ, ସମ୍ମାନିତ ଅତିଥି ଭାବେ ବିଜୁ ପଟ୍ଟନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଇଂରାଜୀ ପ୍ରାଧ୍ୟାପକ ସାମୁଏଲ ଦାନୀ, ମୁଖ୍ୟବକ୍ତା ସିନାପାଲି ମହାବିଦ୍ୟାଳୟର ଅଧ୍ୟାପକ କନକବର୍ଦ୍ଧନ ସାହୁ ମଞ୍ଚାସୀନ ଥିଲେ। ନୋଡାଲ ଅଫିସର୍ ପ୍ରାଧ୍ୟାପକ ଗୟାଧର ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ଅପରାହ୍ନରେ ପଶ୍ଚିମ ଓଡ଼ିଶା ଗାୟକ ଶିରୋମଣି ଅର୍ଜୁନ ଛତ୍ରିଆ ଜଗନ୍ନାଥ ସଂସ୍କୃତି ଉପରେ ପାଲା ପରିବେଷଣ କରିଥିଲେ।

## ଆତ୍ମସୁରକ୍ଷା ତାଲିମ ଶିବିର

ଜୁନାଗଡ଼,୨୦।୧ (ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ଚମେଲୀଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶନିବାର ଠାରୁ ଆତ୍ମସୁରକ୍ଷା ତାଲିମ ଶିବିର ଆରମ୍ଭ ହୋଇଯାଇଛି। ଚମେଲୀ ଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠାତା ଲାୟନ ମାଣିକ ଚାନ୍ଦ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀମାନଙ୍କ ପାଇଁ ଉଦ୍ଦିଷ୍ଟ ଉକ୍ତ ଆତ୍ମ ସୁରକ୍ଷା ତାଲିମ ଶିବିରରେ ବିଭିନ୍ନ ପ୍ରକାରର କୌଶଳ ଶିକ୍ଷା ୩୧ତାରିଖ ପର୍ଯ୍ୟନ୍ତ ଚାଲୁରହିବ। ବିଦ୍ୟାଳୟ ଅଧ୍ୟକ୍ଷା ପ୍ରିୟମଞ୍ଜରୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବାବେଳେ ଅଧ୍ୟାପକ ବିଶ୍ୱପତି ମୁଣ୍ଡ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଟ୍ରେନର ଭାବେ ଜଳି ପରାଭୋଏ ଓ ଅଞ୍ଜନା ବିଶି ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ରୁଦ୍ର ବେହେରା, ସସ୍ମିତା ମୁଣ୍ଡ, ନଳିନୀପ୍ରଭା ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ। ଅଧ୍ୟାପକ ଚନ୍ଦ୍ରଚୁଡ଼ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଚାଉଳର ମୂଲ୍ୟଠାରୁ ଯାତାୟାତ ଖର୍ଚ୍ଚ ଅଧିକ

**କଳାହାଣ୍ଡି ଜିଲା**

■ ଦୁର୍ଗମ ଅଞ୍ଚଳର ଲୋକେ ଚାଉଳ ପାଇଁ କରୁଛନ୍ତି ସଂଘର୍ଷ

ଭବାନୀପାଟଣା,୨୦।୧(ଉତ୍ତମ କୁମାର ଦାଶ)


ଗରିବ ଲୋକ ପାଉଥିବା ପିଡିଏସ୍ ଚାଉଳ।

ସରକାର ଗରିବ ଲୋକଙ୍କ ପାଇଁ ସାଧାରଣବଣ୍ଟନ ବ୍ୟବସ୍ଥା (ପିଡ଼ିଏସ୍)ରେ ଚାଉଳ ଦେଉଛନ୍ତି। ହେଲେ ଦୁର୍ଗମ ଅଞ୍ଚଳର ଲୋକଙ୍କ ପାଇଁ ଚାଉଳର ମୂଲ୍ୟଠାରୁ ଯାତାୟତ ଖର୍ଚ୍ଚ ଅଧିକ ହେଉଛି। କଳାହାଣ୍ଡି ଜିଲାର ଦୁର୍ଗମ ଅଞ୍ଚଳରେ ଲୋକେ ଚାଉଳ ପାଇଁ ନାହିଁ ନ ଥିବା କଷ୍ଟ ଭୋଗୁଛନ୍ତି। ରାସ୍ତା ନ ଥିବା ଯୋଗୁ ଗ୍ରାମବାସୀ ପାହାଡ଼ିଆ ଓ ବିପଦସଙ୍କୁଳ ରାସ୍ତାରେ ପାଦରେ ଚାଲି ନିଜର ବିପିଏଲ୍ ଚାଉଳ ଆଣିବା ପାଇଁ ଯାଉଛନ୍ତି। ଜୁନାଗଡ ବ୍ଲକର ଦୁଣ୍ଡା ଗ୍ରାମବାସୀମାନେ ୩ କିମି ଚାଲି ଚାଲି ଯାଇ ଥୁଆମୂଳ ରାମପୁର ବ୍ଲକର କିଆପଦର ପଞ୍ଚାୟତରୁ ଚାଉଳ ପାଉଛନ୍ତି। ଜୁନାଗଡ଼ ବ୍ଲକର ବୁଡ଼ିଦର ପଞ୍ଚାୟତର ଲଖନାପଡା ଗ୍ରାମବାସୀ ୮ କିମି, ବେହେରାଗୁଡା ଗ୍ରାମବାସୀ ୭ କିମି ଓ ବିଜ୍ରାଦର ଗ୍ରାମବାସୀ ୧୨ କିମି ପାହାଡି ରାସ୍ତାରେ ଚାଲିଚାଲି ଯାଇ ବିଦର ପଞ୍ଚାୟତରୁ ଚାଉଳ ଆଣିଥାନ୍ତି। ଯେଉଁ ପରିବାରରେ ବୃଦ୍ଧ ଓ ବୃଦ୍ଧା ଘରର ମୁଖିଆ ଅଛନ୍ତି ସେମାନଙ୍କ ପାଇଁ ପିଡିଏସ ଚାଉଳ ପାଇବା ଦୁର୍ବିସହ ହୋଇପଡେ। ଟଙ୍କିକିଆ ଚାଉଳ ପାଇଁ ପ୍ରାୟ ୧୦୦ରୁ ୨୦୦ ଟଙ୍କା ଖର୍ଚ୍ଚ କରି ପଞ୍ଚାୟତରୁ ପାହାଡ ଘାଟିତଳକୁ ନେଇ ପୁଣି ମୁଣ୍ଡରେ ବୋହି ପାହାଡି ରାସ୍ତାରେ ଜୀବନକୁ ବାଜି ଲଗାଇ କସରତ କରିଥାନ୍ତି। ଏମାନଙ୍କ ପାଇଁ ପିଡିଏସ ଚାଉଳ ହିଁ ଭରସା ଥିବାବେଳେ ଏଥିପାଇଁ ବର୍ଷ ତମାମ ସଂଘର୍ଷ କରୁଥିଲେ ମଧ୍ୟ ନା’ ଜିଲା ପ୍ରଶାସନ ନା’ ରାଜ୍ୟ ସରକାର କେହି ବି ସେମାନଙ୍କ ଦୁଃଖଲାଘବ କରିବା ପାଇଁ ନାହାଁନ୍ତି। ସେହିପରି ଲାଞ୍ଜିଗଡ ବ୍ଲକର ଲାଞ୍ଜି ପଞ୍ଚାୟତର ତୁର୍କା ଗ୍ରାମର ଅଧିବାସୀ ୧୫ କି.ମି. ପାହାଡିଆ ରାସ୍ତାରେ ଚାଲିଚାଲି ଯାଇ ମୁଷାନାଲ ପଞ୍ଚାୟତରୁ ପିଡିଏସ ଚାଉଳ ଆଣିଥାନ୍ତି। କାନକୁଟ୍ଟ ପଞ୍ଚାୟତର ଉପର ନଙ୍ଗଲବାଇଲି ଅଧିବାସୀ ପ୍ରାୟ ୩୫ କି.ମି. ଦୁର୍ଗମ ରାସ୍ତାରେ ଯାଇ ପଞ୍ଚାୟତ ମହକୁମା କାନକୁଟ୍ଟରୁ ପିଡିଏସ ଚାଉଳ ଆଣିଥାନ୍ତି। ବିଜେପୁର ପଞ୍ଚାୟତର ପିଡିସାଲ ଓ ପୋଇଗୁଡା ଗ୍ରାମବାସୀ ପ୍ରାୟ ୧୨କିମି, ମାଲିଯୁବାଙ୍ଗ ପଞ୍ଚାୟତର ସାନପଦର, ଟୁରିସେମେଲ ଗ୍ରାମବାସୀ ପ୍ରାୟ ୧୮ କି.ମି. ଦୁର୍ଗମ ପାହାଡରେ ଜୀବନକୁ ବାଜି ଲଗାଇ ପିଡିଏସ ଚାଉଳ ଆଣିଥାନ୍ତି। ପାହାଡପଦର ପଞ୍ଚାୟତର ତଇଁପଦର ଓ ଜିରା ଗ୍ରାମବାସୀ ପ୍ରାୟ ୧୩ କି.ମି, ଗୁଣ୍ଡରି ପଞ୍ଚାୟତର ବିଜେପୁର, କୁଟେହେଜୁ, ହାତୀମୁଣ୍ଡା, ଦାରବେଙ୍ଗ, ଅଦଲଡୁ, ତରଙ୍ଗଲ, ମାଟିବନ୍ଧା ଗ୍ରାମବାସୀ ରେତ ନଦୀ ଦେଇ ଛତିକୁଡା ରାସ୍ତାରେ ପ୍ରାୟ ୨୫ କି.ମି, ଭବାନୀପାଟଣା ବ୍ଲକର ଯୁଗସାଇପାଟଣା ପଞ୍ଚାୟତର ଟିଟିଝୁଲା, ଜାମଗୁଡା, କଟଲାଙ୍ଗ, ସଲପାଙ୍ଗ, ବଡମ୍ବା, ରଙ୍ଗୀଗୁଡା ଗ୍ରାମବାସୀ ପାହାଡ ଚଢି ୨୨ କି.ମି. ଯାଇ ଚାଉଳ ଆଣନ୍ତି। ଥୁଆମୂଳ ରାମପୁର ବ୍ଲକର ପୋଡାପଦର ପଞ୍ଚାୟତର ଭିତର ତେନ୍ତୁଳିପଦର, ସରାପାସ, ଘୁଟୁଖାଲ, ଲିଟିମେସ୍କା, ପୋଡାପଦର, କାରୱାଡି, ତଲଟେମରା, ଉପର ଟେମରା, କୁଡୁପାଟ, ଗୁଞ୍ଜମାଲି ଗ୍ରାମଗୁଡିକର ପ୍ରାୟ ୪୦ରୁ ଅଧିକ ପରିବାର ଇନ୍ଦ୍ରାବତୀ ଜଳ ଭଣ୍ଡାରରେ ବିପଦସଙ୍କୁଳ ଯାତ୍ରା କରି ପାର ହୋଇ ତଳନାଗି ପଞ୍ଚାୟତକୁ ଚାଉଳ ଆଣିବାକୁ ଯାଇଥାନ୍ତି। ବିରିକୋଟ ପଞ୍ଚାୟତର ଡୁମନିଖୋଲର ଗ୍ରାମବାସୀ ୭ କି.ମି. ପାହାଡି ପାଦ ଚଲା ରାସ୍ତାରେ ପଞ୍ଚାୟତକୁ ପିଡିଏସ ଚାଉଳ ନେବାକୁ ଆସିଥାନ୍ତି। ପାଡେପଦର ପଞ୍ଚାୟତର ଭାଟିପାସ ଗ୍ରାମବାସୀ ପ୍ରାୟ ୧ କିମି ବିପଦସଙ୍କୁଳ ପାହାଡି ରାସ୍ତାରେ ପଞ୍ଚାୟତକୁ ଚାଉଳ ଆଣିବାକୁ ପଡୁଛି। କଳାହାଣ୍ଡି ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# ଜିଲାରେ ବଦଳିଲେ ୩ ଆଇଆଇସି

**ବର୍ଷେ ନ ହେଉଣୁ ଜୁନାଗଡ଼ ଥାନାରେ ୩ ଆଇଆଇସିଙ୍କ ବଦଳି**

ଭବାନୀପାଟଣା,୨୦।୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାରେ କାର୍ଯ୍ୟରତ ୩ ଆଇଆଇସିଙ୍କୁ ସ୍ଥାନୀୟ ଏସ୍‌ପି ଅଭିଲାସ ଜି ଅନ୍ୟ ଥାନାକୁ ବଦଳି କରିଥିବା ଜଣାପଡିଛି। ସେମାନେ ହେଲେ ଜୁନାଗଡ ଆଇଆଇସି ଶେଷଦେବ ବେହେରା, ଜୟପାଟଣା ଆଇଆଇସି ମମତା ପାଣିଗ୍ରାହୀ ଓ ଆମପାଣି ଆଇଆଇସି ଉଲ୍ଲାସ ରାଉତ। ଜୁନାଗଡ ଆଇଆଇସି ବେହେରାଙ୍କୁ ଜୟପାଟଣା, ଆମପାଣି ଆଇଆଇସି ରାଉତଙ୍କୁ ଜୁନାଗଡ ଓ ଜୟପାଟଣା ଆଇଆଇସି ପାଣିଗ୍ରାହୀଙ୍କୁ ଆମପାଣି ଥାନାକୁ ବଦଳି ହୋଇଛି। କଳାହାଣ୍ଡି ଜିଲାରେ ୧୮ଟି ଥାନା ରହିଥିବାବେଳେ ସେଥିମଧ୍ୟରୁ ହଠାତ୍ ୩ ଆଇଆଇସିଙ୍କୁ ଏପରି ବଦଳି କରାଯିବା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ଏପରିକି ଜୁନାଗଡ ଥାନାକୁ ଆସୁଥିବା ଆମପାଣି ଆଇଆଇସି ଉଲ୍ଲାସ ରାଉତଙ୍କର ସ୍ତ୍ରୀ ଶ୍ୱେତପଦ୍ମା ସେଠ୍ ସ୍ଥାନୀୟ ନିର୍ବାଚନ ମଣ୍ଡଳୀର ଗୋଲାମୁଣ୍ଡା ଥାନାରେ କାର୍ଯ୍ୟରତ ଥିବା ଜଣାପଡିଛି। ଆଉ କିଛି ଦିନ ଗଲେ ସାଧାରଣ ନିର୍ବାଚନ ଆସୁଥିବାବେଳେ ଗୋଟିଏ ନିର୍ବାଚନ ମଣ୍ଡଳୀରେ ୨ଆଇଆଇସି ଦମ୍ପତିଙ୍କୁ ଜିଲା ପୋଲିସ ପକ୍ଷରୁ ଥଇଥାନ କରାଯିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି ଜୁନାଗଡ ଥାନାରେ ବର୍ଷେ ନ ହେଉଣୁ ୩ ଜଣ ଆଇଆଇସିଙ୍କୁ ବଦଳି କରାଯିବା ସାଧାରଣରେ ଉଦବେଗ୍ ପ୍ରକାଶ ପାଇଛି।

# ଫୁଟବଲ ଟୁର୍ନାମେଣ୍ଟ, ସର୍ଗିଗୁଡ଼ା ଚାମ୍ପିୟନ


ଫୁଟବଲ ପ୍ରତିଯୋଗିତାରେ ଖେଳାଳିଙ୍କ ସହ ଅତିଥି।

କୋକସରା,୨୦।୧(ଦୁଷ୍ମନ୍ତ କୁମାର ପାଢଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଡହଗାଁଠାରେ ମାନସ ମେମୋରିଆଲ ଷଷ୍ଠ ଦିବସୀୟ ଫୁଟବଲ ପ୍ରତିଯୋଗିତାର ଫାଇନାଲ ଖେଳ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚ ଡ଼ହଗାଁ ଓ ସର୍ଗିଗୁଡା ଫୁଟବଲ ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସର୍ଗିଗୁଡା ଟିମ୍ ୨-୦ ଗୋଲରେ ଚାମ୍ପିୟନ ହୋଇଛି। ରେଫରି ଗଣପତି ପୂଝାରୀ ଖେଳ ପରିଚାଳନା କରିଥିବାବେଳେ ଲାଇନମେନ ଭାବେ ଗୋବିନ୍ଦ ପୂଝାରୀ ଓ ପବିତ୍ର ପୂଝାରୀ ଦାୟିତ୍ୱ ନିର୍ବାହ କରିଥିଲେ। ଦେବେନ୍ଦ୍ର କୁମାର ପୂଝାରୀ ଓ ବାବୁଲାଲ ଶବର ଖେଳର ଧାରାବିବରଣୀ ପ୍ରଦାନ କରିଥିଲେ। ଫାଇନାଲ ଖେଳର ପୁରସ୍କାର ବିତରଣ ଉତ୍ସବରେ ଆନ୍ତର୍ଜାତିକ ଫେସନ ଡିଜାଇନର ଯୁବନେତା ସୁଜିତ ମେହେର, ଧର୍ମଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ଉପାଧ୍ୟକ୍ଷା ମନିଷା ମିଶ୍ର, ଡ଼ହଗାଁ ପାକ୍ସ ସଭାପତି ବ୍ରଜରାଜ ନାଏକ, ବାୟବ୍ୟ ବାଗ, ମାଙ୍ଗେଲାର ନାଏକ, ବିନୋଦ ଦାସ, ସମାଜସେବୀ ବିବେକ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଉଭୟ ବିଜେତା ସର୍ଗିଗୁଡ଼ା ଓ ଉପବିଜେତା ଡହଗାଁ ଦଳକୁ ଅତିଥିମାନଙ୍କ ଦ୍ୱାରା ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ଲଙ୍କେଶ୍ୱରୀ କ୍ଳବର ସଭାପତି ମହେନ୍ଦ୍ର କୁମାର ଦାସ, ସମ୍ପାଦକ ରାମକୃଷ୍ଣ ପୂଝାରୀ, କୋଷାଧ୍ୟକ୍ଷ ଦୁଷ୍ମନ୍ତ ବନ୍ଦିଛୋଡ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଶଗଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ



ଶଗଡା ସରକାରୀ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବରେ ଅତିଥି।

ଭବାନୀପାଟଣା,୨୦।୧(ଉତ୍ତମ କୁମାର ଦାଶ)

ଭବାନୀପାଟଣା ବ୍ଲକ ଅନ୍ତର୍ଗତ ଶଗଡା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବରିଷ୍ଠ ଶିକ୍ଷାବିତ ତଥା ପୂର୍ବତନ ଜିଲା ଶାରୀରିକ ଶିକ୍ଷା ଅଧିକାରୀ, କଳାହାଣ୍ଡି ମହେନ୍ଦ୍ର କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ କବି ସକିତ ରତେ, ସମାଜସେବୀ ବନୋଜ ବିଶି ଯୋଗଦେଇଥିଲେ । ମୁଖ୍ୟବକ୍ତା ଭାବେ ଖ୍ୟାତନାମା ସାହିତ୍ୟିକ ବିରଞ୍ଚିନାରାୟଣ ମୁଣ୍ଡ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁକାନ୍ତ କୁମାର ସାହୁ ସଭାପତିତ୍ୱ କରିଥିଲେ। ବରିଷ୍ଠ ଶିକ୍ଷକ ଯୁଧିଷ୍ଠିର ମୁଦୁଲି ମଞ୍ଚ ପରିଚାଳନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଜୟପ୍ରଦା ସେଠୀ, ଚନ୍ଦନଲତା ବେହେରା, ମାମିନୀ ପୂଜାରୀ, ସୁଜାତା ପଟ୍ଟନାୟକ ଓ ମଧୁସ୍ମିତା ପଣ୍ଡା । ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରସ୍ତୁତି କରିଥିଲେ ସ୍ନିଗ୍ଧା ବୁଦ୍ଧିଆ, ଜ୍ୟୋସ୍ନାରାଣୀ ସାହୁ, ମୁରଲୀ ସାହୁ, ଶୈଳେନ୍ଦ୍ର ବାବୁ, ସରୋଜ ରାଉତ, ସୁନୀଲ ନାୟକ, ବିଭୀଷଣ ନାଗ, ଗଜେନ୍ଦ୍ର ମାଝି, ସୁରେନ୍ଦ୍ର ମାଝି ଓ ରଞ୍ଜିତ ବାଗ ପ୍ରମୁଖ।

ପ୍ରତିବର୍ଷ ପରି ଚଳିତ ବର୍ଷ ‘ବେଷ୍ଟ ଷ୍ଟୁଡ଼େଣ୍ଟ ଅଫ ଦି ଇଅର’ ଦଶମ ଶ୍ରେଣୀର ଛାତ୍ର କ୍ଷିରୋଦ ଗୌଡ଼ଙ୍କୁ ପ୍ରଦାନ କରାଯାଇଥିଲା। ସେହିପରି ନିୟମିତ ଉପସ୍ଥାନର ପୁରସ୍କାର ଅଷ୍ଟମ ଶ୍ରେଣୀ ଛାତ୍ର ପ୍ରକାଶ ମାଝି, ନବମ ଶ୍ରେଣୀ ଛାତ୍ରୀ କୁନ୍ତଳା ଦଣ୍ଡସେନାଙ୍କୁ ଯୁଗ୍ମ ଭାବରେ ପ୍ରଦାନ କରାଯାଇଥିଲା। ପରିଷ୍କାର ପରିଚ୍ଛନ୍ନତା ପୁରସ୍କାର ପାଇଥିଲେ ପ୍ରଥମ ଶ୍ରେଣୀ ଛାତ୍ରୀ ପୂର୍ଣ୍ଣିମା ନାଏକ। କ୍ରୀଡ଼ା କ୍ଷେତ୍ରରେ ବାଳକ ବିଭାଗରେ ଶଙ୍କର ମାଝି ନବମ ଶ୍ରେଣୀ ଓ ବାଳିକା ବିଭାଗରେ କଶିଶ ନାଏକ ଦଶମ ଶ୍ରେଣୀ ଶ୍ରେଷ୍ଠ ଖେଳାଳି ଭାବେ ମନୋନୀତ ହୋଇଥିଲେ। କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ବରିଷ୍ଠ ଶିକ୍ଷକ ଯୁଧିଷ୍ଠିର ମୁଦୁଲି।

## କିନ୍ନରମାନଙ୍କ ଅଧିକାରକୁ ନେଇ ସଚେତନତା କାର୍ଯ୍ୟକ୍ରମ

ରୁପ୍ରାରୋଡ/ନର୍ଲା, ୨୦।୧ (ସଞ୍ଜିବ ଦାସ/ ସନ୍ତୋଷ ପାତ୍ର)

ନର୍ଲା ବ୍ଲକ ପରିସରରେ ଜେଏମଏଫସି ରାମପୁର ରାଜେଶ କୁମାର ଦାସଙ୍କ ଦ୍ୱାରା ତାଲୁକ ଆଇନ ସେବା ପ୍ରାଧିକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କିନ୍ନରମାନଙ୍କୁ ସୁପ୍ରିମକୋର୍ଟ ଗାଇଡ଼ ଲାଇନ ଅନୁଯାଇ ଅଧିକାର ଆଲୋଚନା ସହ ସରକାରଙ୍କ ବସୁନ୍ଧରା ଯୋଜନାରେ ଭୂମିହୀନମାନଙ୍କୁ ଭୂମି ଯୋଗାଇଦେବା, ମଧୁବାବୁ ପେନସନ, ପରିବାରରେ କିନ୍ନରଙ୍କ ଅଧିକାର, କିନ୍ନରଙ୍କୁ ପରିହାସ କଲେ ମଧ ଆଇନ ଅନୁଯାୟୀ ଦଣ୍ଡ ବ୍ୟବସ୍ଥା, କିନ୍ନର ପରିଚୟପତ୍ର, ରାସନ କାର୍ଡ, ଶିକ୍ଷା କ୍ଷେତ୍ର ଅଧିକାର ଏପରି ବହୁ ବିଷୟରେ ବିସ୍ତୃତ ଭାବେ ଉପସ୍ଥିତ କିନ୍ନରମାନଙ୍କୁ ବୁଝାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମ. ରାମପୁର ବାର ଆଶୋସିଏଶନର ଜୟ କୁମାର ସିଂଦେଓ, ଯତୀନ କୁମାର ସାହୁ, ଡୋଳାମଣୀ ସାହୁ, ଅଶ୍ୱିନ ପଣ୍ଡା, ନର୍ଲା ବିଡିଓ ଏନ.ଜଗଜ୍ଜିବନ ଚୌଧୁରୀ, ବିଏସଏସଓ ପ୍ରଦୀପ ବେହେରା, ସେବାକାରୀ କିନ୍ନର ସଂଘର ସଭାପତି କାମିନୀ କିନ୍ନର ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

# କଳାହାଣ୍ଡି ଉତ୍ସବରେ ଗୁଡ଼ହାଣ୍ଡି ଡୋକରିଚଞ୍ଚରା ଉନ୍ନୟନ ସମିତି ସମ୍ମାନିତ

କୋକସରା,୨୦।୧(ଦୁଷ୍ମନ୍ତ କୁମାର ପାଢଯୋଷୀ)



କଳାହାଣ୍ଡି ୨୬ ତମ ଜିଲାସ୍ତରୀୟ ଲୋକ ମହୋତ୍ସବ ଘୁମୁରା ଉଦ୍‌ଯାପିତ ହୋଇଯାଇଛି। ଜିଲାର ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଗୁଡହାଣ୍ଡି ଡୋକରିଚଞ୍ଚରା ଐତିହାସିକ, ଆଧ୍ୟାତ୍ମିକ ପର୍ଯ୍ୟଟନସ୍ଥଳୀ ଭାବେ ଏକ ସ୍ୱତନ୍ତ୍ର ପରିଚୟ ପାଇଛି। ୧୯୭୨ରୁ ଅନବରତ ଦୃଢ଼ ମନୋବଳ, ଗଭୀର କର୍ମସ୍ପୃହା ଭାବେ ଏଠାରେ ଥିବା ଶ୍ରୀରାମ ମନ୍ଦିର ସମେତ ପର୍ଯ୍ୟଟନସ୍ଥଳୀର ରକ୍ଷଣା ବେକ୍ଷଣ ଓ ସେବା ଯୋଗାଇ ଆସୁଥିବା ଗୁଡହାଣ୍ଡି ଡୋକରିଚଞ୍ଚରା ଉନ୍ନୟନ ସମିତିର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ କଳାହାଣ୍ଡି ଜିଲା ପ୍ରଶାସନ ପକ୍ଷରୁ କଳାହାଣ୍ଡି ଉତ୍ସର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ଉନ୍ନୟନ ସମିତି ପକ୍ଷରୁ କୋଷାଧ୍ୟକ୍ଷ ଆଦିତ୍ୟ ପଣ୍ଡା ଏହି ମାନପତ୍ର ଜିଲାପାଳଙ୍କଠାରୁ ଗ୍ରହଣ କରିଥିଲେ। ଉନ୍ନୟନ ସମିତି ବର୍ଷବର୍ଷ ଧରି ପ୍ରତିକୂଳ ପରିସ୍ଥିତିରେ ନିଃସ୍ୱାର୍ଥପର ଭାବେ ସେବା ଯୋଗାଇ ଦେଇଆସୁଛି। ଜିଲା ପ୍ରଶାସନ ପକ୍ଷରୁ ସମ୍ମାନିତ କରାଯାଇ ଥିବାରୁ ବର୍ତ୍ତମାନ ସମିତି କର୍ମକର୍ତ୍ତାଙ୍କ ମନୋବଳ ବୃଦ୍ଧି ପାଇବ ବୋଲି ସମିତିର ସମସ୍ତ କର୍ମକର୍ତ୍ତା କହିଛନ୍ତି ।

# କ୍ରିକେଟ ପ୍ରିମିୟର ଲିଗ୍: ଗୋଟୋମୁଣ୍ଡା ଚାମ୍ପିୟନ

କୋକସରା,୨୦।୧(ଦୁଷ୍ମନ୍ତ କୁମାର ପାଢଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଗୋଟୋମୁଣ୍ଡାଠାରେ ଗୋଟୋମୁଣ୍ଡା ପ୍ରିମିୟର ଲିଗ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ କାଲୋପଲା ଓ ଗୋଟୋମୁଣ୍ଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସଂଘର୍ଷପୂର୍ଣ୍ଣ ଖେଳରେ କାଲୋପଲାକୁ ହରାଇ ହୋମ ଟିମ୍ ଗୋଟୋମୁଣ୍ଡା ଚାମ୍ପିୟନ ହୋଇଥିଲା। ଗୋଟୋମୁଣ୍ଡା କ୍ରିକେଟ ଆସୋସିଏଶନ ପକ୍ଷରୁ ଆୟୋଜିତ ଟୁର୍ନାମେଣ୍ଟର ଉଦଯାପିତ ଉତ୍ସରେ ମୁଖ୍ୟ ଅତିଥି ଭାବେ ଆମପାଣି ଜିଲା ପରିଷଦ ସଭ୍ୟ ହେମନ୍ତ ମାଝି, ମୁଖ୍ୟବକ୍ତା ଭାବେ ମହିମା ପଞ୍ଚାୟତ ସରପଞ୍ଚ ଇଶରାମ କୋଲଥିଆ, ସମ୍ମାନିତ ଅତିଥି ଭାବେ ଦଣ୍ଡପାଟ ଅଞ୍ଚଳର ଯୁବନେତା ଭବେଶ ଗଇନ୍ତା, ହିମାଞ୍ଚଳ ପୂଝାରି, ସାମାଜିକ କର୍ମୀ ସମିତୋଷ ପଣ୍ଡା, ନିରଞ୍ଜନ ବାଗ, ନାଏବ ସରପଞ୍ଚ ପାର୍ଥବ ମାଝି ପ୍ରମୁଖ ଉପସ୍ଥିତ ରହି ଫାଇନାଲର ଉଭୟ ଦଳ ଖେଳାଳିଙ୍କ ସହ ପରିଚୟ ପର୍ବରେ ସାମିଲ ହୋଇ ଉତ୍ସାହିତ କରିଥିଲେ। ବିଜେତା ଓ ଉପ ବିଜେତା ଦଳକୁ ଟ୍ରଫି ସହ ପୁରସ୍କାର ରାଶି ଉପସ୍ଥିତ ଅତିଥିମାନେ ପ୍ରଦାନ କରିଥିଲେ। ଅମ୍ପିଆର ଭାବେ ହୃଦାମଣି ସୁନା ଓ ମନୋଜ ମାଝି ଫାଇନାଲ ମ୍ୟାଚ ପରିଚାଳନା କରିଥିଲେ। ଖେଳର ଧାରାବିବରଣୀ କ୍ଷୀରସିନ୍ଧୁ ବାଣୁଆ ଓ ପିଣ୍ଟୁ ନନ୍ଦ କରିଥିଲେ। କ୍ରିକେଟ ଆସୋସିଏଶନ ପକ୍ଷରୁ ପିଣ୍ଟୁ ନନ୍ଦ, ନିରଞ୍ଜନ ବାଗ, ଘନଶ୍ୟାମ ସୁନା, ଲକ୍ଷ୍ମୀକାନ୍ତ, ନିଲୁ, ବାବୁଲା ନେଗି ଓ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ।


କ୍ରିକେଟ ଟୁର୍ନାମେଣ୍ଟରେ ବିଜେତା ଦଳକୁ ଅତିଥିମାନେ ଟ୍ରଫି ପ୍ରଦାନ କରୁଛନ୍ତି।

# ମନମୋହିଲା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ

**କୁମାରଗୁଡାଠାରେ ବୁଢ଼ାରଜା ମହୋତ୍ସବ ଉଦ୍‌ଯାପିତ**

ଲାଞ୍ଜିଗଡ଼,୨୦।୧(ରମେଶ ଚନ୍ଦ୍ର ନାୟକ)


ବୁଢ଼ାରଜା ମହୋତ୍ସବରେ କଳାକାର ନୃତ୍ୟ ପରିବେଷଣ କରୁଛନ୍ତି।

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଲାଖବାହାଲି ପଞ୍ଚାୟତ ଅନ୍ତର୍ଗତ କୁମାରଗୁଡ଼ାଠାରେ ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ବୁଢ଼ାରଜା ସାଂସ୍କୃତିକ ଅନୁଷ୍ଠାନ ଆନୁକୂଲ୍ୟରେ ବୁଢ଼ାରଜାଙ୍କ ବାର୍ଷିକ ମହୋତ୍ସବ ମହାସମାରୋହରେ ସମ୍ପନ୍ନ ହୋଇଯାଇଛି। ଅଞ୍ଚଳର ପରମ ଆରାଧ୍ୟ ବୁଢାରଜାଙ୍କ ପୂଜାର୍ଚ୍ଚନା ଅବସରରେ ପାଞ୍ଚଦିନ ବ୍ୟାପି କୁମାରଗୁଡ଼ା ଗାଁ ଲୋକାରଣ୍ୟ ହୋଇ ଉଠିଥିଲା। ଲକ୍ଷାଧିକ ଭକ୍ତ, ଶ୍ରଦ୍ଧାଳୁ ଓ ଜନସାଧାରଣଙ୍କ ସମାଗମ ହେବା ସହିତ ପ୍ରତି ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ମୁଖ୍ୟ ଆକର୍ଷଣ ପାଲଟିଥିଲା। ଏହି ଅବସରରେ ପ୍ରସିଦ୍ଧ ସମ୍ବଲପୁରୀ ଗାୟକ ରକଷ୍ଟାର ରୁକୁ ସୁନା, ହାସ୍ୟ ଅଭିନେତା ଯୋଗେଶ ଯୋଯୋ, ପପୁ ପମପମଙ୍କ ସମେତ ଉଦ୍‌ଯାପନୀ ସନ୍ଧ୍ୟାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗିତାକୁ ହଜାର ହଜାର ଦର୍ଶକ ଉପଭୋଗ କରିଥିଲେ। ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ଶିବାଜୀ ମାଝି ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଲାଞ୍ଜିଗଡ଼ ପ୍ରେସ କ୍ଲବର ସଭାପତି କୈଳାସ ସାହୁ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ, ପରେଶ ନାୟକ, ଧର୍ମେନ୍ଦ୍ର ପଣ୍ଡା, ତୁଳସୀରାମ ପ୍ରଧାନୀ, ମନୋଜ ଦୋରା, ଦେବାନନ୍ଦ ମାଝି, ସୁଶାନ୍ତ ମାଝି, ବିଜେଡି ଜିଲା ସମ୍ପାଦକ ପାତ୍ର ମାଝି, ସମାଜସେବୀ ରାମଚନ୍ଦ୍ର ମୁଣ୍ଡଛିନା, ଲାଖବାହାଲି ପୂର୍ବତନ ସରପଞ୍ଚ ରାମତୁ ମାଝି, ଖଗେଶ୍ୱର ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ବୁଢ଼ାରଜା ସାଂସ୍କୃତିକ ଅନୁଷ୍ଠାନର ରମେଶ ନାଏକ ଓ ସୁମନ୍ତ ନାଏକ ମଞ୍ଚ ପରିଚାଳନା କରିଥିଲେ। ରାମଚନ୍ଦ୍ର ମାଝି, ଧନିଆଁ ନାଏକ, ରାଜେଶ ନାଏକ, ଈଶ୍ୱର ନାଏକ, ଭୀଷ୍ମ ମାଝି, ଶିବରାମ ନାଏକ, ହରିଶ ସାହୁ, ଅମରୀ ଲାଲସୀ ସମେତ ଅନୁଷ୍ଠାନର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ସଂକ୍ଷେପରେ

### ସାହିତ୍ୟ ସୃଜନୀ ସମୀକ୍ଷା ପୁସ୍ତକମେଳା

**ପାଇକମାଳ,୨୦।୧(ବଡ ଶତପଥୀ):** ବରଗଡ ଜିଲ୍ଲା ପାଇକମାଳ ବ୍ଲକ ଜାମସେଠ ହାଇସ୍କୁଲରେ ଶନିବାର ପ୍ରଧାନ ଶିକ୍ଷକ ଗୋପାଳ ପ୍ରସାଦ ବେହେରାଙ୍କ ସଭାପତିତ୍ୱରେ ସାହିତ୍ୟ ସୃଜନୀ ସମୀକ୍ଷା ପୁସ୍ତକ ମେଳା ଅନୁଷ୍ଠିତ ହୋଇଯାଇଛି । ପୁସ୍ତକ ସମୀକ୍ଷା ସଭାରେ ସ୍କୁଲ ପରିଚାଳନା ସମିତି ସଭାପତି ବିପିନ ଚନ୍ଦ୍ର ସାହୁ, କମିଟି ସଭ୍ୟ ଜୟସିଂ ମାଝୀ, ଗଜାନନ ପଟେଲ, ଆଇନଜୀବୀ ଅଜିତ ଶତପଥୀଙ୍କ ସମେତ ଅଭିଭାବକ, ପୁରାତନ ଛାତ୍ରୀଛାତ୍ରୀ ଯୋଗ ଦେଇଥିଲେ। ଏହି ମେଳାରେ ୪ଟି ଆକାଂକ୍ଷୀ କ୍ଲବରୁ ପ୍ରାୟ ୨୨ଟି ପୁସ୍ତକ ଓ ୧୫ଟି ସାହିତ୍ୟ ସମୀକ୍ଷା ପ୍ରକଳ୍ପ ଉନ୍ମୋଚିତ ହୋଇଥିଲା। ଅଧ୍ୟାପିକା ଜୟଶ୍ରୀ ମେହେର, ଶିକ୍ଷକ ମୋହନଲାଲ ପାଣ୍ଡେ, ବୁଦ୍ଧଦେବ ବିଶି ଦିଗ୍‌ଦର୍ଶନ ଦେଇଥିଲେ। ଶିକ୍ଷକ ସନ୍ତୋଷ ପଣ୍ଡା ଓ ଅଜିତ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ଋଷଦେବ ରଣା, ଦୁଃଖିଧନ ଦାଶ, ସନ୍ତୋଷ ପୂଝାରୀ, ବସନ୍ତ ପ୍ରଧାନ, ଦୁର୍ଯ୍ୟୋଧନ ହଂସ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ଛିନ୍ଦେଇକେଲା ଉଚ୍ଚ ବିଦ୍ୟାଳୟରେ ଭାଷା, ସାହିତ୍ୟ ଏବଂ ସୃଜନଶୀଳତା ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ପାଇକମାଳ ବିଡିଓ ପ୍ରଫୁଲ୍ଲ କୁମାର ଓଡୁ ମୁଖ୍ୟ ଅତିଥି, ବିଇଓ ଚୂଡ଼ାମଣି ବାରିକ, ଏବିଇଓ ଧଳେନ୍ଦ୍ର ବାରିକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଘନଶ୍ୟାମ ବେହେରା ସମ୍ମାନୀତ ଅତିଥି ଭାବେ ଯୋଗଦାନ କରି ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଉଜ୍ଜ୍ୱଳ ଦିଗ୍‌ଦର୍ଶନ ପ୍ରଦାନ କରିଥିଲେ। ଶିକ୍ଷକ ଅଶ୍ୱିନୀ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯକ୍ରମ ପରିବେଷଣ କରାଯାଇଥିଲା।

### ସର୍ଗିଡିହିରେ ଜାତୀୟ ସେବା ଯୋଜନା ଶିବିର



**ପାଇକମାଳ,୨୦।୧(ବଡ ଶତପଥୀ):** ପାଇକମାଳ ବ୍ଲକ ମାଣ୍ଡୋସିଲ ଡିଗ୍ରୀ କଲେଜରେ ଏନ୍‌ଏସ୍‌ଏସ୍ ୟୁନିଟ ପକ୍ଷରୁ ସର୍ଗିଡିହି ଗ୍ରାମରେ ୭ଦିନିଆ ଜାତୀୟ ସେବା ଯୋଜନା ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ବିନୟ ରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ସାମାଜିକ କର୍ମୀ ମହେନ୍ଦ୍ର କୁମାର ଖୁଣ୍ଟିଆ, ଅଧାପକ କୃଷ୍ଣଚନ୍ଦ୍ର ଦେବତା ଓ ସନ୍ତୋଷ ସିଂ ଠାକୁରଙ୍କ ତତ୍ତ୍ୱାବଧାନରେ ସଡ଼କ ନିରାପତ୍ତା ସଚେତନତା କରାଯାଇଥିଲା। ସେହିପରି ରାସ୍ତାରେ ବାଇକ୍ ଚାଳକଙ୍କୁ ସଚେତନ କରାଯାଇଥିଲା। ବବିତା ମଲ୍ଲିକ ସହଯୋଗ କରିଥିବା ବେଳେ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ସୁମିତାବ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ସାଧାରଣତନ୍ତ୍ର ଦିବସ ପାଇଁ ପ୍ରତିଯୋଗିତା

**ବରପାଲି,୨୦।୧(ଚିତ୍ତରଞ୍ଜନ ସାହୁ):** ବରପାଲି ପ୍ରଶାସନ ପକ୍ଷରୁ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଗଙ୍ଗାଧର କଲ୍ୟାଣ ମଣ୍ଡପରେ ଗୁରୁବାର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ହୋଇଥିବା ବେଳେ ଶୁକ୍ରବାର ବକ୍ତୃତା ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସଙ୍ଗୀତ ପ୍ରତିଯୋଗିତାରେ ଯୋଗୀନ୍ଦ୍ର ବେହେରା, ସରୋଜ କୁମାର ସାହୁ, ଲକ୍ଷ୍ମୀପ୍ରିୟା ସାହୁ ଓ ବକ୍ତୃତା ପ୍ରତିଯୋଗିତାରେ ପୁରନ୍ଦର ନନ୍ଦ, ଉତ୍ତର କୁମାର ଦାଶ ବିଚାରକ ଭାବେ ଯୋଗ ଦେଇଥିଲେ। ବରପାଲି ତହସିଲଦାର ରକ୍ମଣ କୁମାର ମେହେର, ଗୋଷ୍ଠୀ ଶିକ୍ଷାଧିକାରୀ ମୁକୁନ୍ଦ ମାହାର ଅତିଥି ଭାବେ ଯୋଗଦେଇ ବିଚାରକଙ୍କୁ ସମ୍ମାନିତ କରିଥିଲେ। ବରପାଲି ସାମ୍ବାଦିକ ସଂଘ ସଭାପତି ଚିତ୍ତରଞ୍ଜନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରତିଯୋଗିତାକୁ ନିବେଦିତା ସାହୁ ପରିଚାଳନା କରିଥିଲେ।

# ସ୍ମୃତିରକ୍ଷା ପାଇଁ ସମ୍ମିଳିତ ଉଦ୍ୟମ ଲୋଡ଼ା





ପାର୍ବତୀ ଗିରିଙ୍କ ଜୀବନୀ ଉପରେ ଚଳଚ୍ଚିତ୍ର ନିର୍ମାଣ କରୁଥିବା ଲିଟୁ ମହାନ୍ତିଙ୍କୁ ସମ୍ମାନିତ କରାଯାଉଛି । ଖଗେଶ୍ୱର ସାହିତ୍ୟ କଳା ପରିଷଦ ପକ୍ଷରୁ ପାର୍ବତୀ ଗିରିଙ୍କ ଜୟନ୍ତୀ ପାଳନ ।

**ମଥୁରାନଗରୀ,୨୦।୧(ପ୍ରେମାନନ୍ଦ ଖମାରୀ)**

ବହ୍ନିକନ୍ୟା ପାର୍ବତୀ ଗିରିଙ୍କ ସେବା, ତ୍ୟାଗର ପଟାନ୍ତର ନାହିଁ। ଅଥଚ ଏପର୍ଯ୍ୟନ୍ତ ତାଙ୍କୁ ଯଥାଯୋଗ୍ୟ ସମ୍ମାନ ଦିଆଯାଇପାରି ନାହିଁ । ତେଣୁ ତାଙ୍କ ସ୍ମୃତିରକ୍ଷା ତଥା ପ୍ରଚାର ପ୍ରସାର ପାଇଁ ସମ୍ମିଳିତ ଉଦ୍ୟମର ଆବଶ୍ୟକ ରହିଛି ବୋଲି ଶୁକ୍ରବାର ବରଗଡ଼ ଜିଲା ବିଜେପୁର ବ୍ଲକ ତାଳପଦରସ୍ଥିତ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଖଗେଶ୍ୱର ସାହିତ୍ୟ କଳା ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ପାର୍ବତୀ ଗିରିଙ୍କ ଜୟନ୍ତୀ ସଭାରେ ମତପ୍ରକାଶ ପାଇଛି। ସଂସଦର ସଭାପତି ମୋହନ ସିଂହ କନ୍ହେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ମହାବିଦ୍ୟାଳୟର ଅଧକ୍ଷ ପଞ୍ଚାନନ ମିଶ୍ର ମୁଖ୍ୟ ଅତିଥି, କବି ହରିଲାଲ ସାହୁ, ଅଧିକାରୀ ସା ନିମନ୍ତ୍ରିତ ଅତିଥି ଭାବେ ଯୋଗଦାନ କରିଥିଲେ। ପୁରୁକିଗ୍ରୀଞ୍ଜୋଲ ମହାବିଦ୍ୟାଳୟର ଅଧ୍ୟାପକ ଜଗଦୀଶ ଭୋଇ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବହ୍ନିକନ୍ୟାଙ୍କ ଉପରେ ଆଲୋଚନା କରିଥିଲେ। ଛାତ୍ରୀ ଚନ୍ଦ୍ରମା ଦାଶ, ଶିଖାରାଣୀ ମିଶ୍ର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଖଗେଶ୍ୱର ସାହିତ୍ୟ କଳା ପରିଷଦର ସମ୍ପାଦକ ରାଜେଶ୍ୱର ବେହେରା ସ୍ୱାଗତ ଭାଷଣ, ଉପସଭାପତି ଦିଲୀପ ଦେବତା ଅତିଥି ପରିଚୟ ଏବଂ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କବି ମକରଧ୍ୱଜ ସାହୁ ସଭା ପରିଚାଳନା କରିଥିଲେ। ଅଧ୍ୟାପକ ଉପେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସମଲେଇପଦରସ୍ଥିତ ପାର୍ବତୀ ଗିରି ଅନାଥ ବୃଦ୍ଧାଶ୍ରମରେ ପରିଚାଳକ ଜଳନ୍ଧର ପଟେଲଙ୍କ ତତ୍ତ୍ୱାବଧାନରେ ଜୟନ୍ତୀ ସମାରୋହ ପାଳିତ ହୋଇଥିଲା। ସଙ୍ଗଠକ ସୁବାଷ ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ ମୁଖ୍ୟ ଅତିଥି, ସାମାଜିକ କର୍ମୀ ନିହାଲ ସିଂ ମୁଖ୍ୟ ବକ୍ତା, ବରପାଲି ବ୍ଲକ ଅଧ୍ୟକ୍ଷା ରୀନା ଥଇତ, ଗୀତିକାର ଶିବଶଙ୍କର ପ୍ରଧାନ, ସାମାଜିକ କର୍ମୀ ପବିତ୍ର ବେହେରା, ହାସ୍ୟ

#### ବହ୍ନିକନ୍ୟା ପାର୍ବତୀ ଗିରିଙ୍କ ଜୟନ୍ତୀ ସମାରୋହ

ଅଭିନେତା ବିନ୍ଦୁ ମଲ୍ଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ପଶ୍ଚିମ ଓଡ଼ିଶା ଯୁବାମଞ୍ଚକୁ ପାର୍ବତୀ ଗିରି ସେବା ସମ୍ମାନ ପ୍ରଦାନ କରାଯାଇଥିଲା ।

ବରଗଡ଼ ସାମ୍ବାଦିକ ସଂଘ ପକ୍ଷରୁ ପାର୍ବତୀ ଗିରିଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ସଂଘ ସଭାପତି ସୁରେନ୍ଦ୍ର ହୋତା, ଉପସଭାପତି ବିରେନ୍ଦ୍ର ପ୍ରଧାନଙ୍କ ସମେତ ଅନ୍ୟ ସଭ୍ୟମାନେ ଉପସ୍ଥିତ ଥିଲେ। ସେହିପରି ଏଚିଭର୍ସ ହେଲପିଙ୍ଗ୍ ଫାଉଣ୍ଡେଶନ ପକ୍ଷରୁ ସ୍ଥାନୀୟ ଭି.ଡ଼ି ପ୍ୟାଲେସ୍‌ରେ ପାର୍ବତୀ ଗିରିଙ୍କ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ପାୱାର ଅଫ ଦିବ୍ୟାଙ୍ଗର ସଭାପତି ଶ୍ୟାମସୁନ୍ଦର ଅଗ୍ରୱାଲ, ପାର୍ବତୀ ଗିରିଙ୍କ ନାତୁଣୀ ନିହାରିକା ଗିରି, ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ସାହୁ, ଏଚିଭର୍ସ ହେଲପିଙ୍ଗ ଫାଉଣ୍ଡେଶନ ସଭାପତି ଦିବାକର ମାଝି, ସମ୍ପାଦକ ଭଗବାନ ପ୍ରଧାନ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନରେ ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ ମୁଖ୍ୟ ଅତିଥି, ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଦଧିବାମନ ଦାଶ, ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ଅଧ୍ୟକ୍ଷ ମେଘନାଦ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ପାର୍ବତୀ ଗିରିଙ୍କ ଜୀବନୀ ଉପରେ ବଡ଼ମା ଚଳଚ୍ଚିତ୍ର ନିର୍ମାଣ କରୁଥିବା ଲିଟୁ ମହାନ୍ତିଙ୍କ ସମେତ ଆଶାକର୍ମୀ, ସ୍ୱାସ୍ଥ୍ୟସେବିକା, ଦିବ୍ୟାଙ୍ଗ, କଳାକାର, ବିଭିନ୍ନ ଅନୁଷ୍ଠାନକୁ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ଭଗବାନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରେମିକା, ଦ୍ୱିତୀୟ ପ୍ରେମିକ ଗିରଫ

**ଭେଡେନ,୨୦।୧(ସୂଦନ ମହାକୁର)**

#### ମଦଭାଟି ମାଲିକଙ୍କୁ ହତ୍ୟା ଉଦ୍ୟମ ଘଟଣା

ବରଗଡ଼ ଜିଲା ଭେଡେନ ଥାନା ସଂକ୍ରୀଡ଼ା ପଞ୍ଚାୟତ ସାରସପାଲି ଗ୍ରାମ ନିକଟସ୍ଥ ମଦଭାଟିରେ ଗତ ୩୦ ତାରିଖ ରାତିରେ ନିଆଁ ଲଗାଇ ଭାଟି ମାଲିକ ହେମନ୍ତ ପଣ୍ଡାଙ୍କୁ ମାରିବାକୁ ଉଦ୍ୟମ କରିବା ଘଟଣାର ପର୍ଦ୍ଦାଫାଶ ହୋଇଛି। ଏହି ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଖୁଣ୍ଟୁଲିପାଲି ଗ୍ରାମର ଲକ୍ଷ୍ମଣ ଭୁଏ(୨୬) ଏବଂ ଜଣେ ବିବାହିତା ମହିଳା। ତ୍ରିକୋଣୀୟ ପ୍ରେମରୁ ଏହି ଘଟଣା ଘଟିଥିବା ଶନିବାର ଭେଡେନ ଥାନାରେ ଏକ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀ ସୂଚନା ଦେଇଛନ୍ତି।

ଏସ୍‌ଡିପିଓ ତ୍ରିପାଠୀ କହିଥିଲେ, ସାରସପାଲି ଗ୍ରାମର ଜଣେ ବିବାହିତା ମହିଳା ଓ ଭାଟି ମାଲିକ ହେମନ୍ତଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିଲା। ତେବେ କିଛି ମାସ ତଳେ ଉକ୍ତ ମହିଳାଙ୍କ ସହ ଖୁଣ୍ଟୁଲିପାଲି ଗ୍ରାମର ଲକ୍ଷ୍ମଣଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢି ଉଠିଥିଲା। ହେମନ୍ତ ଏହା ଜାଣିବା ପରେ ଉଭୟଙ୍କ ପ୍ରେମରେ ବାଧା ଦେଇଥିଲେ। ଫଳରେ ଉକ୍ତ ମହିଳା ଓ ତାଙ୍କ ଦ୍ୱିତୀୟ ପ୍ରେମିକ ଲକ୍ଷ୍ମଣ ମିଶି ହେମନ୍ତଙ୍କୁ ମାରିବାକୁ ଯୋଜନା କରିଥିଲେ। ଗତ ୩୦ ତାରିଖ ରାତିରେ ହେମନ୍ତ ଭାଟିରେ ଶୋଇଥିବା ବେଳେ ଉକ୍ତ ମହିଳା ଓ ଲକ୍ଷ୍ମଣ ଏକ ବାଇକ୍‌ରେ ଆସି ଭାଟିରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଫେରାର ହୋଇ ଯାଇଥିଲେ। ଗୁରୁତର ଅବସ୍ଥାରେ ହେମନ୍ତଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ହେମନ୍ତ ଗତ ୨ଦିନ ତଳେ ସୁସ୍ଥ ହୋଇ ଘରକୁ ଫେରିବା ପରେ ପୋଲିସ ମୋବାଇଲ ଟ୍ରାକିଂ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଖବରଦାତା ସମ୍ମିଳନୀରେ ଥାନାଧିକାରୀ ପ୍ରେମଜିତ ଦାଶ ଉପସ୍ଥିତ ଥିଲେ।

## କନଗାଁରେ ଭାଷା, ସାହିତ୍ୟ, ସୃଜନଶୀଳତା ଉତ୍ସବ



କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

**ସୋହେଲା,୨୦।୧(ଅଶ୍ୱିନୀ କୁମାର ପାତ୍ର)**

ବରଗଡ଼ ଜିଲା ସୋହେଲା ବ୍ଲକ ଅନ୍ତର୍ଗତ କନଗାଁ ଉଚ୍ଚବିଦ୍ୟାଳୟରେ ଶନିବାର ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଧାନଶିକ୍ଷକ ଡୋଲାମଣି ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ୟାମକୁମାର ବାରିକ, ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ସୁଦାମ ବାରିକ, ସମ୍ମାନୀତ ଅତିଥି ଭାବେ ସିଆରସିସି କେଦାରନାଥ ସାହୁ, ବିଦ୍ୟାଳୟ ମୋ ସ୍କୁଲ କମିଟିର ସଭାପତି ବାଳମୁକୁନ୍ଦ ବାରିକ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଛାତ୍ରୀ ହାସିନା ଭୋଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କ୍ରୀଡ଼ାଙ୍ଗନ, ସାହିତ୍ୟ ସୃଜନ, କୌଶଳ ଏବଂ ଜିଜ୍ଞାସା କ୍ଲବର ସଦସ୍ୟ ପ୍ରକଳ୍ପ ଉପସ୍ଥାପନ ସହ ସ୍ୱରଚିତ ଗଳ୍ପ, କବିତା ପଠନ କରିଥିଲେ। ଏହାପରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷକ ନିରଞ୍ଜନ ସାହୁ, ଭୁବନେଶ୍ୱର ପ୍ରଧାନ, ନୀଳମଣି ପଧାନ ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ବହୁ ଅଭିଭାବକ ଉପସ୍ଥିତ ଥିଲେ।

## ଫାଇନାଲରେ ବାପୁଜୀ କ୍ରିକେଟ୍ କ୍ଲବ

#### ବୋଡାସମ୍ବର କ୍ରିକେଟ କପ୍

**ପଦ୍ମପୁର,୨୦।୧(ପ୍ରଦୀପ୍ତ ଦାଶ)**





ଅତିଥିମାନେ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରୁଛନ୍ତି।

ବରଗଡ଼ ଜିଲ୍ଲା ପଦ୍ମପୁର ରାଜବୋଡାସମ୍ବର ଖେଳପଡିଆରେ ବୋରାସମ୍ବର ସ୍ପୋର୍ଟିଂ ଆୟୋଜିତ ୨୮ତମ ସର୍ବଭାରତୀୟ ବୋରାସମ୍ବର କ୍ରିକେଟ କପ୍‌ର ଶନିବାର ଗ୍ରୁପ 'ବି' ସେମିଫାଇନାଲ ମ୍ୟାଚ୍ ବାପୁଜୀ କ୍ରିକେଟ କ୍ଲବ ଭୁବନେଶ୍ୱର ଓ ଇଷ୍ଟ ସେଣ୍ଟ୍ରାଲ ରେଲୱେ ବିଳାସପୁର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଆରମ୍ଭରେ ବାପୁଜୀ କ୍ରିକେଟ୍ କ୍ଲବ ଟସ୍ ଜିଣି ବ୍ୟାଟିଂ କରି ୩୫ ଓଭରରେ ୯ ଉଇକେଟ ହରାଇ ୨୭୨ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଦେବାଶିଷ ପଟ୍ଟନାୟକ ୫୬(୪୦) ରନ, ଅତୁଲ ଶାବନ ୩୯(୩୧) କରିଥିବା ବେଳେ ସାୟେଦ ଯକି ୫୪(୪୨) ରନ କରିଥିଲେ। ବିଳାସପୁର ଦଳ ପକ୍ଷରୁ ସିଦ୍ଧାନ୍ତ ମୂଲାଇ ୪ଟି ଉଇକେଟ ନେଇଥିଲେ। ୨୭୨ ରନ୍‌ର ଲକ୍ଷ୍ୟ ନେଇ ବିଳାସପୁର ଦଳ ୧୭.୩ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୮୦ ରନ ସଂଗ୍ରହ କରି ଶୋଚନୀୟ ଭାବେ ପରାସ୍ତ ହୋଇଥିଲା। ବାପୁଜୀ ଦଳ ୧୯୨ ରନରେ ବିଜୟୀ ହୋଇଥିଲା। ବିଳାସପୁର ଦଳ ପକ୍ଷରୁ ସର୍ବାଧିକ ଏସ୍. ସିଂହ ୨୦ରନ୍ କରିଥିଲେ। ବାପୁଜୀ ଦଳ ପକ୍ଷରୁ ପ୍ରଦୀପ କୁମାର ପ୍ରଧାନ ୫ ଉଇକେଟ ନେଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ସମୁଏଲ ହୁସେନ, ନରସିଂହ ଅଗ୍ରୱାଲ ଏବଂ ରାଧାମାଧବ ପାଣିଗ୍ରାହୀ ଅତିଥି ଭାବେ ଯୋଗ ଦେଇଥିଲେ। ବାପୁଜୀ ଦଳର ପ୍ରଦୀପ କୁମାର ପ୍ରଧାନଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଅମ୍ପାୟାର ସତ୍ୟବ୍ରତ ମହାପାତ୍ର ଓ ବଳରାମ ପଟ୍ଟନାୟକ ମ୍ୟାଚ୍ ପରିଚାଳନା କରିଥିଲେ। ରବିବାର ଫାଇନାଲ ମ୍ୟାଚ୍ ଏମ୍‌ଏମ୍‌ସିସି ସମ୍ବଲପୁର ଓ ବାପୁଜୀ କ୍ରିକେଟ୍ କ୍ଲବ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଜଣାପଡିଛି।

## ସମର୍ଥକଙ୍କ ସହ ଯୁବ ବିଜେଡି ନେତା ଭାଜପାରେ ସାମିଲ

**ସରଣ୍ଡା,୨୦।୧(ଯୁଧିଷ୍ଠିର ମହାପାତ୍ର)**

ବରଗଡ ଜିଲା ଅତାବିରା ବ୍ଲକ ଗୋଡ଼ଭଗାର ସାମାଜିକ କର୍ମୀ ତଥା ଯୁବ ବିଜେଡି ନେତା ମଧୁସୂଦନ ଶର୍ମା ତାଙ୍କ ସମର୍ଥକଙ୍କ ସହ ଭାଜପାରେ ଯୋଗ ଦେଇଛନ୍ତି। ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଉପସ୍ଥିତିରେ ସେ ଭାଜପାରେ ଆନୁଷ୍ଠାନିକ ଭାବେ ସାମିଲ ହୋଇଛନ୍ତି। ଭୁବନେଶ୍ୱର ପାର୍ଟି ଅଫିସରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ରେଙ୍ଗାଲି ବିଧାୟକ ନାଉରୀ ନାୟକ, ବ୍ରହ୍ମଗିରି ବିଧାୟକ ଲଲାଟେନ୍ଦୁ ମହାପାତ୍ର, ପୂର୍ବତନ ବିଧାୟକ ରବି ନାୟକ ତଥା ଅନ୍ୟ ବରିଷ୍ଠ ନେତାମାନେ ଉପସ୍ଥିତ ଥିଲେ। ଶର୍ମା ଅଖିଳ ଭାରତୀୟ ମାରବାଡ଼ି ଯୁବା ମଞ୍ଚର ସଙ୍ଗଠନ ବିସ୍ତାର ଜାତୀୟ ସଂଯୋଜକ ଏବଂ ଓଡିଶା ପ୍ରାଦେଶିକ ମାରୱାଡ଼ି ଯୁବା ମଞ୍ଚର ପ୍ରାନ୍ତୀୟ ସଭାପତି ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି।

## ରାଣାପ୍ରତାପ ଥିଲେ ବୀରତ୍ୱର ପ୍ରତୀକ

**ମଥୁରାନଗରୀ,୨୦।୧(ପ୍ରେମାନନ୍ଦ ଖମାରୀ)**



ରାଣାପ୍ରତାପଙ୍କ ତିରୋଧାନ ଦିବସ ପାଳନ କାର୍ଯ୍ୟକ୍ରମରେ ଅତିଥିବୃନ୍ଦ।

ବରଗଡ଼ ରାଣାପ୍ରତାପ ସ୍କୁଲରେ ମହାରାଣା ପ୍ରତାପଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଶିକ୍ଷକ ଗୋପବନ୍ଧୁ ପୁରୋହିତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବରପାଲି ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ରତ୍ନକୁମାର ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ରାଣାପ୍ରତାପ ସୌର୍ଯ୍ୟ, ତ୍ୟାଗ ଏବଂ ବୀରତ୍ୱର ପ୍ରତୀକ ଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସେହିପରି ରାଣାପ୍ରତାପଙ୍କ ନାମରେ ବିଦ୍ୟାଳୟ ନାମିତ ହୋଇଥିବାରୁ ଏଥିପାଇଁ ସମସ୍ତେ ଗର୍ବ କରିବା ଉଚିତ୍ ବୋଲି ଅତିଥିମାନେ କହିଥିଲେ। ଶିକ୍ଷୟିତ୍ରୀ ଜ୍ୟୋସ୍ନାମୟୀ ମିଶ୍ର, ଲୋଚନା ମିଶ୍ର, ମଞ୍ଜୁଳା ପ୍ରଧାନ, ସୁନୀତା ମିଶ୍ର, ବବିତା ନାଏକ, ତପସ୍ୱିନୀ ତ୍ରିପାଠୀ, ଗୀତା ଜାଲ, ଜ୍ୟୋତି ବେହେରା, ଦୀପିକା କୁଲୁ ପ୍ରମୁଖ ଉପସ୍ଥିତ ରହି ରାଣାପ୍ରତାପଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ସହିତ ସ୍ମୃତିଚାରଣ କରିଥିଲେ।

## କଠିନ ପରିଶ୍ରମ ସଫଳତାର ଚାବିକାଠି

**ମଥୁରାନଗରୀ,୨୦।୧(ପ୍ରେମାନନ୍ଦ ଖମାରୀ):** ବରଗଡ଼ ସିମେଣ୍ଟ ନଗରସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଦ୍ୱିତୀୟ ପର୍ଯ୍ୟାୟ ସାଇନିଂ ଷ୍ଟାର ଆବାସିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଜିଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ମେଧାବୀ ଛାତ୍ରୀଛାତ୍ରଙ୍କ ପାଇଁ ଚାଲିଥିବା ଏହି କାର୍ଯ୍ୟକ୍ରମ ରବିବାର ପର୍ଯ୍ୟନ୍ତ ଚାଲିବ। ଉକ୍ତ କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ହାଇସ୍କୁଲର ମାଟ୍ରିକ ଛାତ୍ରୀଛାତ୍ର ଅଂଶଗ୍ରହଣ



କରିଥିବା ବେଳେ ଉପସ୍ଥିତ ଅଭିଜ୍ଞ ଶିକ୍ଷୟିତ୍ରୀ, ଶିକ୍ଷକଙ୍କଠାରୁ ବିଭିନ୍ନ ବିଷୟର ସନ୍ଦେହ ମୋଚନ କରୁଛନ୍ତି। ଜିଲା ବିଜ୍ଞାନ ନିରୀକ୍ଷକ ଧୀରୋଜ ପଟ୍ଟନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। କଠିନ ପରିଶ୍ରମ ହିଁ ସଫଳତାର ଚାବିକାଠି ବୋଲି ସେ କହିଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଛତ୍ରପତି ସାହୁ, ରାଧାକାନ୍ତ ଛତ୍ରୀ, ଜ୍ୟୋତିକାନ୍ତ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷକ ଦେବଜୀବନ କର ଧନ୍ୟବାଦ ଅର୍ପଣ କରିଥିଲେ।

## ଆତ୍ମସୁରକ୍ଷା ତାଲିମ ଉଦ୍‌ଯାପିତ

**ବରପାଲି,୨୦।୧(ଚିତ୍ତରଞ୍ଜନ ସାହୁ)**

ବରପାଲି ବ୍ଲକ କଦଳୀପାଲି ଜଗବନ୍ଧୁ ଦାଶ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୮ଦିନିଆ ଆତ୍ମ ସୁରକ୍ଷା ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷ ପ୍ରଦୀପ କୁମାର ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ନାଟ୍ୟକାର ଓ ନିର୍ଦ୍ଦେଶକ ପ୍ରଭୁ ମାହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପୂର୍ବତନ ଦେଶସୁରକ୍ଷା ବାହିନୀ କର୍ମଚାରୀ ମଧୁସୂଦନ ମେହେର, ଅଧ୍ୟାପକ ସୁଧାଂଶୁ ଦାଶ ଓ ଅନ୍ତର୍ଯାମୀ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ ବନ୍ଦିତା ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଗତ ୧୦ ତାରିଖରୁ ଶିବିର ଆରମ୍ଭ ହୋଇଥିଲା। ମାଷ୍ଟର ଟ୍ରେନର ଭାବେ ଜେଡି ମହିଳା ସ୍ନାତକ ମହାବିଦ୍ୟାଳୟର ଛାତ୍ରୀ ରୂପାଲି ମେହେର, ଶୁଭସ୍ମିତା ବୁଧିଆ, ରେଣୁକା ଗହୀର ଏବଂ ଝୁମି ସେଠ ପ୍ରମୁଖ ଯୋଗ ଦେଇ ତାଲିମ ଦେଇଥିଲେ। ଅଧ୍ୟାପକ ରବିନ୍ଦ୍ର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅର୍ନ୍ତଯାମୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅତିଥିମାନେ ଶିବିରାର୍ଥୀମାନଙ୍କୁ ପ୍ରମାଣପତ୍ର ବିତରଣ କରିଥିଲେ। ଅଧାପିକା, ଅଧାପକ ଓ କର୍ମଚାରୀମାନେ ସହଯୋଗ କରିଥିଲେ।





କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

## ନାଟକ 'ସାମ୍ନାରେ ଜଗନ୍ନାଥ' ମଞ୍ଚସ୍ଥ

**ମଥୁରାନଗରୀ,୨୦।୧(ପ୍ରେମାନନ୍ଦ ଖମାରୀ)**

ଶ୍ରୀ ଜଗନ୍ନାଥ ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟନ ଅବସରରେ ବରଗଡ଼ ତଳିପଡ଼ାସ୍ଥିତ ସମଲେଶ୍ୱରୀ ସଂଘ ପକ୍ଷରୁ ସମ୍ବଲପୁରୀ ନାଟକ 'ସାମ୍ନାରେ ଜଗନ୍ନାଥ' ମଞ୍ଚସ୍ଥ ହୋଇଯାଇଛି। ସ୍ଥାନୀୟ ଉତ୍କଳ ଗୌରବ କଳାକାର ସଂଘ କାଦମ୍ବିନୀ ମଣ୍ଡପରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମକୁ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ପୌରାଧ୍ୟକ୍ଷା କଳ୍ପନା ମାଝି, କାଉନସିଲର କବିତା ବେହେରା, ଫକୀର କର୍ଣ୍ଣ, ସମଲେଶ୍ୱରୀ ସଂଘ ସଭାପତି ସମୀର ପ୍ରଧାନ, ଉତ୍କଳ ଗୌରବ କଳାକାର ସଂଘ ସଭାପତି ବିଜୟ ପାଣିଗ୍ରାହୀ ପ୍ରମୁଖ ଅତିଥି ଭାବେ ଯୋଗଦେଥିଲେ। ଅଧ୍ୟାପକ ଅଶୋକ ବେହେରା ନାଟକରେ ନିର୍ଦ୍ଦେଶନା ଦେଇଥିଲେ। ହେମେନ୍ଦ୍ର ମହାପାତ୍ର ନାଟକର ମୂଳ ରଚନା କରିଥିବାବେଳେ ପ୍ରୟାସ ରଞ୍ଜନ ବିର୍ତ୍ତିଆ ନାଟକର ସମ୍ବଲପୁରୀ ଅନୁବାଦ କରିଥିଲେ। ସଞ୍ଜୟ କୁମାର ବେହେରା ସହ ନିର୍ଦ୍ଦେଶକ ଥିଲେ।



ନାଟକ 'ସାମ୍ନାରେ ଜଗନ୍ନାଥ'ର ଦୃଶ୍ୟାଭିନୟ ।

ସଞ୍ଜୟ କୁମାର ପାଢ଼ୀ, ପ୍ରୟାସ ରଞ୍ଜନ ବିର୍ତ୍ତିଆ, ବିକାଶ ରଞ୍ଜନ ମିଶ୍ର, ମଳୟ କୁମାର ମିଶ୍ର, ଚୂଡ଼ାମଣି ସିଂ, କାଞ୍ଚନ ଚକ୍ରବର୍ତ୍ତୀ, ରତନ ଗୁରୁ, ସଞ୍ଜୟ କୁମାର ବେହେରା, ସନ୍ତୋଷ କୁମାର ଶତପଥୀ, ଅଭୟ ପ୍ରଧାନ, ଜିତେନ୍ଦ୍ର ସାହୁ, ପ୍ରୀତମ ସାହୁ, ତରୁଣ ପଟେଲ, ମୋନାଲି ବର୍ଗତ୍ତି, ଛନ୍ଦାଲିସା ତାଣ୍ଡି, ସୁମିକ୍ଷା ତନସନା ପ୍ରମୁଖ ନାଟକର ବିଭିନ୍ନ ଚରିତ୍ରରେ ଅଭିନୟ କରିଥିଲେ। ଗୋପାଳ ମିଶ୍ର, ପରିତୋଷ ବେହେରା ସଙ୍ଗୀତରେ ସହଯୋଗ କରିଥିଲେ। ଶୁଭମ ମହାପାତ୍ର ଗାୟକ ଥିବାବେଳେ ସେବକ ମେହେର, ବିଶାଳ ନାଗ, ଆଦିତ୍ୟ ଦୀପ ମଞ୍ଚ ଆଲୋକ, ଶୁଭମ ଦାଶ, ଚୂଡ଼ାମଣି ସିଂ ମଞ୍ଚସଜ୍ଜାରେ ସହଯୋଗ କରିଥିଲେ। ସଞ୍ଜୀବ ସାହୁ ଏବଂ ଦେଓଗାଁର ଜୟ ଜଗନ୍ନାଥ ସଂକୀର୍ତ୍ତନ ମଣ୍ଡଳୀ ସହଯୋଗ କରିଥିଲେ।

# ବିଶ୍ୱରେ ଭାରତ ଅଭିବୃଦ୍ଧିଶାଳୀ ଅର୍ଥନୀତି

## ରାଉରକେଲା ଏନ୍‌ଆଇଟିର ୨୧ତମ ସମାବର୍ତ୍ତନ ଉତ୍ସବ



ରାଉରକେଲାସ୍ଥିତ ଏନ୍‌ଆଇଟିର ୨୧ତମ ସମାବର୍ତ୍ତନ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

ରାଉରକେଲା,୨୦।୧(ସଙ୍ଗୀତା ଜେନା)

ରାଉରକେଲାସ୍ଥିତ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ(ଏନ୍‌ଆଇଟି)ର ୨୧ତମ ସମାବର୍ତ୍ତନ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଦିଲୀପ ତିର୍କୀ ଷ୍ଟାଡ଼ିୟମରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ ଅଧ୍ୟକ୍ଷତା କରିଥିଲେ। କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ପୋଲାବରପୁ ମଲିକାର୍ଜ୍ଜୁନ ପ୍ରସାଦ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରସାଦ କହିଥିଲେ, ବର୍ତ୍ତମାନ ସମଗ୍ର ବିଶ୍ୱରେ ଭାରତ ଅଭିବୃଦ୍ଧିଶାଳୀ ଅର୍ଥନୀତି ଭାବେ ଉଭା ହୋଇଛି। ଏହି ଶିକ୍ଷାନୁଷ୍ଠାନରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କ ବୃତ୍ତିଗତ ଅଭିବୃଦ୍ଧିର ସୁଯୋଗ ରହିଛି। ସୂଚନା ଓ ସଞ୍ଚାର ବିଭାଗର ପ୍ରଗତି, ପ୍ରଯୁକ୍ତି ବିଦ୍ୟା, ଜଗତୀକରଣ ଓ ଦକ୍ଷତା ବିକାଶ ଅଭିବୃଦ୍ଧି ହୋଇଛି। ଯୁବ ଇଞ୍ଜିନିୟରମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଓ ଅତିରିକ୍ତ ନିଯୁକ୍ତି ସୁଯୋଗ ବଢୁଛି। ବିଶାଳ ଓ ପ୍ରଭାବଶାଳୀ ମାନବସମ୍ବଳ ଯୋଗୁ ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକ ଭାରତକୁ ସେମାନଙ୍କ ଉତ୍ପାଦନସ୍ଥଳୀ ଭାବେ ପସନ୍ଦ କରୁଛନ୍ତି। ଭାରତରେ ଉଜ୍ଜ୍ୱଳ ଭବିଷ୍ୟତ ରହିଛି ବୋଲି ପ୍ରସାଦ ମତବ୍ୟକ୍ତ କରିଥିଲେ।

ସେହିପରି ନିର୍ଦ୍ଦେଶକ ରାଓ କହିଥିଲେ, ଏନ୍‌ଆଇଟି 'ରାଷ୍ଟ୍ରୀୟ ଶିକ୍ଷାନୀତି-୨୦୨୦' ସହ ସମନ୍ୱୟ ରଖି ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିଛି। ଟ୍ରାନ୍ସପରେଣ୍ଟ ର୍‍ୟାଙ୍କିଙ୍ଗ-୨୦୨୩ ଆଧାରରେ ରାଉରକେଲା ଏନ୍‌ଆଇଟି ୩, ୩୧, ୯୩୨ଟି ଅନୁଷ୍ଠାନ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି। ଏହାସହ ସର୍ବଭାରତୀୟ ଏନ୍‌ଆଇଟି ମଧ୍ୟରେ କ୍ୟୁଏସ୍ ୱାର୍ଲଡ ୟୁନିଭର୍ସିଟି ସଷ୍ଟେନେବିଲିଟି ର୍‍ୟାଙ୍କିଙ୍ଗରେ ମଧ୍ୟ ପ୍ରଥମରେ ରହିଛି। ଏହାଦ୍ୱାରା ଏଫ୍‌ଟିବିଆଇରେ ୫୦ରୁ ଊର୍ଦ୍ଧ୍ୱ ଷ୍ଟାର୍ଟଅପ୍ ରୋଜଗାର ଉପନ୍ନ କରିଛି ବୋଲି ରାଓ କହିଥିଲେ।

ଉତ୍ସବରେ ୪୫୭ ଜଣ ଛାତ୍ରୀ ଓ ୧୫୩୧ ଜଣ ଛାତ୍ରଙ୍କ ସମେତ ମୋଟ ୧୯୮୮ ଜଣ ଡିଗ୍ରୀ ପାଇଛନ୍ତି। ଚଳିତ ବର୍ଷ ୮ଜଣ ଛାତ୍ରୀଛାତ୍ରଙ୍କୁ ଆନୁଷ୍ଠାନିକ ସ୍ୱର୍ଣ୍ଣପଦକ, ୫ଜଣଙ୍କୁ ଏଣ୍ଡୋମେଣ୍ଟ ସ୍ୱର୍ଣ୍ଣପଦକ ତଥା ପ୍ରତ୍ୟେକ ବିଭାଗର ଶ୍ରେଷ୍ଠତା ପାଇଁ ୫୯ ଜଣ ଛାତ୍ରୀଛାତ୍ରଙ୍କୁ ରୌପ୍ୟ ପଦକ ପ୍ରଦାନ କରାଯାଇଛି। ସେହିପରି ୨୦୨୩ରେ ଗବେଷଣା କରିଥିବା ଜଣେ ଛାତ୍ରଙ୍କୁ ଏକ ଲକ୍ଷ ଟଙ୍କା ପୁରସ୍କାର ରାଶି ସହ ସମୁଦାୟ ୭ ଜଣଙ୍କୁ ଏଣ୍ଡୋମେଣ୍ଟ ପୁରସ୍କାର ପ୍ରଦାନ କରାଯାଇଥିଲା। ୧୭ ଜଣ ବି. ଆର୍କିଟେକଚର, ୯୬୧ ଜଣ ବିଟେକ୍, ୩୮ ଡୁଆଲ ଡିଗ୍ରୀ, ୫୪ ଇଣ୍ଟିଗ୍ରେଟେଡ୍ ଏମ୍‌ଏସ୍‌ସି, ୧୬୮ ଏମ୍‌ଏସ୍‌ସି, ୫୨୦ ଜଣ ଏମ୍‌ଟେକ୍, ୩ ଏମ୍‌ଟେକ୍ (ରିସର୍ଚ୍ଚ), ୨୧ଜଣ ଏମ୍‌ଏ, ୩୯ଜଣ ଏମ୍‌ବିଏ, ୧୬୭ ଜଣ ପିଏଚ୍‌ଡି ଡିଗ୍ରୀ ହାସଲ କରିଥିଲେ। ଚଳିତ ବର୍ଷ ଉଗାଣ୍ଡା, ବାଂଲାଦେଶ, ଶ୍ରୀଲଙ୍କା, ନେପାଳ, ସୁଦାନ, ଆମେରିକା, ଆଫଗାନିସ୍ଥାନ, ଭୂଟାନ୍ ଆଦି ଦେଶରୁ ୬୬ ଜଣ ଛାତ୍ର ଓ ୧୬ ଜଣ ଛାତ୍ରୀଙ୍କୁ ବିଭିନ୍ନ ପାଠ୍ୟକ୍ରମର ଡିଗ୍ରୀ ପ୍ରଦାନ କରାଯାଇଥିଲା। ସେହିପରି ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଶିକ୍ଷାବିତ୍ ପ୍ରାକ୍ତନ ଛାତ୍ର ଡ. ଶରତ ମହାପାତ୍ର, ଶିଳ୍ପ ଓ ପରିଚାଳନା କ୍ଷେତ୍ରରେ ସାରିପୁତ୍ତ ମିଶ୍ର, ଦିଲ୍ଲୀପ ମହାନ୍ତି, ଡି. ବି. ସୁନ୍ଦରାରମଣଙ୍କ ସମେତ ୪ ଜଣଙ୍କ ପ୍ରାକ୍ତନ ଛାତ୍ରଙ୍କୁ ଆଲୁମିନିସ୍ ଆୱାର୍ଡ ପ୍ରଦାନ କରାଯାଇଥିଲା। ଡିନ୍ ଏକାଡେମିକ୍ସ ପ୍ରଫେସର ସ୍ନେହାଶିଷ ଚକ୍ରବର୍ତ୍ତୀ, ଚେୟାରମ୍ୟାନ୍ ପିପିଆର୍‌ସି ଏସ୍. କେ. ବେହେରା, ଅନିନ୍ଦ୍ୟ ବାସୁ, ରେଜିଷ୍ଟ୍ରାର ପ୍ରଫେସର ରୋହନ ଧୀମାନ୍, ଡିନ୍ ଆଲୁମିନି ହିମାଂଶୁ ସାହୁ, ଡିନ୍ ସି.ଏସ୍. କେ. ପ୍ରତିହାର, ସୁରକ୍ଷା ବିଭାଗ ମୁଖ୍ୟ ଏ.କେ. ସିଂହଙ୍କ ସମେତ ବିଭାଗୀୟ ମୁଖ୍ୟମାନେ ଉପସ୍ଥିତ ଥିଲେ। ଡିଗ୍ରୀ ଲାଭ ପରେ ଛାତ୍ରୀଛାତ୍ରଙ୍କୁ ଶପଥପାଠ କରାଯାଇଥିଲା।

# ଏଣ୍ଟରପ୍ରାଇଜ ଓଡ଼ିଶାରେ ଆର୍‌ଏସ୍‌ପି ଷ୍ଟଲ୍

ରାଉରକେଲା,୨୦।୧(ବିପ୍ଳବ ରଞ୍ଜନ ଦାଶ)

ଝାରସୁଗୁଡାରେ ଆୟୋଜିତ ତିନିଦିନିଆ ୨୪ତମ ଏଣ୍ଟରପ୍ରାଇଜ ଓଡ଼ିଶାରେ ସିଆଇଆଇ ଏବଂ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ ଶୁକ୍ରବାର ଆର୍‌ଏସ୍‌ପିର ଏକ ଆକର୍ଷଣୀୟ ଷ୍ଟଲ ଉଦ୍‌ଘାଟିତ ହୋଇଯାଇଛି। ଏହି ଷ୍ଟଲକୁ ଆର୍‌ଏସ୍‌ପି ପରିଚାଳନା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ସୋମନାଥ ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ଏହି ସମାରୋହରେ ଆର୍‌ଏସ୍‌ପିର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ପରେ ତ୍ରିପାଠୀ ବରିଷ୍ଠ ଅଧିକାରୀ ମାନଙ୍କ ସହିତ ଷ୍ଟଲ ବୁଲି ଦେଖିଥିଲେ। ବୈଷୟିକ ନବସୃଜନ ଏବଂ ସ୍ଥାୟୀ ଅଭ୍ୟାସରେ ନିରନ୍ତର ଉଦ୍ୟମ ସକାଶେ ଆର୍‌ଏସ୍‌ପିର ପ୍ରତିବଦ୍ଧତାକୁ ଦୋହରାଇଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନରେ ଓଡିଶା ସୁଯୋଗ ସମ୍ବନ୍ଧୀତ ବିଷୟବସ୍ତୁ ଉପରେ ତ୍ରିପାଠୀ ବକ୍ତବ୍ୟ ରଖିଥିଲେ। ଇସ୍ପାତ ଶିଳ୍ପରେ ଆର୍‌ଏସ୍‌ପିର ମହତ୍ୱପୂର୍ଣ୍ଣ ଅବଦାନ ତଥା ସମଗ୍ର ଅଞ୍ଚଳ, ରାଜ୍ୟ ତଥା ଦେଶର ଆର୍ଥିକ ଦୃଶ୍ୟ ଉପରେ ତାର ପ୍ରଭାବକୁ ସର୍ବଦା ଅଲୋକପାତ କରୁଥିବା ଉଲ୍ଲେଖ କରିଥିଲେ। ତେବେ କାର୍ଯ୍ୟକ୍ରମରେ ଶିଳ୍ପପତିଙ୍କଠାରୁ ଆରମ୍ଭ କରି ବୃତ୍ତିଧାରୀ, ଛାତ୍ରୀଛାତ୍ର, ଗ୍ରାହକ, ବ୍ୟବସାୟ ସହଭାଗୀ ତଥା ସାଧାରଣ ଜନତାଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ଆର୍‌ଏସ୍‌ପିର ଷ୍ଟଲ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଯାହା ଇସ୍ପାତ ଜଗତ ଓ ଆରଏସପି ଅଗ୍ରଗତି ସମ୍ପର୍କରେ ଜାଣିବା ପାଇଁ ଲୋକଙ୍କ ମନରେ ଉତ୍ସୁକତା ପ୍ରକାଶ ପାଇଥିଲା।


ଉଦ୍‌ଘାପନୀ ସମାରୋହରେ ଆରଏସପି ନିର୍ବାହୀ ନିର୍ଦ୍ଦେଶକଙ୍କ ସମେତ ଶିଳ୍ପପତିବୃନ୍ଦ।

# କ୍ରିକେଟ୍ : ଫାଇନାଲରେ ଡବ୍ଲ୍ୟୁୱାଇସି କ୍ରିକେଟ କ୍ଲବ

ରାଉରକେଲା,୨୦।୧(ଦିନେଶ ମିଶ୍ର)

ସେକ୍ଟର-୧୭ ସ୍ଥିତ ଟାଟା ପଡିଆରେ ସେଞ୍ଚୁରୀ କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ୨୯ତମ ସେଞ୍ଚୁରୀ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍‌ରେ ଡବ୍ଲ୍ୟୁୱାଇସି ଦଳ ସନ୍‌ରାଇଜର ଦଳକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ସନ୍‌ରାଇଜର ଦଳ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରେ ସମସ୍ତ ଉଇକେଟ ହରାଇ ୧୧୪ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଏସ୍. କେ ସାଜନ ମାତ୍ର ୨୯ଟି ବଲ ଖେଳି ସର୍ବାଧିକ ୩୪ ରନ ସଂଗ୍ରହ କରିଥିଲେ। ଏହି ରନ୍ ଲକ୍ଷ୍ୟକୁ ନେଇ ଡବ୍ଲ୍ୟୁୱାଇସି ଦଳ ମାତ୍ର ୧୩ ଓଭରରେ ୪ ଉଇକେଟ ହରାଇ ୧୧୬ ରନ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଗଙ୍ଗା ମାତ୍ର ୨୬ ବଲ ଖେଳି ସର୍ବାଧିକ ୩୭ ରନ କରିଥିଲେ। ଏହି ମ୍ୟାଚ୍‌କୁ ଜମାଲ ଖାନ ଓ ଗୋବିନ୍ଦ ତାଣ୍ଡିଆ ପରିଚାଳନା କରିଥିଲେ। ସେଞ୍ଚୁରୀ କ୍ଲବର ସଭାପତି ମେହମୁଦ ଆଲାମ ମୁଖ୍ୟ ଅତିଥି, ସିକନ୍ଦର ଆଲାମ, ଚାନ୍ଦ ହୁସେନ, ନବାବ ଅଖତର, ରିଜୱାନ ଅଲ୍ଲୀ, ଲିତିଫ ଖାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ରାଉରକେଲା ଜିମ୍‌ଖାନା ଜୁନିୟର ଓ ଆଶୁ ଇଲେଭେନ ମଧ୍ୟରେ ସୋମବାର ଖେଳାଯିବ ବୋଲି ସମ୍ପାଦକ ଏମ୍‌ଡି ବାବର ସୂଚନା ଦେଇଛନ୍ତି।


ଖେଳାଳିଙ୍କ ଗହଣରେ ଅତିଥିବୃନ୍ଦ।

# ଗୃହସ୍ଥୀରେ ହୋମଯଜ୍ଞ ମହୋତ୍ସବ



ହୋମଯଜ୍ଞରେ ଗୃହସ୍ଥୀ ପରିବାରର ସଦସ୍ୟଗଣ।

ରାଉରକେଲା,୨୦।୧(ଦିନେଶ ମିଶ୍ର)

ଅଯୋଧ୍ୟା ଧାମରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉପଲକ୍ଷେ ଛେଣ୍ଡ ସ୍ଥିତ ଗୃହସ୍ଥୀ ଉଦ୍ୟୋଗ ପରିସରରେ ଏକ ହୋମଯଜ୍ଞ ମହୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ହୋମଯଜ୍ଞରେ ଗୃହସ୍ଥୀ ପରିବାରର ଏମ୍‌ଡି ଗୋକୁଲ ଆନନ୍ଦ ବାଗେଡିଆ ଓ ସିଇଓ ଅମିତ ଅଗ୍ରୱାଲ କର୍ତ୍ତା ଭାବେ ଯୋଗ ଦେଇଥିଲେ। ବିଶ୍ୱଶାନ୍ତି ଓ ରାମଲାଲାଙ୍କ ଦିବ୍ୟଗୁଣ ଦେଶବାସୀଙ୍କ ପାଇଁ ପ୍ରେରଣାଦାୟକ ହେଉ ବୋଲି ପରିବାରର ସମସ୍ତ କର୍ମକର୍ତ୍ତା ସାମୂହିକ ପ୍ରାର୍ଥନା କରିଥିଲେ। ଏହି ହୋମଯଜ୍ଞରେ ରାମଲାଲାଙ୍କ ପ୍ରାଣପ୍ରତିଷ୍ଠା ଶୁଭମୟ ହେବାକୁ ନେଇ ଘୃତ, ନାରିକେଳ ସମର୍ପଣ ସହ ପୂର୍ଣ୍ଣାହୂତି ପ୍ରଦାନ କରାଯାଇଥିଲା। ପୁଷ୍ପାଞ୍ଜଳି, ଆଳତୀ ପ୍ରଦାନ କରାଯିବା ପରେ ସାମୂହିକ ପ୍ରସାଦ ସେବନ କରାଯାଇଥିଲା। ଶୁଭଶ୍ରୀ ବିଶ୍ୱାଳ, ଅଞ୍ଜଳି ସାହୁ, ବିନୟ ମହାନ୍ତି, ଅବିନାଶ ମିଶ୍ର, ସୀତାରାମ ବାଗେଡିଆ, ପ୍ରଦୀପ ବିଶ୍ୱାଳ, ପ୍ରଫୁଲ୍ଲ ପାତ୍ର, ନାରାୟଣ ସାହୁ, ପୀତାମ୍ବର ତନ୍ତୀ, ସୋମୁ ଶର୍ମା, ଶରତ ମହାରଣା, କିରଣ ସେନ, ମୁକେଶ ଠାକୁର, ଟି. ପୁରୁଷୋତ୍ତମ, ରାଜକିଶୋର ବେହେରା, ସରୋଜ ମହାନ୍ତି ସହଯୋଗ କରିଥିଲେ।

# ଅଂଶଗ୍ରହଣ କଲେ ୭୨ ଛାତ୍ରୀଛାତ୍ର

## ଓଡ଼ିଆ ଭାଷା ସାହିତ୍ୟ, ସାଂସ୍କୃତିକ ପ୍ରତିଯୋଗିତା

ରାଉରକେଲା/ବେଦବ୍ୟାସ,୨୦।୧
(ବିପ୍ଳବ ରଞ୍ଜନ ଦାଶ/ଆଲୋକ ସ୍ୱାଇଁ)

ବେଦବ୍ୟାସ ସ୍ଥିତ ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଆଞ୍ଚଳିକ ସ୍ତରୀୟ ଓଡିଆ ଭାଷା ସାହିତ୍ୟ ଏବଂ ସାଂସ୍କୃତିକ ପ୍ରତିଯୋଗିତା ଶୁକ୍ରବାର ଆୟୋଜିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡକ୍ଟର ଉମାକାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରତିଯୋଗିତାରେ ରାୟଗଡା, ବରଗଡର ଲାଲାଜୀ ଗୋପାଳଜୀ ସଂସ୍କୃତ କଲେଜ ଏବଂ ରାଜଗାଙ୍ଗପୁରର ଓମା ସରସ୍ୱତୀ ସଂସ୍କୃତ କଲେଜରୁ ମୋଟ ୭୨ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିତର୍କ, ପ୍ରବନ୍ଧ, ହସ୍ତଲିପି, ସାଧାରଣ ଜ୍ଞାନ, ସଙ୍ଗୀତ, ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ଉତ୍କଳ ସମ୍ମିଳନୀ ସମ୍ପାଦକ ଅକ୍ଷୟ ଦାସ, ଶିକ୍ଷାବିତ୍ ସନ୍ଧ୍ୟାରାଣୀ ପତି, ସନ୍ତୋଷ କୁମାର ଶତପଥି, ପ୍ରେମାନନ୍ଦ ମହାପାତ୍ର, ସ୍ୱାମୀ ଅଗ୍ନିବାବା ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ରାୟଗଡାର ପ୍ରଶାନ୍ତ କୁମାର ପାଣ୍ଡେ, ବରିକେଲର ସୀତାରାମ ସାହୁ ଏବଂ ସୋଭିତ ଚରଣ କର, ନୋଡାଲ ଅଧିକାରୀ ଅଧ୍ୟାପକ ଚନ୍ଦ୍ରଧ୍ୱଜ ମାଝୀ, ଡ. ପରମେଶ୍ୱର ଶତପଥୀ, ଡ. କେଦାର ନାଥ ପାଢୀ, ଜ୍ୟୋସ୍ନାରାଣୀ ଦାସ, ଶ୍ୟାମଳା ଦାସ, ରବିନ୍ଦ୍ର କୁମାର ପୃଷ୍ଟି ଓ ସନ୍ତୋଷ କୁମାର ଲେଙ୍କା ପ୍ରମୁଖ ସହଯୋଗ କରିଥିଲେ। ପ୍ରତିଯୋଗିତାର ସାଧାରଣ ଜ୍ଞାନରେ ଶୁଭମ ମିଶ୍ର, ପ୍ରବନ୍ଧରେ ମିତାଲି ଦାସ, ହସ୍ତଲିପିରେ ନୀଳମାଧବ ଦାସ, ବିତର୍କରେ ସ୍ନିଗ୍ଧା ପୁହାଣ, ସଙ୍ଗୀତରେ ମମତା ପ୍ରଧାନ, ନାଟକରେ ସଂସ୍କୃତ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଅଭିନୟ କରି କୃତିତ୍ୱ ଲାଭ କରିଥିଲେ। ବରଗଡର ବିଭୂତି ଦାସ ବେଦମନ୍ତ୍ର ପାଠ କରିଥିବା ବେଳେ ଡ. ପରମେଶ୍ୱର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, ଆସନ୍ତା ୨୪ତାରିଖରେ ପୁରୀରେ ଅନ୍ତିମ ପର୍ଯ୍ୟାୟ ଆଞ୍ଚଳିକ ସ୍ତରୀୟ ଓଡିଆ ସାହିତ୍ୟ ଓ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ଜଣାପଡିଛି।


ପ୍ରତିଯୋଗିତାର କୃତୀ ବିଦ୍ୟାର୍ଥୀ ପୁରସ୍କୃତ ହେଉଛନ୍ତି।

# ସେଲ୍‌ର ବାଣିଜ୍ୟ, ଅର୍ଥ ବିଭାଗ ନିର୍ଦ୍ଦେଶକ ନିଲମ୍ବିତ

ରାଉରକେଲା,୨୦।୧(ବିପ୍ଳବ ରଞ୍ଜନ ଦାଶ): ଭାରତ ସରକାରଙ୍କ ଇସ୍ପାତ ମନ୍ତ୍ରଣାଳୟ ଚିଠି ଆଧାରରେ ସେଲ୍ ବାଣିଜ୍ୟ ବିଭାଗର ନିର୍ଦ୍ଦେଶକ ଭି.ଏସ୍. ଚକ୍ରବର୍ତ୍ତୀ ଏବଂ ଅର୍ଥ ବିଭାଗର ନିର୍ଦ୍ଦେଶକ ଏ. କେ. ତୁଲସିଆନଙ୍କୁ ଶନିବାର ତତ୍କାଳ ନିଲମ୍ବନ କରାଯାଇଛି। ଏଥିସହ ଇସ୍ପାତ ମନ୍ତ୍ରଣାଳୟର ନିର୍ଦ୍ଦେଶନାମା ଅନୁଯାୟୀ ସେଲ୍‌ର ଅନ୍ୟ ୨୬ଜଣ ଅଧିକାରୀଙ୍କୁ ମଧ ନିଲମ୍ବନ କରାଯାଇଛି। ଲୋକପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ କିଛି ଅନୁସନ୍ଧାନ ସହିତ ଏହି ବିଷୟ ଜଡିତ। ଏ ପ୍ରସଙ୍ଗରେ ସେଲ୍ ଅଧ୍ୟକ୍ଷ ଅମରେନ୍ଦୁ ପ୍ରକାଶ କହିଛନ୍ତି, କମ୍ପାନୀର ବ୍ୟବସାୟ ସ୍ୱାଭାବିକ ଜାରି ରହିଛି ଏବଂ ଏହା କମ୍ପାନୀର ପ୍ରଦର୍ଶନ ଉପରେ ପ୍ରଭାବ ପକାଇବ ନାହିଁ। କର୍ପୋରେଟ ଅନୁଶାସନ ଏବଂ ନୈତିକ ଆଚରଣର ସର୍ବୋଚ୍ଚ ମାନକୁ ବଜାୟ ରଖିବା ପାଇଁ ଆମେ ଉତ୍ସର୍ଗୀକୃତ। ଗୁଣବତ୍ତା ଓ ଗ୍ରାହକ ସନ୍ତୁଷ୍ଟି ଉପରେ ଦୃଢ ଧ୍ୟାନ କେନ୍ଦ୍ରୀତ ପୂର୍ବକ ଶିଳ୍ପ ଜଗତରେ ସେଲ୍ ସୁଦୃଢ ବୋଲି ପ୍ରକାଶ କହିଛନ୍ତି।

# ୨ ଅଭିଯୁକ୍ତ କୋର୍ଟଚାଲାଣ

କୁଆଁରମୁଣ୍ଡା,୨୦।୧(ମହେନ୍ଦ୍ର କୁମାର ସାହୁ): ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳନ ପାଇଁ ଶନିବାର ବୀରମିତ୍ରପୁରରେ ଝଣ୍ଡା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ହେଲେ ଏହି ଅବସରରେ ୨ ଯୁବକଙ୍କୁ ପୋଲିସ୍ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପ୍ରବୀଣ ଗୋପ ଓ ତାଙ୍କ ସହଯୋଗୀ ରାମୁ ସାହୁ। ଗତ ୧୮ ତାରିଖ ସନ୍ଧ୍ୟାରେ ପ୍ରବୀଣ ଓ ରାମୁ ଦାମଡ଼ାପଡାସ୍ଥିତ ଏକ ବିଦ୍ୟୁତ୍ ଖୁଣ୍ଟରେ ଲାଗିଥିବା ଭିନ୍ନ ସମ୍ପ୍ରଦାୟର ଏକ ଝଣ୍ଡାକୁ ହଟାଇ ସେଠାରେ ହିନ୍ଦୁ ଧର୍ମ ଝଣ୍ଡା ଲଗାଇଥିଲେ। ଏ ନେଇ ବୀରମିତ୍ରପୁର ଥାନାରେ ଅଭିଯୋଗ ହୋଇଥିଲା।

# ଆର୍‌ଇସି କ୍ୟାମ୍ପସ ସ୍କୁଲରେ ଶିକ୍ଷକ ଅଭିଭାବକ ସମାବେଶ

ରାଉରକେଲା,୨୦।୧(ସଙ୍ଗୀତା ଜେନା)

ଆର୍‌ଇସି କ୍ୟାମ୍ପସ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଶିକ୍ଷକ ଓ ଅଭିଭାବକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସୁଦୀପ୍ତା ବେହେରାଙ୍କ ସଭାପତିତ୍ୱରେ ଆଲୋଚନା ଆସର ଓ ପୁରସ୍କାର ବିତରଣ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଖବରଦାତା ବୈଦ୍ୟନାଥ ମିଶ୍ର, ଦିଲୀ ପବ୍ଲିକ ସ୍କୁଲ ଗଣିତ ଶିକ୍ଷକ ସୌମ୍ୟ ପ୍ରସାଦ ନନ୍ଦ, କ୍ରୀଡ଼ା ଶିକ୍ଷୟିତ୍ରୀ ସୋଫିଆ ମିଞ୍ଜ ସମ୍ମାନିତ ଅତିଥି ଏବଂ ସାହିତ୍ୟିକ ଗୌତମ ଦାସ ମୁଖ୍ୟ ଆଲୋଚକ ଭାବେ ମଞ୍ଚାସୀନ ଥିଲେ। ନବମ ଓ ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ନେଇ ୪ଟି କ୍ଲବରେ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ପ୍ରକଳ୍ପଗୁଡ଼ିକର ମୂଲ୍ୟାୟନ କରାଯାଇଥିଲା। ବରିଷ୍ଠ ଶିକ୍ଷୟିତ୍ରୀ ସୁଜାତା ତ୍ରିପାଠୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ନିରୂପମା ପତି ମଞ୍ଚ ପରିଚାଳନା କରିଥିଲେ। ସମାବେଶରେ କ୍ରୀଡ଼ା ଶିକ୍ଷକ ଅଜୟ ରାଉତ ଓ ଏନ୍‌ସିସି ଅଫିସର ସରୋଜ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସରୋଜ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଜିଜ୍ଞାସା କ୍ଲବ ପ୍ରଥମ, ସାହିତ୍ୟ ସୃଜନୀ ଦ୍ୱିତୀୟ, କୋଶଳୀ ତଥା କ୍ରୀଡ଼ାଙ୍ଗନ ୩ୟ ସ୍ଥାନ ଅଧିକାର କରିଥିଲା। କ୍ଲବର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକ ସହଯୋଗ କରିଥିଲେ।

# ବୈଦ୍ୟ ସଂଘର ନୂତନ କାର୍ଯ୍ୟକାରୀ କମିଟି

ରାଉରକେଲା,୨୦।୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସଦର ମହକୁମା ବିରେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଜିଲା ପାରମ୍ପରିକ ବନୌଷଧି ବୈଦ୍ୟ ସଂଘର ନୂତନ କାର୍ଯ୍ୟକାରୀ କମିଟି ଗଠନ ଓ ବାର୍ଷିକ ମିଳନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂଘର ପଞ୍ଜୀକରଣ ଉପରେ ଆଲୋଚନା ହୋଇଥିଲା। ଏହାପରେ ନୂତନ କମିଟି ଗଠନ କରାଯାଇଥିଲା। କମିଟିରେ ସଭାପତି ଭାବେ ପଡା ଓରାମ, ଉପସଭାପତି ଉମା ମାହେଶ୍ୱରୀ, ସମ୍ପାଦକ ଜଗଦୀଶ ପଶାୟତ, ସହ ସମ୍ପାଦକ ଫିଲିପ୍ସ କେରକେଟା, କୋଷାଧକ୍ଷ ପଦ୍ମ ମୁଣ୍ଡା ଏବଂ ସହ କୋଷାଧକ୍ଷ ଭାବେ ଉଲିୟମ ଟପ୍ପୋ ମନୋନୀତ ହୋଇଛନ୍ତି। ସେହିପରି ଉପଦେଷ୍ଟା ଭାବେ ପୀୟୁଷ ମୁଣ୍ଡା, ସହ ଉପଦେଷ୍ଟା ଚମ୍ପାଇରାମ ଟୁଡୁ, ସନ୍ଦେଶ ବାହକ ଭାବେ କାଳୀଚରଣ କାୟମ, ଜେରମ ଡୁଙ୍ଗଡୁଙ୍ଗ ଏବଂ ମିଡିଆ ପ୍ରଭାରୀ ଭାବେ ସନ୍ତୋଷ ବାରିକ, ସୋନୁ ଶର୍ମା ପ୍ରମୁଖ ମନୋନୀତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ରାଉରକେଲା ସମେତ ସୁନ୍ଦରଗଡ଼ ଜିଲାର ବହୁ ବୈଦ୍ୟ ଉପସ୍ଥିତ ଥିଲେ। ବୈଦ୍ୟ ସଂଘ ସଭାପତି ପଡା ଓରାମ କାର୍ଯ୍ୟକ୍ରମ ପରିଚାଳନା ଏବଂ ବୈଦ୍ୟ ପିୟୁଷ ମୁଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।


ନବଗଠିତ ବୈଦ୍ୟସଂଘର କର୍ମକର୍ତ୍ତା ଏବଂ ଅନ୍ୟମାନେ।

# କୋମାରେ କୁକୁର ବନ୍ଧ୍ୟାକରଣ ଯୋଜନା

## ରାଉରକେଲା ସହରରେ ବଢୁଛି ବୁଲା କୁକୁରଙ୍କ ସଂଖ୍ୟା

ରାଉରକେଲା,୨୦।୧(ବିପ୍ଳବ ରଞ୍ଜନ ଦାଶ)


ଛେଣ୍ଡ ଛକ ରାସ୍ତାରେ ମାଳ ମାଳ କୁକୁର।

ରାଉରକେଲା ସହରରେ ବଢି ଚାଲିଛି ବୁଲା କୁକୁରଙ୍କ ସଂଖ୍ୟା। ସହର ରାସ୍ତାଘାଟରେ ଏଭଳି ମାଳ ମାଳ କୁକୁର ବୁଲୁଥିବା ଦେଖିବାକୁ ମିଳୁଛି। ସେହିପରି ନବଜାତ କୁକୁରଙ୍କ ମଧ୍ୟରୁ ଅନେକ ଦୁଇଚକିଆ ଚାରିଚକିଆ ଗାଡ଼ି ତଳେ ଜୀବନ ହାରୁଛନ୍ତି। ଫଳରେ ବିଭିନ୍ନ ଗଳିକନ୍ଦିରେ ମଲା କୁକୁରଙ୍କ ପଚାଶଢା ଶବ ପଡିରହିବାରୁ ସମ୍ପୃକ୍ତ ଅଞ୍ଚଳରେ ଦୁର୍ଗନ୍ଧ ହେଉଛି। ସେହିପରି କିଛିଦିନ ହେଲା ସହରରେ କୁକୁର କାମୁଡା ଆକ୍ରାନ୍ତଙ୍କ ସଂଖ୍ୟା ମଧ ବଢିଛି। କୋଏଲ ନଗର, ଶକ୍ତି ନଗର, ଛେଣ୍ଡ କଲୋନୀ, ଉଦିତ ନଗର, ପାନପୋଷ ସମେତ ସହରର ପ୍ରାୟ ସମସ୍ତ ଗଳିକନ୍ଦିରେ ବୁଲା କୁକୁରଙ୍କ ଦୌରାତ୍ମ୍ୟ ଦେଖାଯାଉଛି। ଅନ୍ୟପକ୍ଷେ ବୁଲା କୁକୁର ବନ୍ଧ୍ୟାକରଣ ଯୋଜନା ନିୟମାବଳୀରେ ଅବମାନନା, ବନ୍ଧ୍ୟାକରଣ ପରିଚାଳନାଗତ ତ୍ରୁଟି ଜନିତ ଯାଞ୍ଚ ନେଇ ରାଜ୍ୟସ୍ତରୀୟ କମିଟି ଗଠନ ହୋଇ ନ ଥିବା ଦର୍ଶାଇ ଗୋଟିଏ ସଙ୍ଗଠନ ଜନସ୍ୱାର୍ଥ ମାମଲା ଦାୟର କରିବା ପରେ ହାଇକୋର୍ଟ ୨୦୨୩ ଜୁଲାଇ ୭ତାରିଖରେ ଏବିସି ଉପରେ ରହିତାଦେଶ ଜାରି କରିଛନ୍ତି। ଫଳରେ ରାଉରକେଲାରେ କୁକୁର ବନ୍ଧ୍ୟାକରଣ ଯୋଜନା ବନ୍ଦ ରହିଥିବାରୁ ଗଳିକନ୍ଦିରେ କୁକୁରଙ୍କ ସଂଖ୍ୟା ଅହେତୁକ ବୃଦ୍ଧି ପାଇଛି।

ରାଉରକେଲାରେ ୨୦୧୨ ନଭେମ୍ବର ୯ତାରିଖରେ ଏବିସି ଯୋଜନା କାର୍ଯ୍ୟକାରୀ ହେଲା। ବୁଲାକୁକୁରଙ୍କ ଜନ୍ମହାର ନିୟନ୍ତ୍ରଣ ପାଇଁ ଏବିସି ଯୋଜନାର ସଫଳ ରୂପାୟନ ସକାଶେ ୧୫ଲକ୍ଷ ଟଙ୍କା ବ୍ୟୟରେ ଏବିସି କେନ୍ଦ୍ର ଅସ୍ତ୍ରୋପଚାର ଓଟି ଏବଂ ୪୦ କେନେଲ ନିର୍ମାଣ ହେଲା। ଏଥିସହିତ ପ୍ରତି ଅସ୍ତ୍ରୋପଚାର ପାଇଁ ୫ଶହ ଟଙ୍କା ଆର୍ଥିକ ଅନୁଦାନ ମଧ ପ୍ରାଣୀ ସମ୍ପଦ ବିଭାଗକୁ ପ୍ରଦାନ କରାଗଲା। ଏହି ଯୋଜନା ବୁଲା କୁକୁରଙ୍କ ଜନ୍ମହାର ନିୟନ୍ତ୍ରଣ ସହ ସେମାନଙ୍କ ଦୌରାତ୍ମ୍ୟକୁ ରୋକିବା ପାଇଁ ଉଦ୍ଦିଷ୍ଟ ଥିଲା। ତେବେ ଗତ ୧୦ବର୍ଷ ମଧ୍ୟରେ ଗତ ମାର୍ଚ୍ଚ ୨୦୨୩ ଯାଏ ୪ହଜାର ୫ଶହ ବୁଲା କୁକୁରଙ୍କ ଅସ୍ତ୍ରୋପଚାର ହୋଇଥିବା ଜଣାପଡିଛି। ରହିତାଦେଶ ଯୋଗୁ ୧୯୫ ଦିନ ହେଲାଣି ରାଉରକେଲାରେ ଏବିସି ଯୋଜନା ସମ୍ପୂର୍ଣ୍ଣ ଭାବେ ଠପ୍ ପଡିଛି। ସହରରେ ବୁଲା କୁକୁରଙ୍କ ବଂଶବୃଦ୍ଧି ରୋକା ନ ଗଲେ ଆଗକୁ ପରିସ୍ଥିତି ଭୟଙ୍କର ହେବ ବୋଲି ଆଲୋଚନା ହେଉଛି। ଏ ନେଇ ରାଉରକେଲା ଏସ୍‌ଡିଭିଓ ପ୍ରସନ୍ନ କୁମାର ମହାରଣା କୁହନ୍ତି, ସାରା ରାଜ୍ୟରେ ଚାଲିଥିବା ଏବିସି ଉପରେ ଗୋଟିଏ ସଙ୍ଗଠନ ପକ୍ଷରୁ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାୟର ହୋଇଛି। ପିଆଇଏଲର ଶୁଣାଣି ହାଇକୋର୍ଟ ରାଜ୍ୟରେ ଏବିସି ଉପରେ ରହିତାଦେଶ ଜାରି କରିଛନ୍ତି। ଏଣୁ ରାଜ୍ୟସାରା ଏବିସି ସିଷ୍ଟମ ପାଖାପାଖି ୧୯୫ଦିନ ହେଲା ସ୍ଥଗିତ ରହିଛି। ରହିତାଦେଶ ଉଠିଲା ପରେ ପୁନଶ୍ଚ ଏବିସି ମାଧମରେ ପୂର୍ବବତ୍ ବୁଲାକୁକୁରଙ୍କ ଜନ୍ମ ନିୟନ୍ତ୍ରଣ ପ୍ରକ୍ରିୟା ଚାଲିବ ବୋଲି ମହାରଣା କହିଥିଲେ।

# ବିଶ୍ୱରେ ଭାରତ ଅଭିବୃଦ୍ଧିଶାଳୀ ଅର୍ଥନୀତି

## ରାଉରକେଲା ଏନ୍‌ଆଇଟିର ୨୧ତମ ସମାବର୍ତ୍ତନ ଉତ୍ସବ

**ରାଉରକେଲା,୨୦ା୧(ସଙ୍ଗୀତା ଜେନା)**

ରାଉରକେଲାସ୍ଥିତ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ(ଏନ୍‌ଆଇଟି)ର ୨୧ତମ ସମାବର୍ତ୍ତନ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଦିଲୀପ ତିର୍କୀ ଷ୍ଟାଡ଼ିୟମରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ ଅଧ୍ୟକ୍ଷତା କରିଥିଲେ। କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ପୋଲାବରପୁ ମଲିକାର୍ଜ୍ଜୁନ ପ୍ରସାଦ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରସାଦ କହିଥିଲେ, ବର୍ତ୍ତମାନ ସମଗ୍ର ବିଶ୍ୱରେ ଭାରତ ଅଭିବୃଦ୍ଧିଶାଳୀ ଅର୍ଥନୀତି ଭାବେ ଉଭା ହୋଇଛି। ଏହି ଶିକ୍ଷାନୁଷ୍ଠାନରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କ ବୃତ୍ତିଗତ ଅଭିବୃଦ୍ଧିର ସୁଯୋଗ ରହିଛି। ସୂଚନା ଓ ସଞ୍ଚାର ବିଭାଗର ପ୍ରଗତି, ପ୍ରଯୁକ୍ତି ବିଦ୍ୟା, ଜଗତୀକରଣ ଓ ଦକ୍ଷତା ବିକାଶ ଅଭିବୃଦ୍ଧି ହୋଇଛି। ଯୁବ ଇଞ୍ଜିନିୟରମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଓ ଅତିରିକ୍ତ ନିଯୁକ୍ତି ସୁଯୋଗ ବଢୁଛି। ବିଶାଳ ଓ ପ୍ରଭାବଶାଳୀ ମାନବସମ୍ବଳ ଯୋଗୁ ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକ ଭାରତକୁ ସେମାନଙ୍କ ଉତ୍ପାଦନସ୍ଥଳୀ ଭାବେ ପସନ୍ଦ କରୁଛନ୍ତି। ଭାରତରେ ଉଜ୍ଜ୍ୱଳ ଭବିଷ୍ୟତ ରହିଛିବୋଲିପ୍ରସାଦ ମତବ୍ୟକ୍ତ କରିଥିଲେ।

ସେହିପରି ନିର୍ଦ୍ଦେଶକ ରାଓ କହିଥିଲେ, ଏନ୍‌ଆଇଟି 'ରାଷ୍ଟ୍ରୀୟ ଶିକ୍ଷାନୀତି-୨୦୨୦' ସହ ସମନ୍ୱୟ ରଖି ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିଛି। ଟ୍ରାନ୍ସପରେଣ୍ଟ ର୍‍ୟାଙ୍କିଙ୍ଗ-୨୦୨୩ ଆଧାରରେ ରାଉରକେଲା ଏନ୍‌ଆଇଟି ୩, ୩୧, ୯୩୨ଟି ଅନୁଷ୍ଠାନ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି। ଏହାସହ ସର୍ବଭାରତୀୟ ଏନ୍‌ଆଇଟି ମଧ୍ୟରେ କ୍ୟୁଏସ୍ ୱାର୍ଲଡ ୟୁନିଭର୍ସିଟି ସଷ୍ଟେନେବିଲିଟି ର୍‍ୟାଙ୍କିଙ୍ଗରେ ମଧ୍ୟ ପ୍ରଥମରେ ରହିଛି। ଏହାଦ୍ୱାରା ଏଫ୍‌ବିଆଇରେ ୫୦ରୁ ଊର୍ଦ୍ଧ୍ୱ ଷ୍ଟାର୍ଟଅପ୍ ରୋଜଗାର ଉପନ୍ନ କରିଛି ବୋଲି ରାଓ କହିଥିଲେ।

ଉତ୍ସବରେ ୪୫୭ ଜଣ ଛାତ୍ରୀ ଓ ୧୫୩୧ ଜଣ ଛାତ୍ରଙ୍କ ସମେତ ମୋଟ ୧୯୮୮ ଜଣ ଡିଗ୍ରୀ ପାଇଛନ୍ତି। ଚଳିତ ବର୍ଷ ୮ଜଣ ଛାତ୍ରୀଛାତ୍ରଙ୍କୁ ଆନୁଷ୍ଠାନିକ ସ୍ୱର୍ଣ୍ଣପଦକ, ୫ଜଣଙ୍କୁ ଏଣ୍ଡୋମେଣ୍ଟ ସ୍ୱର୍ଣ୍ଣପଦକ ତଥା ପ୍ରତ୍ୟେକ ବିଭାଗର ଶ୍ରେଷ୍ଠତା ପାଇଁ ୫୯ ଜଣ ଛାତ୍ରୀଛାତ୍ରଙ୍କୁ ରୌପ୍ୟ ପଦକ ପ୍ରଦାନ କରାଯାଇଛି। ସେହିପରି ୨୦୨୩ରେ ଗବେଷଣା କରିଥିବା ଜଣେ ଛାତ୍ରଙ୍କୁ ଏକ ଲକ୍ଷ ଟଙ୍କା ପୁରସ୍କାର ରାଶି ସହ ସମୁଦାୟ ୭ ଜଣଙ୍କୁ ଏଣ୍ଡୋମେଣ୍ଟ ପୁରସ୍କାର ପ୍ରଦାନ କରାଯାଇଥିଲା। ୧୭ ଜଣ ବି. ଆର୍କିଟେକଚର, ୯୬୧ ଜଣ ବିଟେକ୍, ୩୮ ଡୁଆଲ ଡିଗ୍ରୀ, ୫୪ ଇଣ୍ଟିଗ୍ରେଟେଡ୍ ଏମ୍‌ଏସ୍‌ସି, ୧୬୮ ଏମ୍‌ଏସ୍‌ସି, ୫୨୦ ଜଣ ଏମ୍‌ଟେକ୍, ୩ ଏମ୍‌ଟେକ୍ (ରିସର୍ଚ୍ଚ), ୨୧ଜଣ ଏମ୍‌ଏ, ୩୯ଜଣ ଏମ୍‌ବିଏ, ୧୬୭ ଜଣ ପିଏଚ୍‌ଡି ଡିଗ୍ରୀ ହାସଲ କରିଥିଲେ। ଚଳିତ ବର୍ଷ ଉଗାଣ୍ଡା, ବାଂଲାଦେଶ, ଶ୍ରୀଲଙ୍କା, ନେପାଳ, ସୁଦାନ, ଆମେରିକା, ଆଫଗାନିସ୍ଥାନ, ଭୁଟାନ୍ ଆଦି ଦେଶରୁ ୬୬ ଜଣ ଛାତ୍ର ଓ ୧୬ ଜଣ ଛାତ୍ରୀଙ୍କୁ ବିଭିନ୍ନ ପାଠ୍ୟକ୍ରମର ଡିଗ୍ରୀ ପ୍ରଦାନ କରାଯାଇଥିଲା। ସେହିପରି ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଶିକ୍ଷାବିତ୍ ପ୍ରାକ୍ତନ ଛାତ୍ର ଡ. ଶରତ ମହାପାତ୍ର, ଶିଳ୍ପ ଓ ପରିଚାଳନା କ୍ଷେତ୍ରରେ ସାରିପୁତ୍ତ ମିଶ୍ର, ଦିଲ୍ଲୀପ ମହାନ୍ତି, ଡି. ବି. ସୁନ୍ଦରାରମଣଙ୍କ ସମେତ ୪ ଜଣଙ୍କ ପ୍ରାକ୍ତନ ଛାତ୍ରଙ୍କୁ ଆଲୁମିନିସ୍ ଆୱାର୍ଡ ପ୍ରଦାନ କରାଯାଇଥିଲା। ଡିନ୍ ଏକାଡେମିକ୍ସ ପ୍ରଫେସର ସ୍ନେହାଶିଷ ଚକ୍ରବର୍ତ୍ତୀ, ଚେୟାରମ୍ୟାନ୍ ପିପିଆର୍‌ସି ଏସ୍. କେ. ବେହେରା, ଅନିନ୍ଦ୍ୟ ବାସୁ, ରେଜିଷ୍ଟ୍ରାର ପ୍ରଫେସର ରୋହନ ଧୀମାନ୍, ଡିନ୍ ଆଲୁମିନି ହିମାଂଶୁ ସାହୁ, ଡିନ୍‌ସି.ଏସ୍.କେ. ପ୍ରତିହାର, ସୁରକ୍ଷା ବିଭାଗ ମୁଖ୍ୟ ଏ.କେ. ସିଂହଙ୍କ ସମେତ ବିଭାଗୀୟ ମୁଖ୍ୟମାନେ ଉପସ୍ଥିତ ଥିଲେ। ଡିଗ୍ରୀ ଲାଭ ପରେ ଛାତ୍ରୀଛାତ୍ରଙ୍କୁ ଶପଥପାଠ କରାଯାଇଥିଲା।



ରାଉରକେଲାସ୍ଥିତ ଏନ୍‌ଆଇଟିର ୨୧ତମ ସମାବର୍ତ୍ତନ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

## ସଂକ୍ଷେପରେ

### ଓଡ଼ିଆ ସାହିତ୍ୟ, ଶ୍ରୀଜଗନ୍ନାଥ ସଂସ୍କୃତି ଉପରେ ପ୍ରତିଯୋଗିତା

**କୁଚିଣ୍ଡା,୨୦ା୧(ବିରଞ୍ଚି ଦର୍ଜୀ)**

କୁଚିଣ୍ଡା କଲେଜରେ ଓଡ଼ିଆ ଭାଷା ସାହିତ୍ୟକୁ ଲୋକପ୍ରିୟ ତଥା ସାର୍ବଜନୀନ କରିବା ଏବଂ ଶ୍ରୀଜଗନ୍ନାଥ ସଂସ୍କୃତି ଉପରେ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରାଧ୍ୟାପିକା ସୁଭଦ୍ରା ଦାସଙ୍କ ସଭାପତିତ୍ୱରେ ଯୁକ୍ତ୨ ଓ ଯୁକ୍ତ୩ ବିଭାଗରେ ହୋଇଥିବା କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଯୁକ୍ତ୨ ବର୍ଗ ସଙ୍ଗୀତରେ ପ୍ରିୟଙ୍କା ସାହୁ ପ୍ରଥମ, ତିଳୋତ୍ତମା ବାଗ ଦ୍ୱିତୀୟ, ଚନ୍ଦ୍ରକାନ୍ତି ହରିପାଲ ତୃତୀୟ ଓ ନୃତ୍ୟରେ ପ୍ରିୟଙ୍କା ସାହୁ ପ୍ରଥମ, ପ୍ରିୟନି ସାହୁ ଦ୍ୱିତୀୟ, ଭୂମିକା ଭଞ୍ଜ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ଯୁକ୍ତ୩ ବର୍ଗ ସଙ୍ଗୀତରେ ରିଙ୍କୁ କୁସୁମ ପ୍ରଥମ, ଶୁଭଶ୍ରୀ ଶତପଥୀ ଦ୍ୱିତୀୟ, ଦୁସ୍ମିତା ତନ୍ତୀ ତୃତୀୟ ଓ ନୃତ୍ୟରେ ଲିପୁନ ବଡେଇ ପ୍ରଥମ, ପ୍ରୀତିରାଣୀ ପ୍ରଧାନ ଦ୍ୱିତୀୟ ଓ କିରଣ ବାଗ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଯୁକ୍ତ୨ ସଂଯୋଜିକା ଅଧ୍ୟାପିକା ଡ. ସଞ୍ଜୁଶ୍ରୀ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଯୁକ୍ତ୩ ପ୍ରାଧ୍ୟାପିକା ରଞ୍ଜନି ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ବସାଲୋଇଗୁଡ଼ିରେ ଶାମ୍ବଦଶମୀ ପୂଜା

**ନାକଟିଦେଉଳ, ୨୦ା୧(ବୈକୁଣ୍ଠ ନାଥ ସାହୁ)**

ନାକଟିଦେଉଳ ବ୍ଲକ ସାଲେଭଟା ପଞ୍ଚାୟତ ବସାଲୋଇଗୁଡ଼ିରେ ଶନିବାର ପବିତ୍ର ଶାମ୍ବ ଦଶମୀ ତଥା ଗଣ୍ଡ ସମାଜର ଆରାଧ୍ୟ ଦେବତା ଜଂଘା ଲିଙ୍ଗା ବଡଦେଓଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ସକାଳୁ ଗଣ୍ଡ ସମାଜର ଶତାଧିକ ମହିଳା କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଗୁଡ଼ି ଘର ପର୍ଯ୍ୟନ୍ତ ଆସି ପୂଜା ମଣ୍ଡପରେ କଳସ ସ୍ଥାପନା କରିଥିଲେ। ସୂର୍ଯ୍ୟ ଉପାସନା ପରେ ପାରମ୍ପରିକ ରୀତିନୀତିରେ ସେମାନଙ୍କ ଆରାଧ୍ୟ ଦେବତା ଜଂଘା ଲିଙ୍ଗା ବଡ଼ଦେଓଙ୍କ ପୂଜାର୍ଚ୍ଚନା କରିଥିଲେ। ଗୁଡିର ମୁଖ୍ୟ ପୂଜକ ମଧୁ ଗଡ଼ତ୍ୟା ପୂଜା କାର୍ଯ୍ୟ ସମ୍ପାଦିତ କରିଥିବା ବେଳେ ପୂଜା କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ଗଡ଼ତ୍ୟା ଓ ସମ୍ପାଦକ ଗଦାଧର ସାହୁ ପରିଚାଳନା କରିଥିଲେ। ବସାଲୋଇଗୁଡ଼ି ସଭାପତି ବିଭୂତି ଭୂଷଣ ନାୟକ ଓ ସମ୍ପାଦକ ଦୁଷ୍ମନ୍ତ ନାୟକ ସହଯୋଗ କରିଥିବା ବେଳେ ଏହି ପୂଜାରେ ସାଲେଭଟା, ବାଟଗାଁ, ଯାମୁଯୋରୀ ଓ ସାହେବୀ ଗ୍ରା. ପ.ର ଗଣ୍ଡ ସମାଜର ସାହସ୍ରାଧିକ ମହିଳାପୁରୁଷ ଯୋଗଦେଇଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# କିଲିମାଞ୍ଜାରୋ ଗିରିଶୃଙ୍ଗ ଆରୋହଣ କରିବେ ଶଶୀଭୂଷଣ

**ଦେବଗଡ଼,୨୦ା୧(ଶଶାଙ୍କ ଶେଖର ଝାଙ୍କର)**

ଆଫ୍ରିକା ମହାଦେଶର ଉଚ୍ଚତମ ଗିରିଶୃଙ୍ଗ କିଲିମାଞ୍ଜାରୋ ଆରୋହଣ କରିବେ ଦେବଗଡ ଜିଲାର ପର୍ବତାରୋହୀ ଶଶୀଭୂଷଣ ମାଝି। ଚଳିତ ମାସ ୨୬ରେ ସେ କିଲିମାଞ୍ଜାରୋ ଗିରିଶୃଙ୍ଗ(୫୮୯୫ମିଟର-୧୯୩୪୦ଫୁଟ)ଆରୋହଣ କରିବାର କାର୍ଯ୍ୟକ୍ରମ ରହିଛି। ଇସ୍ପାତ ଓ ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଦେବଗଡ ଗସ୍ତ ଅବସରରେ ସର୍କିଟ ହାଉସ ଠାରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଓ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇଙ୍କ ଉପସ୍ଥିତିରେ ଶଶୀ ଭୂଷଣଙ୍କୁ ଉତ୍ସାହିତ କରିବାସହ ସଫଳତା ନିମନ୍ତେ ଶୁଭକାମନା ଜଣାଇଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ବିଜେଡି ସଭାପତି ଇଂ.ଚିତରଞ୍ଜନ ପ୍ରଧାନ, ବିଜେଡି ରାଜ୍ୟ ସମ୍ପାଦକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ବାରକୋଟ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାତ୍ର, ଜିଲା ସରପଞ୍ଚ ସଂଘ ସଭାପତି ସତ୍ୟ ନାରାୟଣ ପାଣି ଓ ବାରକୋଟ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଦେବେନ୍ଦ୍ର କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ।

# ଅପୂର୍ବ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ


ବାର୍ଷିକ ଉତ୍ସବ ଅବସରରେ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

**ଦେବଗଡ଼, ୨୦ା୧(ଶଶାଙ୍କ ଶେଖର ଝାଙ୍କର)**

ତିଲେଇବଣି ବ୍ଲକ ସୁଗୁଡା ପଞ୍ଚାୟତ ସଦର ମହକୁମା ସ୍ଥିତ ଅପୂର୍ବ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ପାଳିତ ହୋଇଯାଇଛି। ଅପରାହ୍ଣରେ ପ୍ରଧାନ ଶିକ୍ଷକ ରାମେଶ୍ୱର ନାଏକଙ୍କ ସଭାପତିତ୍ୱ ଓ ସୁଗୁୟଡା ସିଆର୍‌ସିସି ପ୍ରାଣବନ୍ଧୁ ଘଡେଇଙ୍କ ସଂଯୋଜନାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସ୍ୱତନ୍ତ୍ର ଅଧିକାରୀ ଭାବେ ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା, ବାରକୋଟ ବ୍ଲକ ଶିକ୍ଷା ଅଧିକାରୀଣି ଗାୟତ୍ରୀ ସାହୁ, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ପଦ୍ମଲୋଚନ ପ୍ରଧାନ ଓ ବିଦ୍ୟାଳୟ 'ମୋ ସ୍କୁଲ ଅଭିଯାନ' ର ସଭାପତି ଧରଣୀଧର ସାହୁ ଓ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଅଜୟ କୁମାର ପ୍ରଧାନ ଯୋଗଦେଇ ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ତ୍ରିନାଥ ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ଶିକ୍ଷକ ହିମାଂଶୁ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସର୍ବାଧିକ ନମ୍ବର ରଖି କୃତକାର୍ଯ୍ୟ ହୋଇଥିବା ଓ ସର୍ବାଧିକ ଉପସ୍ଥାନ ଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଶ୍ରେଷ୍ଠ ଛାତ୍ରୀ ଭାବେ ସ୍ମିତିପ୍ରଜ୍ଞା ସାହୁ ଓ ଶ୍ରେଷ୍ଠ କ୍ଲବ ଭାବେ ସୂର୍ଯ୍ୟମୁଖୀ କ୍ଲବର କ୍ୟାପ୍ଟେନ ସ୍ୱାଗତ କୁମାର ସାହୁ, ଆଦ୍ୟାଶା ସାହୁ, ସହଯୋଗୀ ଶିକ୍ଷକ ପିଣ୍ଟୁ ସାହୁ ଓ ବିଭୂତି ଭୂଷଣ ଧଳଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ ଦୀପୀକା ମିଞ୍ଜ, ପିଣ୍ଟୁ ସାହୁ, କେ. ଅନୀଲ କୁମାର, ପରମେଶ୍ୱର ସିଂ ଓ ସୁନନ୍ଦା ପାତ୍ରଙ୍କ ନିର୍ଦ୍ଦେଶନାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ୧୦ମ ଶ୍ରେଣୀ ଛାତ୍ରୀ ପପି ସାହୁଙ୍କ ରଚିତ ଓ ବରିଷ୍ଠ ଶିକ୍ଷକ ତ୍ରିନାଥ ସାହୁଙ୍କ ନିର୍ଦ୍ଦେଶନାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା କ୍ଷୁଦ୍ର ନାଟକ 'ସୁନା ପଂଜୁରୀରେ ପେଚା ଚଢେଇ' ମଞ୍ଚସ୍ଥ ହୋଇଥିଲା। ପପି ସାହୁ ଓ ତରଣୀସେନ ବିଶ୍ୱାଳଙ୍କୁ ଶ୍ରେଷ୍ଠ କଳାକାର ଓ ଶ୍ରେଷ୍ଠ ସାଂସ୍କୃତିକ ଦଳ ଭାବେ ଅଷ୍ଟମ ଶ୍ରେଣୀ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ତ୍ରିବେଣୀକାନ୍ତ ସାହୁ, ସଦାନନ୍ଦ ସ୍ୱାଇଁ, ରଶ୍ମିତା ପ୍ରଧାନ, ଦୁର୍ଯ୍ୟୋଧନ ସାହୁ, ସାଫଲ୍ୟ ଆଚାର୍ଯ୍ୟ, ବିଭୂତି ଭୂଷଣ ଧଳ, ପ୍ରଭାସ ନନ୍ଦ, ସୋନୁ ବିଶ୍ୱାଳ ଓ ସୁଜିତ କୁମାର ପ୍ରଧାନଙ୍କ ସମେତ ପରିଚାଳନା ସମିତିର ସଦସ୍ୟାସଦସ୍ୟ ସକ୍ରିୟ ସହଯୋଗ କରିଥିଲେ।

# ଟାଇଁସର ଚାମ୍ପିୟନ, କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ

**ଦେବଗଡ଼,୨୦ା୧(ଶଶାଙ୍କ ଶେଖର ଝାଙ୍କର)**

ତିଲେଇବଣି ବ୍ଲକ ଦୁଧିଆନାଳି ପଞ୍ଚାୟତ ସଦର ମହକୁମାରେ ବାପୁଜୀ କ୍ଲବ ଆନୁକୂଲ୍ୟରେ ମୋଟ ୮ଟି ଦଳକୁ ନେଇ ଚାଲିଥିବା କ୍ରିକେଟ ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଭାଲୁଚବା କ୍ରିକେଟ କ୍ଲବକୁ ପରାସ୍ତ କରି ଟାଇଁସର କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚକୁ ଅମ୍ପାୟାର ଭାବେ ରବୀନ୍ଦ୍ର ଠାକୁର ଓ ଚିଣ୍ଟୁ ମିଶ୍ର ପରିଚାଳନା କରିଥିଲେ। ଅପରାହ୍ଣରେ ବାପୁଜୀ କ୍ଲବର ସଭାପତି ଆକାଶ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ତିଲେଇବଣୀ ବ୍ଲକ ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ସମ୍ମାନିତ ଅତିଥିଭାବେ ଉପାଧ୍ୟକ୍ଷା ଆରତୀ ପ୍ରଧାନ, ପୂର୍ବତନ ଜିଲା ପରିଷଦ ସଦସ୍ୟ ଯୋଗେଶ ପ୍ରଧାନ ଓ ଦୁଧିଆନାଳି ପଞ୍ଚାୟତ ସମିତି ସଦସ୍ୟା ଚିନୁପ୍ରୀୟା ଯୋଗଦେଇ ଚାମ୍ପିୟନ ଟାଇଁସର କ୍ରିକେଟ କ୍ଲବ ଓ ରନର୍ସ ଅପ୍ ଭାଲୁଚବା କ୍ରିକେଟ କ୍ଲବକୁ ଟ୍ରଫୀ ସହ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ପ୍ରତିଯୋଗିତା ଆୟୋଜନରେ ବାପୁଜୀ କ୍ଲବର ସଦସ୍ୟ ସିଲୁ ସାହୁ, ବିଭୂତି ଭୋଇ,ସିବନ ସାହୁ ଓ ଆକାଶ ସାହୁଙ୍କ ସମେତ ସମସ୍ତ ସଦସ୍ୟ ସକ୍ରିୟ ସହଯୋଗ କରିଥିଲେ। ଶେଷରେ କ୍ଲବର ସମ୍ପାଦକ ଶିବ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।


ଚାମ୍ପିୟନ ଦଳକୁ ପୁରସ୍କୃତ କରାଯାଉଛି।

# ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଘାଟିତ

**ଦେବଗଡ଼,୨୦ା୧(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ ମହାବିଦ୍ୟାଳୟ ବିଜୁପଟ୍ଟନାୟକ ପ୍ରେକ୍ଷାଳୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ତଥା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟନ ଉପଲକ୍ଷେ ନୂଆ - ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ.ସୁଦାମ କୁମାର ପରିଡ଼ାଙ୍କ ପୌରହିତ୍ୟରେ ଆୟୋଜିତ ଏହି ସଭାରେ ମୁଖ୍ୟ ଅତିଥିଭାବେ ଦେବଗଡ଼ ସ୍ନାତକ ମହିଳା ମହବିଦ୍ୟାଳୟ ଇତିହାସ ବିଭାଗର ଅଧ୍ୟାପକ ଧୀରେନ୍ଦ୍ର କୁମାର ନାଗ ଯୋଗଦେଇ ଥିବା ବେଳେ ଯୁକ୍ତ ୨ ଓଡ଼ିଆ ବିଭାଗ ଅଧ୍ୟାପକ ଚିତ୍ତରଞ୍ଜନ ଦାସ ମୁଖ୍ୟ ବକ୍ତାଭାବେ ଯୋଗଦେଇଥିଲେ। ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ବିଭାଗର ନୋଡାଲ ଅଧିକାରୀ(ଯୁକ୍ତ ୩) ଅଧ୍ୟାପକ ଡ. ସୁରେନ୍ଦ୍ର କୁମାର ଦାସ, (ଯୁକ୍ତ ୨)ନୋଡାଲ ଅଫିସର ଅଧ୍ୟାପିକା ଚାନ୍ଦିନୀ ଶା, ପ୍ରାଧ୍ୟାପକ ସଞ୍ଜୀବ କୁମାର ଦାଶ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପ୍ରତିଯୋଗୀତାରେ ଭାଗ ନେବା ନିମିତ୍ତେ ଉତ୍ସାହିତ କରିଥିଲେ। ମୁଖ୍ୟ ଅତିଥି ଓଡ଼ିଆ ଭାଷା ଓ ସାହତ୍ୟ ଉପରେ ଆଲୋକପାତ କରିଥିବା ବେଳେ ମୁଖ୍ୟ ବକ୍ତା ଦାସ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ତଥା ଜଗନ୍ନାଥ କିପରି ଘନିଷ୍ଠ ଭାବରେ ଜଡ଼ିତ ସେ ବିଷୟରେ ମତ ରଖିଥିଲେ। ପରେ ଶ୍ରୀଜନ୍ନାଥଙ୍କ ଭଜନ ପ୍ରତିଯୋଗୀତା କରାଯାଇଥିଲା ଏବଂ ଜଗନ୍ନାଥ ଚଳଚ୍ଚିତ୍ର ପ୍ରଦର୍ଶୀତ ହୋଇଥିଲା। ଏଥିରେ ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପିକ ତଥା କର୍ମଚାରୀ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

# ଏକଲବ୍ୟ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରତିଯୋଗିତା


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

**ଦେବଗଡ଼,୨୦ା୧(ଶଶାଙ୍କ ଶେଖର ଝାଙ୍କର)**

ତିଲେଇବଣି ବ୍ଲକ କଂସର ଗ୍ରାମସ୍ଥିତ ଏକଲବ୍ୟ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମର ଶିକ୍ଷାନୁଷ୍ଠାନସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଓ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷା ବିନିତା ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରିଆମାଳ ନବଦିଗନ୍ତ ସାହିତ୍ୟ ସଂସଦର ସଂପାଦକ ଗୋଲବଦନ ବିଶ୍ୱାଳ ମୁଖ୍ୟଅତିଥି, ଅବସରପ୍ରାପ୍ତ ଖେଳ ଶିକ୍ଷକ ଟଙ୍କଧର ପ୍ରଧାନ ସମ୍ମାନିତ ଅତିଥିଭାବେ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ ନୋଡାଲ ଅଫିସର ବେଲୋଚନ ମହାପାତ୍ର ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅଧ୍ୟାପିକା ସୁରଭି ଧରୁଆ, ଅନୁପ ବାର୍ଲା, ଆକାଶ ଦାସ, ଦେବଦତ୍ତ ପ୍ରଧାନଙ୍କ ସମେତ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବାରିକ ସମାଜର ବିଶ୍ୱକର୍ମା ଯୋଜନା ସଚେତନତା ବୈଠକ

**ରିଆମାଳ, ୨୦ା୧(ନିରନ ବେହେରା)**

ଦେବଗଡ ଜିଲା ରିଆମାଳ ବ୍ଲକ ୨୬ ପଞ୍ଚାୟତର ବାରିକ ଭାଇମାନଙ୍କୁ ନେଇ ଛତାବର ନିକଟସ୍ଥ ଶୃତି କଟେଇଠାରେ ଏକ ସଚେତନତା ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି । ଭାଜପା ଯୁବମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁଧିର କୁମାର ବ୍ରହ୍ମା (ନିଲୁ ଭାଇ)ଙ୍କ ଆବାହକତ୍ୱରେ ବୈଠକ ହୋଇଥିଲା। ବୈଠକରେ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନାର ସଚେତନତା ଓ ଉପକାରିତା, ଅନଲାଇନରେ କିପରି ଆବେଦନ କରି ଯୋଜନାରେ ଉପକୃତ ହୋଇପାରିବ ସେନେଇ ଆଲୋଚନା ହୋଇଥିଲା। କେନ୍ଦ୍ର ସରକାରଙ୍କ ଏହି ଯୋଜନା ଦ୍ୱାରା କିପରି କମ୍ ସୁଧରେ ଲୋନ୍ ନେଇ ରୋଜଗାରକ୍ଷମ ହୋଇପାରିବ ସେନେଇ ବୁଝାଇଥିଲେ। ମଦନ ବେହେରା, ଲିପୁନ ବାରିକ, ବରୁଣ ଫତକାର, ଅଜୟ ଦାସଙ୍କ ସହ ରିଆମାଳ ବ୍ଲକର ବହୁ ବାରିକ ଭାଇମାନେ ଉପସ୍ଥିତ ଥିଲେ ।


ସଚେତନତା ବୈଠକରେ ଉପସ୍ଥିତ ସୁଧିର କୁମାରଙ୍କ ସହ ଅନ୍ୟମାନେ।

# ଆର୍‌ଇସି କ୍ୟାମ୍ପସ ସ୍କୁଲରେ ଶିକ୍ଷକ ଅଭିଭାବକ ସମାବେଶ

**ରାଉରକେଲା,୨୦ା୧(ସଙ୍ଗୀତା ଜେନା)**

ଆର୍‌ଇସି କ୍ୟାମ୍ପସ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଶିକ୍ଷକ ଓ ଅଭିଭାବକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସୁଦୀପ୍ତା ବେହେରାଙ୍କ ସଭାପତିତ୍ୱରେ ଆଲୋଚନା ଆସର ଓ ପୁରସ୍କାର ବିତରଣ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଖବରଦାତା ବୈଦ୍ୟନାଥ ମିଶ୍ର, ଦିଲୀ ପବ୍ଲିକ ସ୍କୁଲ ଗଣିତ ଶିକ୍ଷକ ସୌମ୍ୟ ପ୍ରସାଦ ନନ୍ଦ, କ୍ରୀଡ଼ା ଶିକ୍ଷୟିତ୍ରୀ ସୋଫିଆ ମିଞ୍ଜ ସମ୍ମାନିତ ଅତିଥି ଏବଂ ସାହିତ୍ୟିକ ଗୌତମ ଦାସ ମୁଖ୍ୟ ଆଲୋଚକ ଭାବେ ମଞ୍ଚାସୀନ ଥିଲେ। ନବମ ଓ ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ନେଇ ୪ଟି କ୍ଲବରେ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ପ୍ରକଳ୍ପଗୁଡ଼ିକର ମୂଲ୍ୟାୟନ କରାଯାଇଥିଲା। ବରିଷ୍ଠ ଶିକ୍ଷୟିତ୍ରୀ ସୁଜାତା ତ୍ରିପାଠୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ନିରୂପମା ପତି ମଞ୍ଚ ପରିଚାଳନା କରିଥିଲେ। ସମାବେଶରେ କ୍ରୀଡ଼ା ଶିକ୍ଷକ ଅଜୟ ରାଉତ ଓ ଏନ୍‌ସିସି ଅଫିସର ସରୋଜ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସରୋଜ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ଭଜନ, ହନୁମାନ ଚାଳିଶା ପଠନ

ଗୁଡଭେଲା,(ମନୋଜ କୁମାର ଜୈନ): ଆଗାମୀ ୨୨ତାରିଖରେ ଅଯୋଧାରେ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ହେବ। ଏହା ଅବ୍ୟବହିତ ପୂର୍ବରୁ ଶନିବାର ବଲାଙ୍ଗୀର ତୁଷୁରା ମାରୱାଡି ମହିଳା ମଣ୍ଡଳ ଓ ଜାଗୃତି ଶାଖା ପକ୍ଷରୁ ଜଗନ୍ନାଥ ମନ୍ଦିରରେ ଭଜନ ଓ ଚାଳିଶା ପାଠ ଅନୁଷ୍ଠିତ ହୋଇଥିଲା। ଏହା ପୂର୍ବରୁ ସ୍ଥାନୀୟ ରାମ ମନ୍ଦିରରୁ ଏକ ଭବ୍ୟ ଶୋଭାଯାତ୍ରାରେ ରାମ, ଲକ୍ଷ୍ମଣ, ସୀତା ଓ ହନୁମାନ ବେଶରେ ସଜ୍ଜିତ ଶିଶୁ ମାନେ ସହର ପ୍ରିକ୍ରମା କରିଥିଲେ ।

# ବଜ୍ରକାପ୍ତା ଜବତ: ଶିକ୍ଷକଙ୍କ ସହ ୨ ଗିରଫ



ଜୀବନ୍ତ ବଜ୍ରକାପ୍ତା ସହ ଗିରଫ ଦୁଇ ବ୍ୟକ୍ତି ଓ ବନକର୍ମଚାରୀ।

ନୂଆପଡ଼ା/ସିନାପାଲି, ୨୦।୧ (ମକାରୁ ବେମାଲ/ମନଫୁଲ ମେହେର)

ନୂଆପଡ଼ା ଜିଲା ସିନାପାଲି ବ୍ଲକ ନଙ୍ଗଲବୋଡଠାରେ ଶୁକ୍ରବାର ରାତିରେ ବନବିଭାଗ ପକ୍ଷରୁ ଚଢାଉ କରାଯାଇ ଜୀବନ୍ତ ବଜ୍ରକାପ୍ତା ସହ ବଜ୍ରକାପ୍ତାକାତି ଜବତ କରାଯାଇଛି। ଏହି ଘଟଣାରେ ଘାଟମାଲ ପ୍ରାଇମେରୀ ସ୍କୁଲର ଶିକ୍ଷକ ଦିନେଶ ମାଝି ଓ ତାଙ୍କ ସମ୍ପର୍କୀୟ ଭାଇ ତୁପଣ ମାଝିଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ବଜ୍ରକାପ୍ତା ବିକ୍ରି ପାଇଁ ଡିଲ୍ ହେଉଥିବା ଖବରପାଇ ଖଡ଼ିଆଳ

### ବିକ୍ରି ପାଇଁ ଡିଲ୍‌ବେଳେ ବନବିଭାଗ ଚଢ଼ାଉ

ଡିଏଫ୍‌ଓ ନିତେଶ କୁମାରଙ୍କ ନିର୍ଦ୍ଦେଶ କ୍ରମେ ଏସିଏଫ୍ ମହମ୍ମଦ ସାଲିଆ ଖାନଙ୍କ ନେତୃତ୍ୱରେ ଚଢାଉ କରାଯାଇଥିଲା। ସିନାପାଲି ବନାଞ୍ଚଳ ଅଧିକାରୀ ମୁରାରୀ ପ୍ରସାଦ ପଣ୍ଡା ଓ ଛତିଶଗଡ଼ ଉଦନ୍ତି ଟାଇଗର ରିଜର୍ଭ ଏସିଏଫ ଗୋପାଳ କସ୍ୟପ ଓ ଅନ୍ୟ ବନବିଭାଗ କର୍ମଚାରୀ ସାମିଲ ହୋଇଥିଲେ। ବନବିଭାଗ କର୍ମଚାରୀ ୧୨ କେଜି ୩ଶହ ଗ୍ରାମର ଏକ ଜୀବନ୍ତ ବଜ୍ରକାପ୍ତା, ଦୁଇ କେଜି ୭ଶହ ଗ୍ରାମ ବଜ୍ରକାପ୍ତା କାତି, ମୋବାଇଲ, ବାଇକ୍ ଜବତ କରିଥିଲେ। ଏହି ଚଢାଉରେ ସିନାପାଲି ବନବିଭାଗ ଫରେଷ୍ଟ ଗାର୍ଡ ଚୁଡାନାଥ ସରାପ, ଉପେନ୍ଦ୍ର ମହାହୁତି, ମନୋଜ ବାଗ, ସୁଜାତା ବଡମାଲି, କୁଲେଶ୍ୱରି ମାଝି ସମେତ ଉଭୟ ଓଡ଼ିଶା ଓ ଛତିଶଗଡ଼ର ବନ କର୍ମଚାରୀ ସାମିଲ ଥିଲେ।

## ସଂକ୍ଷେପରେ

### ନୂଆପାଲି ଧନୁଯାତ୍ରା ମହୋତ୍ସବ ଉଦ୍‌ଘାଟିତ

ଦେଓଗାଁ,୨୦।୧(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉପରଝର ପଞ୍ଚାୟତ ନୂଆପାଲି ଧନୁଯାତ୍ରା ମହୋତ୍ସବ ଶନିବାର ଉଦ୍‌ଘାଟିତ ହୋଇଛି । ସଭାପତି କୌସ୍ତୁଭମଣି ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଦିବସରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ଯଶୋବନ୍ତୀ ନାଏକ, ସମ୍ମାନୀତ ଅତିଥିଭାବେ ଉପରଝର ପାକ୍ସ ସଭାପତି କପିଳେଶ୍ୱର ନାଏକ, ସମିତି ସଭ୍ୟା ବୀଣାପାଣି ବିଶ୍ୱାଳ, ପ୍ରମୋଦ ବହିଦାର ଓ ବିଜେଡି ବ୍ଲକ ଯୁବ ସଭାପତି ଶୈଳେନ୍ଦ୍ର କୁମାର ସାହୁ ଯୋଗଦେଇଥିଲେ । ପ୍ରଥମ ଦିବସରେ ଉଗ୍ରସେନ ରାଜା ଗାଦିଚ୍ୟୁତ, କଂସ ମହାରାଜଙ୍କ ସିଂହାସନ ଶୂନ୍ୟବାଣୀ ଓ ଦେବକୀ-ବସୁଦେବଙ୍କୁ ବନ୍ଦୀଶାଳାକୁ ନିକ୍ଷେପ ଆଦି ଦୃଶ୍ୟ ମଞ୍ଚସ୍ଥ ହୋଇଥିଲା। ଉଗ୍ରସେନ ଭୂମିକାରେ ଶ୍ୟାମ ସୁନ୍ଦର ମେହେର, ମନ୍ତ୍ରୀ ସୁବାଷ ବାଗ, ବସୁଦେବ ଅଜୟ ସାହୁ, ଦେବକୀ ସସ୍ମିତା ଦାସ, ସଖା କେଶିଦତ୍ୟ ଗଙ୍ଗାଜଳ ମେହେର ଓ କଂସ ଭୂମିକାରେ ପ୍ରଫୁଲ୍ଲ ମେହେର ଅଭିନୟ କରିଥିଲେ ।

### ମା'ବାପା ଛେଉଣ୍ଡ ଦୁଇ ଭଉଣୀ ପାଖରେ ପହଞ୍ଚିଲା ଜିଲା ଶିଶୁ ସୁରକ୍ଷା ବିଭାଗ



**ରାଜ୍ୟ ମଙ୍ଗଳ ବୋର୍ଡ ଅଧକ୍ଷା କଲ୍ୟାଣୀ ନାଏକଙ୍କ ମହାନତା**

ବେହେରା, ୨୦।୧( ଭୂପେଶ ତିୱାରୀ)

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଅନ୍ତର୍ଗତ ପର୍ଲା ପଞ୍ଚାୟତ ସେମଲା ଗ୍ରାମର ବାପା' ମା ଛେଉଣ୍ଡ ଦୁଇ ଅନାଥ ଝିଅ ପାଖକୁ ପହଞ୍ଚିଲା ଜିଲା ଶିଶୁ ସୁରକ୍ଷା ବିଭାଗ। ଅସହାୟ ଫୁଲମତି ସାହୁ (୧୫) ଏବଂ ଉର୍ବଶୀ ସାହୁ (୧୦) ଦୁନିଆକୁ ଭଲ ଭାବରେ ଦେଖି ନ ଜାଣିବା ଆଗରୁ ମା'ବାପା ଆରପାରିକୁ ଚାଲିଗଲେ। ମା' ରୋହିଣୀ ସାହୁଙ୍କ ୩ ବର୍ଷ ତଳେ ଦେହାନ୍ତ ହୋଇଥିବାବେଳେ ଗତ ୮ ଦିନ ତଳେ ବାପା ଦୟାନିଧିଙ୍କ ଦେହାନ୍ତ ହୋଇଯାଇଥିଲା। ବାପା' ମା'ଙ୍କ ଦେହାନ୍ତ ପରେ ଫୁଲମତି ଓ ଉର୍ବଶୀ ଅନାଥ ଅସହାୟ ହୋଇ ରହିଯାଇଥିଲେ। ବାପା ମା ହରାଇଥିବା ଦୁଇ ଭଉଣୀ ଦୁନିଆର ଭଲମନ୍ଦ ବିଷୟରେ ମଧ ଜାଣି ନ ଥିଲେ। ଦୁଇ ଭଉଣୀଙ୍କ କରୁଣ କାହାଣୀ ଜାଣିବା ପରେ ଶନିବାର ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ସୁଧାଂଶୁ ଶେଖର ମହାପାତ୍ର, ଗୁରୁପ୍ରସାଦ ନାଏକଙ୍କ ସମେତ ରାଜ୍ୟ ମଙ୍ଗଳ ବୋର୍ଡ ଯୋଜନା ଅଧକ୍ଷା କଲ୍ୟାଣୀ ନାଏକ, ଧର୍ମଗଡ ଏନଏସି ଉପାଧକ୍ଷା ମନୀଷା ମିଶ୍ର, ସମାଜସେବୀ ବିବେକ ରଞ୍ଜନ ମିଶ୍ର ପ୍ରମୁଖ ଦୁଇ ଭଉଣୀ ପାଖରେ ପହଞ୍ଚି ସମସ୍ତ ସରକାରୀ ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଦୁଇ ଭଉଣୀଙ୍କୁ ବୁଧବାର ଶିଶୁ ସୁରକ୍ଷା ବିଭାଗରେ ଭର୍ତ୍ତି କରାଯିବ ବୋଲି ଜିଲା ଶିଶୁ ସୁରକ୍ଷା ବିଭାଗର କର୍ମଚାରୀ ସୁଧାଂଶୁ ଶେଖର ମହାପାତ୍ର କହିଥିଲେ।

# ୭ ରୂପାନ୍ତରଣ ହାଇସ୍କୁଲ ଲୋକାର୍ପିତ



କେଉଁଟପାଲି ଆଦିବାସୀ ହରିଜନ ହାଇସ୍କୁଲ ଲୋକାର୍ପଣ ଉତ୍ସବର ଅତିଥି।

ଲୋଇସିଂହା ୨୦।୧(ସୁଶାନ୍ତ ବାରିକ)

ଚତୁର୍ଥ ପର୍ଯ୍ୟାୟରେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକର ୭ଟି ୫-ଟି ରୂପାନ୍ତରିତ ହାଇସ୍କୁଲ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଶନିବାର ଲୋକାର୍ପିତ ହୋଇଛି। ସେହି ଶିକ୍ଷାନୁଷ୍ଠାନ ଗୁଡିକ ହେଲା କେଉଁଟପାଲି ଆଦିବାସୀ ହରିଜନ ହାଇସ୍କୁଲ, ହୀରାପୁର ରାଧାକୃଷ୍ଣ ହାଇସ୍କୁଲ, କେଉଁଟପାଲି କୁଟେନପାଲି ପଞ୍ଚାୟତ ହାଇସ୍କୁଲ, ଝାରମୁଣ୍ଡା, କନ୍ଦାଜୁରୀ, ରାତାଖଣ୍ଡି, ରେଙ୍ଗାଲି ଆଦି ସ୍କୁଲ। କେଉଁଟପାଲି ଲୋକାର୍ପଣ ଉତ୍ସବରେ ବିଡ଼ିଓ ଯୁଧିଷ୍ଠିର ମେହେର, ବ୍ଲକ ଅଧକ୍ଷ ଜତିନ୍ଦ୍ର ପଟେଲ, ସରପଞ୍ଚ ବିଜୁଳି ପଧାନ, ସମିତି ସଭ୍ୟା ଜୟକୁମାରୀ ଧରୁଆ, ପରିଚାଳନା କମିଟି ସଭାପତି ବାହାଦୂର ନନ୍ଦ, ବ୍ଲକ ସହକାରୀ ଯନ୍ତ୍ରୀ ସିଦ୍ଧାର୍ଥ ପାଢ଼ୀ, କନିଷ୍ଠ ଯନ୍ତ୍ରୀ ଶୁଭସ୍ମିତା ବେହେରା, ପ୍ରଧାନଶିକ୍ଷକ ଶାନ୍ତିଲାଲ ନନ୍ଦ ଉପସ୍ଥିତ ଥିଲେ.। ଲୋକାର୍ପଣ ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ହିମାଂଶୁ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲକସ୍ତରୀୟ କଳାକାର ତାଲିମ କର୍ମଶାଳା

କୋକସରା,୨୦।୧(ଦୁଷ୍ମନ୍ତ କୁମାର ପାଟଯୋଷୀ)

ରାଜ୍ୟ ସଂସ୍କୃତି ବିଭାଗ, ଜିଲା ପ୍ରଶାସନ, କଳା ଓ ସଂସ୍କୃତି ସଂଘର ଆୟୋଜନରେ ପ୍ରତି ବ୍ଲକରେ ଲୁକ୍କାୟିତ ଅବସ୍ଥାରେ ରହିଥିବା ଲୋକ କଳାକାରଙ୍କୁ ଚୟନ କରି ପରବର୍ତ୍ତୀ ସମୟରେ କଳାକାରଙ୍କ ଆତ୍ମ ନିର୍ଭରଶୀଳ, ସ୍ୱାବଲମ୍ବୀ, ସୂଚନା, ଶିକ୍ଷା ଓ ଯୋଗାଯୋଗ ଅଭିଯାନରେ ଲୋକକଳାର ପ୍ରୟୋଗକୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୨ଟି ପଞ୍ଚାୟତର ବ୍ଲକ କଳା ସଂସ୍କୃତି ସଂଘରେ ପଞ୍ଜୀକୃତ ହୋଇଥିବା କଳାକାରମାନେ ଯୋଗ ଦେଇ ତାଲିମ ନେଇଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରାଙ୍କ ପରିଚାଳନାରେ ବରିଷ୍ଠ ଘୁମୁରା କଳାକାର ମହେଶ୍ୱର ସରାଫ ଓ ବ୍ଲକ କର୍ମଚାରୀ ମିହିର କୁମାର ବେହେରା କଳାକାର ଯୋଗ୍ୟତା ଚୟନ କରିଥିଲେ। ଏହି ତାଲିମ ଶିବିରରେ ବ୍ଲକର ୨୨ ପଞ୍ଚାୟତରୁ



କଳାକାରମାନଙ୍କ ତାଲିମ କର୍ମଶାଳା।

**ଯୋଗଦେଲେ ଲୋକ କଳାକାର**

ଘୁମୁରା, ନାଟ, ସଂକୀର୍ତ୍ତନ, ବନାବାଡି, ବଜାସାଲ, ଘୁଡୁକା, ରାହସ, ପାଲା, ଦାଶକାଠିଆର ଲୋକ କଳାକାରମାନେ ଆସି ଉପସ୍ଥିତ ଅଧିକାରୀଙ୍କ ନିକଟରେ ନିଜର କଳା ପ୍ରଦର୍ଶିତ କରିଥିଲେ। ତାଲିମ ଶିବିରରେ ଚୟନ କଳାକାର ଦଳ ଓଡ଼ିଶା ସରକାରଙ୍କ ୧୫ଟି ଲୋକାଭିମୁଖୀ ଯୋଜନା ବିଷୟରେ ସମସ୍ତ ଗ୍ରାମ ପଞ୍ଚାୟତ ତଥା ଗ୍ରାମ ବୁଲି ସମସ୍ତଙ୍କୁ ସଚେତନ ବାର୍ତ୍ତା ବାଣ୍ଟିବେ । ଗତ ୧୮ ଓ ୨୦ ତାରିଖ ଦୁଇ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ୨୫୦ ରୁ ଉର୍ଦ୍ଧ୍ୱ କଳାକାର ସାମିଲ ହୋଇଥିଲେ।

# ମେହେର ସମାଜ ସହ ୫-ଟି ଅଧକ୍ଷଙ୍କ ଆଲୋଚନା

**ଗଙ୍ଗାଧର ଶ୍ରାଦ୍ଧବାର୍ଷିକୀ ଓ ମହାସଭାରେ ଯୋଗଦାନ ପ୍ରତିଶ୍ରୁତି**

ସିନାପାଲି,୨୦।୧(ମନଫୁଲ ମେହେର)

ଭୁବନେଶ୍ୱର ଠାରେ ନିଖିଳ ଓ ମେହେର (ଭୁଲିଆ) ସମାଜ ପ୍ରତିନିଧିଙ୍କ ସହ ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ ଆଲୋଚନା କରିବା ସହ କବି ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧ ଶତବାର୍ଷିକୀ ଉତ୍ସବ ଓ ମେହେର ମହାସଭା ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ। ସମାଜ ତରଫରୁ ଉକ୍ତ ଉତ୍ସବରେ ଯୋଗଦାନ କରିବାକୁ ମୁଖ୍ୟମନ୍ତ୍ରୀ ଏବଂ ୫-ଟି ଅଧକ୍ଷଙ୍କୁ ନିମନ୍ତ୍ରଣ କରାଯିବାରୁ ନିର୍ବାଚନ ଆଚରଣ ବିଧିକୁ ନଜରରେ ରଖି ମୁଖ୍ୟମନ୍ତ୍ରୀଙ୍କ ସହ ଉତ୍ସବରେ ଯୋଗଦାନ କରିବାକୁ ସମୟ ନିର୍ଦ୍ଧାରଣ କରିବେ ବୋଲି ପାଣ୍ଡିଆନ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଆଲୋଚନା ବେଳେ କବି ଗଙ୍ଗାଧରଙ୍କ ସ୍ମୃତିରେ ବରପାଲିଠାରେ ନିର୍ମାଣାଧୀନ କାର୍ଯ୍ୟାଳୟ ବିଷୟରେ ପଚାରି ବୁଝିବା ସହ ଭୁବନେଶ୍ୱରଠାରେ ତିନି କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ଗଙ୍ଗାଧର ଭବନର ଭୂମିପୂଜା ଉତ୍ସବ ଚଳିତ ମାସରେ କରାଯିବ। ତେଣୁ ଏହି ଉତ୍ସବରେ ବହୁ ସଂଖ୍ୟାରେ ସମାଜ ପ୍ରତିନିଧି ଯୋଗ ଦେବାକୁ ଅନୁରୋଧ କରିଥିଲେ। ଏହି ସାକ୍ଷାତ ବେଳେ କବି ଗଙ୍ଗାଧର ମେହେରଙ୍କ ଏକ ଫଟୋ, ଗ୍ରନ୍ଥାବଳୀ ଓ ଉପଢୌକନ ଦେଇ ମେହେର ସମାଜ ତରଫରୁ ୫ଟି ଅଧକ୍ଷଙ୍କୁ ସମ୍ମାନିତ କରାଯାଇଥିଲ । ଏ ଅବସରରେ ନିଖିଳ ଓଡ଼ିଶା ମେହେର (ଭୁଲିଆ) ସମାଜର ସଭାପତି ବୈଶମ୍ପାୟନ ମେହେରଙ୍କ ସହ ପାଟଣାଗଡ଼ ବିଧାୟକ ସରୋଜ ମେହେର, ଭୁବନେଶ୍ୱର ସଭାପତି ମିହିର ମେହେର, ଉପସଭାପତି ଅଶୋକ ମେହେର, ବରପାଲି ସଭାପତି ମହେନ୍ଦ୍ର କୁମାର ମେହେର, ଉପସଭାପତି ପ୍ରସନ୍ନ ମେହେର ଉପସ୍ଥିତ ଥିଲେ।

# ଜଗନ୍ନାଥ ସଂସ୍କୃତି ଉପରେ ଆଲୋଚନା



ଲୋଇସିଂହା ମହାବିଦ୍ୟାଳୟ ଆଲୋଚନଚକ୍ରରେ ଅତିଥିମାନେ।

ଲୋଇସିଂହା,୨୦।୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ମହାବିଦ୍ୟାଳୟରେ ଜଗନ୍ନାଥ ସଂସ୍କୃତି ସମ୍ପର୍କରେ ଏକ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଯାଇଛି। ଆଲୋଚନାଚକ୍ରରେ ଅଧକ୍ଷ ଗୋବିନ୍ଦ ସାହୁ ଅଧ୍ୟକ୍ଷତା କରିଥିଲେ। ଏଥିରେ ବିଶିଷ୍ଟ ଗାଳ୍ପିକ ତଥା ସୁସାହିତ୍ୟିକ ପ୍ରଦୀପ କୁମାର ମିଶ୍ର ଯୋଗଦେଇ ଜଗନ୍ନାଥ ସଂସ୍କୃତିରେ ସର୍ବଧର୍ମ ସମନ୍ୱୟ ପ୍ରତିଫଳନ ଘଟିଛି ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ରାଜମଣି ସାହୁ ଜଗନ୍ନାଥ ସଂସ୍କୃତିରେ ବସୁଧୈବ କୁଟୁମ୍ବର ବାର୍ତ୍ତା ଉପରେ ଆଲୋଚନା କରିଥିଲେ। ପଣ୍ଡିତ କବିନ୍ଦ୍ର ବ୍ରହ୍ମଚାରୀ ଜଗନ୍ନାଥ ସଂସ୍କୃତି ଉପରେ ଆଲୋଚନା କରିଥିଲେ। ପ୍ରାଧାପକ ବିବେକାନନ୍ଦ ମିଶ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ହିମାଂଶୁ ମହାକୁର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଅଧାପକ ଡ. ଜଳଧାର ମଝି ଧନ୍ୟବାଦ ଅର୍ପଣ କରିଥିଲେ।

# ଡବଲସ ବ୍ୟାଡ ମିଣ୍ଟନ ଚାମ୍ପିୟନଶିପ ଉଦ୍‌ଘାଟିତ




ବ୍ୟାଡ଼ମିଣ୍ଟନ ଚାମ୍ପିୟନଶିପରେ ଖେଳାଳି, ଅତିଥି।

ଖଡ଼ିଆଲ,୨୦।୧(ସୁଜିତ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ସମଲେଶ୍ୱରୀ ମନ୍ଦିରଠାରେ ଖଡ଼ିଆଳ ଯୁବା ମୋର୍ଚ୍ଚା ପକ୍ଷରୁ ଡବଲସ ବ୍ୟାଡ଼ମିଣ୍ଟନ ଚାମ୍ପିୟନଶିପ ଉଦଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଖଡ଼ିଆଳ ରାଜା ଡ଼.ଜିତାମିତ୍ର ପ୍ରସାଦ ସିଂ ଦେଓ ଯୋଗଦେଇ ବ୍ୟାଡ଼ମିଣ୍ଟନ ଚାମ୍ପିୟନଶିପକୁ ଉଦଘାଟନ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବିନୋଦ ପାଢ଼ୀ, ବିଜୟ ବାବୁ , ଚିତରୁ ସିଂଦେଓ, ଲୋୟର ଇନ୍ଦ୍ର ଅଧିକ୍ଷଣୀ ଯନ୍ତ୍ରୀ ସୌମ୍ୟ ଟି ଜୟପୁରିଆ, ଅନିଲ ମେହେର, କୁନୁ କରୁଆଁ, ଯୁବାମଞ୍ଚ ସଭାପତି ଅଭିଳାଶ ସିଂଦେଓ, ଉପ ସଭାପତି ରିତେଶ ବାବୁ, ସମ୍ପାଦକ ପଞ୍ଚାନନ ସେଠି, ରଶ୍ମି ପାଣିଗ୍ରାହୀ. ସୁବୀର ସିଂଦେଓ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଉଭୟ ମହିଳା ଓ ପୁରୁଷ ବର୍ଗରେ ୩୫ ବର୍ଷରୁ କମ ଏବଂ ୩୫ ବର୍ଷରୁ ଉର୍ଦ୍ଧ୍ୱ ବର୍ଗରେ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଟିମ ଅଂଶଗ୍ରହଣ କରିଛନ୍ତି। ଆସନ୍ତା ୨୧ରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଏଥିରେ ଡ଼ା ସରୋଜ ପଣ୍ଡା, ସୌରଭ ପଣ୍ଡା, ତାପସ ପତି ପ୍ରମୁଖ ଖେଳ ପରିଚାଳନା କରିଥିବାବେଳେ ଆଲୋକ ରଥ, ପ୍ରସନ୍ନ ମାହାନା, ବାବୁନ ବିଶୋଇ, ବିଜୁ ସେଠି ପ୍ରମୁଖ ପୂର୍ଣ୍ଣ ସହଯୋଗ କରିଥିଲେ।

# ଭାଷା, ସାହିତ୍ୟ ସୃଜନଶୀଳତା ଉତ୍ସବ



ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବରେ ମଞ୍ଚାସୀନ ଅତିଥି।

ବଲାଙ୍ଗୀର,୨୦।୧(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଖୁଜେନପାଲିସ୍ଥିତ ଭଗବାନ ବିଦ୍ୟାମନ୍ଦିର ପ୍ରଧାନଶିକ୍ଷକ ସୁନୀଲ କୁମାର ଯୋଷୀଙ୍କ ସଭାପତିତ୍ୱରେ ଭାଷା, ସାହିତ୍ୟ ଓ ସୃଜନଶୀଳତାର ଉତ୍ସବ ପାଳିତ ହୋଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ସମାଜସେବୀ ବିକ୍ରମାନନ୍ଦ ବହିଦାର ଓ ସମ୍ମାନିତ ଅତିଥି ଭାବେ ସଂଗ୍ରାମ କେଶରୀ ବହିଦାର, ସମିତି ସଭ୍ୟା ସୂର୍ଯ୍ୟକାନ୍ତୀ ସାହୁ, ଭୂପିନ୍ଦ୍ର ପ୍ରସାଦ ସିଂ ଓ ରମେଶ ଚନ୍ଦ୍ର ମଲ୍ଲିକ ଯୋଗଦେଇଥିଲେ। ମୁଖ୍ୟଅତିଥି ବହିଦାର କ୍ଲବ ଗୁଡିକର କର୍ମଶାଳା ଓ ପ୍ରଦର୍ଶନୀ ପରିଦର୍ଶନ କରିବା ପରେ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପିଲାମାନେ ଆଗାମୀ ଦିନରେ ପ୍ରତ୍ୟେକ କ୍ଷେତ୍ରରେ ନିଜ ପ୍ରତିଭାକୁ ଉଜାଗର କରି ବିଶିଷ୍ଟ ବ୍ୟକ୍ତି ଭାବେ ବିକଶିତ ହେବାକୁ ପ୍ରେରଣା ଦେଇଥିଲେ। ଉତ୍ସବର ଦ୍ୱିତୀୟ ଅଧିବେଶନରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରି ଉଚ୍ଛ୍ୱସିତ ପ୍ରଶଂସା କରିବା ସହିତ ସମସ୍ତ କ୍ଲବ ଓ ହାଉସଗୁଡିକୁ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ବରିଷ୍ଠ ଶିକ୍ଷକ ସୁରେନ୍ଦ୍ର କୁମାର ନାଥ।

# ମୁରିବାହାଲ ପଞ୍ଚାୟତ ସମିତି ବୈଠକ

ମୁରିବାହାଲ, ୨୦।୧(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ପଞ୍ଚାୟତ ସମିତିର ତ୍ରୟମାସିକ ବୈଠକ ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧକ୍ଷ ହରିବନ୍ଧୁ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା, ଜିଲ୍ଲା ପରିଷଦ ଉପାଦ୍ଧକ୍ଷ ମିଥିଳା ମାଝି, ବ୍ଲକ ଉପାଧକ୍ଷ ଯାଜ୍ଞସେନୀ ହାତୀ, ଲୋକ ସଭା ସଦସ୍ୟଙ୍କ ପ୍ରତିନିଧି ଶ୍ରୀବତ୍ସ ବେହେରା, ରାଜ୍ୟ ସଭା ସଦ୍ୟଙ୍କ ପ୍ରତିନିଧି ସିଦ୍ଧେଶ୍ୱର ଦାସ, ଆକାଉଣ୍ଟ ଅଧିକାରୀ ଘେନୁରାମ ତାଣ୍ଡି, ଏଇଇ ଅବିନାଶ ମୋଡି ଉପସ୍ଥିତ ଥିଲେ। ପରାମ୍ଭରେ ଗ୍ରାମ ପଞ୍ଚାୟତ ଅଧିକାରୀ ଏନ.ଜେ. ଥିଓଫିଲ ପୂର୍ବ ବିବରଣୀ ପାଠନ କରିବା ସହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କୃଷି ବିଭାଗ ଏଏଓ .ଅବିନାଶ ପାଣିଗ୍ରାହୀ ଓ .ଦୁଷ୍ମନ୍ତ କୁମାର ମହନ୍ତ ବ୍ଲକରେ ୧୬୪୦ ହେକ୍ଟର ପାଇଁ ଏକ ଏନଜିଓ .ମଧମରେ ବିଭିନ୍ନ ପ୍ରକାଶ ମଞ୍ଜି ବଣ୍ଟନ କରାଯାଉଛି ବୋଲି ଗୃହକୁ ଅବଗତ କରିଥିଲେ। ସ୍ୱାସ୍ଥ୍ୟ ବିଭାଗ ଆଲୋଚନା କାଳରେ ଡାକ୍ତର ଥବିର କୁମାର ମେହେର କହିଥିଲେ ଗୁଡିଘାଟ ପ୍ରାଥମିକ ସ୍ୱାସ୍ଥକେନ୍ଦ୍ରର ଅବସ୍ଥା ଶୋଚନୀୟ ହୋଇ ପଡିଛି ବୋଲି କହିଥିଲେ। ଗ୍ରାମ୍ୟ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ସରୋଜ କୁମାର ସେଟ କହିଥିଲେ ବ୍ଲକର ବିଭିନ୍ନ ଗ୍ରାମ ପଞ୍ଚାୟତର ୮୫ ଗ୍ରାମକୁ ଶୁଦ୍ଧ ପାନୀୟ ଜଳ ଯୋଗାଇ ପାଇଁ ଟେଣ୍ଡର ସରିଛି। ମହିଳା ଓ ଶିଶୁ ବିକାଶ ବିଭାଗ ତରଫରୁ ପରିଦର୍ଶିକା ବାସନ୍ତୀ ଭୋଇ, ଉଦ୍ୟାନ ବିଭାଗରୁ ଯଶୋବନ୍ତ ଭୋଇ, ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ମହମ୍ମଦ ଜୁନେଟ, ଯୋଗାଣ ଅଧିକାରୀ ଅବିନାଶ ବିଶ ନିଜ ବିଭାଗର ଯୋଜନା ବିଷୟରେ କହିଥିଲେ। ବୈଠକରେ ସମିତି ସଭ୍ୟ ତୋଫାନ ନାଗ, ଭୀମ ବାଗ, ସନ୍ୟାସୀ ପୁଟେଲ, ଚକ୍ରଧର ହେର୍ଣ୍ଣା, ସରପଞ୍ଚ କାଳିଆ ସରାଫ, ବିଶ୍ୱବିହାରୀ ଯୋଶୀ, ସବିତା ବିଭାର, ଦମୟନ୍ତୀ ହାତୀ, ସୋମିନା ସେଟ, ପ୍ରିୟବ୍ରତ ପ୍ରଧାନୀ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।



ବୈଠକରେ ଉପସ୍ଥିତ ଜନ ପ୍ରତିନିଧି ଓ ଅଧିକାରୀ।

# ସୁସ୍ଥ ଜୀବନ ପାଇଁ ଯୋଗ ଅପରିହାର୍ଯ୍ୟ



କୋଶଳ କଳାମଣ୍ଡଳ ପଡିଆରେ ଅନୁଷ୍ଠିତ ଯୋଗ ଶିବିର।

ବଲାଙ୍ଗୀର,୨୦।୧(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର କୋଶଳ କଳାମଣ୍ଡଳରେ ପତଞ୍ଜଳି ପରିବାର ଆନୁକୂଲ୍ୟରେ ଏକଦିବସୀୟ ନିଶୁଳ୍କ ଯୋଗ ଶିବିର ଅନୁଷ୍ଠିତ ହୋଇଛି। ଯୋଗଋଷି ସ୍ୱାମୀ ରାମଦେବଜୀଙ୍କ ଶିଷ୍ୟ ତଥା ପତଞ୍ଜଳି ଯୋଗ ପୀଠ ହରିଦ୍ୱାରର ମୁଖ୍ୟ କେନ୍ଦ୍ରୀୟ ପ୍ରଭାରୀ ଡ. ସ୍ୱାମୀ ପରମାର୍ଥ ଦେବଜୀ ଉପସ୍ଥିତ ଶତାଧିକ ଲୋକଙ୍କୁ ଯୋଗ, ପ୍ରାଣାୟାମ, ଆସନ ଅଭ୍ୟାସ କରାଇବା ସହିତ ସୁସ୍ଥ ଜୀବନ, ବିକାରରହିତ ମନ ଓ ଆତ୍ମିକ ଉତ୍ଥାନ ପାଇଁ ଯୋଗ ଅପରିହାର୍ଯ୍ୟ ବୋଲି ମତପ୍ରକାଶ କରିଥିଲେ । ଯୋଗ ସବୁ ସମସ୍ୟାର ସମାଧାନ ବୋଲି ସେ କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଭାରତ ସ୍ୱାଭିମାନ ରାଜ୍ୟ ପ୍ରଭାରୀ ସୁଧାଂଶୁ ଅଧିକାରୀ, ପତଞ୍ଜଳି ଯୋଗ ସମିତି ରାଜ୍ୟ ପ୍ରଭାରୀ ରାଧା ମାଧବ ବହିଦାର, ରାଜ୍ୟ ମହିଳା ପ୍ରଭାରୀ ଗିରିଜା ଦେବୀ, ରାଜ୍ୟ କିଷାନ ପ୍ରଭାରୀ ସ୍ୱୟଂ ପ୍ରକାଶ ଦୌତକ ମହାପାତ୍ର, ରାଜ୍ୟ ଯୁବ ପ୍ରଭାରୀ ଅମିତାଂଶୁ ପ୍ରଧାନ, ରାଜ୍ୟ ମିଡିଆ ପ୍ରଭାରୀ କ୍ଷୀତିଶ ପଟ୍ଟନାୟକ, ରାଜ୍ୟ କାର୍ଯ୍ୟାଳୟ ପ୍ରଭାରୀ ସୂର୍ଯ୍ୟକାନ୍ତ ମହାନ୍ତ, ରାଜ୍ୟ ଭାରତ ସ୍ୱାଭିମାନ ପ୍ରଭାରୀ ଅଙ୍କୁର ମାର୍ଥା, ରାଜ୍ୟ ଯୁବ ଭାରତ ପ୍ରଭାରୀ ଯୁବରାଜ ଜି ଅତିଥ ଭାବେ ଯୋଗଦେଇଥିଲେ। ଶିବିରରେ ଏକ ଯୋଗ ଜାଗରଣ ଯାତ୍ରା କଳା ମଣ୍ଡଳ ପଡିଆଠାରୁ ମାରୱାଡି ସେବା ସଦନ ପର୍ଯ୍ୟନ୍ତ ପରିକ୍ରମା କରାଯାଇଥିଲା। ସେଠାରେ ୧୨ଟି ଜିଲାରୁ ଆସିଥିବା ଜିଲା ପ୍ରଭାରୀ ଓ ତହସିଲ ପ୍ରଭାରୀମାନଙ୍କୁ ନେଇ ମଣ୍ଡଳସ୍ତରୀୟ କାର୍ଯ୍ୟକର୍ତ୍ତା ବୈଠକ କରାଯାଇଥିଲା। କାର୍ଯ୍ୟକ୍ରମକୁ ଭାରତ ସ୍ୱାଭିମାନ ଜିଲା ପ୍ରଭାରୀ ରଗୁନାଥ ଷଡଙ୍ଗୀ, ଯୋଗ ସମିତି ପ୍ରଭାରୀ ଅଶୋକ ଅଗ୍ରୱାଲ, ମହିଳା ପ୍ରଭାରୀ ସୁଜାତା ଦିଶ୍ରୀ, ପ୍ରଭାରୀ ଜ୍ୟୋତି ପ୍ରକାଶ ସାହୁ ପରିଚାଳନା କରିଥିଲେ।

## ଆଜିର କାର୍ଯ୍ୟକ୍ରମ

**୨୧।୧।୨୦୨୪ (ରବିବାର)**

**ମଥୁରାନଗରୀ**

- ଧନୁଯାତ୍ରାକୁ ନାରଦଙ୍କ ପରାମର୍ଶକ୍ରମେ ଶ୍ରୀକୃଷ୍ଣ-ବଳରାମଙ୍କୁ ନିମନ୍ତ୍ରଣ ପାଇଁ ଅକ୍ରୂରଙ୍କୁ ଗୋପପୁର ପ୍ରେରଣ, କଂସଙ୍କ ନଗର ଭ୍ରମଣ, ହାଟପଦା ଦୁର୍ଗା ମନ୍ଦିରରେ ଦୁର୍ଗାସ୍ତୁତି, ରାଜ ଦରବାରରେ ନ୍ୟାୟ ବିଚାର ।

**ଗୋପପୁର**

- ଗୋପୀଙ୍କ ଦଧିବିକା, ରାଧା-କୃଷ୍ଣଙ୍କ ନାବକେଳି (ବରଗଡ଼ ମନାବନ୍ଧ), ଶଙ୍ଖଚୂଡ଼ ବଧ, ନନ୍ଦ ଦରବାରରେ ବିଭିନ୍ନ କାର୍ଯ୍ୟକ୍ରମ ।





ବରଗଡ଼ ଧନୁଯାତ୍ରାର ଷଷ୍ଠ ଦିବସରେ କଂସ ମହାରାଜଙ୍କ ସହିତ ରାଜ ଅତିଥି ସିନେ ତାରକା ଅନୁ ଚୌଧୁରୀ ନାଚରେ ମସଗୁଲ ।

## ସଂକ୍ଷେପରେ

### ଗୋଲ୍ଡେନ ଷ୍ଟାର କ୍ରିକେଟ: ସେମିରେ ଭୁବନେଶ୍ୱର

**ପଦ୍ମପୁର,୨୦।୧(ପ୍ରଦୀପ୍ତ ଦାଶ):** ପଦ୍ମପୁର ବ୍ଲକ ଖଇରପାଲିଠାରେ ରାଜ୍ୟସ୍ତରୀୟ ଏକାଦଶ ଗୋଲଡେନ ଷ୍ଟାର କ୍ରିକେଟ କପ୍ ଚତୁର୍ଥ ଦିନ ୩ଟି ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମ ମ୍ୟାଚ୍‌ରେ ଭୁବନେଶ୍ୱର ଦଳ ଢେଙ୍କାନାଳ ଦଳକୁ ହରାଇଥିଲା। ଦ୍ୱିତୀୟ ମ୍ୟାଚ୍ ସାଇ ୱାରିୟର ଭୁବନେଶ୍ୱର ଦଳ କେନ୍ଦ୍ରାପଡ଼ା ଦଳକୁ ହରାଇ କ୍ୱାର୍ଟର ଫାଇନାଲକୁ ପ୍ରବେଶ କରିଥିଲା। କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ କମାଣ୍ଡୋ ଦଳ ସାଇ ୱାରିୟର ଭୁବନେଶ୍ୱର ଦଳକୁ ହରାଇ ସେମିଫାଇନାଲକୁ ପ୍ରବେଶ କରିଥିଲା। ଶେଷରେ ବିଧାୟିକା ବର୍ଷା ସିଂ ବରିହା, ପଦ୍ମପୁର ବିଡ଼ିଓ ଚନ୍ଦ୍ରମଣି ନାଗ ଅତିଥି ଭାବେ ଯୋଗ ଦେଇ କମାଣ୍ଡୋ ଦଳର ରୁଙ୍ଗ କାଳିଆଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ।

### ମା'ବାପା ଛେଉଣ୍ଡ ଦୁଇ ଭଉଣୀ ପାଖରେ ପହଞ୍ଚିଲା ଜିଲା ଶିଶୁ ସୁରକ୍ଷା ବିଭାଗ



**ବେହେରା, ୨୦।୧( ଭୂପେଶ ତିୱାରୀ)**

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଅନ୍ତର୍ଗତ ପର୍ଲା ପଞ୍ଚାୟତ ସେମଲା ଗ୍ରାମର ବାପା' ମା ଛେଉଣ୍ଡ ଦୁଇ ଅନାଥ ଝିଅ ପାଖକୁ ପହଞ୍ଚିଲା ଜିଲା ଶିଶୁ ସୁରକ୍ଷା ବିଭାଗ। ଅସହାୟ ଫୁଲମତି ସାହୁ (୧୫) ଏବଂ ଉର୍ବଶୀ ସାହୁ (୧୦) ଦୁନିଆକୁ ଭଲ ଭାବରେ ଦେଖି ନ ଜାଣିବା ଆଗରୁ ମା'ବାପା ଆରପାରିକୁ ଚାଲିଗଲେ। ମା' ରୋହିଣୀ ସାହୁଙ୍କ ୩ ବର୍ଷ ତଳେ ଦେହାନ୍ତ ହୋଇଥିବାବେଳେ ଗତ ୮ ଦିନ ତଳେ ବାପା ଦୟାନିଧିଙ୍କ ଦେହାନ୍ତ ହୋଇଯାଇଥିଲା। ବାପା' ମା'ଙ୍କ ଦେହାନ୍ତ ପରେ ଫୁଲମତି ଓ ଉର୍ବଶୀ ଅନାଥ ଅସହାୟ ହୋଇ ରହିଯାଇଥିଲେ। ବାପା ମା ହରାଇଥିବା ଦୁଇ ଭଉଣୀ ଦୁନିଆର ଭଲମନ୍ଦ ବିଷୟରେ ମଧ ଜାଣି ନ ଥିଲେ। ଦୁଇ ଭଉଣୀଙ୍କ କରୁଣ କାହାଣୀ ଜାଣିବା ପରେ ଶନିବାର ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ସୁଧାଂଶୁ ଶେଖର ମହାପାତ୍ର, ଗୁରୁପ୍ରସାଦ ନାଏକଙ୍କ ସମେତ ରାଜ୍ୟ ମଙ୍ଗଳ ବୋର୍ଡ ଯୋଜନା ଅଧକ୍ଷା କଲ୍ୟାଣୀ ନାଏକ, ଧର୍ମଗଡ ଏନଏସି ଉପାଧକ୍ଷା ମନୀଷା ମିଶ୍ର, ସମାଜସେବୀ ବିବେକ ରଞ୍ଜନ ମିଶ୍ର ପ୍ରମୁଖ ଦୁଇ ଭଉଣୀ ପାଖରେ ପହଞ୍ଚି ସମସ୍ତ ସରକାରୀ ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଦୁଇ ଭଉଣୀଙ୍କୁ ବୁଧବାର ଶିଶୁ ସୁରକ୍ଷା ବିଭାଗରେ ଭର୍ତ୍ତି କରାଯିବ ବୋଲି ଜିଲା ଶିଶୁ ସୁରକ୍ଷା ବିଭାଗର କର୍ମଚାରୀ ସୁଧାଂଶୁ ଶେଖର ମହାପାତ୍ର କହିଥିଲେ।

# ଜନତା ଦରବାରରେ ଅଧିକାରୀ ଘାଇଲା

**ମଥୁରାନଗରୀ/ଗୋପପୁର,୨୦।୧ (ପ୍ରେମାନନ୍ଦ ଖମାରୀ)**

## ବରଗଡ଼ ଧନୁଯାତ୍ରା ମହୋତ୍ସବ



ଧନୁଯାତ୍ରା ରାଜଦରବାରରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ।

ବରଗଡ଼ ଧନୁଯାତ୍ରା ମହୋତ୍ସବର ଶନିବାର ଷଷ୍ଠ ଦିବସ ଥିଲା। ମଥୁରାନଗରୀରେ ପ୍ରଶାସନିକ ଅଧିକାରୀଙ୍କ ସହିତ ଜନତା ଦରବାର ଏବଂ ଗୋପପୁରରେ ବସ୍ତ୍ରହରଣ ପ୍ରମୁଖ ଦୃଶ୍ୟାଭିନୟ ଅନ୍ୟତମ ଆକର୍ଷଣ ରହିଥିଲା। ଏହା ଦେଖିବା ପାଇଁ ଉଭୟ ମଥୁରାନଗରୀ ଏବଂ ଗୋପପୁରରେ ଅନ୍ୟଦିନ ଅପେକ୍ଷା ଅଧିକ ଦର୍ଶକଙ୍କ ସମାଗମ ହୋଇଥିଲା। କଂସ ମହାରାଜ ରାଜମହଲରୁ ମଥୁରା ଭ୍ରମଣରେ ବାହାରିଥିଲେ। ବାଟରେ ସ୍ଥାନୀୟ ଟାଉନ ଥାନାକୁ ଯାଇ ମଥୁରାନଗରୀର ଆଇନଶୃଙ୍ଖଳା ପରିସ୍ଥିତି ଉପରେ ଉପସ୍ଥିତ ପୋଲିସ ଅଧିକାରୀଙ୍କୁ ପଚାରି ବୁଝିଥିଲେ। ସେହିପରି ଅପରାଧୀଙ୍କୁ କଂସଙ୍କ ଦଣ୍ଡବିଧାନ ଦୃଶ୍ୟାଭିନୟ ଥାନା ପରିସରରେ ବେଶ୍ ରୋଚକ ହୋଇଥିଲା। ସେଠାରୁ କଂସ ମହାରାଜ ଭ୍ରମଣରେ ଯାଇ ରଙ୍ଗମହଲରେ ପହଞ୍ଚିଥିଲେ ଏବଂ ନାଚଗୀତରେ ମସଗୁଲ ହୋଇଥିଲେ। ସିନେ ତାରକା ଅନୁ ଚୌଧୁରୀ ରାଜ ଅତିଥି ଭାବେ ଯୋଗଦାନ କରିଥିଲେ।

ରଙ୍ଗମହଲ ଦୃଶ୍ୟାଭିନୟ ସାରି କଂସ ମହାରାଜ ହାଟପଦାସ୍ଥିତ ରାଜଦରବାରକୁ ଯାଇଥିଲେ। ସେଠାରେ ପ୍ରଶାସନିକ ଅଧିକାରୀଙ୍କ ସହିତ ଜନତା ଦରବାର ଦୃଶ୍ୟାଭିନୟକୁ ଲୋକେ ମନ ଭରି ଉପଭୋଗ କରିଥିଲେ। ବିଦୂଷକ ଅଭିଯୋଗ ପାଠ କରିବା ପରେ ମହାରାଜ କଂସ ମଥୁରାନଗରୀର ଅତିରିକ୍ତ ଜିଲାପାଳ, ଜିଲା ଶିକ୍ଷାଧିକାରୀ, ଜିଲା ସୂଚନା ଅଧିକାରୀ, ଡେପୁଟି କଲେକ୍ଟର, ଯୋଗାଣ ଅଧିକାରୀଙ୍କ ସମେତ ବିଭିନ୍ନ ଅଧିକାରୀଙ୍କୁ ତାଗିଦ କରିଥିଲେ। କଂସଙ୍କ ପ୍ରଶ୍ନବାଣରେ ଅଧିକାରୀମାନେ ଘାଇଲା ହୋଇ ପଡ଼ିଥିଲେ। ବର୍ଷା ବିପନ୍ନଙ୍କ ପାଖକୁ କ୍ଷତିପୂରଣ ନ ପହଞ୍ଚିବା, ଜାତୀୟ ଖାଦ୍ୟ ସୁରକ୍ଷା ଆଇନର ସୁଫଳ ହିତାଧିକାରୀମାନେ ପାଉ ନ ଥିବା, ଧାନ କିଣାବିକାରେ ଅବ୍ୟବସ୍ଥା, ଜିଲା ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ କର୍ମଚାରୀଙ୍କୁ ପାଉଣା ମିଳୁ ନ ଥିବା, ଆବଶ୍ୟକସ୍ଥଳେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଆମ୍ବୁଲାନ୍ସ ଅଭାବ, ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିଥିବା, ରାଜପଥ ପ୍ରଶସ୍ତୀକରଣ ନାମରେ ବ୍ୟାପକ ଗଛ କଟାଯିବା ଏବଂ ପୁନଃ ଗଛ ଲଗା ନ ଯିବା ଆଦି ନେଇ ବିଭାଗୀୟ ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ ଏବଂ ଆବଶ୍ୟକସ୍ଥଳେ ସେଥିରେ ଅବହେଳା ପାଇଁ ସମ୍ପୃକ୍ତ ଅଧିକାରୀଙ୍କୁ ଜରିମାନାରେ ଦଣ୍ଡିତ ମଧ୍ୟ କରିଥିଲେ।

## ଧନୁଯାତ୍ରା: କିଛି କଥା, କିଛି ବ୍ୟଥା

### ମଥୁରାରେ ମାତିଲେ ଚୋର

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ଦୀର୍ଘ ୧୧ଦିନ ଧରି ଚାଲିଥାଏ। ବିଶ୍ୱ ପ୍ରସିଦ୍ଧ କୁହାଯାଉଥିବା ଏହି ମହୋତ୍ସବରେ ଦର୍ଶକଙ୍କ ଭିଡ଼ ମଧ ପରିଲକ୍ଷିତ ହୋଇଥାଏ। ଏଥିପାଇଁ ମହୋତ୍ସବ ଚାଲିଥିବାବେଳେ ମଥୁରାନଗରୀରେ ବ୍ୟାପକ ପୋଲିସ ମୁତୟନ କରାଯାଏ। ଏଥର ମଧ୍ୟ ସେଭଳି ବ୍ୟବସ୍ଥା କରାଯାଇଛି। ସିସିଟିଭି ସର୍ଭିଲାନ୍ସରେ ପ୍ରମୁଖ ମଞ୍ଚ, ଛକ ରହିଛି। ଏହାସତ୍ତ୍ୱେ ମଥୁରାନଗରୀରେ ଚୋରଙ୍କ ଦୌରାତ୍ମ୍ୟ ବଢ଼ି ଚାଲିଛି। ଅତାବିରା ଥାନା ଖଲିଆପାଲି ଗ୍ରାମର ଅମିତ ନାଗ ରଙ୍ଗମହଲ ପାର୍ଶ୍ୱସ୍ଥ ରାସ୍ତାକଡ଼ରେ ତାଙ୍କ ବାଇକ୍ (ନଂ.ଓଡ଼ି୧୭ଏଚ୍/୧୨୧୫)କୁ ଲକ୍ କରି ରଖିଥିଲେ ଏବଂ ସାଙ୍ଗସାଥୀଙ୍କ ସହିତ ଯାତ୍ରା ଉପଭୋଗ କରୁଥିଲେ। ସେ ଯାତ୍ରା ଦେଖି ସାରି ବାଇକ୍ ରଖିଥିବା ସ୍ଥାନକୁ ଆସିବାବେଳେ ଆଉ ବାଇକ୍ ନ ଥିଲା। ସେତେବେଳକୁ ଚୋର ବାଇକ୍ ଚୋରି କରି ସେଠାରୁ ଛୁ ମାରି ସାରିଥିଲେ। ତେବେ ଏହା କେବଳ ଗୋଟିଏ ଘଟଣା ହୋଇଥିବାବେଳେ ଲୋକେ ମୋବାଇଲ ଲୁଟ୍‌ପାଟ୍ ସହିତ ଅନୁରୂପ ଚୋରିର ସମ୍ମୁଖୀନ ହେଉଥିବା ସାଧାରଣରେ ଆଲୋଚନା ହେଉଛି ।

### ଜଗନ୍ନାଥ ଉଚ୍ଚାରଣ କରିବାରୁ ଜରିମାନା

ରାଜ୍ୟ ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ ଗୁରୁବାର ରାତିରେ କଂସ ଦରବାରରେ ରାଜ ଅତିଥି ଭାବେ ଯୋଗଦାନ କରିଥିଲେ। ତେବେ ମଥୁରାଧିପତିଙ୍କ ଆଦେଶ ପାଇ ମଥୁରାବାସୀଙ୍କ ଉଦ୍ଦେଶ୍ୟରେ ସେ କିଛି ଉଦ୍‌ବୋଧନ ଦେଇଥିଲେ। ମନ୍ତ୍ରୀ ସାହୁ ତାଙ୍କ ଉଦ୍‌ବୋଧନରେ ଜଗନ୍ନାଥ ଏକ୍ସପ୍ରେସ ଶୁଭାରମ୍ଭ କଥା କହି ରାଜ୍ୟ ସରକାରଙ୍କ ଗୁଣଗାନ କରିଥିଲେ। ମାତ୍ର ତାହା ଶୁଣିବା ମାତ୍ରେ କଂସ ମହାରାଜ ରାଗରେ ଜର୍ଜରିତ ହୋଇ ପଡ଼ିଥିଲେ। କାହିଁକି ଜଗନ୍ନାଥ ନାମ ଉଚ୍ଚାରଣ କରୁଛନ୍ତି କହି ମନ୍ତ୍ରୀ ସାହୁଙ୍କୁ ତାଗିଦ୍ କରିଥିଲେ ଏବଂ ସେଥିପାଇଁ ୭୦ଲକ୍ଷ ସ୍ୱର୍ଣ୍ଣମୁଦ୍ରା ଜରିମାନା କରିଥିଲେ। କଂସ ଦରବାରରେ ଏହି ଦୃଶ୍ୟାଭିନୟଟି ଦର୍ଶକ ମହଲରେ ବେଶ୍ ରୋଚକ ହୋଇଥିଲା ।

### ବାଟେଘାଟେ ଆତ୍ମଘୋଷିତ ନିର୍ଦ୍ଦେଶକ

କୁହାଯାଏ ବରଗଡ଼ ଧନୁଯାତ୍ରା ମହୋତ୍ସବର ପାଣ୍ଡୁଲିପି ନାହିଁ। ସେହିପରି କେହି ନିର୍ଦ୍ଦେଶକ ନାହାନ୍ତି ବୋଲି ମଧ୍ୟ ମହୋତ୍ସବ ସମିତିର କର୍ମକର୍ତ୍ତା କୁହନ୍ତି। ଏହାସତ୍ତ୍ୱେ ମହୋତ୍ସବରେ ଅନେକ ଆତ୍ମଘୋଷିତ ନିର୍ଦ୍ଦେଶକ ଥିବା ବାଟେଘାଟେ ପରିଲକ୍ଷିତ ହୋଇଥାଏ। କଂସଙ୍କ ମଥୁରା ଭ୍ରମଣ ହେଉ, ବେନିଭାଇଙ୍କ ଗୋପପୁର ପରିକ୍ରମା କିମ୍ବା ଅନ୍ୟ କିଛି ଦୃଶ୍ୟାଭିନୟରେ ମହୋତ୍ସବର ବିଭିନ୍ନ ଚରିତ୍ରକୁ ଓହ୍ଲାଇଥିବା କଳାକାରଙ୍କୁ ସମ୍ପୃକ୍ତ ଆତ୍ମଘୋଷିତ ନିର୍ଦ୍ଦେଶକମାନେ ସେଭଳି ନିର୍ଦ୍ଦେଶନା ଦେଉଥିବା ଭଳି ମନେ ହୁଏ। ଏପରିକି କିଛି କଳାକାର ମଧ୍ୟ ସେଭଳି ନିର୍ଦ୍ଦେଶକଙ୍କ ବୋଲ ମାନୁଥିବା ଏବଂ ତାର ଦୃଶ୍ୟ କ୍ୟାମେରା, ମୋବାଇଲରେ କଏଦ ହେବା ସାଙ୍ଗକୁ ସୋସିଆଲ ମିଡ଼ିଆରେ ଲାଇଭ୍ ହେଉଥିବା ମଧ୍ୟ ଦେଖିବାକୁ ମିଳୁଛି। ଏହାଦ୍ୱାରା ସମ୍ପୃକ୍ତ ଆତ୍ମଘୋଷିତ ନିର୍ଦ୍ଦେଶକଙ୍କ ଯୋଗୁ ଧନୁଯାତ୍ରାର ଗାରିମା କ୍ଷୁର୍ଣ୍ଣ ହେଉଛି ବୋଲି ଲୋକେ କୁହାକୁହି ହେଉଛନ୍ତି ।

# ଡବଲସ ବ୍ୟାଡ ମିଣ୍ଟନ ଚାମ୍ପିୟନଶିପ ଉଦ୍‌ଘାଟିତ



ବ୍ୟାଡ଼ମିଣ୍ଟନ ଚାମ୍ପିୟନଶିପରେ ଖେଳାଳି, ଅତିଥି।

**ଖଡ଼ିଆଲ,୨୦।୧(ସୁଜିତ କୁମାର ପ୍ରଧାନ)**

ନୂଆପଡା ଜିଲା ଖଡ଼ିଆଲ ସମଲେଶ୍ୱରୀ ମନ୍ଦିରଠାରେ ଖଡ଼ିଆଲ ଯୁବା ମୋର୍ଚ୍ଚା ପକ୍ଷରୁ ଡବଲସ ବ୍ୟାଡ଼ମିଣ୍ଟନ ଚାମ୍ପିୟନଶିପ ଉଦଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଖଡ଼ିଆଲ ରାଜା ଡ଼.ଜିତାମିତ୍ର ପ୍ରସାଦ ସିଂ ଦେଓ ଯୋଗଦେଇ ବ୍ୟାଡ଼ମିଣ୍ଟନ ଚାମ୍ପିୟନଶିପକୁ ଉଦଘାଟନ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବିନୋଦ ପାଢ଼ୀ, ବିଜୟ ବାବୁ , ଚିତରୁ ସିଂଦେଓ, ଲୋୟର ଇନ୍ଦ୍ର ଅଧିକ୍ଷଣୀ ଯନ୍ତ୍ରୀ ସୌମ୍ୟ ଟି ଜୟପୁରିଆ, ଅନିଲ ମେହେର, କୁନୁ କରୁଆଁ, ଯୁବାମଞ୍ଚ ସଭାପତି ଅଭିଳାଶ ସିଂଦେଓ, ଉପ ସଭାପତି ରିତେଶ ବାବୁ, ସମ୍ପାଦକ ପଞ୍ଚାନନ ସେଠି, ରଶ୍ମି ପାଣିଗ୍ରାହୀ. ସୁବୀର ସିଂଦେଓ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଉଭୟ ମହିଳା ଓ ପୁରୁଷ ବର୍ଗରେ ୩୫ ବର୍ଷରୁ କମ ଏବଂ ୩୫ ବର୍ଷରୁ ଉର୍ଦ୍ଧ୍ୱ ବର୍ଗରେ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଟିମ ଅଂଶଗ୍ରହଣ କରିଛନ୍ତି । ଆସନ୍ତା ୨୧ରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଏଥିରେ ଡ଼ା ସରୋଜ ପଣ୍ଡା, ସୌରଭ ପଣ୍ଡା, ତାପସ ପତି ପ୍ରମୁଖ ଖେଳ ପରିଚାଳନା କରିଥିଲେ।

## ୨ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

**ଘଣ୍ଟାପଡ଼ା,୨୦।୧(ପ୍ରଭାତ କୁମାର ସାହୁ)**

ଶନିବାର ବୌଦ୍ଧ ଜିଲା କଣ୍ଟାମାଳ ନିର୍ବାଚନ ମଣ୍ଡଳୀର ମହାନଦୀର ଖଇରମାଳ ଓ ଖଡ଼ଙ୍ଗ ନଦୀ ଉପରେ ହେବାକୁ ଥିବା ଦୁଇଟି ବୃହତ ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି । ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଦୁଇଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଉପଲକ୍ଷେ ପୂର୍ବାହ୍ନରେ କଣ୍ଟାମାଳ ହାଇସ୍କୁଲ ଖେଳପଡିଆଠାରେ ଆୟୋଜିତ ଉତ୍ସବରେ କଣ୍ଟାମାଳ ବିଧାୟକ ମହୀଧର ରଣା ଯୋଗଦେଇ ଏହି ଦୁଇଟି ପ୍ରକଳ୍ପ ଦ୍ୱାରା କନ୍ଧମାଳ, ବୌଦ୍ଧ, କଳାହାଣ୍ଡି ଓ ସୁବର୍ଣ୍ଣପୁର ଜିଲାର ବହୁ ଚାଷ ଜମିକୁ ଜଳସେଚନର ସୁବିଧା ହେବା ସହ ମତ୍ସ୍ୟ ଚାଷ ଓ ଅନ୍ୟାନ୍ୟ ସୁବିଧା ହୋଇପାରିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ନୃସିଂହ ଚରଣ ସ୍ୱାଇଁ, କଣ୍ଟାମାଳ ପଞ୍ଚାୟତ ସମିତି ଅଧକ୍ଷା ସସ୍ମିତା ସେନାପତି, ଉପାଧକ୍ଷ ମହେନ୍ଦ୍ର ରଣା, କଣ୍ଟାମାଳ ବିଡ଼ିଓ ସାମି ଜୟଶ୍ରୀ ରେଙ୍ଗୀ, ତହସିଲଦାର ସୁଶ୍ରୀ ଶ୍ୱେତପଦ୍ମା ଯୋଶୀ ପ୍ରମୁଖ ଯୋଗଦେଇଥିଲେ।

## ଭାଷା ସାହିତ୍ୟ, ସୃଜନଶୀଳତା ଉତ୍ସବ

**ଭେଡେନ,୨୦।୧(ସୁଦନ ମହାକୁର)**

ବରଗଡ଼ ଜିଲା ଭେଡେନ ବ୍ଲକ ଅନ୍ତର୍ଗତ ବାମପଦ ପାଢ଼ୀ ଉଚ୍ଚବିଦ୍ୟାଳୟ ପରିସରରେ ଶନିବାର ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉତ୍ତମରାଜ ପୁରୋହିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସଂକୀର୍ତ୍ତା ସରପଞ୍ଚ ଜୟନ୍ତୀ ସେଟ ମୁଖ୍ୟଅତିଥି, ସମିତି ସଭ୍ୟ ଚାଷୀଗିରି ନଇ, ପରିଚାଳନା କମିଟି ସଭାପତି ସଚ୍ଚିଦାନନ୍ଦ ମାଝୀ, ସୁନୀଲ ଅଗ୍ରୱାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଉତ୍ସବରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ରଙ୍ଗୋଲି, ଗୀତ, ନାଚ ଆଦି ପ୍ରତିଯୋଗିତା ହୋଇଥିଲା। ଅତିଥିମାନେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷକ ସଞ୍ଜୀବ କୁମାର ପଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ସେହିପରି ମାନପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲକ୍ଷ୍ମଣ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ଜିଲା ପରିଷଦ ସଭ୍ୟ ସୁବାଷ ହୋତା ମୁଖ୍ୟଅତିଥି, ସମିତି ସଭ୍ୟା ସୁଦାଞ୍ଜଳି ମେହେର, ପରିଚାଳନା କମିଟି ସଭାପତି ମନୋରଞ୍ଜନ ପାଣିଗ୍ରାହୀ, ରବିନାରାୟଣ ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ। ଶେଷରେ ଶିକ୍ଷକ ଆଲୋକ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ଅନ୍ତଃ ନଦୀ ଜଳାଶୟ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

**ଅମରପାଲି,୨୦।୧(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଗୋଧନେଶ୍ୱରଠାରେ ମହାନଦୀ ଉପରେ ଏକ ବ୍ୟାରେଜ (ଇନ୍-ଷ୍ଟିମ ଷ୍ଟୋରେଜ ଷ୍ଟ୍ରକ୍‌ଚର) ସକାଶେ ଶନିବାର ରାଜ୍ୟ ସରକାରଙ୍କ ଅନ୍ତଃନଦୀ ଜଳାଶୟ ଯୋଜନାରେ ପ୍ରକଳ୍ପର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ଜଟେସିଂହା ହାଇସ୍କୁଲଠାରେ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶିଳାନ୍ୟାସ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ ଦେଇ ଓଡ଼ିଶାରେ ୧୩ଟି ଜିଲାରେ ୪୬୦୦ କୋଟି ଟଙ୍କାର ବ୍ୟୟ ଅଟକଳରେ ୧୯ଟି ଏଭଳି ପ୍ରକଳ୍ପର ଶୁଭାରମ୍ଭ କରାଯାଇଥିବା ପ୍ରକାଶ କରିଥିଲେ। ଏହାଦ୍ୱାରା ଚାଷୀମାନେ ଲାଭାନ୍ୱିତ ହେବା ସହ ପାନୀୟ ଜଳର ସୁବିଧା ଓ ବନ୍ୟା ନିୟନ୍ତ୍ରଣରେ ଏହା ସହାୟକ ହେବ ବୋଲି କହିଥିଲେ। ବୀରମହାରାଜପୁରର ଆମ୍ବା କମିଟି ସଭାପତି ବିବସ୍ୱତି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଆଭାସୀ କାର୍ଯ୍ୟକ୍ରମ ପୂର୍ବରୁ ସ୍ଥାନୀୟ ବିଧାୟକ ପଦ୍ମନାଭ ବେହେରା ଓ ବ୍ଲକ ଉପାଧକ୍ଷ ନାରାୟଣ ଲୁହା ଉଦବୋଧନ ଦେଇଥିଲେ। ଏହି ଅବସରରେ ସୁବର୍ଣ୍ଣପୁର ଜିଲାପାଳ ବିମଳେନ୍ଦୁ ରାୟ, ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟ ନାରାୟଣ ଦାସ, ଡିଆରଡିଏ ପିଡି ଅଶ୍ୱିନୀ ମେହେର, ଉପଜିଲାପାଳ ଲଲାଟେନ୍ଦୁ ସି, ଉପଖଣ୍ଡ ପୋଲିସ ଅଧିକାରୀ ବାସୁଦେବ ଛତ୍ରିଆ, ବ୍ଲକ ଅଧକ୍ଷା ଶାନ୍ତି ଲୁହା, ଜିଲା ପରିଷଦ ସଦସ୍ୟା ଚନ୍ଦ୍ରକାନ୍ତି ଦନ୍ତା, ବ୍ଲକ ସରପଞ୍ଚ ସଂଘ ସଭାନେତ୍ରୀ ଶ୍ରୀୟା କର୍ମୀଙ୍କ ସମେତ ବହୁ ଅଧିକାରୀ,ଜଳସମ୍ପଦ ବିଭାଗ ଯନ୍ତ୍ରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।



ମଞ୍ଚାସୀନ ଅତିଥିମାନେ।

# ଶିକ୍ଷା ସହ ମାନବୀୟ ମୂଲ୍ୟବୋଧ ରହିବା ଜରୁରୀ

## ବୌଦ୍ଧ କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବୌଦ୍ଧ,୨୦।୧(ଅଜିତ କୁମାର ବାରିକ)**

ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ବୌଦ୍ଧର ବାର୍ଷିକ ଉତ୍ସବ ଶନିବାର ଦିନ ମହାସମାରୋହରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷ ସନତ ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲାପାଳ ନୃସିଂହ ଚରଣ ସ୍ୱାଇଁ ଓ ସମ୍ମାନିତ ଅତିଥି ଭାବେ ବୌଦ୍ଧ ଏନଏସି ଅଧକ୍ଷ ମୃତ୍ୟୁଞ୍ଜୟ ମିଶ୍ର ଯୋଗ ଦେଇଥିଲେ । ଶିକ୍ଷକ ପ୍ରଦୀପ କୁମାର ପଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ମିଶ୍ର ଶିକ୍ଷା ସହିତ ମାନବୀୟ ମୂଲ୍ୟବୋଧ ରହିବା ନିହାତି ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ । ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ସାଂସ୍କୃତିକ ମଞ୍ଚକୁ ଶିକ୍ଷୟିତ୍ରୀ ସୁନିତା ଦାଶ ପରିଚାଳନା କରିଥିଲେ। ଶିକ୍ଷକ ପ୍ରଶାନ୍ତ ଭାଇନାଙ୍କ ନିର୍ଦ୍ଦେଶନାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କୃତି ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, କର୍ମଚାରୀସହଯୋଗ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରିଥିଲେ ।



ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥି ।

## ସଂକ୍ଷେପରେ

### ସାହିତ୍ୟ ସୃଜନୀ ସମୀକ୍ଷା ପୁସ୍ତକମେଳା

**ପାଇକମାଲ,୨୦।୧(ବଡ ଶତପଥୀ):** ବରଗଡ ଜିଲ୍ଲା ପାଇକମାଲ ବ୍ଲକ ଜାମସେଠ ହାଇସ୍କୁଲରେ ଶନିବାର ପ୍ରଧାନ ଶିକ୍ଷକ ଗୋପାଳ ପ୍ରସାଦ ବେହେରାଙ୍କ ସଭାପତିତ୍ୱରେ ସାହିତ୍ୟ ସୃଜନୀ ସମୀକ୍ଷା ପୁସ୍ତକ ମେଳା ଅନୁଷ୍ଠିତ ହୋଇଯାଇଛି । ପୁସ୍ତକ ସମୀକ୍ଷା ସଭାରେ ସ୍କୁଲ ପରିଚାଳନା ସମିତି ସଭାପତି ବିପିନ ଚନ୍ଦ୍ର ସାହୁ, କମିଟି ସଭ୍ୟ ଜୟସିଂ ମାଝୀ, ଗଜାନନ ପଟେଲ, ଆଇନଜୀବୀ ଅଜିତ ଶତପଥୀଙ୍କ ସମେତ ଅଭିଭାବକ, ପୁରାତନ ଛାତ୍ରୀଛାତ୍ରୀ ଯୋଗ ଦେଇଥିଲେ। ଏହି ମେଳାରେ ୪ଟି ଆକାଂକ୍ଷୀ କ୍ଲବରୁ ପ୍ରାୟ ୨୨ଟି ପୁସ୍ତକ ଓ ୧୫ଟି ସାହିତ୍ୟ ସମୀକ୍ଷା ପ୍ରକଳ୍ପ ଉନ୍ମୋଚିତ ହୋଇଥିଲା। ଅଧ୍ୟାପିକା ଜୟଶ୍ରୀ ମେହେର, ଶିକ୍ଷକ ମୋହନଲାଲ ପାଣ୍ଡେ, ବୁଦ୍ଧଦେବ ବିଶି ଦିଗ୍‌ଦର୍ଶନ ଦେଇଥିଲେ। ଶିକ୍ଷକ ସନ୍ତୋଷ ପଣ୍ଡା ଓ ଅଜିତ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ଋଷଦେବ ରଣା, ଦୁଃଖିଧନ ଦାଶ, ସନ୍ତୋଷ ପୂଜାରୀ, ବସନ୍ତ ପ୍ରଧାନ, ଦୁର୍ଯ୍ୟୋଧନ ହଂସ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ଛିନ୍ଦେଇକେଲା ଉଚ୍ଚ ବିଦ୍ୟାଳୟରେ ଭାଷା, ସାହିତ୍ୟ ଏବଂ ସୃଜନଶୀଳତା ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ପାଇକମାଳ ବିଡିଓ ପ୍ରଫୁଲ୍ଲ କୁମାର ଓଡୁ ମୁଖ୍ୟ ଅତିଥି, ବିଇଓ ଚୂଡ଼ାମଣି ବାରିକ, ଏବିଇଓ ଧଳେନ୍ଦ୍ର ବାରିକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଘନଶ୍ୟାମ ବେହେରା ସମ୍ମାନୀତ ଅତିଥି ଭାବେ ଯୋଗଦାନ କରି ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଉଜ୍ଜ୍ୱଳ ଦିଗ୍‌ଦର୍ଶନ ପ୍ରଦାନ କରିଥିଲେ। ଶିକ୍ଷକ ଅଶ୍ୱିନୀ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯକ୍ରମ ପରିବେଷଣ କରାଯାଇଥିଲା।

### ସର୍ଗିଡିହିରେ ଜାତୀୟ ସେବା ଯୋଜନା ଶିବିର

ପାଇକମାଲ,୨୦।୧(ବଡ ଶତପଥୀ): ପାଇକମାଲ ବ୍ଲକ ମାଣ୍ଡୋସିଲ ଡିଗ୍ରୀ କଲେଜରେ ଏନ୍‌ଏସ୍‌ଏସ୍ ୟୁନିଟ ପକ୍ଷରୁ ସର୍ଗିଡିହି ଗ୍ରାମରେ ୭ଦିନିଆ ଜାତୀୟ ସେବା ଯୋଜନା ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ବିନୟ ରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ସାମାଜିକ କର୍ମୀ ମହେନ୍ଦ୍ର କୁମାର ଖୁଣ୍ଟିଆ, ଅଧାପକ କୃଷ୍ଣଚନ୍ଦ୍ର ଦେବତା ଓ ସନ୍ତୋଷ ସିଂ ଠାକୁରଙ୍କ ତତ୍ତ୍ୱାବଧାନରେ ସଡ଼କ ନିରାପତ୍ତା ସଚେତନତା କରାଯାଇଥିଲା। ସେହିପରି ରାସ୍ତାରେ ବାଇକ୍ ଚାଳକଙ୍କୁ ସଚେତନ କରାଯାଇଥିଲା। ବବିତା ମଲ୍ଲିକ ସହଯୋଗ କରିଥିବା ବେଳେ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ସୁମିତାବ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



### ସାଧାରଣତନ୍ତ୍ର ଦିବସ ପାଇଁ ପ୍ରତିଯୋଗିତା

**ବରପାଲି,୨୦।୧(ଚିତ୍ତରଞ୍ଜନ ସାହୁ):** ବରପାଲି ପ୍ରଶାସନ ପକ୍ଷରୁ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଗଙ୍ଗାଧର କଲ୍ୟାଣ ମଣ୍ଡପରେ ଗୁରୁବାର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ହୋଇଥିବା ବେଳେ ଶୁକ୍ରବାର ବକ୍ତୃତା ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସଙ୍ଗୀତ ପ୍ରତିଯୋଗିତାରେ ଯୋଗୀନ୍ଦ୍ର ବେହେରା, ସରୋଜ କୁମାର ସାହୁ, ଲକ୍ଷ୍ମୀପ୍ରିୟା ସାହୁ ଓ ବକ୍ତୃତା ପ୍ରତିଯୋଗିତାରେ ପୁରନ୍ଦର ନନ୍ଦ, ଉତ୍ତର କୁମାର ଦାଶ ବିଚାରକ ଭାବେ ଯୋଗ ଦେଇଥିଲେ। ବରପାଲି ତହସିଲଦାର ରକ୍ଷଣ କୁମାର ମେହେର, ଗୋଷ୍ଠୀ ଶିକ୍ଷାଧିକାରୀ ମୁକୁନ୍ଦ ମାହାର ଅତିଥି ଭାବେ ଯୋଗଦେଇ ବିଚାରକଙ୍କୁ ସମ୍ମାନିତ କରିଥିଲେ। ବରପାଲି ସାମ୍ବାଦିକ ସଂଘ ସଭାପତି ଚିତ୍ତରଞ୍ଜନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରତିଯୋଗିତାକୁ ନିବେଦିତା ସାହୁ ପରିଚାଳନା କରିଥିଲେ।

# ସ୍ମୃତିରକ୍ଷା ପାଇଁ ସମ୍ମିଳିତ ଉଦ୍ୟମ ଲୋଡ଼ା





ପାର୍ବତୀ ଗିରିଙ୍କ ଜୀବନୀ ଉପରେ ଚଳଚ୍ଚିତ୍ର ନିର୍ମାଣ କରୁଥିବା ଲିଟୁ ମହାନ୍ତିଙ୍କୁ ସମ୍ମାନିତ କରାଯାଉଛି । ଖଗେଶ୍ୱର ସାହିତ୍ୟ କଳା ପରିଷଦ ପକ୍ଷରୁ ପାର୍ବତୀ ଗିରିଙ୍କ ଜୟନ୍ତୀ ପାଳନ ।

ମଥୁରାନଗରୀ,୨୦।୧(ପ୍ରେମାନନ୍ଦ ଖମାରୀ)

ବହ୍ନିକନ୍ୟା ପାର୍ବତୀ ଗିରିଙ୍କ ସେବା, ତ୍ୟାଗର ପଟାନ୍ତର ନାହିଁ। ଅଥଚ ଏପର୍ଯ୍ୟନ୍ତ ତାଙ୍କୁ ଯଥାଯୋଗ୍ୟ ସମ୍ମାନ ଦିଆଯାଇପାରି ନାହିଁ । ତେଣୁ ତାଙ୍କ ସ୍ମୃତିରକ୍ଷା ତଥା ପ୍ରଚାର ପ୍ରସାର ପାଇଁ ସମ୍ମିଳିତ ଉଦ୍ୟମର ଆବଶ୍ୟକ ରହିଛି ବୋଲି ଶୁକ୍ରବାର ବରଗଡ଼ ଜିଲା ବିଜେପୁର ବ୍ଲକ ତାଳପଦରସ୍ଥିତ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଖଗେଶ୍ୱର ସାହିତ୍ୟ କଳା ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ପାର୍ବତୀ ଗିରିଙ୍କ ଜୟନ୍ତୀ ସଭାରେ ମତପ୍ରକାଶ ପାଇଛି। ସଂସଦର ସଭାପତି ମୋହନ ସିଂହ କନ୍ହେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ମହାବିଦ୍ୟାଳୟର ଅଧକ୍ଷ ପଞ୍ଚାନନ ମିଶ୍ର ମୁଖ୍ୟ ଅତିଥି, କବି ହରିଲାଲ ସାହୁ, ଅଧିକାରୀ ସା ନିମନ୍ତ୍ରିତ ଅତିଥି ଭାବେ ଯୋଗଦାନ କରିଥିଲେ। ପୁଟୁକିଗ୍ରୀଞ୍ଜେଲ ମହାବିଦ୍ୟାଳୟର ଅଧ୍ୟାପକ ଜଗଦୀଶ ଭୋଇ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବହ୍ନିକନ୍ୟାଙ୍କ ଉପରେ ଆଲୋଚନା କରିଥିଲେ। ଛାତ୍ରୀ ଚନ୍ଦ୍ରମା ଦାଶ, ଶିଖାରାଣୀ ମିଶ୍ର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଖଗେଶ୍ୱର ସାହିତ୍ୟ କଳା ପରିଷଦର ସମ୍ପାଦକ ରାଜେଶ୍ୱର ବେହେରା ସ୍ୱାଗତ ଭାଷଣ, ଉପସଭାପତି ଦିଲୀପ ଦେବତା ଅତିଥି ପରିଚୟ ଏବଂ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କବି ମକରଧ୍ୱଜ ସାହୁ ସଭା ପରିଚାଳନା କରିଥିଲେ। ଅଧ୍ୟାପକ ଉପେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସମଲେଇପଦରସ୍ଥିତ ପାର୍ବତୀ ଗିରି ଅନାଥ ବୃଦ୍ଧାଶ୍ରମରେ ପରିଚାଳକ ଜଳନ୍ଧର ପଟେଲଙ୍କ ତତ୍ତ୍ୱାବଧାନରେ ଜୟନ୍ତୀ ସମାରୋହ ପାଳିତ ହୋଇଥିଲା। ସଙ୍ଗଠକ ସୁବାଷ ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ ମୁଖ୍ୟ ଅତିଥି, ସାମାଜିକ କର୍ମୀ ନିହାଲ ସିଂ ମୁଖ୍ୟ ବକ୍ତା, ବରପାଲି ବ୍ଲକ ଅଧ୍ୟକ୍ଷା ରୀନା ଥଇତ, ଗୀତିକାର ଶିବଶଙ୍କର ପ୍ରଧାନ, ସାମାଜିକ କର୍ମୀ ପବିତ୍ର ବେହେରା, ହାସ୍ୟ

**ବହ୍ନିକନ୍ୟା ପାର୍ବତୀ ଗିରିଙ୍କ ଜୟନ୍ତୀ ସମାରୋହ**

ଅଭିନେତା ବିନ୍ଧୁ ମଲ୍ଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ପଶ୍ଚିମ ଓଡ଼ିଶା ଯୁବାମଞ୍ଚକୁ ପାର୍ବତୀ ଗିରି ସେବା ସମ୍ମାନ ପ୍ରଦାନ କରାଯାଇଥିଲା ।

ବରଗଡ଼ ସାମ୍ବାଦିକ ସଂଘ ପକ୍ଷରୁ ପାର୍ବତୀ ଗିରିଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ସଂଘ ସଭାପତି ସୁରେନ୍ଦ୍ର ହୋତା, ଉପସଭାପତି ବିରେନ୍ଦ୍ର ପ୍ରଧାନଙ୍କ ସମେତ ଅନ୍ୟ ସଭ୍ୟମାନେ ଉପସ୍ଥିତ ଥିଲେ। ସେହିପରି ଏଡିଭର୍ସ ହେଲପିଙ୍ଗ୍ ଫାଉଣ୍ଡେଶନ ପକ୍ଷରୁ ସ୍ଥାନୀୟ ଭି.ଡ଼ି ପ୍ୟାଲେସ୍‌ରେ ପାର୍ବତୀ ଗିରିଙ୍କ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ପାୱାର ଅଫ ଦିବ୍ୟାଙ୍ଗର ସଭାପତି ଶ୍ୟାମସୁନ୍ଦର ଅଗ୍ରୱାଲ, ପାର୍ବତୀ ଗିରିଙ୍କ ନାତୁଣୀ ନିହାରିକା ଗିରି, ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ସାହୁ, ଏଡିଭର୍ସ ହେଲପିଙ୍ଗ ଫାଉଣ୍ଡେଶନ ସଭାପତି ଦିବାକର ମାଝି, ସମ୍ପାଦକ ଭଗବାନ ପ୍ରଧାନ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନରେ ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ ମୁଖ୍ୟ ଅତିଥି, ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଦଧିବାମନ ଦାଶ, ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ଅଧ୍ୟକ୍ଷ ମେଘନାଦ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ପାର୍ବତୀ ଗିରିଙ୍କ ଜୀବନୀ ଉପରେ ବଡ଼ମା ଚଳଚ୍ଚିତ୍ର ନିର୍ମାଣ କରୁଥିବା ଲିଟୁ ମହାନ୍ତିଙ୍କ ସମେତ ଆଶାକର୍ମୀ, ସ୍ୱାସ୍ଥ୍ୟସେବିକା, ଦିବ୍ୟାଙ୍ଗ, କଳାକାର, ବିଭିନ୍ନ ଅନୁଷ୍ଠାନକୁ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ଭଗବାନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରେମିକା, ଦ୍ୱିତୀୟ ପ୍ରେମିକ ଗିରଫ

ଭେଡେନ,୨୦।୧(ସୂଦନ ମହାକୁର)

**ମଦଭାଟି ମାଲିକଙ୍କୁ ହତ୍ୟା ଉଦ୍ୟମ ଘଟଣା**

ବରଗଡ଼ ଜିଲା ଭେଡେନ ଥାନା ସଂକ୍ରୀଡ଼ା ପଞ୍ଚାୟତ ସାରସପାଲି ଗ୍ରାମ ନିକଟସ୍ଥ ମଦଭାଟିରେ ଗତ ୩୦ ତାରିଖ ରାତିରେ ନିଆଁ ଲଗାଇ ଭାଟି ମାଲିକ ହେମନ୍ତ ପଣ୍ଡାଙ୍କୁ ମାରିବାକୁ ଉଦ୍ୟମ କରିବା ଘଟଣାର ପର୍ଦ୍ଦାଫାଶ ହୋଇଛି। ଏହି ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଖୁଣ୍ଟୁଲିପାଲି ଗ୍ରାମର ଲକ୍ଷ୍ମଣ ଭୁଏ(୨୬) ଏବଂ ଜଣେ ବିବାହିତା ମହିଳା। ତ୍ରିକୋଣୀୟ ପ୍ରେମରୁ ଏହି ଘଟଣା ଘଟିଥିବା ଶନିବାର ଭେଡେନ ଥାନାରେ ଏକ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀ ସୂଚନା ଦେଇଛନ୍ତି।

ଏସ୍‌ଡିପିଓ ତ୍ରିପାଠୀ କହିଥିଲେ, ସାରସପାଲି ଗ୍ରାମର ଜଣେ ବିବାହିତା ମହିଳା ଓ ଭାଟି ମାଲିକ ହେମନ୍ତଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିଲା। ତେବେ କିଛି ମାସ ତଳେ ଉକ୍ତ ମହିଳାଙ୍କ ସହ ଖୁଣ୍ଟୁଲିପାଲି ଗ୍ରାମର ଲକ୍ଷ୍ମଣଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢି ଉଠିଥିଲା। ହେମନ୍ତ ଏହା ଜାଣିବା ପରେ ଉଭୟଙ୍କ ପ୍ରେମରେ ବାଧା ଦେଇଥିଲେ। ଫଳରେ ଉକ୍ତ ମହିଳା ଓ ତାଙ୍କ ଦ୍ୱିତୀୟ ପ୍ରେମିକ ଲକ୍ଷ୍ମଣ ମିଶି ହେମନ୍ତଙ୍କୁ ମାରିବାକୁ ଯୋଜନା କରିଥିଲେ। ଗତ ୩୦ ତାରିଖ ରାତିରେ ହେମନ୍ତ ଭାଟିରେ ଶୋଇଥିବା ବେଳେ ଉକ୍ତ ମହିଳା ଓ ଲକ୍ଷ୍ମଣ ଏକ ବାଇକ୍‌ରେ ଆସି ଭାଟିରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଫେରାର ହୋଇ ଯାଇଥିଲେ। ଗୁରୁତର ଅବସ୍ଥାରେ ହେମନ୍ତଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ହେମନ୍ତ ଗତ ୨ଦିନ ତଳେ ସୁସ୍ଥ ହୋଇ ଘରକୁ ଫେରିବା ପରେ ପୋଲିସ ମୋବାଇଲ ଟ୍ରାକିଂ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଖବରଦାତା ସମ୍ମିଳନୀରେ ଥାନାଧିକାରୀ ପ୍ରେମଜିତ ଦାଶ ଉପସ୍ଥିତ ଥିଲେ।

# ଏନ୍‌ଜେସିଏସ୍ ଚୁକ୍ତିନାମା ଦାବିରେ ବିକ୍ଷୋଭ




ବିଶ୍ରା ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ରାଉରକେଲା,୨୦।୧(ସଙ୍ଗୀତା ଜେନା)

୩୯ମାସର ଏରିଅର ପ୍ରଦାନ ସହ ଏନ୍‌ଜେସିଏସ୍ ଚୁକ୍ତିନାମା କରିବା, ଠିକାଶ୍ରମିକ ମଜୁରୀ ବୃଦ୍ଧି, ଗ୍ରାଚ୍ୟୁଇଟି ଉପରୁ ସିଲିଂ ପ୍ରତ୍ୟାହାର ଆଦି ଦାବିରେ ମିଳିତ ଟ୍ରେଡ୍ ୟୁନିୟନ ତରଫରୁ ବିଶ୍ରା ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଆର୍‌ଏସ୍‌ଏସ୍‌ର ନିହାର ଦାସ, ଆର୍‌ଏମ୍‌ଏସ୍‌ର ଅକ୍ଷୟ ନାୟକ, ସିଆଇଟିୟୁର ବସନ୍ତ ନାୟକ, ଜିଏମ୍‌ଏମ୍‌ର ଗୋପାଳ ଦାସ, ଏଆଇଟିୟୁସିର ରମେଶ ସେଠୀ, ଏଆଇୟୁଟିୟୁସିର ଅଜିତ ନାୟକ, ସିଅରର ହେମଲତା ବେହୁରିଆ, ଏଆଇସିସିଟିୟୁରୁ ସୁବାସ ଜାମୁଡାଳିଆ ଓ ଆର୍‌ଆଇକେଏସ୍‌ର ରମେଶ ସାହୁ ପ୍ରମୁଖ ବିକ୍ଷୋଭର ନେତୃତ୍ୱ ନେଇଥିଲେ। ଏନ୍‌ଜେସିଏସ୍ ଚୁକ୍ତିନାମା ଶେଷ କରିବା ପାଇଁ ଦାବି କରାଯାଇଥିଲା। ନଚେତ ଆସନ୍ତା ୨୯ ଓ ୩୦ତାରିଖରେ ଇସ୍ପାତ ଉଦ୍ୟୋଗରେ ଦୁଇଦିନିଆ ଧର୍ମଘଟ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା। ବିଶ୍ୱଜିତ ମାଝୀ, ବଛିରାମ ବେହେରା, ପି.କେ. ଷଡଙ୍ଗୀ, ପ୍ରତାପ ସ୍ୱାଇଁ, ଶ୍ରୀକାନ୍ତ ସାହୁ, ରାଜେଶ ତିର୍କୀ, ସୌମ୍ୟ ପଣ୍ଡା, ଦେବାଶିଷ ଜେନା ପ୍ରମୁଖ ସହଯୋଗ କରିଥିଲେ।

# ନିଆରା କାର୍ଯ୍ୟକ୍ରମ ଚାଲ ଖେଲମା ଉଦ୍‌ଯାପିତ




କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ଲହୁଣୀପଡା,୨୦।୧(ଦାଶରଥି ପଣ୍ଡା)

ଲହୁଣୀପଡ଼ା ବ୍ଲକ ରାଜାମୁଣ୍ଡା ପଞ୍ଚାୟତ ମିଶ୍ରପାଲିସ୍ଥିତ ଯୋଗମାୟା ମହିଳା ଉଚ୍ଚ ମାଧମିକ ବିଦ୍ୟାଳୟଠାରେ ବୋଲବମ୍ ସେବା ସଂଘ ପକ୍ଷରୁ ୨ଦିନ ଧରି ଚାଲଥିବା ଏକ ନିଆରା କାର୍ଯ୍ୟକ୍ରମ ଚାଲ ଖେଲମାର ଉଦ୍‌ଯାପନୀ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ରାଜ ମୋଟର୍ସର ପ୍ରୋପାଇଟର ହରିସ ପାଲ ଯୋଗ ଦେଇଥିବାବେଳେ ମୁଖ୍ୟ ବକ୍ତାଭାବେ କୁମାର ଗୌତମ ବାରିକ, ସମ୍ମାନିତ ଅତିଥି ବିଭୂତି ଭୂଷଣ କର, ଝସକେତନ ମାହାନ୍ତ, ସମାଜିକ କର୍ମୀ ସୁଦାନ ଚରଣ ତ୍ରିପାଠୀ, ଯୋଗମାୟା ମହିଳା ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷା ଝରଣା ପ୍ରଧାନ ଯୋଗଦେଇଥିଲେ। ସଂଘ ସମ୍ପାଦକ ପ୍ରଦ୍ୟୁତ କୁମାର ଜିତ ସ୍ୱାଗତ ଭାଷଣ ଦେବା ସହିତ ଅଧକ୍ଷତା କରିଥିଲେ। ଅନୁଷ୍ଠାନ ପକ୍ଷରୁ ଅନେକ ସମୟରେ ଜନହିତକର ଓ ସଚେତନତା ସୃଷ୍ଟି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାରୁ ଏହି ଅଞ୍ଚଳରେ ଅନୁଷ୍ଠାନ ତାର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ଉଚ୍ଚ ପ୍ରଶଂସିତ ହୋଇପାରିଛି ବୋଲି ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ନିଆରା କାର୍ଯ୍ୟକ୍ରମ ଚାଲ ଖେଲମା ସମସ୍ତଙ୍କୁ ଆକର୍ଷିତ କରିଥିଲା। ଛାତ୍ରୀଙ୍କୁ ନେଇ ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରତିଯୋଗିତା,ରୋଙ୍ଗଲି ସମେତ ବିଭିନ୍ନ ପ୍ରକାର କ୍ରିଡା ପ୍ରତିଯୋଗିତା ହୋଇଥିଲା। କୃତକାର୍ଯ୍ୟ ହୋଇଥିବା ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଦୀପକ ତ୍ରିପାଠୀ, ଅଶ୍ୱିନୀ ପାଲ, ଗୋଲେଖ ସ୍ୱାଇଁ, ହୃଷିକେଶ କର, ପ୍ରଦୀପ କୁମାର ସାହୁ, ବିକାଶ ଚକ୍ର ଏବଂ ଯୋଗମାୟା ମହିଳା କଲେଜର ଅଧାପିକା, ଅଧାପକ, କର୍ମଚାରୀ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

ରାଉରକେଲା,୨୦।୧(ଦିନେଶ ମିଶ୍ର)

ରାଉରକେଲା ସରକାରୀ ଯୁକ୍ତ ୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଛାତ୍ରୀମାନଙ୍କୁ ନେଇ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଘାଟିତ ହୋଇଛି। ଏହି ପ୍ରଶିକ୍ଷଣ ଶିବିରକୁ କଲେଜ ଅଧକ୍ଷ ଡ. ବିଜୟ କୁମାର ବେହେରା ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଶିବିରରେ କଲେଜର ଯୁକ୍ତ ୨ କଳା, ବିଜ୍ଞାନ, ବାଣିଜ୍ୟ ବର୍ଗରେ ୨୭୦ ଜଣ ଛାତ୍ରୀ ପ୍ରଶିକ୍ଷଣ ନେଇଥିଲେ। ଏହି ଶିବିରକୁ ନୋଡାଲ ଅଫିସର ଅଧ୍ୟାପିକା ମମତା ବାକ୍ସଲା ଓ କାର୍ଯ୍ୟକ୍ରମ ସଂଯୋଜିକା ଅଧ୍ୟାପିକା ନମିତା ସ୍ୱାଇଁ ପରିଚାଳନା କରିଥିଲେ। ଆସନ୍ତା ୮ଟି କାର୍ଯ୍ୟଦିବସ ପାଇଁ ଚାଲିବାକୁ ଥିବା ଏହି ଶିବିରରେ ଯୁକ୍ତ ୨ ବର୍ଗର ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ପ୍ରଦାନ କରାଯିବ। ପ୍ରଶିକ୍ଷିକା ଦୁଲାଣି ମୁଣ୍ଡାରି, ମହିମା ସୁନ୍ଦରୀ ମଲ୍ଲିକ, ସ୍ୱର୍ଣ୍ଣମିତା ସାହୁ, ଦେବିଦର୍ଶନୀ ବେହେରା ଓ ସୁଜାତା ମିଞ୍ଜ ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

### ସମର୍ଥକଙ୍କ ସହ ଯୁବ ବିଜେଡି ନେତା ଭାଜପାରେ ସାମିଲ

ସରଣ୍ଡା,୨୦।୧(ଯୁଧିଷ୍ଠିର ମହାପାତ୍ର)

ବରଗଡ ଜିଲା ଅତାବିରା ବ୍ଲକ ଗୋଡ଼ଭଗାର ସାମାଜିକ କର୍ମୀ ତଥା ଯୁବ ବିଜେଡି ନେତା ମଧୁସୂଦନ ଶର୍ମା ତାଙ୍କ ସମର୍ଥକଙ୍କ ସହ ଭାଜପାରେ ଯୋଗ ଦେଇଛନ୍ତି।

# ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

ରାଉରକେଲା,୨୦।୧(ଦିନେଶ ମିଶ୍ର)

ରାଉରକେଲା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଡ. ବିଜୟ କୁମାର ବେହେରାଙ୍କ ମାର୍ଗଦର୍ଶନରେ ସ୍ନାତକ ଓ ସ୍ନାତକୋତ୍ତର ବର୍ଗର ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ। ନୋଡାଲ ଅଧିକାରୀ ମାୟାଧର ବାରିକ ଓ ଯୁକ୍ତ ୨ ନୋଡାଲ ଅଧିକାରୀ ଅଜୟ ବେହେରା ସମସ୍ତ ପ୍ରତିଯୋଗିତା ପରିଚାଳନା କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ନାଟକ, ଲୋକନୃତ୍ୟ ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାରେ ବିଚାରକ ଭାବେ ଅଭିନେତା ମନୋଜ କୁମାର ନାୟକ ଓ ନୃତ୍ୟଗୁରୁ ସୁବ୍ରତ ଭୂୟାଁ ଯୋଗ ଦେଇଥିଲେ। ସମ୍ମାନ ଓ ସ୍ନାତକୋତ୍ତର ବର୍ଗର ସଂଯୋଜକ ଅଧ୍ୟାପକ ସୁରତ ଗିରି, ବିଶ୍ୱରଞ୍ଜନ ଦାସ, ଅଧାପିକା ସୁଷମା ମୋଦି, ରଜନୀ କିଷାନ, ଶିବାନୀ ଦାସ, ଦୀପ୍ତିମୟୀ ପ୍ରଧାନ, ପ୍ରଦୀପ ଟୋପ୍ପୋ ସହଯୋଗ କରିଥିଲେ।

# ଆତ୍ମସୁରକ୍ଷା ତାଲିମ ଉଦ୍‌ଯାପିତ

ବରପାଲି,୨୦।୧(ଚିତ୍ତରଞ୍ଜନ ସାହୁ)

ବରପାଲି ବ୍ଲକ କଦଳୀପାଲି ଜଗବନ୍ଧୁ ଦାଶ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୮ଦିନିଆ ଆତ୍ମ ସୁରକ୍ଷା ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷ ପ୍ରଦୀପ କୁମାର ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ନାଟ୍ୟକାର ଓ ନିର୍ଦ୍ଦେଶକ ପ୍ରଭୁ ମାହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପୂର୍ବତନ ଦେଶସୁରକ୍ଷା ବାହିନୀ କର୍ମଚାରୀ ମଧୁସୂଦନ ମେହେର, ଅଧ୍ୟାପକ ସୁଧାଂଶୁ ଦାଶ ଓ ଅନ୍ତର୍ଯାମୀ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ ବନ୍ଦିତା ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଗତ ୧୦ ତାରିଖରୁ ଶିବିର ଆରମ୍ଭ ହୋଇଥିଲା। ମାଷ୍ଟର ଟ୍ରେନର ଭାବେ ଜେଡି ମହିଳା ସ୍ନାତକ ମହାବିଦ୍ୟାଳୟର ଛାତ୍ରୀ ରୂପାଲି ମେହେର, ଶୁଭସ୍ମିତା ବୁଧିଆ, ରେଣୁକା ଗହୀର ଏବଂ ଝୁମି ସେଠ ପ୍ରମୁଖ ଯୋଗ ଦେଇ ତାଲିମ ଦେଇଥିଲେ। ଅଧ୍ୟାପକ ରବିନ୍ଦ୍ର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅର୍ନ୍ତଯାମୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅତିଥିମାନେ ଶିବିରାର୍ଥୀମାନଙ୍କୁ ପ୍ରମାଣପତ୍ର ବିତରଣ କରିଥିଲେ। ଅଧାପିକା, ଅଧାପକ ଓ କର୍ମଚାରୀମାନେ ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

# ନାଟକ 'ସାମ୍ନାରେ ଜଗନ୍ନାଥ' ମଞ୍ଚସ୍ଥ

ମଥୁରାନଗରୀ,୨୦।୧(ପ୍ରେମାନନ୍ଦ ଖମାରୀ)

ଶ୍ରୀ ଜଗନ୍ନାଥ ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟନ ଅବସରରେ ବରଗଡ଼ ତଳିପଡ଼ାସ୍ଥିତ ସମଲେଶ୍ୱରୀ ସଂଘ ପକ୍ଷରୁ ସମ୍ବଲପୁରୀ ନାଟକ 'ସାମ୍ନାରେ ଜଗନ୍ନାଥ' ମଞ୍ଚସ୍ଥ ହୋଇଯାଇଛି। ସ୍ଥାନୀୟ ଉତ୍କଳ ଗୌରବ କଳାକାର ସଂଘ କାଦମ୍ବିନୀ ମଣ୍ଡପରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମକୁ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ପୌରାଧ୍ୟକ୍ଷା କଳ୍ପନା ମାଝି, କାଉନସିଲର କବିତା ବେହେରା, ଫକୀର କର୍ଣ୍ଣ, ସମଲେଶ୍ୱରୀ ସଂଘ ସଭାପତି ସମୀର ପ୍ରଧାନ, ଉତ୍କଳ ଗୌରବ କଳାକାର ସଂଘ ସଭାପତି ବିଜୟ ପାଣିଗ୍ରାହୀ ପ୍ରମୁଖ ଅତିଥି ଭାବେ ଯୋଗଦେଥିଲେ। ଅଧ୍ୟାପକ ଅଶୋକ ବେହେରା ନାଟକରେ ନିର୍ଦ୍ଦେଶନା ଦେଇଥିଲେ। ହେମେନ୍ଦ୍ର ମହାପାତ୍ର ନାଟକର ମୂଳ ରଚନା କରିଥିବାବେଳେ ପ୍ରୟାସ ରଞ୍ଜନ ବିର୍ତ୍ତିଆ ନାଟକର ସମ୍ବଲପୁରୀ ଅନୁବାଦ କରିଥିଲେ। ସଞ୍ଜୟ କୁମାର ବେହେରା ସହ ନିର୍ଦ୍ଦେଶକ ଥିଲେ।



ନାଟକ 'ସାମ୍ନାରେ ଜଗନ୍ନାଥ'ର ଦୃଶ୍ୟାଭିନୟ ।

ସଞ୍ଜୟ କୁମାର ପାଢ଼ୀ, ପ୍ରୟାସ ରଞ୍ଜନ ବିର୍ତ୍ତିଆ, ବିକାଶ ରଞ୍ଜନ ମିଶ୍ର, ମଳୟ କୁମାର ମିଶ୍ର, ଚୂଡ଼ାମଣି ସିଂ, କାଞ୍ଚନ ଚକ୍ରବର୍ତ୍ତୀ, ରତନ ଗୁରୁ, ସଞ୍ଜୟ କୁମାର ବେହେରା, ସନ୍ତୋଷ କୁମାର ଶତପଥୀ, ଅଭୟ ପ୍ରଧାନ, ଜିତେନ୍ଦ୍ର ସାହୁ, ପ୍ରୀତମ ସାହୁ, ତରୁଣ ପଟେଲ, ମୋନାଲି ବଗର୍ତ୍ତି, ଛନ୍ଦାଲିସା ତାଣ୍ଡି, ସୁମିକ୍ଷା ଡନସନା ପ୍ରମୁଖ ନାଟକର ବିଭିନ୍ନ ଚରିତ୍ରରେ ଅଭିନୟ କରିଥିଲେ। ଗୋପାଳ ମିଶ୍ର, ପରିତୋଷ ବେହେରା ସଙ୍ଗୀତରେ ସହଯୋଗ କରିଥିଲେ। ଶୁଭମ ମହାପାତ୍ର ଗାୟକ ଥିବାବେଳେ ସେବକ ମେହେର, ବିଶାଳ ନାଗ, ଆଦିତ୍ୟ ଦୀପ ମଞ୍ଚ ଆଲୋକ, ଶୁଭମ ଦାଶ, ଚୂଡ଼ାମଣି ସିଂ ମଞ୍ଚସଜ୍ଜାରେ ସହଯୋଗ କରିଥିଲେ। ସଞ୍ଜୀବ ସାହୁ ଏବଂ ଦେଓଗାଁର ଜୟ ଜଗନ୍ନାଥ ସଂକୀର୍ତ୍ତନ ମଣ୍ଡଳୀ ସହଯୋଗ କରିଥିଲେ।

# ହାଭେଲ୍ସର ଆଲୋକୀକରଣ ପ୍ରକଳ୍ପ

**ଭୁବନେଶ୍ୱର, ୨୦।୧**

ଉତ୍ତରପ୍ରଦେଶର ଅଯୋଧ୍ୟାଠାରେ ଶ୍ରୀରାମ ଜନ୍ମଭୂମି କମ୍ପ୍ଲେକ୍ସରେ ନବନିର୍ମିତ ଶ୍ରୀରାମ ମନ୍ଦିରର ଆଲୋକୀକରଣ ପ୍ରକଳ୍ପକୁ ହାଭେଲ୍ସ ଇଣ୍ଡିଆ ସଫଳତାର ସହ ସମାପ୍ତ କରିଛି। କମ୍ପାନୀର ଆଲୋକ ସମାଧାନ ମାଧ୍ୟମରେ ଶ୍ରୀରାମ ମନ୍ଦିରର ମହିମା ତଥା ଶୋଭା ବଢ଼ାଇବାରେ ଉକ୍ତ ପ୍ରକଳ୍ପ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ବିଶେଷକରି ଗୁଣବତ୍ତା ଏବଂ ନବସୃଜନ ପ୍ରତି କମ୍ପାନୀର ଅଦମ୍ୟ ପ୍ରତିବଦ୍ଧତା କେବଳ ମନ୍ଦିରକୁ ଆଲୋକିତ କରିନାହିଁ ବରଂ ଭକ୍ତ ଏବଂ ଅତିଥିମାନଙ୍କ ପାଇଁ ଏକ ବିଶ୍ୱସ୍ତରୀୟ କୀର୍ତ୍ତି ସୃଷ୍ଟି କରିଛି।

ଏ ସମ୍ପର୍କରେ ହାଭେଲ୍ସ ଇଣ୍ଡିଆର ସଭାପତି ପରାଗ ଭଟ୍ଟନାଗର କହିଛନ୍ତି,ଏହି ପବିତ୍ର ସ୍ଥାନର ଐତିହାସିକ ଉତ୍ତରାଧିକାରୀଙ୍କ ଅବଦାନରେ ଶ୍ରୀରାମ ମନ୍ଦିରଙ୍କୁ ଆଲୋକିତ କରିବାର ଦାୟିତ୍ୱ ଆମକୁ ବେଶ୍ ଗୌରବାନ୍ୱିତ କରିଛି। ଯେତେବେଳେ ମନ୍ଦିରର କବାଟ ଭକ୍ତ ଏବଂ ପରିଦର୍ଶକମାନଙ୍କ ପାଇଁ ଖୋଲାଯାଏ, ସେତେବେଳେ ଆମେ ଏହା ଜାଣି ଗର୍ବିତ ଯେ ଆମର ଆଲୋକ ସମାଧାନ କେବଳ ଆଖପାଖର ମହାନତାକୁ ବଢାଇବ ନାହିଁ ବରଂ ସମଗ୍ର ଅନୁଭୂତିରେ ପାରିପାର୍ଶ୍ୱୀୟ ସ୍ୱର୍ଶ ମଧ୍ୟ ଯୋଡ଼ିଛି। ଏହି ଐତିହାସିକ ପ୍ରୟାସରେ ଜଡିତ ସମସ୍ତଙ୍କୁ ଆମେ ହୃଦୟରୁ ଅଭିନନ୍ଦନ ଜଣାଉଛୁ ଏବଂ ଅଯୋଧ୍ୟା ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ଅଂଶ ହେବାର ସୁଯୋଗ ପାଇଁ ଆମେ କୃତଜ୍ଞତା ଜଣାଉଛୁ। ଉଦ୍ଭାବନ ଏବଂ ସାଂସ୍କୃତିକ ଐତିହ୍ୟର ସୀମାକୁ ପ୍ରତିପାଦିତ ପାଇଁ ହାଭେଲ୍ସ ଉତ୍ସର୍ଗୀକୃତ ରହିଛି।

ସେହିଭଳି ପବିତ୍ର ମନ୍ଦିର ମଝିରେ ଉକ୍ତ ପ୍ରକଳ୍ପର କାରୁକାର୍ଯ୍ୟ ଅବସ୍ଥିତ ରହିଛି, ଯାହା ଆକର୍ଷଣର ମୁଖ୍ୟ କେନ୍ଦ୍ର ହୋଇଥିବାବେଳେ ବିଭିନ୍ନ ଆଲୋକ ପ୍ରଭାବ ସହିତ ଅନନ୍ୟ ସ୍ଥାପତ୍ୟକୁ ହାଇଲାଇଟ୍ କରିବା ପାଇଁ ହାଭେଲ୍ସ କଷ୍ଟୋମାଇଜ୍ ଆଲୋକୀକରଣ ଉତ୍ପାଦ ବ୍ୟବହାର କରିଛି। ଉକ୍ତ ଆଲୋକଗୁଡ଼ିକ ଏହି ପବିତ୍ର ମନ୍ଦିରର ଭିତରେ ଥିବା ଜଟିଳ ମାର୍ବଲ ସ୍ଥାପତ୍ୟ ଖୋଦନକୁ ସୂକ୍ଷ୍ମ ଭାବେ ଆଲୋକିତ କରିବା ସହିତ ମନ୍ଦିରର ଶୋଭା ଆହୁରି ବୃଦ୍ଧି କରିବ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# ଲାଲଚାନ୍ଦ୍‌ର ସ୍ୱତନ୍ତ୍ର ରୁପା ମୁଦ୍ରା 'ଶ୍ରୀରାମ ଦରବାର'

**ଭୁବନେଶ୍ୱର,୨୦।୧ (ଅୟଭ ଦାଶ)**




ରାଜ୍ୟର ଅଗ୍ରଣୀ ତଥା ପୂର୍ବଭାରତର ସର୍ବାଧିକ ଲୋକପ୍ରିୟ ଅଳଙ୍କାର ପ୍ରତିଷ୍ଠାନ ଲାଲଚାନ୍ଦ୍ ଜୁଏଲର୍ସ ପକ୍ଷରୁ 'ଶ୍ରୀରାମ ଦରବାର' ସ୍ୱତନ୍ତ୍ର ସଂସ୍କରଣ ରୁପା ମୁଦ୍ରାର ଉନ୍ମୋଚନ ସହ ବିକ୍ରୟ ପାଇଁ ମଧ୍ୟ ଉପଲବ୍ଧ କରାଯାଇଛି। ଉତ୍ତରପ୍ରଦେଶର ଅଯୋଧ୍ୟାଠାରେ ନବନିର୍ମିତ ଭବ୍ୟ ଓ ଦିବ୍ୟ ରାମମନ୍ଦିର ଏବଂ ପ୍ରଭୁ ଶ୍ରୀରାମଙ୍କ ବିଗ୍ରହର ପ୍ରାଣପ୍ରତିଷ୍ଠା ମହୋତ୍ସବ ଉପଲକ୍ଷେ 'ଶ୍ରୀରାମ ଦରବାର' ସ୍ୱତନ୍ତ୍ର ସଂସ୍କରଣ ରୁପା ମୁଦ୍ରା'ର ଡିଜାଇନ କରାଯାଇଛି। ଏପରିକି ଏହି ବିଶେଷ ମୁଦ୍ରା ଲାଲଚାନ୍ଦ୍ ଜୁଏଲର୍ସର ରଘୁନାଥପୁର, କଟକ ଏବଂ ବ୍ରହ୍ମପୁରସ୍ଥିତ ଶୋ'ରୁମ୍ ଆଦିରେ ଉପଲବ୍ଧ। ସେହିଭଳି ଏହି ଗୋଲାକାର ଓ ବର୍ଗାକାର ରୁପା ମୁଦ୍ରାରେ ପ୍ରଭୁ ଶ୍ରୀରାମ,ଦେବୀ ସୀତାଙ୍କ ସମେତ ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନ ଏବଂ ହନୁମାନଙ୍କ ଚିତ୍ର ଅଙ୍କିତ ହୋଇଛି। ହଲ୍‌ମାର୍କ ଯୁକ୍ତ ୯୯୯ଶୁଦ୍ଧତା ବିଶିଷ୍ଟ ସ୍ୱତନ୍ତ୍ର ଶୈଳୀରେ ନିର୍ମିତ ଉକ୍ତ ମୁଦ୍ରା ୧୦ ଗ୍ରାମରୁ ଆରମ୍ଭକରି ୧୦୦ଗ୍ରାମ ପର୍ଯ୍ୟନ୍ତ ଉପରୋକ୍ତ ଶୋରୁମ୍‌ଗୁଡିକରେ ଉପଲବ୍ଧ। ଏହି ସ୍ୱତନ୍ତ୍ର ରୁପା ମୁଦ୍ରାକୁ ଗ୍ରାହକମାନେ କ୍ରୟ (କିଣି) କରି ଏକ ଦିବ୍ୟ ଅନୁଭୂତି ଲାଭ କରିବା ସହ ବହୁ ପ୍ରତୀକ୍ଷିତ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବକୁ ସ୍ମରଣୀୟ କରିପାରିବେ।

ଏ ସମ୍ପର୍କରେ ଲାଲଚାନ୍ଦ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ସଞ୍ଜୟ ହଂସ କହିଥିଲେ, ଦୀର୍ଘ ବର୍ଷ ପରେ ଜନ୍ମଭୂମି ଅଯୋଧ୍ୟାକୁ ଶ୍ରୀରାମଲଲାଙ୍କ ଆଗମନ ଏବଂ ଭବ୍ୟ ମନ୍ଦିରରେ ଶ୍ରୀରାମଙ୍କ ପ୍ରାଣପ୍ରତିଷ୍ଠା ମହୋତ୍ସବ ଉପଲକ୍ଷେ ଲାଲଚାନ୍ଦ୍‌ର ସମସ୍ତ ଗ୍ରାହକ ଏବଂ ରାମଭକ୍ତଙ୍କୁ ହଂସ ଶୁଭକାମନା ଜଣାଇଛନ୍ତି।

ଉଲ୍ଲେଖଯୋଗ୍ୟ, ଲାଲଚାନ୍ଦ୍ ଜୁଏଲର୍ସର କଟକ ଶୋ'ରୁମ୍ (ଷ୍ଟୋର୍)ର କର୍ମଚାରୀଙ୍କ ଦ୍ୱାରା ଏକ ସୁନ୍ଦର ରଙ୍ଗୋଲି ଅଙ୍କାଯାଇ ପ୍ରଭୁ ଶ୍ରୀରାମ ଲାଲାଙ୍କୁ ସ୍ୱାଗତ କରାଯାଇଛି।

# ଫାୟାରଷ୍ଟୋନ୍‌ର ନୂତନ ଉତ୍ପାଦ

**ଭୁବନେଶ୍ୱର,୨୦।୧**

ଅନ୍ତଃରାଷ୍ଟ୍ରୀୟ ଘରୋଇ ସଂସ୍ଥା ତଥା ଟାୟାର ଶିଳ୍ପର ଅଗ୍ରଣୀ କମ୍ପାନୀ ଫାୟାରଷ୍ଟୋନ୍‌ର ନୂତନ ଉତ୍ପାଦ 'ଫାୟାରଷ୍ଟୋନ୍ ରୋଡ୍‌ହକ୍ ୨ଜେଡ୍'ର ସର୍ବଭାରତୀୟ ଉନ୍ମୋଚନ ସହ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଉପଯୁକ୍ତ ପ୍ରଯୁକ୍ତି ଜ୍ଞାନକୌଶଳ ଅନୁସାରେ ଏହାକୁ ପ୍ରସ୍ତୁତ କରାଯାଇଛି। ୫ବର୍ଷର ୱାରେଣ୍ଟି ସହ ଉକ୍ତ ଟାୟାରର ତୁଳନାତ୍ମକ କାର୍ଯ୍ୟଦକ୍ଷତା, ବର୍ଦ୍ଧିତ ନିରାପତ୍ତା, ଉନ୍ନତ ମାଇଲେଜ ଓ ଉତ୍କୃଷ୍ଟ ବ୍ରେକିଂ କ୍ଷମତା ଆଦି ରହିଛି। ସେହିଭଳି ଫାୟାରଷ୍ଟୋନ୍ ରୋଡ୍‌ହକ୍ ୨ଜେଡ୍ ଟାୟାର ହ୍ୟାଚ୍‌ବ୍ୟାକ୍, ସେଡାନ ଓ ସିୟୁଭି ବଜାର ଚାହିଦାକୁ ପୂରଣ କରିବ। ବିଶେଷକରି ଏହା ୧୨ରୁ ୧୬ଇଞ୍ଚ ରିମ୍ କଭରେଜ ସହିତ କାର୍ଯ୍ୟ କରିବ। ଏ ସମ୍ପର୍କରେ କମ୍ପାନୀର ମୁଖ୍ୟ ବାଣିଜ୍ୟ ଅଧିକାରୀ ରାଜର୍ଷି ମୋଇତ୍ର କହିଛନ୍ତି, ରୋଡ୍‌ହକ୍ ୨ଜେଡ୍‌କୁ ଉନ୍ମୋଚନକରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମର ଉତ୍ପାଦ ଅଫରରେ ଅନ୍ତର୍ଭୁକ୍ତ କରିବା ଏହା ଆମ ପାଇଁ ଗର୍ବର ବିଷୟ ପାଲଟିଛି। ୧୯୦୦ରୁ ଟାୟାର ଶିଳ୍ପରେ ଫାୟାରଷ୍ଟୋନ୍‌ର ଏକ ସମୃଦ୍ଧ ଭିତ୍ତିଭୂମି ରହିଛି। ଆମେ ନିଶ୍ଚିତ ଯେ ରୋଡ୍‌ହକ୍ ୨ଜେଡ୍ ଗ୍ରାହକ ଓ ଆମର ଚ୍ୟାନେଲ ସହଭାଗୀଙ୍କ ମଧ୍ୟରେ ଉତ୍ତମ ଆଦୃତ ଲାଭ କରିବ। ସେହିଭଳି ବର୍ଦ୍ଧିତ ମାଇଲେଜ ପାଇଁ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତାକୁ ସମାଧାନ କରି ଟାୟାରରେ ଏକ ଉଚ୍ଚ ଅଙ୍ଗାରକାମ୍ଳ କଳା ଅନୁପାତ ସହ ଏକ ନିଆରା ବୈଶିଷ୍ଟ୍ୟ ରହିଛି। ଦୃଢ଼ ସାମଗ୍ରୀ ସହ ପ୍ରସ୍ତୁତ ଏହା ବ୍ରେକିଂ କାର୍ଯ୍ୟଦକ୍ଷତାକୁ ସୁଦୃଢ଼ କରିଥାଏ। ଅତିରିକ୍ତ ଭାବେ ଅପ୍ଟିମାଇଜ ଷ୍ଟ୍ରେସ୍ ଓ ହ୍ରାସ ହୋଇଥିବା ସିପେଜ ଟାୟାରର ସାମଗ୍ରିକ ସ୍ଥାୟିତ୍ୱ ବୃଦ୍ଧି ଲାଗି ଏକତ୍ର କାର୍ଯ୍ୟ କରିଥାଏ।

# ୪୧ତମ ଓଡ଼ିଶା ମେଟାଲିଫେରସ୍ ଖଣି ସୁରକ୍ଷା ସପ୍ତାହ



**ଭୁବନେଶ୍ୱର, ୨୦।୧**

୪୧ତମ ଓଡ଼ିଶା ମେଟାଲିଫେରସ୍ ଖଣି ସୁରକ୍ଷା ସପ୍ତାହ ଶୁକ୍ରବାର କେଉଁଝର ଜିଲାର ସେଣ୍ଟ୍ରାଲ ଗ୍ରାଉଣ୍ଡ ଏସ୍ଏମ୍‌ପିଏଲ୍ ସୋୟାବ୍ଲି ବଡ଼ବିଲଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଦିନିକିଆ କାର୍ଯ୍ୟକ୍ରମ ଭୁବନେଶ୍ୱର ଅଞ୍ଚଳର ଖଣି ମହାନିର୍ଦ୍ଦେଶାଳୟଙ୍କ ଅଧୀନ ଓଡ଼ିଶା ଖଣି ବିଭାଗ ଏବଂ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍ ଲିମିଟେଡ୍ ଦ୍ୱାରା ଆୟୋଜିତ ହୋଇଥିଲା। ଏହି ଅବସରରେ ଖଣି ସୁରକ୍ଷା ବିଭାଗର ମହାନିର୍ଦ୍ଦେଶକ ପ୍ରଭାତ କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖଣି ନିରାପତ୍ତା କାର୍ଯ୍ୟକ୍ରମକୁ ସମସ୍ତ ଖଣି ମାଲିକ ଠିକ ଭାବେ ପାଳନ କରୁଥିବା ନେଇ ଉଚ୍ଚ ପ୍ରଶଂସା କରିଥିଲେ।

ବିଶେଷକରି ଖଣି ଆଖପାଖ ଅଞ୍ଚଳର ସୁରକ୍ଷା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପାରାମିଟର ହୋଇଥିବାବେଳେ ଖଣି ମାଲିକମାନେ ଏଥିପ୍ରତି ସଚେତନ ରହିବା ଉଚିତ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ। ଏପରିକି ଆଗାମୀ ଦିନରେ ସୁରକ୍ଷା ବ୍ୟବସ୍ଥାକୁ କିପରି ଅଧିକ ଉନ୍ନତ କରାଯାଇପାରିବ, ଏହା ଉପରେ ସେ ସମସ୍ତଙ୍କର ମତାମତ ଲୋଡ଼ିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରାୟ ୧୧୦ ଖଣି ଓ ୭୫ କଣ୍ଟ୍ରାକ୍ଟର ପ୍ରତିନିଧି ଭାଗ ନେଇ ଖଣି ନିରାପତ୍ତା ଉପରେ ନିଜ ନିଜର ମତ ଉପସ୍ଥାପନ କରିଥିଲେ। ଏହି ପରିପ୍ରେକ୍ଷୀରେ ଡେପୁଟି ଡାଇରେକ୍ଟର ଜେନେରାଲ ଏସ୍.ଡି. ଚିଡାୱାରଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ।

ଏ ସମ୍ପର୍କରେ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍ ଲିମିଟେଡ୍‌ର ସିଓଓ (ମାଇନ୍ସ ଡିଭିଜନ) ସୌଭିକ ମଜୁମଦାର କହିଥିଲେ, ଖଣି ତଥା ଗୃହରେ ନିରାପତ୍ତା ରକ୍ଷାକରିବା ସମସ୍ତଙ୍କ ପାଇଁ ଜରୁରୀ ହୋଇଥିବାବେଳେ ସୁରକ୍ଷା ପ୍ରଥମେ ଘରୁ ଆରମ୍ଭ ହୋଇଥାଏ। ତେଣୁ ଆମେ କାର୍ଯ୍ୟ କରୁଥିବା ପରିବେଶକୁ ସୁରକ୍ଷା ରଖିବା ଦରକାର ବୋଲି ସେ ବିସ୍ତୃତ ଭାବେ ମତବ୍ୟକ୍ତ କରିଛନ୍ତି।


**DISTRICT PROJECT OFFICE**
**SAMAGRA SIKSHYA, MAYURBHANJ**
**TENDER CALL NOTICE**
**No.181, Dated 18.01.24**
**Printing and Supply of Holistic Progress Card for Class I to VIII for the year 2023-24**

**No.n-260:** Sealed tender are invited from registered suppliers/vendors having valid Authorisation Certificates, MSME/SSI, PAN, GST regd.No. for Supply of Holistic Progress Card for Class-I to VIII for 2023-24. The tender papers/bid documents containing detailed specification with terms and conditions in 2 part bidding i.e. application of Technical Bid & Application of Financial Bid & the tender paper can be downloaded in the website at www.osepa.odisha.gov.in and www.mayurbhanj.nic.in. Cost of Tender processing fees Rs.3000.00 (Rupees Three Thousand) Only (Non-Refundable). The last date & time for submission of sealed tender is 01.02.24 at 2 PM and the tender will be opened on 02.02.24 at 11 AM.

**Sd./- Collector-cum-Chairman**
**Samagra Sikshya, Mayurbhanj**
OIPR-27140/11/0002/2324

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, SAMBALPUR**
Phone No.(0663)- 2412791 (Off), E-mail:eemisbp@yahoo.co.in
**No.192, Date:12.01.2024**
**CANCELLATION OF e-PROCUREMENT NOTICE TO BID REFERENCE No: SE,MID, SBP/11/2023-24**

**No.A-1252:** Due to unavoidable circumstances the Bid Ref.No. SE MIDSBP/11/2023-24 is hereby cancelled.

**Sd./- Superintending Engineer**
**M.I. Division, Sambalpur**
OIPR-32036/11/0017/2324

**Panchayat Samiti Office, Athmallik**
e-mail: ori-athamalik@nic.com
**Tender Call Notice No. ALKB-03/2023-24, Dt.28.12.2023**
Letter No. 78 Dt.: 10.01.24
**CORRIGENDUM**

No.i-593:- Corrigendum is hereby issued to all concerned that the last date of submission of quotations in respect of Tender Call Notice No. ALKB-03/2023-24 dt.28.12.2023 issued vide letter No. 4587 dt.28.12.2023 of Panchayat Samiti, Athmallik is extended upto 24.01.2024 and the quotations will be opened at 12 PM of 25.01.2024.

**Sd./- Block Development Officer**
**Athamallik**
OIPR-19091/11/0004/2324

**SAMBALPUR MUNICIPAL CORPORATION**
**Notice No.469/SMC, Date 16.01.2024**
**NOTICE INVITING REQUEST FOR PROPOSAL (RFP)**

**No.C-2385:Sealed Application is invited for "Selection of Consulting Firm for Establishing of Horticulture Project Management Unit at Sambalpur Municipal Corporation"** in conformity with the Terms & Condition of the details RFP notice in a two-cover. Interested Bidder Please refer to Website **www.smcsambalpur.nic.in** & **www.sambalpur.nic.in** for complete details and download the documents. The details document shall be available on the website from 16.01.2024. The Last date & time of submission of proposal is 02.02.2024 till 5.00 PM. For any queries, please contact **Sambalpur.hud@nic.in.**
The Authority reserves the right to cancel any or all the Bids without assigning any reason thereof.

**Sd./- Municipal Commissioner**
**Sambalpur Municipal Corporation**
OIPR-13122/11/0071/2324

**ZILLA SWASTHYA SAMITI, MAYURBHANJ**
Office of the CDM&PHO-cum-District Mission Director, NHM, Mayurbhanj, Odisha - 757001
Advt. No. 253/NHM/2023-24 Dt.19.01.24
**REQUEST FOR PROPOSAL FOR OUTSOURCING OF SECURITY SERVICES AT GOVT. HEALTH INSTITUTIONS OF MAYURBHANJ DISTRICT UNDER NIRMAL SCHEME**

No. E-755: Sealed proposals as per prescribed RFP documents are invited from interested eligible bidders for the **Outsourcing of Security Services at Government Health Institutions of Mayurbhanj District**. The eligible criteria, the details requirement of the said services and the formats for submission of proposals are set forth in the RFP documents which can be downloaded from the website: **www.mayurbhanj.nic.in**. Interested bidders fulfilling the eligibility criteria may submit their proposals (with EMD & document as per RFP) to the O/o. CDM&PHO, Mayurbhanj, Proposal(s) complete in all respect should reach the undersigned on or before 01.00 P.M. of 15.02.2024 through Regd./Speed Post & Courier and the same will be opened on 16.02.2024 at 11.30 A.M. in the NHM Conference Hall, O/o. the CDM & PHO, Mayurbhanj. The undersigned reserves the right to reject any or all the tender(s) without assigning any reason thereof.

**Sd./- Chief District Medical & Public Health Officer, Mayurbhanj**
OIPR-10020/11/0017/2324

**ZILLA SWASTHYA SAMITI, BARGARH**
**Dept. of Health & Family Welfare, Govt. of Odisha**
**District Head Quarter Hospital, Bargarh - 768028, Phone/Fax: 06646-231763**
Advt. No. 64/NHM, BARGARH/2023-24 Date: 18.01.2024
**TENDER CALL NOTICE**

No. E-752: Sealed bids are invited from registered firms/agencies for Outsourcing of Techno Managerial Manpower. Details regarding eligibility criteria, terms & conditions and formats for submission of RFP (Technical & Price Bid) are mentioned in the tender document which may be downloaded from the website: **www.bargarh.nic.in.** Interested agency/firm has to submit their bids in a sealed envelope superscribing on the top of the sealed envelope as "Request for Proposal (RFP) - Selection of Agency for Outsourcing of Techno Managerial Personnel at Govt. Health Institutions of Bargarh". Bid documents should reach to the office of the undersigned on or before Dt.12.02.2024, 4 P.M. through Speed Post/Regd. Post/ Courier only and will be opened on Dt.15.02.2024 at 11.00 A.M. Pre-Bid meeting will be held on Dt.30.01.2024, 11.00 A.M. in the Conference Hall of the undersigned. The undersigned reserves the right to reject any or all the bid documents without assigning any reason thereof. The authority is not responsible for any postal delay.

OIPR-10124/11/0017/2324 Sd./- Chief District Medical & Public Health Officer, Bargarh

No. D-210:
**ODISHA PUBLIC SERVICE COMMISSION**
**No. 380/PSC Dt.19.01.24**
**(1E-34-2023/24) DR-II**
**Corrigendum to Advertisement No. 21 of 2023-24 for recruitment to the Posts of Assistant Executive Engineer (Electrical), under the Department of Energy, Govt. of Odisha**

1. In pursuance of Govt. of Odisha in Department of Energy, Letter No. 628/En, dated 18.01.2024 the **entire** Para-3 of Short advertisement and the **first Paragraph** of Para-3 of Long advertisement relating to **AGE** stand deleted.
2. The **AGE** in both the Short and Long Advertisements may be read as: **"A candidate must have attained the age of 21 (twenty one) years and must not be above the age of 38 (thirty eight) years as on the 1st day of January, 2023 i.e. he or she must have been born not earlier than 2nd January 1985 and not later than 1st January 2002".**
3. Further, below **Para-4 relating to EDUCATIONAL QUALIFICATION** of both the Long and Short Advertisements, the following are inserted in the form of a **Note:**
   **"Note: (a) Degree in Electrical Engineering refers to B.Tech. in Electrical Engineering, or B.E. in Electrical Engineering, or B.Sc. (Engineering) in Electrical.**
   **(b) Equivalent qualification refers to Associated Member of the Institution of Engineers of India in Electrical Engineering".**
4. Also, Note-(a) of Para-5 relating to **Method of Selection** of the Long Advertisement stands deleted.
5. Instead, the same may be reas as:
   "Candidates are to upload their **Certificate showing valid GATE score in Electrical Engineering** along with online application".
6. Clause (V) of Para-9 stating "Certificate showing valid GATE score" relating to **Certificates/Documents to be Attached** of Long Advertisement stands deleted.
7. Instead, Clause (V) of Para-9 may be read as follows:
   "Certificate showing **valid GATE Score in Electrical Engineering**".
8. The words "Certificate showing valid GATE score" in **NOTE-3 of Para-9** of Long Advertisement stands deleted.
9. Instead, it may be read as follows:
   **"Certificate showing valid GATE Score in Electrical Engineering".**
10. All other terms and conditions of the Advertisement remain unchanged.

OIPR-12002/11/0135/2324 **Sd./- Secretary**

**The Odisha Small Industries Corporation Ltd.**
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No.CAD-3779 OSIC GST No. 21AAACO2101M1Z1
**e-Procurement Notice**

Tender Notice No.125 Date: 18.01.2024

**The Odisha Small Industries Corporation Ltd. (OSIC)** (A Govt. of Odisha Undertaking), Industrial Estate, Madhupatna, Cuttack – 753 010 invites Tenders in sealed cover under two bid system i.e., Technical Bid & Price Bid from manufacturing Firms and Authorized Importers/ Authorized Distributors/Dealers for "Supply, Installation, Testing and Commissioning of the machinery and equipment for Common Facility Centre (CFC) of Cashew Cluster to be established at Denai, PO: Bhubanpur, PS: Brahmagiri, District: Puri, Odisha," **in ONLINE MODE**

| Date of Commencement of Tender | Last Date & Time of online submission & receipt of Tender | Date & Time for online opening of Tender | Cost of Tender Paper+ GST @18%(Rs) |
|---|---|---|---|
| 18.01.2024 11.00 AM | 08.02.2024 at 12.00 PM | 08.02.2024 At 12.30 PM | (Rs. 11800/-) |

A complete set of the Bid documents containing the details of the terms & conditions may be downloaded fromhttp://tendersorissa.gov.in./**website:www.osicltd.in** and the same can be submitted ONLINE along with cost of Tender Paper in shape of Bank Draft. Any corrigendum/addendum/information relating to this NIT will only be uploaded in above websites which will not be published in Newspapers. The bidders have to participate in ONLINE bidding only. Further details can be seen from the **website:http://tendersorissa.gov.in./ www.osicltd.in**. All future corrigendum will be available on ONLINE MODE ONLY.

Sd/-
**GENERAL MANAGER(O)**
OIPR-14073/11/0089/2324

**GOVERNMENT OF ODISHA** No. A-1254
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, SAMBALPUR**
Phone No.: (0663) 2412791 (Off.), E-mail: eemisbp@yahoo.co.in
No. 221 Date: 12.01.2024
**e-PROCUREMENT NOTICE**
**BID REF No.: SE, MID, SBP/13/2023-24**

| | |
|---|---|
| Name of Work | : Civil Construction Works |
| No. of Works | : 14 (Fourteen) Nos. |
| Estimated Cost | : Varies from approximately Rs.19.90 lakh to Rs.49.90 lakh for 14 Nos. of works (Rs.511.06 lakh) |
| Tender Paper Cost | : Referred to DTCN |
| Period of Completion | : Referred to DTCN |
| Availability of Bid through online | : From Dt.20.01.2024 at 11.00 A.M. to Dt.29.01.2024 upto 05.30 P.M. in website (www.tendersorissa.gov.in) |
| Period of receipt of bid through online | : From Dt.20.01.2024 at 11.00 A.M. to Dt.29.01.2024 upto 05.30 P.M. through online |
| Date of opening of bid documents | : On Dt.30.01.2024 at 11.00 A.M. onwards |
| Digital Signature Certificate of Bidder | : The bidder must possess compatible Digital Singature certificate (DSC) of Class-II or Class-III |

The detail tender call notice can also be seen in the DOWR website: **http://dowrorissa.gov.in**.

| | |
|---|---|
| Name and Address of the OIT | : Superintending Engineer, M.I. Division, Sambalpur, At: Motijharan, P.O.: B.S.S. Nagar, Dist.: Sambalpur, PIN - 768001, Ph.: 0663-2412791 |
| E-mail ID | : **eemisbp@yahoo.co.in** |
| Further details can be seen from the e-Procurement market place | : **http://tendersorissa.gov.in** |

**Sd./- 12.01.2024**
**Superintending Engineer**
**M.I. Division, Sambalpur**
OIPR-32036/11/0020/2324

idco Your power to grow | ODISHA NEW OPPORTUNITIES
No.CAD-3769:
**OFFICE OF THE CHIEF GENERAL MANAGER (P&C) IDCO, IDCO TOWERS, BHUBANESWAR-751022**
**Tender Call Notice No. H.O./P&C/EST-E-1676/01/2021/ 1708, Dated: 18.01.2024**
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-PROCUREMENT**

| Sl. No. | Name of Work | Value of Work (Approx) | Period of Completion |
|---|---|---|---|
| 1 | Providing, laying, testing & commissioning of D.I. S/S (K-9) pipe in water supply distribution system at Zone A & B of Industrial Estate at Bijakhaman, Bolangir | Rs.64.91 Lakhs | 03 (Three) Calendar Months |

**1. Other details:**

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C) IDCO, IDCO Towers, Bhubaneswar-751022 | Bid ID No. P&C/EST/ E-179/ 2023-24 | **17.00 Hours of Dt. 25.01.2024** | **17.00 Hours of Dt.05.02.2024** |

**Further details can be seen from the e-Procurement Portal** www.tendersodisha.gov.in. Corrigendum or addendum if any will not be published in newspapers and can only be seen in the e-Procurement portal www.tenderodisha.gov.in as well as IDCO website **www.idco.in.**

**Sd./- Chief General Manager (P&C)**
**IDCO, Bhubaneswar**
OIPR-14003/11/0360/2324

**Government of Odisha**
**Sports & Youth Services Department**
**Reference No:SYS-SH-SH-0041-2015-2159 Date:19.01.2024**
**Request for Proposal**

**No.TT-:**Sports & Youth Services Department, Government of Odisha calls for bids from leading agencies to the RfP for "Engagement of Catering Agency for Sports Hostel (Boys & Girls), FIFA Academy and Regional Badminton Academy, Bhubaneswar.
The details of the document are available at the below mentioned website.
Website:https://sports.odisha.gov.in/ https://tendersodisha.gov.in/
Interested firms/parties/agencies are advised to study the RfP document carefully before submitting their bid.

**Important Dates and Information:**
**Date of Publication : 19.01.2024**
**Last date and time for sending Pre-bid queries: 24.01.2024, Time:02.00 PM.**
**Pre-bid-Meeting- Date:24.01.2024, Time:03.00 PM**
**Last date and time of submission of proposal: 08.02.2024, Time:04.00 PM**
**Opening of the Technical Bid -08.02.2024, Time:05.00 PM.**

**Sd./-**
**Commissioner-cum-Secretary**
OIPR-29001/11/0173/2324

**Government of Odisha, e-Procurement Notice**
**INVITATION FOR BIDS (IFB)**
**Bid Identification No. C.C.E.DKL (R&B) 31/2023-24**
**E-mail Id: sedklpwd@gmail.com**
**Letter No. 183** **Dt.16.01.2024**

No. B-1635: The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in Double Cover System to be received in ONLINE MODE from eligible contractors for construction of Building work as detailed below:

1. Name of the work : Buildings Work
2. No. of works : 01 (One) No.
3. Estimated Cost : Rs.3.43 Crore (as given in Column No. 03 of table)
4. Cost of tender paper : Rs.10,000.00
5. Class of Contractor : 'A' Class (as given in Column No. 07 of table)
6. Period of Completion of work : 03 (Three) Calendar Months (as given in Column No. 08 of table)
7. Date and time of availability of bid document in the website : From Dt.20.01.2024 to 5.00 P.M. of Dt.29.01.2024
8. Date of opening of bid : Dt.29.01.2024 at 5.30 P.M.

The bidders have to participate in ONLINE bidding only. Further details can be seen from the e-procurement portal **www.tendersodisha.gov.in**. Any addendum/corrigendum/cancellation of tender can also be seen in the said website.

**Sd./- Chief Engineer**
**Dhenkanal (R&B) Circle, Dhenkanal**
**OIPR-34132/11/0039/2324**

**WATCO** No. C-2376
**OFFICE OF THE GENERAL MANAGER**
**WATCO DIVISION-I, VANIVIHAR SQUARE,**
**BHUBANESWAR, ODISHA, PIN-751022**
**Phone / FAX:- 0674-2542821/ e-Mail: gmdivonewatco@gmail.com**
**NATIONAL COMPETITIVE BIDDING THROUGH e-Procurement**
**Invitation For Bids (IFB)**
**GMWATCO-I/114/2023-24 Dt.16.01.2024**
**No. 345 Date: 16.01.2024**

01 Name of the work:- **ANNUAL CONTRACT FOR MAINTENANCE & TESTING OF HT 33KV, 3.3 KV SUBSTATIONS & PUMP HOUSES AT WATCO-PALASUNI, BBSR**
02 Estimate Cost : Rs.60.32 lakh
03 Period of completion : 3 Years
04 Date & time of availability of bid document in the portal : From 11.00 AM of Dt.20.01.2024 to 5.00 PM of 06.02.2024
05 Last date/time of receipt of bids in the portal : 5.00 PM of 06.02.2024
06 Date & time of opening of bids : At 12.30 PM of 07.02.2024
07 Name and address of the Officer Inviting Bid : General Manager, WATCO Division-I, BBSR
**Name & Address of Officer Inviting Bid** **The General Manager, WATCO Division-I, BBSR, Odisha**

Further details can be seen from the e-Procurement portal https://www.tendersodisha.gov.in

**Sd./- GENERAL MANAGER**
**WATCO Division-I, BBSR**
OIPR-13083/11/0025/2324

**GOVERNMENT OF ODISHA**
No. A-1243 **e-Procurement Notice**
**Superintending Engineer, M.I. Division, Angul**
**Bid Identification No. 10 of 2023-24**
**e-mail ID: eemidivision_angul@yahoo.com**
**Letter No. 62** **Date: 10.01.2024**

1. Number of Works : 06 (Six) Numbers of Civil Works
2. Approximate Estimated Cost : Varies from Rs.50.84 lakh to 83.40 lakh
3. Cost of Tender Paper : Rs.10000/- (Non-Refundable)
4. Period of Completion : 09 (Nine) Calendar Months
5. Date & Time of availability of Bid Document in the Portal : Dt.24.01.2024 at 10.00 A.M. to Dt.01.02.2024 upto 5.00 P.M.
6. Last date/time for receipt of Bid in the Portal : Dt.01.02.2024 upto 5.00 P.M.
7. Date of Opening of Technical Bid documents for double cover bid : Dt.02.02.2024 at 11.00 A.M.
8. Date of opening of financial bid documents for double cover bid : On Dt.06.02.2024 at 11.00 A.M. in the Office of the Superintending Engineer, M.I. Division, Angul
9. Date of lottery if Required : Dt.09.02.2024 at 11.00 A.M.
10. Name and address of the Officer Inviting Bid : Superintending Engineer, Minor Irrigation Division, Angul, At/P.O.: Hakimpada, College Square, District: Angul, PIN: 759143 Ph. No.: 06764-236522
    Email ID : **eemidivision_angul@yahoo.com**
11. The bidders have to participate in ONLINE bidding only.

Further details can be seen from the e-procurement portal **http://tendersorissa.gov.in.**

**Sd./- Superintending Engineer**
**M.I. Division, Angul**
**OIPR-32284/11/0010/2324**

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ନୀରବତା ଭାଙ୍ଗିଲେ ବିଜୟ



ବିଜୟ ଦେବରକୋଣ୍ଡା

**ମୁମ୍ବାଇ**

ଗତ କିଛିଦିନ ହେବ ଅଭିନେତା ବିଜୟ ଦେବରକୋଣ୍ଡା ଏବଂ ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କ ବିବାହ ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ଚାଲିଛି। ବର୍ତ୍ତମାନ ଅଭିନେତା ଏହି ଗୁଜବ ଖବର ଉପରେ ନିଜର ନୀରବତା ଭାଙ୍ଗିଛନ୍ତି। ବିଜୟ କହିଛନ୍ତି, ସେମାନେ ବିବାହ କରିପାରନ୍ତି। ହେଲେ ସେ ଏବେ ବିବାହ କରୁନାହାନ୍ତି, ତାଙ୍କ ବିବାହ ପାଇଁ ସମୟ ଅଛି। ସୂଚନା ମୁତାବକ, କିଛିଦିନ ପୂର୍ବରୁ ବିଜୟ ଏବଂ ରଶ୍ମିକା ମାଳଦ୍ୱୀପରେ ଛୁଟି ଉପଭୋଗ କରୁଥିବା ନଜର ଆସିଥିଲେ। ଏହା ସହ ଉଭୟ ସୋସିଆଲ ମିଡିଆରେ ସେଠିକାର ଅଲଗା ଅଲଗା କିଛି ଫଟୋ ଶେୟାର କରିଥିଲେ। ବିଜୟ ୨୦୧୧ରେ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ଖୁବ୍‌ଶୀଘ୍ର ଫିଲ୍ମ 'ଫ୍ୟାମିଲି ଷ୍ଟାର'ରେ ସେ ନଜର ଆସିବାକୁ ଯାଉଛନ୍ତି। ଶେଷ ଥର ପାଇଁ ସେ ଫିଲ୍ମ 'ଖୁସି'ରେ ଅଭିନେତ୍ରୀ ସାମନ୍ଥା ରୁଥ ପ୍ରଭୁଙ୍କ ସହିତ ନଜରକୁ ଆସିଥିଲେ।

# ୧ ହଜାର ବର୍ଷର ଲମ୍ବା ଫଟୋ ନେବ କ୍ୟାମେରା

**ୱାଶିଂଟନ**

ଆମେରିକାରେ ଏପରି ଏକ କ୍ୟାମେରା ରହିଛି, ଯାହା ଆଗାମୀ ୧ ହଜାର ବର୍ଷର ଫଟୋ ନେବ। ଏହାକୁ ୩୦୨୩ରେ ଦେଖିହେବ। ମିଲେନିୟମ ନାମକ ଏହି ଖାସ୍ ପ୍ରୋଜେକ୍ଟରେ ଟୁକ୍ସନ ସହରର ଏକ ସ୍ଥାନରେ ଏହି କ୍ୟାମେରା ଲଗାଯାଇଛି, ଯାହା କାମ କରିବା ଆରମ୍ଭ କରିଦେଇଛି। ଆଗାମୀ ୧ ହଜାର ବର୍ଷର ଫଟୋ ନେଇ ସେ ଦେଖାଇବ। ଏରିଜୋନା ୟୁନିଭର୍ସିଟି ଫାଇନ ଆର୍ଟସର ଏକ୍ସପେରିମେଣ୍ଟାଲ ଫିଲୋସୋଫର ୫୨ ବର୍ଷୀୟ ଜୋନାଥନ କିଟ୍ ଏହି କ୍ୟାମେରାକୁ ତିଆରି କରିଛନ୍ତି। ମିଲେନିୟମ କ୍ୟାମେରା ଏକ ଖାସ୍ ପ୍ରକାରର ପ୍ରୟୋଗ ପାଇଁ ପ୍ରସ୍ତୁତ କରାଯାଇଛି। ଏହି କ୍ୟାମେରା ଦୁନିଆର ସବୁଠୁ ଧୀର ଫଟୋ ନେବ, ଯେଉଁଥିପାଇଁ ତାକୁ ୧ ହଜାର ବର୍ଷ ସମୟ ଲାଗିବ। ଏଥିରେ ଟୁକ୍ସନ ଏବଂ ଏରିଜୋନାର





ବାସିନ୍ଦାଙ୍କ ଫଟୋ ଦେଖିବାକୁ ମିଳିବ। ଏହା ଏକପ୍ରକାର ଟାଇମ କ୍ୟାପ୍‌ସୁଲ ହେବ। ଏହି ମିଲେନିୟମ କ୍ୟାମେରା ପିନ୍‌ହୋଲ କ୍ୟାମେରା ଭଳି। ଏଭଳି କ୍ୟାମେରା ୧ ହଜାର ବର୍ଷ ପୂର୍ବେ ତିଆରି ହୋଇଥିଲା। ଏଥିରେ ଏକ ତମ୍ବା ସିଲିଣ୍ଡରରେ ୨୪ କ୍ୟାରେଟ୍ ସୁନାର ଶିଟ୍ ରହିଛି। ଯେଉଁଥିରେ ଏକ ଛୋଟ କଣା ହୋଇଛି। ଏହି କଣାରେ ସୂର୍ଯ୍ୟକିରଣ ଆସିବା ପରେ କ୍ୟାମେରା ତା' କାମ କରିବା ଆରମ୍ଭ କରିବ। ମିଲେନିୟମ କ୍ୟାମେରା ଏକ ଷ୍ଟିଲ୍ ଖମ୍ବରେ ଲଗାଯାଇଥିବାବେଳେ ଏହା ଟୁକ୍ସନ ସହରରେ ଥିବା ମରୁଭୂମି ଆଡ଼କୁ ମୁହଁ କରି ରଖାଯାଇଛି। ଯଦି ଯୋଜନା ମୁତାବକ ଏହା କାମ କରେ, ତେବେ ମିଲେନିୟମ କ୍ୟାମେରା ଫଟୋ ନେବାରେ ସଫଳ ହେବ। କିଟ୍‌ଙ୍କ କହିବା କଥା, ଯଦି ଆସନ୍ତା ୫୦୦ ବର୍ଷରେ ସମସ୍ତ ଘର ହଟିଯିବ, ତେବେ ପାହାଡ଼ ଏବଂ ରାସ୍ତା ସମ୍ପୂର୍ଣ୍ଣ ଭାବେ ଦେଖାଯିବ।

# ୨ ଇଞ୍ଚ ଉଚ୍ଚତା ବଢ଼ାଇ ଭୋଗୁଛନ୍ତି ଯନ୍ତ୍ରଣା

**ବୋଗୋଟା**

ବର୍ତ୍ତମାନ ସମୟରେ ଲୋକେ ସୁନ୍ଦର ଦେଖାଯିବା ପାଇଁ ବିଭିନ୍ନ ପ୍ରକାର ସର୍ଜରି କରୁଛନ୍ତି। ସର୍ଜରି ମଧ୍ୟରେ ଉଚ୍ଚତା ବୃଦ୍ଧି ପାଇଁ କରୁଥିବା ସର୍ଜରିର ଚାହିଦା ବଢ଼ିବାରେ ଲାଗିଛି। ଏହା ଯନ୍ତ୍ରଣାଦାୟକ କୁହାଯାଉଥିଲେ ମଧ୍ୟ ସୁନ୍ଦର ଦେଖାଯିବାର ନିଶା ମଣିଷକୁ ଏପରି କରିବାକୁ ବାଧ କରିଥାଏ। ନିକଟରେ ୨୯ବର୍ଷୀୟ ଇନ୍‌ଫ୍ଲୁଏନ୍‌ସର କଲମ୍ବିଆ ବାସିନ୍ଦା ଯେଫରସମ କୋସିଆ ସର୍ଜରି କରି ନିଜର ଉଚ୍ଚତା ୨ ଇଞ୍ଚ ବୃଦ୍ଧି କରାଇଛନ୍ତି। ହେଲେ ସୁନ୍ଦର ଦେଖାଯିବାକୁ କରିଥିବା ଏହି ସର୍ଜରି ଏବେ ତାଙ୍କ ଜୀବନକୁ ଦୁର୍ବିଷହ କରିଦେଇଛି। ଏଥିପାଇଁ ସେ ଠିକ୍ ଭାବେ ଶୋଇପାରୁ ନାହାନ୍ତି। ଫଳରେ ତାଙ୍କୁ ନିଦ ଔଷଧ ମଧ୍ୟ ଖାଇବାକୁ ପଡୁଛି। କୋସିଆଙ୍କ ଉଚ୍ଚତା ପୂର୍ବରୁ ୫.୮ ଫୁଟ ଥିବାବେଳେ ସେ ସର୍ଜରି କରି ୬ ଫୁଟ ଉଚ୍ଚତା ଧାରଣ କରିଛନ୍ତି। ଏହି ସର୍ଜରି ପାଇଁ ତାଙ୍କୁ ୧.୪୫ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଛି। ଏହା ପରେ ସେ ଆସନ୍ତା ୨୫ ତାରିଖରେ ମାଂସପେଶୀକୁ ହାଡ଼ ସହ ଯୋଡୁଥିବା ଟିସୁ ସର୍ଜରି କରିବାକୁ ଯାଉଛନ୍ତି। ଏହା ଦ୍ୱାରା ତାଙ୍କ କଷ୍ଟ କିଛିଟା କମିପାରେ ବୋଲି ଜଣାପଡ଼ିଛି।



**Classified Everyday**

**0674-2580101, 2549949**





**GROOM WANTED**

62 ବୟସ୍କା Retd. ହୋଇଥିବା ଖଣ୍ଡାୟତ ଜାତିର ବିଧବା ମହିଳାଙ୍କୁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 7077871702. D-2326

Wanted well settled Odia groom 35-38yrs for a beautiful bride M.Tech, Ph.D., Bhubaneswar, caste no bar. 8917585202. D-74316





**SALE**

ଭୁବନେଶ୍ୱର ଖୋର୍ଦ୍ଧା ପିତାପଲ୍ଲି ଛକ ପାଖରେ ସଙ୍ଗେସଙ୍ଗେ ଘର କଲାଭଳି ପ୍ଲଟ୍ 30' ରୋଡ୍, ଇଲେକ୍ଟ୍ରିସିଟି ଥାଇ ମିଳୁଛି। **7504861292.** D-75292

Duplex project at Retang Medical, Station, Market, CV Raman, Tamando, Bhubaneswar. 9777553622. D-75296

4Bhk Duplex Rera approved at Hansapal. 3/2BHK flats near RTO Patia. 8847887273. D-2318

**Commercial plot, facing to NH Road Nakhara to Niali NH 10000sqft., 3sides road, 2-residential cum commercial plot 3250sft., 3-Residential plot in a Brahmin Complex 5700sft., 4-Residential plot near Petal English Medium School 750/-sft. with boundarywall at Brahmanjharilo, Cuttack, 11 Km. to BBSR. Personal plots, No builders. 7809525452.** D-75703

**Ready to move luxurious flat for sale at Acharya Vihar. Contact- 9437307086, 7978209277.** D-2286

Bhubaneswar ସୁନ୍ଦରପଦା Xavier ମେଡ଼ିକାଲରୁ ୩କି.ମି. 10,80,000/-, 7,20,000/- ପ୍ଲଟ୍ କିଣି ଘର କରନ୍ତୁ। 9938016295. D-75297

**2BHK Readymade new flat sale at Prime location near Ravi Talkies Chhak. Railway Station and Airport are just 10 minutes away. Bank Finance available. Only Buyer please call for details: 9438220432/ 8144658008.** D-2313

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 3,60,000/-, ଛତାବର bypass sqft-500/-. 9348232008. D-75298

**ACCOMMODATION**

Required Building for Office: Independent duplex building is required on rent for Office for a TRUST at Kalinganagar, Ghatikia. Interested landlord may contact to Mob: 9937786833 for price and term of agreement. D-75702

Free Accommodation for senior citizens and mentally ill persons with all facilities. Contact: 9337160036, 7325991853. D-2279

Free Accommodation for Drug Addict persons with all facilities. Contact: 9439928693, 9692303517. D-2280





**Rent Esplanade Bhubaneswar Office space 1432sqft., Furnished, Parking. Call- 9776505301.** D-2322

**MIG-I-94, total building 3rd floor (4000 sqft.), Mukunda Prasad Housing Board Colony, Jemadeipur near Industrial Police Station, Bypass Road, Khordha. Only Govt. Office, Bank & Company. Mob.: 6371234011, 7608824414.** D-2295





Newly health benefited SPA expert therapist at Mastercanteen. Contact: 7749034655. D-75185

**Relax, Refresh your Body, Mind at Saikrupa Spa with best therapies. 8984068077.** D-2209

**Newly open SPA positively health benefits with expert therapist. 9938843929.** D-75190

Newly open SPA positively health benefits (Expert therapist). Contact: 9124527170. D-75191

**AFFIDAVIT**

I, Balakrishna Mohapatra, S/o- Late Biswanath Mohapatra, resident of Temple road, P.O.- Sakhigopal, P.S.- Satyabadi, Dist.- Puri-752014, Odisha declare by this affidavit No.-43, dt.16.01.2024 that now onwards I shall be known as BALAKRUSHNA MOHAPATRA for all future purposes. D-67671

I Shri Dhruba Charan Malik, S/o. Late Arjun Mallick, Resident of Pegarpada, P.O.-Pegarpara, P.S.-Rajkanika, Dist.- Kendrapara, Odisha-754227 declare by this affidavit No.-68AA636270 date-16 Jan. 2024, that from now onwards I shall be known as Dhruba Charan Mallick for all future purposes. D-2325

I Shri Kedar Nath Malik, S/o. Dhruba Charan Mallick, resident of plot No.-335, Jharpada, near Divine Public School, Bhubaneswar, Dist.- Khurda, Odisha-751006 declare by this affidavit No-68AA911223 date-02 Jan. 2024, that from now onwards I shall be known as Kedar Nath Mallick for all future purposes. D-2323

I, Thota Devi, W/o Dugana Duryadhan, At/ P.O- Jayantipur, Dist.- Ganjam, PIN-761004 declare by this affidavit No.- 249 dtd 19.01.2024 that now onwards I shall be known as DUGANA DEVI for all future purposes. D-2320

I, SUNITA KUMARI SAMANTARAY, W/o. Sabyasachi Mahapatra, resident of plot No.61/394, Kalinga Ashok Bihar, Dhauli, Bhubaneswar, Dist.- Khorda, PIN-751002, Odisha declare by this affidavit No.1748 dated 19.01.2024 that now onwards I shall be known as SUNITA MAHAPATRA for all future purposes. D-2319

I Shaikh Nasiruddin, S/o Sek Islauddin, At-Rajpur, P.O.-Jaleswar, P.S.-Balasore, Odisha, PIN-756032, declare by this affidavit No-117/20.1.24. Dated 20.1.2024 onwards I shall be known as Sek Nasiruddin for all purpose. D-2329

### ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**୰ଶର୍ମିଷ୍ଠା ମହାନ୍ତି**

ଆବିର୍ଭାବ: ୨୫।୦୫।୧୯୭୩
ତିରୋଧାନ: ୦୨।୦୧।୨୦୨୩

ଆଜିର ଏହି ପୁଣ୍ୟ ତିଥିରେ ତୁମର ସ୍ନେହ, ଶ୍ରଦ୍ଧା, ଆଦର୍ଶ, କର୍ତ୍ତବ୍ୟ ପରାୟଣତା ଓ ସରଳ ଜୀବନ ଶୈଳୀ ଆମ୍ଭମାନଙ୍କର ପାଥେୟ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।

ଶୋକସନ୍ତପ୍ତ: ସ୍ୱାମୀ, ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି ଓ ପରିବାରବର୍ଗ ତଥା ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ।

ଧ-୨୨୫୯

**୨୦ତମ ଶ୍ରାଦ୍ଧବାର୍ଷିକୀ**



**୰ରଶ୍ମିରେଖା ମଲ୍ଲିକ**

ସ୍ୱା- ଶ୍ୟାମସୁନ୍ଦର ମଲ୍ଲିକ,
ସା- ଶ୍ରରଡିହା, ପୋ- ନନ୍ଦିପୁର, ଜିଲ୍ଲା- ଯାଜପୁର

ଆବିର୍ଭାବ-୦୩।୦୮।୧୯୪୪
ତିରୋଧାନ- ୦୪।୦୧।୨୦୦୪

ବୋଉ, ଆଜିକୁ ୧୧ବର୍ଷ ହେଲା ଆମକୁ ଛାଡ଼ିଗଲୁଣି ତୋର ଅଭୁଲା ସ୍ମୃତି ଆମ ମନରେ ଏବେ ବି ସାଇତି ହୋଇରହିଛି, ସବୁଦିନ ରହିଥିବା ତୋର ଆତ୍ମା ଶାନ୍ତି ପାଉ, ଭଗବାନଙ୍କ ନିକଟରେ ଏତିକି କାମନା।

ଶୋକସନ୍ତପ୍ତ ପରିବାରବର୍ଗ।

ଧ-୨୩୧୭

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ୨ହଜାର ବର୍ଷର ବୁଲେଟ୍



**ମାଡ୍ରିଡ**

ରୋମାନ ଏମ୍ପୋରିୟର ଜୁଲିଅସ୍ ସିସାରେଙ୍କ ନାମ ଲେଖାଥିବା ଏକ ୨ ହଜାର ବର୍ଷ ପୁରୁଣା ସୀସା ବୁଲେଟ୍ ସ୍ପେନରୁ ସନ୍ଧାନ କରାଯାଇଛି। ଯାହା କି ସେ ସମୟର ଗୃହଯୁଦ୍ଧର କାହାଣୀ ବଖାଣୁଛି। ଅନୁସନ୍ଧାନକାରୀଙ୍କ ମୁତାବକ, ଯୁଦ୍ଧ ସମୟରେ କେସରକୁ ସମର୍ଥନ କରୁଥିବା ସ୍ପେନ୍‌ର ଆଦିବାସୀମାନେ ଏହି ପ୍ରୋଜେକ୍ଟରକୁ ବ୍ୟବହାର କରୁଥିଲେ। ଜେଫାଇରସ୍ ନାମକ ଏକ ପତ୍ରିକାରେ ପ୍ରକାଶିତ ୨୦୨୩ ଜୁନ୍‌ର ଅନୁଧ୍ୟାନ ଅନୁଯାୟୀ, ଏହି ସୀସା ବୁଲେଟ୍, ଯାହାକୁ ବୈଜ୍ଞାନିକମାନେ 'ଗ୍ଲାନ୍ସ ଇନ୍‌ସ୍କ୍ରିପଟା' ଅର୍ଥାତ୍ 'ଲେଖା ହୋଇଥିବା ବୁଲେଟ' ବୋଲି କହିଥିଲେ। ଏହି ପ୍ରୋଜେକ୍ଟରର ମାପ ୪.୫ରୁ ୨.୫ ସେ.ମି. ଏବଂ ଓଜନ ୭୧ ଗ୍ରାମ। ବୁଲେଟ୍‌ର ଗୋଟିଏ ପାର୍ଶ୍ୱରେ 'ଆଇପିଏସ୍‌ସିଏ' ଏବଂ ଅନ୍ୟ ପାର୍ଶ୍ୱରେ 'ସିଏଇଏସ୍' ଲେଖାହୋଇଛି। ଅନୁସନ୍ଧାନକାରୀମାନେ ବିଶ୍ୱାସ କରନ୍ତି, 'ଆଇପିଏସ୍‌ସିଏ' ଦକ୍ଷିଣ ସ୍ପେନର ଏକ ପ୍ରାଚୀନ ସହରକୁ ବୁଝାଏ, ଯାହା ଯୁଦ୍ଧରେ ଜଡ଼ିତ ଥିଲା। 'ସିଏଇଏସ୍' ଏକଛତ୍ରବାଦୀ ଶାସକଙ୍କ ପାଇଁ ଏକ ନୋଡ୍ ବୋଲି ଚିନ୍ତା କରାଯାଏ। ରୋମାନ ଗୃହଯୁଦ୍ଧ ଖ୍ରୀଷ୍ଟପୂର୍ବ ୪୯ରୁ ୪୫ ପର୍ଯ୍ୟନ୍ତ କେସର ଏବଂ ପମ୍ପି ମଧ୍ୟରେ ଚାଲିଥିଲା। ପରେ ଏହି ଯୁଦ୍ଧ ଇଟାଲୀ, ଇଜିପ୍ଟ, ଆଫ୍ରିକା, ସ୍ପେନ୍, ବାଲକାନ୍ ଉପଦ୍ୱୀପକୁ ବିସ୍ତାର କରିଥିଲା। ଖ୍ରୀଷ୍ଟପୂର୍ବ ୪୫ ମାର୍ଚ୍ଚ ୧୭ ମୁଣ୍ଡା ଯୁଦ୍ଧ ପରେ ଏହି ଯୁଦ୍ଧ ସମାପ୍ତ ହୋଇଥିଲା। ଯେଉଁଠାରେ କେସରର ହଜାର ହଜାର ସୈନ୍ୟ ପମ୍ପି ସୈନ୍ୟଙ୍କୁ ହତ୍ୟା କରି ରୋମ୍‌କୁ ବିଜୟୀ ହୋଇ ଫେରିଥିଲେ। ଅନୁସନ୍ଧାନକାରୀମାନେ କହିଛନ୍ତି, ଏହି ଗୁଳି ମୋଣ୍ଟିଲା ସହର ନିକଟରେ ମିଳିଥିଲା, ଯେଉଁଠାରେ ମୁଣ୍ଡା ଯୁଦ୍ଧ ହୋଇଥିବାର ଅନୁମାନ କରାଯାଉଛି।

# ରାମମନ୍ଦିରକୁ ନେଇ ବିଭ୍ରାନ୍ତ କରନାହିଁ

## ଗଣମାଧ୍ୟମ, ସୋସିଆଲ ମିଡିଆକୁ ସତର୍କ କରାଇଲା କେନ୍ଦ୍ର

ନୂଆଦିଲ୍ଲୀ,୨୦।୧(ପି.ଟି.)

ଅଯୋଧ୍ୟାରେ ଭବ୍ୟ ରାମମନ୍ଦିରର ପ୍ରାଣପ୍ରତିଷ୍ଠା ଉତ୍ସବ ୨୨ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ଏହାକୁ ନେଇ ବିଭିନ୍ନ ଗଣମାଧ୍ୟମ ଓ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ କେତେକ ବିଭ୍ରାନ୍ତିକର ଖବର ପ୍ରସାରିତ ହେଉଥିବା ଜଣାପଡ଼ିଛି। ଏଭଳି ଖବର ପ୍ରସାରଣରୁ ଦୂରେଇ ରହିବାକୁ କେନ୍ଦ୍ର ସରକାର ଶନିବାର ଗଣମାଧ୍ୟମ ପ୍ରତିଷ୍ଠାନ ଓ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକୁ ସତର୍କ କରାଇଛନ୍ତି। କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଏନେଇ ଏକ ଆଡଭାଇଜରି ଜାରି କରିଛି। ଯାଞ୍ଚ ହୋଇ ନ ଥିବା ତଥା ଉତ୍ତେଜନା ସୃଷ୍ଟିକାରୀ ମିଛ ଖବର କେତେକ ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହେଉଥିବା ମନ୍ତ୍ରଣାଳୟର ଦୃଷ୍ଟିକୁ ଆସିଛି। ଏହା ସାମ୍ପ୍ରଦାୟିକ ସଦ୍‌ଭାବ ଏବଂ ଆଇନ ଶୃଙ୍ଖଳା ସ୍ଥିତି ବିଗାଡ଼ିପାରେ ବୋଲି ମନ୍ତ୍ରଣାଳୟ ଆଶଙ୍କା ବ୍ୟକ୍ତ କରିଛି। ୨୨ ତାରିଖ ପ୍ରାଣପ୍ରତିଷ୍ଠା ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେବେ। ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟି କଲା ଭଳି ମିଛ ଖବର ପ୍ରକାଶ ଓ ପ୍ରସାରଣରୁ ବିଭିନ୍ନ ଖବରକାଗଜ, ଘରୋଇ ସାଟେଲାଇଟ୍ ଟିଭି ଚ୍ୟାନେଲ ଏବଂ ଡିଜିଟାଲ ମିଡିଆର ପ୍ରକାଶକମାନେ ଦୂରେଇ ରହିବା ଲାଗି ଆଡଭାଇଜରିରେ କୁହାଯାଇଛି। ଏଭଳି ମିଥ୍ୟା ଖବର ଯେପରି ପ୍ରଦର୍ଶିତ ନ ହେବ, ସେ ଦିଗରେ ସୋସିଆଲ ମିଡିଆ ପ୍ଲାଟଫର୍ମଗୁଡ଼ିକ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି।

ସୂଚନାଯୋଗ୍ୟ, ଗତ ୧୬ ତାରିଖରୁ ପ୍ରାଣପ୍ରତିଷ୍ଠା ଉତ୍ସବ ପାଇଁ ବିଭିନ୍ନ ରୀତିନୀତି ଆରମ୍ଭ ହୋଇଥିବାବେଳେ ଭିଆଇପି ଟିକେଟ, ରାମମନ୍ଦିର ପ୍ରସାଦ ବଣ୍ଟନକୁ ନେଇ ମିଛ ଖବର ସୋସିଆଲ ମିଡିଆରେ ଘୂରି ବୁଲୁଛି। ଇ-କମର୍ସ ସାଇଟ୍ ଆମାଜନରେ ସାଧାରଣ ମିଠାକୁ 'ଶ୍ରୀରାମ ମନ୍ଦିର ଅଯୋଧ୍ୟା ପ୍ରସାଦ' ତାଲିକାରେ ସ୍ଥାନ ଦିଆଯାଇଥିବାରୁ କେନ୍ଦ୍ରୀୟ ଖାଉଟି ସୁରକ୍ଷା କର୍ତ୍ତୃପକ୍ଷ ଉକ୍ତ ସଂସ୍ଥାକୁ ନୋଟିସ ପଠାଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୁହାଯାଇଛି। ରାମମନ୍ଦିର ପ୍ରାଣପ୍ରତିଷ୍ଠା ଉତ୍ସବ ନିମନ୍ତେ ତତ୍କାଳ ଭିଆଇପି ଟିକେଟର ପ୍ରତିଶ୍ରୁତି ଦିଆଯାଇ ଏକ ଜାଲ୍ କ୍ୟୁଆର୍ କୋଡ୍ ସହ ହ୍ୱାଟ୍‌ସଆପ୍ ବାର୍ତ୍ତା ଶେୟାର କରାଯାଇ ଅର୍ଥ ଆଦାୟ କରାଯାଉଥିଲା। ଏହା ଜାଲ୍ ବୋଲି ମନ୍ଦିର ଟ୍ରଷ୍ଟ ପକ୍ଷରୁ ସ୍ପଷ୍ଟ କରାଯାଇଥିଲା।



ପ୍ରାଣ ପ୍ରତିଷ୍ଠା ପୂର୍ବରୁ ଅଯୋଧ୍ୟା ରାମମନ୍ଦିର ପରିସରକୁ ସଜାଯାଉଛି।

# ପ୍ରାଣପ୍ରତିଷ୍ଠା ପୂର୍ବରୁ ଅଯୋଧ୍ୟା ରାମମୟ

**ଅଯୋଧ୍ୟା,୨୦।୧(ପି.ଟି.)** ଅଯୋଧ୍ୟା ରାମମନ୍ଦିର ପ୍ରାଣପ୍ରତିଷ୍ଠା ଉତ୍ସବକୁ ଆଉ ମାତ୍ର ଦିନେ ବାକି ଥିବାବେଳେ ସାରା ସହର ଧର୍ମୀୟ ଭାବାବେଗରେ ତଲ୍ଲୀନ ହୋଇଯାଇଛି। ଚାରିଆଡ଼ ରାମମୟ ଦେଖିବାକୁ ମିଳିଛି। ଗୁରୁବାର ରାମପଥରେ ଖୋଲିଥିବା ଏକ ନୂଆ ବ୍ୟାଙ୍କ ଶାଖାର ନାଁ ରାମଜନ୍ମଭୂମି ବ୍ରାଞ୍ଚ୍ ରଖାଯାଇଛି। ସେହିପରି ରାମମନ୍ଦିରକୁ ସଂଯୋଗ କରୁଥିବା ପୁନଃ ବିକଶିତ ମାର୍ଗର ନାଁ ରାମଜନ୍ମଭୂମି ପଥ ରହିଛି। ମନ୍ଦିର ନିକଟରେ ଖୋଲିଥିବା ବ୍ୟାଙ୍କ ଶାଖାକୁ ରଙ୍ଗିନ ଆଲୋକମାଳା ଚାନ୍ଦୁଆରେ ସଜାଯାଇଛି। ସାରା ସହର ପୋଷ୍ଟର ବ୍ୟାନର ଏବଂ ୱାଲ୍‌ପେଣ୍ଟିଂରେ ଛାଇଯାଇଛି। ଅଯୋଧ୍ୟା ଧାମ ରେଲଷ୍ଟେଶନ ନିକଟରେ ଥିବା ଅନ୍ୟ ଏକ ବ୍ୟାଙ୍କରେ ବିଶାଳ ହୋର୍ଡିଂ ଲାଗିଛି, ଯେଉଁଥିରେ 'ଅଯୋଧ୍ୟା ନଗରୀକୁ ଆପଣଙ୍କୁ ସ୍ୱାଗତ' ବୋଲି ଲେଖାଯାଇଛି। ଭିଜିଟିଂ କାର୍ଡ, ପୋଷ୍ଟର, କ୍ୟାଲେଣ୍ଡର ଏପରିକି ସିଗ୍‌ନାଲଗୁଡ଼ିକରେ ମଧ୍ୟ ଭବ୍ୟ ରାମମନ୍ଦିରର ଫଟୋ ରହିଛି। ସହରରେ ପ୍ରତ୍ୟେକ କମ୍ପାନୀ ଲଗାଇଥିବା ପୋଷ୍ଟରରେ ରାମମନ୍ଦିର ଫଟୋ ରହିଛି। ସମଗ୍ର ଅଯୋଧ୍ୟାରେ ଥିବା ସମସ୍ତ ମନ୍ଦିର, ବସ୍, ରାସ୍ତା ଏବଂ ମୋବାଇଲ ଫୋନ୍‌କଲର ଟ୍ୟୁନ୍‌ରେ 'ରାମାୟ' ଗୀତ ବାଜୁଛି। ରାମ ଜନ୍ମଭୂମି ପଥ ନିକଟରେ ସରକାରୀ ଉଦ୍ୟୋଗ ବିଏସ୍‌ଏନ୍‌ଏଲ୍ ଲଗାଇଥିବା ଏକ ସ୍ୱାଗତ ପୋଷ୍ଟରରେ 'ପ୍ରଭୁ ଶ୍ରୀରାମଙ୍କ ପବିତ୍ର ନଗରୀ ଅଯୋଧ୍ୟା' ବୋଲି ଲେଖାଯାଇଛି। ସମସ୍ତ ଦୋକାନ ଏବଂ ହୋଟେଲ ଓ ଲଜ୍‌ର ଲବି ସ୍ଥାନରେ ରାମମନ୍ଦିର ପ୍ରତିକୃତି ରଖାଯାଇଛି।

## ଅଗ୍ନିକାଣ୍ଡରେ ୨୧ ମୃତ

**ବେଜିଂ,୨୦।୧:** ଚାଇନାରେ ଦୁଇଟି ଅଗ୍ନିକାଣ୍ଡରେ ସ୍କୁଲ୍ ଛାତ୍ରଙ୍କ ସମେତ ୨୧ ଜଣଙ୍କ ମୃତ୍ୟୁ ଘଟିଛି। ଶୁକ୍ରବାର ରାତିରେ ହାନାନ ପ୍ରଦେଶର ୟାନ୍‌ଶାନ୍‌ପୁ ଗ୍ରାମରେ ଥିବା ଏକ ବିଦ୍ୟାଳୟରେ ନିଆଁ ଲାଗିବାରୁ ୧୩ ଛାତ୍ରୀଛାତ୍ରଙ୍କ ଜୀବନ ଯାଇଛି। ଜଣେ ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୃତକମାନେ ତୃତୀୟ ଶ୍ରେଣୀରେ ପଢୁଥିଲେ। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନ ଥିବାବେଳେ ତଦନ୍ତ ଜାରି ରହିଛି। ସେହିପରି ଜିଆଙ୍ଗକ୍ସି ପ୍ରଦେଶର ଚାଙ୍ଗଝୋଉ ସହରରେ ଥିବା ଏକ ୱାର୍କଶପ୍‌ରେ ଶନିବାର ସକାଳେ ନିଆଁ ଲାଗି ୮ ଜଣଙ୍କ ମୃତ୍ୟୁ ହୋଇଛି। ୱାର୍କଶପ୍‌ରେ ବିସ୍ଫୋରଣରୁ ଅଗ୍ନିକାଣ୍ଡ ଘଟିଥିଲା।

### ପନ୍ନୁନ୍ ହତ୍ୟା ଉଦ୍ୟମ ମାମଲା

## ଭାରତୀୟ ଅଭିଯୁକ୍ତଙ୍କୁ ଆମେରିକା ପ୍ରତ୍ୟର୍ପଣ କରାଯାଇପାରିବ

**ନୂଆଦିଲ୍ଲୀ,୨୦।୧:** ଆମେରିକା ମାଟିରେ ଖଲିସ୍ତାନୀ ଆତଙ୍କବାଦୀ ଗୁରୁପତୱନ୍ତ ସିଂ ପନ୍ନୁନଙ୍କୁ ହତ୍ୟା ଉଦ୍ୟମ ଅଭିଯୋଗରେ ୫୨ ବର୍ଷୀୟ ଭାରତୀୟ ଅଭିଯୁକ୍ତ ନିଖିଲ ଗୁପ୍ତାଙ୍କୁ ଆମେରିକା ପ୍ରତ୍ୟର୍ପଣ କରାଯାଇପାରିବ ବୋଲି ଚେକ୍ ଗଣରାଜ୍ୟର ଏକ ଅଦାଲତ କହିଛନ୍ତି। ଚେକ୍ ନ୍ୟାୟିକ ମନ୍ତ୍ରଣାଳୟ ଶୁକ୍ରବାର ଉକ୍ତ ରାୟ ଘୋଷଣା କରିଛି। ମାମଲାର ସବୁ ପକ୍ଷଙ୍କୁ ରାୟ ଜଣାଇଦିଆଯିବା ପରେ ଚୂଡ଼ାନ୍ତ ନିଷ୍ପତ୍ତି ନ୍ୟାୟ ମନ୍ତ୍ରୀ ପାଭେଲ ବ୍ଲାଜେକ୍‌ଙ୍କ ହାତରେ ରହିବ। ଆମେରିକା ଓ କାନାଡ଼ାର ନାଗରିକତ୍ୱ ଗ୍ରହଣ କରିଥିବା ଶିଖ୍ ବିଚ୍ଛିନ୍ନତାବାଦୀ ନେତା ପନ୍ନୁନଙ୍କୁ ହତ୍ୟା କରିବା ଲାଗି ଭାରତ ସରକାରଙ୍କ ଅଧିକାରୀଙ୍କ ସହ ମିଶି ଗୁପ୍ତା ଯୋଜନା ଚଳାଇଥିଲେ ବୋଲି ଆମେରିକା ସଂଘୀୟ ତଦନ୍ତକାରୀ ସଂସ୍ଥା ଅଭିଯୋଗ ଆଣିଥିଲା। ଗତବର୍ଷ ଜୁନ୍‌ରେ ଗୁପ୍ତାଙ୍କୁ ଚେକ୍ କର୍ତ୍ତୃପକ୍ଷ ପ୍ରାଗ୍‌ରୁ ଗିରଫ କରିଥିଲେ। ଆମେରିକା ଯାହାଙ୍କୁ ଖୋଜୁଛି, ସେହି ବ୍ୟକ୍ତି ସେ ନୁହନ୍ତି ବୋଲି ଗୁପ୍ତା ଶୁଣାଣି ବେଳେ କୋର୍ଟଙ୍କୁ କହିଥିଲେ। ରାଜନୈତିକ ଉଦ୍ଦେଶ୍ୟ ରଖି ତାଙ୍କୁ ଅଭିଯୁକ୍ତ କରାଯାଇଥିବା ସେ ଦର୍ଶାଇଥିଲେ। ଚେକ୍ ନ୍ୟାୟିକ ମନ୍ତ୍ରୀ ୩ ମାସ ମଧ୍ୟରେ ପ୍ରତ୍ୟର୍ପଣ ସମ୍ପର୍କିତ ନିଷ୍ପତ୍ତି ନେବେ। ଏଥିପାଇଁ ଆବଶ୍ୟକ ପଡ଼ିଲେ ସେ ସୁପ୍ରିମକୋର୍ଟଙ୍କ ମତାମତ ନେଇପାରିବେ।

# ସାଉଦିରେ ୪,୦୦୦ ବର୍ଷ ପୁରୁଣା ପ୍ରାଚୀର ଠାବ



ରିୟାଧ,୨୦।୧

ସାଉଦି ଆରବର ଉତ୍ତର-ପୂର୍ବାଞ୍ଚଳରେ ଥିବା ମରୁଦ୍ୟାନ ଚାରିପଟେ ୧୪.୫ କିଲୋମିଟର ଦୀର୍ଘ ସୁରକ୍ଷା ପାଚେରି ଠାବ ହୋଇଛି। ଏହା କାଂସ୍ୟ ଯୁଗରେ ନିର୍ମାଣ ହୋଇଥିବା ନୂଆ ଅଧ୍ୟୟନରୁ ଜଣାପଡ଼ିଛି। ଖାଇବର ଓଏସିସ୍ ଚାରିପଟେ ଥିବା ଏହି ପାଚେରି ୪,୦୦୦ ବର୍ଷର ପୁରୁଣା ହେବ। ସୁରକ୍ଷା ଏବଂ ଶକ୍ତି ପ୍ରଦର୍ଶନ ନିମନ୍ତେ ଖ୍ରୀଷ୍ଟପୂର୍ବ ୨୨୫୦ରୁ ୧୯୫୦ ମଧ୍ୟରେ ଉକ୍ତ ପାଚେରି ନିର୍ମାଣ କରାଯାଇଥିଲା ବୋଲି ବିଶ୍ୱାସ କରାଯାଉଛି।

ଉକ୍ତ ପାଚେରି ଦ୍ୱାରା ଆବଦ୍ଧ ହୋଇ ଅନ୍ୟୂନ ଏକ ବସ୍ତି ଓ କୃଷିଜମି ରହିଛି। ଏହାର ବହୁତ ବର୍ଷ ପରେ ଅର୍ଥାତ୍ ଖ୍ରୀଷ୍ଟାବ୍ଦ ୬୨୮ ବେଳକୁ ଉକ୍ତ ସ୍ଥାନ ପ୍ରଫେଟ୍ ମହମ୍ମଦଙ୍କ ସାମରିକ ବିଜୟର ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଥିଲା ଏବଂ ଇସ୍‌ଲାମୀୟ ଇତିହାସରେ ଏହା ଏକ ପ୍ରମୁଖ ସ୍ଥଳର ମାନ୍ୟତା ପାଇଥିଲା। ଉକ୍ତ ମରୁଦ୍ୟାନର ସବିଶେଷ ସର୍ଭେ କରାଯାଇ ନ ଥିବାରୁ ପାଚେରୀଟି ଆଜି ପର୍ଯ୍ୟନ୍ତ ଲୋକଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଥିଲା। ଉକ୍ତ ଜମିକୁ ଏକ ପାଚେରୀ ଘେରି ରହିଥିଲା ବୋଲି ବିଶେଷଜ୍ଞମାନେ ବିଶ୍ୱାସ କରୁଛନ୍ତି। ପାଚେରିର ଓସାର ୧.୭ରୁ ୨.୪ ମିଟର। ଉକ୍ତ ମରୁଦ୍ୟାନ ବହୁ ସ୍ମାରକୀୟ ବାସ୍ତୁକଳାରେ ସମୃଦ୍ଧ ବୋଲି ଆର୍କିଓଲୋଜିକାଲ ସାଇନ୍ସ: ରିପୋର୍ଟସ ପତ୍ରିକାରେ ପ୍ରକାଶିତ ନୂଆ ନୂତନ ଅଧ୍ୟୟନରୁ ଜଣାପଡ଼ିଛି। ବ୍ରୋଞ୍ଜ ଯୁଗରେ ଉତ୍ତର-ପଶ୍ଚିମ ଆରବରେ ପାଚେରିଘେରା ଓଏସିସ୍ କମ୍ପ୍ଲେକ୍ସ ଦେଖିବାକୁ ମିଳିପାରିବ, ଯାହା ଅତ୍ୟନ୍ତ କୌତୂହଳପ୍ରଦ ବୋଲି ଫ୍ରେଞ୍ଚ ନ୍ୟାଶନାଲ ସେଣ୍ଟର ଫର୍ ସାଇଣ୍ଟିଫିକ୍ ରିସର୍ଚ୍ଚର ଡ. ଗୁଇଲାଉମ୍ ଚାର୍ଲକ୍ସ କହିଛନ୍ତି।

## ରଶ୍ମିକାଙ୍କ ଡିପ୍ ଫେକ୍ ଭିଡିଓ କରିଥିବା ଅଭିଯୁକ୍ତ ଗିରଫ



**ନୂଆଦିଲ୍ଲୀ, ୨୦।୧ (ପିଟି):** ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କ ଡିପଫେକ୍ ଭିଡିଓ କରିଥିବା ଅଭିଯୁକ୍ତଙ୍କୁ ଦିଲ୍ଲୀ ପୋଲିସ ଗିରଫ କରିଛି। ଅଭିଯୁକ୍ତଙ୍କୁ ଦକ୍ଷିଣ ଭାରତରୁ ଗିରଫ କରାଯାଇ ଅଧିକ ପଚରାଉଚରା ପାଇଁ ଦିଲ୍ଲୀ ଅଣାଯାଇଥିବା ପୋଲିସର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ପୂର୍ବରୁ ଗତ ନଭେମ୍ବର ୧୦ରେ ଦିଲ୍ଲୀ ପୋଲିସର ସ୍ୱତନ୍ତ୍ର ସେଲ୍ ଦ୍ୱାରା ଆଇପିସିର ଧାରା ୪୬୫ ଓ ୪୬୯ ଏବଂ ଆଇଟି ଆକ୍ଟର ସେକ୍ସନ ୬୬ସି ଓ ୬୬ଇ ଅଧୀନରେ ଏତଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା।

## ପଶୁପକ୍ଷୀ ଚିହ୍ନଟ କରିବ ଏଏକ୍ସ ଭିସିଓ ସ୍ମାର୍ଟ ବାଇନୋକୁଲାର



ନୂଆଦିଲ୍ଲୀ,୨୦।୧

ପ୍ରକୃତିକୁ ଅନୁଧ୍ୟାନ କରିବାରେ ଏକ ପ୍ରଭାବଶାଳୀ ଉପକ୍ରମ ସ୍ୱାରୋଭସ୍କି ଅପ୍‌ଟିକ୍ ଏଏକ୍ସ ଭିସିଓ ସ୍ମାର୍ଟ ବାଇନୋକୁଲାର ଆଣିଛନ୍ତି। ପ୍ରଥମେ ଅଣାଯାଇଥିବା ଏହି ଦୂରବୀକ୍ଷଣ ଯନ୍ତ୍ରରେ ଅତ୍ୟାଧୁନିକ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ବ୍ୟବସ୍ଥା ରହିଛି, ଯାହା ବନ୍ୟପ୍ରାଣୀ କୈନ୍ଦ୍ରିକ। ଏହି ଅତ୍ୟାଧୁନିକ ପ୍ରଯୁକ୍ତି ବନ୍ୟପ୍ରାଣୀଙ୍କ ଉପରେ ଅଧିକ ଆଗ୍ରହ ରଖୁଥିବା ଲୋକମାନଙ୍କୁ ସେମାନଙ୍କ ଚତୁଃପାର୍ଶ୍ୱରେ ଥିବା ଉଦ୍ଭିଦ ଓ ପ୍ରାଣୀମାନଙ୍କ ସମ୍ପର୍କରେ ତଥ୍ୟ ପ୍ରଦାନ କରିବା ସହ ସେମାନଙ୍କ ଅଭିଜ୍ଞତା ବଢ଼ାଇବ। ଦୀର୍ଘ ୫ ବର୍ଷର ବିକାଶ ପ୍ରକ୍ରିୟାର ଫଳ ସ୍ୱରୂପ ଏଏକ୍ସ ଭିସିଓ ବାଇନୋକୁଲାର ମିଳିଛି। ଏଥିପାଇଁ ସ୍ୱାରୋଭସ୍କି ଅପ୍‌ଟିକ୍ ଏବଂ ଖ୍ୟାତନାମା ଡିଜାଇନର ମାର୍କ ନିଉସନ ମିଳିତ ଭାବେ କାର୍ଯ୍ୟ କରୁଥିଲେ। ଉକ୍ତ ଦୂରବୀକ୍ଷଣ ଯନ୍ତ୍ରରେ ୧୦x୩୨ ଅପ୍‌ଟିକ୍ ସିଷ୍ଟମ ସମେତ ୩୯୦ଟି ହାର୍ଡୱେର ଯନ୍ତ୍ରାଂଶ ରହିଛି। ତେବେ ଉକ୍ତ ଉପକରଣର ବାସ୍ତବ ସ୍ୱାତନ୍ତ୍ର୍ୟ ହେଲା ଇନ୍-ଲେନ୍ସ ସିଷ୍ଟମ, ଯାହା ୯,୦୦୦ରୁ ଊର୍ଦ୍ଧ୍ୱ ପକ୍ଷୀ ପ୍ରଜାତି ଓ ଅନେକ ଅନ୍ୟ ପ୍ରାଣୀଙ୍କୁ ଚିହ୍ନଟ କରିଥାଏ। ବନ୍ୟ ଜୀବଜନ୍ତୁଙ୍କ ଫଟୋ ଓ ଭିଡିଓ ଉତ୍ତୋଳନ ଲାଗି ଏଏକ୍ସ ଭିସିଓ ସ୍ମାର୍ଟ ବାଇନୋକୁଲାର ସହ କ୍ୟାମେରା ସଂଯୋଗ କରାଯାଇଛି। ଉକ୍ତ ଦୃଶ୍ୟ ଭଣ୍ଡାରକୁ ଏକ ଆପ୍ ଜରିଆରେ ସ୍ମାର୍ଟଫୋନ୍‌ରେ ସହଜରେ ଶେୟାର କରାଯାଇପାରିବ। ସ୍ମାର୍ଟ ବାଇନୋକୁଲାର ୟୁଜରଙ୍କୁ ଅନ୍ୟ ଏଏକ୍ସ ଭିସିଓ ଆଗ୍ରହୀଙ୍କ ସହ ସ୍ଥାନ ଟ୍ୟାଗ୍ ଓ ଶେୟାର କରିବାର ସୁଯୋଗ ଦେବ।


**ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in

No.CAD-3781

**E-PROCUREMENT NOTICE**
Bid Document No.: OMC/e-Proc/CMC/138/2023-24, dated 19.01.2024

| # | Parameter | Name |
|---|---|---|
| 1 | Name of Work | Hiring of agency for Development/ Customization, Configuration and Implementation of Online Recruitment Portal |
| 2. | Availability of tender documents on the e-tendering portal of Govt. of Odisha | Date:20.01.2024, 4.00 PM |

All other details can be seen from the Tender Document available on the e-Procurement portal of the Government of Odisha (www.tendersodisha.gov.in.) and on the website of OMC (www.omcltd.in).
Sd./- Advisor (C&P)
OIPR-30005/11/0243/2324

**GOVERNMENT OF ODISHA** E-mail:eebbsr1@yahoo.co.in
**OFFICE OF THE SUPERINTENDING ENGINEER, BHUBANESWAR (R&B) DIVISION, NO.I, BHUBANESWAR**
**INVITATIONS FOR BIDS**
**E-Procurement Tender Call Notice No. (66) of 2023-24**
**No.77 Bhubaneswar 4th January 2024**

**No.B-1638:** The Superintending Engineer, Bhubaneswar (R&B) Division No.I, Bhubaneswar on behalf of Governor of Odisha invites **Percentage** Rate Bids in Single Cover system for following works as detailed in the table given below.

| Sl. No. | Name of the Work | Approximate Estimated Cost put to Tender (Rs.) | EMD 1%/ Bid Security (Rs. in lakh) | Cost of Bid Document | Class of Contractor | Period of Completion in Calendar Months |
|---|---|---|---|---|---|---|
| 1 | Improvement to Home Economic Training Center (HETC), Renovation of GYM Center Bhubaneswar, such as providing fixing of M.S. grill, UPVC door/windows & painting work for the year 2023-24. (Civil & E.I. work) | Rs.38,68,139.00 | Rs.38,700.00 | Rs.6,000.00 (To be Online) | C Class/ B Class | 03 (Three) Calendar Months |

Date & Time of availability of bid document in the portal/online:From 12.00 A.M. of 08.01.2024 to 5.30 P.M. of 29.01.2024. Last Date of online submission of bid document in the portal/online:5.30 PM of 29.01.2024. Date of Opening: 12.30 PM of 30.01.2024 (if the Bids are of same percentage, then lottery will be done at 12.00 PM on 05.02.2024 at this office). Name and address of Officer Inviting Bid: Superintending Engineer, Bhubaneswar (R&B) Division No.I, Bhubaneswar. Further details can be seen from the e-Procurement portal: https://tendersorissa.gov.in.

Sd./- Er. Trinath Behera
OIPR-34076/11/0011/2324 Superintending Engineer, Bhubaneswar (R&B) Division No.I, Bhubaneswar

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE: SUNDARGARH**
AT/PO-SANKARA, SUNDARGARH-770020, E-mail address:serw_sundargarh@yahoo.com
No. Tender Online-RWCCESNG-52 of 2023-24, Letter No.131/ Dtd.18.01.2024
**e-Procurement Notice**

**No.O-2248:** 1.Type of the Work: Roads (DMF). 2.Class of Contractor: As specified in the column-6 of the Annexure. 3. Time of Completion: As specified in the Column-5 of the Annexure. 4. Detail Projects: As per Annexure attached. 5. Estimated Cost: As specified in the column-4 of the Annexure. 6. Other details:

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWC-CESNG-52 of 2023-24 | 24.01.2024 11.00 AM | 07.02.2024 5.00 PM | 06.02.2024 5.00 PM | 08.02.2024 11.00 AM | Will be intimated separately |

Further details can be seen from the website: www.tendersodisha.gov.in.
Sd./- Chief Construction Engineer, Rural Works Circle, Sundargarh
OIPR-25133/11/0072/2324

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, SAMBALPUR**
E-mail id- serwcirclesbp@yahoo.com
**Bid Identification No. Bridge Tender Online-RWCSBP-55/2023-24 No.: 185 Dated: 18.01.2024**

**No. O-2246:-** The Chief Construction Engineer, Rural Works Circle, Sambalpur on behalf of Governor of Odisha invites online percentage rate Bid from experienced & eligible bidders for 05 (Five) nos. of Bridge work under Biju Setu Yojana for the year 2023-24.
**1. Name of work: Bridge works under BSY for the year 2023-24. 2. No. of works:** 05 (Five) nos. of Bridge works Details as per DTCN. **3. Estimated Cost:** Approximately cost Rs.361.72 lakhs to Rs.620.46 lakhs. **4. Class of Contractor:** "A" & Special Class. **5. Cost of tender paper and mode of deposit:** Rs.10,000/- per set. (to be deposited online) in favour of concerned Executive Engineer. **6. Mode of submission of tender:** Tender should be submitted only Online in website **www.tendersorissa.gov.in**. (https//tendersodisha.gov.in). **7. EMD and mode of deposit: 1% of estimated cost of the work to be remitted online as mentioned in DTCN.**

**8. Summary of key dates are provided below:**

| Procurement Officer | Bid Identification No. | Availability of Tender online for bidding | | Last date & time for seeking clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sambalpur | Bridge Tender Online-RWCSBP-55/ 2023-24 | 25.01.2024 from 11.00 AM | 08.02.2024 upto 5.00 PM | 06.02.2024 upto 5.00 PM | 09.02.2024 at 11.00 AM | Will be intimated later |

● Further details can be seen from the e-procurement portal **www.tendersorissa.gov.in** (https//tendersodisha.gov.in).
● Subsequent modification/corrigendum/addendum if required shall appear in website only. ● The amount put to bid is exclusive of GST. ● Bidder should inspect the road before bidding and quote his rate accordingly.
Sd./- Chief Construction Engineer, Rural Works Circle, Sambalpur
OIPR-25091/11/0082/2324

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, SAMBALPUR**
E-mail id- serwcirclesbp@yahoo.com
**Bid Identification No. Road Tender Online-RWCSBP-56/2023-24 No.: 224 Dated: 18.01.2024**

**No. O-2252:-** The Chief Construction Engineer, Rural Works Circle, Sambalpur on behalf of Governor of Odisha invites online percentage rate Bid from experienced & eligible bidders for Road Works under DMF in the district Sambalpur for the year 2023-24.
**1. Name of work: Construction of road under DMF for the year 2023-24. 2. No. of works:** 01 (One) No. details as per DTCN. **3. Estimated Cost:** Approximately varies from Rs.133.85 Lakhs. **4. Class of Contractor:** "B" & "A" Class. **5. Cost of tender paper and mode of deposit:** Rs.10,000/- per set. (to be deposited online) in favour of concerned Executive Engineer. **6. Mode of submission of tender:** Tender should be submitted only Online in website **www.tendersorissa.gov.in**. (https//tendersodisha.gov.in). **7. EMD and mode of deposit: 1% of estimated cost of the work to be remitted online as mentioned in DTCN.**

**8. Summary of key dates are provided below:**

| Procurement Officer | Bid Identification No. | Availability of Tender online for bidding | | Last date & time for seeking clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sambalpur | Road Tender Online-RWCSBP-56/ 2023-24 | 25.01.2024 from 11.00 AM | 08.02.2024 upto 5.00 PM | 06.02.2024 upto 5.00 PM | 09.02.2024 at 11.00 AM | Will be intimated later |

● Further details can be seen from the e-procurement portal **www.tendersorissa.gov.in** (https//tendersodisha.gov.in).
● Subsequent modification/corrigendum/addendum if required shall appear in website only. ● The amount put to bid is exclusive of GST. ● Bidder should inspect the road before bidding and quote his rate accordingly.
Sd./- Chief Construction Engineer, Rural Works Circle, Sambalpur
OIPR-25091/11/0083/2324

**ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର**
**ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା**
**ହସ୍ତଶିଳ୍ପ କାରିଗରଙ୍କ ଆଧାର ଓ ବ୍ୟାଙ୍କ ଖାତା ସଂଯୋଗୀକରଣ ନିମନ୍ତେ ସର୍ବେକ୍ଷଣ ତଥ୍ୟ ସଂଶୋଧନ ଶିବିର**
**(ତା୨୦।୦୧।୨୦୨୪ରିଖଠାରୁ ୩୧।୦୧।୨୦୨୪ରିଖ ପର୍ଯ୍ୟନ୍ତ)**
**ସମୟ: ପୂର୍ବାହ୍ନ ୧୧ଘଟିକାଠାରୁ ଅପରାହ୍ନ ୨ ଘଟିକା**

No. PP-: ସମସ୍ତ ହସ୍ତଶିଳ୍ପ କାରିଗରଙ୍କୁ ଜଣାଇ ଦିଆଯାଉଅଛି ଯେ ସରକାରଙ୍କ ଦ୍ୱାରା ଦିଆଯାଉଥିବା ବିଭିନ୍ନ ସୁବିଧା ସିଧାସଳଖ ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ଜମା କରିବା ପାଇଁ ସେମାନଙ୍କ ଆଧାର ଓ ବ୍ୟାଙ୍କ ଖାତା ସଂଯୋଗୀକରଣ ବାଧ୍ୟତାମୂଳକ ଅଟେ। ଏଣୁ ସମସ୍ତ ହସ୍ତଶିଳ୍ପ କାରିଗରଙ୍କ ଆଧାର ଓ ବ୍ୟାଙ୍କ ଖାତା ସଂଯୋଗୀକରଣ ନିମନ୍ତେ ଆବଶ୍ୟକ ହେଉଥିବା ସର୍ବେକ୍ଷଣ ତଥ୍ୟ ସଂଶୋଧନ ପାଇଁ ଜିଲ୍ଲା ହସ୍ତଶିଳ୍ପ କାର୍ଯ୍ୟାଳୟଠାରେ ତା୨୦।୦୧।୨୦୨୪ରିଖଠାରୁ ୩୧।୦୧।୨୦୨୪ରିଖ ପର୍ଯ୍ୟନ୍ତ (ପୂର୍ବାହ୍ନ ୧୧ଘଟିକାରୁ ଅପରାହ୍ନ ୨ଘଟିକା) ଏକ ବିଶେଷ ଶିବିର ଆୟୋଜନ କରାଯାଉଅଛି। କାରିଗର ଗଣନାରେ (ସର୍ଭେ) ସ୍ଥାନ ପାଇଥିବା ସମସ୍ତ କାରିଗରମାନେ ଏହି ଶିବିରରେ ଯୋଗଦାନ କରି ଅବିଳମ୍ବେ ସର୍ବେକ୍ଷଣ ତଥ୍ୟ ସଂଶୋଧନ କରିବା ପାଇଁ ଆବଶ୍ୟକ ଦସ୍ତାବିଜ ଯଥା ଆଧାର ପରିଚୟ ପତ୍ର ଓ ବ୍ୟାଙ୍କ ଖାତାର ନକଲ ଦାଖଲ କରିବାକୁ ଅନୁରୋଧ କରାଗଲା। ଯେଉଁ କାରିଗରମାନଙ୍କର ନାମ ସର୍ଭେରେ ସ୍ଥାନ ପାଇନାହିଁ, ସେମାନଙ୍କ ନାମ ପରବର୍ତ୍ତୀ ପର୍ଯ୍ୟାୟରେ ଗଣନା ପାଇଁ ପଦକ୍ଷେପ ନିଆଯିବ ଏବଂ ଏହି ସଂକ୍ରାନ୍ତରେ ବିଜ୍ଞାପନ ମାଧ୍ୟମରେ ତାରିଖ ଘୋଷଣା କରାଯିବ।

OIPR-31034/11/0009/2324 ସ୍ୱା./- ନିର୍ଦ୍ଦେଶିକା

GOVERNMENT OF ODISHA No.A-1239:
DEPARTMENT OF WATER RESOURCES
**OFFICE OF THE ADDITIONAL CHIEF ENGINEER, EASTERN CIRCLE-I, CANTONMENT ROAD, CUTTACK**
Email id: seeccuttack@gmail.com
**'e' Procurement Notice No.ACE, EC-I/40 of 2023-24 (On-line)**

| | | | |
|---|---|---|---|
| 1. | Name of Works | (i) | Improvement to service road of Distributary No.13B and Distributary No.15B **Bid Identification No.ACE,EC-I JID 21 of 2023-24** |
| | | (ii) | Raising, Strengthening and protection work to Hansua right embankment with improvement of surface from village Haripa to Malikana to provide communication. **Bid Identification No.ACE, EC-I JID 22 of 2023-24.** |
| | | (iii) | Improvement to right bank service road from RD 2.29 Km to 6.33 Km of Disty. No.6 of Kendrapara Main Canal. **Bid Identification No. ACE, EC-I MND 26 of 2023-24.** |
| | | (iv) | Improvement to left Bank service road from RD 18.00 Km to 21.00 Km of Kendrapara Main Canal (from Village Tentol to Balisahi). Bid Identification No. ACE, EC-I MND 27 of 2023-24. |
| | | (v) | Renovation of CRBC near village Uttarkul of MCII Project Bid Identification No.ACE, EC-I MBD 04 of 2023-24. |
| 2 | Total No. of Works | : | 5 (Five) Nos. Works |
| 3 | Tender Paper Cost (online) (Non-refundable) | : | Rs.10,000.00 (Ten Thousand) each tender |

4.Bid details are as follows:

| Procurement Officer | Bid Identification No. | Tender Cost (Rs. in Lakh) (Approx.) | EMD (Online) (in Rs.) | Class of Contractor | Period of Completion | Availability of Tender Online for bidding | | Date of Opening of Technical Bid (Cover-I) |
|---|---|---|---|---|---|---|---|---|
| | | | | | | From | To | |
| Additional Chief Engineer, Eastern Circle-I, Cuttack | ACE, EC-I JID 21 of 2023-24 | 512 | 5,12,000.00 | 'A' | 8 (Eight) Calendar Months | 25.01.2024 at 10.00 hrs. | 08.02.2024 upto 17.30 hrs. | 09.02.2024 at 11.30 hrs. |
| | ACE, EC-I JID 22 of 2023-24 | 328 | 3,28,000.00 | 'A' | 6 (Six) Calendar Months | 25.01.2024 at 10.00 hrs. | 08.02.2024 upto 17.30 hrs. | 09.02.2024 at 11.30 hrs. |
| | ACE, EC-I MND 26 of 2023-24 | 126 | 1,26,000.00 | 'B' & 'A' | 4 (Four) Calendar Months | 25.01.2024 at 10.00 hrs. | 08.02.2024 upto 17.30 hrs. | 09.02.2024 at 11.30 hrs. |
| | ACE, EC-I MND 27 of 2023-24 | 126 | 1,26,000.00 | 'B' & 'A' | 4 (Four) Calendar Months | 25.01.2024 at 10.00 hrs. | 08.02.2024 upto 17.30 hrs. | 09.02.2024 at 11.30 hrs. |
| | ACE, EC-I MBD 04 of 2023-24 | 319 | 3,19,000.00 | 'A' | 6 (Six) Calendar Months | 25.01.2024 at 10.00 hrs. | 08.02.2024 upto 17.30 hrs. | 09.02.2024 at 11.30 hrs. |

Other terms and conditions can be seen from the Govt. website www.tendersodisha.gov.in.
All corrigendum/cancellation of tender if any, will only be uploaded in the above website.
Sd./- Additional Chief Engineer, Eastern Circle-I, Cuttack
OIPR-32370/11/0049/2324

# ବିଜେଡି ଓ ଭାଜପାର ଯୋଜନା ଟକ୍କର, କଂଗ୍ରେସର ଶୁଭେଚ୍ଛା

## ରାଉରକେଲାରେ ପୋଷ୍ଟର ରାଜନୀତି



ରାଉରକେଲା ମେନ୍‌ରୋଡ୍ ନୂଆକୋର୍ଟ ନିକଟରେ ଶାସକ ଦଳ ପକ୍ଷରୁ ଲାଗିଥିବା ହୋର୍ଡିଂ।

ରାଉରକେଲା,୨୦।୧(ଦିନେଶ ମିଶ୍ର)

ରାଉରକେଲା ବିଧାନସଭା ନିର୍ବାଚନମଣ୍ଡଳୀରେ ବିଭିନ୍ନ ରାଜନୈତିକ ଦଳ ସଜବାଜ ଆରମ୍ଭ କରିଦେଲେଣି। ଶାସକ ବିଜେଡି ରାଜ୍ୟ ସରକାର ଓ ବିରୋଧୀ ଭାଜପା କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ ଯୋଜନାକୁ ନେଇ ସହର ସାରା ପୋଷ୍ଟର ମାରିଥିବା ବେଳେ କଂଗ୍ରେସ ନବବର୍ଷର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଚାଲିଛି।

ସହରର ବିଭିନ୍ନ ପ୍ରମୁଖ ଛକରେ ବିଜେଡି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୀର୍ଘ ବର୍ଷ ଶାସନ କାଳ ଭିତରେ କରିଥିବା ବିଜୁ ଆବାସ, ମୁକ୍ତା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ, ନିରାମୟ, ମିଶନ ଶକ୍ତି ଭଳି ବହୁ ଯୋଜନାର ପୋଷ୍ଟର ଲଗାଇ ଭୋଟରଙ୍କୁ ଆକୃଷ୍ଟ କରିବାକୁ ଉଦ୍ୟମ କରିଛି। ଏଭଳି ଦୃଶ୍ୟ ସହରର ପ୍ରବେଶ ପଥ ବେଦବ୍ୟାସ ଛକଠାରୁ ଆରମ୍ଭକରି ରାଉରକେଲା ମେନ୍‌ରୋଡ, ଉଦିତନଗର ଆମ୍ବେଡକର ଛକ, ବାସନ୍ତୀ କଲୋନି ଛକ, ରେଲୱେ ଷ୍ଟେଶନ ଛକ ଭଳି ରାସ୍ତାକଡ଼ରେ ଲଗାଯାଇ ଦଳୀୟ ପ୍ରଚାର ପ୍ରସାର କରାଯାଉଥିବା ଦେଖିବାକୁ ମିଳିଛି। ରାଉରକେଲା ବିଧାୟକ ତଥା ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକ ଆସନ୍ତା ନିର୍ବାଚନରେ ଦଳୀୟ ଟିକେଟ ଆଶାୟୀ ଥିବାରୁ ନୂଆବର୍ଷ ଆରମ୍ଭରୁ କେଉଁଠି ରାସ୍ତାଠାରୁ ଶୌଚାଳୟ ତ ଅନ୍ୟ କେଉଁଠି ଡ୍ରେନେଜ୍ ବ୍ୟବସ୍ଥାର ଶିଳାନ୍ୟାସ କରୁଛନ୍ତି। ସହରୀ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଜନଗହଳି ଷ୍ଟେଶନ ଛକ, ସରକାରୀ ଡାକ୍ତରଖାନା, ଯୁବ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ସରକାରୀ ଓ ବେସରକାରୀ କଲେଜ ସମ୍ମୁଖରେ ନିଜର ବଡ଼ ବଡ଼ ପୋଷ୍ଟର ମଧ ମାରିଛନ୍ତି। ଆଲୋଚନା ହେଉଛି ସାରଦା ଯେଉଁଭଳି ଭାବେ ନିଜକୁ ପ୍ରୋଜେକ୍ଟ କରୁଛନ୍ତି ତାହା ଦ୍ୱାରା ଅନ୍ୟ ଆଶାୟୀ ଆଗକୁ ଆସୁ ନ ଥିବା ପରିଲକ୍ଷିତ ହେଉଛି।

ବିଜେଡିର ପୋଷ୍ଟରମରାକୁ ଦେଖି ଭାଜପା ମଧ ପଛରେ ନାହିଁ। ସହରରେ ଭାଜପା ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକାଭିମୁଖୀ ଯୋଜନାର ପୋଷ୍ଟର ଲଗାଯାଇଛି। କେନ୍ଦ୍ର ସରକାରଙ୍କ ଉଜ୍ଜ୍ୱଳା, ରାଶନ କାର୍ଡ, ବେଟୀ ବଚାଓ ବେଟୀ ପଢ଼ାଓ ଭଳି ଯୋଜନାର ପୋଷ୍ଟର ସହରର ପ୍ରମୁଖ ଛକଗୁଡ଼ିକରେ ଲଗାଇ ଭାଜପା ଦଳୀୟ ପ୍ରଚାର କରୁଛି। ରାଉରକେଲା ବିଧାନସଭା ନିର୍ବାଚନମଣ୍ଡଳୀର ଭାଜପାର ଆଶାୟୀ ପ୍ରାର୍ଥୀ ନିହାର ରାୟ, ଧୀରେନ ସେନାପତି, ସୂର୍ଯ୍ୟକାନ୍ତ ମହାନ୍ତି ପ୍ରମୁଖ ସହରରେ ହେଉଥିବା ଛୋଟବଡ଼ କାର୍ଯ୍ୟକ୍ରମରେ ଯୋଗଦେଇ ଲୋକସମ୍ପର୍କ ବଢ଼ାଉଥିବା ଦେଖିବାକୁ ମିଳିଛି।

ଅନ୍ୟପକ୍ଷେ କଂଗ୍ରେସର ଆଶାୟୀ ବିଧାୟକ ପ୍ରାର୍ଥୀମାନେ ଦଳୀୟ ପୋଷ୍ଟରରେ କେବଳ ନୂତନ ବର୍ଷ ଓ ମକର ସଂକ୍ରାନ୍ତିର ଶୁଭେଚ୍ଛା ଜଣାଇ ଭୋଟରଙ୍କ ନିକଟତର ହେବାକୁ ଚେଷ୍ଟା କରୁଛନ୍ତି। କଂଗ୍ରେସରେ ରବି ରାୟ ଓ ବୀରେନ୍ ସେନାପତି ଆଶାୟୀ ଦୌଡ଼ରେ ରହି ନିଜ ଢଙ୍ଗରେ ପ୍ରଚାର କରୁଛନ୍ତି।

ସୂଚନାଯୋଗ୍ୟ, ୨୦୧୯ ନିର୍ବାଚନରେ ରାଉରକେଲାରେ ବିଜେଡି ପ୍ରାର୍ଥୀ ସାରଦା ପ୍ରସାଦ ନାୟକ ଭାଜପା ପ୍ରାର୍ଥୀ ନିହାର ରାୟଙ୍କୁ ୧୦ ହଜାର ଭୋଟ ବ୍ୟବଧାନରେ ପରାସ୍ତକରି ବିଜୟୀ ହୋଇଥିଲେ। ତେବେ ୨୦୨୪ ନିର୍ବାଚନ ପୂର୍ବରୁ ପୋଷ୍ଟର ରାଜନୀତିରୁ ରାଉରକେଲା ବିଧାନସଭା ନିର୍ବାଚନମଣ୍ଡଳୀ ସରଗରମ ହୋଇ ଆଗକୁ କିଭଳି ଗତି କରୁଛି ଦେଖିବାର ଅଛି।



ଉଦିତ୍‌ନଗର ମେନ୍‌ରୋଡ୍‌ରେ ଭାଜପା ହୋର୍ଡିଂ।



ରିଂରୋଡ୍‌ରେ କଂଗ୍ରେସ ହୋର୍ଡିଂ।

## ଜିଲା ପରିଷଦ ସଦସ୍ୟ ଜଗନ୍ନାଥଙ୍କ ବିଜେଡିରୁ ଇସ୍ତଫା

ବାରିପଦା, ୨୦।୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବଡ଼ସାହି ନିର୍ବାଚନମଣ୍ଡଳୀ ଅଧୀନ ୨୪ନଂ. ଜିଲାପରିଷଦ ଜୋନ୍‌ର ସଦସ୍ୟ ଜଗନ୍ନାଥ ମଲିକ ବିଜେଡିରୁ ଇସ୍ତଫା ଦେଇଛନ୍ତି। ଦଳର ମୁଖ୍ୟ ତଥା ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କୁ ନିଜର ଇସ୍ତଫାପତ୍ର ପ୍ରଦାନ କରିଥିବା ବେଳେ ତା'ର ଏକକିତା ନକଲ ବିଜେଡି ଜିଲା ସଭାପତି ଓ ବ୍ଲକ ସଭାପତିଙ୍କୁ ପ୍ରଦାନ କରିଛନ୍ତି। ବ୍ୟକ୍ତିଗତ କାରଣ ପାଇଁ ସେ ଇସ୍ତଫା ଦେଇଥିବା ଦର୍ଶାଇଛନ୍ତି। ବ୍ଲକ ବିଜେଡି ସଭାପତି ତପନ ପତିଙ୍କ କହିବା ଅନୁଯାୟୀ, ଦଳ ଯେଉଁ ଆସ୍ଥା ରଖି ତାଙ୍କୁ ପ୍ରାର୍ଥୀ କରିଥିଲା, ସେଥିରେ ସେ ବିଶ୍ୱାସଘାତ କରିଛନ୍ତି। ଜିଲା ପରିଷଦ ଭାବେ ଏହା କେବଳ ତାଙ୍କର ବିଜୟ ନ ଥିଲା, ତାହା ବିଜୁ ଜନତା ଦଳର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ବିଜୟ ଥିଲା ବୋଲି ତପନ କହିଛନ୍ତି। ତେବେ ଏନେଇ ଜଗନ୍ନାଥଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ।

## ସୀମା ପ୍ରସଙ୍ଗରେ ଭାଜପା ଉପରେ ବର୍ଷିଲା କଂଗ୍ରେସ

### ଅରୁଣାଚଳରେ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା

ଇଟାନଗର,୨୦।୧(ପି.ଟି.)

କଂଗ୍ରେସର ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା ଶନିବାର ଅରୁଣାଚଳ ପ୍ରଦେଶରେ ପ୍ରବେଶ କରିଛି। ଏହି ଅବସରରେ ଚାଇନା ସହ ସୀମା ପ୍ରସଙ୍ଗକୁ ନେଇ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ଉପରେ କଂଗ୍ରେସ ବର୍ଷିଛି। ଭାରତରେ କେହି ପ୍ରବେଶ କରିନାହାନ୍ତି କିମ୍ବା ଭାରତୀୟ ଘାଟିକୁ କେହି ଅକ୍ତିଆର କରି ନାହାନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଇଥିବା ବିବୃତିରୁ ଭାରତର ଦୁର୍ବଳତା ପ୍ରକାଶ ପାଇଛି ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ମନ୍ତବ୍ୟ ଦେଶର ୨୦ ଶହୀଦ ଯବାନଙ୍କ ପ୍ରତି କେବଳ ଅପମାନ ନୁହେଁ, ବରଂ ଲଦାଖ ଏବଂ ଅରୁଣାଚଳପ୍ରଦେଶରେ ଆକ୍ରମଣାତ୍ମକ ଆଭିମୁଖ୍ୟ ଦେଖାଉଥିବା ଚାଇନାକୁ କ୍ଲିନ୍‌ଚିଟ୍ ବୋଲି ଜୟରାମ କହିଛନ୍ତି। ଚାଇନାରୁ ଶସ୍ତା ସାମଗ୍ରୀ ଆମଦାନୀ ଯୋଗୁ ୯୦ ପ୍ରତିଶତ ନିଯୁକ୍ତି ଯୋଗାଉଥିବା ଦେଶର ଲକ୍ଷ ଲକ୍ଷ କ୍ଷୁଦ୍ର ବ୍ୟବସାୟିକ ସଂସ୍ଥା ବନ୍ଦ ହୋଇଯାଇଛି। ଫଳରେ ପ୍ରତି ଅଧଘଣ୍ଟାରେ ଜଣେ ବେରୋଜଗାରୀ ଆତ୍ମହତ୍ୟା କରୁଥିବା କଂଗ୍ରେସ ଅଭିଯୋଗ କରିଛି।

ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ମଣିପୁରରୁ ମୁମ୍ବାଇ ଭାରତ ଯୋଡ଼ୋ ନ୍ୟାୟଯାତ୍ରା ଶନିବାର ଅପରାହ୍ନରେ ଆସାମରୁ ଅରୁଣାଚଳପ୍ରଦେଶରେ ପ୍ରବେଶ କରିଥିଲା। ଆସାମରେ ନ୍ୟାୟ ଯାତ୍ରା ଉପରେ ଆକ୍ରମଣକୁ କଂଗ୍ରେସ ନିନ୍ଦା କରିଛି। ଭାଜପାର ଗୁଣ୍ଡାମାନେ ଏହି ଆକ୍ରମଣ କରିଥିବା ଦଳ ଅଭିଯୋଗ କରିଛି।



ଅରୁଣାଚଳ ପ୍ରଦେଶରେ ଶନିବାର ରାହୁଲ ଗାନ୍ଧୀଙ୍କୁ ସ୍ୱାଗତ କରାଯାଉଛି।

## ଭର୍ତ୍ତୃହରିଙ୍କ ଗତିବିଧିକୁ ନେଇ ଚର୍ଚ୍ଚା

କଟକ,୨୦।୧(ଶିଳ୍ପା ପ୍ରିୟଦର୍ଶିନୀ)

ସାଧାରଣ ନିର୍ବାଚନ ପୂର୍ବରୁ କଟକ ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ରାଜନୈତିକ ଗତିବିଧିକୁ ନେଇ ଚର୍ଚ୍ଚା ଚାଲିଛି। ବିଜେଡିର ଏହି ବରିଷ୍ଠ ନେତା ନିକଟରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଭେଟିବାର ଫଟୋ ଭାଇରାଲ ହେବା ପରଠାରୁ ସେ ଭାଜପା ଆଡ଼କୁ ଢଳୁଛନ୍ତି ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି। କେନ୍ଦ୍ରମନ୍ତ୍ରୀଙ୍କୁ ସେ ସାକ୍ଷାତ୍ କରିବାର ଦୁଇଦିନ ପୂର୍ବରୁ ବିଜେଡିର ଦଳୀୟ କାର୍ଯ୍ୟକ୍ରମ ବାଲିଯାତ୍ରା ପଡ଼ିଆରେ ଅନୁଷ୍ଠିତ ହୋଇଥିଲା। ସେହିପରି ତାହାର କିଛିଦିନ ପୂର୍ବରୁ ତ୍ରିଶୁଳିଆଠାରେ ମୁଖ୍ୟମନ୍ତ୍ରୀ ମେଟ୍ରୋ ରେଳ ପ୍ରକଳ୍ପ ଉଦ୍‌ଘାଟନ କରିଥିଲେ। କଟକରେ ଥାଇ ମଧ ଦୁଇଟି କାର୍ଯ୍ୟକ୍ରମରେ ଭର୍ତ୍ତୃହରିଙ୍କୁ ଦେଖିବାକୁ ନ ମିଳିବା ଅନେକ ପ୍ରଶ୍ନ ସୃଷ୍ଟି କରୁଛି। ଏସବୁକୁ ଦେଖିଲେ ରାଜନୀତିରେ ରୁଚି ରଖୁଥିବା ବ୍ୟକ୍ତି ଭର୍ତ୍ତୃହରିଙ୍କ ହାବଭାବକୁ ନେଇ ଆଶଙ୍କା ବ୍ୟକ୍ତ କରୁଛନ୍ତି ଯେ, ସେ ଆଗାମୀ ନିର୍ବାଚନରେ ଭିନ୍ନ ରଣନୀତି ଆପଣାଇ ହୁଏତ ଭାଜପାରେ ଯୋଗଦେଇପାରନ୍ତି। ହେଲେ ଭର୍ତ୍ତୃହରି ଏଭଳି ଆଲୋଚନାକୁ ଗୁଜବ ସ୍ତରରେ ରଖିବାକୁ ପସନ୍ଦ କରିଛନ୍ତି।

ଭର୍ତ୍ତୃହରି ୧୯୯୮ ମସିହାରୁ ଅଦ୍ୟାବଧି କଟକ ଲୋକ ସଭା ନିର୍ବାଚନମଣ୍ଡଳୀକୁ ପ୍ରତିନିଧିତ୍ୱ କରିଆସୁଛନ୍ତି। ସଂସଦରେ ଉଲ୍ଲେଖନୀୟ କାର୍ଯ୍ୟ ଲାଗି ସେ ଆଉଟ୍‌ଷ୍ଟାଣ୍ଡିଂ ପାର୍ଲାମେଣ୍ଟାରିଆନ୍ ଆୱାର୍ଡ ମଧ ପାଇଛନ୍ତି। ତେବେ ପରିବର୍ତ୍ତିତ ରାଜନୈତିକ ବାତାବରଣକୁ ଦେଖିଲେ ସେ ଅତୀତରେ ଦଳୀୟ ବ୍ୟାପାର ସଂକ୍ରାନ୍ତୀୟ କେତେକ ମତ ଦେଇ ଚର୍ଚ୍ଚାରେ ରହିଥିଲେ। ତେଣୁ ରାଜନୈତିକ ସମୀକ୍ଷକମାନେ ତାଙ୍କ ରାଜନୈତିକ କ୍ୟାରିୟରରେ କିଛିଟା ପରିବର୍ତ୍ତନ ଦେଖାଦେଇପାରେ ବୋଲି ଭବିଷ୍ୟବାଣୀ କରୁଛନ୍ତି। କଟକରେ ଥାଇ ଦଳୀୟ କାର୍ଯ୍ୟକ୍ରମରେ ଯୋଗ ନ ଦେବା ଏହି ଆଶଙ୍କାକୁ ବଢ଼ାଇ ଦେଇଛି। ଏଥିସହିତ ଭର୍ତ୍ତୃହରିଙ୍କ ପାଇଁ କଟକ ରାଜନୀତି ଚଳଚଞ୍ଚଳ ହେଉଥିବା କୁହାଯାଉଛି। ଗୋଟିଏ ପଟେ ସେ ଦଳୀୟ କାର୍ଯ୍ୟକ୍ରମରେ ଯୋଗ ନ ଦେବା ଓ ଭାଜପାର ବରିଷ୍ଠ ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ସହ ସାକ୍ଷାତ୍‌କୁ ସମର୍ଥକମାନେ ସହଜରେ ଗ୍ରହଣ କରିପାରୁନାହାନ୍ତି। ଗତ ୭ ତାରିଖରେ କେନ୍ଦ୍ରମନ୍ତ୍ରୀଙ୍କୁ ସେ ଭେଟିଥିଲେ ମଧ ସେହି ଘଟଣାକୁ ନେଇ ଚାରିଆଡ଼େ ଚର୍ଚ୍ଚା ଚାଲିଛି। କେତେକେ କହିଲେଣି ଯଦି ସେ ଭାଜପାକୁ ଢଳୁଛନ୍ତି ତା' ହେଲେ ସାଧାରଣରେ ସ୍ପଷ୍ଟ କରିଦେବା ଦରକାର। ଆଉ ଗୋଟିଏ ଘଟଣା ଉପରେ ନଜର ପକାଯାଇପାରେ। ଗତ ରବିବାର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କଟକ ରେଳ ଷ୍ଟେଶନ ପରିଦର୍ଶନ କରିଥିଲେ। ହେଲେ ସେଠାରେ ଭର୍ତ୍ତୃହରି ଉପସ୍ଥିତ ନ ଥିଲେ। ଏପରିକି ୩୧ ଡିସେମ୍ବର ୨୦୨୩ରେ କଟକ ରେଳ ଷ୍ଟେଶନଠାରେ ଅମ୍ରିତ ଭାରତ ଏକ୍ସପ୍ରେସ୍‌ର କାର୍ଯ୍ୟକ୍ରମରେ ମଧ ସ୍ଥାନୀୟ ଏମ୍‌ପି ଭାବେ ସେ ଉପସ୍ଥିତ ରହି ନ ଥିଲେ। ତେବେ ପୂର୍ବରୁ ସଂସଦରେ ଭର୍ତ୍ତୃହରି ବହୁବାର କଟକ ରେଳ ଷ୍ଟେଶନର ବିକାଶ ପ୍ରସଙ୍ଗ ଉଠାଇଥିବାବେଳେ ରେଳମନ୍ତ୍ରୀଙ୍କ ଗସ୍ତ ବେଳେ ତାଙ୍କୁ ଦେଖିବାକୁ ନ ମିଳିବାର ରହସ୍ୟ ସାଧାରଣରେ ବୁଝିବା କଷ୍ଟକର ବୋଲି କୁହାଯାଇପାରେ।


ଭର୍ତ୍ତୃହରି ମହତାବ

ଭର୍ତ୍ତୃହରି ଦଳୀୟ କାର୍ଯ୍ୟକ୍ରମରେ ଉପସ୍ଥିତ ନ ରହିବା ଏବଂ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିବା ନେଇ ଜିଲା ବିଜେଡି ସଭାପତି ଦେବାଶିଷ ସାମନ୍ତରାୟଙ୍କୁ ପଚାରିବାରୁ ସେ କହିଛନ୍ତି, ବିଜେଡି ପ୍ରତିଷ୍ଠା ଦିବସରେ ଏମ୍‌ପି ଉପସ୍ଥିତ ରହିଥିଲେ। ଦଳୀୟ କାର୍ଯ୍ୟକ୍ରମରେ ବ୍ୟକ୍ତିଗତ କାରଣ ଯୋଗୁ ସେ ରହିପାରି ନ ଥିଲେ। ହେଲେ ମେଟ୍ରୋ ରେଳ ପ୍ରକଳ୍ପ ଉଦ୍‌ଘାଟନ କର୍ଯ୍ୟକ୍ରମରେ ଏମ୍‌ପିଙ୍କୁ ନିମନ୍ତ୍ରଣ କରାଯାଇଥିଲା। କିନ୍ତୁ କ'ଣ ପାଇଁ ସେ ଉପସ୍ଥିତ ନ ଥିଲେ ତାହା ସ୍ପଷ୍ଟ ଜଣାନାହିଁ ବୋଲି ଦେବାଶିଷ କହିଛନ୍ତି। ସେହିପରି ମେୟର ସୁବାସ ସିଂଙ୍କୁ ଏ ବିଷୟରେ ପଚାରିବାରୁ ସେ କହିଛନ୍ତି, ଭର୍ତ୍ତୃହରି ନେତାଜୀ ବସ୍ ଟର୍ମିନାଲ ଉଦ୍‌ଘାଟନ ଓ ବିଜେଡି ପ୍ରତିଷ୍ଠା ଦିବସରେ ଉପସ୍ଥିତ ରହିଥିଲେ। ସେଭଳି କୌଣସି କାରଣ ନାହିଁ ଯେଉଁଥିପାଇଁ ସେ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେଇ ନାହାନ୍ତି। ଯେଉଁ ଦୁଇଟି କାର୍ଯ୍ୟକ୍ରମରେ ସେ ଉପସ୍ଥିତ ରହିନାହାନ୍ତି ସେଥିରେ ତାଙ୍କର ବ୍ୟକ୍ତିଗତ ସମସ୍ୟା କିଛି ଥାଇପାରେ ବୋଲି ସିଂ କହିଛନ୍ତି। ଅନ୍ୟପଟେ ଭର୍ତ୍ତୃହରିଙ୍କୁ ଉକ୍ତ ପ୍ରସଙ୍ଗରେ ପଚାଯିବାରୁ ସେ କହିଛନ୍ତି, ଶଙ୍ଖଭବନଠାରେ ନିକଟରେ ହୋଇଥିବା ଦୁଇଟି ଦଳୀୟ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ। ଏହାସହ ବିଜେଡି ପ୍ରତିଷ୍ଠା ଦିବସରେ ମଧ ସେ ଯୋଗଦେଇଥିଲେ। ମେଟ୍ରୋ ରେଳ ପ୍ରକଳ୍ପ ଉଦ୍‌ଘାଟନ ଏକ ସରକାରୀ କାର୍ଯ୍ୟକ୍ରମ ଥିଲା। ସେତେବେଳେ ସେ ସେଠାକୁ ଯାଇପାରି ନ ଥିଲେ ବୋଲି କହିଛନ୍ତି। ହେଲେ ବାଲିଯାତ୍ରା ପଡ଼ିଆଠାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମ ସମ୍ପର୍କରେ ସେ ଅବଗତ ନ ଥିଲେ। କେବଳ ଶୁଣିବାକୁ ପାଇଥିଲେ ଯେ, ସେଠାରେ କଲେଜ ଛାତ୍ରୀଛାତ୍ରଙ୍କୁ ନେଇ ୫-ଟି ତଥା ନବୀନ ଓଡ଼ିଶା ଅଧକ୍ଷଙ୍କ କାର୍ଯ୍ୟକ୍ରମ ରହିଥିଲା। ତେବେ ସେହି ସମୟରେ ସେ କଟକରେ ଉପସ୍ଥିତ ନ ଥିଲେ ବୋଲି ଭର୍ତ୍ତୃହରି କହିଛନ୍ତି।

**ଅନ୍ୟାନ୍ୟ ଖବର**

## ଯବାନଙ୍କ ଗୁଳିରେ ୩ ମାଓବାଦୀ ନିହତ

### ଆଇଇଡି ବିସ୍ଫୋରଣରେ ଜଣେ ଯବାନ ଆହତ

ମାଲକାନଗିରି,୨୦।୧
(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟରେ ୩ ମାଓବାଦୀ ନିହତ ହୋଇଥିବା ବେଳେ ଆଇଇଡି ବୋମା ବିସ୍ଫୋରଣରେ ଜଣେ ଯବାନ ଆହତ ହୋଇଛନ୍ତି।

ସୂଚନା ଅନୁଯାୟୀ, ଛତିଶଗଡ଼ ବିଜାପୁର ଜିଲା ଅନ୍ତର୍ଗତ ବେଲମଗୁଣ୍ଡା ପାହାଡରେ ୨୦ରୁ ୨୫ ସଶସ୍ତ୍ର ମାଓବାଦୀ ଥିବା ଖବର ପାଇବା ପରେ ଡିଆର୍‌ଜି ଓ କୋବ୍ରା ୨୧୦ ବାଟାଲିୟନ ଯବାନମାନେ ମିଳିତ ଭାବେ ସର୍ଚ୍ଚ ଅପରେଶନରେ ବାହାରିଥିଲେ। ଏହି ସମୟରେ ଯବାନଙ୍କୁ ଦେଖି ମାଓବାଦୀମାନେ ଗୁଳି ଚାଳନା କରିଥିବା ବେଳେ ଯବାନମାନେ ଗୁଳି ଚାଳାଇଥିଲେ। ଯବାନଙ୍କ ଗୁଳିରେ ମାଓବାଦୀମାନେ ଜଙ୍ଗଲରେ ଛତ୍ରଭଙ୍ଗ ଦେଇ ପଳାଇଯାଇଥିଲେ। ଏହା ପରେ ଯବାନମାନେ ଅଞ୍ଚଳରେ ତଲାସି କରିବା ବେଳେ ୨ ମହିଳା ଓ ଜଣେ ପୁରୁଷ ମାଓବାଦୀଙ୍କ ମୃତଦେହ ଓ ବହୁପରିମାଣର ମାଓବାଦୀ ସାମଗ୍ରୀକୁ ଯବାନମାନେ ଜବତ କରିଥିଲେ। ସେହିପରି ଅନ୍ୟ ଏକ ଘଟଣାରେ ବିଜାପୁର ଜିଲା ଗୁଣ୍ଡେମର ତୋୟାନାଳ ଅଞ୍ଚଳରେ ଏସ୍‌ଟିଏଫ୍ ଯବାନମାନେ ସର୍ଚ୍ଚ ଅପରେଶନ କରୁଥିବା ବେଳେ ମାଓବାଦୀମାନେ ସେହି ଅଞ୍ଚଳରେ ଖଞ୍ଜିଥିବା ଗୋଟିଏ ଆଇଇଡି ବୋମା ଉପରେ ଏସ୍‌ଟିଏଫ୍ ଯବାନ ପ୍ରମୋଦ ଶର୍ମାଙ୍କ ପାଦ ପଡ଼ିଯିବାରୁ ତାହା ବିସ୍ଫୋରଣ ଘଟିବାରୁ ପ୍ରମୋଦ ଗୁରୁତର ହୋଇ ପଡ଼ିଥିଲେ। ତେବେ ତୁରନ୍ତ ଅନ୍ୟ ସାଥୀ ଯବାନମାନେ ତାଙ୍କୁ ବିଜାପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ରାୟପୁର ଚିକିତ୍ସାଳୟରେ ଭର୍ତ୍ତି କରାଇଥିବା ଜଣାପଡ଼ିଛି।

## ଜେଲ ଗଲେ ପ୍ରଧାନ ଶିକ୍ଷକ

### ୨ ଛାତ୍ରୀଙ୍କୁ ବିଦ୍ୟାଳୟରେ ବଳାତ୍କାର ଘଟଣା

ରାଜନଗର,୨୦।୧(ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲା ରାଜନଗର ଥାନା ଅଧୀନ ଘଡିଆମାଳସ୍ଥିତ ଏକ ଘରୋଇ ସ୍କୁଲର ପ୍ରଧାନ ଶିକ୍ଷକ ତଥା ବିଦ୍ୟାଳୟର ମାଲିକ ପ୍ରଦୀପ କୁମାର ପ୍ରଧାନ ଶ୍ରେଣୀଗୃହରେ ୨ ଛାତ୍ରୀଙ୍କୁ ବଳାତ୍କାର କରିଥିଲେ । ଏ ସଂକ୍ରାନ୍ତରେ ଶୁକ୍ରବାର ଥାନାରେ ଅଭିଯୋଗ ହେବା ପରେ ଏହି ଲଜ୍ଜିତ ଘଟଣା ସାମ୍ନାକୁ ଆସିଥିଲା । ଏ ନେଇ ରାଜନଗର ଥାନାରେ ଦଫା ୩୭୬ (୨) (ଏଫ), ୩୫୪ (ଏ), ୫୦୬ ଆଇପିସି ଓ ସେକ୍ସନ ୪ ପୋକ୍‌ସୋ ଆକ୍ଟରେ ଏକ ମାମଲା(ନଂ.୩୧/୨୦୨୪) ରୁଜୁହେବା ସହିତ ଅଭିଯୁକ୍ତ ପ୍ରଧାନ ଶିକ୍ଷକଙ୍କୁ ପୋଲିସ ଗିରଫ କରି ଶନିବାର ରାଜନଗର ଜେଏମ୍‌ଏଫ୍‌ସି କୋର୍ଟରେ ହାଜର କରିଥିଲା । ଜାମିନ ଆବେଦନ ନାମଞ୍ଜୁର ହେବା ପରେ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ଏଥିସହିତ ଥାନାରେ ୨ ପୀଡ଼ିତାଙ୍କ ୧୬୧ରେ ବୟାନ ରେକର୍ଡ କରାଯାଇଛି । ଏହି ଘଟଣାକୁ ଦେଖିଥିବା ୨ ନାବାଳିକା ଛାତ୍ରୀ ମଧ୍ୟ ସାକ୍ଷୀ ଦେଇଛନ୍ତି। ଅଭିଯୁକ୍ତ ପ୍ରଧାନ ଶିକ୍ଷକଙ୍କ ଡାକ୍ତରୀ ମାଇନା କରାଯାଇଛି ।


ଗିରଫ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ପ୍ରଧାନ।

ସୂଚନାଯୋଗ୍ୟ, ବଳାତ୍କାର ଶିକାର ହୋଇଥିବା ୨ ନାବାଳିକା ଛାତ୍ରୀଙ୍କ ବାପା ରାଜନଗର ଥାନାରେ କରିଥିବା ଅଭିଯୋଗ ମୁତାବକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଧାନ ଅନେକ ଥର ଆମ ପିଲାମାନଙ୍କ ସହିତ ଖରାପ କାର୍ଯ୍ୟ କରି ଆସୁଥିଲେ । ହେଲେ ପିଲାମାନେ ଭୟରେ କାହାକୁ କିଛି ନ କହି ଶିକ୍ଷକଙ୍କ ଅତ୍ୟାଚାରକୁ ସହି ଆସୁଥିଲେ। ଗତ ୧୬ ତାରିଖରେ ୬ଷ୍ଠ ଶ୍ରେଣୀର ଜଣେ ଛାତ୍ରୀ ଓ ୭ମ ଶ୍ରେଣୀର ଜଣେ ଛାତ୍ରୀଙ୍କୁ ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀ ଅନ୍ୟ ଶ୍ରେଣୀଗୃହରେ ନେଇ ବସାଇଥିଲେ। ସେହି ଶ୍ରେଣୀଗୃହରେ ପ୍ରଧାନ ଶିକ୍ଷକ ପ୍ରଧାନ ପହଞ୍ଚି ଆମ ଝିଅଙ୍କ ସମ୍ବେଦନଶୀଳ ସ୍ଥାନରେ ହାତ ମାରିବା ସହ ଡ୍ରେସ୍ ଖୋଲି ଖରାପ କାମ କରିଥିବା ଏତଲାରେ ଦର୍ଶାଇଛନ୍ତି। ଆମ ଝିଅ ଏହାକୁ ବିରୋଧ କଲେ ଅଭିଯୁକ୍ତ ବିଭିନ୍ନ ଧମକ ଚମକ ଦିଅନ୍ତି। ୧୬ ତାରିଖ ଦିନ ଆମ ଦୁଇ ଝିଅଙ୍କ ସହ ପ୍ରଧାନ ଶିକ୍ଷକ କରିଥିବା ଏହି ଲଜ୍ଜାଜନକ ଓ ଅମାନୁଷିକ ଘଟଣାକୁ ବିଦ୍ୟାଳୟର ଅନ୍ୟ ୨ ଛାତ୍ରୀ ନିଜ ଆଖିରେ ଦେଖିଛନ୍ତି ବୋଲି ସେ ଦର୍ଶାଇଛନ୍ତି। ୧୬ ତାରିଖ ଅପରାହ୍ନରେ ଘରକୁ ଫେରି ବଳାତ୍କାରର ଶିକାର ହୋଇଥିବା ୨ ଛାତ୍ରୀ ଘରେ ନ ଖାଇ କାନ୍ଦିଥିଲେ। ପରିବାର ଲୋକେ ଏକଥା ଜାଣିବା ପରେ ୧୭ ତାରିଖ ଦିନ ଗାଁର ଅନ୍ୟ ଅଭିଭାବକଙ୍କ ସହିତ ଅଭିଯୋଗ କରିବାକୁ ଥାନାକୁ ଆସିଥିଲେ। ଥାନାରେ ପହଞ୍ଚିବା ପୂର୍ବରୁ ସେହି ପଞ୍ଚାୟତର କେତେଜଣ ରାଜନେତା ସବୁ ଅଭିଭାବକ ମିଶି ଏତଲା ଦେବାକୁ କହି ସେମାନଙ୍କୁ ଫେରାଇ ନେବାରେ ସକ୍ଷମ ହୋଇଥିଲେ। ପୀଡ଼ିତା ଛାତ୍ରୀଙ୍କ ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧିଙ୍କ ନେତୃତ୍ୱରେ କେତେଜଣ ଅଭିଭାବକ ବୈଠକରେ ସାମିଲ ହୋଇଥିଲେ। ବୈଠକରେ ପ୍ରଧାନ ଶିକ୍ଷକ ଭୁଲ୍ ସ୍ୱୀକାର କରିଥିଲେ। ଏହାପରେ ନାବାଳିକା ପରିବାର ୨ ପୀଡ଼ିତା ଓ ସେମାନଙ୍କ ଅଭିଭାବକ ରାଜନଗର ଥାନାରେ ପହଞ୍ଚି ଏ ନେଇ ଲିଖିତ ଅଭିଯୋଗ କରିଥିଲେ।

## ନିଶାସକ୍ତ ସ୍ୱାମୀଙ୍କ ଛୁରା ମାଡ଼ରେ ସ୍ତ୍ରୀ ମୃତ

ମାଲକାନଗିରି,୨୦।୧
(ଦୁର୍ଯ୍ୟୋଧନ ପାତ୍ର)

ମଦ ନିଶାରେ ସ୍ତ୍ରୀଙ୍କୁ ହତ୍ୟା କରିଛନ୍ତି ନିଶାସକ୍ତ ସ୍ୱାମୀ। ଏଭଳି ଘଟଣା ମାଲକାନଗିରି ଜିଲା ମାଥିଲି ଥାନା ମାଡକାପଦର ପଞ୍ଚାୟତ ଅନ୍ତର୍ଗତ ସିନ୍ଧିଗୁଡା ଗ୍ରାମରେ ଘଟିଛି। ସ୍ତ୍ରୀ ଦନେଇ ମାଝି (୫୭)ଙ୍କୁ ସ୍ୱାମୀ ମଙ୍ଗିଲି ମାଝି ଛୁରି ଭୁଷି ହତ୍ୟା କରିଛନ୍ତି। ମୁଦୁଲିପଡା ଥାନା ବଡ ଲଡୁରାଲ ପଞ୍ଚାୟତ ସାନଡୁରାଲ ଗ୍ରାମର ମୃତ ଦନେଇଙ୍କ ସମ୍ପର୍କୀୟ ମଙ୍ଗଳା ମୁଦୁଲି ମାଥିଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ନଂ. ୨୫/୨୪ ରେ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ମାଥିଲି ଥାନା ଅଧିକାରୀ ଦେବଦତ୍ତ ମଲ୍ଲିକ ଓ ଅନ୍ୟ ପୋଲିସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ହତ୍ୟାକାରୀ ସ୍ୱାମୀ ମଙ୍ଗିଲି ମାଝିଙ୍କୁ ଶନିବାର ଗିରଫ କରିଛନ୍ତି।

ପ୍ରକାଶ ଯେ, ବୁଧବାର ଗାଁରେ ପରବ ଚାଲିଥିବା ବେଳେ ଭୋଜି ଖାଇ ସ୍ୱାମୀ ମଙ୍ଗିଲି ନିଶାସକ୍ତ ଅବସ୍ଥାରେ ଘରକୁ ଫେରିଥିଲେ। କୌଣସି କାରଣରୁ ସ୍ୱାମୀ–ସ୍ତ୍ରୀଙ୍କ ମଧ୍ୟରେ ଝଗଡା ହୋଇଥିଲା। ଏଥିରେ ମଙ୍ଗିଲି ରାଗିଯାଇ ଘରେ ଥିବା ଛୁରିରେ ସ୍ତ୍ରୀ ଦନେଇଙ୍କୁ ଆକ୍ରମଣ କରିଥିଲେ। ଏଥିରେ ଦନେଇଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା। ଗ୍ରାମବାସୀ ଜାଣିବା ପରେ ଦନେଇଙ୍କ ସମ୍ପର୍କୀୟଙ୍କୁ ଜଣାଇଥିଲେ। ପରେ ମାଥିଲି ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ମୃତଦେହ ଜବତ କରିବା ସହ ଗ୍ରାମବାସୀ ଅଟକ ରଖିଥିବା ହତ୍ୟାକାରୀ ସ୍ୱାମୀ ମଙ୍ଗିଲିଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି ।


ମଙ୍ଗିଲି ମାଝି

# ହାରିବା ନୁହେଁ ସମାଧାନ

**ଗୋଟିଏ କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାର ମାନସିକତାର ଲୋକ କାମ କରନ୍ତି। କେବେକେବେ ଏମିତି କୌଣସି ସହକର୍ମୀ କିମ୍ବା ବସ୍‌ଙ୍କ ସହିତ କାମ କରିବାକୁ ପଡ଼ିଥାଏ, ଯେଉଁମାନେ ସ୍ୱଭାବରେ ଟକ୍ସିକ୍ ବା ଏଭଳି ମାରାତ୍ମକ, ଯାହାଙ୍କ ସହ କାର୍ଯ୍ୟ କରିବା କୌଣସି ଚ୍ୟାଲେଞ୍ଜଠୁ କମ୍ ନୁହେଁ। ଏମିତିରେ କେହି କେହି ଜବ୍ ପରିବର୍ତ୍ତନ କରିଦେଉଥିବା ବେଳେ ଆଉ କେହି ହତାଶ ହୋଇ ଜବ୍ ଛାଡ଼ି ମଧ୍ୟ ଦେଇଥା'ନ୍ତି। ହେଲେ ଯେଉଁମାନେ ଦୃଢ଼ ମନୋବଳ ରଖି ଏହି ପରିସ୍ଥିତି ସହ ଖାପଖୁଆଇ ଆଗେଇ ଚାଲନ୍ତି, ସେମାନେ ହିଁ ଭବିଷ୍ୟତରେ କ୍ୟାରିୟରରେ ସଫଳତାର ସ୍ୱାଦ ଚାଖିପାରନ୍ତି...**









ଜଣେ କର୍ମଜୀବୀଙ୍କୁ ଘର ବ୍ୟତୀତ ନିଜ କର୍ମକ୍ଷେତ୍ରରେ ସବୁଠୁ ଅଧିକ ସମୟ ବିତେଇବାକୁ ପଡ଼ିଥାଏ। ତେଣୁ ଅଫିସର ପରିବେଶ ସହ ସହକର୍ମୀ ଏବଂ ବସ୍‌ଙ୍କ ଆଚରଣ ଉଭୟ ମାନସିକ ଓ ଶାରୀରିକ ସ୍ତରରେ ପ୍ରଭାବ ପକାଇଥାଏ। କେବେକେବେ ଅଫିସ୍‌ରେ ଏଭଳି କୌଣସି ବ୍ୟକ୍ତିଙ୍କ ସହ କାମ କରିବାକୁ ହୁଏ, ଯାହାକି କଷ୍ଟକର ହୋଇପଡ଼େ। ଆମେରିକାର ଏକ ମ୍ୟାନେଜ୍‌ମେଣ୍ଟ କନ୍‌ସଲ୍‌ଟିଂ ଫାର୍ମ – ଦି କୁପର ଷ୍ଟ୍ରାଟେଜିକ୍ ଗ୍ରୁପ୍‌ର ଫାଉଣ୍ଡର ଏମି କୁପର୍ ହକିମ୍‌ଙ୍କ ଏକ ପୁସ୍ତକ ରହିଛି ୱର୍କିଂ ୱିଥ୍ ଡିଫିକଲ୍ଟ ପିପୁଲ୍। ଯେଉଁଥିରେ ସେ ଲେଖିଛନ୍ତି, ବସ୍ ଅବା ସହକର୍ମୀଙ୍କର ଯଦି ଆଟିଚ୍ୟୁଡ୍ ନେଗେଟିଭ୍ ଅବା ଟକ୍ସିକ୍ ହୁଏ, ତେବେ ହତାଶ ନ ହୋଇ, ବିରକ୍ତ ହୋଇ ନିଜର ଆଚରଣ ଖରାପ କରିବା କିମ୍ବା ଜବ୍ ଛାଡ଼ିଦେବା ବଦଳରେ ତାଙ୍କ ସହ ବିଭିନ୍ନ ଉପାୟରେ ଆଡ୍‌ଜଷ୍ଟ କରିବା ଆବଶ୍ୟକ। ବିଶେଷକରି ଟିମ୍ ୱର୍କ କରୁଥିଲେ, ଯଦି ଆପଣ ଉକ୍ତ ଟିମ୍‌ର ଲିଡର ଥାଆନ୍ତି, ତେବେ ଏଭଳି ପରିସ୍ଥିତିରେ ନିଜ ପ୍ରଫେଶନାଲ୍ କ୍ୟାରିୟରକୁ ନେଇ ସଜାଗ ରହିବା ଦରକାର।

**କିପରି କରିବେ ସମାଧାନ:**

**ପ୍ରମାଣିତ କରନ୍ତୁ ନିଜ ଦକ୍ଷତା:** ଯେକୌଣସି କାର୍ଯ୍ୟ ପାଇଁ ମନଇଚ୍ଛା ଆଗକୁ ବଢ଼ି ନ ଯାଇ ପ୍ରଥମେ ଆବଶ୍ୟକ ଜ୍ଞାନ ଆହରଣ କରନ୍ତୁ, ବାରମ୍ବାର ଅଭ୍ୟାସ ଜାରି ରଖନ୍ତୁ। ଅଫିସ୍ ପଲିଟିକ୍ସରୁ ଦୂରେଇ ରୁହନ୍ତୁ। କାହା କଥାରେ ମନକୁ ପ୍ରଭାବିତ ହେବାକୁ ଦିଅନ୍ତୁ ନାହିଁ। ଥରେ ବିଫଳ ହେଲେ ଆଉ ଆଗକୁ ବଢ଼ିପାରିବି କି ନାହିଁ କିମ୍ବା ଏହା ମୋ ପାଇଁ କଠିନ ବ୍ୟାପାର ଆଦି ଭଳି ନକାରାତ୍ମକ ଚିନ୍ତା କରି ଚୁପ୍ ମଧ୍ୟ ରହିଯାଆନ୍ତୁ ନାହିଁ। ବାରମ୍ବାର ଚେଷ୍ଟା କରନ୍ତୁ ଏବଂ ପ୍ରତିଥର ନିଜର ବେଷ୍ଟ ଦେବାକୁ ଚେଷ୍ଟା କରନ୍ତୁ। ଏହାଦ୍ୱାରା ଆପଣଙ୍କ ଦକ୍ଷତା ବୃଦ୍ଧି ହେବା ସହ ଆପଣ ନିଜର ବେଷ୍ଟ ଦେଇପାରିବେ।

**ଦିଅନ୍ତୁନି ପଛଘୁଞ୍ଚା:** ଗୋପବନ୍ଧୁଙ୍କ ଭାଷାରେ, ପଛଘୁଞ୍ଚା ନାହିଁ ବୀରର ଜାତକେ। ଯଦି କୌଣସି ଲକ୍ଷ୍ୟ ହାସଲ ନେଇ ମନରେ ସଂକଳ୍ପ କରିଛନ୍ତି, ତେବେ ତାକୁ ହାସଲ କରିବାକୁ ଚେଷ୍ଟା କଲେ ସଫଳ ନିଶ୍ଚୟ ହେବେ। କେବେକେବେ ମନ ମୁତାବକ ଜବ୍ ମିଳି ନ ଥାଏ, ତେଣୁ ଯେଉଁ ଜବ୍ ମିଳିଛି, ତାକୁ ଭଲ ଭାବେ କରିବାକୁ ଚେଷ୍ଟା କରନ୍ତୁ। କାର୍ଯ୍ୟକ୍ଷେତ୍ରରେ କାହାର ନକାରାତ୍ମକ କଥାକୁ ଗୁରୁତ୍ୱ ନ ଦେଇ ଅବା ଅସଫଳ ହେବା ଭୟରେ ପଛଘୁଞ୍ଚା ଦେଇ ରହିଯିବା ବଦଳରେ ବାରମ୍ବାର ପ୍ରୟାସ କରନ୍ତୁ। ନିଜ ମନୋବଳ ଦୃଢ଼ କରି ଉଦ୍ୟମ ଜାରି ରଖିଲେ ଲକ୍ଷ୍ୟପଥରେ ଦିନେ ନା ଦିନେ ନିଶ୍ଚୟ ସଫଳ ହେବେ, ଏଥିରେ ସନ୍ଦେହ ନାହିଁ।

**ଆତ୍ମବିଶ୍ୱାସ ବଢାନ୍ତୁ:** ଯଦି କୌଣସି ପ୍ରକାରର ଭାବନା ବା ଚିନ୍ତା ଆପଣଙ୍କୁ ଆଗକୁ ବଢ଼ିବାକୁ ମାନସିକ ସ୍ତରରେ ପ୍ରତିରୋଧ କରୁଛି, ତେବେ ସର୍ବପ୍ରଥମେ ତାହାକୁ ଦୂର କରନ୍ତୁ। ନିଜ ଆତ୍ମବିଶ୍ୱାସ ବୃଦ୍ଧି ଲାଗି ମନରେ ସକାରାତ୍ମକ ଭାବନା ଆଣିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଏହାଦ୍ୱାରା କୌଣସି କାର୍ଯ୍ୟକୁ ନେଇ ମନ ଭିତରେ ଥିବା ଚିନ୍ତା, ଚାପ କିମ୍ବା ବିଫଳତାର ଅବସାଦ ଆଦିକୁ ଦୂର କରି ଆଗେଇଯିବାର ସାହସ ଯୋଗାଇଥାଏ। ଯାହାକି ପରବର୍ତ୍ତୀ ସମୟରେ କାର୍ଯ୍ୟକ୍ଷେତ୍ରରେ ଆପଣଙ୍କର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥାଏ।

**କ୍ରନିକ ୱର୍କପ୍ଲେସ୍ ଷ୍ଟ୍ରେସ୍:** କେବେକେବେ କାର୍ଯ୍ୟକ୍ଷେତ୍ରରେ ମାନସିକ ଚାପ ବଢ଼ିଯାଏ, ଯାହାକୁ କ୍ରନିକ ୱର୍କପ୍ଲେସ୍ ଷ୍ଟ୍ରେସ୍ କୁହାଯାଏ। ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲ୍ ଆଣ୍ଡ ପ୍ରିଭେନ୍‌ସନ୍ ପକ୍ଷରୁ ହୋଇଥିବା ଏକ ଗବେଷଣା ମୁତାବକ ଏଭଳି ସମସ୍ୟାର ଉଭୟ ମାନସିକ ଏବଂ ଶାରୀରିକ ସ୍ତରରେ ପ୍ରଭାବ କରାଇଥାଏ। ଜାଣିବା ସେ ସମ୍ପର୍କରେ...

– କାମର ଚାପ କିମ୍ବା ବସ୍‌ଙ୍କ ଭୟ ମନ ଭିତରେ ଏଭଳି ବସା କରିଯାଇଥାଏ ଯେ, ମସ୍ତିଷ୍କ ସବୁବେଳେ ଆଲର୍ଟ ମୋଡ୍‌ରେ ରହିଥାଏ। ଫଳରେ ଅନ୍ୟ କାର୍ଯ୍ୟରେ ମନ ନ ଲାଗିବା, ଦିନରେ ଥକା ଲାଗିବା ଭଳି ସମସ୍ୟା ଦେଖାଦେଇଥାଏ।

– ସବୁବେଳେ ଷ୍ଟ୍ରେସ୍‌ରେ ରହିବା ଦ୍ୱାରା ହାର୍ଟ ଉପରେ ଚାପ ପଡ଼ିଥାଏ। ଫଳରେ ରକ୍ତ ସଞ୍ଚାଳନ ପ୍ରଭାବିତ ହେବା ସହ କେବେକେବେ ହୃଦ୍‌ଘାତ ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ।

– କ୍ରନିକ ୱର୍କପ୍ଲେସ୍ ଷ୍ଟ୍ରେସ୍‌ର ପ୍ରଭାବରେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ହୋଇଥାଏ। ଫଳରେ ଅନେକ ରୋଗ ହେବାର ଆଶଙ୍କା ବଢ଼ିଥାଏ।

– ଷ୍ଟ୍ରେସ୍ ଯୋଗୁଁ ରାତିରେ ଭଲ ଭାବେ ନିଦ ନ ହେବା ବା ଇନ୍‌ସୋମ୍ନିଆ ସମସ୍ୟା ଦେଖାଯାଏ। ଏଥିପାଇଁ ମାନସିକ ସ୍ତରରେ ପ୍ରଭାବ ପଡ଼ିବା ଯୋଗୁ କାର୍ଯ୍ୟଦକ୍ଷତା ହ୍ରାସ ପାଇଥାଏ।

– ଏଥିପାଇଁ ଗଟ୍ ହେଲ୍‌ଥ ବା ପାଚନତନ୍ତ୍ର ଉପରେ ନକାରାତ୍ମକ ପ୍ରଭାବ ପଡ଼ିଥାଏ। ଏହି ଷ୍ଟ୍ରେସ୍ କାରଣରୁ ଖାଇବାରେ ଅବହେଳା ହେବା ଦ୍ୱାରା ବଦହଜମି, ଗ୍ୟାସ୍, ଏସିଡିଟି ସମସ୍ୟା ଉପୁଜିଥାଏ।

– ଏହି ଷ୍ଟ୍ରେସ୍ ପାଇଁ ଓଜନ ବଢ଼ିବା, ଡାଇବେଟିସ୍, କୋଲେଷ୍ଟରଲ୍ ବଢ଼ିବା ଭଳି ଲକ୍ଷଣ ବି ଦେଖାଦିଏ।

– ଏହାଦ୍ୱାରା ସବୁବେଳେ ଷ୍ଟ୍ରେସ୍ ହର୍ମୋନ୍ କର୍ଟିସଲ୍ ସ୍ତର ଅଧିକ ରହିଥାଏ, ଯାହାକି ଶରୀର ପାଇଁ କ୍ଷତିକାରକ।



## ଏ ସପ୍ତାହର ପ୍ରଶ୍ନ

୧– ପ୍ରବାସୀ ଭାରତୀୟ ଦିବସ........... ତାରିଖରେ ପାଳନ କରାଯାଏ ?
୨– ଆସାନ୍ସୁର୍ ପାଇପ୍‌ଲାଇନ୍ ଟର୍ମିନାଲ୍ ........... ରାଜ୍ୟରେ ଅବସ୍ଥିତ ?
୩– ସାବିତ୍ରୀବାଈ ଫୁଲେ ଆମ ଦେଶର ପ୍ରଥମ ମହିଳା ବିଦ୍ୟାଳୟ ......... ମସିହାରେ ପ୍ରତିଷ୍ଠା କରିଥିଲେ ?
୪– ଅରିକ୍ଟୋଲାଗସ୍ କ୍ୟୁନିକୁଲସ୍ ..............ର ବୈଜ୍ଞାନିକ ନାମ ?
୫– ସାଉଥ୍ କୋରିଆର ଜାତୀୟ ପଶୁ ........... ?

## ଗତ ସପ୍ତାହର ଉତ୍ତର

୧ ନାସିକ୍, ମହାରାଷ୍ଟ୍ର
୨ ଶ୍ରୀଲଙ୍କା
୩ ଗାର୍ବିଏଲ୍ ଅତଲ୍
୪ ଚେତନ ଭଗତ
୫ ନିନା ସିଂ

## ଉତ୍ତରଦାତା



ନିର୍ବିକଳ୍ପ ନାଥ, ଘଣ୍ଟେଶ୍ୱର



କିଶୋର ଚନ୍ଦ୍ର ପାଣି, ଭୁବନେଶ୍ୱର



ଶେଖ୍ ୟାକୁବ୍, ଗୋପ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ / ୧୦

### ସର୍ବାଧିକ ଦୁଗ୍ଧ ଉତ୍ପାଦନକାରୀ ଦେଶ



୧ .................... ଭାରତ
୨ .................... ଆମେରିକା
୩ .................... ପାକିସ୍ତାନ
୪ .................... ଚାଇନା
୫ .................... ବ୍ରାଜିଲ
୬ .................... ଜର୍ମାନୀ
୭ .................... ରୁଷିଆ
୮ .................... ଫ୍ରାନ୍ସ
୯ .................... ତୁର୍କୀ
୧୦ .................... ନ୍ୟୁଜିଲାଣ୍ଡ

## ଜାଣନ୍ତୁ ଦୁନିଆ

# ସିଟି ଅଫ୍ ବ୍ରିଜେସ୍

**ଆମେରିକାର ଫ୍ଲୋରିଡ଼ାରେ ରହିଛି ପିଟର୍ସବର୍ଗ ସହର। ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ପ୍ରକାର ଷ୍ଟିଲ୍ ଇଣ୍ଡଷ୍ଟ୍ରି ରହିଥିବାରୁ ଏହାକୁ 'ଦି ଷ୍ଟିଲ୍ ସିଟି' ବୋଲି ମଧ୍ୟ କୁହାଯାଏ। ତେବେ 'ସିଟି ଅଫ୍ ବ୍ରିଜେସ୍' ଭାବେ ମଧ୍ୟ ଏହା ପ୍ରସିଦ୍ଧ। କାରଣ ଏହି ସହରରେ ରହିଛି ୪୪୬ଟି ବ୍ରିଜ୍। ଆସନ୍ତୁ, ଏହି ସହର ସମ୍ପର୍କରେ ଜାଣିବା କିଛି ରୋଚକ ତଥ୍ୟ...**



■ ଯଦିଓ ଷ୍ଟିଲ୍ ସିଟି ଭାବେ ଏହା ବେଶ୍ ଜଣାଶୁଣା, ହେଲେ ଷ୍ଟିଲ୍ ବ୍ୟତୀତ ଏଠାରେ ବହୁ ସଂଖ୍ୟାରେ ପେଟ୍ରୋଲିୟମ୍, ଆଲୁମିନିୟମ୍, ଗୋଲ୍ଡ, କମ୍ପ୍ୟୁଟିଂ, ଇଲେକ୍‌ଟ୍ରୋନିକ୍ସ ଗାଜେଟ୍ ଇଣ୍ଡଷ୍ଟ୍ରି ମଧ୍ୟ ରହିଛି।

■ ୧୯୫୦ ମସିହାରେ ପ୍ରଥମ ଥର ପାଇଁ ପୋଲିଓ ଭାକ୍ସିନ୍ ପିଟର୍ସବର୍ଗରୁ ହିଁ ଆରମ୍ଭ ହୋଇଥିଲା। ଡା. ଜୋନାସ୍ ସକ୍ ଥିଲେ ଏହାର ଆବିଷ୍କାରକ।

■ ଏଠାରେ ରହିଛି ବିଶ୍ୱର ଦ୍ୱିତୀୟ ଉଚ୍ଚତମ ୟୁନ୍‌ଭରସିଟି 'ଦି କାଥେଡ୍ରାଲ ଅଫ୍ ଲର୍ନିଂ'।

■ ଏଠାରେ ଅନେକ ବାର୍ ଶପ୍ ବା ମଦ ଦୋକାନ ରହିଛି। ପ୍ରାୟ ୧୦ ହଜାର ଲୋକରେ ୧୨ଟି ଦୋକାନ ରହିଛି।

■ ବାଇସାଇକେଲ୍ ହେଭେନ୍ ନାମରେ ପରିଚିତ ପୃଥିବୀର ସବୁଠୁ ବଡ଼ ବାଇକ୍ ମ୍ୟୁଜିୟମ୍ ଏହି ସହରରେ ରହିଛି।

■ ୧୮୯୫ ମସିହାରେ ପୃଥିବୀର ପ୍ରଥମ ମଡର୍ନ ଆର୍ଟ ମ୍ୟୁଜିୟମ୍ ଭାବେ କାର୍‌ନେଗି ମ୍ୟୁଜିୟମ୍ ଅଫ୍ ଆର୍ଟ ଏହି ସହରରେ ଆରମ୍ଭ ହୋଇଥିଲା।

■ ପିଲାଙ୍କ ବେଶ୍ ପସନ୍ଦର ଇନ୍‌ଡୋର ଗେମ୍ 'ବିଙ୍ଗୋ' ପ୍ରଥମ ଥର ପାଇଁ ୧୯୨୦ ମସିହାରେ ଏଠାରେ ଆରମ୍ଭ ହୋଇଥିଲା।

## ସ୍ୱାସ୍ଥ୍ୟ ଆଲର୍ଟ

**ଶୋଇବା ବେଳେ ଘୁଙ୍ଗୁଡ଼ି ମାରିବା ଅଭ୍ୟାସ ଅନେକଙ୍କର ରହିଛି। ଏହାଦ୍ୱାରା ନା କେବଳ ପରିବାର ସଦସ୍ୟ ଡିଷ୍ଟର୍ବ ହୋଇଥା'ନ୍ତି ବରଂ ଏଥିପାଇଁ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ବି ଉପୁଜିଥାଏ। ଯଦି ଆପଣଙ୍କର ଏପରି ଅଭ୍ୟାସ ରହିଛି, ତେବେ ଜାଣିରଖନ୍ତୁ ଘୁଙ୍ଗୁଡ଼ି କମ୍ କରିବାର ଉପାୟ...**

# ଘୁଙ୍ଗୁଡ଼ି ମାରୁଥିଲେ...



▶▶ ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ଘୁଙ୍ଗୁଡ଼ି ହେବା ଏକ ସାଧାରଣ କଥା ନୁହେଁ। ହେଲେ ଏଥିପାଇଁ ବ୍ୟସ୍ତ ନ ହୋଇ ଏହାର ଉପଚାର କରିବା ଆବଶ୍ୟକ। ଭଲ ଭାବେ ନିଦ ହୋଇଯିବା ପରେ ମୁହଁ, ଜିଭ ଏବଂ ବେକର ମାଂସପେଶୀ ନିସ୍ତେଜ ହୋଇପଡେ ଏବଂ ଝୁଲିପଡ଼େ। ଯଦ୍ୱାରା ଶ୍ୱାସ ମାର୍ଗ ଅବରୁଦ୍ଧ ହୋଇପଡ଼େ ଏବଂ ଜୋର ଜୋର ଶବ୍ଦ ଶୁଭିଥାଏ। ଏପରି ନ ହେବା ଲାଗି ଶୋଇବା ବେଳେ ଚିତ୍ ନ ହୋଇ କଡ଼ ମାଡ଼ି ଶୁଅନ୍ତୁ।

▶▶ ଅଧିକ ଘୁଙ୍ଗୁଡ଼ି ମାରୁଥିଲେ ସ୍ଲିପ୍ ଅପ୍‌ନିଆ ଭଳି ଭୟଙ୍କର ସମସ୍ୟାର ସଂକେତ ହୋଇପାରେ। ଯେଉଁଥିରେ ରାତିରେ ଶୋଇବାବେଳେ ବାରମ୍ବାର ନିଃଶ୍ୱାସ ଅଟକିବା ବା ଶ୍ୱାସରୁଦ୍ଧ ହେବା ଭଳି ସମସ୍ୟା ଦେଖାଦିଏ। ଫଳରେ ଘୁଙ୍ଗୁଡ଼ିର ଶବ୍ଦ ଆହୁରି ଜୋର ହେବା ସହ ଧଇଁସଇଁ ହେବା, ପର୍ଯ୍ୟାପ୍ତ ଅକ୍ସିଜେନ୍ ଶରୀରକୁ ନ ଯାଇପାରିବାରୁ ଦିନରେ ଥକା ଲାଗିବା, ଚିଡ଼ିଚିଡ଼ା ଲାଗିବା ଭଳି ଲକ୍ଷଣ ଦେଖାଦେଇଥାଏ। ଆମେରିକାନ୍ ଏକାଡେମୀ ଅଫ୍ ସ୍ଲିପ୍ ମେଡିସିନ୍‌ର ତଥ୍ୟ ଅନୁଯାୟୀ, ହାଇ ବ୍ଲଡ୍‌ପ୍ରେସର୍, ହାର୍ଟରୋଗ, ଡାଇବେଟିସ୍ ରୋଗୀଙ୍କ କ୍ଷେତ୍ରରେ ଏପରି ଅଧିକ ହୋଇଥାଏ। ଫଳରେ ଥକାପଣ ଏବଂ ହୃଦ୍‌ଘାତ ଆଶଙ୍କା ବଢ଼ିଯାଏ।

▶▶ ଫ୍ଲୋରିଡ଼ାର କର୍ଣ୍ଣ, ନାସା, ଗଳା ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ପିଠି ମାଡ଼ି ବା ଚିତ୍ ହୋଇ ଶୋଇବା ଦ୍ୱାରା ବେକର ମାଂସପେଶୀ ପଛକୁ ଝୁଲିପଡ଼େ ଏବଂ ଶ୍ୱାସନଳୀରେ ଚାପ ପଡ଼ିବାରୁ ଅଧିକ ଶବ୍ଦ ବାହାରିଥାଏ। ତେଣୁ ଏଭଳି ଶୋଇବା ଅଭ୍ୟାସ ଛାଡ଼ନ୍ତୁ। କଡ଼ ମାଡି ୩୦° କୋଣ କରି ଶୋଇଲେ ଭଲ।

▶▶ ଶୋଇବା ପୂର୍ବରୁ ଆଲ୍‌କହଲ୍ ଆଦୌ ପିଅନ୍ତୁ ନାହିଁ, ନଚେତ୍ ଘୁଙ୍ଗୁଡ଼ି ଅଧିକ ହେବା ସହ ଅନ୍ୟ ସମସ୍ୟା ବି ବଢ଼ିବାର ଆଶଙ୍କା ରହିଛି।

▶▶ ଶୋଇବା ପୂର୍ବରୁ ଉଷୁମ ପାଣିରେ ଗାଧୋଇବା ଏବଂ ଏକ ଗ୍ଲାସ୍ ଉଷୁମ ପାଣି ପିଇବା ଦ୍ୱାରା ଶ୍ୱାସନଳୀ କ୍ଲିଅର୍ ହୋଇଥାଏ ଏବଂ ଘୁଙ୍ଗୁଡ଼ି ସମସ୍ୟା କମିଥାଏ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ରବିବାର, ଜାନୁଆରୀ ୨୧/୨୦୨୪ Bhubaneswar, Sunday, January 21/ 2024

## ଅଷ୍ଟ୍ରେଲିଆନ୍ ଓପନ୍

# ଟପ୍ ସିଡ୍ ଇଗା ସ୍ୱିଟେକ୍‌ଙ୍କ ବିଦାୟ

## ଚତୁର୍ଥ ରାଉଣ୍ଡରେ ଅଲକାରାଜ, ମେଡଭେଡେଭ୍

ମେଲବୋର୍ନ,୨୦।୧(ପି.ଟି.)

ଅଷ୍ଟ୍ରେଲିଆନ୍ ଓପନରେ ଶନିବାର ଏକ ବଡ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ବିଶ୍ୱ ମାନ୍ୟତାର ଏକ ନମ୍ବର ତଥା ମହିଳା ବର୍ଗରେ ଟପ୍ ସିଡ୍ ମାନ୍ୟତା ପାଇଥିବା ପୋଲାଣ୍ଡର ଇଗା ସ୍ୱିଟେକ୍ ତୃତୀୟ ରାଉଣ୍ଡରୁ ବିଦାୟ ନେଉଛନ୍ତି। ବିଶ୍ୱ ମାନ୍ୟତାର ୫୦ ନମ୍ବର ସ୍ଥାନରେ ଥିବା ଲିଣ୍ଡା ନୋସ୍କୋଭା ୩-୬, ୬-୩ ଓ ୬-୪ ସେଟ୍‌ରେ ସ୍ୱିଟେକଙ୍କୁ ପରାସ୍ତ କରିଛନ୍ତି। ନୋସ୍କୋଭା ପ୍ରଥମ ଥର ପାଇଁ ଅଷ୍ଟ୍ରେଲିଆନ୍ ଓପନ୍ ମୁଖ୍ୟ ଡ୍ରରେ ସାମିଲ ହୋଇଥିବା ବେଳେ ଟପ୍ ସିଡ୍ ଖେଳାଳିଙ୍କୁ ପରାସ୍ତ କରିଛନ୍ତି। ଶନିବାର ପ୍ରଥମ ରାଉଣ୍ଡରେ ସ୍ୱିଟେକ୍ ବିଜୟ ହାସଲ କରିଥିଲେ। ତେବେ ପରବର୍ତ୍ତୀ ୨ ରାଉଣ୍ଡ ଜିତି ନୋସ୍କୋଭା ବାଜି ମାରି ନେଇଥିଲେ। ଅନ୍ତିମ ସେଟ୍‌ରେ ଆରମ୍ଭରୁ ପଛୁଆ ରହିଥିଲେ ମଧ ଚମତ୍କାର ପ୍ରତ୍ୟାବର୍ତ୍ତନ ସହ ପରବର୍ତ୍ତୀ ୪ ବ୍ରେକ୍ ପଏଣ୍ଟ ହାସଲ କରିଥିଲେ ନୋସ୍କୋଭା। ମହିଳା ଖେଳାଳିଙ୍କ ମଧ୍ୟରେ ୟୁକ୍ରେନର ଦାୟନା ୟାସ୍ତ୍ରାମେସ୍କା ଆଉ ଏକ ବିପର୍ଯ୍ୟୟ ଘଟାଇଛନ୍ତି। ଅଣସିଡେଡ ଦାୟନା ୨୭ ନମ୍ବର ସିଡ୍ ଏମା ନାଭାରୋଙ୍କୁ ୬-୨, ୨-୬ ଓ ୬-୧ରେ ପରାସ୍ତ କରିଥିଲେ। ଆନ୍ନା କଲିନସ୍କାୟା ୭-୬(୧୦), ୧-୬ ଓ ୪-୬ ସେଟ୍‌ରେ ସ୍ଲୋନ୍ ଷ୍ଟିଫେନ୍ସଙ୍କୁ ହରାଇ ଚତୁର୍ଥ ରାଉଣ୍ଡରେ ପହଞ୍ଚିଛନ୍ତି। ଓସିଏନ୍ ଡୋଡିନ୍ ୬-୨, ୬-୪ରେ କ୍ଲାରା ବୁରେଲ୍‌ଙ୍କୁ ହରାଇଛନ୍ତି। କ୍ୱିନୱେନ୍ ଝାଙ୍ଗ ୬-୪, ୨-୬ ଓ ୭-୬(୧୦) ସେଟ୍‌ରେ ୱାଙ୍ଗ ୟାଫାନଙ୍କୁ,ଭିକ୍ଟୋରିଆ ଆଜାରେଙ୍କା ୬-୧ ଓ ୭-୫ ସେଟରେ ଜେଲେନା ଓଷ୍ଟାପେଙ୍କୋଙ୍କୁ. ଏଲିନା ସ୍ୱିତୋଲିନା୬-୨, ୬-୩ ସେଟ୍‌ରେ ଭିକ୍ଟୋରିଜା ଗୋଲୁବିକଙ୍କୁ ପରାସ୍ତ କରିଥିଲେ। ପୁରୁଷ ବର୍ଗରେ ସିଡେଡ୍ ଖେଳାଳିଙ୍କ ମଧ୍ୟରେ କାର୍ଲୋସ୍ ଅଲକାରାଜ, ଡାନିଲ୍ ମେଡଭେଡେଭ ଓ ଆଲେକଜାଣ୍ଡାର ଜେଭରେଭ୍ ସହଜ ବିଜୟ ହାସଲ କରିଛନ୍ତି। ଦ୍ୱିତୀୟ ସିଡ୍ ତଥା ସ୍ପେନ୍‌ର ୧୮ ବର୍ଷୀୟ ଅଲକାରାଜ ୬-୧, ୬-୧ ଓ ୧-୦ରେ ଆଗୁଆ ରହିଥିବା ବେଳେ ପ୍ରତିପକ୍ଷ ଖେଳାଳି ଶାଙ୍ଗ ଜୁନଚେଙ୍ଗ ଓହରି ଯାଇଥିଲେ। ଶନିବାର ମିଓମିର ୬-୪, ୩-୬, ୨-୬, ୭-୬(୭) ଓ ୬-୦ରେ ୧୪ ନମ୍ବର ମାନ୍ୟତାପ୍ରାପ୍ତ ଆମେରିକାର ଟମି ପଲ୍‌ଙ୍କୁ ପରାସ୍ତ କରିଥିଲେ। ଟମି ୨-୧ସେଟରେ ଆଗୁଆ ଥିବା ବେଳେ ଚତୁର୍ଥ ସେଟ୍‌କୁ ଟାଇବ୍ରେକରରେ ଜିତିଥିଲେ ମିଓମିର। ଅନ୍ତିମ ସେଟ୍‌କୁ ୬-୦ରେ ଜିତି ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଥିଲେ ମିଓମିର। ସେହିପରି ୩ ନମ୍ବର ମାନ୍ୟତାପ୍ରାପ୍ତ ଡାନିଲ ମେଡଭେଡେଭ ୬-୩, ୬-୪ ଓ ୬-୩ ସେଟରେ ଫେଲିକ୍ସ ଆଗର ଆଲିଆସିମଙ୍କୁ ହରାଇ ଦେଇଥିଲେ। ୯ ନମ୍ବର ଖେଳାଳି ହୁବର୍ଟ ହୁରକାଜ ୨୧ ନମ୍ବର ଖେଳାଳି ଉଗୋ ହମ୍ବର୍ଟଙ୍କୁ ୩-୬, ୬-୧, ୭-୬(୪), ୬-୩ ସେଟ୍‌ରେ ହରାଇ ୪ର୍ଥ ରାଉଣ୍ଡରେ ପ୍ରବେଶ କରିଥିଲେ। ୬ ନମ୍ବର ସିଡ୍ ଆଲେକଜାଣ୍ଡର ଜେଭରେଭ୍ ୬-୨, ୭-୬(୭) ଓ ୬-୨ ସେଟରେ ଆଲେକ୍ସ ମିଚେଲସେନଙ୍କୁ ପରାସ୍ତ କରିଛନ୍ତି। ନୁନୋ ବର୍ଗସ ୭-୬(୭), ୪-୬, ୨-୬ ଓ ୭-୬(୮)ରେ ଗ୍ରିଗୋର ଦିମିଟ୍ରୋଭ୍‌ଙ୍କୁ ପରାସ୍ତ କରିଛନ୍ତି । କାମେରନ୍ ନୋରି ୬-୪, ୬-୭(୯), ୬-୪ ଓ ୬-୩ରେ କାସ୍ପର ରୁଡ୍‌ଙ୍କୁ ଓ ଆର୍ଥର କାଜକ୍ସ ୬-୩, ୬-୩ ଓ ୬-୧ ସେଟ୍‌ରେ ଟାଲନ୍ ଗ୍ରିକସ୍ପୁରଙ୍କୁ ପରାସ୍ତ କରି ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି।



ଲିଣ୍ଡା ନୋସ୍କୋଭା



ଆଲେକଜାଣ୍ଡାର ଜେଭରେଭ

### ବାଲାଜୀ-କୋର୍ଣିଆ ପରାସ୍ତ, ବୋପାନ୍ନା-ବାବୋସ ଓହରିଲେ

ମେଲବୋର୍ନ, ୨୦।୧ (ପି.ଟି.): ଭାରତର ଏନ୍ ଶ୍ରୀରାମ ବାଲଜୀ ଓ ତାଙ୍କ ରୋମାନିଆନ ପାର୍ଟନର ଭିକ୍ଟର ଭିଲାଡ କୋର୍ଣିଆ ଅଷ୍ଟ୍ରେଲିଆନ ଓପନ ଟେନିସ ପୁରୁଷ ଡବଲ୍ସରେ ସେମାନଙ୍କ ଦ୍ୱିତୀୟ ରାଉଣ୍ଡ ମ୍ୟାଚ ହାରିଯାଇଛନ୍ତି। ଇଣ୍ଡୋ-ରୋମାନିଆ ଯୋଡ଼ି ୧୦ମ ସିଡ୍ ଏଲ୍ ସାଲ୍‌ଭେଡର ଓ କ୍ରୋଏସିଆର ମେଟ୍ ପ୍ୟାଭିକ୍‌ଙ୍କଠାରୁ ୩-୬, ୩-୬ ରେ ହାରିଯାଇଛନ୍ତି। ୟୁକି ଭାମ୍ବ୍ରି ଓ ତାଙ୍କ ଡଚ୍ ପାର୍ଟନର ରବିନ୍ ହାସ୍ ପୂର୍ବରୁ ବିଦାୟ ନେଇସାରିଛନ୍ତି। ଭାରତୀୟ ଯୋଡ଼ି ବିଜୟ ସୁନ୍ଦର ପ୍ରଶାନ୍ତ ଏବଂ ଅନିରୁଦ୍ଧ ଚନ୍ଦ୍ରଶେଖର ଯୋଡ଼ି ମଧ ପରାଜିତ ହୋଇ ସାରିଛନ୍ତି। ଅନ୍ୟପକ୍ଷରେ ରୋହନ ବୋପାନ୍ନା ଏବଂ ତାଙ୍କ ପାର୍ଟନର ଟିମିଆ ବାବସ ମିକ୍ସଡ ଡବଲ୍ସ ପ୍ରତିଯୋଗିତାରୁ ବିଦାୟ ନେଇସାରିଛନ୍ତି। ମିକ୍ସଡ ଡବଲ୍ସରେ କୌଣସି ଭାରତୀୟ ନ ଥିବା ବେଳେ ଭାରତୀୟ ଚ୍ୟାଲେଞ୍ଜ ଶେଷ ହୋଇଛି। ପୂର୍ବରୁ ପୁରୁଷ ସିଙ୍ଗଲ୍ସରୁ ସୁମିତ ନାଗାଲ ବିଦାୟ ନେଇଥିଲେ।

# କଳିଙ୍ଗରେ କିଶୋରଙ୍କ ଅଭ୍ୟାସ ଆରମ୍ଭ



ଭୁବନେଶ୍ୱର,୨୦।୧(ସରୋଜ ଜେନା)

ଓଡ଼ିଶାର ଜାଭେଲିନ୍ ଥ୍ରୋଇଙ୍ଗ ସେନସେସନ୍ ତଥା ପ୍ୟାରିସ୍ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିଥିବା କିଶୋର ଜେନା ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଅଭ୍ୟାସ ଆରମ୍ଭ କରିଛନ୍ତି। କୋଚ୍ ସମରଜିତ ସିଂ ମଲିଙ୍କ ତତ୍ତ୍ୱାବଧାନରେ କିଶୋର ଶନିବାର ଅଭ୍ୟାସ ଆରମ୍ଭ କରିଛନ୍ତି। କଳିଙ୍ଗ ଷ୍ଟାଡିୟମର ଭିତ୍ତିଭୂମିକୁ ବିଶ୍ୱସ୍ତରୀୟ ବୋଲି କହିଛନ୍ତି ସମରଜିତ ସିଂ ମଲି। ଏହା ସହିତ ବର୍ତ୍ତମାନ କଳିଙ୍ଗ ସୁପର କପ୍ ଜାରି ରହିଥିବାରୁ ଏଠିକାର ମାହୋଲ କିଶୋରଙ୍କୁ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଉତ୍ସାହିତ କରୁଛି ବୋଲି ସେ କହିଛନ୍ତି। ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ପଞ୍ଚମ ସ୍ଥାନ ଓ ଏସିଆଡ୍‌ରେ ରୌପ୍ୟ ପଦକ ସହ କିଶୋର ନିଜ ପାଇଁ ସ୍ୱତନ୍ତ୍ର ପରିଚୟ ତିଆରି କରିଛନ୍ତି। ଏହା ଅଲିମ୍ପିକ୍ସରେ ଭାରତର ପଦକ ସମ୍ଭାବନାକୁ ବୃଦ୍ଧି କରିଛି ବୋଲି ସେ କହିଛନ୍ତି। କିଶୋର ଭାରତର ଅନ୍ୟତମ ପଦକ ସମ୍ଭାବନା ରହିଥିବା ବେଳେ ଏଥି ନିମନ୍ତେ ପ୍ରସ୍ତୁତି ଜୋରଦାର ରହିଛି ବୋଲି ମଲି କହିଛନ୍ତି। ନିୟମିତ ଭାବରେ ପ୍ରଦର୍ଶନରେ ଉନ୍ନତି ଆଣିବା ଆମର ଏକମାତ୍ର ଲକ୍ଷ୍ୟ ରହିଛି। ୭୬ ମିଟରରୁ ଉନ୍ନତି ଆଣି ୮୭.୫ ମିଟରରେ ପହଞ୍ଚିବା କିଶୋରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି ବୋଲି ସେ କହିଥିଲେ। ଏହା ସହିତ ନିୟମିତ ସହାୟତା କାରଣରୁ ଓଡ଼ିଶା ସରକାର, ସାଇ ଓ ରିଲାଏନ୍ସକୁ ମଧ ଧନ୍ୟବାଦ ଜଣାଇଥିଲେ କିଶୋରଙ୍କ କୋଚ୍।

# ଖେଲୋ ଇଣ୍ଡିଆ ଜୁନିୟର ଓମେନ୍ସ ସିରିଜ ଆରମ୍ଭ

ଭୁବନେଶ୍ୱର, ୨୦।୧ (ବିଜୟ ରଣା)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମସ୍ଥିତ ଆକ୍ୱାଟିକ୍ ସେଣ୍ଟରରେ ଖେଲୋ ଇଣ୍ଡିଆ ଜୁନିୟର ଓମେନ୍ସ ସିରିଜ-୨୦୨୩ ଶନିବାରଠାରୁ ଆରମ୍ଭ ହୋଇଛି। ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ଏବଂ ସୁଇମିଂ ଫେଡେରେଶନ ଅଫ୍ ଇଣ୍ଡିଆର ମିଳିତ ଆନୁକୂଲ୍ୟରେ ଆୟୋଜିତ ୧୮ବର୍ଷରୁ କମ୍ ଏବଂ ୧୫ ବର୍ଷରୁ କମ୍ ବୟସ ବର୍ଗ ଇଭେଟରେ ଓଡ଼ିଶା, ବିହାର, ମଧ ପ୍ରଦେଶ ଓ ଛତିଶଗଡ଼ରୁ ସନ୍ତରଣ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଛନ୍ତି। ଓଡ଼ିଶା ରାଜ୍ୟ ସନ୍ତରଣ ଆସୋସିଏଶନ ଦ୍ୱାରା ପରିଚାଳିତ ଏହି ଦୁଇ ଦିନିଆ ଇଭେଣ୍ଟରେ ମୋଟ ୬୦ ସନ୍ତରଣକାରୀ ଏବଂ ୩୦ ଟେକ୍‌ନିକାଲ ଅଫିସର ସାମିଲ ହୋଇଛନ୍ତି। ଆସୋସିଏଶନର ସଭାପତି ପ୍ରଦୀପ କୁମାର ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ହକି ପ୍ରମୋଶନ କାଉନ୍‌ସିଲ ଅଫ୍ ଓଡ଼ିଶାର ସିଇଓ ଦୀପଙ୍କର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ଥିଲେ। ଇନ୍‌ସ୍ପାୟର ଇନଷ୍ଟିଚ୍ୟୁଟ୍ ଅଫ୍ ସ୍ପୋର୍ଟ୍ସ, ଓଡ଼ିଶା ନିର୍ଦ୍ଦେଶକ ଡଗ୍‌ଲାସ ଇଗାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଥମ ଦିବସରେ ୧୦ଟି ଇଭେଣ୍ଟ ଅନୁଷ୍ଠିତ ହୋଇଥିଲା। ଓଡ଼ିଶାର ଭଦ୍ରା ଶତପଥୀ (୧୮ ବର୍ଷରୁ କମ୍) ୨୦୦ମିଟର ଫ୍ରିଷ୍ଟାଇଲ ଇଭେଣ୍ଟରେ ପ୍ରଥମ ସ୍ଥାନ ଅଧିକାର କରି ଥିଲେ। ବିହାରରର କାତ୍ୟାୟିନୀ ସିଂ (୧୫ ବର୍ଷରୁ କମ୍) ୨୦୦ମିଟର ଫ୍ରିଷ୍ଟାଇଲରେ ପ୍ରଥମ ହୋଇଥିଲେ। ସେହିପରି ଛତିଶଗଡ଼ର ଭୂମି ଗୁପ୍ତା (୧୮ ବର୍ଷରୁ କମ୍) ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ପ୍ରଥମ ପୁରସ୍କାର ଲାଭ କରିଛନ୍ତି। ୧୫ ବର୍ଷରୁ କମ୍ ବର୍ଗ ୧୦୦ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ଝାଡ଼ଖଣ୍ଡର ରିଦ୍ଧିମା ପଲ୍ଲଭୀ ତିୱାରୀ ପ୍ରଥମ ହୋଇଛନ୍ତି। ସେହିପରି ୧୮ ବର୍ଷରୁ କମ୍ ୧୦୦ମିଟର ବଟରଫ୍ଲାଏ ଇଭେଣ୍ଟରେ ଓଡ଼ିଶାର ଦିବ୍ୟାଙ୍କ ଦିବ୍ୟଜ୍ୟୋତି ପ୍ରଧାନ ପ୍ରଥମ ପୁରସ୍କାର ଲାଭ କରିଛନ୍ତି। ୧୫ ବର୍ଷରୁ କମ୍ ବିଭାଗରେ ଓଡ଼ିଶାର ଅର୍ପିତା ସାମଲ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ଅନ୍ୟପକ୍ଷରେ ୨୦୦ମିଟର ବ୍ୟକ୍ତିଗତ ୨୦୦ମିଟର ମିଡ୍‌ଲେ ଇଭେଣ୍ଟରେ ଓଡ଼ିଶାର ମନ୍ନତା ମିଶ୍ର ପ୍ରଥମ ସ୍ଥାନ ଅଧିକାର କରିବାରେ ସଫଳ ହୋଇଛନ୍ତି।



ଖେଲୋ ଇଣ୍ଡିଆ ଜୁନିୟର ଓମେନ୍ସ ସିରିଜର ଜଣେ ପ୍ରତିଯୋଗୀ।

# ଦିନିକିଆ କରାଟେ ଶିବିର ଉଦ୍‌ଯାପିତ

ଭୁବନେଶ୍ୱର, ୨୦।୧ (ବିଜୟ ରଣା): ଓଡ଼ିଶା ରାଜ୍ୟ କରାଟେ ଡୋ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ଉତ୍କଳ କରାଟେ ସ୍କୁଲରେ ଜାତୀୟ ସ୍ତରୀୟ କରାଟେ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ କରାଟେ ସଂଘର ଅନ୍ୟତମ ବୈଷୟିକ ସଦସ୍ୟ ହାନ୍‌ସୀ ଭରତ ଶର୍ମାଙ୍କ ଦ୍ୱାରା ପରିଚାଳିତ ଶିବିରରେ ଓଡ଼ିଶା ଓ ରାଜ୍ୟ ବାହାରୁ ୬୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଓଡ଼ିଶାରେ ବହୁ କରାଟେ ପ୍ରତିଭା ରହିଛନ୍ତି। ରାଜ୍ୟରେ କରାଟେର ପ୍ରସାର କ୍ଷେତ୍ରରେ ଓଡ଼ିଶା ରାଜ୍ୟ କରାଟେ ସଂଘର ବହୁ ଅବଦାନ ରହିଛି। ସଂଘର ସମ୍ପାଦକ ତଥା ମୁଖ୍ୟ ପ୍ରଶିକ୍ଷକ ଡ. ହରି ପ୍ରସାଦ ପଟ୍ଟନାୟକଙ୍କ ବିଶେଷ ଭୂମିକା ରହିଥିବା ଶିବିର ଶେଷରେ ଭରତ ଶର୍ମା ପ୍ରକାଶ କରିଛନ୍ତି।

# ସେମିରେ ଜାମସେଦପୁର

ଭୁବନେଶ୍ୱର,୨୦।୧(ସରୋଜ ଜେନା): କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ କଳିଙ୍ଗ ସୁପର କପ୍ ୨୦୨୪ର ସେମି ଫାଇନାଲରେ ପ୍ରବେଶ କରିଛି ଜାମସେଦପୁର୍ ଏଫ୍‌ସି। ଶନିବାର ଅପରାହ୍ଣରେ ଖେଳା ଯାଇଥିବା ମ୍ୟାଚ୍‌ରେ ଶିଲଙ୍ଗ ଲାଜଙ୍ଗ ଏଫ୍‌ସିକୁ ୨-୦ରେ ହରାଇବା ସହ ଦ୍ୱିତୀୟ ଦଳ ଭାବେ ସେମିଫାଇନାଲରେ ସ୍ଥାନ ସୁରକ୍ଷିତ କରି ନେଇଛି ଜାମସେଦପୁର। ସନନ ମହମ୍ମଦ(୪୫ ମିନିଟ) ଓ ହାଓକିପ୍ (୭୩ ମିନିଟ୍)ରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଗ୍ରୁପ୍ ବିରେ ସ୍ଥାନ ପାଇଥିବା ଜାମସେଦପୁର ୩ ମ୍ୟାଚ୍‌ରେ ଅପରାଜିତ ଭାବେ ପ୍ରଥମ ସ୍ଥାନରେ ରହି ସେମି ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛି। ଗ୍ରୁପ୍ ଏର ପ୍ରଥମ ସ୍ଥାନରେ ଥିବା ଇଷ୍ଟବେଙ୍ଗଲ ସହ ଦଳ ପ୍ରଥମ ସେମି ଫାଇନାଲ ଖେଳିବ।







# ରଣଜୀ ଟ୍ରଫି: ଓଡ଼ିଶା ୭୬ ରନ୍‌ରେ ଆଗୁଆ

ଭୁବନେଶ୍ୱର, ୨୦।୧ (ସରୋଜ ଜେନା)

କଟକସ୍ଥିତ ଡ୍ରିମ୍ସ ଗ୍ରାଉଣ୍ଡରେ ଚାଲିଥିବା ଓଡ଼ିଶା ବିପକ୍ଷ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚରେ ଦୃଢ଼ ସ୍ଥିତିରେ ରହିଛି ଜମ୍ମୁ-କଶ୍ମୀର। ବୋଲରଙ୍କୁ ସୁହାଉଥିବା ଉଇକେଟରେ ଦ୍ୱିତୀୟ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ଓଡ଼ିଶା ୭ ଉଇକେଟରେ ୧୨୬ ରନ୍ କରିଛି। ହାତରେ ୩ ଉଇକେଟ ରହିଥିବା ବେଳେ ଦଳ ମାତ୍ର ୭୬ ରନ୍‌ରେ ଆଗୁଆ ରହିଛି। ପ୍ରଥମ ଦିନରେ ୧୪ଟି ଉଇକେଟର ପତନ ଘଟିଥିବା ବେଳେ ଦ୍ୱିତୀୟ ଦିନରେ ୧୩ ଜଣ ଖେଳାଳି ଆଉଟ ହୋଇଥିଲେ। ପ୍ରଥମ ଦିନର ଅସମାପ୍ତ ସ୍କୋର ୪୫/୪ରୁ ଖେଳ ଆରମ୍ଭ କରି ଜମ୍ମୁ କଶ୍ମୀର ୧୮୦ ରନ୍‌ରେ ଅଲଆଉଟ ହୋଇଥିଲା। ଜବାବରେ ଓଡ଼ିଶା ୧୨୬ ରନରେ ୭ ଉଇକେଟ ହରାଇଛି।

**ରାଜେଶଙ୍କ ୫ ଉଇକେଟ**

ଜମ୍ମୁ କଶ୍ମୀର ଏହାର ଅସମାପ୍ତ ଇନିଂସ ଆରମ୍ଭ କରିଥିବା ବେଳେ ପୂର୍ବ ଦିନର ସ୍କୋରରେ ୮ ରନ୍ ଯୋଡି ପ୍ରଥମ ଉଇକେଟ ହରାଇଥିଲା। ୮୫ ରନ୍‌ରେ ଦଳ ଷଷ୍ଠ ଉଇକେଟ ହରାଇଥିଲେ ମଧ ଆବିଦ୍ ମୁସ୍ତାକ ୫୦ ଓ ଉମର ନାଜିର ୨୫ ରନ୍ କରି ଦଳକୁ ମହତ୍ତ୍ୱପୂର୍ଣ୍ଣ ୫୦ ରନ୍‌ର ଅଗ୍ରଣୀ ପ୍ରଦାନ କରିଥିଲେ। ଓଡ଼ିଶା ପକ୍ଷରୁ ରାଜେଶ ମହାନ୍ତି ୫ ଉଇକେଟ ନେଇଥିବା ବେଳେ ସୁନୀଲ ରାଉଳ ୩ଟି ଓ ସୂର୍ଯ୍ୟକାନ୍ତ ପ୍ରଧାନ, ପ୍ରୟାସ ସିଂ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।

**ଓଡ଼ିଶାର ବିପର୍ଯ୍ୟୟ**

୫୦ ରନ୍‌ରେ ପଛୁଆ ରହି ଦ୍ୱିତୀୟ ଇନିଂସ ଆରମ୍ଭ କରିଥିବା ଓଡ଼ିଶାର ଆରମ୍ଭ ବିପର୍ଯ୍ୟୟପୂର୍ଣ୍ଣ ରହିଥିଲା। ଦଳର ଟପ୍ ଅର୍ଡର ବ୍ୟାଟିଂ ପୁନର୍ବାର ଫେଲ ମାରିଥିଲା। ଓପନର ଶାନ୍ତନୁ ମିଶ୍ର(୭) ଓ ଅନୁରାଗ ଷଡଙ୍ଗୀ(୧୬) ରନ୍ କରଥିବା ବେଳେ ୨୩ ରନ୍‌ରେ ଉଭୟ ପ୍ୟାଭିଲିୟନ୍ ଫେରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଶୁଭ୍ରାଂଶୁ ସେନାପତି ଖାତା ଖୋଲିପାରି ନ ଥିବା ବେଳେ ଗୋବିନ୍ଦ ପୋଦ୍ଦାର ମାତ୍ର ୮ ରନ୍ କରିଥିଲେ। କାର୍ତ୍ତିକ ବିଶ୍ୱାଳ(୭), ରାଜେଶ ଧୂପର(୧) ଓ ପ୍ରୟାସ ସିଂ(୪) ସହଜରେ ଆଉଟ ହୋଇଥିବା ବେଳେ ଓଡ଼ିଶା ମାତ୍ର ୬୭ ରନ୍‌ରେ ୭ ଉଇକେଟ ହରାଇଥିଲା। ଓଡ଼ିଶା ଏକ ବିପର୍ଯ୍ୟୟ ଆଡକୁ ଅଗ୍ରସର ହେଉଥିବା ବେଳେ ୩ ନମ୍ବର ବ୍ୟାଟର ସନ୍ଦୀପ ପଟ୍ଟନାୟକ(୪୭*) ଓ ସୂର୍ଯ୍ୟକାନ୍ତ ପ୍ରଧାନ(୨୭) ଅଷ୍ଟମ ଉଇକେଟରେ ଅବିଭାଜିତ ୫୯ ରନ୍ ଯୋଡିଥିଲେ। ସନ୍ଦୀପ ୧୦୮ ବଲ୍ ଖେଳି ୬ ଚୌକା ମାରି ବ୍ୟାଟିଂ କରୁଛନ୍ତି। ଅନ୍ୟ ପକ୍ଷରେ ସୂର୍ଯ୍ୟକାନ୍ତ ୨୫ ବଲ୍ ଖେଳି ଗୋଟିଏ ଲେଖାଏ ଛକା ଓ ଚୌକା ମାରିଛନ୍ତି। ଜମ୍ମୁ କଶ୍ମୀର ପକ୍ଷରୁ ରୋହିତ ଶର୍ମା, ଉମର ନାଜିର ମୀର ଓ ଆକ୍ୱିବ ନବି ଦର ଦୁଇଟି ଲେଖାଏ ଉଇକେଟ ନେଇଛନ୍ତି।



ଓଡ଼ିଶା ଓ ଜମ୍ମୁ କଶ୍ମୀର ମଧ୍ୟରେ ଅନୁଷ୍ଠିତ ମ୍ୟାଚ। (ଫଟୋ: ରାଜକିଶୋର ମହାନ୍ତି)

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୧୩୦/୧୦ (ଗୋବିନ୍ଦ ପୋଦ୍ଦାର-୫୫, ଶାନ୍ତନୁ ମିଶ୍ର-୨୮, ରୋହିତ ଶର୍ମା-୫/୧୨, ଉମ୍ରାନ ମଲିକ-୨/୩୪, ଉମ୍ରାନ ନାଜିର ମିର-୨/୨୭)।

ଜମ୍ମୁ-କଶ୍ମୀର ପ୍ରଥମ ଇନିଂସ: ୧୮୦/୧୦ (ଆବିଦ୍ ମୁସ୍ତାକ-୫୦, ଉମର ନାଜିର-୨୫, ଶୁଭମ୍ ପୁନ୍ଦିର-୩୪, ରାଜେଶ ମହାନ୍ତି-୫/୬୪, ସୁନୀଲ ରାଉଳ-୩/୩୨, ସୂର୍ଯ୍ୟକାନ୍ତ ପ୍ରଧାନ-୧/୪୨, ପ୍ରୟାସ ସିଂ-୧/୩୦)।

ଓଡ଼ିଶା ଦ୍ୱିତୀୟ ଇନିଂସ: ୧୨୬/୭(ସନ୍ଦୀପ ପଟ୍ଟନାୟକ-୪୭*, ସୂର୍ଯ୍ୟକାନ୍ତ ପ୍ରଧାନ-୨୭*, ଅନୁରାଗ ଷଡଙ୍ଗୀ-୧୬*, ରୋହିତ ଶର୍ମା-୨/୨୩, ଉମର ନାଜିର ମୀର-୨/୨୭, ଆକ୍ୱିବ ନବି ଦର-୨/୪୪)।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ଶତପଥୀ